ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ, ୨୦୧୮



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

Download Magazine from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍‌ସଆପ୍ : ୭୦୦୮୫୭୭୦୮୫ | ଇମେଲ୍ : aahwaan@gmail.com

 Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।

Download Magazine from www.aahwaan.com

# ସୂଚୀପତ୍ର


ସମ୍ପାଦକୀୟ ୮

## ଗଳ୍ପ ବିଭାଗ

ରେଷେଇ ଖେଳର ବୋହୂ ୧୯
ସରସୀ ଆଚାର୍ଯ୍ୟ

ଯନ୍ତ୍ରଣା ୨୨
ମଧୁସ୍ମିତା ପଟ୍ଟନାୟକ

ଭାଗ୍ୟର ବିଡ଼ମ୍ବନା ୨୭
ନୃସିଂହ ଚରଣ ବେହେରା

କଦୃ ଏବଂ ସରକାରୀ ନେତା ୩୫
ଦେବାଶିଷ ପଟ୍ଟନାୟକ

ସୁନେଲୀ ସିଂହ - ୪ ୩୮
ଅଶୋକ ବିଶ୍ୱାଳ

ସମାଧାନ ୪୭
ଡା ସୁବାସ ଚନ୍ଦ୍ର ରାଉତ

ବିଳମ୍ବିତ ପ୍ରହର ୬୧
ପ୍ରମୋଦ କୁମାର ପଣ୍ଡା

ମେଲାଣି ବେଳର ଆଶା ୭୬
ରଶ୍ମିତା ମହାନ୍ତ

ଦୁଃଖ ଦେଇଗଲା ନୂଆ ବରଷ ୭୮
ସମ୍ବିତ ସତ୍ୟପ୍ରକାଶ ମିଶ୍ର

ଶାଶ୍ୱତ ପ୍ରୀତି ୮୧
ପ୍ରତିଭା ପ୍ରିୟଦର୍ଶିନୀ

କ୍ଷୀର ଓ ସୁରା ୮୮
ଶୁଭକାନ୍ତ ସାହୁ

ଅଦୃଷ୍ଟର ହାତ ୯୦
ରାଧାକାନ୍ତ ଦାଶ

ସେଦିନର ଦୀପାବଳୀ ଓ ପୋତାହାଡ଼ ୯୬
ସୁବଳ ମହାପାତ୍ର

ଏ ପ୍ରତୀକ୍ଷାର ଅନ୍ତ କେବେ ? ୧୧୮
ପରାମିତା ମିଶ୍ର

ଟିକିଏ ଫାଙ୍କ ୧୨୨
ନରେଶ କୁମାର ବେହେରା

ଚାକର ୧୨୫
ରୁଦ୍ରମାଧବ ସାହୁ

## ପ୍ରବନ୍ଧ ବିଭାଗ

ପ୍ରାଚୀନ ଓଡ଼ିଶାରେ ରେମୁଣାର ପ୍ରସିଦ୍ଧି ୧୨୮
ଶ୍ରୀ ରବୀନ୍ଦ୍ରନାଥ ସାମଲ

ଶିକ୍ଷାର ଲକ୍ଷ୍ୟ ୧୫୧
ସୁଧାଂଶୁ ଶେଖର ମିଶ୍ର

ଶିକ୍ଷା, ଶିକ୍ଷକତା, ଶିକ୍ଷାୟତନ ଓ ସରକାର ୧୫୭
ସୋସିଆଲ୍ ଫୋରୁମ୍ ଇଣ୍ଡିଆ

ମୁଁ ଅର୍କକ୍ଷେତ୍ର ୧୬୪
ମମତା ଦାଶ

ଖଣ୍ଡଗିରି ଓ ଉଦୟଗିରି ୧୭୧
ଶ୍ରୀ ବୈକୁଣ୍ଠନାଥ ଖଟୁଆ

Download Magazine from www.aahwaan.com


ହାଇଦ୍ରାବାଦୀ ଦମ୍ ବିରିୟାନୀ ୧୭୭
ଦୀପକକୁମାର ଷଡ଼ଙ୍ଗୀ

ସନ୍ଥକବୀର ଦୋହାଗୁଚ୍ଛ - ୧ ୧୮୨
ଡା ସୁବାସ ଚନ୍ଦ୍ର ରାଉତ

ପୂଜାରୀ ଉବାଚ ୧୯୦
ବାଲ୍ମୀକି ନାୟକ

## କବିତା ବିଭାଗ

ଫେମିନିଜ୍ମ ୧୯୭
ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ତୁମେ ଗଲାପରେ ୧୯୯
ଡଃ ଅସିତ କୁମାର ସ୍ୱାଇଁ

କହିପାରିଲିନି ଭଲ ପାଏ ବୋଲି ୨୦୧
ସୁଜ୍ଞାନ କୁମାର କହଁର

ମହାବାତ୍ୟା ୨୦୨
ଗୋଲାପମଞ୍ଜରୀ ପଣ୍ଡା

ବିଜନକୁ ପଦେ ୨୦୩
ସୁଚେତା ପ୍ରଧାନ

ସୁସ୍ୱାଗତ ଆଙ୍କ୍ଳ ନବବର୍ଷ ୨୦୧୮ ୨୦୭
ପ୍ରବୋଧଚନ୍ଦ୍ର ମୁଦ୍ରା

ଭାରତ ମାତା ୨୦୯
ସୁମିତ୍ରା ରାଉଳ

କଷ୍ଟକର କହିବା ୨୧୧
ଶଙ୍ଖସିନ୍ଧୁ ପୁରୋହିତ

ଚା ୨୧୨
ପ୍ରଶାନ୍ତ କୁମାର ନାଥ

ଈଶ୍ୱର ୨୧୩
ସତ୍ୟବ୍ରତ ସାହୁ

ତୁମେ ସପନେ ସପନେ ୨୧୫
ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ପବିତ୍ର ମିଳନ ୨୧୬
ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ସହଜ ସମାଧାନ ୨୧୮
ଡା ସୌମ୍ୟରଞ୍ଜନ ମିଶ୍ର

ଭାରତମାତା କହୁଛି ୨୨୩
ଏମ୍. ବିଜୟ କୁମାର

ତୃତୀୟ ପୁରୁଷ ୨୨୫
ବିନୟ ମହାପାତ୍ର

କଇଁ ୨୨୭
ଶୁଭକାନ୍ତ ସାହୁ

ଫଗୁଣ ୨୨୮
ନଳିନୀପ୍ରଭା ଦାସ

ସ୍ପନ୍ଦନ ୨୩୦
ଶୈବାଳିନୀ ସାହୁ

ସାଥୀ ୨୩୧
ସତ୍ୟରଞ୍ଜନ ଦାସ

ସ୍ମୃତି ୨୩୩
ମାମାଜିନି ପ୍ରଧାନ

ଯମ ମୋର ତ୍ରାଣକର୍ତ୍ତା ୨୩୫
ଡମ୍ବରୁଧର ପଟ୍ଟନାୟକ

ମାତୃତ୍ୱ ଏକ ବାରାଙ୍ଗନାର ୨୩୭
ମହୀନ୍ଦ୍ର କୁମାର ପାଲ

ଅସଜଡ଼ା ୨୪୧
ସୁବ୍ରତ କୁମାର ସେନାପତି

Download Magazine from www.aahwaan.com


| | |
|---|---|
| ମୁଁ ସର୍ବଂସହା ନାରୀ | ୨୪୩ |
| ପ୍ରମିଳା ପ୍ରଧାନ | |
| ଆମର୍ ହଁକ୍ ଛଡ଼ାଇ ଆନମା | ୨୪୪ |
| ଏମ୍. ବିଜୟ କୁମାର | |
| ନାରୀ | ୨୪୭ |
| ମୌସୁମୀ ସଞ୍ଜୟ ପଟ୍ଟନାୟକ | |
| ସ୍ମୃତି ପ୍ରଜାପତି | ୨୪୯ |
| ବିଜୟ କୁମାର ପଣ୍ଡା | |
| ମୃତ୍ୟୁ | ୨୫୦ |
| ମୀନାକ୍ଷୀ ଦାଶ | |
| ମୋ ଗାଁରେ ଶୀତୁଆ ସକାଳ | ୨୫୨ |
| ଦେବଦତ୍ତ ମିଶ୍ର | |
| ଅମର ଶହୀଦ | ୨୫୩ |
| ମନୋରଞ୍ଜନ ମୁଦୁଲି | |
| ମୁଁ ଦାଦନ ଓଡ଼ିଆ କହୁଛି | ୨୫୫ |
| ସାହାଣୀ ସଞ୍ଜୟ କୁମାର ଧଉଳି | |
| ସୁନାନାକୀ ଝିଅ ମାମୁନି | ୨୫୭ |
| କଳ୍ପତରୁ ମିଶ୍ର | |
| ନୂଆ ବରଷ | ୨୫୯ |
| ଶ୍ରୀମତି ପ୍ରବାସୀ ଦେଇ ବାରିକ | |
| ମଲାଜହ୍ନ | ୨୬୧ |
| ଶୁଭସ୍ମିତା ବେହେରା | |
| ଅନ୍ତଃସ୍ୱର | ୨୬୨ |
| ସିପ୍ରା ନାମତା | |
| କବିତା | ୨୬୪ |
| ସ୍ୱରୂପା ମହାନ୍ତି | |
| ନୀରବ ଝଡ଼ | ୨୬୬ |
| ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ | |
| ପାଗଳ ଏ ମନ ମୋର | ୨୬୭ |
| ସୀମାଞ୍ଚଳ ରଣା | |
| ରାମେଶ୍ୱର ବାବା | ୨୬୯ |
| ସୁଦାମ ଗୌଡ଼ | |
| ଶୁଭ୍ର ଜ୍ୟୋତ୍ସ୍ନାତୁମେ | ୨୭୨ |
| ସନାତନ ମହାକୁଡ଼ | |
| ବିଦାୟୀ ବେଳାରେ ସତର | ୨୭୪ |
| ସନ୍ତୋଷ ପଟ୍ଟନାୟକ | |
| ସଂଜର କବିତା | ୨୭୫ |
| ଆଶୁତୋଷ ମେହେର | |
| ହଳଦୀ ବସନ୍ତ | ୨୭୬ |
| କୁମାର ଲୋକେଶ୍ | |
| ଶୀତ ଗୀତ | ୨୭୭ |
| ଅରବିନ୍ଦ ଆଚାର୍ଯ୍ୟ | |
| ତୋ ପ୍ରେମ | ୨୭୮ |
| ଦେବସ୍ମିତ ସାମଲ | |
| ଅନନ୍ୟ ପ୍ରେମିକ | ୨୭୯ |
| ଜ୍ୟୋତିରାଦିତ୍ୟ ପୁଝାରୀ | |
| କୁହୁଡ଼ି | ୨୮୦ |
| ଓଁକାର ଦାଶ | |
| ତୁମେ ଆସିଲ ଗୋ ପ୍ରିୟା | ୨୮୧ |
| କାହ୍ନୁଚରଣ ସାହୁ | |
| ତମେ ଆସିବ | ୨୮୨ |
| କାର୍ତ୍ତିକ ପାଣିଗ୍ରାହୀ | |

Download Magazine from www.aahwaan.com


| | |
|---|---|
| ସର୍ବଗୁଣାଳଂକୃତା | ୨୮୩ |
| ରିଭୁ ଆଭୁଷଣ ପଣ୍ଡା | |
| ସପନର ପଥେ | ୨୮୫ |
| ସତ୍ୟବ୍ରତ ବାରିକ | |
| ଶୀତୁଆ ରାତିର ମିଠା ସପନ | ୨୮୬ |
| କୁମାର ଲୋକେଶ୍ | |
| ବୃନ୍ଦାବନଂ ପରିତେଜ୍ୟ ପାଦମେକମ୍ ... | ୨୮୭ |
| ଅନୁସୂୟା ମିଶ୍ର | |
| ମୋ ଜନମ ଭୂଇଁ | ୨୮୯ |
| ଦେବସ୍ମିତା ବେହେରା | |
| ନବବର୍ଷର ଶୁଭେଚ୍ଛା | ୨୯୦ |
| ପଙ୍କଜ ରଣା | |
| ଏ ଦେଶ ରୀତି | ୨୯୧ |
| ସନ୍ତୋଷ ପଟ୍ଟନାୟକ | |
| ବିଶ୍ୱ କଲ୍ୟାଣ | ୨୯୨ |
| ରୋଜା ପଣ୍ଡା | |
| ଏଇତ ବିସ୍ମୟ ଦୁନିଆ- ଆଶ୍ଚର୍ଯ୍ୟ ବିହି | ୨୯୪ |
| ବଳବନ୍ତ ସାହୁ | |


## *ଗଳ୍ପସ୍ୱର୍ଦ୍ଧା ବିଭାଗ*


| | |
|---|---|
| ଘର ବାହୁଡ଼ା | ୨୯୬ |
| ରୁଦ୍ରମାଧବ ସାହୁ | |
| ବ୍ରେକିଂ ନ୍ୟୁଜ | ୩୦୪ |
| ଅରବିନ୍ଦ ଆଚାର୍ଯ୍ୟ | |
| ସମୟର ଚକ୍ର | ୩୦୯ |
| ପ୍ରଶାନ୍ତ କୁମାର ନାଥ | |
| ଦରପୋଡ଼ା କାଠ | ୩୧୧ |
| ସୁବଳ ମହାପାତ୍ର | |
| ଗଳ୍ପସ୍ୱର୍ଦ୍ଧା | ୩୨୧ |
| ବିଜୟିନୀ ପଣ୍ଡା | |
| ସ୍ୱାଭିମାନର ଅନ୍ୟ ଏକ ରୂପ | ୩୩୦ |
| ବିକେଶ କୁମାର ସାହୁ | |
| ନିୟତିର ଖେଳ | ୩୩୫ |
| ସିପ୍ରା ନାମତା | |
| ଅସମ୍ଭବ ନୁହେଁ | ୩୪୨ |
| ଜୀତେନ୍ଦ୍ର କୁମାର କହଁର | |
| ଆଶ୍ୱସ୍ତ | ୩୪୭ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ଫେବୃଆରୀ ଗଳ୍ପସ୍ୱର୍ଦ୍ଧା ସୂଚନା | ୩୫୪ |
| ବିଶେଷ ସୂଚନା | ୩୫୫ |


**ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମସ୍ତ ପାଠକପାଠିକା, ଲେଖକ ଲେଖିକା ଏବଂ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

Download Magazine from www.aahwaan.com

# ସମ୍ପାଦକଙ୍କ କଲମରୁ...



ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଇଂରେଜୀ ନବବର୍ଷ ଉପଲକ୍ଷେ ଆହ୍ୱାନର ସମସ୍ତ ପାଠକପାଠିକା, ଲେଖକ ଲେଖିକା, ଉପଦେଷ୍ଟା, ହିତାକାଂକ୍ଷୀ ବନ୍ଧୁଙ୍କୁ ଅଭିନନ୍ଦନ । ନବବର୍ଷର ଉଲ୍ଲାସ ଥମି ଆସିଲାଣି । ହେଲେ ଉତ୍ସାହ ଏବଂ ଆଶଂକାର ସମୟ ଆହୁରି ଯାଇନି । ତଥାପି ଅନେକ ବନ୍ଧୁ କ୍ୟାଲେଣ୍ଡରରେ ନିଜ ବର୍ଷଟି କେମିତି ବିତିବ ତାହା ଦେଖିବାରେ ବ୍ୟସ୍ତ । ଲାଭକ୍ଷତିର ହିସାବ କରିବାଭଳି କ୍ୟାଲେଣ୍ଡର ସବୁ ଆଜିକାଲି ଦେଉଛନ୍ତି ଭବିଷ୍ୟବାଣୀ । ବର୍ଷର କିଛି ମାସ ସୁଖରେ ବିତିବ ତ କିଛି ମାସରେ ଦୁଃଖ ଆସିବ । କେବେ ଆୟ ବଢ଼ିବ ତ କେବେ ବ୍ୟୟ ବଢ଼ିବ । ଏମିତି ଆହୁରି କେତେ କଣ । ଆଶା କରୁଛି ଆପଣମାନେ ନିଜ ଭବିଷ୍ୟତ କଥା ପଢ଼ି ସାରିବେଣି । ସେ ସବୁ ଉପରେ ବିଶ୍ୱାସ କରନ୍ତୁ ନାହିଁ । ମନେ ରଖନ୍ତୁ ମାତ୍ର ବାରଟି ରାଶିରେ ଦୁନିଆର ଶହ ଶହ କୋଟି ଲୋକଙ୍କୁ ବାନ୍ଧି ହେବନାହିଁ । ଏ ସବୁ ବ୍ୟବସାୟ । ଦେଖନ୍ତୁ ଭଲ ଲାଗିଲେ ଖୁସି ହୁଅନ୍ତୁ ମନରେ ଆଶା ସଞ୍ଚାର କରନ୍ତୁ, କିନ୍ତୁ ଯଦି ଭଲ ନ ଲାଗେ... ତା ହେଲେ ଭଲ ଲେଖା ହୋଇଥିବା ଅଉ ଗୋଟିଏ କ୍ୟାଲେଣ୍ଡର ଖୋଜନ୍ତୁ । କାରଣ ସବୁ କ୍ୟାଲେଣ୍ଡର ସମାନ ଲେଖା ଆସେନି । ଛାଡ଼ନ୍ତୁ ଆମେ କଥା ହେବା ଆହ୍ୱାନ ବିଷୟରେ । ଆଉ ଗୋଟିଏ ବର୍ଷରେ ପଦାର୍ପଣ କରିଲା ଆହ୍ୱାନ । ତ୍ରୟୋଦଶ ବର୍ଷ । ୨୦୦୬ରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବରେ

ପ୍ରକାଶିତ ହେଉଥିବା ଏକମାତ୍ର ମାସିକ ସାହିତ୍ୟ ଇ-ପତ୍ରିକା । ଆଶା କରୁଛି ଏହା ଆହୁରି ଅଧିକ ଲୋକପ୍ରିୟ ହେବ । ଚାଲନ୍ତୁ ଦେଖିବା ବିଗତ ବର୍ଷରେ ଶେଷମାସ ଏବଂ ଚଳିତ ବର୍ଷର ଆରମ୍ଭର କିଛି ଦିନର ଖବର ।

## ବର୍ଷ ଆରମ୍ଭରୁ ଦେଶରେ ବ୍ୟାପିଲା ଦଙ୍ଗା

ନବବର୍ଷ ଦିନ ଏକ ମାମୁଲି ଘଟଣାରୁ ଏକ ବିଶାଳ ଦଙ୍ଗା ହୋଇଗଲା ମହାରାଷ୍ଟ୍ର ଭଳି ରାଜ୍ୟରେ । ଦଳିତ ସମ୍ପ୍ରଦାୟର କିଛି ବୁଦ୍ଧିଜୀବି ଏହି ଦଙ୍ଗାକୁ ଆୟୋଜିତ କରିଥିଲେ ଏବଂ ଏଥିପାଇଁ ଦିନଟିଏ ମହାରାଷ୍ଟ୍ରକୁ ବନ୍ଦ କରି ଦିଆଗଲା । ଘଟଣା କେବଳ ଏତିକି ଥିଲା ଯେ ନବବର୍ଷ ଦିନ ପ୍ରତିବର୍ଷ ଭଳି ପୁନେଠାରେ ଆୟୋଜିତ ଏକ ସମାବେଶରେ ଦଳିତ ମାନେ ଦୁଇଶହ ବର୍ଷ ତଳେ ହୋଇଥିବା ଏକ ଯୁଦ୍ଧର ସ୍ମାରକଦିବସ ପାଳନ କରୁଥିଲେ । ବାଜିରାଓ ଯେତେବେଳେ ଇଂରେଜ ସରକାରଙ୍କ ସେନାପତିଙ୍କ ସହ ଲଢ଼େଇ କରିବାକୁ ଯାଇଥିଲେ ସେତେବେଳେ ତାଙ୍କ ସହିତ କେବଳ ଦଳିତ ସୈନ୍ୟବାହିନୀ ଯାଇଥିଲେ ବୋଲି ଇତିହାସ କୁହେ । ଏବଂ ସେହି ଯୁଦ୍ଧରେ ବାଜିରାଓ ପରାସ୍ତ ହୋଇଥିଲେ ସୁଦ୍ଧା, ଦଳିତମାନେ ପ୍ରଥମଥର ସବର୍ଣ୍ଣଙ୍କ ସହ ଯୁଦ୍ଧ କରିଥିଲେ ବୋଲି ସ୍ମୃତିକୁ ରୋମନ୍ଥନ କରିବା ଉଦ୍ଦେଶ୍ୟ ନେଇ ଏହି ଉତ୍ସବ ପ୍ରାୟ ପ୍ରତିବର୍ଷ ଆୟୋଜିତ ହେଉଥିଲା । ଅବଶ୍ୟ ଏହା କେଉଁ ଧରଣର ମାନସିକତା ତାହା ଆମେ ବୁଝିବା ଭଳି କ୍ଷମତା ନାହିଁ ।

ହେଲେ ଚଳିତ ବର୍ଷ ଏହି ପ୍ରକାରର ଆୟୋଜନକୁ କିଛି ବ୍ୟକ୍ତି ବିରୋଧ କରିଥିଲେ ।

Download Magazine from www.aahwaan.com

ଅଥବା କରିଥିଲେ ବୋଲି କୁହାଗଲା । ଏବଂ ଏହାପରେ ଅଶାନ୍ତି ବ୍ୟାପିଲା ଏବଂ ଏହି ଘଟଣାରେ ଜଣେ ଯୁବକର ପ୍ରାଣ ଚାଲିଗଲା । ଏହାକୁ ନେଇ ସମୁଦାୟ ରାଜ୍ୟରେ ଦଳିତମାନଙ୍କୁ ଏକତ୍ରିତ କରାଯାଇ ମହାରାଷ୍ଟ୍ର ବନ୍ଦ କରି ଦିଆଗଲା । ଦେଶରେ ଅନେକ ରାଜ୍ୟ ରହିଛି ଯେଉଁଠି ଦଳିତମାନଙ୍କ ପ୍ରତି ଅତ୍ୟାଚାର ହୋଇଥିବା ଖବର ଆମେ ସବୁବେଳେ ଗଣମାଧ୍ୟମରୁ ଜାଣିବାକୁ ପାଉଛେ, କିନ୍ତୁ ମହାରାଷ୍ଟ୍ରରେ କେବେ ବି ସେମିତି କିଛି ଖବର ଆମେ ଜାଣିବାକୁ ପାଇନଥିଲୁ, ଅଥଚ ସେହି ରାଜ୍ୟରେ ଦଳିତ ରାଜନୀତିକୁ ଜନ୍ମ କରି ଦିଆଗଲା ।

ପରେ ଗଣମାଧ୍ୟମରେ କୁହାଗଲା ଯେ ଏହି ଦଙ୍ଗା ପୂର୍ବରୁ ପୁନେରେ ଆୟୋଜିତ ଏକ ସାଧାରଣ ସଭାକୁ ଗୁଜୁରାତର ସଦ୍ୟ ନିର୍ବାଚିତ ଦଳିତ ନେତା ଜିଗ୍ନେଶ୍ ମେବାନୀ ଓ ଜବାହାରଲାଲ୍ ବିଶ୍ୱବିଦ୍ୟାଳୟର ଅଭିଯୁକ୍ତ ଛାତ୍ରନେତା ଉମର୍ ପ୍ରମୁଖ ଉଦବୋଧନ ଦେଇଥିଲେ । ଏବଂ ସମ୍ଭବତଃ ଏହାପରେ ହିଁ ଏହି ବନ୍ଦ ଆଦିର ଡାକରା ଦିଆଗଲା । ଏଥିପାଇଁ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । କିନ୍ତୁ ଶାନ୍ତିପ୍ରିୟ ମହାରାଷ୍ଟ୍ରରେ ବି ଦଳିତ କାର୍ଡ୍ ବ୍ୟବହାର କରି ରାଜନୀତି କରାଯାଇ ପାରିଲା, ଅର୍ଥ ୨୦୧୯ ଆସିବା ପୂର୍ବରୁ ଦେଶର ଅନେକ ସ୍ଥାନରେ ଏହିପ୍ରକାରର ଘଟଣାମାନ ଘଟିବ ବୋଲି ସୂଚନା ମିଳିବାକୁ ଲାଗିଲାଣି । ସେ ଯା'ହେଉ ଦେଶପାଇଁ ଏହା ଆଦୌ ଗ୍ରହଣୀୟ ନୁହେଁ ଏବଂ ଏହାକୁ ପ୍ରୋତ୍ସାହନ ଦେବା ଅନୁଚିତ ।

Download Magazine from www.aahwaan.com

## ନୂଆବର୍ଷ ଉତ୍ସବ ସମୟରେ ଅଗ୍ନିକାଣ୍ଡ

ବିଗତ ଏକ ସପ୍ତାହରୁ ଅଧିକ ସମୟ ଭିତରେ ଭାରତର ପ୍ରମୁଖ ମୁମ୍ବାଇ ଏବଂ ବେଙ୍ଗାଲୁରୁ ସହରରେ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନି ଘଟିଛି । ମୁମ୍ବାଇର ଏକ ପବ୍ (ରେସ୍ତୋରାଂ)ରେ ନିଆଁ ଲାଗିଯିବାପରେ ସେଠାରେ ଥିବା ଲୋକଙ୍କୁ ବଞ୍ଚାଇବା ସମ୍ଭବ ହୋଇପାରିଲା ନାହିଁ ଏବଂ ଅନ୍ୟୁନ ବାଇଶିଜଣ ଏହି ଅଗ୍ନିକାଣ୍ଡର ଶୀକାର ହୋଇଗଲେ । ଅତ୍ୟନ୍ତ କ୍ଷୋଭର ବିଷୟ ଯେ ଏହି ଅଗ୍ନିକାଣ୍ଡ ହେବାପରେ ସେହି ସ୍ଥାନକୁ ଦମକଳ ଗାଡ଼ି ଯାଇ ପହଞ୍ଚିବା ଭଳି ରାସ୍ତା ନଥିଲା ଆଉ ଯାହା ବି ରାସ୍ତା ଥିଲା ସେଠାରେ ଉପସ୍ଥିତ ଜନତା ମୋବାଇଲରେ ଫଟୋ ଉଠାଇବାରେ ବ୍ୟସ୍ତଥିଲେ ଏବଂ ଦମକଳ କର୍ମଚାରୀଙ୍କୁ ସେମାନଙ୍କ ଦାୟିତ୍ୱ ତୁଲାଇବାକୁ ଦେଲେ ନାହିଁ । ଏହା ଆଧୁନିକ ଜ୍ଞାନକୌଶଳର ବଦବ୍ୟବହାର ବୋଲି ଆମେ କହିବା । ଅସୁବିଧା ଏବଂ ଦୁର୍ଘଟଣା ସମୟରେ କେମିତି ପରସ୍ପରକୁ ସାହାଯ୍ୟ କରିବା କଥା ଚିନ୍ତା ନ କରି ଲୋକମାନେ ମୋବାଇଲରେ ଫଟୋ ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଏହି ଅଗ୍ନିକାଣ୍ଡ ଫଳରେ ନୂଆବର୍ଷ ପାଳନ କରୁଥିବା ଲୋକମାନେ ପବ୍ ଭିତରେ ରହିଗଲେ ଏବଂ ପ୍ରବଳ ତାପମାତ୍ରା ଏବଂ ଧୂଆଁରେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଲେ । ଅଧିକାଂଶ ଯୁବକଯୁବତୀ ନିଶାଗ୍ରସ୍ତ ହୋଇପଡ଼ିଥିଲେ ଏବଂ ସେମାନେ ସେହି ସ୍ଥାନରୁ ନିଜେ ବାହାରକୁ ଆସିପାରିଲେ ନାହିଁ । ଏହି ଅଗ୍ନିକାଣ୍ଡରେ ସେହି ପବରେ କାମ କରୁଥିବା ଜଣେ ଓଡ଼ିଆ ଯୁବକ ମଧ୍ୟ ପ୍ରାଣ ହରାଇଥିବା ଖବର ରାଜ୍ୟବାସୀଙ୍କୁ ଆହତ କରିଥିଲା । କୌଣସି

 Download Magazine from www.aahwaan.com

ନିରାପତ୍ତା ବ୍ୟବସ୍ଥା ନ ନେଇ ଏଭଳି ସ୍ଥାନ ମାନଙ୍କରେ ବ୍ୟବସାୟିକ ରେସ୍ତୋରାଂ ଆଦି ଖୋଲିବା ସଠିକ୍ ନିଷ୍ପତ୍ତି ନଥିଲା । ଏହାପରେ ଅଧିକାରୀମାନେ ଅଧିକ ସଚେତନ ହେବେ ଏବଂ ମାଲିକ ମାନେ ଅଗ୍ନିନିରାପତ୍ତା ପ୍ରତି ଧ୍ୟାନ ଦେବେ ବୋଲି ଆଶା ।

ସେହିପରି ବିଗତ ସପ୍ତାହରେ ବେଙ୍ଗାଲୁରୁ ସହରର ଏକ ରେସ୍ତୋରାଂରେ ଅଗ୍ନିକାଣ୍ଡ ଘଟି ପାଞ୍ଚଜଣ ପ୍ରାଣ ହରାଇଛନ୍ତି । ଏହା ଅତ୍ୟନ୍ତ ଦୁଃଖର ବିଷୟ । ବାରମ୍ବାର ସୂଚନା କରିଦିଆଯିବା ସତ୍ତ୍ୱେ ବ୍ୟବସାୟୀମାନେ ଲାଭଖୋର ମନୋବୃତ୍ତି ନେଇ ଏଭଳି ସବୁ ବିପଦସଂକୁଳ ପବ୍ ଆଉ ରେସ୍ତୋରାଂ ଖୋଲୁଛନ୍ତି । ଏଠାରେ ସମୟ ବିତାଇବାକୁ ଯାଇଥିବା ନିରୀହ ଲୋକମାନେ ଅଯଥାରେ ପ୍ରାଣ ହରାଉଛନ୍ତି ଯାହା ।

## ମୋଦୀ ବିରୋଧୀ ଗୋଷ୍ଠୀରେ ନୂଆ ଚେହେରା ଜିଗ୍ନେଶ୍ ମେବାନୀ

ବିଗତ ବର୍ଷ ଗୁଜୁରାତରେ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ସଂଖ୍ୟା ଗରିଷ୍ଠ ଦଳ ଭାବରେ ନିଜର ସ୍ଥିତି ବଜାୟ ରଖିଥିଲା କିନ୍ତୁ ଏହି ସମୟରେ ବିଜେପିକୁ ସ୍ଥାନଚ୍ୟୁତ କରିବାପାଇଁ କଂଗ୍ରେସ ଷଡ଼ଯନ୍ତ୍ର କରି ଯେଉଁ ତିନିଜଣକୁ ନିଜ ସପକ୍ଷରେ ନେଇଥିଲା ସେମାନଙ୍କ ଭିତରେ ଥିଲା ଜିଗ୍ନେଶ୍ ମେବାନି । ଗୁଜୁରାତର ଦଳିତ ସପକ୍ଷବାଦୀ ଏହି ଯୁବକ ବର୍ତ୍ତମାନ ଗୁଜୁରାତର ବିଧାନ ସଭାର ସଦସ୍ୟ । ହେଲେ ସେ ଗୁଜୁରାତରେ କଣ ଉନ୍ନତି ମୂଳକ କାର୍ଯ୍ୟ କରୁଛନ୍ତି ତାହା ଆମେ ବି ଜାଣିନୁ, ଅବଶ୍ୟ ବିଗତ ଦିନରେ ମହାରାଷ୍ଟ୍ରରେ ଦଳିତ ମାନଙ୍କ ଦ୍ୱାରା ଆୟୋଜିତ ବନ୍ଦ କାଳେ ତାଙ୍କର ଆହ୍ୱାନରେ

Download Magazine from www.aahwaan.com

ହୋଇଥିଲା ବୋଲି ଶୁଣିବାକୁ ପାଉଛୁ । ଏବଂ ଦୁଇ ଦିନତଳେ ସେ ଦିଲ୍ଲୀଠାରେ ଏକ ଯୁବ ହୁଙ୍କାର୍ ରାଲିର ଆୟୋଜନ କରିଛନ୍ତି । ଗଣମାଧ୍ୟମର ରିପୋର୍ଟ୍ ଅନୁସାରେ ଏହି ରାଲି ବିଫଳ ହୋଇଥିଲା ଏବଂ ଏଥିରେ ବ୍ୟଥିତ ହୋଇ କିଛି କର୍ମକର୍ତ୍ତା ସଭାସ୍ଥଳରେ ସମ୍ବାଦ ଗ୍ରହଣ କରୁଥିବା ସମ୍ବାଦଦାତାଙ୍କ ପ୍ରତି ଅଶାଳୀନ ବ୍ୟବହାର କରୁଥିବାର ଭିଡ଼ିଓ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ନିଜକୁ ମୋଦୀ ବିରୋଧୀ ବୋଲି କୁହାଉଥିବା ମେବାନୀଙ୍କୁ ହୁଏତ କିଛି ଦିନ ଯାଏଁ ଲୋକମାନେ ଜାଣିନଥିଲେ କିନ୍ତୁ ଏବେ ସେ ମୋଦୀ ବିରୋଧୀ ବୋଲି କୁହାଇ ସବୁ ପ୍ରକାର ଧ୍ୟାନ ପାଉଛନ୍ତି । ଦେଶର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ନିନ୍ଦିବା ଏବଂ ବିଗତ ଦିନରେ ସେ ବ୍ୟକ୍ତିଗତ ଆକ୍ଷେପ କରି କହିଥିଲେ ଯେ ମୋଦୀ ହିମାଳୟକୁ ଚାଲିଯିବା ଉଚିତ ଆଦି ଦ୍ୱାରା ସେ ଗଣମାଧ୍ୟମକୁ ଆକର୍ଷିତ କରିବାକୁ ସଫଳ ହୋଇଛନ୍ତି । ଦେଖାଯାଉ ଦଳିତ ଦଳିତ କହି ଭୋଟ ଜିଣିଥିବା ଏହି ସଦସ୍ୟ ଦଳିତଙ୍କ ପାଇଁ କଣ କରୁଛନ୍ତି । ସତୁରି ବର୍ଷରେ ଯେଉଁମାନେ ସବୁ ଦଳିତ ମାନଙ୍କୁ ନ୍ୟାୟ, ସମାନତା ଇତ୍ୟାଦି କଥା କହି ଭୋଟ୍ ଜିଣି ଆସୁଛନ୍ତି ସେମାନେ ନିଜେ କୋଟିପତି ହୋଇଗଲେଣି ଅଥଚ ଦେଶର ଦଳିତମାନେ ଜମା ଉନ୍ନତି କରି ପାରୁନାହାନ୍ତି । ଏହା ନିଶ୍ଚୟ ଭାବରେ ଚିନ୍ତା ତଥା ଗବେଷଣାର ବିଷୟ ।

## ବିଶ୍ୱର ଉତ୍ତାପ ବଢ଼ାଉଛି ଉତ୍ତରକୋରିଆ

ଆମେରିକାରେ ରାଷ୍ଟ୍ରପତି ପଦବୀ ଜିତିବା ପରେ ଡୋନାଲ୍ଡ୍ ଟ୍ରମ୍ପ୍ ଅନେକ ଦୃଢ଼

Download Magazine from www.aahwaan.com

ନିଷ୍ପତ୍ତି ନେଇଛନ୍ତି ଏବଂ ସେମଧ୍ୟରୁ ଗୋଟିଏ ହେଉଛି ଉତ୍ତର କୋରିଆ ବିରୋଧରେ କାର୍ଯ୍ୟାନୁଷ୍ଠାନ । ଉତ୍ତରକୋରିଆକୁ ମିଳୁଥିବା ଅନୁଦାନକୁ ସେ ବନ୍ଦ କରିଦେବାପରେ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ଉତ୍‌କ୍ଷିପ୍ତ ହୋଇ ଆମେରିକାକୁ ପରମାଣୁ ଯୁଦ୍ଧର ଚେତାବନୀ ଦେଇଛନ୍ତି । ଏହାକୁ ନେଇ ଆନ୍ତର୍ଜାତୀୟ ଗଣମାଧ୍ୟମ ଚର୍ଚ୍ଚା କରୁଛି ।

କିଛିଦିନ ତଳେ ଗଣମାଧ୍ୟମରେ ଖବର ଛପା ହୋଇଥିଲା ଯେ କିମ୍ ଜଙ୍ଗ୍ ଉନ୍ କାଳେ ଧମକ ଦେଇଛନ୍ତି ଯେ ତାଙ୍କ ବସିବା ଆସନ ନିକଟରେ ସେ ପରମାଣୁ ବୋମାର ବଟନ୍ ରଖିଛନ୍ତି ଆଉ ସେ ବଟନ୍ ଟିପିଦେଲେ କାଳେ ସମୁଦାୟ ଆମେରିକା ମହାଦେଶ ଧ୍ୱଂସ ହୋଇଯିବ । ଏହାର ଉତ୍ତରରେ ଆମେରିକା ଜଣାଇ ଦେଇଥିଲେ ଯେ ସେମାନେ ଏହିପରି କୌଣସି ଧମକରେ ଡରନ୍ତି ନାହିଁ । ଏବଂ ଉତ୍ତରକୋରିଆକୁ ସବୁ ଆଡ଼ୁ ବାସନ୍ଦ କରାଯିବ । ସେ ଯା ହେଉ ଏହାଦ୍ୱାରା ବିଶ୍ୱରେ ବିପଦର ବାତାବରଣ ସୃଷ୍ଟି ହୋଇଛି ।

## ପାକିସ୍ତାନକୁ ଅନାଥ କରିଦେଲା ଆମେରିକା

ବିଗତ ସପ୍ତାହରେ ଏକ ଅବିଶ୍ୱସନୀୟ ପଦକ୍ଷେପ ନେଇ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଘୋଷଣା କରି କହିଲେ ଯେ ଆମେରିକା ସବୁବେଳେ ପାକିସ୍ତାନକୁ ସାହାଯ୍ୟ କରି ଆସୁଥିବା ବେଳେ ପାକିସ୍ତାନ ସବୁବେଳେ ଆମେରିକାକୁ ଠକି ଆସିଛି ଏବଂ ପାକିସ୍ତାନକୁ ସାହାଯ୍ୟ କରିବା ଆମେରିକାର ଭୁଲ ଥିଲା । ଏହାପରେ ପାକିସ୍ତାନ ବିବୃତ୍ତି ଦେଇ କହିଥିଲା ଯେ ଆମେରିକାର ବିନା ସହାୟତାରେ ବି ସେମାନେ ବଞ୍ଚିପାରିବେ । ଏବଂ ଏହାପରେ ପରେ

 Download Magazine from www.aahwaan.com

ହଠାତ୍ ଟ୍ରମ୍ପ ପ୍ରଶାସନ ଦ୍ୱାରା ପାକିସ୍ତାନକୁ ଦିଆଯାଉଥିବା ବାର୍ଷିକ ଅନୁଦାନକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରି ନିଆଯାଇଛି ।

ଅବଶ୍ୟ ଆମେରିକାର ଧମକ ପରେ ପାକିସ୍ତାନରେ ପୁଣିଥରେ ଆତଙ୍କବାଦୀ ସଂଗଠନ ମାନଙ୍କ ଉପରେ ସୁରକ୍ଷା କାର୍ଯ୍ୟ କରାଯାଇ ଅନେକ ସଂଗଠନର ବ୍ୟାଙ୍କ ଖାତାକୁ ଜବତ କରି ଦିଆଯାଇ ବନ୍ଦ କରିଦିଆଯାଇଛି । ଜମାଦ୍ ଉଦ୍ ଦାୱା ପ୍ରମୁଖ ମସୁଦ୍ ଅଝରକୁ ପୁଣି ଥରେ ଧକ୍କା ଲାଗିଛି । ଏହା ସବୁ ପଛରେ କିନ୍ତୁ ଭାରତର କୂଟନୈତିକ ବିଜୟ ହୋଇଛି ବୋଲି କୁହାଯାଉଛି । ବିଶ୍ୱ ଦରବାରରେ ଭାରତର ପ୍ରତିନିଧିତ୍ୱ ହେତୁ ଏହି ପଦକ୍ଷେପ ନିଆଯାଇଛି ବୋଲି ପାକିସ୍ତାନୀ ଗଣମାଧ୍ୟମ ମୁହଁ ଖୋଲି କହିଛନ୍ତି ।

## କୁଳଭୂଷଣ ଯାଦବ ଡ୍ରାମା କରିଲା ପାକିସ୍ତାନ

ପାକିସ୍ତାନରେ ବନ୍ଦୀ ଥିବା ଭାରତୀୟ ସୁରକ୍ଷା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ପାକିସ୍ତାନ ସରକାର ତାଙ୍କ ମାଆ ଓ ପତ୍ନୀଙ୍କ ସହ ସାକ୍ଷାତ କରିବାକୁ ଅନୁମତି ଦେଇ ଥିଲା । ସୂଚନାଯୋଗ୍ୟ ଯେ ଏଥିପାଇଁ ଅନ୍ତରାଷ୍ଟ୍ରୀୟ ଅଦାଲତ ପାକିସ୍ତାନକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପାକିସ୍ତାନ ଏହି ସାକ୍ଷାତକାରକୁ ଅତ୍ୟନ୍ତ ସୁରକ୍ଷା ଭିତରେ କରାଇଥିଲେ । ସାକ୍ଷାତକାର ସମୟରେ କୁଳଭୂଷଣଙ୍କୁ କାଚ ଘରେ ରଖାଯାଇଥିଲା ଏବଂ ସେ ଫୋନ ଦ୍ୱାରା ମାଆ ଓ ପତ୍ନୀଙ୍କ ସହ କଥା ହୋଇଥିଲେ । ଏହି ସମୟରେ ଅନ୍ୟୁନ ଚାରିଗୋଟି କ୍ୟାମେରା ସେଠାରେ ଲଗାଯାଇଥିଲା । ଏହାକୁ କଡ଼ା ଶବ୍ଦରେ ନିନ୍ଦା କରାଯାଇଥିଲା । କିନ୍ତୁ ପରେ ଜଣାପଡ଼ିଥିଲା

 Download Magazine from www.aahwaan.com

ଯେ ପାକିସ୍ତାନରେ ପହଞ୍ଚିବା ପରେ କୁଳଭୂଷଣଙ୍କ ମାଆ ଓ ପତ୍ନୀଙ୍କ ସବୁ ପୋଷାକ ବଦଳା ଯାଇଥିଲା ଏବଂ ସେମାନଙ୍କ ଜୋତା ବି ବାହାର କରିବା ନିର୍ଦ୍ଦେଶ ଦିଆଯାଇଥିଲା । ଏବଂ ସେମାନଙ୍କୁ ନୂତନ ପୋଷାକ ଯୋଗାଇ ଦିଆଯାଇଥିଲା । ବଡ଼ ବଡ଼ କଥା କହୁଥିବା ପାକିସ୍ତାନ ଜଣେ ବନ୍ଦୀଙ୍କର ମାଆ ଆଉ ପତ୍ନୀଙ୍କୁ ଏତେ ଭୟ କରୁଥିଲା କାହିଁକି ?

ସେ ଯା ହେଉ, ଏହି ସାକ୍ଷାତକାର ପରେ ଏହାକୁ ନେଇ ଅନେକ ଚର୍ଚ୍ଚା ହୋଇଥିଲା । ଏବଂ ପାକିସ୍ତାନର ଆଭିମୁଖ୍ୟକୁ ନେଇ ଅନେକ ନିନ୍ଦା କରାଯାଇଥିଲା । ଅନ୍ତର୍ଜାତୀୟ ଟ୍ୱିଟର କମ୍ୟୁନିଟି ପାକିସ୍ତାନକୁ ଚପଲଚୋର ବୋଲି ଅନେକ ଲେଖା ପକାଇଥିଲେ ।

## ରଜନୀକାନ୍ତ ଗଢ଼ିବେ ନୂଆ ରାଜନୈତିକ ଦଳ

ବିଗତ ଦିନରେ ତାମିଲ ସିନେମା ଇଣ୍ଡଷ୍ଟ୍ରିର ପ୍ରମୁଖ ନାୟକ ଏବଂ ପରିଚିତ ସୁପରଷ୍ଟାର ରଜନୀକାନ୍ତ ଗୋଟିଏ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ ସେ ଏକ ରାଜନୈତିକ ଦଳ ଗଠନ କରିବାକୁ ଯାଉଛନ୍ତି । ସୂଚନାଯୋଗ୍ୟ ଯେ ତାମିଲ ସିନେମା ଶିଳ୍ପରେ ସବୁବେଳେ ପ୍ରମୁଖ ସ୍ଥାନ ପାଇଥିବା ଅଭିନେତା ଓ ଅଭିନେତ୍ରୀମାନେ ସର୍ବଦା ରାଜନୀତି ଆଡ଼କୁ ଢଳିଛନ୍ତି । ଏବଂ ସାଂପ୍ରତିକ ସମୟରେ ତାମିଲନାଡୁରେ ଥିବା ପ୍ରାୟ ଅଧିକାଂଶ ରାଜନୈତିକ ଦଳ ଦୂର୍ନୀତିଗ୍ରସ୍ତ ହୋଇଥିବା ସୂଚନା ମିଳୁଛି । ତେଣୁ ରଜନୀକାନ୍ତଙ୍କ ଦଳପ୍ରତି ଲୋକମାନଙ୍କ ଆଭିମୁଖ୍ୟ ସ୍ୱାଗତଯୋଗ୍ୟ ହୋଇପାରେ ବୋଲି କୁହାଯାଉଛି । ଏହାକୁ ଅନେକ ରାଜନେତା ଏବଂ ଅଭିନେତା ସ୍ୱାଗତ କରିଛନ୍ତି ।

 Download Magazine from www.aahwaan.com

## ସୁପ୍ରିମକୋର୍ଟରେ ବିଚାରପତିମାନଙ୍କ ଭିତରେ ମନୋମାଳିନ୍ୟ

ଆଜି ଏକ ଅଭାବନୀୟ ଅବସ୍ଥାରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ଚାରିଜଣ କର୍ତ୍ତବ୍ୟରତ ବିଚାରପତିମାନେ ଏକ ପ୍ରେସ୍ ବିବୃତ୍ତି ଦେଇ ନ୍ୟାୟାଳୟର ସର୍ବୋଚ୍ଚ ବିଚାରପତିଙ୍କ ବିରୋଧରେ ବିକ୍ଷୋଦଗାର କରିଛନ୍ତି । ସେମାନେ ବିବୃତ୍ତି ଦେଇ କହିଛନ୍ତି ଯେ ଭାରତରେ ଗଣତନ୍ତ୍ର ବିପଦରେ ଅଛି । ଏହାକୁ ନେଇ କଂଗ୍ରେସ ତରଫରୁ ବିବୃତ୍ତି ଆସିଛି । ଏହା ସହିତ ଉଣା ଅଧିକ ପ୍ରାୟ ସମସ୍ତ ରାଜନୈତିକ ଦଳ ଏହାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରିଛନ୍ତି । ଭାରତର ଇତିହାସରେ ଏମିତି କେବେ ବି ହୋଇନଥିଲା । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅନେକେ ମତ ଦେଉଛନ୍ତି ।

ସେ ଯା ହେଉ ଦେଶର ଅବସ୍ଥା ଆମକୁ ବ୍ୟଥିତ କରୁଛି ନିଶ୍ଚୟ । ଲାଗୁଛି ସତେ ଯେମିତି କୌଣସି ଗୋଟିଏ ଉହ୍ୟ ଶକ୍ତିର ଇଙ୍ଗିତରେ ସମସ୍ତେ ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ସାଂପ୍ରତିକ ସମୟରେ ଯେତେବେଳେ ଭାରତର ସ୍ଥିତି ବିଶ୍ୱଦରବାରରେ ସୁଦୃଢ଼ ହେବାରେ ଲାଗିଛି ଏବଂ ପ୍ରତ୍ୟେକ ଭାରତୀୟଙ୍କ ଭିତରେ ଦେଶାତ୍ମବୋଧ ଏବଂ ଦେଶପାଇଁ ଗର୍ବ ସୃଷ୍ଟି ହୋଇଛି ସେହି ସମୟରେ ଶାସକ ଦଳଙ୍କୁ ବିଭିନ୍ନ କାରଣ ଦର୍ଶାଇ ନିନ୍ଦା କରିବା ଏକ ପ୍ରକାର ଚଳଣୀ ହୋଇ ଯାଇଛି । ସରକାରଙ୍କ ଅନେକ ପଦକ୍ଷେପ ଯାହା ଦ୍ୱାରା ଦେଶର ଉନ୍ନତି ହେଉଛି ସେ ସବୁ କାହାକୁ ଦେଖାଯାଉନାହିଁ । ଅନେକେ କହୁଛନ୍ତି ଯେ ସରକାର ଦେଶକୁ ପଛକୁ ନେଇ ଯାଉଛନ୍ତି ।

 Download Magazine from www.aahwaan.com

ସେମାନଙ୍କୁ ପ୍ରଶ୍ନ ଭାରତର ସ୍ୱାଧୀନ ହୋଇ ସତୁରି ବର୍ଷରେ କେତେ ଆଗକୁ ଯାଇଥିଲା ଯେ ଏବେ ପଛକୁ ଯାଉଛି ।

ଆମେ କୌଣସି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ମନ୍ତବ୍ୟ ଦେବା ସପକ୍ଷରେ ନୋହୁଁ । ସାଂପ୍ରତିକ ସମୟର ଘଟଣାବଳୀକୁ ନେଇ ପାଠକମାନଙ୍କ ପାଇଁ ଉପସ୍ଥାପନ କରିବା ଆମର ମୂଳ ଉଦ୍ଦେଶ୍ୟ । ଆପଣଙ୍କ ମତ ହୋଇପାରେ ଆମ ସହ ସମାନ ନ ହୋଇପାରେ, ତେଣୁ ଏହାକୁ ଆପଣ ନିଜ ମତାନୁସାରେ ଗ୍ରହଣ କରିବାକୁ ଅନୁରୋଧ ।

ବର୍ଷ ୨୦୧୮ର ଆହ୍ୱାନ ଇ-ପତ୍ରିକାର ପ୍ରଥମ ସଂସ୍କରଣ ଆପଣ ମାନଙ୍କୁ ଭେଟି ଦେଉଥିବା ବେଳେ ଅତ୍ୟନ୍ତ ଆନନ୍ଦର ସହ ଜଣାଉଛି ଯେ ଗଳ୍ପସ୍ପର୍ଦ୍ଧାରେ ଚଳିତ ସଂସ୍କରଣରେ ବହୁତ ଅଧିକ ସଂଖ୍ୟକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ଏହା ଓଡ଼ିଆ ଗଳ୍ପ ଜଗତ ପାଇଁ ଏକ ଶୁଭ ଖବର ନିଶ୍ଚୟ ।

ଆଶା କରୁଛି ଆପଣଙ୍କୁ ଆହ୍ୱାନ ଭଲ ଲାଗିବ । ଧନ୍ୟବାଦ

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

*ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା*

**ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ । ଲେଖା କେବଳ ଇମେଲ୍ ଦ୍ୱାରା ହିଁ ସ୍ୱୀକାର କରାଯିବ । କେବଳ ଗୋଟିଏ ଲେଖା ସମେତ ନିଜର ଗୋଟିଏ ଛବି ଏବଂ ଠିକଣା ଲେଖି ପଠାନ୍ତୁ ।**

Download Magazine from www.aahwaan.com

# ରୋଷେଇ ଖେଳର ବୋହୁ



ସରସୀ ଆଚାର୍ଯ୍ୟ

"କଣ ଏଇଟା ତୋର ଶେଷ ନିଷ୍ପତି ?" ଫୋନ୍ ଆରପଟୁ ଗୋଟିଏ ସଂକ୍ଷିପ୍ତ ଉତ୍ତର; 'ହଁ'... ବାସ୍ ତାପରେ ମୁଁ ଫୋନ୍ କାଟିଦେଲି । ରାତି ପ୍ରାୟ ୧୧:୪୫ହେବ, ଡିସେମ୍ବର ମାସର ଶୀତୁଆ ରାତି । ଘରେ ସମସ୍ତେ ଶୋଇ ଗଲେଣି, ମୁଁ ଝିଅକୁ ଶୁଆଇ ସାରି ଫୋନ୍ କରିଥିଲି ମୋ ସାନ ଭଉଣୀକୁ । ବୁଝାଇ ବୁଝାଇ ତାକୁ ଥକିଗଲିଣି ବାହାଘର ପାଇଁ । ହେଲେ ସେ ତା' ଜିଦରେ ଅଟଳ । ଏକା ଜିଦ୍ ବାହା ହେବନି । ଏବେ ପ୍ରାୟ ଏକ ଘଣ୍ଟା ହେବ ତାକୁ ସମାଜ, ନୀତିନିୟମ, ପ୍ରେମ, ବୁଝାମଣା, ସମ୍ପର୍କର ମୋହ ଏମିତି ଅନେକ କିଛି ବୁଝାଇ ଚାଲିଥିଲି । ଶେଷରେ କିନ୍ତୁ ସେ ତା' ନିଷ୍ପତିରେ ସ୍ଥିର ରହିଲା । କଣ ନା ବାହାହେଲେ ଲାଇଫ୍ ବରବାଦ ହେଇଯିବ । ବିଲକୁଲ ସେ ଧନ୍ଦାରେ ଫସିବିନି ।

X X X X X X X X X

ଏଇ ମୋର ସାନ ଭଉଣୀ ନମିତା । ମୋ ବୋଉର ଆମେ ଆଗପଛ ହେଇ ଦୁଇ ଝିଅ । ସେ ମୋ ଠାରୁ ଦୁଇ ବର୍ଷ ସାନ । ସାନ ଭଉଣୀ ନୁହଁ ତ ସାଙ୍ଗଟିଏ ପରି । ପିଲାବେଳେ ସାଙ୍ଗ ହେଇ ସ୍କୁଲ ଯିବା, ଏକା ସାଙ୍ଗେ ଖେଳିବା, ଖାଇବା, ଆଉ ଝଗଡା ବି... ହା.. ହା.. । ମୁଁ ଧୀରେ ଧୀରେ ହଜିଯାଉଛି ପିଲାଦିନ ସ୍ମୃତିରେ । ସଜଫୁଟା ଫୁଲ ପରି ଏବେବି ମନ ତଳେ ସାଇତା ସେସବୁ.. ।

କେମିତି ପଖାଳ ସାଙ୍ଗେ ବୋଉ ଦେଇଥିବା ବଡ଼ି ଆଳୁ ଚକଟା ରେ ବଡ଼ି ଗଣି ଖାଇବା, ତ କେବେ ସଜନା ଛୁଇଁ ଭଜାରେ ତାକୁ କେତେଟା ଛୁଇଁ ଦେଲୁ ବୋଲି ବୋଉ ଆଖିରୁ ନିଜକୁ

Download Magazine from www.aahwaan.com

ଲୁଚେଇକି ଗଣିବା, ତା' ବଗ ଭାଇ ନମସ୍କାର ତୁମେ ଉଡ଼ିଗଲେ ପୁରସ୍କାର ଗୀତ ଶୁଣି ହସିବା...

ନମିତା ପିଲାବେଳେ ଟିକେ ନିର୍ଜିବା ଥିଲା, ଏତେ ପତଳା ଥିଲା କି କେହିକେହି ତାକୁ ଅଢ଼େଇଶ ବୋଲି ଡାକୁଥିଲେ । ତାର ଦୁଇଟି କଥା ଖୁବ୍ ପ୍ରିୟ ଥିଲା । ଗୋଟିଏ ମାଟି କାନ୍ଥରୁ ମାଟି ଛଡେଇ ଖାଇବା ଆଉ ଆରଟି ହେଲା ରୋଷେଇ ଖେଳ ଖେଳିବା ।

ତାର କୃମି ଦୋଷ ଥିଲା ସେଥିପାଇଁ ତାକୁ ମାଟି, ଦୁଦୁଖଡି ଖାଇବାକୁ ଭଲ ଲାଗୁଥିଲା । ସେବେ ଆମର ମାଟି ଚାଳ ଛପର ଘର ଥିଲା । ନମିତା କାନ୍ଥରୁ ମାଟି ଖାଏ ବୋଲି ମୋ ଜେଜେମା ସେଠି ଗୋଲମରିଚ ଗୁଣ୍ଡ ଲଗେଇ ଦିଏ । ହେଲେ ସେ ଲୁଚିଲୁଚି ତା କାମ ଚାଲୁରଖିଥାଏ । ମାଟି ସିଲଟରେ ଲେଖିବାକୁ ଦୁଦୁଖଡି କମ ପଡିଯାଏ, କାରଣ ସେ ସବୁ ଲୁଚେଇକି ଖାଇଦିଏ... ।

ସ୍କୁଲରୁ ଫେରି ସବୁବେଳେ ସେ ଲାଗିଯାଏ ତା ରୋଷେଇ ଖେଳରେ । ଆଉ ଛୁଟି ଦିନରେ ତ ଦିନ ତମାମ ଖେଳୁଥାଏ । କେବେ ବୋଉର ଚିରା ଶାଢ଼ୀ ପିନ୍ଧି ତ କେବେ ବାପାଙ୍କର ଗାମୁଛା ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ବୋହୂ ସାଜିଥାଏ । ଗୋଡି ଥୋଇ ଚୂଲି କରେ, ଦୁଇ ତିନୋଟି ସଢ଼େଇକୁ ହାଣ୍ଡିକରି ସେଥିରେ ବାଲିରେ ଭାତ କରେ, ନାଲି ଇଟାକୁ ଘୋରି ଘୋରି ରଙ୍ଗ ମସଲା କରେ, ଗୋଡିକୁ ମାଂସ କରେ, ବାଡ଼ିରୁ ଅନାବନା ଶାଗ ପତ୍ର ତୋଳି ଶାଗ ତରକାରି ରୋଷେଇ କରେ । ସେ ଆଉ ମୋ ଦାଦାଙ୍କ ଝିଅ ଦୁହେଁ ମିଶି ଖେଳନ୍ତି । କେବେକେବେ ମୁଁ ବି ମିଶେ ତାଙ୍କ ସହ, ହେଲେ ମତେ ସେ ରୋଷେଇ ଖେଳ ବିଲକୁଲ ବି ଭଲ ଲାଗେନି । ଯଦି ବି ଖେଳେ ଥରେ ମାତ୍ର ଖେଳି ସବୁ ଭାଙ୍ଗିଦିଏ । ସେ ମୋ ଉପରେ ରାଗେ, କହେ "ତତେ ଖେଳ ଆସୁନି ତୁ ଆମ ସାଙ୍ଗେ ଖେଳିବୁନି ଯା.. ।" ତାର

 Download Magazine from www.aahwaan.com

ଖେଳ ଅବିରତ ଚାଲେ । ସକାଳ ହୁଏ, ସେ ତା ପିଲାମାନଙ୍କୁ ସ୍କୁଲ ପଠାଏ, ମିଛିମିଛିକା ରୋଷେଇ କରେ, ରୋଷେଇ ସାରି ସମସ୍ତଙ୍କୁ ଖାଇବାକୁ ଦିଏ । ପୁଣି ତାର ରାତି ହୁଏ, ପୁଣି ସକାଳ... । ତା ଖେଳରେ ନିରନ୍ତର ଘର ପରି ସେ ଖେଳୁ ଥାଏ । ଯେମିତି ସେଇଟା ହିଁ ତା ଜୀବନ,,, ତା ସଂସାର ।

ହେଲେ ଆଜି ବିବାହ ବୟସ ହେବା ବେଳେ ସେ ରୋକଠୋକ୍ ମନା କରିଦେଉଛି ବାହା ହେବିନି, ସଂସାର କରିବିନି । ମୁଁ ବି କୁଆଡେ ବାହା ହେଇ ଭୁଲ କଲି । ମୁଁ ତାକୁ ବୁଝାଏ ତତେ ମୋ ଠୁ ଭଲ ଶାଶୂଘର ଭଲ ବର, ସବୁ ଭଲ ଭଲ ମିଳିବ ଲୋ.... ! ହେଲେ ସେ ମାନେନା, କହୁଛି ବାହା ନହେଇ ଗୋଟେ ବୃଦ୍ଧାଶ୍ରମ କରିବ । ବାପାବୋଉଙ୍କ ଯତ୍ନ ନେବା ସହ ଅନେକ ବେସାହାରାଙ୍କର ବି ଦେଖାରେଖା କରିବ । ରୋଷେଇ ଖେଳ କେବଳ ପିଲାଦିନେ ଭଲ ଲାଗେ ବଡ଼ ହେଲେ ନୁହେଁ ।

ସତରେ କେତେ ଫରକ ଛୋଟ ନମିତା ଆଉ ଏବର ନମିତା ଭିତରେ । କାଲି ଯାହାର ଦିନ ଆରମ୍ଭ ହେଉଥିଲା ରୋଷେଇ ଖେଳ ବୋହୂ ବୋହୂକାରୁ, ସେ ଆଜି କହୁଛି ବୋହୂ ହେବିନି....

ଖଣ୍ଡଗିରି, ଭୁବନେଶ୍ୱର

Download Magazine from www.aahwaan.com

# ଯନ୍ତ୍ରଣା



ମଧୁସ୍ମିତା ପଟ୍ଟନାୟକ

ମୂଳ ରଚନା (ହିନ୍ଦୀ) : ରବି ପ୍ରତାପ ପାଠକ

ଓଡ଼ିଆ ଭାଷାନୁବାଦ : ମଧୁସ୍ମିତା ପଟ୍ଟନାୟକ



ନେହା ବଳବନ୍ତର ଫଟୋ ସାମନାରେ ମୂର୍ତ୍ତିଭଳିଆ ବସି ଏକଲୟରେ ତାକୁ ଚାହିଁ ରହିଥାଏ । ଗାଲ ଉପରେ ଶୁଖିଯାଇଥିବା ଲୁହର ଧାରା ତା' ହୃଦୟର ଯନ୍ତ୍ରଣାକୁ ସ୍ପଷ୍ଟ କରୁଥିଲେ । ତା' ଆଖି ଆଗରେ ରହି ରହି କେବଳ ସେହି ଦୃଶ୍ୟ ଉଭା ହେଉଥିଲା ।

କେତେ ଖୁସି ହୋଇଥିଲା ବଳବନ୍ତ ସେଦିନ, ସତେ ଯେମିତି ଯୁଦ୍ଧକୁ ନୁହେଁ, ବରଂ ନିଜ ପସନ୍ଦର ମନୋରଞ୍ଜକ ଯାତ୍ରାରେ ସେ ଯାଉଥିଲା । ନିଜର ବେଡ଼ିଂ ବାନ୍ଧିଲା ବେଳେ ଦେଶ

Download Magazine from www.aahwaan.com

ଭକ୍ତିର ଗୀତ ଥିଲା ତା ଓଠରେ, ଆଉ ସେପଟେ ନେହା ଲୋତକଭରା ଆଖିରେ ତାର ୟୁନିଫର୍ମ ତଥା ଅନ୍ୟାନ୍ୟ ଜିନିଷ ସବୁକୁ ବାକ୍ସରେ ରଖିଥାଏ ।

ଜଲଦି କର ନେହା, ରଞ୍ଜିତ ଆସୁଥିବ । ବେଡ଼ିଂର ହୋଲଡ଼ର ବାନ୍ଧିସାରି ବଳବନ୍ତ ନେହା ଆଡ଼କୁ ବୁଲିଲା । ବଳବନ୍ତର ଆଖିରେ ଆଖି ମିଶିବା ମାତ୍ରେ ହୃଦୟର ପୀଡ଼ା ଧୈର୍ଯ୍ୟର ବନ୍ଧକୁ ଭାଙ୍ଗି ସୁକୁ ସୁକୁ କାନ୍ଦଣାରେ ପରିଣତ ହେବାକୁ ଲାଗିଲା ।

"ଆରେ ଏ କଣ ? ତୁମେ ଯେ କାନ୍ଦୁଛ ନେହା । କଣ ଏମିତି କାନ୍ଦି କାନ୍ଦି ଓଦା ଆଖିରେ ମୋତେ ବିଦା କରିବ ?"ବଳବନ୍ତ ସ୍ନେହରେ ନେହାର ମୁହଁକୁ ଧିରେ ଧିରେ ଉପରକୁ ଉଠାଇକହିଲା, "ନା, ନେହା ନା । ତୁମେ ସାଧାରଣ ସ୍ତ୍ରୀଲୋକ ନୁହଁ । ବରଂ ଜଣେ ସିପାହୀର ସ୍ତ୍ରୀ, ଯାହା ଆଖିରେ ଲୁହ ନୁହେଁ ସ୍ୱାଭିମାନର ଆଲୋକ ଝଲସିବା କଥା । ଜଣେ ସିପାହୀର ସ୍ତ୍ରୀର ହୃଦୟ ଏତେ ଶକ୍ତ ହେବା ଦରକାର ଯିଏ କି ମାତୃଭୂମିପାଇଁ ଯଦି ତା' ସ୍ୱାମୀ ଶହୀଦ ହୁଏ ତେବେ ସେ ନ କାନ୍ଦି ଗର୍ବ କରିପାରିବ ।"

"ମୁଁ କେବେ ଚାହେଁନି ତୁମ କର୍ତ୍ତବ୍ୟର ରାସ୍ତାରେ ମୋ ଲୁହର ପାଚେରୀ ଠିଆ କରିବାକୁ । ହେଲେ ମୁଁ କଣ କରିବି ? ଏଇ ଦୁଇ ମାସ ଭିତରେ ତୁମ ସହିତ ରହିବା ମୋର ଅଭ୍ୟାସ ପଡ଼ିଗଲାଣି । ଏବେ ତୁମ ବିନା ଆଉ ତୁମଠୁ ଦୂରରେ ରହିବାର କଳ୍ପନାରେ ହିଁ ମୋ ମନ କଣ ହୋଇଯାଉଛି, ଆଉ ଶତଚେଷ୍ଟା କରିବା ପରେ ମଧ୍ୟ ମୋ ଆଖିର ଲୁହ ଶୁଖୁନି ।" ଏତିକି କହି ନେହା ବଳବନ୍ତର ଛାତି ଉପରେ ନିଜ ମୁଣ୍ଡକୁ ରଖିଦେଲା ।

ବଳବନ୍ତ ସ୍ନେହରେ ତାର ମୁଣ୍ଡକୁ ଆଉଁସି କହିଲା, "ସିପାହୀର ପରିବାର ଲୋକଙ୍କୁ ନିଜର ପ୍ରିୟଜନଙ୍କଠୁଁ ଦୂରରେ ରହିବାର ଅଭ୍ୟାସ କରିବାକୁ ପଡ଼େ । ସୈନିକ ନିଜ ପରିବାରକୁ ଛାଡ଼ି ଏଥିପାଇଁ ଦେଶର ସୀମାର ସୁରକ୍ଷାପାଇଁ ଯାଏ, ଯେ ଦେଶର ଅନ୍ୟ

 Download Magazine from www.aahwaan.com

ପରିବାରର ଲୋକମାନେ ନିଜ ପ୍ରିୟଜନଙ୍କ ସହିତ ରହିପାରିବେ । ନେହା ତୁମେ କଣ କେବେ ବି ବାପାଙ୍କ ପାଇଁ ମା ଆଖିରେ ଟୋପାଏ ଲୁହ ଦେଖିଛ ? ନୁହେଁ ନା...” ନେହା ନାସ୍ତିସୂଚକ ମୁଣ୍ଡ ହଲାଇଲା । ସେ ବି ତ ବାପାଙ୍କ ବିନା ଅଠରବର୍ଷ ହେଲାଣି କେବଳ ତାଙ୍କ ସ୍ମୃତିରେ ହିଁ ବଞ୍ଚିଛନ୍ତି । ଆମ ସିପାହୀ ଜୀବନର କି ଭରସା ? ଜଣାନାହିଁ କେତେବେଳେ ଶତୃପକ୍ଷର କେଉଁ ଗୁଳି ଆମ ଛାତିକୁ ଚିରିଦେବ । ଜଣାନାହିଁ, ଆମେ କେମିତି ଫେରିକି ଆସିବୁ, ଜୀବିତ କି... ନିଜର କୋମଳ ହାତକୁ ତା ମୁହଁରେ ଦେଇ ନେହା ବଳବନ୍ତର ଆଗାମୀ ଶବ୍ଦକୁ ଅଟକାଇ ଦେଲା ।

ବଳବନ୍ତ ତା ହାତକୁ ମୁହଁରୁ କାଢ଼ିଦେଇ କହିଲା, “ସତକୁ କେବେ ଲୁଚେଇଲେ ସେ ଲୁଚିବନି ନେହା । ଆଉ ଗୋଟିଏ ସତ କଥା ହେଉଛି, ମୁଁ ଫେରିବି ଆସିବି ନିଶ୍ଚୟ, ହୋଇପାରେ ଜିତିକରି ଆସିବି ଅଥବା ଜାତୀୟ ପତାକାକୁ ଛାତିରେ ରଖି ଶହୀଦ ଭାବରେ ଆସିବି । ତା ଛଡ଼ା ତମ ଗର୍ଭରେ ନିଜର ସ୍ମୃତି ରୂପରେ ଆମ ପ୍ରେମର ସନ୍ତକକୁ ଛାଡ଼ି ଯାଉଛି, ଯିଏ ତୁମକୁ ପ୍ରତି ମୁହୂର୍ତ୍ତରେ ମୋର ଉପସ୍ଥିତିକୁ ଅନୁଭବ କରାଇବ ।

ନେହା ପୁଣିଥରେ ବଳବନ୍ତର ଛାତିରେ ମୁଣ୍ଡ ଗୁଞ୍ଜିଦେଲା ଆଉ ବଳବନ୍ତ ତାକୁ ନିଜର ବାହୁ ବନ୍ଧନୀ ଭିତରେ ଜଡ଼ାଇ ନେଇ ଛାତିରେ ଲୁଚେଇ ଦେଲା । ଅଚାନକ ନେହାର ତନ୍ଦ୍ରା ଭାଙ୍ଗିଲା ବେଳକୁ ସବୁ ଦୃଶ୍ୟ ଯେମିତି ଅଦୃଶ୍ୟ ହୋଇଗଲା । ନିଜ କାନ୍ଧରେ କାହାର ସ୍ପର୍ଶ ଅନୁଭବ କରି ନେହା ବାସ୍ତବତାକୁ ଫେରି ଆସିଲା । ସେ ମା’ ହିଁ ଥିଲେ, ଯିଏ ନେହାର ଅଶ୍ରୁପୂର୍ଣ୍ଣ ଆଖିରୁ ତାର ଅନ୍ତରର ପୀଡ଼ାକୁ ପଢ଼ିବାକୁ ଚେଷ୍ଟା କରୁଥିଲେ ।

“ତୁ ଆଜି ପୁଣି ଲୁହର ହାତକୁ ଧରିଲୁ ? ତୋର କ’ଣ ହୋଇଛି ନେହା ? ଏ ଲୁହ ପୁଣି କଣ ପାଇଁ ? ବାରମ୍ବାର ତୋର ଆଖି ଓଦା କାହିଁକି ହେଉଛି ? ନିଜକୁ ସମ୍ଭାଳ ମା । ଏ ଲୁହ

 Download Magazine from www.aahwaan.com

ତୋ ପାଇଁ ନୁହେଁ, ଏହା ତ ସାଧାରଣ ସ୍ତ୍ରୀ ଲୋକଙ୍କ ଆଖିରେ ଶୋଭାପାଏ । ସଙ୍ଗୀତାକୁ ଦେଖ ରଞ୍ଜିତ ଶହିଦ ହେବାପରେ ସେ କେମିତି ନିଜ ମୁଣ୍ଡକୁ ଟାଣ କରି ନେଇଛି । ଶହୀଦର ସ୍ତ୍ରୀ ହେବାର ଗର୍ବ ଓ ଗୌରବ ତା ଚେହେରାରେ ସବୁବେଳେ ଚମକୁଛି । ଆଉ ତୁ ଦୁଃଖ ଓ ଲୁହ ଭିତରେ ବୁଡ଼ିରହି ନିଜର କି ଅବସ୍ଥା କରି ସାରିଲୁଣି ?”

ନେହା ଆଜି ସବୁ କଥା କହିଦେବାପାଇଁ ସତେ ଯେମିତି ଆତୁର ହୋଇ ପଡୁଥାଏ । “ମା, ମୁଁ ମଧ୍ୟ ଗର୍ବରେ ମୁଣ୍ଡ ଉପରକୁ କରି ଚାଲିଥାନ୍ତି, ମୁଁ ବି ଆଖିର ଲୁହର ସାଗରକୁ ପିଇ ଦେଇଥାନ୍ତି, ମୁଁ ମଧ୍ୟ ମୋ ଛାତିରେ ସତ୍ୟର ଭାରି ପଥରକୁ ରଖି ନିଜ ହୃଦୟକୁ ଟାଣ କରିଥାନ୍ତି, ଯଦି ମୋ ସ୍ୱାମୀ ଭାରତମାତାର ମର୍ଯ୍ୟାଦା ଆଓ ଗର୍ବଗୌରବର ରକ୍ଷା କରୁ କରୁ ଶହୀଦ ହୋଇ ସମ୍ମାନର ସହିତ ତ୍ରିରଙ୍ଗା ପତାକାକୁ ଘୋଡ଼େଇ ହୋଇ ଘରକୁ ଫେରିଥାନ୍ତେ ଆଉ ସାରା ସହର ଅଶ୍ରୁପୂତ ନୟନରେ ତାଙ୍କୁ ସ୍ୱାଗତ କରିଥାନ୍ତା ।” କିନ୍ତୁ ମା’ ମୁଁ କେଉଁ କଥାକୁ ନେଇ ଗର୍ବ କରିବି ? କଣ କହି ନିଜ ମନକୁ ବୁଝେଇବି । ମୁଁ ଯେ ବର୍ତ୍ତମାନ ସଧବା ନା ବିଧବା ? ତାହା ମଧ୍ୟ ନିର୍ଣ୍ଣୟ କରିପାରିନି ।

ମା’ଙ୍କର ଦୁଇ ହାତକୁ ନିଜ ହାତରେ ଧରି ନେହା ପଚାରିଲା, ଆପଣ କୁହନ୍ତୁ ମା । ମୁଁ ନିଜକୁ କଣ ଭାବିବି, ସଧବା ନା ବିଧବା ? ବିଧବା ତ ମୁଁ ହୋଇପାରିବିନି, କାରଣ ଯୁଦ୍ଧକୁ ଯାଇଥିବା ସିପାହୀର ମୃତ୍ୟୁ ହୁଏନି, ବରଂ ସେ ଶହୀଦ ହୁଅନ୍ତି ଆଉ ଯାଙ୍କର ଶହୀଦ ହେବାର କୌଣସି ଖବର ଆଜିଯାଏଁ ଆସିନି । ଯୁଦ୍ଧ ଜିତିବାର ବର୍ଷେ ହେବାକୁ ଆସିଲାଣି । ମୋ ମନ କହୁଛି ନା’ତ ସେ ଯୁଦ୍ଧରେ ଶହୀଦ ହୋଇଛନ୍ତି, ନା’ତ ତାଙ୍କର ସାଧାରଣ ମୃତ୍ୟୁ ହୋଇଛି । ମା ଏବେ ଆପଣ ଟିକିଏ ଭାବନ୍ତୁ ତ ଜଣେ ନିରୁଦ୍ଦିଷ୍ଟ ସୈନିକର ସ୍ତ୍ରୀ ନିଜ ମନକୁ କେମିତି ବୁଝେଇବ ? କେମିତି ନିଜ ଆଖିର ଲୁହକୁ ବନ୍ଦ କରିବ ? ନେହାର ପ୍ରଶ୍ନ ମା’ଙ୍କ ମନକୁ

Download Magazine from www.aahwaan.com

ଦୋହଲାଇ ଦେଲା ।

ମା, ସେ ତ ମୋତେ ଶହୀଦ ହୋଇ କିମ୍ବା ଜିତିକି ଆସିବାର କଥା ଦେଇଥିଲେ । ସେ ତ ଶହୀଦ ହେଲେନି, ଆଉ ଯୁଦ୍ଧରେ ଆମେ ଜିତି ସାରିଛେ । ତେଣୁ ଖାଲି ଏଇ କଥା ଭାବି ଭାବି ମନରେ ଟିକେ ଭୟ ଆସୁଛି ଯେ ଶତ୍ରୁ ପକ୍ଷ ତାଙ୍କୁ ବନ୍ଦୀ କରିନାହାନ୍ତି ତ । ଆଉ ନାନା ପ୍ରକାରର ଶାରୀରିକ ଯନ୍ତ୍ରଣା ଦେଉନାହାନ୍ତି ତ ? ପୁଣି ଥରେ ଲୁହରେ ଓଦା ହେବାକୁ ଲାଗିଲା ନେହାର ଚେହେରା । ସେ ମା'ଙ୍କୁ କୁଣ୍ଢେଇ ପକାଇଲା ।

ମା ଏବେ ଅନୁଭବ କରିପାରିଲେ, ସତରେ ଶହୀଦର ସ୍ତ୍ରୀ ହେବାର ଯନ୍ତ୍ରଣାଠୁ ଅଧିକ ଯନ୍ତ୍ରଣା ହେଉଛି ନିରୁଦ୍ଧିଷ୍ଟ ସୈନିକର ସ୍ତ୍ରୀ ହେବାର ଯନ୍ତ୍ରଣା । ଶହୀଦର ସ୍ତ୍ରୀ ସାମନାରେ ଥାଏ ସତ୍ୟତା ଆଉ ନିରୁଦ୍ଧିଷ୍ଟ ସୈନିକର ସ୍ତ୍ରୀ ସାମନାରେ ଥାଏ କେବଳ ଅନାଗତ ଆଶଙ୍କାର ଗନ୍ତାଘର...

ଅଚାନକ ରାହୁଲର କାନ୍ଦିବା ଶବ୍ଦରେ ଦୁଇଜଣଙ୍କର ଧ୍ୟାନ ଭଗ୍ନ ହେଲା । ସେ ଉଠି ଯାଇଥିଲା । ନେହା ନିଜ ଲୁହକୁ ପୋଛି ରାହୁଲକୁ କୋଳରେ ଉଠେଇ ଥାପୁଡ଼େଇ ଥାପୁଡ଼େଇ ଚୁପ୍ କରାଇବାକୁ ଲାଗିଲା ।

୨୭, ବ୍ରହ୍ମେଶ୍ୱର ବାଗ
ଟଙ୍କପାଣି ରୋଡ଼, ଭୁବନେଶ୍ୱର

Download Magazine from www.aahwaan.com

# ଭାଗ୍ୟର ବିଡ଼ମ୍ବନା



ନୃସିଂହ ଚରଣ ବେହେରା

ଜୟା ଓ ଜ୍ୟୋତି ଦୁହେଁ ଭାରି ସାଙ୍ଗ । ଦୁହେଁ ଦୁହିଁଙ୍କୁ ଚିହ୍ନିଛନ୍ତି ପ୍ରାୟ ସ୍କୁଲରେ ପଢ଼ିବା ସମୟରୁ । ଦୁହିଁଙ୍କ ଭିତରେ ସମ୍ପର୍କର ସେତୁ ପ୍ରଗାଢ଼ । ଆଜି ଡାକ୍ତରଖାନାରୁ ଡ୍ୟୁଟି ସାରି ଘରେ ପହଞ୍ଚୁ ପହଞ୍ଚୁ ଟିକେ ଡେରି ହୋଇଗଲା ଦୁହିଁଙ୍କର । ଆସି ସାଙ୍ଗେ ସାଙ୍ଗେ ନିଜର ପୋଷାକ ବଦଳାଇ ମୁହଁ ହାତଧୋଇ ଦୁଇଟି ଚୌକିରେ ବସିଗଲେ । ସବୁଦିନପରି ଜୟା କିଛି ସମୟ ପରେ ସେଠାରୁ ଉଠି ରୋଷେଇ ଘରକୁ ଯାଇ ଚା' ତିଆରି କଲା । ଚା' ସହିତ କିଛି ବିସ୍କୁଟ୍ ଆଣି ଜ୍ୟୋତିକୁ ଦେଲା, ଆଉ ପାଖରେ ବସି ଚା' ପିଇଲା । ଚା' ପିଇ ସାରିବାପରେ ଜୟା ରୋଷେଇ ଘରକୁ ଯାଇ ଡିନର୍ ପ୍ରସ୍ତୁତ କରିବାକୁ ଲାଗିଲା ।

ଜ୍ୟୋତି ଜୟା ପଛେ ପଛେ ରୋଷେଇଘରକୁ ଯାଇ କହିଲା, "ତୁ ତ ସବୁଦିନ ରୋଷେଇ କରୁଛୁ । ଆଜି ମୁଁ ରୋଷେଇ କରିବି । ସବୁଦିନ ତୁ ଏମିତି ଖଟୁଥିବୁ ଆଉ ମୁଁ ବସି ବସି ଗିଳୁଥିବି ? ମୋତେ ଜମାରୁ ଭଲ ଲାଗୁନି ।" ଜୟା ହସିଦେଇ ତା' ମୁଣ୍ଡକୁ ଟିକେ ଆଉଁସି ଦେଇ କହିଲା, "ଶୁଣ, ତୁ ସାନ । ମୁଁ ଥାଉ ଥାଉ ତୁ କାହିଁକି କାମ କରିବୁ ? କାମ କରିବା ଦିନ କ'ଣ ସରିଗଲାଣି ? ଯେତେବେଳେ ଦରକାର ପଡ଼ିବ ତୁ କରିବୁ । ଏବେ ନୁହେଁ । ଆମେ ଦୁଇଜଣ ଯେତେବେଳେ ପାଠ ପଢୁଥିଲେ ମା ରୋଷେଇ କରୁଥିଲେ । ମୋତେ ଭଲ ଲାଗୁଥିଲା ବୋଲି ମୁଁ ମାଆ ପଛେ ପଛେ ଯାଇ ସାହାଯ୍ୟ କରିବା ଆଳରେ ସବୁ ଶିଖୁଥିଲି । ତୁ ତ ପିଲାବେଳୁ ରୋଷେଇଘରେ ପାଦ ଦେଇନୁ । ଏବେ ଏତେ ବ୍ୟସ୍ତ କାହିଁକି ? ଯା ତୁ ବସି ଖବର କାଗଜ ପଢ଼ିବୁ । ରୋଷେଇ ସରିଗଲେ ଆସିବୁ ।"

 Download Magazine from www.aahwaan.com

ଜୟା ଓ ଜ୍ୟୋତି ଦେଖିବାକୁ ଗଲେ ଦୁଇ ସାଙ୍ଗ ଆଉ ଦୁଇ ଭଉଣୀ ମଧ୍ୟ । ଏକାଠି ସ୍କୁଲରେ ପାଠ ଶେଷ କରି କଲେଜରେ ଯୁକ୍ତ ଦୁଇ ପଢ଼ିଲେ । ଦୁଇଜଣ ଭଲ ପଢୁଥିଲେ, ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ବି ସଫଳ ହେଲେ ଆଉ ଏକାଠି ପଢ଼ିଲେ । ହଷ୍ଟେଲରେ ବି ଗୋଟିଏ ରୁମରେ ରହି ପଢୁଥିଲେ । କଲେଜରେ ସବୁ ଜାଣନ୍ତି ଏମାନେ ଦୁଇ ଭଉଣୀ ବୋଲି । ପାଠ ଯଦି ପଢୁଥିବେ ତ ପଢୁଥିବେ । ରାତି ପାହିଗଲେ ବି ସେମାନଙ୍କୁ ଜଣାପଡ଼େନି । ସବୁବେଳେ ପରସ୍ପରର କଥା ବୁଝାବୁଝି କରି ରହୁଥିଲେ । ପରସ୍ପରକୁ ଛାଡ଼ି ଏକା ରହିବା ଭଳି ଅବସ୍ଥା ସେମାନେ କେବେ ଦେଖି ନାହାନ୍ତି । କଲେଜ ହେଉ ବା ବଜାର ସବୁଠି ଦୁଇଜଣ ହଳ ହୋଇ ଥିବେ ।  ଯେଉଁଦିନ ଘର ଛାଡ଼ି ଡାକ୍ତରୀ ପଢ଼ିବାକୁ ଆସିଥିଲେ ମା କହିଥିଲେ ଜୟାକୁ ଜ୍ୟୋତିର ଧ୍ୟାନ ନେବାପାଇଁ ଆଉ ସେ ସେଥିରେ କେବେ ବି ଅବହେଳା କରିନାହିଁ । ଡାକ୍ତରୀପାଠ ସାରିଦେଇ ତିନିବର୍ଷ ହେଲା ଏକାଠି ଚାକିରୀ କରୁଛନ୍ତି ଆଉ ଆଗକୁ ପଢ଼ିବା ପାଇଁ ପ୍ରସ୍ତୁତ ହେଉଛନ୍ତି ।

ରୋଷେଇ ଶେଷ ହେଲା, ଦୁଇଜଣ ଏକାଠି ଖାଇ ଟିକିଏ ବିଶ୍ରାମ ନେଲେ । ତା'ପରେ ବସି ପାଠ ପଢ଼ିବାକୁ ଲାଗିଲେ । କିଛି ସମୟପରେ ଜ୍ୟୋତି ଲକ୍ଷ୍ୟକଲା ଜୟା କେମିତି ଗୋଟିଏ ଅନ୍ୟମନସ୍କ ହୋଇଯାଇଛି । ଯେମିତି କିଛି ଗୋଟିଏ ବିଷୟରେ ଗମ୍ଭୀରତାର ସହ ଚିନ୍ତା କରୁଛି । ତେଣୁ ସେ ଜୟାକୁ ହଲେଇ ଦେଇ ପଚାରିଲା, “କଣ ହେଇଛି ? ତୁ ଏତେ ଅନ୍ୟମନସ୍କ ହୋଇ କଣ ଭାବୁଛୁ ?” ତା କଥା ଶୁଣି ଜୟା ପ୍ରକୃତିସ୍ଥ ହୋଇ କହିଲା, “ଆଜି ମହିଳା ୱାର୍ଡ଼ରେ ଜଣେ ରୋଗୀକୁ ଦେଖି ମୋର ପୂର୍ବକଥା ସବୁ ମନେ ପଡ଼ିଗଲା ।”

“ଓହୋ, ମୋର ୱାର୍ଡ଼ରେ ଆଜି ବହୁତ ଭିଡ଼ ଥିଲା ତେଣୁ ତୋ ୱାର୍ଡ୍ ଆଡ଼େ ଆଉ ଯାଇ ପାରିଲିନି । କହିଲୁ ସେ ରୋଗୀର କଣ ହୋଇଛି ?” ଜ୍ୟୋତି ପଚାରିଲା ।

କିଛି ସମୟର ଅସହ୍ୟ ନିରବତାପରେ ଦୀର୍ଘଶ୍ୱାସ ନେଇ କହିଲା, "ହଉ କହୁଛି ଶୁଣ । ଆଜି ମହିଳା ୱାର୍ଡ଼ରେ ମୁଁ ନମିତା ନାମକ ରୋଗୀକୁ ଭେଟିଲି । ସେ ଗୋଟେ ହତଭାଗିନୀ ଝିଅ । ସମୟକ୍ରମେ ତା ଭାଗ୍ୟ ଆକାଶରେ କଳାବାଦଲ ଘୋଟିଯାଇଛି । ଅଳ୍ପଦିନ ତଳେ ତା ବିବାହ ହୋଇଛି । ସ୍ୱାମୀ, ଶାଶୁଶଶୁର, ଦାଦା ଶଶୁର, ଦିଅର, ନଣନ୍ଦରେ ତାର ସଂସାର । ଦୁଇଦିନ ତଳେ ଖୁଡ଼ିଶାଶୁଙ୍କ ସାଙ୍ଗରେ ପାଖ ଗାଁକୁ ଭୋଜି ଖାଇବାକୁ ଯାଇଥିଲା । ଭୋଜିଖାଇ ରାତିରେ ଘରକୁ ଫେରିବା ବାଟରେ କିଛି ଅସାମାଜିକ ଯୁବକଙ୍କ ପାଶବିକ ଅତ୍ୟାଚାରର ଶୀକାର ହେଲା । ଖୁଡ଼ିଶାଶୁଙ୍କୁ ସେଇ ଯୁବକମାନେ ନିସ୍ତୁକ ମାଡ଼ମାରି ଗଛରେ ବାନ୍ଧି ଦେଇଥିଲେ । ଏହି ଝିଅଟି ବେହୋସ ହୋଇଯାଇ ଥିବାରୁ ସେମାନେ ଭାବିଲେ ଝିଅଟି ମରିଯାଇଛି, ତେଣୁ ସେମାନେ ସେଠାରୁ ଫେରାର ହୋଇଗଲେ । ଖୁଡ଼ିଶାଶୁଙ୍କ ଚିତ୍କାର ଶୁଣି କେତେ ସମୟ ପରେ ଲୋକମାନେ ଆସି ସେମାନଙ୍କୁ ଉଦ୍ଧାର କଲେ । ସେ ଦୁହେଁ ଏବେ ଆମ ଡାକ୍ତରଖାନାରେ ଭଲ ଅଛନ୍ତି । ହେଲେ ନମିତାର ଆଖିରୁ ଲୁହ ଶୁଖୁନି । ସେ କେବଳ କାନ୍ଦି ଚାଲିଛି । ଯେତେ ବୁଝେଇଲେ ବି ବୁଝୁନି । ପୋଲିସକୁ କିଛି କହିଲେ ପ୍ରାଣରେ ମାରିଦେବେ ବୋଲି ସେଇ ଯୁବକମାନେ ଧମକ ଦେଇ ଯାଇଛନ୍ତି । ଆଉ ତା' ସ୍ୱାମୀକୁ ଦେଖିଲେ ତା ଆଖିରୁ ଝିଅଟି ପାଇଁ ଦୁଃଖ, କ୍ଷୋଭ, ଆଉ ଘୃଣାର ମିଶାମିଶି ଭାବନା ପ୍ରକାଶ ପାଉଛି । ଯେମିତି ଏଇ ଘଟନା ପଛରେ ସେ ନିରୀହ ଝିଅଟିର ହିଁ ସବୁ ଦୋଷ । ଘର ଲୋକମାନେ ପୋଲିସରେ ଖବର ଦେବାପରେ ତଦନ୍ତ ଚାଲିଛି । ଆଜି ପୋଲିସ ଝିଅଟିର ଜମାନବନ୍ଦୀ ନେବାକୁ ଆସିଥିଲେ । ପୋଲିସକୁ ଦେଖି ସେ ଯେଉଁ ଅନ୍ତର ଥରିଲା ଭଳି କାନ୍ଦିଲା ପୁରା ୱାର୍ଡର ଲୋକ ଆଶ୍ଚର୍ଯ୍ୟ ହୋଇଗଲେ । ମୁଁ ତ ତା କାନ୍ଦ ଦେଖି ପଳାଇଲି । ଏତିକି କହି ଜୟା ଭୋ ଭୋ ହୋଇ କାନ୍ଦିଲା । ତାକୁ ଏମିତି କାନ୍ଦିବାର ଜ୍ୟୋତି କେବେ ଦେଖିନଥିଲା ।

Download Magazine from www.aahwaan.com

ଜ୍ୟୋତି ତାକୁ ଅନେକ ବୁଝେଇଲା ପରେ ସେ ତୁନି ହେଲା । ସେ ଏମିତି ବିକଳ ହୋଇ କାନ୍ଦୁଥିଲା ବୋଲି ଜ୍ୟୋତି ପଚାରିବାରୁ ଜୟା ତାକୁ ଲୁହଛଳଛଳ ନୟନରେ ଚାହିଁ କହିଲା, ତୁ ମୋର ଦୁଃଖଭରା କାହାଣୀ ଜାଣିନାହୁଁ । ମୋ ଜୀବନରେ ବି ଏମିତି ଏକ ଦୁର୍ଘଟଣା ଘଟିଥିଲା । ମୁଁ ମା'ଙ୍କୁ ସବୁ କଥା କହିଛି । ତୋତେ ମା' କି ମୁଁ ଏ ବିଷୟରେ କିଛି କହିନଥିଲୁ । ତୁ ତ ଏବେ ଆଉ ଛୋଟ ପିଲା ହୋଇନାହୁଁ, ତେଣୁ ତୋ ଆଗରେ କଥାଟା ଲୁଚେଇବା ଆବଶ୍ୟକ ନାହିଁ । ହେଲେ ମୋତେ କଥା ଦେ ଯେପରି ତୁ ଏ କଥା ଆଉ କାହାକୁ କେବେ ନ କହୁ । ଜ୍ୟୋତି ଜୟାର ଦୁଇ ହାତକୁ ଧରି କହିଲେ, ମୁଁ ସତ୍ୟ କରି କହୁଛି ମୋ ଜୀବନରେ ଥିବା ଯାଏ ମୁଁ ଏ କଥା କାହାରି ଆଗରେ କହିବିନି ।

ଜୟା ଟିକେ ବିରାମ ନେଇ କହିଲା, ହଉ ତେବେ ଶୁଣ । ମୁଁ ଗାଁ ସ୍କୁଲରେ ନବମଶ୍ରେଣୀରେ ପଢୁଥିଲି । ପ୍ରଥମରୁ ନବମଶ୍ରେଣୀ ପର୍ଯ୍ୟନ୍ତ ମୁଁ ସବୁବେଳେ କ୍ଲାସରେ ପ୍ରଥମ ସ୍ଥାନ ଅଧିକାର କରୁଥିଲି । ତେଣୁ ସବୁ ଶିକ୍ଷକମାନେ ମୋତେ ବହୁତ ଭଲ ପାଆନ୍ତି । ଛାତ୍ରଛାତ୍ରୀଙ୍କର ମଧ୍ୟ ମୁଁ ପ୍ରିୟଥିଲି । ସ୍କୁଲରେ ଯେତେ ପ୍ରତିଯୋଗୀତା ହୁଏ ପ୍ରାୟ ମୁଁ ପ୍ରଥମ ହେଉଥିଲି । ମୋତେ ଜଣାନଥିଲା ଯେ ଯେଉଁ ପିଲାଟି ଦ୍ୱିତୀୟ ହୁଏ ତା ବଡ଼ଭାଇମାନେ ମୋତେ ଇର୍ଷ୍ୟା କରନ୍ତି ବୋଲି । ସେ ସବୁବେଳେ ଚେଷ୍ଟା କରୁଥାନ୍ତି ନିଜକୁ ପ୍ରଥମ କରିବାପାଇଁ । ଦିନେ ରବିବାର ହୋଇଥାଏ । ମୁଁ ମାମୁଁଙ୍କ ଘରକୁ ଯାଇଥିଲି ସଞ୍ଜବେଳେ ମାମୁଁଙ୍କ ସ୍କୁଟରରେ ବସି ଆମେ ଘରକୁ ଫେରୁଥାଉ । ଆମ ସାଇଡ଼ରେ ଗୋଟିଏ କାର୍ ଆସି ଅଟକିଗଲା । ମାମୁଁ ସ୍କୁଟର ଅଟକାଇଲେ, କାର ଭିତରୁ ଜଣେ କେହି ପାଖ ଗାଁକୁ ଯିବାପାଇଁ ରାସ୍ତା କେଉଁପଟେ ବୋଲି ପଚାରିଲା । ଏହି ସମୟରେ କାର କବାଟ ଖୋଲି ଚାରିଜଣ ଲୋକ ଆଗେଇ ଆସି ମାମୁଁଙ୍କୁ ଅତର୍କିତ ଆକ୍ରମଣ କଲେ । ଫଳରେ ମାମୁଁ ବେହୋସ ହୋଇ

 Download Magazine from www.aahwaan.com

ସେଇଠି ପଡ଼ିଗଲେ । ମୁଁ କିଛି ବୁଝିବାପୂର୍ବରୁ ସେମାନେ ଜଣ ଜଣ କରି ମୋ ଉପରେ ପାଶବିକ ଅତ୍ୟାଚାର କରିବାକୁ ଲାଗିଲେ । ମୁଁ ଭୟ ଓ ଯନ୍ତ୍ରଣାରେ ଚେତା ହରାଇଲି । ବୋଧେ ସେମାନେ ମାମୁଁଙ୍କୁ ଉଠେଇକି ଆଉ କେଉଁଠିକୁ ନେଇ ଯାଇଥିଲେ । ମୋର ଚେତା ଫେରିବା ବେଳକୁ କେବଳ ସ୍କୁଟରଟା ପଡ଼ିଥିଲା, ମାମୁଁଙ୍କ ଦେଖା ନଥିଲା । ମୁଁ କଣ କରିବି କିଛି ଚିନ୍ତା କରି ପାରିଲି ନାହିଁ । ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦିଶିଲା । କିଛି ସମୟ ପରେ ଭାବିଲି, ଯଦି ଏ କଳଙ୍କର ଟିକାକୁ ନେଇ ଘରକୁ ଯିବି ଆଉ ଘରଲୋକ ମୋତେ ଗ୍ରହଣ ନ କରିବେ ତେବେ କଣ ହେବ ? ଯଦି ଘର ଲୋକ ମୋତେ ଗ୍ରହଣ କରନ୍ତି ତେବେ ଏ କଳଙ୍କର ଦାଗପାଇଁ ସେମାନେ କାହାକୁ ମୁହଁ ଦେଖାଇ ପାରିବେନି । ପୋଲିସ ପାଖକୁ ଯାଇ ସମାଜ ଆଗରେ ନିଜକୁ ପ୍ରକାଶ କରିବା ଅପେକ୍ଷା ବରଂ ମୃତ୍ୟୁଭଲ । ପ୍ରଥମେ ଭାବିଲି ଆତ୍ମହତ୍ୟା କରିବି । ତା ପରେ ଭାବିଲି ଆତ୍ମହତ୍ୟା କରିବା ମହାପାପ । ତା ଛଡ଼ା କେବଳ ଭୀରୁ, କାପୁରୁଷ ମାନେ ହିଁ ଆତ୍ମହତ୍ୟା କରନ୍ତି । ତା ଛଡ଼ା ଏ ଯେଉଁ ଘଟଣା ଘଟିଲା ସେଥିରେ ମୋର ବା ଦୋଷ କଣ ?ତେଣୁ ସେଠୁ ଚାଲି ଚାଲି ଦଶ କିଲୋମିଟର ଦୂରରେ ଥିବା ଷ୍ଟେସନକୁ ଗଲି । ସେଠି ଦେଖିଲି ଗୋଟିଏ ଟ୍ରେନ୍ ଲାଗିଛି । ଆଉ ଆଗପଛ ବିଚାର ନ କରି ମୁଁ ଟ୍ରେନରେ ଚଢ଼ିଗଲି ।

ମୁଁ ଜାଣିନଥିଲି ମୋତେ ମୋ ଭାଗ୍ୟ କେଉଁଆଡ଼େ ନେବ । ବିଷାଦର ଅନ୍ଧକାରକୁ ଚିରି ମୁଁ ବଞ୍ଚିବାକୁ ଚାହୁଁଥିଲି ଆତ୍ମସମ୍ମାନର ସହ । ତା ପରଦିନ ଚାରିଟା ବେଳକୁ ଗାଡ଼ି କେଉଁଠି ଅଟକିଲା ସେଠୁ ଗାଡ଼ିରୁ ଓହ୍ଲାଇ ମୁଁ ଲକ୍ଷ୍ୟହରା ଯାତ୍ରୀଟିଏ ପରି ଚାଲିଲି ଆଗକୁ ଆଗକୁ । ମୋ ଭାଗ୍ୟକୁ ମାଙ୍କୁ ଦେଖିଲି । ସେ ସ୍କୁଲରୁ ଫେରୁଥାନ୍ତି ଏକୁଟିଆ । ତାଙ୍କୁ ଦେଖି ସେଇ ରାସ୍ତା ଉପରେ ମୁଁ ତାଙ୍କ ଗୋଡ଼ତଳେ ପଡ଼ିଗଲି । ସେ ମୋତେ ଦେଖି କଣ ଭାବିଲେ କେଜାଣି

 Download Magazine from www.aahwaan.com

ମୋତେ ତଳୁ ଉଠାଇ ମୁଣ୍ଡକୁ ଆଉଁସି ଦେଲେ ଆଉ ନିଜ ସହିତ ଘରକୁ ନେଇ ଆସିଲେ । ଘରେ ପହଞ୍ଚିବାପ୍ରେ ସେ ମୋତେ ତୋର ଡ୍ରେସ୍‌ଟିଏ ଦେଇ କହିଲେ, ମା ଆଗ ଯା ଗାଧୋଇପଡ଼ି ସଫା ଡ୍ରେସଟି ପିନ୍ଧି ଆସ କିଛି ଖାଇବୁ । ପଛରେ ତୋ କାହାଣୀ କହିବୁ ।

ମୁଁ ମା'ଙ୍କ ମମତାମୟୀ ରୂପ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଭାବିଲି ସତରେ ଏ ଦୁନିଆରେ ଏମିତି ଲୋକ ଅଛନ୍ତି ? ଗୋଟିଏ ଅଜଣା ଅଶୁଣା ଝିଅକୁ ଏତେ ସ୍ନେହ ଦେଇ ପାରନ୍ତି । ମୁଁ ମା'ଙ୍କ କଥାମାନି ଗାଧୋଇ ସାରି ତୋ ଡ୍ରେସ ପିନ୍ଧିଲି ।  ତା ପରେ ମା ଯାହା ଖାଇବାକୁ ଦେଲେ ତାକୁ ସୁନାପିଲା ପରି ସବୁ ଖାଇଦେଲି । ଖାଇସାରି ଶୋଇପଡ଼ିଲି । ରାତିରେ ତୁ ଶୋଇବାପରେ ମା'ଙ୍କୁ ମୋର ଦୁଃଖର କାହାଣୀ ସବୁ କହିଲି । ସେ ସବୁ କଥା ଶୁଣିବାପରେ ମୋତେ ବହୁତ ବୁଝାଇଲେ । ତାପରେ ମୋତେ ପଚାରିଲେ ମୁଁ କଣ କରିବାକୁ ଚାହୁଁଛି ? ମୁଁ ମା'ଙ୍କୁ କହିଲି କେଉଁଠାରେ କିଛି କାମ କରି ନିଜ ପେଟ ପୋଷିବି । ଏହା ଶୁଣି ମା ମୋତେ କହିଲେ, ତୋର କେଉଁଠି କାମ କରିବା ଦରକାର ନାହିଁ । ତୁ ମୋ ସହିତ ଏଇଠି ରହିବୁ । ମୋ ଝିଅ ହୋଇ ଏଇଠି ତୁ ପଢ଼ିବୁ  ।

ମା'ଙ୍କ କଥା ଶୁଣି ମୁଁ କାନ୍ଦି ପକାଇଲି । ମୋ ଭାଗ୍ୟକୁ ମୁଁ ଆଉ କଣ ନିନ୍ଦିବି । ସେଇ ଭାଗ୍ୟବଳରେ ମୁଁ ମାଙ୍କୁ ପାଇଲି । ତୁ ବି ସେତେବେଳେ ନବମଶ୍ରେଣୀରେ ପଢୁଥିଲୁ । ମା ମୋତେ ବି ନେଇ ତୋ ସ୍କୁଲରେ ନାଁ ଲେଖେଇ ଦେଲେ । ମୋ ପାଇଁ ସ୍କୁଲ ଡ୍ରେସ୍ ତିଆରି କରିଦେଲେ । ତାପରେ ଆମେ ଦୁଇଜଣ ସାଙ୍ଗ ହୋଇ ପାଠ ପଢ଼ିଲେ । ମା ତୋତେ କହିଲେ କି ମୁଁ ତାଙ୍କର ଦୂର ସମ୍ପର୍କୀୟ ଭଉଣୀଙ୍କ ଝିଅ । ତେଣୁ ସମ୍ପର୍କରେ ମୁଁ ତୋର ଭଉଣୀ ଆଉ ଏବେ ମୁଁ ତୁମ ଘରେ ରହି ଆଗକୁ ପାଠ ପଢ଼ିବାକୁ ଆସିଛି । ତାପରେ ଆମେ ଦୁହେଁ ଭଉଣୀ ବେଷ୍ଟ ଫ୍ରେଣ୍ଡସ୍ ହୋଇଗଲେ । ମାଙ୍କୁ ନ ଜଣାଇ ମୁଁ ଆମ ଘରକୁ ଚିଠିଟିଏ ଲେଖି ସବୁ

Download Magazine from www.aahwaan.com

ଘଟନା ବିଷୟରେ ଜଣାଇଦେଲି । ଏହା ମଧ୍ୟ ଲେଖିଲି, ମୋତେ ଖୋଜିବାକୁ ଚେଷ୍ଟା କରିବନି । କାରଣ ଏ ଚିଠି ପାଇଲା ବେଳକୁ ମୁଁ ଆଉ ଏ ଦୁନିଆରେ ନଥିବି । ଦିନପରେ ଦିନ ଆଉ ମାସପରେ ମାସ ବିତିଗଲା । ବାକି ସବୁ ତ ତୁ ଜାଣୁ । ବାପା ସିନା ଅକାଳରେ ଦୁର୍ଘଟଣାରେ ଚାଲିଗଲେ । ହେଲେ ମା କେତେ ଧୈର୍ଯ୍ୟର ସହ ସାହସର ସହିତ ସବୁ ଦାୟିତ୍ୱକୁ ଭଲ ଭାବରେ ତୁଲାଇଛନ୍ତି । ସବୁ ବନ୍ଧୁବାନ୍ଧବଙ୍କ ଆଗରେ ମୋତେ ନିଜର ଝିଅ ବୋଲି ହିଁ ପରିଚିତ କରାଇଛନ୍ତି ।

ଆଜି ଯେତେବେଳେ ନମିତାକୁ ଦେଖିଲି ମୋତେ ମୋର ସେଇ ପୁରୁଣା ଦିନ ସବୁ ମନେ ପଡ଼ିଗଲା । ଯଦି ମା'ଙ୍କ ସହ ଭେଟ ନ ହୋଇଥାନ୍ତା ଆଜି ମୁଁ କେଉଁଠି ଥାଆନ୍ତି କହି ପାରିବିନି । ମୋର ଅବସ୍ଥା ଯେ କଣ ହୋଇଥାନ୍ତା ମୁଁ ଆଜି ଭାବିପାରୁନି ।

ତୁ କହ ଜ୍ୟୋତି, ଏମିତି ଦୁର୍ଘଟଣା ପାଇଁ ସବୁବେଳେ ନାରୀଟେ ହିଁ କାହିଁକି କଷ୍ଟ ଭୋଗିବ ? ଏଥିରେ ଗୋଟେ ନାରୀ କିମ୍ବା ଝିଅର କି ଦୋଷ ? ଏ ସମାଜରେ କଣ ଗୋଟିଏ ଝିଅକୁ ଶାନ୍ତିରେ ସମ୍ମାନର ସହିତ ବଞ୍ଚିବାର ଅଧିକାର ନାହିଁ ? ବେଳେ ବେଳେ ମୁଁ ଭାବେ ଏହା କଣ ଭାଗ୍ୟର ବିଡ଼ମ୍ବନା ନା ସମାଜ ପରିଚାଳିତ ନିୟମ ଯାହା ସବୁବେଳେ ନାରୀ ଆଡ଼କୁ ଆଙ୍ଗୁଠି ଦେଖାଏ । ଏ ପୁରୁଷପ୍ରଧାନ ସମାଜରେ ଗୋଟିଏ ନାରୀକୁ ସମ୍ମାନର ସହ ବଞ୍ଚିବାର ଅଧିକାର କେବେ ମିଳିବ ?

ସବୁ ପୀଡ଼ିତାଙ୍କୁ ମା'ଙ୍କ ଭଳି ଦେବୀ ମିଳିବା ସହଜ ନୁହେଁ । ଆଉ ଯଦି ମା'ଙ୍କ ଭଳି ଜଣେ ଜଣେ ଦେବୀ ଯଦି ଦୁଃସ୍ଥ, ଅସହାୟଙ୍କୁ ମିଳିବେ ତା ହେଲେ ବୋଧହୁଏ ମୋ ଭଳି ସମସ୍ତଙ୍କ ଭାଗ୍ୟ ବଦଳିଯିବ ।

ପ୍ଲଟ୍ ନଂ - ୨୧୭ / ପି, ୟୁନିଟ୍ - ୯ (ଫ୍ଲାଟ୍), ବାୟାବାବା ମଠ ଲେନ୍, ଭୁବନେଶ୍ୱର - ୨୨

Download Magazine from www.aahwaan.com

# କଦ୍ରୁ ଏବଂ ସରକାରୀ ନେତା



ଦେବାଶିଷ ପଟ୍ଟନାୟକ

ମହାପ୍ରଭୁ,

ପ୍ରଣାମ । କୁଶଳରେ ଥିବ ବୋଲି ବିଶ୍ୱାସ । କିନ୍ତୁ ଦୃଢ଼ ନୁହେଁ । ମହାପ୍ରଭୁ, ମୁଁ ଭୟଭୀତ ଏବଂ ଆଶଙ୍କିତ । କାରଣ ତ ତମେ ଜାଣିଛ, ତଥାପି ଖୋଲିକି କହୁଛି । ଗୋଟେ ନାରୀବହୁଳ ପରିବାରର ମୁଁ ସଦସ୍ୟ । ବେରୋଜଗାର ଓ ବୃଦ୍ଧ ମଧ୍ୟ । ଅନେକ ଭଉଣୀଙ୍କର ମୁଁ ଅଯୋଗ୍ୟ ଭାଇ । ଗୋଟିଏ ସର୍ବୋତ୍ତମ ପତ୍ନୀର ଅଯୋଗ୍ୟ ପତି । ଦୁଇଟି ଝିଅଙ୍କର ମୂଲ୍ୟହୀନ ପିତା । ଦୁଇଟି ମା'ର ଏକମାତ୍ର କୁପୁତ୍ର । ଦୁଃସ୍ଥ ଆଉ ନାରୀବହୁଳ ପରିବାରର ସଦସ୍ୟ ହେତୁ ମୁଁ ଭୟଭୀତ ମହାପ୍ରଭୁ । ମୋର ଭଉଣୀ ଅନେକ । ମୁଁ ଏକ ଓ ଦୁଃସ୍ଥ ତେଣୁ ଭୟଭୀତ ।

ମାନବ ସମାଜର ନ୍ୟାୟପ୍ରଣାଳୀକୁ ଦେଖିଲେ ସତରେ ମୋ ପରି ଅନେକ ବାପା ଭାଇ ଓ ପୁଅମାନେ ନିଜ ନିଜର ପରିଚୟ ହଜେଇ ବସିବେ । ଛୋଟବେଳେ ଏକ ନାଟକରେ ଅଭିନୟ କରିଥିଲି । ନାଟକର ନାମ ଥିଲା 'ଗରୁଡ଼ ଜନ୍ମ ମାତୃଉଦ୍ଧାର' । ଗରୁଡ଼ଙ୍କର ଦୁଇଟି ମା । ବିନତା ଓ ସାବତ ମାଆ କଦ୍ରୁ । ଗରୁଡ଼ଙ୍କ ବାପା ଜଣେ ଋଷିଥିଲେ । ତାଙ୍କର ନାମ ମୋର ମନେ ପଡୁନି । କଦ୍ରୁ ଓ ବିନତା ସମ୍ପର୍କରେ ଦୁଇ ସଉତୁଣୀ । ବୀନତା ସୁଶିଳା ମିଷ୍ଟଭାଷୀ ଓ ସତ୍ୟବାଦିନୀ । କଦ୍ରୁଥିଲେ ଖଳ ପ୍ରକୃତିର ଓ ବୀନତାଙ୍କର ଓଲଟା । କଦ୍ରୁ ବାସୁକୀ ତକ୍ଷକ ଆଦି ୧୦୦ ନାଗ ପୁତ୍ରମାନଙ୍କର ମାତା । ବିନତା ଯଦିଓ ଦୁଇଟି ସନ୍ତାନର ମାତା କିନ୍ତୁ ପାଖରେ କେବଳ ଗରୁଡ଼ ହିଁ ରହୁଥିଲେ ।

ଅଘଟଣ ଘଟିଥିଲା ଭକ୍ତ ଶ୍ରେଷ୍ଠ ଗରୁଡ଼ଙ୍କ ଜନ୍ମର ଅନେକ ପୂର୍ବରୁ । ଖଳ ପ୍ରକୃତିର କଦ୍ରୁ

 Download Magazine from www.aahwaan.com

ବିନତାଙ୍କୁ ଜମା ଭଲ ପାଉନଥିଲେ । କେମିତି ସେ ରାଣୀ ହୋଇ ରହିବେ ସେଇ ଚିନ୍ତାରେ ଘାରି ହେଉଥିଲେ । ଦିନେ ଦେବରାଜ ଇନ୍ଦ୍ରଙ୍କର ଏକ ଘୋଡ଼ାର ରଙ୍ଗକୁ ନେଇ ବିନତା ଓ କଦ୍ରୁଙ୍କ ମଧ୍ୟରେ କଳି ଲାଗିଗଲା । ବିନତା କହିଲେ ସେ ଘୋଡ଼ାର ରଙ୍ଗ ଧଳା, କଦ୍ରୁ କହିଲେ କଳା । ଏମିତି କଥା କଟାକଟି ହେଉ ହେଉ କଦ୍ରୁ କ୍ରୋଧରେ ଚିତ୍କାର କଲେ ଓ କହିଲେ ଯଦି ତୋ କଥା ସତ ହୁଏ ତେବେ ମୁଁ ତୋ ପାଖରେ ସାରାଜୀବନ ଦାସୀ ହୋଇ ରହିବି । ଯଦି ମୋ କଥା ଠିକ୍ ବୋଲି ପ୍ରମାଣିତ ହୁଏ ତେବେ ତୁ ମୋ ପାଖରେ ସାରା ଜୀବନ ଦାସୀ ହୋଇ ରହିବୁ । ସତ୍ୟାସତ୍ୟର ବିଚାର ସୂର୍ଯ୍ୟୋଦୟ ପରେ ସମସ୍ତଙ୍କ ସାମନାରେ ହେବ । ବିନତା ଜାଣିଥିଲେ ସତ କ'ଣ ତେଣୁ ସେ ଆହ୍ୱାନ ସ୍ୱୀକାର କରି ନେଇ ପ୍ରଭାତର ଅପେକ୍ଷାରେ ରହିଲେ ।

କଦ୍ରୁ ମଧ୍ୟ ଜାଣିଥିଲେ ଯେ ଇନ୍ଦ୍ରଙ୍କର ସେ ଘୋଡ଼ାଟି ଧଳା ବୋଲି । କ୍ରୋଧରେ ତ ମୁଣ୍ଡ କାମ କଲାନି । ସୂର୍ଯ୍ୟୋଦୟ ହୋଇଗଲେ ସେ ବିନତାର ଦାସୀ ହେବେ ? ଅସମ୍ଭବ । ଖଳ ପ୍ରକୃତିରୁ ଖଳ ବୁଦ୍ଧି ବାହାର କଲେ । ତାଙ୍କର ସମସ୍ତ କଳାନାଗ ପୁତ୍ରମାନଙ୍କୁ ପାଖକୁ ଡକାଇଲେ । କହିଲେ ତମେ ଯଦି ତମ ମା'କୁ ଦାସତ୍ୱରୁ ମୁକ୍ତ କରି ନିଜକୁ ରାଣୀପୁତ୍ର ଭାବରେ ପରିଚିତ କରିବାକୁ ଚାହଁ, ତେବେ ସୂର୍ଯ୍ୟୋଦୟ ପୂର୍ବରୁ ଦେବରାଜ ଇନ୍ଦ୍ରଙ୍କର ସେ ଧଳାଘୋଡ଼ାକୁ କଳାରେ ପରିଣତ କରିବ । ସମସ୍ତେ ଦେଖିବେ ସେ ଧଳା ନୁହେଁ କଳା । ତେଣୁ ମୁଁ ଜିତିବି ଆଉ ବିନତା ମୋ ଦାସୀ ହେବ । ମାତୃଭକ୍ତ କଳାନାଗ ପୁତ୍ରମାନେ ମାତା ଆଜ୍ଞା ପାଳନପୂର୍ବକ ପ୍ରସ୍ଥାନ କଲେ । ଗୋଟିଏ ମା'ର ଖୁସି ପାଇଁ ଆଉ ଗୋଟିଏ ମା'ର ଖୁସି ହରଣ କରିବାକୁ ।

ପ୍ରଚଣ୍ଡ ସୂର୍ଯ୍ୟାଲୋକରେ ସମସ୍ତ ବିଜ୍ଞଅବିଜ୍ଞ ବିଚାରକ ମଣ୍ଡଳୀଙ୍କ ବିଚାରରେ ସତ୍ୟବାଦିନୀ ସତୀ ମାତା ବିନତା ଦାସୀରେ ପରିଣତ ହୋଇଗଲେ । କାରଣ ଦେବରାଜ

Download Magazine from www.aahwaan.com

ଇନ୍ଦ୍ରଙ୍କର ଉକ୍ତ ଘୋଡ଼ାଟି କଳା ଦିଶୁଥିଲା । ଅର୍ଥାତ ପ୍ରାମାଣିକ ଭିତ୍ତିରେ ସତୀ ବିନତା ପରାଜିତା ହେଲେ । କେହି ପୂର୍ବାପୂର୍ବକଥା ବିଚାର କଲେନି କି ତଦନ୍ତ କଲେନି କି ଉଚିତ ମଣିଲେନି । ଆଜୀବନ ଧଳା ଦିଶୁଥିବା ଘୋଡ଼ାଟି କଳା ହେଲା କିପରି । ବିଚାରୀ ବିନତା ଦାସୀତ୍ୱକୁ ସ୍ୱୀକାର କରିନେଲେ । ସତ୍ୟ ଲୁଚିଗଲା ଅନ୍ଧାରର ଅନ୍ଧଗଳିରେ ।

ବିନତାଙ୍କ ସ୍ୱାମୀ ଋଷି ତଦନ୍ତରୁ ଜାଣିଲେ ଯେ ଏ ସବୁ କଦର୍ଯ୍ୟ କାମ ଆଉ କେହି ନୁହେଁ ତାଙ୍କର ପତ୍ନୀ ଖଳ ପ୍ରକୃତିର କଦୃ ତା ସନ୍ତାନ ମାନଙ୍କ ଦ୍ୱାରା କରାଇଛି । ତେଣୁ ସେ ସତ୍ୟକୁ ଓ ନିଜ ପ୍ରିୟତମା ପତ୍ନୀ ବିନତାକୁ ନ୍ୟାୟ ଦେବାପାଇଁ ଚିନ୍ତା କରି ବଢ଼ାଇ ଦେଲେ ଦୁଇଟି ଅଣ୍ଡା । ଯାହାର ପରିଣାମ ସ୍ୱରୂପ ଅରୁଣ ଓ ଗରୁଡ଼ ଜନ୍ମ ନେଲେ ଓ ମାତା ବିନତାଙ୍କୁ ଗରୁଡ଼ ଦାସୀ ଜୀବନରୁ ମୁକ୍ତ କଲେ । ଏ କାହାଣୀ ପ୍ରାୟ ସମସ୍ତେ ଜାଣିଥିବେ, ତେଣୁ ଅଧିକ କିଛି ଲେଖୁନି ।

ପୌରାଣିକ କାହାଣୀର ଦେବରାଜ ଇନ୍ଦ୍ର, ଆଉ ଆମ ଗଣତାନ୍ତ୍ରିକ ସରକାର, ଭଗବାନ ସୂର୍ଯ୍ୟ ଆଉ ଆମ ସର୍ବୋଚ୍ଚ ଅଦାଲତ । ଖଳ ପ୍ରକୃତିର କଦୃମାତା ଆଉ ଆମ ଅହଂକାରୀ ନେତା, ମାତୃଭକ୍ତ କଳାସର୍ପସୂତମାନେ ହେଲେ ଆମ ପ୍ରଶାସନିକ ଅଫିସର, ସିବିଆଇ ଓ ପୁଲିସି ବାହିନୀ । ମହାପ୍ରଭୁ, ଯଦି ସ୍ୱର୍ଗୀୟ ଇତିଶ୍ରୀ ପ୍ରଧାନଙ୍କର ସ୍ୱାମୀଟିଏ କି ଗରୁଡ଼ ପରି ପୁଅଟିଏ ଥାଆନ୍ତା, କିମ୍ବା ଯଦି ସେ ନିଜେ ଜଣେ ନାମୀଦାମୀ ବ୍ୟକ୍ତିଟେ ହୋଇଥାନ୍ତେ, ତେବେ କ'ଣ ତୁମେ ନିରବ ରହିଥାନ୍ତ ? ମହାପ୍ରଭୁ ତୁମ ନିରବତାର ନିଷ୍ଠୁର ଅଗ୍ନିରେ ଆହୁରି କେତେ ଯେ ଇତିଶ୍ରୀ, ଆଦି ନିରୀହ ମାନେ ଛଟପଟ ହେବେ ସେ କଥା ତମେ ଏକା ଜାଣିଛ । ମୁଁ ଭୟଭୀତ ଯେ ମୁଁ ସେଇମାନଙ୍କର ପୁଅ, ଭାଇ, ଜନକ, ତମ ଚରଣରେ ଶରଣାଗତ ମହାପ୍ରଭୁ ନିରବତା ଭଙ୍ଗକର । ରକ୍ଷାକର, ତମ ହାତଗଢ଼ା ସୁନ୍ଦର ସଂସାରକୁ ।

ଗାନ୍ଧୀମାର୍ଗ, ଆଠଗଡ଼, କଟକ

 Download Magazine from www.aahwaan.com

# ସୁନେଲୀ ସିଂହ - ୪



ଅଶୋକ ବିଶ୍ୱାଳ

ବିପଦର ପ୍ରଥମ ଦିନମାନ

ଏ ଭିତରେ ଅନେକ ଅନେକ ଦିନ ବିତି ଗଲାଣି । ଦଳରେ ବେଶ କିଛି ଛୁଆ ଜନ୍ମ ନେଲେଣି । ଦଳର ସଂଖ୍ୟା ଧିରେ ଧିରେ ବଢ଼ିବାକୁ ଆରମ୍ଭ କଲାଣି । ସିଂହମାନଙ୍କ ଜୀବନରେ ଅନେକ ପରିବର୍ତ୍ତନ ଘଟିବ । ଏକ ଶିଶୁରୁ ଛୁଆ ସମୟକ୍ରମେ ବିଶାଳ ସିଂହରେ ପରିଣତ ହେବେ ।

ଏହି ଦଳରେ କିଛି ଦିନ ତଳେ ଦୁଇଟି ଛୁଆ ଜନ୍ମ ନେଇଥିଲେ । ଏହି ଦୁଇ ଛୁଆ ନିଜର ଦଳ ଛାଡି ବାହାରି ଯିବେ । ଦଳରେ ତରୁଣ ସିଂହ ମାନେ ରହି ପାରିବେ ନାହିଁ । ଅବଶ୍ୟ ସେ କଥା କିଛି ବର୍ଷ ପରେ ଘଟିବ । ଏବେଠାରୁ କିଛି କଥା ସେମାନଙ୍କୁ ନେଇ ବର୍ଣିତ ହୋଇଛି ।



ଏମାନଙ୍କୁ ନାଁ ତ ଦେବାକୁ ପଡିବ । ଛୁଆ ଦୁଇଟିଙ୍କ ନାମ ଜୟ ଆଉ ବିଜୟ ରଖାଯାଉ । ଦୁଇଟି ଯାକ ଅଣ୍ଡିରା ଛୁଆ । ଏକା ବୟସର । ଏକା ସମୟରେ ଜନ୍ମ ନେଇଥିଲେ ।

ଜୟ ଆଉ ବିଜୟ ମାର ଦ୍ୱିତୀୟ ଗର୍ଭର ଛୁଆ । ମା'ର ପ୍ରଥମ ଗର୍ଭପରେ ଛୁଆ ବଢେଇବାରେ କିଛିଟା ଅଭିଜ୍ଞତା ଆସି

Download Magazine from www.aahwaan.com

ଯାଇଥିଲା । ପ୍ରଥମ ଗର୍ଭରେ ସିଂହୀଟିକେ ବ୍ୟସ୍ତ ବିବ୍ରତ ହୋଇ ପଡେ । କିନ୍ତୁ ଦ୍ୱିତୀୟ ଗର୍ଭ ବେଳକୁ ସେ ଅନେକ ସାବଧାନ ହୋଇଯାଇଥାଏ । ପ୍ରସବ ବେଦନା ଆରମ୍ଭ ହେବାର କିଛି ସମୟ ଆଗରୁ ସିଂହୀ ଦଳ ଛାଡି ଏକ ନିରାପଦ ସ୍ଥାନ ଖୋଜି ନେଇଥିଲା । ଏକ ନିର୍ଜନ ସ୍ଥାନରେ ସେମାନଙ୍କୁ ଜନ୍ମ କରିଥିଲା । ସିଂହ ଛୁଆମାନଙ୍କର ଶୈଶବର ପ୍ରଥମ ଦିନ ଗୁଡିକ ଖୁବ କଷ୍ଟ ଦାୟକ ରୁହେ । କୁକୁର ଛୁଆ ଭଳି ଜନ୍ମ ସମୟରେ ସିଂହ ଛୁଆମାନେ ଅନ୍ଧ ଏବଂ ଦୁର୍ବଳ ଥାଆନ୍ତି । ସେମାନେ ଦରଣ୍ଡି ଆଉ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥାନ୍ତି । ପ୍ରାୟ ଗୋଟିଏ ସପ୍ତାହ ପରେ ଛୁଆ ମାନଙ୍କର ଆଖି ଖୋଲେ । ଆଉ ପ୍ରାୟ ତିନି ସପ୍ତାହ ପରେ ସେମାନେ ଚାଲିପାରନ୍ତି । ଏହି ସମୟରେ ସିଂହ ଛୁଆମାନେ ଅତି ବିପଦଜନକ ସମୟ ଦେଇ ଗତି କରନ୍ତି । ଏହି ବାଲୁତ ସମୟରେ ସେମାନଙ୍କୁ ବିପଦର ହେତୁ ନଥାଏ । ସିଂହ ଛୁଆମାନେ



 Download Magazine from www.aahwaan.com

ପ୍ରଥମ ଅବସ୍ଥାରେ ଯେକୌଣସି ଶିକାରୀ ପଶୁର ଆକ୍ରମଣର ସମ୍ମୁଖୀନ ହୋଇପାରନ୍ତି ନାହିଁ । ଅନ୍ୟ ଶିକାରୀ ପଶୁମାନେ ଏହି ସମୟରେ ସିଂହ ଛୁଆକୁ ଖୁବ୍ ସହଜରେ ମାରିଦେଇ ପାରନ୍ତି । ଜଙ୍ଗଲରେ ଗୋଟିଏ ନିୟମ । ଖାଇବା ପାଇଁ ପ୍ରତିଦ୍ୱନ୍ଦୀ ନ ରହନ୍ତୁ । ଏଣୁ ମାଂଶାସୀ ଜୀବମାନେ ନିର୍ବଳ ସିଂହ ଛୁଆ ମାନଙ୍କୁ ମାରିଦେବା ପାଇଁ ଲକ୍ଷ୍ୟ କରୁଥାନ୍ତି । ସବୁ ଶିକାରୀ ପଶୁ ମାନଙ୍କର ଏହି ଲକ୍ଷଣ । ସେମାନେ ଏକା ପ୍ରକାର ଶିକାର କରୁଥିଲେ ଅନ୍ୟ ଶିକାରୀ ପଶୁକୁ ମାରିବା ପାଇଁ ଚେଷ୍ଟା କରନ୍ତି ଆଉ ଛୁଆ ମାନଙ୍କୁ କିଛି ଦୟା ନଦେଖେଇ ମାରି ଦେଇଥାନ୍ତି ।

ସେମାନଙ୍କର ମା ନିଜ ଛୁଆଙ୍କୁ ବଂଚେଇବା ପାଇଁ ଖୁବ ତତ୍ପର ଥିଲା । ସେ କେଉଁ ଏକ ସ୍ଥାନରେ ବହୁତ ଦିନ ରହୁ ନଥିଲା । ସାଧାରଣ କଥା । ଗୋଟିଏ ଯାଗାକୁ ବେଶି ଯାତାୟତ ଲାଗି ରହିଲେ ଅନ୍ୟମାନେ ଲକ୍ଷ୍ୟ ରଖିବେ । ସୁବିଧା ଦେଖି ଅନ୍ୟ ଶିକାରୀ ମାନେ ହୁଏତ ସେ ସ୍ଥାନକୁ ଆବିଷ୍କାର କରି ଦେଇ ପାରନ୍ତି । ତାପରେ ଏ ଛୋଟ ଛୁଆ ମାନଙ୍କୁ ମାରିବା ପାଇଁ ସମୟ ଲାଗିବ ନାହିଁ । ମା ସିଂହୀ ନିଜ ଛୁଆକୁ ଖୁବ୍ ସାବଧାନର ସହିତ ବେକ ପାଖରୁ ଧରି ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ନେଇଯାଉ ଥିଲା । ମା ଯେ ନିଜ ଛୁଆକୁ ଏତେ ଧିରେ ଧରି ନେଇ ଯାଏ ସହଜରେ ବିଶ୍ୱାସ ହୁଏ ନାହିଁ । ଯେଉଁ ଶକ୍ତ ଆଉ ମୁନିଆ ଦାନ୍ତ ସହଜରେ ସମ୍ବରର ମୋଟା ବେକକୁ କଣା କରିଦେଇ ପାରେ ସେଇ ମୁହଁ ଆଉ ଦାନ୍ତ ଶିଶୁର ସାମନ୍ୟ କ୍ଷତି ନପହଂଚାଇ ଏକ ଯାଗାରୁ ଅନ୍ୟ ଯାଗକୁ ନେଇ ଯାଇପାରେ । ଅନ୍ୟ ଶିକାରୀ ମାନେ ଅବଶ୍ୟ ସିଂହ ଛୁଆମାନଙ୍କୁ ଖୁବ୍ ସହଜରେ ବେକ କଣା କରି ମାରି ଦିଅନ୍ତି । ସେମାନଙ୍କ ଜୀବନରେ ଏମିତି ଘଟଣାମାନ ଘଟି ଯାଇଥିଲା ।

 Download Magazine from www.aahwaan.com

ଜନ୍ମହେଲା ବେଳେ ସେମାନେ ଚାରିଜଣ ଥିଲେ । ସିଂହୀର ଅନେକ ଛୁଆ ହୁଅନ୍ତି । ସେମାନଙ୍କର ମା ସିଂହୀ ସେମାନଙ୍କୁ ଏକ ସ୍ଥାନରେ ଲୁଚାଇ ରଖିଥିଲା । ଯାଗାଟା ଏକ ପଥର ସନ୍ଧି । ଗୋଟାଏ ଲମ୍ବା ମୋଟା ପଥର କଣା କରି ଆଉ ଏକ ପଥର ସହ ମାଟିରେ ପୋତି ହୋଇ ଯାଇଥିଲା । ଉପର ଆଡ କୋଣାକାର ଆଉ ତଳ ଆଡକୁ ଖୁବ ଅଣ ଓସାରିଆ ରାସ୍ତା ଥିଲା । ସେ ଭିତର ଦେଇ ଛୋଟ ଛୁଆ ସହଜରେ ଗଳି ଯାଇ ପାରିବେ କିନ୍ତୁ ବଡ ଶିକାରୀ ଭିରକୁ ଯାଇ ପାରିବେ ନାହିଁ । ସେମିତି ଏକ କଣ୍ଣୁଆ ଯାଗାରେ ମା ସେମାନଙ୍କୁ ଲୁଚାଇ ରଖିଥିଲା ।

ଉପର ପଥର ଟିକିଏ ବାହରକୁ ଛାତ ଭଳି ବାହାରି ଆସିଥିଲା । ତାର ତଳେ ମା ଶୋଇ ରହେ ଆଉ ସେଇଠି ଛୁଆଙ୍କୁ ସ୍ତନପାନ କରାଏ । ଆଗରେ କିଛି ବଣ ବୁଦା ଥିବା ହେତୁ ବାହାରୁ ସେମାନଙ୍କୁ ସହଜରେ କେହି ଦେଖି ପାରିବେ ନାହିଁ । ମା ଚାଲିଗଲେ ଛୁଆମାନେ ସେହି ଅଣଓସାରିଆ ରାସ୍ତା ଦେଇ ଟିକିଏ ଭିତରକୁ ଚାଲି ଯାଆନ୍ତ ଆଉ ତଳ ମାଟିରେ କୁକୁର ଛୁଆ ଭଳି ଜଣକ ଉପରେ ଜଣେ ଲଦି ହୋଇ ଶୋଇ ଯାଆନ୍ତି । ମା ଏମିତିଆ ଲୁଚିବା ସ୍ଥାନରେ ଛୁଆ ମାନଙ୍କୁ ତିନିଦିନ ହେଲା ଲୁଚାଇ ସାରିଲାଣି । ଆଉ କିଛି ଦିନ ଏମିତି ଲୁଚାଇ ରଖା ଯାଇ ପାରେ ।

ସେଇ ଅଂଚଳରେ ସିଂହ ଖାଲି ଏକୁଟିଆ ନଥିଲା । ପାଖରେ ଏକ କଲରା ପତରିଆ ବାଘ ରହୁଥିଲା । ଏକଥା ମା ସିଂହୀ ଜାଣି ପାରିଲା ନାହିଁ । ସିଂହ ଆଉ କଲରା ପତରିଆ ବାଘ ପ୍ରତିଦ୍ଵନ୍ଦୀ କାରଣ ଦୁଇଜଣ ଏକ ପ୍ରକାର ଶିକାର କରନ୍ତି । ଏହି କଲରା ପତରିଆ ବାଘ ମାନେ ଖୁବ ଚାଲାକ ଆଉ ଶିକାର କରିବାରେ ପାରଙ୍ଗମ । ସେମାନେ ସିଂହଠାରୁ ଅନେକ ଛୋଟ, ଖୁବ ବଡ ଶିକାର କରି ପାରିବେ ନାହିଁ । କିନ୍ତୁ ଲୁଚି ଛପି ଶିକାର କରିବାର

କଳାରେ ସେମାନେ ଶ୍ରେଷ୍ଠ । ଏମିତିଆ ଏକ କୁଶଳୀ ଆଉ ଚାଲାକ ଶିକାରୀ ସେହି ଅଂଚଳରେ ଥିଲା । ଛୋଟ ଜନ୍ତୁଙ୍କ ପାଇଁ ଏହି ଜୀବମାନେ ଅତି ଭୟଙ୍କର । ଏମିତି ଏକ ଶିକାରୀ ଉପସ୍ଥିତିରେ ଛୋଟ ଛୁଆ ମାନଙ୍କର ବଂଚିବା ଅତି ଦୁଷ୍କର । ଯାହା ହେବା କଥା ତାହା ହି ହେଲା ।

ମା ସିଂହୀର ଏଣେ ଚାରୋଟି ଛୁଆ ଥିଲେ । ସେ ଖୁବ୍ ସାବଧାନତା ସହ ସେମାନଙ୍କୁ ଲୁଚାଇ ରଖିଥିଲା । ସିଂହୀଟି ଅଳ୍ପ ଦିନ ତଳେ ଛୁଆ ଦେଇଥାଏ । ଏହି ସମୟରେ ଦଳର ଅନ୍ୟ ସଦସ୍ୟମାନେ ସିଂହୀକୁ ସାହାର୍ଯ୍ୟ କରନ୍ତି ନାହିଁ । ନିଜର ଖାଇବା ପାଇଁ ତାକୁ ନିଜେ ଶିକାର କରିବାକୁ ପଡିବ କାରଣ ସେ ଦଳଠାରୁ ଅଲଗା ଯାଗାରେ ଅଛି ।ପ୍ରାୟ ଆଠ ସପ୍ତାହ ପର୍ଯ୍ୟନ୍ତ ସିଂହୀ ଦଳଠାରୁ ଦୂରରେ ରହେ । ସେମାନଙ୍କ ମା ମଧ୍ୟ ଦଳରୁ ଅଲଗା ରହୁଥିଲା । ଏହି ସମୟ ସିଂହଛୁଆ ମାନଙ୍କ ବଂଚିବା ଏକ ପରୀକ୍ଷାର ସମୟ । ସିଂହ ଛୁଆମାନେ ବଡ ହେବା ପାଇଁ ମା'ର ପ୍ରଚୁର ପରିମାଣରେ ଦୁଧ ହେବା ଦରକାର କିନ୍ତୁ ସେଥିପାଇଁ ଖାଇବା ମଧ୍ୟ ଦରକାର । ତେଣୁ ସିଂହୀ ବାଧ୍ୟହୋଇ ଶିକାର କରିବା ପାଇଁ ଯାଏ । ଏ କ୍ଷେତ୍ରରେ ସିଂହୀକୁ ଲାଗୁଥିଲା ପାଖରେ କିଏ ଶିକାରୀ ଅଛି । ତାର ଛାଡିବା ପାଇଁ ମନ ନଥିଲା । କିନ୍ତୁ ତାକୁ ଯିବାକୁ ପଡିବ । ତେଣୁ ସେ ଶିକାର ଖୋଜିବା ପାଇଁ ଚାଲିଗଲା ।

ସେପଟେ ଛୁଆମାନେ ଛୋଟ ଛୋଟ ଗୋଡରେ ଏପଟ ସେପଟ ଚାଲୁଥାନ୍ତି । ସେମାନଙ୍କର ଚାଲିବା ଦେଖିଲେ ଯିଏ କେହି ଆନନ୍ଦ ଅନୁଭବ କରି ଥାଆନ୍ତା । ଛୁଆ ଗୁଡିକ ବିଲେଇ ଭଳି ଦିଶୁଥିଲେ । ଛୋଟ ଜଙ୍ଗଲୀ ବିଲେଇ ଯେମିତି ଭଲ ଭାବରେ ଚାଲି ପାରୁ ନାହିଁ । ଏମିତି ଛୁଆମାନେ ଚାଲୁଥିଲେ । ସେମାନଙ୍କର ଦୁଇଟି ଭାଇ ବାହାରକୁ ଆସିଲେ ଆଉ ଅନ୍ୟ ଦୁଇ ଜଣ ଲୁଚି କରି ଥାଆନ୍ତି । ବାହାରେ ପ୍ରଥମ ଦୁଇ ଭାଇ ନିଜ ଭିତରେ

Download Magazine from www.aahwaan.com

ସାମନ୍ୟ ଗଡା ଗଡି ହେଉଥାଆନ୍ତି । ଯାଗାଟା ଟିକିଏ ଗଡାଣିଆ ଥିଲା । ଖେଳୁଆଡ ଛୁଆ ଦୁଇଟି ଖସିଗଲେ ଆଉ ପଥର ତଳେ ପଡିଗଲେ । ବର୍ତମାନ ସେମାନେ ବାହାରକୁ ଦେଖା ଯାଉଥିଲେ ।

ଏପଟେ କଲରା ପତରିଆ ବାଘଟିଏ ଗୋଟିଏ ପଥର ଉପରେ ପେଟେଇ ପଡିଥିଲା । ଏମାନଙ୍କର ଏମିତି ପେଡେଇ ରହି ଲକ୍ଷ୍ୟ କରିବା ପ୍ରକୃତି । ତାକୁ ମଝିରେ ମଝିରେ ସିଂହର ହାଲକା ଗନ୍ଧ ମିଳୁଥିଲା । ସେ ପଟେଇ ପଡି ଏଣେ ତେଣେ ଚାହୁଁଥିଲା । ପାଖରେ ସିଂହ ରହିବା କଥା ନୁହେଁ । ସିଂହ ଅପେକ୍ଷାକୃତ ଖୋଲା ଯାଗାରେ ରହିବା କଥା । ତା ମନରେ କିଛି ସନ୍ଦେହ ଥିଲା । ସେ ଖୁବ ତୀକ୍ଷଣ ବାବେ ଏଣେ ତେଣେ ଦେଖୁଥିଲା । ତା କାନ ହଲି ଯାଉଥିଲା । ଏପଟେ ଛୁଆ ମାନଙ୍କର କୁଁ କୁଁ ଶବ୍ଦ ଆସୁଥିଲା । ସେ ଶବ୍ଦ ଆସୁଥିବା ଯାଗା ଆଡକୁ ଗାଢେଇକରି ଅନାଇଲା । ତଳଆଡକୁ ଖସି ଆସିଥିବା ଦୁଇ ଛୁଆଙ୍କୁ କଲରା ପତରିଆ ବାଘ ଦେଖିଦେଲା । ଆଖି ପିଛୁଳାକେ ତା ଯାଗାରୁ କୁଦି ପଡିଲା । ସିହୀ ନିଶ୍ଚିତ ଭାବେ ପାଖରେ ନାହିଁ । ଥିଲେ ଏତେବେଳକୁ ଆସି ଛୁଆଙ୍କୁ ଉଠାଇ ନେଇଥାନ୍ତା । ଏହି ହେଉଛି ଏକ ବଡ ମୌକା । ସେ ଗୋଟିଏ ଛୁଆର ତଂଟି ଜୋରରେ ନିଜ ମୁହଁ ଭିତରେ ଧରିନେଲା ଆଉ ତଂଟି ଝୁଣି ସାଙ୍ଗେ ସାଙ୍ଗେ ମାରି ଦେଲା । ଅନ୍ୟ ଛୁଆଟି ଏମିତିଆ ଘଟଣା ଦେଖି ଖସି ଯିବାକୁ ଚେଷ୍ଟା କରୁଥିଲା । ସେ ପ୍ରାଣ ବିକଳରେ ଉପରକୁ ଚଢୁଥିଲା କିନ୍ତୁ ଖସି ଯାଉଥିଲା । କଲରା ପତରିଆ ବାଘ ସେହି ଛୁଆର ତଂଟିକୁି ଜୋରରେ ଧରିନେଇ ଗୋଟିଏ କୁଦାରେ ପାର ହୋଇଗଲା । ଛୁଆର ମୁହଁରୁ ଆଉ ଶବ୍ଦ ଆସୁ ନଥିଲା । ଏମିତି କାଣ୍ଡ ଦେଖି ଅନ୍ୟ ଦୁଇ ଛୁଆ ଆଉ ଶବ୍ଦ ନକରି ଭିତରକୁ ପଶି ଲୁଚି ଗଲେ ।

ଏଣେ ସେମାନଙ୍କର ମା' ସିଂହୀ ଏଣେ ତେଣେ ବୁଲି ଗୋଟିଏ ମଲା ପଶୁ ଠାବ କରି

 Download Magazine from www.aahwaan.com

ସେଥିରୁ କିଛି ଖାଇ ଫେରି ଆସିଲା । ପଥର ଉପରକୁ ଗୋଟିଏ କୁଦାରେ ପହଂଚି ଗଲା । ଲୁଚା ଯାଗା ମୁହଁରେ ବାହାରେ ଆସି ଟିକିଏ ଡାକିଲା । ଭିତରୁ ଦୁଇଟି ଛୁଆ ଆବାଜ ଦେଲେ ଆଉ ବାହାରେ ଆସି ତାକୁ ସ୍ୱାଗତ କଲେ । ଅନ୍ୟ ଦୁଇ ଛୁଆ ଆସିଲେ ନାହିଁ । ସେ ଏଣେ ତେଣେ ଅନାଇଲା । ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା । ଭିତରରକୁ ଗଳି ଅନାଇଲା । ଭିତରେ ସେମାନେ ଶୋଇ ନାହାନ୍ତି । ତା ମନରେ ଡର ପଶିଗଲା । ଏମିତ ହେବା କଥା ନୁହେଁ । ସେ ଅନେକ ଡାକିଲା । କିଛି ଜବାବ ଆସୁ ନଥିଲା । ମା ବୁଝିଗଲା ଯେ ଅନ୍ୟ ଦୁଇଟି ଛୁଆ ଆଉ ଜୀବନରେ ନାହାନ୍ତି । ଟିକିଏ ରକ୍ତର ଗନ୍ଧ ମିଳିଲା ।

ଏପଟ ସେପଟ ଶୁଙ୍ଘିବା ପରେ ସେ କଲରା ପତରିଆ ବାଘର ଗନ୍ଧ ପାଇଲା । କଲରା ପତରିଆ ବାଘ ନିଶ୍ଚିତ ଭାବରେ ତା ଛୁଆକୁ ମାରି ଦେଇଛି । ତଥାପି ମଧ୍ୟ ସେ ଖୋଜି ଚାଲିଲା । ଗୋଟିଏ ମଲା ଛୁଆକୁ ପାଇଲା ଆଉ ତାକୁ ଚାଟିଲା । ଛୁଆର ଦେହ ଖରାପ ହେଲେ ମା ଛୁଆକୁ ସାଧାରଣତଃ ଚାଟିଥାଏ । ସେ ଛୁଆର ବେକ ଧରି ଟିକିଏ ଦୂର ନେଲା । କିନ୍ତୁ କିଛି ହଲ୍‌ଚଲ୍ ନାହିଁ । ସେ ଛୁଆଟିକୁ ପକାଇ ଦେଲା । ଛୁଆଟି ଅନେକ ସମୟ ପୂର୍ବରୁ ମରିଯାଇଛି । ଦ୍ୱିତୀୟ ଛୁଆଟିକୁ ବହୁତ ଖୋଜିଲା କିନ୍ତୁ ପାଇଲା ନାହିଁ । ଜାଣିଲା ତାକୁ ମଧ୍ୟ କେହି ମାରିଦେଇଛି । ତାର ଚାରୋଟି ଛୁଆରୁ ଦୁଇଟି ଛୁଆକୁ କେହି ମାରିସାରିଲେଣି । ସିଂହୀ ଦୁଃଖରେ ଫେରିଆସିଲା । ଆଉ ନିଜର ବଂଚିଥିବା ଦୁଇଟି ଛୁଆକୁ ନେଇ ଅନ୍ୟ ଜାଗାରେ ଲୁଚାଇ ଦେଲା । ଏ ଯାଗାକୁ କଲରା ପତରିଆ ବାଘ ଜାଣିଲାଣି । ଏଛୁଆ ଦୁଇ ଜଣକୁ ଯେମିତି ହେଲେ ବଢାଇବାକୁ ହେବ । ଏମିତି ଆରମ୍ଭ ହୋଇଥିଲା ଜୟ ଆଉ ବିଜୟଙ୍କ ଜୀବନ । ଜୀବନର ସବୁଠାରୁ ବଡ ବିପଦରୁ ସେମାନେ ରକ୍ଷା ପାଇ ଯାଇଥିଲେ ।

Download Magazine from www.aahwaan.com

ଦୁଇଟି ଛୁଆକୁ ହରାଇ ବସିବା ପରେ ସିଂହଟି ଅତି ଦୁଃଖୀ ହୋଇ ଯାଇଥିଲା । ପେଟରେ ଭୋକ ଏପଟେ ଦୁଇଟି ଛୁଆ । ତେଣୁ ତାକୁ ଯେମିତି ହେଲେ ଶିକାର କରିବାକୁ ପଡିବ । ଦୁଇଟି ଛୁଆକୁ ପାଳିବାକୁ ପଡିବ । ସିଂହୀଟି ଏପଟ ସେପଟ ହୋଇ କିଛି ସମୟ ବୁଲିବାକୁ ଲାଗିଲା । ତାର ମନରେ ଦ୍ୱନ୍ଦ ଆସୁଥିଲା । ତାର ଗନ୍ଧ ସବୁଆଡେ ରହୁ । ତାହେଲେ ହଠାତ୍ ଅନ୍ୟ ଶିକାରୀମାନେ ପାଖକୁ ଆସିବେ ନାହିଁ । ତା ପେଟରେ ଖୁବ ଭୋକ । ମନ ମଧ୍ୟ ବହୁତ ଉଦାସ । କିନ୍ତୁ ମା'ର ଜୀବନର ସବୁଠାରୁ ବଡ ଲକ୍ଷ୍ୟ ହେଉଛି ନିଜର ଛୁଆଙ୍କର ଭରଣ ପୋଷଣ । ତେଣୁ ତାକୁ ଶିକାର ସଂନ୍ଧାନରେ ଯିବାକୁ ପଡିବ ।

ଏଣେ ରାତି ଗଭୀର ହୋଇ ଆସୁଥାଏ । ତାକୁ ଶିକାର ଜନ୍ତୁ ଠାବ କରିବାକୁ ପଡିବ । ସେ ଖୋଜି ବୁଲିଲା ଆଉ ଗୋଟିଏ ଚିତଲ ହରିଣର ଦଳକୁ ଦେଖିଲା । ହରିଣମାନେ ଗୋଠ ହୋଇ ଠିଆ ହୋଇଥିଲେ । ଏମିତି ଗୋଠରୁ ଶିକାର କରିବା କଷ୍ଟ । କିନ୍ତୁ ତାକୁ ସେହି ଗୋଠରୁ ଶିକାର କରିବାକୁ ହେବ । ପାଖରେ ଆଉ ଶିକାର ଜନ୍ତୁ ଦିଶୁ ନାହାନ୍ତି । ସେ ବହୁତ ସାବଧାନତାର ସହ ଚାଲିବାକୁ ଲାଗିଲା । ପ୍ରତି ପଦକ୍ଷେପର ସହ ସେ ଚିତଲ ଦଳର ପାଖେଇ ଆସୁଥାଏ । କେତେବେଳେ ସେ ପଟେଇ ପଡୁଥାଏ ତ କେତେବେଳେ ଖୁବ ନଇଁ ଆଗାଉ ଥାଏ । କେବେବି ସେ ପୁରା ଠିଆ ହେଉ ନଥିଲା । ଅଧିକ ଅନ୍ଧାରିଆ ଯାଗା ଦେଖି ସେ ଆଗାଉ ଥିଲା । ଖୋଲା ଯାଗାକୁ ମୋଟେ ଆସୁ ନଥିଲା ।

ରାତିର ଅନ୍ଧାରରେ ଚିତଲ ହରିଣମାନେ ତାର ଆସିବା ଜାଣିପାରୁ ନଥାନ୍ତି । ରାତିରେ ଶିକାରୀ ମାନେ ଖୁବ୍ ଭଲ ଭାବରେ ଦେଖିପାରନ୍ତି । ସେମାନଙ୍କ ଆଖି କମ ଆଲୋକରେ କେଉଁ ଜିନିଷକୁ ଭଲ ଭାବେ ଦେଖିବାକୁ ତିଆରି ହୋଇଛି । କିନ୍ତୁ ଶାକାହାରୀ ପଶୁମାନେ ଭଲ ଭାବରେ ଦେଖିପାରନ୍ତି ନାହିଁ । ଏମିତି ଲୁଛି ଛପି ସିଂହୀ ଚିତଲ ହରିଣ ମାନଙ୍କର

Download Magazine from www.aahwaan.com

ବହୁତ ପାଖେଇ ଆସିଲା ଆଉ ଗୋଟିଏ ବଡ ବରଗଛର ଅନ୍ଧାରିଆ ଛାଇରେ ଲୁଚି ଗଲା । ଏମିତି ଛାଇ ଛାଇଆ ଅନ୍ଧାରରେ ଚିତଲ ମାନେ କିଛି ବାରି ପାରୁ ନଥିଲେ । ତେଣୁ ସେମିତି ବେଶି କିଛି ସାବଧାନ ନଥିଲେ । ତଥାପି ସେମାନଙ୍କ କାନ ସବୁ ହଲୁଥିଲା । ଲମ୍ବା କାନ କିଛି ନା କିଛି ଶବ୍ଦ ଶୁଣିବାକୁ ପ୍ରସ୍ତୁତ ଥିଲା ।

ଏ ସିଂହୀ ଏକ ପୋଖତ ଶିକାରୀ । ତାର ଛପି ଆସିବା ଚିତାଲ ମାନେ ମୋଟେ ଜାଣି ପରୁ ନଥିଲେ । ସେ ଗୋଟିଏ ଛୋଟ ହରିଣକୁ ଦେଖି ନିଜର ଲକ୍ଷ୍ୟ ନିର୍ଦ୍ଧିଷ୍ଟ କଲା । ହରିଣଟି ତାର ଅନ୍ଧାରିଆ ଛାଇ ଯାଗାର ଅପେକ୍ଷାକୃତ ପାଖରେ ଥିଲା । ସହଜରେ କେଇ ଖେପାରେ ଧରି ହେବ । ସେ ପେଟେଇ ପେଟେଇ ଆଗେଇଲା । ଆଉ ଚିତଲ୍କୁ ଆକ୍ରମଣ କଲା ଆଉ କେତୋଟି ଲମ୍ବା ଲମ୍ଫରେ ଛୋଟ ହରିଣଟିକୁ ଧରିନେଲା । ଅନ୍ୟ ସବୁ ଚିତଲ ଚିତ୍କାର କରି ଦୌଡି ପଳେଇଲେ । ସେମାନଙ୍କ ଖୁରା ଶବ୍ଦ ଶୁଣା ଯାଉଥିଲା । ଏ ଛୋଟ ହରିଣଟି ବେଶି କିଛି ଶବ୍ଦ କରି ପାରିଲା ନାହିଁ । ସିଂହୀ ନିଜର ମଜବୁତ ପାଟିରେ ହରିଣର ବେକକୁ ଧରି ରଖିଲା । ହରିଣ ଗୋଡ ଛଟ୍ ଛଟ୍ କରୁଥିଲା । ସିଂହୀର ଲମ୍ବା ଦାନ୍ତ ସହଜରେ ହରିଣର ବେକକୁ କଣା କରି ଦେଲା । କିଛି ସମୟ ପରେ ହରିଣ ମରିଗଲା । ସିଂହୀ ହରିଣକୁ ସେଇ ଅନ୍ଧାରିଆ ଗଛ ତଳକୁ ଟାଣି ନେଇ ଖାଇବାକୁ ଆରମ୍ଭ କଲା ।

କିନ୍ତୁ ତାର ଖାଇବା ବେଶୀ ସମୟ ହୋଇ ପାରିଲା ନାହିଁ । ଜଙ୍ଗଲରେ ଅନ୍ୟ ଭୋକିଲା ମାଂଶାସୀ ପ୍ରାଣୀମାନେ ଘୂରି ବୁଲୁଥାନ୍ତି । ସେମାନେ ଚିତଲର ମୃତ୍ୟଡାକ ଶୁଣି ପାଖକୁ ଆସି ଯାଇ ପାରନ୍ତି । ସମସ୍ତେ ସହଜରେ ନିଜର ଭୋଜନ ଖୋଜୁଥାନ୍ତି । କିଛି ପ୍ରାଣି ଶିକାର କରନ୍ତି ଆଉ କିଛି ପ୍ରାଣୀ ଅନ୍ୟଠାରୁ ଶିକାର ଛଡେଇ ନବା ପାଇଁ ସୁଯୋଗ ଖୋଜୁଥାନ୍ତି ।

Download Magazine from www.aahwaan.com

ସେମିତି ଏକ ମାଂସାସୀ ଦଳ ଥିଲେ ହାଏନା ବା ହେଟା ବାଘ । ଏହି ହେଟା ଗୁଡିକ ସବୁଆଡେ ଘୂରି ବୁଲନ୍ତି ଆଉ କେଉଁଠି ମଲା ଶବ ପଡିଥିଲେ ତାକୁ ଖାଆନ୍ତି । ତା' ଛଡା ଏକୁଟିଆ କେଇ ଶିକାରୀ ଶିକାର ଖାଉଥିବା ଦେଖିଲେ ତାକୁ ଛଡାଇବାକୁ ଚେଷ୍ଟା କରନ୍ତି । ସେମାନେ ଭୋକିଲା ଥିଲେ । ହରିଣର ମୃତ୍ୟୁ ଡାକ ଶୁଣି ସେମାନେ ସେ ଆଡକୁ ଛୁଟି ଆସିଲେ । ଲୁଚି ଲୁଚି ପାଖକୁ ଆସି ଅନେଇଲେ । ବଡ ଶିକାରୀମାନେ ହେଟା ବାଘକୁ ମୋଟେ ପସନ୍ଦ କରନ୍ତି ନାହିଁ । ସେମାନଙ୍କୁ ତଡିବାକୁ ଚାହାନ୍ତି । ହେଟା ବାଘଙ୍କ ଦଳରେ ପାଂଚ ଜଣ ସଦସ୍ୟ ଥିଲେ । ଏହାକୁ ପ୍ରାୟ ଏକ ବଡ ଦଳ କୁହାଯାଇ ପାରେ । ଏକୁଟିଆ ସିଂହୀକୁ ଦେଖି ସେମାନଙ୍କର ସାହାସ ଆସିଲା । ଦଳେ ସିଂହ ହୋଇଥିଲେ ସେମାନେ ପାଖ ମାଡି ନଥାନ୍ତେ ।

ହାଏନା ମାନେ ଏକୁଟିଆ ସିଂହୀକୁ ଦେଖି ତା ଆଡକୁ ମାଡି ଆସିଲେ । ସିଂହୀ ସେମାନଙ୍କୁ ଡରାଇବାକୁ ଚେଷ୍ଟା କରୁଥାଏ । ହାଏନା ମାନେ ହଠାତ୍ ପାଖକୁ ନଆସି ସିଂହୀକୁ ବିରକ୍ତ କରିବାକୁ ଚେଷ୍ଟା କରୁଥାନ୍ତି । ସେମାନେ ଖାଉଥିବା ସିଂହୀର ଚାରିପଟେ ଘୂରି ବୁଲିଲେ । ସିଂହୀ ବେଳେବେଳେ ହାଏନାମାନଙ୍କ ଆଡକୁ ଦୌଡିଯାଉ ଥାଏ । ହେଟା ବାଘମାନେ କିଛି ସମୟ ପାଇଁ ଦୂରକୁ ଚାଲିଯାଉଥାନ୍ତି । ପୁଣି ପାଖକୁ ମାଡି ଆସୁଥାନ୍ତି । ସେମାନେ ଜାଣନ୍ତି କିଛି ସମୟ ପରେ ଏମିତି କରି କରି ସିଂହୀ ଥକି ଯିବ । ସିଂହୀକୁ ସେମାନେ ଡରାଇ ଚାଲିଥାନ୍ତି । କିନ୍ତୁ ସିଂହୀ ଜଲ୍ଦି ଜଲ୍ଦି ଖାଇ ଚାଲିଥାଏ । ଯେତିକି ସମ୍ଭବ ହେଲା ସିଂହୀ ଖାଇନେଲା । ହାଏନା ମାନେ ପାଖକୁ ମାଡିଆସୁଥାନ୍ତି । ସେ ଦେଖିଲା ଏତେଗୁଡାଏ ହାଏନା ମାନଙ୍କ ସାଙ୍ଗରେ ଲଢାଇ କରିପାରିବ ନାହିଁ । ତେଣୁ ଗୋଟିଏ କୁଦା ମାରି ସେଠାରୁ ଚାଲିଗଲା ଆଉ ହାଏନା ମାନେ ଆସି ସେ ଚିତଲ ହରିଣକୁ ଖାଇବାକୁ

Download Magazine from www.aahwaan.com

# ସମାଧାନ



ଡା ସୁବାସ ଚନ୍ଦ୍ର ରାଉତ

ମୁଁ ଓ ମୋ ସାଙ୍ଗ ନଟ, ଉଭୟ ସୀମାତୀତ ଦୁଷ୍ଟ ଥିଲୁ । ଆମ କଥା ଶୁଣିଲେ ଆପଣ କଳ୍ପନା କରିପାରିବେନି ଯେ ଛାତ୍ର ଜୀବନରୁ ଏଭଳି ଦୁଷ୍ଟ କେହି ଥାଇପାରେ । ଦୁଷ୍ଟାମିର କାହାଣୀ ଲେଖିଲେ ଅନେକ ପୃଷ୍ଠା ନଷ୍ଟ ହେବ, ତେଣୁ କେବଳ ଶ୍ରେଷ୍ଠ କାହାଣୀଟି ଲେଖିବି, ଯେଉଁଥିରେ ଆମର ସର୍ବାଧିକ ଦୁଃସାହସ, ନିର୍ଦ୍ଦୟତା ଓ ନିର୍ଭୟତା ପ୍ରଦର୍ଶିତ ହୋଇଥିଲା । ସେଥିରେ ଅବଶ୍ୟ ମୋର ଅତି କ୍ଷୁଦ୍ର ନଗଣ୍ୟ ଭୂମିକାଟିଏ ଥିଲା, କିନ୍ତୁ ନଟ (ନଟବର ଲାଲ) ସେଥିରେ ପ୍ରକୃତରେ ନଟି, ଭିଲେନ ବା ବଦମାସ ଥିଲା । ଗୋଟିଏ ସୁନ୍ଦରୀ ଝିଅ ଉପରେ ଏସିଡ ପକେଇବା ଘଟଣାର ଲୋମହର୍ଷଣକାରୀ ପ୍ରକଳ୍ପ କଥା ଲେଖିବି । ଏହି ଦୁଷ୍କର୍ମ କଲା ପରର କାହାଣୀ ଆହୁରି ମଜାଦାର । ଆପଣ ବହୁତ ଏସିଡ ପକା ଗପ ଶୁଣିଥିବେ କିନ୍ତୁ ଏ କାହାଣୀ ଏକ ନିଆରା କାହାଣୀ ।

ଓଡ଼ିଶାର ଗୋଟିଏ ଛୋଟ ସହରରେ ଆମେ କଲେଜରେ ଅଧ୍ୟୟନ କରୁଥିଲୁ । ନଟ ଓଡିଶା ବାହାରର ଏକ ପ୍ରଦେଶରୁ ଆସିଥିଲା, ଯେଉଁ ସ୍ଥାନ ଗୁଣ୍ଡାମି ନିମନ୍ତେ ପ୍ରସିଦ୍ଧ । ହସଖୁସିଆ ପିଲା, କିନ୍ତୁ ବହୁତ ବଦରାଗୀ ଥଲା । ସାମାନ୍ୟ ନରାଗିବା କଥାରେ ଭୟଙ୍କର ଭାବରେ କ୍ରୋଧାନ୍ୱିତ ହୋଇଯାଉଥିଲା ଓ ହାତ ଉଠେଇବାକୁ ପଛଘୁଞ୍ଚା ଦେଉନଥିଲା । ସେହି ଗୁଣଯୋଗୁ ମୋ ଛଡ଼ା କେହି ତା' ସାଥିରେ ମିଶୁନଥିଲେ । ଆମେ ଦୁହେଁ ମିଶି ଅନେକ ରକମର ବଦମାସୀ କାମ କରୁଥିଲୁ ଯାହା ଆଜି ମନେ ପଡ଼ିଗଲେ ମୁଁ ଲଜ୍ଜା ଅନୁଭବ କରୁଛି ଓ ଏହିଭଳି ଖରାପ କାମ କେମିତି କରୁଥିଲି ଭାବି ପାରୁନି । ମୁଁ ସେହି ସହରରେ ବାପା

Download Magazine from www.aahwaan.com

ମାଙ୍କ ସାଥିରେ ରହୁଥିଲି, ସେ ହଷ୍ଟେଲରେ ରହୁଥିଲା ।

ମୋ ବିରୁଦ୍ଧରେ ନାଲିସ୍ ଶୁଣି ଶୁଣି ମୋ ମାଆର ଦିନେ ଧୈର୍ଯ୍ୟଚ୍ୟୁତି ଘଟିଲା । ସେଦିନ 'ମୋର ସର୍ବଦୋଷ ଆବୃତକାରୀ' ପ୍ରିୟ ମାଆ ମୋ ହାତ ଧରି ଘୋଷାଡ଼ି ଘୋଷାଡ଼ି ଘର ବାହାରକୁ ନେଇ ବାହାରକୁ ଠେଲିଦେଇ କହିଲା, "ତୁ ଏ ଘରୁ ବାହାରି ଯା, ତୋ ଭଳି ପୁଅର ମୁହଁ ଚାହିଁବାକୁ ମୁଁ ଇଚ୍ଛା କରୁନି ।" ମାଆ ହାତରୁ ଧକ୍କା ଖାଇ କ୍ରୋଧାନ୍ୱିତ ମୁଁ ଘରୁ ପଳେଇଯାଇ ଅନତିଦୂରରେ ଥିବା ମନ୍ଦିର ପ୍ରାଙ୍ଗଣରେ ବସିରହିଲି । ପ୍ରଥମେ ଭାବିଲି ଆଉ କେବେହେଲେ ଘରକୁ ଯିବିନି । ମନେ ମନେ ମାଆକୁ ବହେ ଗାଳି ଦେଲି । "ମାଆ ହେଇ ପୁଅକୁ ଘରୁ ତଡ଼ିଦେଉଛି, ଇଏ କି ମାଆ !" କହିବାକୁ ଏବେ ଲାଜ ଲାଗୁଛି, କ୍ରୋଧରେ ମାଆକୁ ଡାହାଣୀ, ପିଶାଚୁଣି, ଡାଙ୍କୁଣି ଆଦି ନାମ ଦେଇ ଗାଳି କରିଥିଲି । ସେମିତି ବସି ରହିଥିଲି । କିଛି ଘଣ୍ଟା ବିତିଗଲା ପରେ ଭୋକ ହେଲା । ପେଟ ମୋଡ଼ି ହେଲା । କଅଣ କରିବି ! ଜିଦିରେ କିନ୍ତୁ ବସି ରହିଥିଲି ।

କିଛି ସମୟ ପରେ ରାଗ କମିଗଲା । ମାଆର ସ୍ନେହ ଓ କରୁଣା କଥା ମନେ ପଡ଼ିଲା । ମୋତେ ଗେଲ କରି ଖୁଏଇବା କଥା ମନେ ପଡ଼ିଲା । ଦେହ ଖରାପ ବେଳେ ରାତି ସାରା ଅନିଦ୍ରା ରହି ପାଖରେ ବସିରହୁଥିବା କଥା ମନେପଡ଼ିଲା । ସେହି ମୋ ମାଆର କମନୀୟ, ଶାନ୍ତ, ସ୍ନିଗ୍ଧ, କରୁଣାମୟୀ, ମମତାମୟୀ ଚେହେରା କେମିତି ପରିବର୍ତ୍ତିତ ହୋଇ ଚଣ୍ଡୀ ମୂର୍ତ୍ତି ଧାରଣ କଲା ଭାବି କାନ୍ଦ ଲାଗିଲା । କଅଣ କଲି ଯେ, ସେ ଏମିତି ବଦଳି ଗଲା ! ମୋ ଦୁଷ୍ଟାମି କଥା ଗୋଟି ଗୋଟି କରି ସ୍ମରଣ କଲି । ଆମେ ଯେଉଁ କାମକୁ ଖେଳ ଭାବରେ ବିବେଚନା କରୁଥିଲୁ ତାହା ଅନ୍ୟକୁ ଦୁଃଖ ଦେଉଥିଲା, କିନ୍ତୁ ଆମେ ହସୁଥିଲୁ । ଜଣକୁ ଯାହା ଖେଳ, ଅନ୍ୟକୁ ତାହା କାଳ । ଭାବି ଭାବି ବହୁତ ଅନୁତାପ ଆସିଲା; ନିଜକୁ ଧିକ୍କାର କଲି ।

 Download Magazine from www.aahwaan.com

ସକାଳ ଗଲା, ଉପରବେଳା ଗଲା ଓ ସଞ୍ଜ ହୋଇଆସିଲା ।

ଏତିକିବେଳେ ଦେଖିଲି ଦୂରରୁ ମାଆ ଆସୁଛି । ପାଖକୁ ଆସି ମୋ ପାଖରେ ଠିଆହେଲା । ଆଖିରୁ ତାର ଲୁହ ବୋହି ଶୁଖିଯାଇଥିବା ଦାଗ ଦେଖିଲି । କାନ୍ଦି କାନ୍ଦି ତା' ଆଖି ଫୁଲିଯାଇଥିଲା । ମୁଁ ଆଉ ସମ୍ଭାଳି ପାରିଲିନି । କହିଲି, "ମା, ମୋତେ କ୍ଷମା କରିଦେ, ମୁଁ ପ୍ରତିଜ୍ଞା କରୁଛି ତୋ ଆଗରେ, ଆଉ କେବେ ଦୁଷ୍ଟ ହେବିନି ।" ଦୁହେଁ ପରସ୍ପରକୁ କୁଣ୍ଢେଇ ବହୁତ ସମୟ ଧରି କାନ୍ଦିବାକୁ ଲାଗିଲୁ । ସେଇ ଦିନଠାରୁ ମୋର ବିରାଟ ମାନସିକ ପରିବର୍ତ୍ତନ ହୋଇଗଲା । ଏ କଥା କିନ୍ତୁ ମୁଁ ନଟକୁ କହିଲିନି । ପଢ଼ାପଢ଼ିରେ ମନ ଦେଲି, ନଟ ସାଥିରେ ଯେମିତି ମିଶୁଥିଲି ସେମିତି ମିଶିଲି, କିନ୍ତୁ ମୁଁ ନିଜେ ବଦମାସୀ କାମ କଲିନି ।

ଦିନେ ନଟ ମୋତେ ଆଶ୍ଚର୍ଯ୍ୟ କରେଇ କହିଲା, "ଭାଇ, ମୁଁ ଗୋଟେ ଝିଅକୁ ଭଲ ପାଇଯାଇଛି ।" ମୁଁ ହସିପକେଇ ପଚାରିଲି, "କାହାର ଭାଗ୍ୟ ଫୁଟିଗଲା ?" ସେ କହିଲା, "ଚୁପ, ମୁଁ ସତରେ ଭଲ ପାଉଛି ।"

"ସେ ତୋତେ ଭଲ ପାଉଛି କି ନାହିଁ ?"

"ଜାଣିନି, କିନ୍ତୁ ମୁଁ ତା ସାଥିରେ କଥାବାର୍ତ୍ତା କରୁଛି, ତାକୁ ଦେଖିଲେ ମୋତେ ଭଲ ଲାଗୁଛି । ଆମ ତିନି କ୍ଲାସ ତଳେ ସେ ପଢୁଛି । ତାକୁ ତୁ ନିଶ୍ଚୟ ଜାଣିଥିବୁ ।"

"ଆରେ ମୁଁ ତ କଲେଜର ସମସ୍ତଙ୍କୁ ଜାଣିଛି ଓ ଚିହ୍ନିଛି । ଏ ପରିଚୟର କିଛି ମାନେ ନାହିଁ ।"

"ତା ନାଁ ମଧୁ, ମଧୁଛନ୍ଦା । କଲେଜ ଓ ହଷ୍ଟେଲରେ ପଢ଼ିବା ସମୟରେ ସବୁବେଳେ ସେ ମନେ ପଡୁଛି । ମୋ ପାଠ ଘର ଗୋଲ ହେଇଗଲାଣି । ମୁଁ କଅଣ କରିବି, ବୁଝିପାରୁନି ।"

ମିଛରେ କହିଲି, "ମୁଁ ଏ ମଧୁ ନାମର କାହାକୁ ଚିହ୍ନିନି । କିଏ ସେ ? ଆରେ ଭାଇ, ପରୀକ୍ଷା ପାଖ ହେଲାଣି, ମନ ଦେଇ ପଢ଼ ।"

Download Magazine from www.aahwaan.com

ପରେ ଜାଣିଲି, ସେ ମଧୁକୁ ଦେଖାକରେ, ଛୋଟ ଛୋଟ ଉପହାର ଦିଏ । ମଧୁ ସବୁବେଳେ ନାହିଁ କରେ ତାକୁ ନେବାକୁ । କହେ, "ଘରେ ମା ଯଦି ପ୍ରଶ୍ନ କରେ, ଏଇଟା କୋଉଠୁ ଆଣିଲୁ, ମୁଁ କଅଣ କହିବି ? କ୍ଷମା କର," କହି କିଛି ନେବାକୁ ମନାକରେ ମଧୁ । ନଟ ରାଗିଯାଏ । ଥରେ ନଟ ସାହସ ଜୁଟେଇ କହିଲା, "ଜାଣିଛ, ମୁଁ ତୁମକୁ ବହୁତ ଭଲ ପାଏ, ତୁମକୁ ବାହା ହେବି ।" "ହେ, ଖରାପ କଥା କହୁଛ", କହି ଲାଜରେ ମଧୁ ଦଉଡ଼ି ପଳେଇଲା । ଏମିତି ମଝିରେ ମଝିରେ ନଟ ଭଲ ପାଇବା କଥା କହେ ଓ ମଧୁ ନାହିଁ କରେ ।

ଥିଓରି ପରୀକ୍ଷା ସରିଗଲା, କେବଳ ପ୍ରାକ୍ଟିକାଲ ପରୀକ୍ଷା ବାକି ଥାଏ । ଦିନେ ମଧୁକୁ କହିଲା, "ଆଜି ସତ କୁହ, ତୁମେ ମୋତେ ଭଲ ପାଅ କି ନାହିଁ ?"

"ମୁଁ ତୁମକୁ କେବେ ତ କହିନି ଭଲ ପାଏ ବୋଲି । ପ୍ରକୃତରେ ମୁଁ ଆଉ ଜଣକୁ ଭଲ ପାଏ ।"

ଏ କଥା ଶୁଣି ନଟ ମୁହଁ ଲାଲ ହୋଇଗଲା । ରାଗରେ ପଚାରିଲା, "କିଏ ସେ, ତା ନାଁ କଅଣ ?"

କିଛି ନ କହି ମଧୁ ଚାଲିଗଲା । କ୍ରୋଧରେ ଜର୍ଜ୍ଜରିତ ହୋଇ ନଟ ତା'ର ଯିବା ବାଟକୁ ଅନେଇ ରହିଲା ।

ସନ୍ଧ୍ୟାବେଳେ ମୋ ପାଖକୁ ନଟ ଆସିଲା । ମୁହଁ ଲାଲ ଦିଶୁଥାଏ । ଏପାଖ ସେପାଖ ଚାଲୁଥାଏ, ହାତ ମୁଠା ମୁଠା କରୁଥାଏ । ଏ କ୍ରୋଧାନ୍ୱିତ ଚେହେରା ମୁଁ ଆଗରୁ ଦେଖିଛି । ଜାଣିପାରିଲି, କିଛି ଗୋଟେ ଅଘଟଣ ଘଟିଛି । ପଚାରିଲି, "କଅଣ ହେଲା ଭାଇ ?"

-"ଛାଡ଼ିବିନି, ଛାଡ଼ିବିନି, ମୋଟେ ଛାଡ଼ିବିନି ତାକୁ । ଏତେ ସାହସ । ମୋତେ ଛାଡ଼ି

 Download Magazine from www.aahwaan.com

ଆଉ ଜଣକୁ ଭଲ ପାଉଛି ! ଦି ବର୍ଷ ହେଲା ମୋ ସାଥିରେ ମିଶିଛି, ଦିନେ ହେଲେ କହିନି ଆଉ ଜଣକୁ ଭଲ ପାଏ, ଶେଷରେ ଆଜି କହୁଛି, ବଦମାସ ! ଟିକିଏ ସୁନ୍ଦରୀ ବୋଲି ଏତେ ଗର୍ବ ! ମୋ ସାଥିରେ ଧୋକାବାଜି !" ଟିକିଏ ରହି କହିଲା, "ଏସିଡ ପକେଇଦେବି, ମୋତେ ଚିହ୍ନିନି, ଆଉ ସୌନ୍ଦର୍ଯ୍ୟ ଥିବ ନା କିଏ ଭଲ ପାଇବ, ତା ମୁହଁରେ ଛେପ ପକେଇବାକୁ ବି କେହି ରାଜିହେବେନି ।"

"ରାଗନା ସାଙ୍ଗ, ଏତେ ରାଗନା, ଦେହ ଖରାପ ହେବ । ଘଟଣା କଅଣ ମୋତେ ଖୋଲିକରି କହ ।" ସେ ମୂଳରୁ ସବୁ କଥା କହିଲା । ମୁଁ ଜାଣିଗଲି, କେବଳ ଡରରେ ମଧୁ ତା ସାଥିରେ ମିଶୁଥିବ । କଲେଜର ନାମୀ ଗୁଣ୍ଡାକୁ କିଏ ପ୍ରେମ କରିବ ! ମୋତେ ବି ଭୟ ଲାଗିଲା । କଣ ନାହିଁ କଣ କରିଦେବ ! ତା ମୁଣ୍ଡକୁ ଏମିତି ବେଳେବେଳେ ପିତ୍ତ ଉଠେ । ତାକୁ ଶାନ୍ତ କରିବାକୁ କହିଲି, "ହଉ, ତୁ କାଲି ଆ, କିଛି ଗୋଟେ ପ୍ଲାନ କରିବା ।"

ତା ଆରଦିନ ସନ୍ଧ୍ୟାରେ ସେ ଘରେ ଆସି ପହଞ୍ଚିଗଲା । ମୁଁ ଭାବିଥିଲି ତା ରାଗ ଶାନ୍ତ ହୋଇଯିବ ଓ ଆଉ ଆସିବନି, କିନ୍ତୁ ସେ ଠିକ ଟାଇମ୍ରେ ଆସିଗଲା । ତାକୁ ଡାକିନେଇ ମୋ ପଢ଼ାଘରେ ବସେଇଲି । ପଚାରିଲି, "କଅଣ ଚାହୁଁଛୁ ।"

କହିଲା, "ମୋର ନହେଲେ କାହାରି ହେବାକୁ ଦେବିନି । ମୁଁ ନିଶ୍ଚୟ ତା ମୁହଁରେ ଏସିଡ ପକେଇଦେବି ।"

"ହେ ଭାଇ, ଏତେ ରାଗନା । ଝିଅ ହେଲେବି ତାର ବି ତ ତାର ଗୋଟେ ନିଜସ୍ୱ ମନ ଥିବ । ବହି ଖାତା ଅଦଳ ବଦଳ ଭଳି ମନଟା ଅଦଳ ବଦଳ କରାଯାଏନି । ସେଥିପାଇଁ ଦୁଇଜଣଙ୍କର ମନରେ ସ୍ୱତଃ ପ୍ରେମର ଫଲ୍ଗୁ ପ୍ରବାହିତ ହେବା ଆବଶ୍ୟକ । ତୋତେ ଦେଖିଲେ ତାର ହୃଦୟରେ ବୋଧେ ଘଣ୍ଟି ବାଜୁନି । ଭୁଲିଯା ଭାଇ ତାକୁ । ଏ ପ୍ରେମ ଫ୍ରେମ

Download Magazine from www.aahwaan.com

କଲେ ଏମିତି ହୁଏ । ଏକ ପାଖିଆ ପ୍ରେମ, ପ୍ରେମ ନୁହେଁ ।" ମୋତେ କଟମଟ କରି ଅନେଇଲା ସେ । ସେ ଚାହାଣି ଦେଖି ମୁଁ ଡରିଗଲି । କହିଲା, "ହଉ, ତୁ ସାହାଯ୍ୟ ନ କଲେ ନ କର, ଯାହା କରିବା କଥା, ମୁଁ ଏକାକୀ କରିବି ।"

ଏମିତି କମେଣ୍ଟ ମାରିବା, ରାଗିଙ୍ଗ କରିବା ଅଲଗା କଥା ଓ ଏସିଡ ପକେଇବା ଅଲଗା କଥା । ଇଚ୍ଛା ବିରୁଦ୍ଧରେ ମୁଁ ବସିଥାଏ । କହିଲି, "ହଉ କହ, କଅଣ କରିବା ?"

"ସେ ସନ୍ଧ୍ୟା ବେଳେ ମନ୍ଦିରକୁ ଯାଏ । ସେତିକିବେଳେ ପକେଇବି । ମୁଁ ଦିନେ ଯାଇ ବଜାରରୁ ଏସିଡ କିଣି ଆଣି ତୋତେ ଦେବି, ତୁ ଘରେ ରଖିଥିବୁ । ଭାବୁଛି, ଯେଉଁଦିନ ବେଶୀ ଲୋକ ମନ୍ଦିରକୁ ଯାଆନ୍ତିନି, ସେଇ ଦିନ ମୁଁ ଲୁଚିଥିବି ସେ ମନ୍ଦିର ପାଖ ଗଛ ପଛପଟେ । ତୁ ବି ମୋ ସାଥିରେ ଗଛ ପଛରେ ରହିବୁ । ଗୋଟେ ମଟରସାଇକେଲ ମାଗିଆଣି ରଖିଥିବି ଟିକିଏ ଦୂରରେ, ତୋଠୁ ଏସିଡ ନେଇ ତା ଉପରେ ପକେଇ ଦଉଡ଼ି ପଳେଇବି ଓ ମଟରସାଇକେଲରେ ବସି ଛୁ ମାରିବି । ସେଇ ସନ୍ଧ୍ୟାରେ ମୁଁ ଟ୍ରେନରେ ବସି ମୋ ଗାଁକୁ ପଳେଇବି । ମୁଁ ଏସିଡ ପକେଇବାକୁ ଗଲାବେଳେ ଆଉ କେହି ଆସିବା ଦେଖିଲେ ହୁଇସିଲ ମାରି ମୋତେ ଜଣେଇଦେବୁ, ମୁଁ ରହିଯିବି ।" ଟିକିଏ ଆଶ୍ୱସ୍ତ ହେଲି, ଯାହାହେଉ ମୋତେ ଏସିଡ ପକେଇବାକୁ କହିନି ।

କହିଲି, "ଯଦି କିଏ ଧରିପକାଏ, ଦୁହେଁ ବନ୍ଧାହୋଇ ମାମୁଁ ଘରକୁ ଯିବା ।"

ନଟ – "କିଛି ହେବନି । ତୁ ଏତେ ଡରକୁଳା କେବେଠୁ ହେଲୁଣି । ଏତେ ଦିନ ମିଶିଲୁଣି ମୋ ସାଥିରେ, ଆମର କିଛି ଅସୁବିଧା ହୋଇଛି କି ? ଏ ଅଭିଯାନ ସଂପୂର୍ଣ୍ଣ ଫଳପ୍ରଦ ।" ଚୁପ ରହିଲି, କେମିତି କହିଥାଆନ୍ତି ମୋ ମାଆର ଚଣ୍ଡୀ ଅବତାର କଥା !

ଏହା ପରେ ମୋର ଆଉ କିଛି କହିବାକୁ ବାକି ନଥିଲା । ଭାବିଲା ବେଳକୁ ଛାତି ଧଡ଼

 Download Magazine from www.aahwaan.com

ଧଡ଼ କରୁଥାଏ । ଧରା ପଡ଼ିଗଲେ ଆଉ କିଏ କିଛି କରୁ କି ନକରୁ, ମୋ ମାଆ ମୋ ଦେହରୁ ଚମ ଉତାରି ଦେବ ବା ମୋତେ ଜିଅନ୍ତା ପୋତିପକେଇବ । ପ୍ରାକ୍ଟିକାଲ ପରୀକ୍ଷା ପରଦିନକୁ ଏହି ସାହସିକ ଅଭିଯାନ କରିବାକୁ ଆପାତତଃ ସ୍ଥିର କରାଗଲା ।

ଦିନେ ସେ ଗୋଟେ ବଡ଼ ମୁହଁ ଥିବା ବୋତଲରେ ଅଧ ବୋତଲେ ଏସିଡ କ୍ୟାରିବ୍ୟାଗରେ ଆଣି ମୋ ହାତରେ ଧରେଇଦେଲା । ମୋ ଘରଠୁ ମନ୍ଦିରଟା ପାଖ । ତେଣୁ ସୁବିଧା ହେବ ଭାବି ମୋତେ ଦେଇଗଲା । ମୁଁ ସାବଧାନରେ ଧରି ଯାଉଥାଏ । ସେ ବୋତଲ ଧରି ଲୁଚେଇକରି ପଢ଼ା ଘରକୁ ଗଲାବେଳେ ମାଆ ହାବୁଡ଼େ ପଡ଼ିଗଲି । ଚଢ଼ା ଗଳାରେ ମା ପଚାରିଲା, "କଅଣ ଧରିଛୁ ସେଇଟା – ବୋତଲ ? କଅଣ ଅଛି ସେ ବୋତଲରେ ?" ତରତରରେ କହିପକେଇଲି, "କେମିଷ୍ଟ୍ରି ପ୍ରାକ୍ଟିକାଲରେ ଦରକାର ହେବା ଜିନିଷ, ମାଗିଆଣିଛି, ଆଗରୁ ଅଭ୍ୟାସ କରିବି ।"

ଅବଶେଷରେ ଆମର ସେଇ ପୂର୍ବ ନିର୍ଦ୍ଧାରିତ ଦିନ ଆସିଲା । ମୋ ଛାତି ଥରୁଥାଏ । ବୋତଲଟି ଗୋଟେ ବ୍ୟାଗରେ ପୁରେଇ ମନ୍ଦିର ପାଖକୁ ଗଲି । କେହି କୁଆଡ଼େ ନଥାଆନ୍ତି । ଗଛ ପଛପାଖରେ ନଟ ଲୁଚିଥିଲା । ମୁଣ୍ଡରେ ଗୋଟେ ଟୋପି, ମୁହଁରେ ଗୋଟେ ମୁଖା, ଆଖି ଉପରେ କଳା ଚଷମା ଓ ହାତରେ ଗ୍ଲୋଭ୍ସ ଲଗେଇଥାଏ । ମୋଠୁ ବୋତଲ ନେଇଗଲା । ସାବଧାନରେ ଧରିଥାଏ । ଚାରି ଆଡ଼କୁ ଅନେଇଲୁ । କେହି କୁଆଡ଼େ ଦେଖାଯାଉନଥିଲେ ।

ସନ୍ଧ୍ୟା ହେଇଆସିଲା । ଦେଖିଲୁ, ମଧୁ ଧୀରେ ଧୀରେ ମନ୍ଦିର ଆଡ଼କୁ ଆସୁଛି । ମୋ ହୃତପିଣ୍ଡ ଗତି ଦୃତ ହୋଇଗଲା । "ହେ ଭଗବାନ, ମୋତେ ରକ୍ଷାକର, କହି ଆକାଶକୁ ଅନେଇ ନମସ୍କାର କଲି ।" ମଧୁ ପ୍ରାୟ ଆମ ପାଖରେ ପହଞ୍ଚିଗଲା । ଏଥର ନଟ

Download Magazine from www.aahwaan.com

ଆଗେଇଲା ମଧୁ ଦିଗକୁ । ହଠାତ୍ ଦଉଡ଼ି ଯାଇ ତା ମୁହଁକୁ ଲକ୍ଷ କରି ବୋତଲରେ ଥିବା ସମସ୍ତ ପଦାର୍ଥ ଫୋପାଡ଼ିଦେଲା ଓ ଦୌଡ଼ି ପଳେଇଲା । "ମରିଗଲି, ମରିଗଲି" କହି ମଧୁ ବିକଳ ଚିତ୍କାର କରି ନିଜ ମୁହଁକୁ ଓଢ଼ଣୀରେ ପୋଛି ପୋଛି ତା ଘର ଦିଗରେ ଦୌଡ଼ି ପଳେଇଲା । ତା ଚିତ୍କାର ଶୁଣି ହଠାତ୍ କେଜାଣି କୋଉଠି ଜଣେ ଲୋକ ଥିଲେ, ଗୋଟେ ଠେଙ୍ଗା ଧରି ଦୌଡ଼ି ଆସିଲେ । ପ୍ରାଣ ବିକଳରେ ନଟ ଦୌଡ଼ି ଦୌଡ଼ି ମଟରସାଇକେଲ ପାଖକୁ ଗଲା ଓ ସେଥିରେ ବସି ଷ୍ଟାର୍ଟକରି ପଳେଇଲା । ତାକୁ କେହି ଧରିବାକୁ ସକ୍ଷମ ହୋଇପାରିଲେନି ।

ମୋ ଦେହ ଥରୁଥାଏ । ଝାଳ ଗମ ଗମ ହୋଇ ବୋହୁଥାଏ । ଘରକୁ ଗଲି, ଭାଗ୍ୟ ଭଲ ଘରେ ମାଆ ନଥିଲା । ଗାଧୁଆ ଘରକୁ ଯାଇ ପୁରା ଉଲଗ୍ନ ହୋଇ ସାୱାର ତଳେ ଅନେକ ସମୟ ଠିଆ ହେବାପରେ ମନ ଟିକିଏ ଶାନ୍ତ ହୋଇଆସିଲା । ତା ପରେ ଭଲ ରୂପେ ପୋଛି ପାଛି ହୋଇ ବାହାରକୁ ବାହାରିଲି ଓ ରୁମକୁ ଯାଇ ସଫା ଡ୍ରେସ ପିନ୍ଧି ବିଛଣାରେ ଗଡ଼ିପଡ଼ିଲି ।

ରାତିଯାକ ଶୋଇପାରିଲିନି । କାନରେ ସେଇ 'ମରିଗଲି, ମରିଗଲି' ଚିତ୍କାର ପ୍ରତିଧ୍ୱନିତ ହେଉଥାଏ । ଭୟ ଆସୁଥାଏ, କାଳେ ମା କୌଣସି ମତେ ଜାଣିଯିବ । ହେଲେ ମୋର ଅବସ୍ଥା କଅଣ ହେବ ଭାବି ଭାବି ରାତି କଟିଗଲା । 'ଚୋରର ସାଥି ଚୋରୀ ନକଲେ ବି ଚୋର', ସେଇ ନୀତିରେ ମୁଁ ବି ଦୋଷୀ । ପ୍ରଭୁଙ୍କୁ ଡାକି ଡାକି ରାତି ଶେଷ ପ୍ରହରରେ ବୋଧେ ନିଦ ଆସିଥିଲା, ଉଠିଲା ବେଳକୁ ଦିନ ନଅଟା । ସକାଳେ ଏ ଘଟଣାର କୌଣସି ଚର୍ଚ୍ଚା ହେଲାନି କି ଖବର କାଗଜରେ ବାହାରିଲାନି । ଅସ୍ୱାଭାବିକ ଲାଗିଲା ମୋତେ । ଭାବିଲି, ମଧୁ ବୋଧେ କୌଣସି ବଡ଼ ଡାକ୍ତରଖାନାକୁ ଚାଲିଗଲା ଚିକିତ୍ସା ପାଇଁ । ତା ମୁହଁ

Download Magazine from www.aahwaan.com

ପୋଡ଼ିଯାଇ କେମିତି ଭୟଙ୍କର ଦେଖାଯାଉଥିବ, ଭାବି ମୋର ଆତ୍ମଗ୍ଲାନି ହେଲା । ବିଚାରୀ ନିରପରାଧିନୀ ଝିଅଟା, ତା ଜୀବନ ନଷ୍ଟ ହୋଇଯାଇଥିବ !

ଏ ଘଟଣା ପରେ ମୁଁ ଅନ୍ୟ ସହରକୁ ଚାଲିଗଲି ଓ ଏମସିଏ ପାଠ ପଢ଼ି ବେଙ୍ଗାଲୁରୁରେ ଚାକିରି କଲି । କିଛି ବର୍ଷ ପରେ ଥରେ ଘରକୁ ଆସିଥିଲି । ଦିନେ ସନ୍ଧ୍ୟା ସମୟରେ ଗୋଟିଏ ଗାଡ଼ି ଆସି ଘର ସାମନାରେ ରହିଲା । ମୁଁ ଘର ଭିତରକୁ ଚାଲିଗଲି । କିଛି ସମୟ ପରେ ମୋତେ ଡାକରା ଆସିଲା । ଡ୍ରଇଁ ରୁମକୁ ଯାଇ ମୁଁ ଯାଇ ସୋଫା ଉପରେ ବସିଗଲି । ବାପା ମୋତେ ଚିହ୍ନେଇଦେଲେ, "ଇଏ ମନ୍ମଥ ସାମନ୍ତ, ତାଙ୍କ ସ୍ତ୍ରୀ ଓ ଝିଅ ।" ମୁଁ ସମସ୍ତଙ୍କୁ ନମସ୍ତେ କରି ଝିଅକୁ ଅନେଇଲି । ଆରେ, ଇଏ ତ ମଧୁ ଭଳି ଦେଖାଯାଉଛି ! ମନ୍ମଥ ବାବୁ କହିଲେ, "ତୁମେ ଦୁଇଜଣ ଭିତରକୁ ଯାଅ, କଥାବାର୍ତ୍ତା ହୁଅ । କିଛି ତରବର ନାହିଁ ।"

ଭିତରକୁ ଗଲାପରେ ସେ ଝିଅ କହିଲା, "ମୋତେ ଚିହ୍ନିପାରୁଛନ୍ତି ।"

"ନା", କହିଲି ।

"ମୁଁ ମଧୁଛନ୍ଦା । ମନେପଡ଼ିଲା ।"

ହଠାତ ମୁଁ ଶିହରୀ ଉଠିଲି । ମୋ ଭୂମିକା କଥା ଇଏ ଜାଣି ପକେଇ ମୋତେ ଗାଳି ଦେବାକୁ ଆସିଛି ନା କଅଣ । ପଛ କଥା ମନେ ପକେଇ ମୁଁ ଲାଜରେ ସଢ଼ିଗଲି । ତା ମୁହଁକୁ ଭଲ ରୂପେ ଅନେଇଲି । କିଛି ଖରାପ ଦିଶୁନି । ଇଏ କେମିତି ସମ୍ଭବ ହେଲା । ଓଲଟା ଅତି ସୁନ୍ଦରୀ ଦିଶୁଛି । କଅଣ ପ୍ଲାଷ୍ଟିକ ସର୍ଜରୀ କରିଛି ନା କଅଣ ! କିଛି ଉତ୍ତର ଦେଲିନି ।

"ଭାବୁଛନ୍ତି ବୋଧେ, ମୋ ମୁହଁର କେମିତି କିଛି କ୍ଷତି ହୋଇନି, ମୋର ସୌନ୍ଦର୍ଯ୍ୟ କେମିତି ଅକ୍ଷୁର୍ଣ୍ଣ ରହିଲା, ଏଇଆ ନା ?

କିଛି କହୁନାହାନ୍ତି କାହିଁକି ?"

Download Magazine from www.aahwaan.com

"ସେ ଭୁଲ କାମ ପାଇଁ ବହୁତ ଅନୁତାପ କରିଛି । ନିଜକୁ ଧିକ୍କାର କରିଛି । ଆଉ ଲଜ୍ଜା ଦିଅନ୍ତୁନାହିଁ ।"

"ଆରେ ଆପଣ ତ କିଛି ଦୋଷ କରିନାହାନ୍ତି, ବରଂ ମୋର ଉପକାର କରିଛନ୍ତି ।"

ଆଶ୍ଚର୍ଯ୍ୟରେ ମୁଁ ତା ମୁହଁକୁ ଅନେଇଲି ।

"ଭାବନ୍ତୁ ତ, ମୋର ମୁହଁ କେମିତି ପୋଡ଼ିଲାନି । ଅସଲ କଥା ହେଲା, ଆପଣ ଓ ଆପଣଙ୍କ ମାଆ ମୋତେ ବଞ୍ଚେଇଲେ ।"

ଅବିଶ୍ୱାସ ଭରା ସ୍ୱରରେ ମୋ ପାଟିରୁ ବାହାରିଆସିଲା, "କେମିତି ?"

ଏତିକି ବେଳେ ମୋ ମାଆ ଭିତରକୁ ପଶିଆସିଲେ । ତା ପରେ ମାଆ କହିବାକୁ ଲାଗିଲେ, "ତୁ ମୋତେ କ୍ଷମା ମାଗିବା ପରେ ବି ମୁଁ ତୋତେ ବିଶ୍ୱାସ କଲିନି, କାରଣ ତୋର ସାଙ୍ଗ ଦୋଷ ଥିଲା । ଇଂରାଜୀରେ ଗୋଟିଏ କଥା ଅଛି, ଟେଲ ମି ଇୟୋର ଫ୍ରେଣ୍ଡ, ଆଇ ଉଇଲ ଟେଲ ହୁ ୟୁ ଆର ।" ମୁଁ ତୋ ଖବର ବରାବର ରଖୁଥିଲି । ତୁ ଯେଉଁଦିନ ସେ ବଦମାସ ଟୋକାକୁ ଘରକୁ ଆଣିଲୁ, ମୁଁ ଜାଣିଲି, କିଛି ଅଘଟଣ ଘଟିବାକୁ ଯାଉଛି । ପାଖ ବଖରାର କବାଟ କୋଣରେ ଠିଆ ହୋଇ ତୁମର କଥୋପକଥନ ସବୁ ଶୁଣୁଥିଲି । ସବୁ ଶୁଣି ଜାଣିଲି ତୋର ପରିବର୍ତ୍ତନ ହୋଇଯାଇଛି ।"

"ଯେଉଁଦିନ ଏସିଡ ଆଣି କହିଲୁ 'କେମିଷ୍ଟ୍ରି ପ୍ରାକ୍ଟିକାଲରେ ଦରକାର ହେବ', ସେ ଦିନ ତୁ ହଡ଼ବଡ଼େଇ ଯାଇ ଭୁଲିଯାଇଥିଲୁ ଯେ ତୁ କଳାର ଛାତ୍ର ।" ତୋ ମିଛ କହିବା ମୁଁ ସଙ୍ଗେ ସଙ୍ଗେ ଜାଣିଗଲି । ତୋ ବୋତଲ ରଖିବା ଜାଗା ମୁଁ ଲକ୍ଷ୍ୟ କରିଥିଲି । ତୁ ଘରୁ ବୁଲିବାକୁ ଗଲାପରେ ମୁଁ ସେ ବୋତଲ ନେଇ ଠିପି ଖୋଲି ଟିକିଏ ଦୂରରୁ ଶୁଙ୍ଘି ଜାଣିନେଲି ଯେ ସେଥିରେ ଏସିଡ ଅଛି । ସେଇ ଏସିଡ ବୋତଲ ନେଇ ବାହାରକୁ ଗଲି ଓ ସବୁ ଏସିଡ

 Download Magazine from www.aahwaan.com

ବାହାରେ ନାଳରେ ଫୋପାଡ଼ି ଦେଇ ୪ ବାଲ୍ଟି ପାଣି ଢାଳିଦେଲି । ବୋତଲକୁ ଧୋଇ ଧାଇ ପୋଛିଦେଲି ଓ ସେଥିରେ ଯେତିକି ଏସିଡ ଥିଲା, ସେତିକି ପାଣି ଭର୍ତ୍ତି କରି ତା ଜାଗାରେ ଥୋଇଦେଲି । ତୁ ବା ନଟ କିଛି ଜାଣିପାରିଲନି ।" ମନେ ମନେ ଭାବିଲି, ତାହାହେଲେ ମଧୁ 'ମରିଗଲି, ମରିଗଲି' ଚିତ୍କାର କଲା କାହିଁକି !

ଶୁଣ ତା ପରର ଘଟଣା, ତାପରେ ମୁଁ ମଧୁ ଘରକୁ ଯାଇ ତାକୁ କହିଲି, "ମା, ମୁଁ ମନ୍ଦିର ପାଖରେ ରହେ । ନଟକୁ ଚିହ୍ନିଥିବୁ । ସେ ତୋ ଉପରେ ଏସିଡ ପକେଇବାକୁ ପ୍ଲାନ କରିଛି । ସବୁ କଥା ବିସ୍ତାରରେ କହିଲି ।" ପ୍ରଥମେ ସେ ଭୟରେ କଳାକାଠ ପଡ଼ିଗଲା । ମୁଁ ମଧୁକୁ କହିଲି, "ମୁଁ କିନ୍ତୁ ଆଉ ଗୋଟେ ପ୍ଲାନ କରିଛି, ଶୁଣ । ସେଇ ଅନୁସାରେ କାମ କରିବା । ମୁଁ ଗୋଟେ ଲୋକକୁ ଠେଙ୍ଗା ଧରି ଜଗେଇଥିବି ସେ ଲୁଚିଥିବ । ମୁଁ ବି ଗୋଟେ କମ୍ବଳ ଧରି ଲୁଚିଥିବି, ଦରକାର ପଡ଼ିଲେ ତା ଉପରେ ଘୋଡ଼େଇ ନିର୍ଘୁମ ପିଟିବା । ତୋର କିଛି ଅସୁବିଧା ହେବନି । ଦୁଷ୍ଟ ଲୋକ ଥରେ ମାତିଲେ ତାକୁ ଅଟକେଇବା କଷ୍ଟ । ଆଜି ନହେଲେ କାଲି କ୍ଷତି କରିବ । ଆମେ ଏମିତି କାମ କରିବା ଯେମିତି ସେ ଭାବିବ ଯେ ସେ ଏସିଡ ପକେଇଛି ଓ ଝିଅର କ୍ଷତି କରିଛି । ପ୍ରକୃତରେ କିନ୍ତୁ ମୁଁ ଏସିଡ ବଦଳେଇ ପାଣି ରଖିଦେଇଥିବି । ଏହା ପରେ ତାର ଆଉ କିଛି ଦୁଷ୍ଟ ଭାବନା ମନରେ ରହିବନି । ଡରରେ ସେ ଆଉ ଏଠିକୁ ଆସିବନି କି ଏଠାର ଖବର ରଖିବନି । ଭୟ ମଣିଷର ସବୁଠୁ ବଡ଼ ଶତ୍ରୁ ।

ମଧୁ – "ମୁଁ କଅଣ କରିବି ?"

ମାଆ – "ସେ ତୁମ ଉପରକୁ ବୋତଲରୁ କିଛି ପକେଇଲେ 'ମରିଗଲି, ମରିଗଲି' ବା ତୁମ ଦେହକୁ ଛୁଇଁଲେ ବା ଅନ୍ୟ କିଛି ସମସ୍ୟା ସୃଷ୍ଟି କଲେ 'ବଞ୍ଚାଅ ବଞ୍ଚାଅ' କହି ଚିତ୍କାର କରିବ । ବାସ, ଏତିକି ତୁମ କାମ । ବାକି ତୁମ ଘରର ବାପା ମାଆଙ୍କୁ ପଚାରି, ମନ ସ୍ଥିର

Download Magazine from www.aahwaan.com

କରି ମୋତେ କହିବ । ସେମାନେ ବି ଇଚ୍ଛା କଲେ ତାର ଫେରିବା ବାଟରେ ଜଗିପାରିବେ ।"

ମଧୁ କହିଲା, "ସେ ମୋ ପାଖକୁ ଆସି ପାଣି ପକେଇବା ମାତ୍ରେ ମାଉସୀ (ମୋ ମାଆ) କହିବା ମୁତାବକ ଯେତେ ବଳ ଅଛି ସାଉଣ୍ଟି କରି ମୁଁ 'ମରିଗଲି, ମରିଗଲି' କହି ଚିତ୍କାର କଲି । ତା ପରେ ସେ ଲୋକର ଠେଙ୍ଗା ଦେଖି ନଟ ଯେମିତି ଦୌଡ଼ିଲା, ଦେଖିବାର କଥା । ମୁଁ ବହୁତ କଷ୍ଟରେ ହସ ଚାପି ରଖିଲି ।" କିନ୍ତୁ ଗୋଟେ ସନ୍ଦେହ ଏବେବି ରହିଛି, "ସେ ଫୋନ କରି ପଚାରିନି ମୋ ମୁହଁ ପୋଡ଼ିଯାଇଛି କି ନାହିଁ ?"

ହଁ, ପଚାରିଥିଲା, ମୁଁ ଉତ୍ତର ଦେଇଥିଲି, "ତାର ମୁହଁ ପୁରା ପୋଡ଼ି ଅଙ୍ଗାର ହୋଇଯାଇଛି ।" ସମସ୍ତେ ହସି ଉଠିଲୁ ।

କିନ୍ତୁ ତୁମେ ନଟକୁ କହିଥିଲ, "ଆଉ ଜଣକୁ ଭଲ ପାଏ ?"

ଟିକିଏ ହସି ମଧୁ କହିଲା, "ମୁଁ ତା'ଠୁ ଛୁଟି ପାଇବାକୁ ସେଇ ଗୋଟେ ମିଛ କଥା କହିଥିଲି ।"

"ଟିକିଏ ପୂର୍ବରୁ ଆପଣ କହିଲେ, ମୁଁ ଉପକାର କରିଛି । ଏଥିରେ ମୁଁ ତ ଆପଣଙ୍କର କିଛି ଉପକାର କରିନି ?"

"ଆରେ, ଆପଣ ନଟକୁ ଘରକୁ ଡାକିନଆଣିଥିଲେ ଏ ପ୍ଲାନ ଅଜଣା ରହିଥାନ୍ତା ଆଉ ମୁଁ ରକ୍ଷା ପାଇଥାଆନ୍ତି କେମିତି ?" ସେ ତ କେତେବେଳେ ନା କେତେବେଳେ ମୋ ଉପରେ ଏସିଡ ପକେଇଥାନ୍ତା ।

ମା କହିବାକୁ ଲାଗିଲେ, "ସେ ଘଟଣାର ସାତ ଦିନ ପରେ ମଧୁ ସାଥିରେ ମୋର ରାସ୍ତାରେ ଭେଟ ହୋଇଥିଲା । ମଧୁ ମୋତେ ଦେଖି ପାଦ ଛୁଇଁ କହିଲେ, "ମାଉସୀ, ଆପଣ ମୋତେ ବଞ୍ଚେଇଦେଲେ । ମୁଁ ଆପଣଙ୍କ ଋଣ ଏ ଜୀବନରେ

Download Magazine from www.aahwaan.com

ସୁଝିପାରିବିନି । ଆପଣ ଯେଉଁ ଉପକାର କଲେ, କେହି କରିବେନି । ମୋ ମାଆ ଭଳି ମୋତେ ସୁରକ୍ଷା ଦେଲେ । ମୁଁ ଆପଣଙ୍କୁ ମାଆ ଡାକିପାରିବି କି ?"

-"ଯଦି ସତସତିକା ମାଆ ଡାକିବାକୁ ଇଚ୍ଛା, ତେବେ ମୋ ଘରକୁ ବୋହୂ ହେଇ ଚାଲିଆ । ମାଆ ଡାକିବାର ସଂପୂର୍ଣ୍ଣ ଅଧିକାର ପାଇଯିବୁ ।"

ମା ଆଡ଼କୁ ବିସ୍ମୟ ବିସ୍ଫାରିତ ନୟନରେ ଅନେଇ କହିଲି, "ମାଆ, ତୋର ଏତେ ବୁଦ୍ଧି ଅଛି ବୋଲି ମୁଁ ଜାଣିନଥିଲି । ତୁ ଏତେ ବର୍ଷ ଧରି ଏତେ କଥା ଲୁଚେଇରଖିଥିଲୁ । ଆଗରୁ କହିଥିଲେ ଅନ୍ତତଃ ମୋର ଆଜି ପର୍ଯ୍ୟନ୍ତ ଥିବା ଆତ୍ମଗ୍ଲାନି କଟିଯାଇଥାଆନ୍ତା ।" ଏତିକି କହି ମାଆକୁ କୁଣ୍ଢେଇ ପକେଇ ତା ପିଠିକୁ ସ୍ନେହରେ ଥାପୁଡ଼େଇବାକୁ ଲାଗିଲି ।

"ତୋର ଆତ୍ମଗ୍ଲାନି ରହିବା ଯୋଗୁ ଆଜି ତୁ ମଣିଷ ହୋଇପାରିଲୁ, ନହେଲେ ସେଇ ଦୁଷ୍ଟାମି ରହିଯାଇଥାଆନ୍ତା । ପିଲାଙ୍କୁ ମଣିଷ ଭଳି ମଣିଷ କରିବାକୁ ବାପା ମାଆଙ୍କୁ ଅକଥନୀୟ କଷ୍ଟ ସ୍ୱୀକାର କରିବାକୁ ପଡ଼େ ।"

ବାତ୍ସଲ୍ୟ ମମତାର ଅଥଳ ସାଗର ମଧ୍ୟରେ ଏଭଳି ପ୍ରବହମାନ ବୌଦ୍ଧିକ ହିମଖଣ୍ଡ ଲୁଚି ରହିଯାଇପାରେ, ଏ କଥା ମୁଁ ପ୍ରଥମକରି ଜାଣିବାକୁ ପାଇଲି ।

ମୋତେ ଏହା ପରେ ମାଆ ମୋତେ ଟିକିଏ ଦୂରକୁ ଡାକି ନେଇ ପ୍ରଶ୍ନ କଲା, "ହଉ, ବହୁତ କଥାବାର୍ତ୍ତା ହେଲା । ଏବେ କହ, ଏ କନ୍ୟା ମନ ପାଇଲା ନା ନାହିଁ ?" ଧୀରେ ହଁ ଭରିଲି । ମୋ ହଁ ଭରିବା ଶୁଣି ଲାଜ ଓ ଖୁସିର ଅପୂର୍ବ ସଙ୍ଗମରେ ମଧୁ ଅଦ୍ୱିତୀୟା ଓ ଅନୁପମା ଦେଖାଯାଉଥିଲା । କହିବାକୁ ଲଜ୍ଜା ଆସିଲା ଓ ସାହସ ହେଲାନି, ସେଇ ପଢ଼ିଲା ଦିନୁ ମୁଁ ବି ମଧୁକୁ ମନେ ମନେ ଭଲ ପାଉଥିଲି । ସେଥି ଯୋଗୁ ତାକୁ ରକ୍ଷା କରିବାକୁ ସେ ବୋତଲକୁ ମୁଁ ବି ଥରେ ଧୋଇଦେଇଥିଲି ଓ କହିବା ବାହୁଲ୍ୟ ମାତ୍ର, ସେତେବେଳେ

Download Magazine from www.aahwaan.com


ବୋତଲକୁ ମା ଧୋଇସାରିବା କଥା ଜାଣିନଥିଲି । ତା ପାଖକୁ ଅନେକ ଚିଠି ଓ କବିତା ଲେଖି ସାଉତି ରଖିଥିଲି, ପଠେଇବାକୁ କେବେ ବି ସାହସ ହୋଇନଥିଲା, ବିଶେଷତଃ ନଟର ପ୍ରେମ କଥା ଶୁଣିବା ପରେ । ମୁଁ ତା ପ୍ରେମିକାକୁ ଭଲ ପାଉଥିଲି ଜାଣିଥିଲେ ମଧୁ ଉପରେ ନ ପକେଇ ନଟ ମୋ ଉପରକୁ ଏସିଡ ଫୋପାଡ଼ିଥାଆନ୍ତା । ଭାବିଲି, ବାସର ରାତିରେ ମୋ ଲିଖିତ କବିତା ଓ ଚିଠି ଦେଖେଇ ମଧୁକୁ ଆଶ୍ଚର୍ଯ୍ୟ କରେଇଦେବି ।

ଭୁବନେଶ୍ୱର

ଭ୍ରାମ୍ୟଭାଷ – ୭୯୭୮୦୫୯୮୫୧

Download Magazine from www.aahwaan.com

# ବିଳମ୍ବିତ ପ୍ରହର



ପ୍ରମୋଦ କୁମାର ପଣ୍ଡା

ରାତି ପାହି ନ ଥିଲା । ତଥାପି ମୋ ନିଦ ଭାଙ୍ଗି ଯାଇଥିଲା । ଦକ୍ଷିଣ ପାଖ ଝରକା ଫାଙ୍କ ଦ୍ୱାରରେ ଶୁକ୍ଳପକ୍ଷ ଜହ୍ନ ଆଲୁଅର ସରୁ ରେଖା ଭିତରକୁ ପଶି ଆସି ପ୍ରୀତମର ମୁଖମଣ୍ଡଳ ଉପରେ ପଡୁଥିଲା । ଶୀତାଂଶୁଙ୍କ ଅବିକଳ ପ୍ରତିବିମ୍ବ ନେଇ ଏ ଦୁନିଆକୁ ଆସିଛି ସେ । ଅନେକ ରାତି ଯାଏଁ ତାର ଅସରନ୍ତି କଥା ସରି ନଥିଲା । ଛୋଟ ବେଳୁଁ ହିଁ ତାର ଶୋଇଲା ବେଳେ ମୋ ପାଖରେ ବକର ବକର ହେବା ଅଭ୍ୟାସ ଥିଲା । ପ୍ରଥମେ ପ୍ରଥମେ ଶୀତାଂଶୁ ବିରକ୍ତ ହେଉଥିଲେ । କିନ୍ତୁ ପ୍ରୀତମର ଅଭ୍ୟାସ ବଦଳି ନ ଥିଲା । ଦିନ ସାରା ତାର ଦିନଚର୍ଯ୍ୟାକୁ ମାମା ପାଖରେ ନ ବାନ୍ତି କଲା ଯାଏଁ ତାକୁ ନିଦ ହେଉ ନ ଥିଲା । କୋଡ ପୋଛା ପୁଅର ଏଇ ଅଭ୍ୟାସକୁ ଭାଙ୍ଗି ଦେବାକୁ ମୋର ଇଚ୍ଛା ହେଉ ନ ଥିଲା । ତେଣୁ ଶୀତାଂଶୁଙ୍କୁ ଆକଟ କରି କହୁଥିଲି, `କହୁ, ନ କହିଲେ ତା ଭିତରେ ସେ ସବୁ ଘର କରିଦେବ । ତମେ ଶୋଇଯାଅ । ମୁଁ ତା କଥା ବୁଝୁଛି ।'

ବାସ୍, ଶୀତାଂଶୁ ଚୁପ୍ ହୋଇଯାଇଥିଲେ ଏବଂ ପ୍ରୀତମର ଅଭ୍ୟାସରେ ପର ଲାଗିଯାଇଥିଲା।

ରାତିରେ ଯେତେବେଳେ ସେ କହିଥିଲା, “ମାମା, ମୁଁ ତମ ପାଖରେ ଶୋଇବି ।”

ତତ୍‌କ୍ଷଣାତ୍ ମୀନୁ ଝିଙ୍ଗାସି ଉଠିଲା, “ହଁ, ନ ଶୋଇଲେ ଆଉ ଗେଲା ବୋଲି କେମିତି ଜଣା ପଡିବ ?”

 Download Magazine from www.aahwaan.com

ସାନ ବୋହୂ ଆକଟ କଲା, `ମାମା ଶୋଇବେ । ଜଲିଦି ଉଠିଲେ ସକାଳୁ ଅନେକ କାମ ଅଛି । ତମେ ଆଉ ବକର ବକର ହେବନି ।'

ଆହା, ପ୍ରୀତମ ଟିକେ ହେଲେ ବି ବଦଳି ଥାଆନ୍ତା - 'ମାମା, ଏଇଟା ହେଲା, ମାମା ସେଇଟା ହେଲା, ୟାକୁ ଏୟା କହିଲି, ତାକୁ ସେୟା କହିଲି, ମୁଁ ହେବାରୁ ତମ ବୋହୂକୁ ସମ୍ଭାଳିଛି, ବୁଝିଲ' - ଆଦି, ଆଦି ର ଅନେକ ଅସରନ୍ତି ସମ୍ଭାର ।

ସାନ ବୋହୂକୁ ପ୍ରୀତମ ପାଇଁ ସମସ୍ତେ ପସନ୍ଦ କଲା ପରେ ଏକୁଟିଆ ତାକୁ ଦେଖି ପଚାରିଥିଲି, `ତାର ଟିକେ ଦୁର୍ବଳତା ଅଛି ଝିଅ, ରାତିରେ ଶୋଇଲାବେଳେ ଜଣକ ପାଖରେ ବକର ବକର ହେଲା ପରେ ହିଁ ସେ ଶୋଇପାରିବ । ତମେ ପାରିବ ?'

ସେ ସେତେବେଳେ କିଛି ଉତ୍ତର ଦେଇ ପାରି ନ ଥିଲା । କିନ୍ତୁ ତାର ଚାହାଣୀରେ ସମ୍ମତି ସୂଚକ ଇଙ୍ଗିତ ଦେଖାଦେଇଥିଲା । ବଦ ରାଗୀ ହେଲେ ବି ପ୍ରୀତମର ଏଇ ଅଭ୍ୟାସଟିକୁ ଆପଣେଇ ଥିବାରୁ, ସାନ ବୋହୂ ଉପରେ ସହଜରେ ମୁଁ ଖପା ହୋଇ ପାରୁ ନଥିଲି ।

ଏମିତି ହିଁ ଏକ ଶରତର ପାହାନ୍ତି ପହରେ ଅଷ୍ଟମୀ ପୂଜା ପାଇଁ ଯେତେବେଳେ ଘରେ ସବୁ ପିଲାଏ ଜମା ହୋଇଥିଲେ, ଶୀତାଂଶୁଙ୍କ କ୍ଷୀଣ ଚିତ୍କାର ଶୁଣି ମୋ ନିଦ ଭାଙ୍ଗି ଯାଇଥିଲା । ଶୀତାଂଶୁ ଛାତିକୁ ଧରି ଛାଟିପିଟି ହେଉଥିଲେ । ସାଙ୍ଗେ ସାଙ୍ଗେ ପାଣି ଦେଇଥିଲି । ଅଧା ବୋତଲର ଆଣ୍ଟାସିଡ ତାଙ୍କ ପାଟିରେ ଢାଳିଦେଇଥିଲି । କିଛି ଲାଭ ମିଳି ନ ଥିଲା । ବାପା ପାଖରେ ଶୋଇଥିବା ପ୍ରୀତମ ବି ଉଠିପଡିଥିଲା । ଚିତ୍କାର କରି ସେ ଉପର ଘରେ ଶୋଇଥିବା ତା ବଡ ଭାଇକୁ ଡାକି ସାରିଥିଲା । ଆମ୍ବୁଲାନ୍ସରେ ଶୀତାଂଶୁଙ୍କୁ ଧରି

 Download Magazine from www.aahwaan.com

ଡାକ୍ତରଖାନା ନିଆ ଯାଇଥିଲା । ସେ ରାତି ଶୀତାଂଶୁଙ୍କ ପାଖରେ ଆମ ମା ପୁଅ ଦୁହିଁଙ୍କ ଶେଷ ଶୋଇବା ଥିଲା । ସକାଳ ସୂର୍ଯ୍ୟଙ୍କ ପହିଲି କିରଣ ଆମ ମାଟିରେ ସ୍ପର୍ଶ କଲା ପୂର୍ବରୁ ହିଁ ମୃତ୍ୟୁର କରାଳ ଲହରୀ ଭାଙ୍ଗିବାକୁ ଶୀତାଂଶୁ ଶରୀର ତ୍ୟାଗ କରି ସାରିଥିଲେ । ଚଉରାଳିଶି ବର୍ଷର ମୋ ବୈବାହିକ ଜୀବନରେ ଶୀତାଂଶୁ ରୂପକ ପକ୍ଷ ହଠାତ୍‌କଟିଯାଇ ମୋ ଜୀବନ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ।

ବାହାରେ ଦୂର କେଉଁ ମନ୍ଦିରରେ ଶଂଖ ଓ ଘଣ୍ଟା ଧ୍ୱନିର ଶବ୍ଦ ଶୁଣା ଯାଉଥିଲା । ପ୍ରୀତମର ଉପରେ ପଡିଥିବା କ୍ଷୀଣ ପାହାନ୍ତି ଆଲୁଅ ଉପରୁ ଦୃଷ୍ଟି ଫେରାଇ ଆଣି ଉଠି ବସିଲି । ମୋତେ ଯେ ନିଜକୁ ନିଜେ ସମ୍ଭାଳିବାକୁ ହେବ, ନିଜେ ଉଠି ସାରି ମୁରବୀ ସାଜି ସମସ୍ତଙ୍କୁ ଉଠେଇବାକୁ ପଡିବ । ପ୍ରଦୀପ, ତା ସ୍ତ୍ରୀ; ଅନୀତା, ତା ସ୍ୱାମୀ ସକାଳ ଗାଡିରେ ଆସିବେ । ରାତି ପାହିଲେ ଶୀତାଂଶୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ।

ଦୁଇ

ଦିନେ ସଂଧ୍ୟାରେ ଦୀର୍ଘ ୩୦ ବର୍ଷ ଧରି ରହୁଥିବା ସେହି ପୁରୁଣା ଜୀର୍ଣ୍ଣ-ଶୀର୍ଣ୍ଣ ସରକାରୀ ଘରକୁ ଫେରିଲା ପରେ ଚାହା ପିଉ ପିଉ ଶୀତାଂଶୁ କହିଥିଲେ, `କୁସୁମ, ଗାଁରୁ ଆସି ଭୁବନେଶ୍ୱରରେ କଣ୍ଟ୍ରାକ୍ଟରି କରୁଥିବା ମୋର ସାଙ୍ଗ ପ୍ରଫୁଲ୍ଲ କଥା ତମର ମନେ ଅଛି ?'

ହଁ, ମନେ ନ ଥିବ କେମିତି ? ପ୍ରଦୀପ ଓ ଅନୀତାର ବାହାଘର ଗୋଟିଏ ଦିନରେ ହିଁ ହୋଇଥିଲା । ତା' ପରେ ପରେ ଦିନେ ଆମ ସରକାରୀ କ୍ୱାର୍ଟରରେ ଗୋଟିଏ ଦମ୍ପତ୍ତି ପେଡି ପୁଟୁଳି ଧରି ଆସି ପହଞ୍ଚି ଯାଇଥିଲେ । ମୋ ଦେହରେ ଯେମିତି କିଏ ନିଆଁ ଲଗେଇ ଦେଇଥିଲା । ପାଞ୍ଚ-ପାଞ୍ଚଟା ପିଲା ଧରି ରାଜଧାନୀ ଭଳି ଜାଗାରେ ଚଳ । ପୁଣି ଗାଁରୁ ସାଙ୍ଗ-

Download Magazine from www.aahwaan.com

ସାଥୀ ! ବହୁତ ସମୟ ଧରି ଭିତର ଘରୁ ମୁଁ ବାହାରି ନ ଥିଲି । କାକୁତି ମିନତି କରି ଶୀତାଂଶୁ ମୋତେ ବାହାରକୁ ଧରି ଆଣିଥିଲେ ।

'କୁସୁମ, ମୋ ସାଙ୍ଗ ପ୍ରଫୁଲ୍ଲ । ଇଏ ତା ସ୍ତ୍ରୀ ।'

ଜର୍ଜରିତ କ୍ରୋଧର ଆବରଣରୁ ବାହାରି ଆସି ସାରିଥିଲେ ମଧ୍ୟ ଭଲ ଭାବେ ମୁଁ ତାଙ୍କ ସ୍ତ୍ରୀ ଙ୍କୁ ଭଲ ଭାବେ ଚାହିଁ ପାରି ନଥିଲି । ୧୫ ଦିନ ଆମ ଘରେ ରହିଲା ପରେ ଭଡାଘର ଦେଖି ବରମୁଣ୍ଡା ଗାଁ ଭିତରକୁ ସେମାନେ ଚାଲି ଯାଇଥିଲେ । ପ୍ରଫୁଲ୍ଲଙ୍କ ସ୍ତ୍ରୀ ବହୁତ ଅମାୟିକ ମହିଳା ଥିଲେ । ଆମ ଘରେ ଥିଲା ଯାକ ମୋ ଘରର ସବୁ କାମ ତକ ନିଜ ହାତକୁ ନେଇଯାଇଥିଲେ । ଗୀତୁ, ମୀନୁ, ପ୍ରୀତମର ଜଂଜାଳ ନିଜ ଛୁଆମାନଙ୍କ ଭଳି ନେଇଥିଲେ, `ନିଜର କିଛି ଠିକଣା ଥିଲେ ସିନା ଅପା, ପିଲାଙ୍କୁ ଏଇଠିକୁ ଆଣିବି । ନ ହେଲେ ପିଲାଙ୍କୁ ଏକୁଟିଆ କଣ ଗାଁରେ ଯା ତା ପାଖରେ ସବୁ ଦିନ ଛାଡି ହେବ ?'

ଶୀତାଂଶୁ ସେହି ପ୍ରଫୁଲ୍ଲଙ୍କ କଥା କହୁଥିଲେ । ଅନେକ ଦିନ ହେଲା ସେମାନଙ୍କ ସହ ସାକ୍ଷାତ ହୋଇ ନ ଥିଲା ।

'ପ୍ରଫୁଲ୍ଲ ଆଜି ଅଫିସ ଆସିଥିଲା । ଗାଡକଣାରେ ସେ ପ୍ଲଟିଙ୍ଗ୍ କରୁଛି । ଆମ ଅଫିସର ସମସ୍ତେ ସେଇଠି ଜାଗା କିଣୁଛନ୍ତି । ମୋତେ ପଚାରୁଥିଲା ।'

'ତମେ କଣ କହିଲ ?'

'କଣ ଆଉ କହିଥାନ୍ତି ? ଆମ ପାଖରେ କଣ ଅଛି ଯେ ତାକୁ କହିବି କିଣିବି ବୋଲି । ଚୁପ୍ ରହିଲି । ସେ ହିଁ କହିଲା - କିଣି ଦେ, ଯେବେ ସୁବିଧା ହେବ ପଇସା ଦେବୁ ।'

ପ୍ରଦୀପର ଗୋଟିଏ ପୁଅ, ଅନୀତାର ଗୋଟିଏ ଝିଅ, ଗୀତୁର ଗୋଟିଏ ଝିଅ, ମୀନୁ,

 Download Magazine from www.aahwaan.com

ପ୍ରୀତମର ଛୁଆ ନ ଥିଲେ । ହେଲେ ସେମାନଙ୍କ ମାଆ ପାଞ୍ଚଗୋଟି ଛୁଆ ଜନ୍ମ କରିଥିଲା, ତାହା ପୁଣି ପ୍ରଥମ ଓ ଶେଷ ମଝିରେ ୧୬ ବର୍ଷର ପ୍ରଭେଦ ନେଇ । ପ୍ରୀତମ ଜନ୍ମ ବେଳେ ପ୍ରଦୀପ କଲେଜରେ ଏବଂ ଅନୀତା ସ୍କୁଲରେ ପଢୁଥିଲେ । ପାଞ୍ଚ-ପାଞ୍ଚଗୋଟି ପିଲାଙ୍କୁ ଧରି ରାଜଧାନୀର ଦ୍ରୁତ ପରିବର୍ତ୍ତନଶୀଳ ପରିବେଶରେ ପରିସ୍ଥିତିର ସମ୍ମୁଖୀନ କରାଇବାରେ ଶୀତାଂଶୁ ସିଦ୍ଧ-ହସ୍ତ ଥିଲେ । ଶାଶୁ, ଶ୍ୱଶୁରଙ୍କ ମୃତ୍ୟୁ ପରେ ଗାଁ ଘର ଏବଂ ବିଲ ବାଡି ବିକ୍ରୀ କରି ପିଲାଙ୍କୁ ମଣିଷ କରିବାକୁ ଶୀତାଂଶୁ ନିଜର ପାରିଲା ପଣ ସାରି ଦେଇଥିଲେ । ତା ଭିତରେ ଭୁବନେଶ୍ୱରରେ ନିଜ ଘର କରି ରହିବାର ସ୍ୱପ୍ନ ହିଁ ଆମେ କେବେ ଦେଖି ନଥିଲୁ । ତଥାପି ପ୍ରଫୁଲ୍ଲଙ୍କ ସାହାଯ୍ୟରେ ଜାଗା କିଣାଗଲା ।

ଘର ପ୍ରତିଷ୍ଠା ଦିନ ତାଙ୍କ ସ୍ତ୍ରୀ ମୋତେ ପଚାରିଥିଲେ, 'ଅପା, ମୀନୁକୁ ମୋ ପୁଅ ପାଇଁ ଦେବ ?'

ଭୁବନେଶ୍ୱରରେ ଆମ ଘରେ ରହିଲା ଦିନରୁ ମୀନୁ ପାଇଁ ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କ ଦୁର୍ବଳତା ଥିଲା, ମୁଁ ଜାଣି ଥିଲି । କିନ୍ତୁ ତାକୁ ତାଙ୍କ ସମ୍ପର୍କରେ ଢାଳିବାକୁ ଯେ ସେ ମନରେ ଧରି ବସିଥିଲେ, ତାହା ମୋ ଧ୍ୟାନ ବାହାରେ ଥିଲା । ମୀନୁକୁ ପଚାରିଥିଲି । ମୀନୁ ମୌନ ରହିଥିଲା । ଅଧିକନ୍ତୁ, ଶୀତାଂଶୁଙ୍କୁ ରାଜି କରାଇବାକୁ ମୋତେ ସମୟ ଲାଗିଥିଲା । ମୀନୁ ପାଇଁ ବଡ ଚାକିରିଆ ଖୋଜୁଥିଲେ ସେ । କିଛି ଦିନ ଚୁପ୍‌ରହିବା ପରେ ଆମେ ହଁ, ହାଁ କରିଥିଲୁ । ମୀନୁର ବାହାଘର ପ୍ରଫୁଲ୍ଲଙ୍କ ଏକମାତ୍ର ପୁଅ ସହ ସମ୍ପନ୍ନ ହୋଇଥିଲା । ପ୍ରଫୁଲ୍ଲଙ୍କ ପରିବାରର ଆକାର ଆମ ଭଳି ବଡ ନ ଥିଲା । ଝିଅର ବାହାଘର ସାରି ଦେଇଥିଲେ । କିନ୍ତୁ ଗ୍ରାଜୁଏଟ୍‌ପରେ ପ୍ରଫୁଲ୍ଲ ତାଙ୍କ ପୁଅକୁ ପ୍ଲଟିଙ୍ଗ୍, କଣ୍ଟ୍ରାକ୍ଟରୀ ରାସ୍ତାରେ ନେଇଯାଇ ଥିଲେ । ଗାଁରୁ କିଛି ନ ଆଣି ଭୁବନେଶ୍ୱରରେ ସେ ଅନେକ ସମ୍ପତ୍ତିର ମାଲିକ

 Download Magazine from www.aahwaan.com

ହୋଇପାରିଥିଲେ । ମୋଟ ଉପରେ ଆମେ ପ୍ରଫୁଲ୍ଲଙ୍କ ଋଣୀ ଥିଲୁ । କନ୍ୟା ଦାନ ପରେ ବି ସେ ଋଣରେ ଅନ୍ତ ଆସି ନ ଥିଲା ।

ଅବସର ନେଲା ପରେ ଶୀତାଂଶୁଙ୍କୁ ଯେତେ ଟଙ୍କା ମିଳିଥିଲା, ତାକୁ ଲଗେଇ ମୀନୁର ସ୍ୱାମୀ ଆମ ପାଇଁ ଏହି ଘରଟିକୁ ଅତି ସୁନ୍ଦର ଭାବରେ ସେହି ଜାଗାରେ କରିଦେଲେ, ଯାହାକୁ ତାଙ୍କ ବାପା ଆମ ପାଇଁ କିଣେଇ ଦେଇଥିଲେ । ପ୍ରଦୀପ କହିଥିଲା, `ତମ ଟଙ୍କା ଥାଉ ବାପା, ମୁଁ ଘର ତିଆରି କରେଇ ଦେବି ।'

ଶୀତାଂଶୁ କିଛି ଶୁଣି ନ ଥିଲେ, `ମୋ ଟଙ୍କାରେ କରି ଦେଉଛି । ଦରକାର ବେଳେ ତୁ ନ ଦେଲେ ଦେବ କିଏ ? ଏବେ ଦରକାର ନାହିଁ ।'

ଶୀତାଂଶୁ ଅନେକ ସମୟରେ ବିଳିବିଳେଇ ଥାନ୍ତି, `ପ୍ରଦୀପ, ତା ସ୍ତ୍ରୀ ଆସିଲେ ଉପରେ ରହିବେ; ଅନୀତା, ଗୀତୁ, ମୀନୁ ଆସିଲେ ପଛ ପାଖ ରୁମରେ, ପ୍ରୀତମ ଆସିଲେ ମୋ ପାଖରେ ।'

ମୁଁ ପଚାରେ, `ଆଉ ପ୍ରୀତମର ସ୍ତ୍ରୀ ? ପିଲାମାନଙ୍କର ପିଲାଏ ? ଭୁଲିଗଲ ?'

'ଓଃ ହୋ, ତା ହେଲେ ଉପରେ ଆହୁରି ଦୁଇଟା ରୁମ ଦରକାର ।'

ମୀନୁର ସ୍ୱାମୀ ହସନ୍ତି, `ବାବା, ସମସ୍ତେ ଏଇଠି କଣ ସବୁ ଦିନ ରହିବେ ? ହଁ, ମୋର ମିନୁର କଥା ଅବଶ୍ୟ ଭିନ୍ନ ।'

ପାଖରେ ଠିଆ ହୋଇଥିବା ପ୍ରୀତମ ଆପତ୍ତି ଜଣାଏ, `ଭୁଲ କଥା ଭାଇ, ମୁଁ କୁଆଡେ ଗଲି ? ମୋର ଭୁବନେଶ୍ୱର ଆସିବାର ଚାନ୍ସ୍ ଅଧିକ, ଏ କଥା ଜାଣିଛ ତ ?'

ଭୁବନେଶ୍ୱର ନୁହଁ, ବରଂ ପ୍ରୀତମର ବଦଳି ଚେନ୍ନାଇରୁ ଆସାମର ହାଇଡ୍ରୋ ପାୱାର

Download Magazine from www.aahwaan.com

ପ୍ରୋଜେକ୍ଟସକୁ ହୋଇଯାଇଥିଲା ।

ଶୀତାଂଶୁ ତାକୁ ହସି ହସି ଫୋନ୍‌କରିଥିଲେ, 'ଦେଖିଲୁ, ଭାଇନା ସହ ଯୁଦ୍ଧ କରୁଥିଲୁ !'

ଘର ତିଆରି ପରେ ପରେ ପ୍ରୀତମର ବାହାଘର । ତା' ପରେ ଏଠାରେ ମୁଁ ଶୀତାଂଶୁଙ୍କ ସହ ତିନିଟା ସମ୍ପୂର୍ଣ୍ଣ ବର୍ଷ ମଧ୍ୟ କଟେଇ ପାରି ନ ଥିଲି । ଆଶ୍ୱିନ- ଜ୍ୟୋତ୍ସ୍ନା- ବିଚ୍ଛୁରିତ ମେଘ ଶୂନ୍ୟ ଆକାଶରେ କଳ୍ପନା ସେପାଖ ଅମା ଅନ୍ଧାରୁଆ ଅନ୍ଧ ତମସର ବାସ୍ତବତା ମୋ ପାଇଁ ଅତି ଅସହନୀୟ ଥିଲା । ଶୀତାଂଶୁ ଆଉ ନାହାନ୍ତି ମୋତେ ଚଳେଇ ନେବା ପାଇଁ, ମୋ ମନ ଅଗଣାର ସପନର ଢେଉକୁ ସମତୁଲ କରି ବାସ୍ତବର ଦୁନିଆକୁ ଫେରେଇ ଆଣିବା ପାଇଁ । ମୋ ଅସମ୍ପୂର୍ଣ୍ଣ ଅସନ୍ତୁଷ୍ଟ ଚହଲା ମନ ଅଗଣାରେ ପ୍ରଶାନ୍ତିର ସ୍ଥିରତା କେବଳ ଶୀତାଂଶୁ ହିଁ ଆଣି ପାରୁଥିଲେ । ନ ହେଲେ କି ୧୬ ବର୍ଷର ତଫାତର ପ୍ରଦୀପ ଏବଂ ପ୍ରୀତମଙ୍କ ମଧ୍ୟରେ ମୁଁ ସମନ୍ୱୟତା ରଖି ପାରିଥାନ୍ତି । ଅନୀତାର ଇଞ୍ଜିନିଅର, ଗୀତୁର ଶିକ୍ଷକ ଏବଂ ମୀନୁର କଣ୍ଟ୍ରାକ୍ଟର ସ୍ୱାମୀମାନଙ୍କ ମଧ୍ୟରେ ତାଳ ମେଳ ରହି ଥାଆନ୍ତା ।

ତିନି

ଶୀତାଂଶୁଙ୍କ ମୃତ୍ୟୁ ପରେ ମୋତେ ପ୍ରଫୁଲ୍ଲଙ୍କ ପରିବାର ଉପରେ ଅଧିକ ନିର୍ଭର ରହିବାକୁ ପଡୁଥିଲା । ମୀନୁ ଯେଉଁଭଳି ତା ଶାଶୁଘର ଆଉ ଆମ ଘରର କାମ ମଧ୍ୟରେ ସାମଞ୍ଜସ୍ୟ ରଖି ଚାଲିଥିଲା, ତାକୁ ନେଇ ପ୍ରଫୁଲ୍ଲଙ୍କ ସ୍ତ୍ରୀ ଦିନେ ଇଙ୍ଗିତରେ ମଧ୍ୟ ନିଜ ବିରକ୍ତି ଭାବ ସୂଚାଇ ନାହାନ୍ତି । ତା ସ୍ୱାମୀ ମଧ୍ୟ ତଦ୍ରୁପ ଥିଲେ ।

ଶୀତାଂଶୁଙ୍କ ମୃତ୍ୟୁର ଚଉଦ ଦିନି ଦିନ ପ୍ରଦୀପ ଓ ଅନୀତା, ସତର ଦିନି ଦିନ ଗୀତୁ, କୋଡିଏ ଦିନି ଦିନ ପ୍ରୀତମ ଓ ସାନ ବୋହୂର ବିଦା କେବଳ ମୀନୁ ଓ ତା ସ୍ୱାମୀଙ୍କ ଉପସ୍ଥିତି

 Download Magazine from www.aahwaan.com

ଯୋଗୁଁ ହିଁ ମୁଁ ସହ୍ୟ କରି ପାରିଥିଲି ।

ପ୍ରଦୀପ ଡାକିଥିଲା, `ମାମା, ଆମ ପାଖକୁ ଆସି ଯ ।'

ସାନ ବୋହୂ ଧରି ବସିଥିଲା ସେମାନଙ୍କ ସହ ମୋତେ ନେଇଯିବା ପାଇଁ, ମୋର ଇଚ୍ଛା ହୋଇ ନ ଥିଲା । ଘରର ମୂଳଦୁଆ ପଥରଠୁ ଆରମ୍ଭ କରି ଶେଷ ରଙ୍ଗ କାମ ଯାଏଁ ଗୋଟି ଗୋଟି କରି ଶୀତାଂଶୁ ନିଜ ହିସାବରେ, ପସନ୍ଦରେ ତିଆରି କରିଥିଲେ । ତାଙ୍କ ଅନୁପସ୍ଥିତି, ପ୍ରତି ମୁହୂର୍ତ୍ତର ସ୍ମୃତି ମୋ ମନ ଅଗଣାର ନିର୍ଜନତାରେ ହିଲ୍ଲୋଳିତ ହୋଇ ଉଠିଥିଲା । ତୋଫାନ ପରେ ପରେ ବାୟା ଚଢେଇର ବସାକୁ ପ୍ରାଣହୀନ ଶୂନ୍ୟତା ଭିତରେ ଛାଡିଦେବା ମୋ ପକ୍ଷେ କାଠି କର ହୋଇଥିଲା ।

ଶୀତାଂଶୁ କହୁଥିଲେ, `ଜାଣିଛ କୁସୁମ, ଆଉ ଦୁଇ ବର୍ଷ । ତା' ପରେ ଯଦି ମୋର କିଛି କ'ଣ ହୋଇଯାଏ, ତମେ ଫେମିଲି-ପେନସନ୍ ପାଇବ । ତା ଆଗରୁ କିନ୍ତୁ ମୋ ପେନସନ୍ ତମକୁ ମିଳିବ ।'

ସେହି କଥା ହିଁ ହେଲା । ତାଙ୍କର ପେନସନ୍ ଟଙ୍କା ପାରିବାରିକ ପେନସନ୍ ରେ ପରିଣତ ହେଲା ପୂର୍ବରୁ ହିଁ ସେ ସଂସାର ଛାଡି ଚାଲିଗଲେ । କିଛିଦିନ ଯାଏଁ ତାଙ୍କ ପୁରା ପେନସନ୍ ପାଇବାର ମୁଁ ହକ୍‌ଦାର ହେବି ଏୟା ଭାବି, ମନକୁ ଶକ୍ତ କରି, ଏକୁଟିଆ ରହିବାର ମାନସିକତା ନେଇ ମୁଁ ସ୍ଥିର କରିଥିଲି, ମୁଁ ଆଉ କୁଆଡେ ଯିବିନି । ବରଂ, ତାଙ୍କ ଶ୍ରାଦ୍ଧ ବାର୍ଷିକୀ ପରେ ତଳଟା ଭଡାରେ ଲଗେଇ ଉପରେ ମୁଁ ରହିବି । ଯେଉଁ ଆବେଗ, ବିଶ୍ୱାସର ଛତ୍ର ଛାୟା ତଳେ ଚାଳିଶି ବର୍ଷ କାଳ କଟେଇଲି, ତା'ର ଆଶ୍ରା କ'ଣ ଏତେ ସହଜରେ ଛାଡି ହେବ ?

 Download Magazine from www.aahwaan.com

ସକାଳୁ ସକାଳୁ ଅନୀତା, ତା ସ୍ୱାମୀ ଏବଂ ପ୍ରଦୀପ, ତା ସ୍ତ୍ରୀ ଙ୍କୁ ଷ୍ଟେସନରୁ ମୀନୁର ସ୍ୱାମୀ କାରରେ ଧରି ଆଣି ଆସିଥିଲେ । ଘରେ ଗହଳ ଚହଳ ଆରମ୍ଭ ହୋଇ ଯାଇଥିଲା । ପ୍ରୀତମର ସ୍ତ୍ରୀର ଆଗୁଆ ପଣ ସ୍ୱଷ୍ଟ ବାରି ହୋଇ ଯାଉଥିଲା ।

ରୋଷେଇ ଘରୁ ତାର ପାଟି ଶୁଭିଲା, `ମାମା, କୋଉଠି ଅଛ, ଆସ ହାଣ୍ଡି ବନ୍ଦାଣ ହେବ ।'

ମୁଁ ବାହାରେ ହିଁ ରହି କହିଲି, `ବନ୍ଦାଣ ସାରିଦିଅ । ରନ୍ଧା ଏବେ ଆରମ୍ଭ କଲେ ଦ୍ୱିପଦର ହୋଇଯିବ । ପୁରୋହିତ ଆସିଲା ବେଳକୁ ସରିଥିଲେ ହେବ ନା ।'

ମୀନୁ ପାଟି କଲା, `ମାମା, ଭିତରକୁ ଆସ । ମିଶି କି ସାରିଦେବା ।'

ରୋଷେଇ ଘର ଭିତରେ ଭାଉଜ-ନଣନ୍ଦ ପାଞ୍ଚ ଜଣ ଯାକ ଥିଲେ ।

'ମୁଁ ମିଶିଲେ ଛଅ ହେବ । ମୋତେ ଆଉ ମିଶା ନା ।'

ମୁଁ ଇଛାକୃତ ଉପେକ୍ଷା କଲି । ଭରା-ପୁରା ପରିବାର ମୋର, ଘରେ ଭଲ-ମନ୍ଦ କାମରେ ଏଣିକି ତମେମାନେ କର । ମାମାକୁ ଆଉ ସେ ଭିତରେ ପୁରାଅନି । ଏଇ ବିଧବାର ସେଇଠି କଣ କାମ ?

ଶୀତାଂଶୁଙ୍କ ଶ୍ରାଦ୍ଧ-ବାର୍ଷିକୀ ପାଇଁ ମୁଁ ସାନ ଭଉଣୀ ମାନି ପାଖକୁ ଫୋନ କରି ନିମନ୍ତ୍ରଣ ଦେଲା ବେଳେ ସେ କହିଥିଲା, `ଅପା, ଗଲା ବର୍ଷ ମୁଁ ଜାଣି ଜାଣି କହି ନଥିଲି । କାର୍ତ୍ତିକ ଆଗରୁ ହିଁ ଭାଇନାଙ୍କ କାଳ ହୋଇଥିଲା ନା । ୟାଙ୍କର ପୁରୀରେ ପୁରା ଚିହ୍ନା ଅଛନ୍ତି । ଏ ବର୍ଷ କିନ୍ତୁ କହିବୁ । ଆଗରୁ କାର୍ତ୍ତିକ ପାଇଁ ଭଲ ରୁମ ରଖି ହେବ ।'

ମୁଁ ବାହା ହେଲା ବେଳେ ମାନି ଛୋଟ ପିଲାଟାଏ ଥିଲା । ନିଜ ପରିବାର କଥା ବୁଝୁ

 Download Magazine from www.aahwaan.com

ବୁଝୁ ମାନି ଯେ ବଡ ହେଇ ସାରିଛି, ବାହା ହୋଇ ଘର ସଂସାର କରିଛି, ଅପା କଥା ବୁଝିବାକୁ ସକ୍ଷମ ହେଇ ପାରିଛି, ଶୀତାଂଶୁ ଙ୍କ ମୃତ୍ୟୁ ପରେ ହିଁ ମୋର ହୃଦ୍‌ବୋଧ ହୋଇଥିଲା । ପୁରୀ ଯାଇ ବଡି ଭୋର୍‌ରୁ ଉଠି ମାର୍କଣ୍ଡ ର ଗୋଳିଆ ପାଣିରେ ମୁଣ୍ଡ ଧୋଇ ବୈଧବ୍ୟ ର ଯନ୍ତ୍ରଣା କୁ ପ୍ରତ୍ୟକ୍ଷ ଅନୁଭବ କରିବାର ଟିକେ ବି ମୋର ଇଛା ନ ଥିଲା । ମନା କରିଦେଲି, `ମୋର ପୁରୀ ଯାଇ କାର୍ତ୍ତିକ ହବିଷ କରିବାରେ ଆଗ୍ରହ ନାହିଁ । ସେଥିପାଇଁ ରୁମ୍‌କିଛି ରଖିବା ଦରକାର ନାହିଁ । ତମେମାନେ କେବଳ ତାଙ୍କ ଶ୍ରାଦ୍ଧ କୁ ଆସ ।'

ଠିକ୍‌ସମୟରେ ଶ୍ରାଦ୍ଧ ସରି ଯାଇଥିଲା । ଶ୍ରାଦ୍ଧ ରେ ପ୍ରଦୀପ, ତା ସ୍ତ୍ରୀର ଭୂମିକା ଅଧିକ ଥିଲା । ମୁଁ କେବଳ ମୁକ ଦର୍ଶକ ଥିଲି । ପ୍ରଫୁଲ୍ଲ ଙ୍କ ସ୍ତ୍ରୀଙ୍କ ଭୂମିକା ତା ପରେ ଥିଲା । ପୁରୋହିତଙ୍କ ପାଟିରୁ କଥା ଛଡେଇ ସେ ପ୍ରଦୀପର ସ୍ତ୍ରୀକୁ ପରାମର୍ଶ ଦେଇଥିଲେ । ମୋ ଶାଶୁ ଶ୍ୱଶୁରଙ୍କ ଶ୍ରାଦ୍ଧ ଆମେ ଏଇଠି ବିନ୍ଦୁ ସାଗରରେ କରୁଥିଲୁ ଏବଂ ଅନନ୍ତ ବାସୁଦେବ ଙ୍କ ଅଭଡା ନେଇ ବ୍ରାହ୍ମଣ ଭୋଜନ କରା ଯାଉଥିଲା । ଆଜି ଲିଙ୍ଗରାଜ ମନ୍ଦିରରୁ ଭୋଗ ଅଣାଯାଇ ପରଶା ଯାଇଥିଲା । ଭାଇ-ଭାଉଜ, ମାନି-ତା ବର, ସେମାନଙ୍କ ପିଲାମାନେ, ସମୁଦି ସମୁଦୁଣୀ ମାନେ, ସାହି ପଡିଶା ସମସ୍ତେ ଖାଇ ଚାଲି ଯାଇଥିଲେ ।

ଗଲାବେଳେ ଭାଉଜ ବାରମ୍ବାର କହିଥିଲେ, `ଏକା ଏକା ଏଇଠି କେତେ ଦିନ ରହି ପାରିବ ଅପା, ଦିନା କେତେ ଆମ ଘରେ ବି ରହିବ, ଆସ ।'

ମନା କରିପାରି ନ ଥିଲି ମୁଁ । କେବଳ ଦର ହସିଲା ଆଖିରେ ତାଙ୍କ କଥାକୁ ସମର୍ଥନ କରିଥିଲି ।

ବାହା ହେଲା ପରେ ମୋର ବାପା ଘର ସହ ସମ୍ପର୍କ ଅଧିକ ନ ଥିଲା, ଖୁବ୍‌ସୀମିତ ଥିଲା

Download Magazine from www.aahwaan.com

। ଭୋଜିଭାତ, ନିମନ୍ତ୍ରଣ ଛଡା ଆମକୁ ଆଉ କୁଆଡେ ଆଖି ପକେଇବା ପାଇଁ ସମୟ ମିଳି ପାରୁ ନ ଥିଲା । କିମ୍ବା ବାପା-ମାଆ ମଧ୍ୟ କେବେ, ଝିଅ ଭୁବନେଶ୍ୱରରେ ରହିଲାଣି, ଦିନେ ଓଳିଏ ଆସି ରହିବେ, ଏହି ବିଚାର ବି ସେମାନଙ୍କ ମନକୁ କେବେ ଆସି ନ ଥିଲା । ବାପା-ମାଆ ଙ୍କ ମୃତ୍ୟୁ ବେଳେ ଯାହା ଆମେ ଯାଇଥିଲୁ । ମୋର ଦି' ଭାଇ ଭାଉଜ ଙ୍କ ଗାଣ୍ଟେ ହେବ ପରିବାର ସହ ବି ମୋର ସମ୍ପର୍କ ଖୁବ୍‌କମ ଥିଲା । ମୋଟ ଉପରେ ମୋ ପରିବାର, ଶାଶୁଘର, ଶୀତାଂଶୁଙ୍କ ଗାଁ ଲୋକ, ଏଇମାନଙ୍କ ବଳୟ ଭିତରେ ହିଁ ଆମର ଦୈନନ୍ଦିନ ସଂସାର ଥିଲା । ଆଜି, ସମସ୍ତଙ୍କୁ ଏକାଠି ଦେଖି ବର୍ଷରୁ ଜମାଟ ବାନ୍ଧି କଠିନ ହୋଇ ସାରିଥିବା କୋହ ତରଳିବାରେ ଲାଗିଥିଲା । କବାଟ ବନ୍ଦ କରି ଏକୁଟିଆ ପାଟି କରି କାନ୍ଦିବାକୁ ମୋତେ ଇଛା ହେଉଥିଲା ।

ଚାରି

ଡ୍ରଇଂ ରୁମରେ ପ୍ରଦୀପ, ପ୍ରୀତମ ସହ ତିନି ଜ୍ୱାଇଁ ବସି ଗପ-ସପ ହେଉଥିଲେ । ପ୍ରଦୀପର ସପ୍ତମ ପଢୁଥିବା ପୁଅ ଏବଂ ଅନୀତା ର ଅଷ୍ଟମ ପଢୁଥିବା ଝିଅ ନିଜ ନିଜ ବାପା ମାନଙ୍କ ପାଖରେ ବସିଥିଲେ । ମୋତେ ଦେଖୁ ଦେଖୁ ପ୍ରୀତମ ଡାକିଲା, `ମାମା, ଆସ । ଶୁଣ, ଭାଇ କ'ଣ କହୁଛନ୍ତି ।'

ମୁଁ ପ୍ରଶ୍ନବାଚୀ ଆଖିରେ ପ୍ରଦୀପକୁ ଚାହିଁଲି । ପିଲା ଦିନୁ ଖୁବ୍ କମ୍ କଥାବାର୍ତ୍ତା କରେ ସେ । ବଡ ପରିବାର ଭିତରେ ବଡପୁଅର ଗୁରୁ-ଦାୟିତ୍ୱକୁ ସେ ସବୁବେଳେ ସୁଚାରୁ ରୂପେ ତୁଲେଇ ଆସିଛି । ମା'ର ମନର କଥା ବାହାରକୁ ଆସିଲା ଆଗରୁ ଅତି ସହଜରେ ତାକୁ ରୂପାନ୍ୱିତ କରିଦିଏ । ପ୍ରୀତମ ହିଁ କହିଲା, `ମାମା, ଭାଇ କହୁଛନ୍ତି, ତମେ ତାଙ୍କ ସହ

Download Magazine from www.aahwaan.com

ଯିବ ।'

'ହଁ ମାମା, ତମେ ଆମ ସହ ଚାଲ । ବାବାଙ୍କ ଶ୍ରାଦ୍ଧ ଯାଏଁ କହିଥିଲ, ଠିକ ଥିଲା । ଆଉ ଯ୍ଦା ପରେ ଏତେ ବଡ ତଳ ଉପର ଘରେ ଏକୁଟିଆ ରହିବାଟା ଅନ୍ତତଃ ତମ ପକ୍ଷେ ଠିକ୍‌ହେବନି ।'

ମୋ ମନରେ ଉଠୁଥିବା ଝଡକୁ ପ୍ରଦୀପ ତା ହେଲେ ଉଣ୍ଡି ଦେଇଛି ! ତଥାପି ମୁଁ କହିଲି, `ଶୁଣେ ବାପା, ତଳଟା ଆମେ ଭଡାରେ ଦେଇଦେବା । ଉପରେ ମୁଁ ରହିବି । ଆଉ ଅସୁବିଧା ହେବନି । ତା ଛଡା ମୀନୁ ତ' ପାଖରେ ଅଛି ।'

ମୀନୁର ସ୍ୱାମୀ କହିଲେ, `ହଁ ଭାଇ, କିଛି ଅସୁବିଧା ହେବନି । ଆମେ ଅଛୁ ।'

ପ୍ରଦୀପ କହିଲା, `ଯାହା ହେଲେ ବି ତମେ ଏଇଠି ଏକୁଟିଆ ରହିବ ନାହିଁ ମାମା । ମୁଁ ଜାଣିଛି, ବାବାଙ୍କୁ ଝୁରି ଝୁରି ତମେ ରୋଗିଣା ହୋଇଯିବ । ଦେଖୁନ, ତମର ବର୍ଷକ ତଳର ଚେହେରା ଆଜି ଅଛି ? ମୁଁ କିଛି ଶୁଣିବିନି । ତମେ ତଳଟା ଭଡା ଲଗେଇ ଦିଅ । ଆର ଥରକୁ ମୁଁ ଆସିଲା ବେଳକୁ ତମକୁ ମୋ ସହ ଯିବାକୁ ହେବ ।'

ମୁଁ ଆଉ ପ୍ରତିବାଦ କରିପାରିଲି ନାହିଁ । ଚୁପ୍‌ରହିଗଲି । ସମୟର ବାଲିରେ ଚାଲି ଚାଲି ମୋ ଶରୀର, ମନ ଥକି ଯାଇଥିଲା । ମୁଁ କ'ଣ ଶୀତାଂଶୁ ଙ୍କ ଭଳି ହୋଇ ପାରିବି ? ବୀର ଦର୍ପରେ ଅଜଣା ଅପେକ୍ଷିତ ଆଗନ୍ତୁକ ପାଇଁ ଅପେକ୍ଷାରତ ଜଣେ ଶସ୍ତ୍ର ବିହୀନ ସୈନିକ ଭଳି ଏକୁଟିଆ ରହି ପାରିବି ମୁଁ ? ଏତେ ବଡ ସଂସାର କଲା ପରେ ଏକୁଟିଆ-ଜୀବନ-ଯାତ୍ରାର ସ୍‌ୱାଦ ଚାଖିବାର ସାହାସ ମୁଁ କରି ପାରିବି ? ଏମାନଙ୍କ ଭିତରେ ମୋ ଜୀବନ, ଏମାନଙ୍କ ଭିତରେ ହିଁ ମୃତ୍ୟୁ, ଏହି ସତ୍ୟଠୁଁ ଦୂରେଇ ହେବନି । ଫୁଲରୁ ମହୁ ସଂଗ୍ରହ କରିବାକୁ ଯାଇ

Download Magazine from www.aahwaan.com

ଶେଷରେ ତା'ର ବନ୍ଦ ପାଖୁଡା ଭିତରେ ଯେ ତାକୁ ରହି ଯିବାକୁ ହେବ, ସେୟା କ'ଣ ଭ୍ରମର ଫୁଲ ଭିତରେ ପଶିଲା ଆଗରୁ ଭାବିଥାଏ ?

ଶୀତାଂଶୁ କହୁଥିଲେ, `ଅନ୍ୟମାନଙ୍କ ଆଶ୍ରିତ ରେ ରହି ପ୍ରତ୍ୟେକ ମୁହୁର୍ତ୍ତରେ ମୃତ୍ୟୁକୁ ବରଣ କରିବା ଅପେକ୍ଷା ଆତ୍ମ ନିର୍ଭରଶୀଳ ହୋଇ ଗୋଟିଏ ଥରର ମୃତ୍ୟୁକୁ ଅପେକ୍ଷା କରି ରହିବା ବହୁତ ଭଲ । ଯଦି ତମେ ଏକୁଟିଆ ହୋଇଯାଅ, ଘର ଭଡା ଦେବ, ପେନସନ୍ ଟଙ୍କା ଅଛି । ହାତ ଗୋଡ ଚାଲିଥିଲା ଯାଏଁ କାହାରି ଆଶ୍ରିତ ହେବା ଠିକ୍‌ନୁହେଁ ।'

ମୋ ପିଲାମାନେ ଅନ୍ୟମାନେ ନୁହଁନ୍ତି, ହୋଇ ପାରିବେନି ମଧ୍ୟ । ସେବେ ଶୀତାଂଶୁଙ୍କୁ ଗୁଡେଇ ଠିଆ ହୋଇଥିଲି । ଆଜି ବି ପିଲା ମାନେ ମୋ ସାହାରା ହେବେ ।

ଶୀତାଂଶୁଙ୍କ ଭଳି ମୁଁ ଦୃଢ ମନା ନୁହେଁ । ପରିବାର ଚଳେଇବା ପାଇଁ କେବେ କେଉଁଠୁ କିମିତି ଯୋଗାଡ-ଯତ୍ନ କରୁଥିଲେ, ମୁଁ ଜାଣିବାକୁ ଚେଷ୍ଟା କରି ନ ଥିଲି । ତାଙ୍କ ବିନା କେବଳ ତାଙ୍କ ପେନସନ୍, ଏହି ଘର ଭଡା ମୋତେ ଜୀବନ ଶକ୍ତି ଦେଇ ପାରିବନି । କେବେ ହେଁ ନୁହେଁ ।

ଏହା ଭିତରେ କେତେବେଳେ ଯେ ମୋ ପଛରେ ସବୁ ପିଲାଏ ଆସି ଠିଆ ହୋଇ ସାରିଲେଣି, ସେ ଦିଗରେ ମୋର ଲକ୍ଷ୍ୟ ନାହିଁ । ପଛରୁ ଅନୀତା କହି ଉଠିଲା, `ଭାଇ, ତା ପରେ ମୋ ପାଖରେ ଯାଇ ରହିବେ । ବହୁତ ଦିନ ତଳେ ବାବାଙ୍କ ସହ ମୋ ପାଖକୁ ଯାଇଥିଲେ । ସେଇଟା ପୁଣି ଏଲ ଟି ସି ରେ ।'

ମୁଁ ପଛକୁ ଝଟ୍‌କିନା ଚାହିଁଲି, `ହଁ, ମୋତେ ଭାଗ କରିଦିଅ ।'

ତା ବସିବା ସ୍ଥାନରୁ ପ୍ରୀତମ ଉଠି ଆସି ମୋ ପିଠିରେ ଓହଳି ଗଲା, `ନିଜ ପିଲାଙ୍କ

 Download Magazine from www.aahwaan.com

ଘରକୁ ଯାଇ ରହିବା କ'ଣ ଭାଗ ମାମା ? ଭାବିନିଅ, ତମର ପାଞ୍ଚଟା ଜାଗା ଅଛି ରହିବା ପାଇଁ ।'

ଗୀତୁ ମୋ ହାତକୁ ଲାଗି ଆସିଲା, `ତା ପରେ ଆମ ପାଖକୁ ।ନୁହଁ ?'

ସେ ତା ସ୍ୱାମୀଙ୍କୁ ହସି ହସି ଚାହିଁଥିଲା ।ତା' ସ୍ୱାମୀ ବି ହସି ହସି ମୁଣ୍ଡ ହଲାଇଥିଲେ । କିନ୍ତୁ ମୁଁ ଜାଣେ, ଶାଶୁ-ଶ୍ୱଶୁର, ଜା-ଜଉଳିଙ୍କୁ ଧରି ସେ ଘର କରିଛି ।ବିଧବା ମାଆ ଆସି ସେମାନଙ୍କର ସେଇଠି ରହିବ, ସେତେ ବଡ ଖୋଲା ହୃଦୟରେ ସେ କଥା କୁ ଗ୍ରହଣ କରିବା ଶକ୍ତି କାହାର ଅଛି ? ତଥାପି ସେ ଦୁହେଁ ତା'ଙ୍କ ମର୍ଯ୍ୟାଦା ରଖିଥିଲେ । ଗୀତୁର ଦଶ ବର୍ଷର ଝିଅ ମୋ ପେଟକୁ ଧରି ଠିଆ ହୋଇଗଲା, `ହଁ, ହଁ, ଆଇ, ଆମ ସହ ତମେ ରହିବ ।'

ଅତିଶୟ ଆବେଗରେ ତାକୁ ଭିଡି ଧରିଲି ।ସମ୍ପର୍କ ଓ ସମ୍ବନ୍ଧ ର ଅଦ୍ଭୁତ ଆକର୍ଷଣ କ'ଣ ଏତେ ସହଜରେ ଛାଡି ହୁଏ ? ଅନୀତା ବାହାଘରରେ ଅଧିକ ଖର୍ଚ୍ଚ କରିଦେଇ ଗୀତୁ ପାଇଁ ବଡ ଚାକିରିଆ ଖୋଜିବା ପାଇଁ ଶୀତାଂଶୁ ସାହାସ କରି ପାରି ନଥିଲେ । ତାଙ୍କ ଅଫିସର ଜଣେ ସହକର୍ମୀଙ୍କ ଦୂର ସମ୍ପର୍କୀୟ ଶାଳୀ ଥିଲେ, ଗୀତୁର ଶାଶୁ । ଭୋଟ ବେଳେ ଥରେ ତାଙ୍କ ଗାଁ ରେ ଶୀତାଂଶୁଙ୍କ ଡିୟୁଟି ପଡିଥିଲା ।ସେଇଠି ଗୀତୁର ସ୍ୱାମୀକୁ ଦେଖିଥିଲେ । ତାଙ୍କ ବ୍ୟବହାରରେ ତୁଷ୍ଟ ହୋଇଯାଇ ଆସୁ ଆସୁ ସମ୍ବନ୍ଧକୁ ଆଗକୁ ବଢେଇ ଦେଇଥିଲେ । ସେ ସମୟ – ଆଉ ଆଜିର ଦିନ । ଆଜି ପର୍ଯ୍ୟନ୍ତ ଗୀତୁ ତା' ଶାଶୁ ଘରର ଜଣେ କାହାରି ବିଷୟରେ ଥରେ ଦିନେ ହେଲେ ବି ମୋ ପାଖରେ ଅଭିଯୋଗ କରିନି ।

ମୋ ଆଗରେ ମୀନୁ ଠିଆ ହୋଇଥିଲା, `ଆଉ ମାମା, ଆମ ଘରକୁ ?'

ମୂର୍ଖ ମୀନୁର କାନ ମୋଡିବାକୁ ମୋର ଇଛା ହେଉଥିଲା । ଅତି ଶ୍ରଦ୍ଧାରେ ତା ଚିବୁକକୁ

Download Magazine from www.aahwaan.com

ଧରି କହିଲି, `ତୋ ପାଖରେ ଅଛି ରେ ମାଆ । ତମେ ଦୁହେଁ ନ ଥିଲେ ମୁଁ କ'ଣ ଏକୁଟିଆ ଏଇଠି ରହି ପାରିଥାନ୍ତି ?'

ମୁଁ କ'ଣ ସତରେ ଏକୁଟିଆ ରହି ପାରିଥାନ୍ତି ? ମୋ ନିଜକୁ ନିଜେ ବର୍ଷେ ହେଲା ବାରମ୍ବାର ପ୍ରଶ୍ନ କରି ଚାଲିଛି ।

ଗାଡକଣାରେ ଆଶ୍ୱିନର ନୁଆଁଣିଆ ସଂଧ୍ୟା ତା'ର କାୟା ବିସ୍ତାର କରି ଆସୁଥିଲା । ଆଉ ଗୋଟିଏ ରାତି ପିଲାମାନେ ମୋ ସହ ରହିବେ । ତା ବି ସମସ୍ତେ ନୁହେଁ । ଅନୀତା, ପ୍ରଦୀପ ନିଜ ନିଜ ପରିବାର ସହ ଏଇ ରାତିରେ ହିଁ ବାହାରିଯିବେ । ଗୀତୁ, ତା ସ୍ୱାମୀ ସକାଳୁ ବସରେ ଯିବେ । ପ୍ରୀତମ ସହ ସାନ ବୋହୂ ତାଙ୍କ ବାପା ଘରକୁ ଯିବେ । ତିନି ଦିନ ପରେ ସେମାନେ ବି ଆସାମ ବାହାରି ଯିବେ । ପୁଣି ଆଉଥରେ ଆମେ । ମୀନୁ ତା ଶାଶୁ ଘରେ, ମୋ ଘରେ ମୁଁ, ଏକୁଟିଆ । ଅନ୍ତତଃ କିଛି ଦିନ ମୋତେ ଏକୁଟିଆ ରହିବାକୁ ପଡିବ । ତା ପରେ ମୋ ଦିନଚର୍ଯ୍ୟା ଭିନ୍ନ ହୋଇଯିବ । ମୁଁ ଏବଂ ମୋ ପିଲାମାନେ । ଶୀତାଂଶୁ ଯେ ଆଉ ନାହାନ୍ତି !

Download Magazine from www.aahwaan.com

# ମେଲାଣି ବେଳର ଆଶା



ରଶ୍ମିତା ମହାନ୍ତ

ରାତି ୯ଟା ।

ପାର୍ବଣର ଭସାଣି ଯାତ୍ରାରେ 'କଣ୍ଢେଇ' ନିରେଖୁ ଥିଲା 'ଦେବୀ' ରୂପୀ ମୂର୍ତ୍ତିକୁ; ଶକ୍ତି-ଶାନ୍ତି -ଜ୍ଞାନର ସ୍ୱରୂପକୁ । ଅନ୍ୟ ସବୁ ମୂର୍ତ୍ତି ରୂପୀ `ଦେବୀ' ମାନେ ମଧ୍ୟ ତାକୁ ଘେରିଥିଲେ । କିଏ କ୍ଷମତା, କିଏ ମମତା ତ କିଏ ଶିକ୍ଷାର ପ୍ରତୀକ ଥିଲେ । ମଣିଷ ଭିତରେ କିନ୍ତୁ ଦେବୀ ମୂର୍ତ୍ତିର ଚମକ ଅନନ୍ୟ ଥିଲା । "..... ସୁନ୍ଦର ଗଢଣ, ..କମନୀୟ କାନ୍ତି, ଚିକ ମିକ ବସ୍ତ୍ର ଓ ମନଲୋଭା ଗହଣା !!" ନିଜ ଦେହକୁ ନଜର ଫେରାଇ ଭାବିଲା କଣ୍ଢେଇ "ମୁଁ ବି ଅସୁନ୍ଦର ନୁହେଁ । ଖାଲି କିଛି ଆଭୂଷଣ ...... !!!" ଭାବନାରେ ବାଧା ଦେଲା ଭସାଣିର DJ ମ୍ୟୁଜିକ୍ । ହଠାତ ପୁଞ୍ଜାଏ ଅନୁଗାମୀ ଭକ୍ତ ସାଜି ଧୁଳି ପବନ ସମାନ କରି ନାଚିବାକୁ ଲାଗିଲେ- ନିଶାରେ !! କିଛି ମେଲୋଡ଼ି ଓ ରିମିକ୍ସରେ ଦର୍ଶକ ବିଦା କାଲେ ମେଢକୁ । କେବଳ କିଶୋରୀ କଣ୍ଢେଇର ଆଖି ଦି'ଟା ଅନ୍ଧାରରେ ଜୁଳୁ ଜୁଳୁ କରୁଥିଲା । ବୋଧେ ସେ ବିପର୍ଯ୍ୟସ୍ତ ଚେତନାର ସମ୍ଭାବନାକୁ ତଉଲୁଥିଲା ।

ରାତି ୧୨ଟା ।

ଥାନାରେ କାହାର କାନ୍ଦକାନ୍ଦ ଗୁହାରି ଶୁଭୁଥିଲା । ହଜିଯାଇଥିବା ଝିଅର ବାପଟାଏ ଥକି ଯାଇଥିବା ଥାନା ବାବୁର ଗୋଡ ଘଷୁଥିଲା ବୋଧେ ।

ସକାଳ ୬ଟା ।

 Download Magazine from www.aahwaan.com

ବାଡି କାମ ସାରିବାକୁ ଆମ ଗାଁ `ଜୀବନ' ନଦୀକୁ ଓହ୍ଲାଇଲା ବେଳେ କୂଳରେ ଫୁଙ୍ଗୁଳା କ୍ଷତାକ୍ତ ଦେହଟେ ସୁଁ ସୁଁ କରୁଥିଲା । ମନକୁ ଦମ୍ଭ କରି ଚାରିଆଡେ ଦୃଷ୍ଟି ଫିଙ୍ଗିଲା । କେହି କୁଆଡେ ନ ଥିଲେ, ମଣିଷେ ପାଣିରେ କ'ଣ ଗୋଟେ ବେଶ ଚମକୁଥିଲା । ବିଳମ୍ବ ନ କରି ସେ ପାଣିକୁ ଡେଇଁଲା, "ଓହୋ ! ମୂର୍ତ୍ତି ଦିହରେ ସୁନା ନୋଥଟା ରହି ଯାଇଥିଲା ! !" ଝାମ୍ପି ଆଣି ଅଣ୍ଟିରେ ବାନ୍ଧି ପାଦ ଚଞ୍ଚଳ କରି ସେ ଖସିଗଲା ।

ସକାଳ ୯ଟା ।

ଭସାଣି ଭଳି ଦର୍ଶକ ପୁରିଥାନ୍ତି `ଦୟା'( ନଦୀ) ପଠାରେ । କେତେ ଅନୁଶୋଚନା, ବିରକ୍ତି, ମାମଲତି ଓ ଦୀର୍ଘ ଶ୍ୱାସର ଧ୍ୱନି ଭେଦି କେବଳ ନଜର ପହଞ୍ଚିଥିଲା ଘଟଣାସ୍ଥଳକୁ ।

*  *  *  *  *

ଖାଲି ଏତିକି କହିହେବ – ଅନ୍ଧାରର ତାଣ୍ଡବ କ୍ରିୟାରେ କ୍ଷତାକ୍ତ ଦେହ ଦି'ଟା ଦିଶୁଥିଲା । ଗୋଟେ କୂଳରେ ମାନବିକତାକୁ ଲଜ୍ଜା ରୂପେ ମାଟିରେ ମୁହଁ ଲୁଚାଇ, ଅନ୍ୟଟି ପାଣିରେ ସୁସ୍ଥ ସକାଳର ଆଶାରେ ଆକାଶକୁ ଚାହିଁ ।

ଓଡିଶା ସଚିବାଳୟ ସେବା

ଭୁବନେଶ୍ୱର

 Download Magazine from www.aahwaan.com

# ଦୁଃଖ ଦେଇଗଲା ନୂଆ ବରଷ



ସମ୍ବିତ ସତ୍ୟ ପ୍ରକାଶ ମିଶ୍ର

ଶୀତୁଆ ସକାଳ । କଅଁଳ ସୂର୍ଯ୍ୟ କିରଣ ପଡୁଥାଏ । ଗୋଟିଏ କୁନି ଘାସ ଫୁଲ ଥଣ୍ଟରେ ଧରି ମିଠି ଦୌଡି ଦୌଡି ତା ମା'କୁ ଖୋଜୁଥାଏ । ମା' ମାମା' ମମ୍ମି' କୁଆଡେ ଗଲୁ ମା । ମା ତାର ମହାନ୍ତି ବାବୁଙ୍କ ଖଳା ବାଡିରେ ବୁଲୁଥାଏ । ଧୀର ମନ୍ଥର ଗତି ରେ .. । ପାଦ ଚାପି ଚାପି .. । ମିଠି କହିଲା ମା କୁଆଡେ ଗଲୁ । ମା' ମା' –Happy New Year । ମା କୁକୁଡାଟି ପଚାରିଲା, ଆରେ ଏ କ'ଣ ? ଏ ଫୁଲ କୋଉଠୁ ପାଇଲୁ ? ମିଠି ହସି ହସି କହିଲା, ମା' ତୁ କ'ଣ ଜାଣିନୁ, ଆଜି ପରା ନିଉ ଇୟର । ୨୦୧୭ ସରିଲା, ୨୦୧୮ ଆରମ୍ଭ ହେଲା । ମୁଁ ଦେଖି ଆସିଲି, ମହାନ୍ତି ବାବୁ, ମେନେକା ଦେବୀ, ରାହୁଲ, ରୋଜି ଆଉ ତାଙ୍କ ଘରେ ବହୁତ ଭିଡ । ବୋଧ ହୁଏ ସେମାନଙ୍କର ସାଙ୍ଗ ମାନେ ଆସିଥିବେ । ଶୀତ ଆସର ଜମିଛି । ସମସ୍ତେ ଗୀତ ଗାଉଛନ୍ତି । କେତେ କଣ ଖେଳ ଖେଳୁଛନ୍ତି । ମଝିରେ ଗୋଟେ ବୋତଲ ରଖି ବୁଲେଇ ଦେଉଛନ୍ତି । ତା ପରେ ଦେଖିଲି ଡ଼ିଜେ ଗୀତର ତାଳେ ତାଳେ ସମସ୍ତେ ନାଚୁଛନ୍ତି । ସତେ ଅବା କୌଣସି ସଂଗ୍ରାମରେ ବିଜୟ ହାସଲ କରି ଆସିଛନ୍ତି । ନାଚ ଗୀତରେ ସମସ୍ତେ ମସଗୁଲ । କାଲି ରାତି ବାରଟା ବେଳ । ମୁଁ ଘୋଡେଇ ହୋଇ ଶୋଇଥାଏ । ଏ ସବୁ ଶବ୍ଦରେ ମୋର ନିଦ ହଉନଥାଏ । ହଠାତ ଜୋରରେ ଶବ୍ଦ ହେବାରେ ଲାଗିଲା ଢୋ... ଢା.... ହୁଇସ ... ସାଏଁ... ଢୋ ... ଢା .... । ମୁଁ ଡରିକି ଗୋଟାପଣେ ଥରୁଥାଏ । ସମସ୍ତେ ସମସ୍ତଙ୍କୁ ଫୁଲ ଦେଉଥାନ୍ତି ଓ ସ୍ୱାଗତ କରି କହୁଥାନ୍ତି Happy New Year । ମହାନ୍ତି ସାହି ଆଜି ପୁରା ରଙ୍ଗୀନ ହୋଇଯାଇଛି । ଚାରିଆଡ ଆଜି ଲିଟୁ ଲାଇଟ ରେ ପୁରା ଝଲମଲ । ଏକା ନିଃଶ୍ୱାସରେ ଏତକ କହି ମା' ଆଡକୁ ଚାହିଁଲା ବେଳକୁ ମା' ଆଖିରୁ ବୋହିଯାଉଥାଏ ଦି ଧାର ଲୁହ । ଆଶ୍ଚର୍ଯ୍ୟ ହୋଇ ମିଠି ପଚାରିଲା, କ'ଣ ହେଲା ମାମା ? କ'ଣ ହେଲା ମମ୍ମି ? ତୁ କାନ୍ଦୁଛୁ କାହିଁକି ? ମିଠି ଆଖିରୁ ମଧ୍ୟ ଲୁହ ଦି ଟୋପା ବାହାରି ଯାଇଥାଏ । ଛଳଛଳ ଆଖିରେ ମା' କହିଲା, ତୋ ପାପାଙ୍କ କଥା ଆଜି ମନେ ପଡୁଛି କେତେ ସୁନ୍ଦର ସେ ଓ ମୁଁ ନୂଆ ବର୍ଷ

Download Magazine from www.aahwaan.com

ଉପଭୋଗ କରୁଥିଲୁ । କେତେ ଯେ ଅଭୁଲା ସ୍ମୃତି .... । ଆଜି ତୋ ପାପାଙ୍କ ବର୍ଷିକିଆ । ଠିକ ଗତ ବର୍ଷ ଆଜିର ଦିନରେ ଏଇ ଦୁଇ ଗୋଡିଆ ମଣିଷର ଖୁସି ପାଇଁ ନିଜକୁ ଉତ୍ସର୍ଗ କରିଥିଲେ ତୋ ପାପା ।

baby ମୋର ... । ନିଉ ଇୟରର କେବଳ ଏଇ ଦୁଇ ଗୋଡିଆ ମଣିଷ ପାଇଁ ଲୋ ଧନ, ଆମ ଭଳି ଦୁଇ ଗୋଡିଆ ପକ୍ଷୀ ମାନଙ୍କ ପାଇଁ ନୁହଁ । ସେମାନଙ୍କ ଖୁସି ପାଇଁ ଆମକୁ ବଳିଦାନ ଦେବାକୁ ହୁଏ । ଆଉ କିଛି କହିବା ପୂର୍ବରୁ ହଠାତ ଗୋଟିଏ କଳା ବାଦଲ ମାଡି ଆସିବା ଭଳି ଛାଇଟିଏ ଦିଶିଲା । ମଣିଷ ଟାଏ ବୋଧେ । ଛେଳି ପରି ଦାଢି ରଖିଥାଏ । ପିନ୍ଧିଥାଏ ଚିରା ଗେଞ୍ଜି ଓ ନୀଳ ଧଡ଼ି ଲୁଙ୍ଗି । ତାର କଳା ଓ ବଳିଷ୍ଠ ହାତରେ ମା' କୁକୁଡାର ଗୋଡ଼ ଦିଇଟାକୁ ଧରି ମୁଣ୍ଡଟା ତଳକୁ ଝୁଲାଇ ଝୁଲାଇ ନେଇଗଲା । ଦୂରରୁ ଶବ୍ଦ ଶୁଭୁଥାଏ । ଭାଇ କଲିଜାଟା ମୋର । ଭାଇ କରାଟ ମୋ ପାଇଁ ରଖିବୁରେ । ଭାଇ ଲେଗ ପିସ ସାଇଜ କରି କାଟିବୁ ସେ ସବୁ ମୋର । ଆଜି full enjoy କରିବା । ମା' କୁକୁଡା ଡେଣା ଫଡ ଫଡ କରି ମିଠିକୁ କହୁଥାଏ ନିଜର ଯତ୍ନ ନବୁ ମିଠି, ମୋ baby .. । ସେଇ କଳା ବଳିଷ୍ଠ ହାତ ତୀକ୍ଷଣ ଛୁରୀ ଧାରରେ ମା' କୁକୁଡାର ମୁଣ୍ଡକୁ ଦେହରୁ ଅଲଗା କରିବାକୁ ପ୍ରସ୍ତୁତ ହୁଅନ୍ତେ ମିଠି ଖଳା ବାଡିର ଧାନ କଳେଇ ପଛପଟେ ନିଜକୁ ଲୁଚେଇଦେଲା । କେତେବେଳେ ଅଜାଣତରେ ଘାସ ଫୁଲଟି ତା ଥଣ୍ଟରୁ ଖସି ଯାଇଥାଏ ଓ ନିଜ ଆଖି ସାମ୍ନାରେ ଦେଖିଥିବା ନିଜ ମା'ର ହତ୍ୟାକୁ ମନେ ପକେଇ ପକେଇ ଶୁଖିଯାଉଥାଏ ତାର ଦୁଇ ଧାର ଲୁହ ।

ଅତିଥି ଅଧ୍ୟାପକ,

ପ୍ରାଣୀ ବିଜ୍ଞାନ ବିଭାଗ, ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟ ,

ଢେଙ୍କାନାଳ -୭୫୯୦୦୧, sambitsm1987@gmail.com

# ଶାଶ୍ୱତ ପ୍ରୀତି



ପ୍ରତିଭା ପ୍ରିୟଦର୍ଶିନୀ

ପୁରୁଣା ମେଲ୍ ଗୁଡାକ ଖୁବ୍ ମନଧ୍ୟାନ ଦେଇ ଖୋଜୁଥାନ୍ତି ଶାଶ୍ୱତ, ଗତ ୧୦ ମାସ ଭିତରେ ମୋଟ ୧୮ ଟି ମେଲ ଲେଖିଥିଲା ପ୍ରୀତି, ସବୁଯାକ ମେଲ୍ କୁ ଷ୍ଟାର୍ ମାର୍କ କରି ରଖିଲେ, କ୍ରମାନ୍ୱୟରେ ପଢିବା ସୁବିଧାଜନକ ହେବବୋଲି । ଏଇ ଦୁଇଦିନ ତଳେ ଦେଖିଥିବା ଅଜବ ସ୍ୱପ୍ନ ଯୋଗୁଁ ବର୍ଷେହେଲା ଇଗ୍ନୋର କରୁଥିବା ମେଲ୍ ଗୁଡାକୁ ପଢିବା ପାଇଁ ଏ ବ୍ୟସ୍ତତା । ସ୍ୱପ୍ନରେ ଦେଖିଥିଲେ, ଭଣ୍ଡାରୁଣୀ ଟିଏ ପାଦରୁ ପୁରୁଣା ନଖ ଓ ଚମଡା ସଫାକରି ଆଙ୍କିଦେଉଥାଏ ଧାରଧାର ନାଲି ଅଳତା, ନାଲି କୁମ୍ଭଧଡି ବସା ହଳଦିଆ ଶାଢୀ, ନାଲି ନାଲି ଦୁଇମୁଠା ପାଣିଚୁଡି ସାଙ୍ଗେ ମାଟିଶଙ୍ଖା, କପାଳରେ ସୁନ୍ଦର ଓ ନିଖୁଣ ଭାବରେ ଅଙ୍କିତ ସିନ୍ଦୂରଟୋପା ଆଉ ମଥା ମଝି ଯାଏଁ ଲମ୍ବିତ ସୀମନ୍ତ ସିନ୍ଦୂରଧାର ରେ ସଜ୍ଜିତ ପ୍ରୀତି । ସମ୍ପୂର୍ଣ୍ଣ ହଳଦିଆ ପଡିଯାଇଥିବା ପ୍ରୀତିର ଦେହ, ଲାଲ୍ ରଙ୍ଗ ରେ ସଜେଇ ହୋଇ ଦାଉ ଦାଉ ଦିଶୁଥିଲା । ସେ କିନ୍ତୁ ହାତ ବଢେଇ ଡାକୁଥିଲା,"ଶାଶ୍ୱତ, ମୋ ହାତଧରି ରୋକିନିଅ, ଏମାନେ ମୋତେ ନେଇଯିବେ । ଥରେ ଗଲେ ଆଉ ଫେରି ପାରିବିନି । ମୋତେ ଅଟକେଇ ନିଅ ଧନ, ମୁଁ ଯିବାକୁ ଚାହେଁନି ।" ସୁନେଲି ଧଡିବାଲା ନାଲି, କଳା ଶାଢୀ ପିନ୍ଧିଥିବା ମହିଳା କେତେଜଣ ସୁବର୍ଣ୍ଣ-ଲୋହିତ ପ୍ରୀତିକୁ କୋଳେଇ ଧରି ଦୃଷ୍ଟି ଅନ୍ତରାଳକୁ ଯିବାଯାଏଁ ପ୍ରୀତିର ସେ ଆକୁଳ ନିବେଦନ କ୍ଷୀଣ ରୁ କ୍ଷୀଣତର ହୋଇ ଶୁଭୁଥାଏ । ଡିସେମ୍ବର ମାସର ପୌଷ ରାତି, ବାହାରେ ବେଶ୍ ଶୀତ । ହେଲେ ସ୍ୱପ୍ନଦେଖି ଚମକି ଉଠିବସିଲେ ଶାଶ୍ୱତ । ବିଦେଶ ମାଟିରେ ବିଳାସମୟ ଶୟନକକ୍ଷର ନିୟନ୍ତ୍ରିତ ତାପମାତ୍ରାରେ ବି ଦେହସାରା ତାଙ୍କର ବିନ୍ଦୁ ବିନ୍ଦୁ

 Download Magazine from www.aahwaan.com

ଝାଳରେ ଭିଜୁଥିଲା । ପ୍ରୀତିକୁ ନିଜ ଜୀବନରୁ ଦୂରେଇବାର ୟା ଭିତରେ ୧୦ ମାସ ବିତିଗଲାଣି । ଏଇ ଭିତରେ କେତେ ରଙ୍ଗୀନ ପ୍ରଜାପତି ତାଙ୍କ ଜୀବନକୁ ଆମୋଦିତ କରିଛନ୍ତି । ସେ ଏମିଲିକୁ ଏ ଭିତରେ ବିବାହ ପ୍ରତିଶୃତି ମଧ୍ୟ ଦେଇସାରିଛନ୍ତି । ତେବେ ପୁଣି ପ୍ରୀତି.....କାହିଁକି ? ? ?

ମନଟା ଖୁବ୍ ବିଚଳିତ ଲାଗୁଥିଲା । ସେଥିପାଇଁ ତା ମେଲ୍ ଗୁଡିକୁ କାଢି ପଢିବାକୁ ମନସ୍ଥ କରିଛନ୍ତି ଶାଶ୍ୱତ । ଲଙ୍ଗ ଡିସ୍ଟାନ୍ସ ରିଲେସନ୍ସିପ୍ ରେ ଆଜିକା ସମୟରେ ସ୍ମାର୍ଟଫୋନ୍, ଗୁଗଲ, ଫେସବୁକ, ମେସେଞ୍ଜର, ହ୍ୱାଟ୍ସଆପ୍ ଭଳି ଅନେକ ମାଧ୍ୟମ ଦୂରତାକୁ କ୍ଷୁଦ୍ର କରିଦିଅନ୍ତି । ଚାଟିଙ୍ଗରେ ଯେତେବେଳେ ଇଚ୍ଛା ମନକଥା କହିହୁଏ ଅନ୍ୟ ମଣିଷ ପାଖରେ । ଭିଡିଓ କଲିଙ୍ଗ୍ ମାଇଲ୍ ମାଇଲ୍ ର ଦୂରତାକୁ ହାତ ପାହାନ୍ତାରେ ଦେଖେଇଦିଏ । ଏଇସବୁକୁ ପାଥେୟକରି ଶାଶ୍ୱତ ଓ ପ୍ରୀତିଙ୍କ ଲଙ୍ଗ୍ ଡିସ୍ଟାନ୍ସ ରିଲେସନ୍ସିପ୍ ଖୁବ୍ ଭଲରେ ବିତୁଥିଲା ଗତ ୩ ବର୍ଷ ଧରି । ଭାରତ ଓ ୟୁରୋପର ଭୌଗଳିକ ଦୂରତା ଓ ଭିନ୍ନ ଅକ୍ଷାଂଶ ର ସମୟ ବ୍ୟବଧାନ ହାର୍ ମାନିଥିଲା ତାଙ୍କ ପ୍ରେମ ପାଖରେ । କିନ୍ତୁ ଗତ ଦଶମାସ ଧରି ସମ୍ପର୍କରେ ଭଟ୍ଟା ପଡିଛି, ଯେବେ ଏମିିଲିର ଆଗମନ ପରେ ପ୍ରୀତିର ପ୍ରେମ କ୍ରମଶଃ ଶାଶ୍ୱତଙ୍କୁ କଏଦ ଭଳି, ତା ଆବେଗ ଅତିଅଧିକାର ଭଳି, ସ୍ନେହରେ ଆକଟ ସ୍ୱାଧୀନତାରେ ହସ୍ତକ୍ଷେପ ଏବଂ ପ୍ରେମନିବେଦନ ଉଚ୍ଛୃଙ୍ଖଳତା ମନେ ହେଉଥିଲା । ଛୋଟ ଛୋଟ ମନୋମାଳିନ୍ୟ ଧିରେଧିରେ ଯୁକ୍ତିତର୍କ ଓ ବିତଣ୍ଡାରେ ପରିଣତ ହେଲା ।

ଶାଶ୍ୱତ ପଢିବା ଆରମ୍ଭ କଲେ । ପ୍ରଥମ ମେଲ୍ ଟି ଆସିଥିଲା ଜାନୁଅାରୀ ଶେଷ ସପ୍ତାହରେ । ସବୁବେଳ ପରି ପ୍ରୀତି ଲେଖିଥିଲା ଲମ୍ବା ଚିଠିଟେ । କେତେ ଅଭିଯୋଗ, କେତେ ଅଭିମାନ ଆଉ ଶେଷକୁ ଅଜାଡି ଦେଇଥାଏ ଅଜସ୍ର ପ୍ରେମ । ସେ ଏମିତି ହିଁ । ବୟସ ସିନା ୨୯ ହେଲାଣି, ହେଲେ ତା ବ୍ୟବହାର ସେଇ ୧୩-୧୪ ବର୍ଷରେ ଅଟକି ଯାଇଛି ଯେମିତି ।

Download Magazine from www.aahwaan.com

ମେସେଜ ହେଉ କି ମେଲ୍, ଯେତେ ବୁଝେଇଲେ ବି ଅଳ୍ପରେ କହିବା ଆସିଲାନି ତାକୁ । ସବୁଠି ରଚନା ଲେଖିବା ଅଭ୍ୟାସ ତା'ର । ପରବର୍ତ୍ତି ମେଲ୍ ଖୋଲିଲେ ଶାଶ୍ୱତ । ସେଥିରେ ଥିଲା ତାଙ୍କ ଉଦାସୀନତା ଓ ଚୁପ୍ ରହିବାକୁ ନେଇ ଅନେକ ଅଭିମାନ ଓ ୧୭ ବର୍ଷ ସମ୍ପର୍କର ଦ୍ୱାହିଦେଇ କଥାବାର୍ତ୍ତା ହେବାକୁ ଅନୁରୋଧ । ତା ପରମେଲ୍ ଥିଲା ସେ ଦିନର, ଯେଉଁଦିନ ଶାଶ୍ୱତ ତାକୁ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ, ଏମିତିକି ତା ଫୋନ ନମ୍ବରକୁ ବି ବ୍ଲକ କରିଦେଇଥିଲେ । ସେଦିନ ଥିଲା ପ୍ରୀତିର ଜନ୍ମଦିନ । ଖୁବ୍ ବଚସା ହୋଇଥିଲା ଦୁହିଁଙ୍କର, ଅନେକ ତିରସ୍କାର ଓ ଅପମାନ ଜନକ କଥା କହିଥିଲେ ଶାଶ୍ୱତ । ଏମିତିକି ପ୍ରେମିକା କୁ ଗଣିକା ସହ ତୁଳନା କରିଥିଲେ । ପ୍ରୀତି ଖୁବ୍ ଶୀଘ୍ର ଶ୍ମଶାନକୁ ଯିବ ଆଉ ତହିଁରେ ତାଙ୍କୁ କୌଣସି ଫରକ ପଡିବନି ବୋଲି ସଫା ସଫା ଶୁଣେଇ ଯୋଗାଯୋଗର ସବୁ ରାସ୍ତା ମୁଦିଦେଲେ । ସେଇ ମେଲ୍ ପଢି ଲାଗୁଥିଲା, ପ୍ରୀତି ଯେମିତି ଲେଖାରେ ଲେଖାରେ ଲୋଟିଯାଉଛି ଭୂଇଁରେ । ଲୁହ, କୋହ ଓ ବିରହରେ ବତୁରିଥିଲା ଶବ୍ଦସବୁ । ନିଷ୍ଠୁର ପ୍ରେମିକ ପାଖରେ ପ୍ରେୟସୀର ନିଃସର୍ତ୍ତ ଆତ୍ମସମର୍ପଣର ଦସ୍ତାବିଜ ଥିଲା ସେ ମେଲ୍ । ତା ପର ମେଲ୍ ଗୁଡାକରେ ପ୍ରଗଲ୍ଭ ପ୍ରୀତି ଥିଲା, ତା ଜୀବନର ଛୋଟ, ବଡ ଘଟଣା,ଦୁର୍ଘଟଣା ଓ ଅଘଟଣ ଗୁଡିକୁ ମନଖୋଲି ପରଷି ଥିଲା ଶବ୍ଦ ମାଧ୍ୟମରେ, ତଥାପି ସ୍ପଷ୍ଟ ବାରିହେଉଥିଲା ପ୍ରଗଲ୍ଭତା ର ନେପଥ୍ୟରେ ଥିବା ନିଃସଙ୍ଗତା ଓ ଖାଲିପଣ । ସେଇ ଶୂନ୍ୟତା କ୍ରମଶଃ ଅଧିକ ଗଭୀର ଜଣାପଡୁଥିଲା ପର ପର ଚିଠି ମାନଙ୍କରେ । କେବଳ ଇମେଲ୍ ହିଁ ମାଧ୍ୟମ ଥିଲା ତା ପାଇଁ ଶାଶ୍ୱତଙ୍କ ସହ ଯୋଡିହୋଇ ରହିବାକୁ ।

ଆଶ୍ଚର୍ଯ୍ୟର କଥା, ଶାଶ୍ୱତ ଥରେ ମଧ୍ୟ ଉତ୍ତର ଦେଇ ନାହାନ୍ତି ତା ମେଲ୍ ଗୁଡାକର, ଅଧିକନ୍ତ ପଢିହିଁ ନାହାନ୍ତି ସେସବୁ, ତଥାପି ସେ ଲେଖିଛି, ସତେକି ମନର ମଣିଷଟି ପାଖରେ ନିଜ ଜୀବନର ସକଳ ଇତିବୃତ୍ତି ବଖାଣି ଦେବାର ପରମ ତୃପ୍ତି ପାଇବାକୁ । ଏତେ ତିରସ୍କାର,

 Download Magazine from www.aahwaan.com

ଅପମାନ ଓ ଉପେକ୍ଷା ସତ୍ତ୍ୱେ ଥରେହେଲେ କଠୋର ଶବ୍ଦଟିଏ ଲେଖିନାହିଁ ଶାଶ୍ୱତ ପାଇଁ । ଅଭିସମ୍ପାତ ଢାଳିଦେଇନି ତା ପ୍ରେମକୁ ପାଦରେ ଠେଲିଦେଇଥିବା ସ୍ୱାର୍ଥପର ମଣିଷ ଉପରେ । ଏବେବି ଏତେ ସ୍ନେହ, ସମ୍ମାନ ଓ ଆପଣାପଣରେ ପ୍ଲାବିତ ତା'ର ପ୍ରତିଟି ଚିଠି । ଏବେବି ଦିଅଁ ଦେବତାଙ୍କ ପାଖରେ ଶାଶ୍ୱତ ଲାଗି କେତେ ଓଷା ବାର କରେ ଆଉ ତାଙ୍କୁ ଚିଠିରେ ଆଗୁଆ ଜଣାଇ ଦିଏ," ଅମୁକ ଦିନ ସମୁକ ଉପବାସ/ବ୍ରତ କରିବି ତୁମଲାଗି, ଏଇ ନିର୍ଦ୍ଦିଷ୍ଟ ଦିଅଁଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟେ ମାରିଦେବ ।" ସେ କ'ଣ ସତରେ ଏତେ ମହିୟସୀ, ନା ଶାଶ୍ୱତକୁ ଦେଖେଇ ହେବାକୁ ଏସବୁ ଅଭିନୟ ମାତ୍ର ! ତେବେ ଚିଠି ଗୁଡିକୁ ପଢିବା ବେଳେ ଅନୁଭବ ହେଉଥିଲା, ଏଇ ଯେମିତି ପ୍ରୀତି ସାମ୍ନାରେ ବସି କହୁଛି ଆଉ ତା କଥାସବୁ ଲେସି ହେଇଯାଉଛି ଶାଶ୍ୱତ ଦେହସାରା । ୧୮ତମ ମେଲ୍, ଏଥିରେ ପ୍ରୀତି କେମିତି ଅଲଗା ଶୁଭୁଥିଲା, ଅସମ୍ଭବ ହତାସ ଆଉ ଭଗ୍ନ । ଭବିଷ୍ୟବକ୍ତା ଭଳି ଦାର୍ଶନିକ ଢଙ୍ଗରେ ପଚାରିଥିଲା,"ସତରେ କ'ଣ କୌଣସି ଏକାନ୍ତ ମୁହୂର୍ତ୍ତରେ ତୁମକୁ ମୋ ଅନୁପସ୍ଥିତି ଅନୁଭବ ହୁଏନି ? ତୁମକୁ କି କେବେ ଇଚ୍ଛା ହୁଏନି ମୋ ସହ ଆଗଭଳି ନିଜ ସୁଖଦୁଃଖ ବାଣ୍ଟିବାକୁ ? ହଁ, ମୁଁ ବା କିଏ ତୁମର ? କିଏ ମୁଁ ? କେହିତ ନୁହଁ ! ଆଚ୍ଛା କହିଲ ଧନ, ଯଦି କେଉଁଦିନ ହଠାତ ଶୁଣିବ ମୁଁ ମରିଗଲି ବୋଲି, ତୁମ ଛାତି ଭିତରୁ ଆଶ୍ୱସ୍ତିର ଦୀର୍ଘଶ୍ୱାସ ଟିଏ ବାହାରିଯିବନି କି ? ତୁମେବି କେମିତି ଜାଣିବଯେ ମୁଁ ମରିଗଲି ବୋଲି ? ସବୁ ବାଟତ ବନ୍ଦ ଆମ ଭିତରେ । ମଲାମଣିଷ ଆଉ କ'ଣ ମେଲ୍ ଲେଖିବ ? ଜାଣେନି ଆଜି କାହିଁକି ଏମିତି ଲାଗୁଛି, ଯେମିତି ମୋ ପାଖରେ ଆଉ ସମୟ ନାହିଁ ବେଶୀ । ଶେଷଥର ପାଇଁ ତୁମ ଗେହ୍ଲାମୁହଁକୁ ଆଖିରେ ଭରିନେବାକୁ ଇଚ୍ଛା ହେଉଛି । ଜାଣେନି ପୂର୍ଣ୍ଣ ହେବକି ନା । ତେବେ ତୁମେ ଭଲରେ ଥାଅ, ସୁଖୀ ହୁଅ, ସୁସ୍ଥ ନିରାମୟ ଓ ଦୀର୍ଘଜୀବନର ଆଶୀର୍ବାଦ ପ୍ରାପ୍ତ ହୁଅ, ଏତିକି ପ୍ରାର୍ଥନା ।" ଏଇ ମେଲ୍ ପରେ ବିରକ୍ତିରେ ସେ ପ୍ରୀତିକୁ spam ଚିହ୍ନିତ

 Download Magazine from www.aahwaan.com

କରିଦେଇଥିଲେ । ବ୍ୟସ୍ତହୋଇ ଖୋଜିଲେ, କିନ୍ତୁ spam ରେ ନଥିଲା କୌଣସି ମେଲ୍ ।

ସେଦିନର ସ୍ୱପ୍ନ ଆଉ ଏଇ ଶେଷ ମେଲ୍ ପଢ଼ିବା ପରେ ମନଟା ଖୁବ ଭାରି ଲାଗୁଥାଏ । ଶୀତଦିନରେ ବି ଗ୍ରୀଷ୍ମର ଅନୁଭବ ହେଉଥାଏ କନମୂଳରେ । ନିଜକୁ କାମରେ ବ୍ୟସ୍ତ ରଖିବାକୁ ଯେତେ ଚେଷ୍ଟା କଲେବି ପ୍ରୀତି ବାରମ୍ବାର ଧସେଇ ପସୁଥାଏ ଚିନ୍ତା ଚେତନା ଭିତରକୁ । ଏମିଲି ସହିତ ସମୟ ବିତେଇବାକୁ ମଧ୍ୟ ସ୍ପୃହା ଆସୁନି । ସତରେ କ'ଣ ପ୍ରୀତି କିଛି ଅସୁବିଧାରେ ଅଛି ? ତା ସହିତ କିଛି ଅଶୁଭ ଅଘଟଣ ଘଟିନାହିଁତ ? ଏମିତି ପ୍ରଶ୍ନ ଗୁଡାକ ତାଙ୍କୁ ବ୍ୟତିବ୍ୟସ୍ତ କରୁଥାଏ । କିନ୍ତୁ ego ବାଧା ଦେଉଥାଏ ସିଧାସଳଖ ତା ସାଙ୍ଗେ କଥା ହେଇଯିବାକୁ । ପ୍ରୀତି ସୋସିଆଲ ମିଡିଆରେ ବହୁତ ଆକ୍ଟିଭ ରହେ । ତେଣୁ unblock କରି ସେଠି ତା ବିଷୟରେ ଜାଣିହେବ । ଦେଖିଲେ ଶାଶ୍ୱତ ତା ଫେସବୁକ ପ୍ରୋଫାଇଲ । ଶାଶ୍ୱତ ଉଠାଇଥିବା ତା'ର ସେଇ ଦୁଇବର୍ଷ ପୁରୁଣା ଫୋଟୋଟା ଏବେବି ପ୍ରୋଫାଇଲ ଫୋଟୋ ରଖିଛି । ପୋଷ୍ଟ ସବୁ ଗଡାଇ ଦେଖିଲେ, କେତେସବୁ ଆଦର୍ଶ ବାକ୍ୟ, ରୁମି-ଓସୋ-ବୁଦ୍ଧଙ୍କ ଠାରୁ ଆଦିଶଙ୍କର, ଉପନିଷଦ ବାଣୀ ଇତ୍ୟାଦିରେ ଭର୍ତ୍ତି ହେଇଛି । ମଝିରେ ମଝିରେ ବିରହ ରସର କିଛି ଗୀତ, କବିତା ଓ ଉଦ୍ଧୃତି । ଅନେକ motivational video  ଜୀବନରେ ଭରପୁର ଝିଅଟା ହଠାତ ଏତେ ନିଷ୍ପ୍ରଭ ହୋଇଗଲା କେବଳ ପ୍ରେମିକର ରୁକ୍ଷ ଭାବାନ୍ତର ଯୋଗୁଁ !?! ମନ ଆହୁରି ବେଶୀ ଅଶାନ୍ତ ହେଉଛି । ହଠାତ ମନେପଡିଲେ ଛନ୍ଦା ଅପା ଆଉ ପ୍ରିୟବ୍ରତ ଭାଇନା । ଦୁଇଜଣ କମନ୍ ଫ୍ରେଣ୍ଡ । ଛନ୍ଦା ଅପା ପ୍ରୀତିସହ ବେଶୀ ଘନିଷ୍ଠ ଆଉ ଶାଶ୍ୱତଙ୍କୁ ଜାଣନ୍ତି କଲେଜ ସମୟରୁ । ପ୍ରିୟ ଭାଇନା ଶାଶ୍ୱତଙ୍କ ସିନିୟର । ତାଙ୍କରି ମାଧ୍ୟମରେ ହିଁ ପ୍ରୀତି ସହ ପରିଚୟ ହୋଇଥିଲା, ଯେବେ ପ୍ରିୟ ଭାଇନା ପ୍ରୀତି କାମ କରୁଥିବା ଅଫିସକୁ ବଦଳି ହୋଇ ଆସିଲେ । ସେବେଠୁ ପ୍ରୀତିକୁ ସାନଭଉଣୀ ଭଳି ଶ୍ରଦ୍ଧା କରନ୍ତି ପ୍ରିୟ । ଦୁହିଁଙ୍କୁ ଫୋନ କରିବାକୁ ଚିନ୍ତାକଲେ ଶାଶ୍ୱତ ।

Download Magazine from www.aahwaan.com

ପ୍ରଥମେ ଫୋନ କଲେ ଛନ୍ଦାଅପାଙ୍କୁ । ଅପା ଏ ଭିତରେ ଅନ୍ୟଏକ ସହରକୁ ଚାଲିଯାଇଛନ୍ତି । ପ୍ରୀତିର ଅନ୍ୟମନସ୍କତା ଓ ସବୁଥିରୁ କଟିକି ରହିବା ଯୋଗୁଁ ତାଙ୍କରବି ତା ସହିତ ବିଶେଷ ସମ୍ପର୍କ ନାହିଁ । ପୁଣି ନୁଆ ସହରରେ ଗୃହସ୍ଥି ସଜାଡିବାରେ ସେ ଖୁବ ବ୍ୟସ୍ତ ରହିଥିଲେ । ତେଣୁ ପ୍ରାୟ ୪-୬ ମାସ ହେବ କେବେ କେମିତି ହାଏ ହ୍ୟାଲୋ ଠୁ ବେଶୀ କଥା ହିଁ ହୋଇନାହାନ୍ତି । ତାଙ୍କ ସହିତ ଆଉ କିଛି ଭଲମନ୍ଦ ପଚାରି ଫୋନ ରଖିଲେ ଶାଶ୍ୱତ ।

ଏବେ ପ୍ରିୟ ଭାଇନା ଶେଷ ବିକଳ୍ପ, ନହେଲେ ego ଛାଡି ପ୍ରୀତିକୁ contact କରିବେ ସିଧାସଳଖ । ଫୋନକଲେ ଶାଶ୍ୱତ । ଫୋନ ରିସିଭ କରୁକରୁ ଭାଇନା ଏକା ନିଶ୍ୱାସରେ କହୁଥିଲେ,"ଆରେ ଶାଶ୍ୱତ, କି କୋଇନ୍‌ସିଡେନ୍‌ସ, ତୁ କୋଉଠୁ ଖବର ପାଇଲୁ ନା ଏମିତି କରିଛୁ ଫୋନ ?" ଶାଶ୍ୱତ କିଛି କହିବା ଆଗରୁ ପ୍ରିୟ ପୁଣି କହିଲେ,"ଜାଣିଛୁ, କାଲି ସନ୍ଧ୍ୟାରେ ଅଫିସରୁ ଫେରିବାବେଳେ ପ୍ରୀତି ହଠାତ ସଜ୍ଞା ହରେଇ ଟଳିପଡିଲା ରାସ୍ତାରେ । ଢେରଦିନୁ ଭୀଷଣ ଡିପ୍ରେସନ୍ ରେ ଥିଲା ଭଳି ଲାଗୁଥିଲା, କଥା କହି ମୁଣ୍ଡ ଖାଉଥିବା ଝିଅଟା ଅସମ୍ଭବ ଚୁପ୍ ରହୁଥିଲା । ହଁ, ସେ ଟଳିପଡିବା ବେଳକୁ ତୀବ୍ରଗତିରେ ଆସୁଥିବା କାରଟେ ଚଢିଗଲା ତା ଉପରେ । ତା innocent ମୁହଁଟା ଅକ୍ଷତ ଅଛି ସିନା ହେଲେ ହାର୍ଟ ଓ ଲଙ୍ଗସ୍ ନଷ୍ଟ ହୋଇଯାଇଥିଲା । ବ୍ୟବଚ୍ଛେଦ ପରେ ଶବ ଧରି ଏଇତ ଫେରୁଛୁ । ମୁଁ ଅଛି ତାଙ୍କ ଘରପାଖରେ । ତା ମୁହଁକୁ ଦେଖିଲେ ଲାଗୁଛି ଏଇନେ ଯେମିତି ସ୍ନେହଁରେ ଡାକିଦେବ,"ପ୍ରିୟ ଭାଇନା, ଆସନ୍ତୁ ଭଉଣୀ ହାତରୁ ଚା ପିଇକି ଯିବେ.... ! ! !" ଅଯାଚିତ ଅମାୟିକ ସ୍ନେହ କରିବାରେ କେହି ସରି ହେବନି ଆମ ପ୍ରୀତିକୁ । ଈଶ୍ୱର ବି ସ୍ନେହ କାଙ୍ଗାଳ, ସେଇଥିପାଇଁ ବୋଧେ ଏତେଶୀଘ୍ର ନେଇଗଲେ ତାକୁ । ଶାଶ୍ୱତ, ଆମ ପ୍ରୀତି ଚିରଦିନ ଲାଗି ଶୋଇପଡିଲାରେ......ସି ଇଜ୍ ନୋ ମୋର୍....." ଏଇ ଶେଷ ଧାଡିଟା ଯେମିତି କାନପର୍ଦ୍ଦା ଚିରିଦେଉଥିଲା । ୧୦ ମାସ ତଳେ ଅତ୍ୟଧିକ ଆପଣାପଣ ଓ ପ୍ରେମରେ ଶ୍ୱାସରୁଦ୍ଧ କରୁଚି

Download Magazine from www.aahwaan.com

ବୋଲି ଅଭିଯୋଗ କରି ନିଜ ସ୍ୱତନ୍ତ୍ରତା ଲାଗି ଯାହାକୁ ଦୂରେଇବା ପାଇଁ ସର୍ବସମ୍ଭବ ପ୍ରୟାସ କରିଥିଲେ, ଆଜି ତାକୁଇ ଥରେ ଦେଖିବାକୁ ବିକଳ ପ୍ରାଣ ଚିତ୍କାର କରୁଥିଲା । ମନକଥା ଶୁଣି ପାରିଲା ଭଳି ପ୍ରିୟ ଭାଇନା ପଠେଇଲେ ପ୍ରୀତିର ଅନ୍ତିମ ଫୋଟୋ । ଅନାବିଳ ସ୍ନେହ ଛଳଛଳ ପ୍ରୀତିର ନିରିହ ମୁହଁଟା ହଳଦିଆ ଓ ନାଲି ରଙ୍ଗ ମାଖିହେଲା ଭଳି ଦିଶୁଥାଏ, ଠିକ ସେ ରାତିର ଶେଷ ପ୍ରହର ସ୍ୱପ୍ନରେ ଯେମିତି ଦିଶୁଥିଲା । ଖାଲି ଯାହା ସୀମନ୍ତ ଟା ଶୂନ୍ୟ ରହିଥିଲା, ଶାଶ୍ୱତଙ୍କ ହାତରୁ ଚିମୁଟେ ସିନ୍ଦୁର ଅପେକ୍ଷାରେ । ଛାତିରୁ ଅଣ୍ଟାଯାଏଁ  ଦେହଟା ଚାପିହେଇ ସମାନ ହେଇଯାଇଥିଲା, ହେଲେ ମୁହଁଟା ଏତେ ସତେଜ, ସତେକି ସଦ୍ୟସ୍ନାତ ଅଳସକନ୍ୟା । ଏଇନେ ଖୋଲିଦେବ ଢଳଢଳ ପଦ୍ମପାଖୁଡା ସମ କଥାକୁହା ଦୁଇଆଖି, ଆଉ ପ୍ରଗଳ୍ଭ ହୋଇ ଗପି ବସିବ ତାଙ୍କ ସଙ୍ଗେ 'ଧନ' ବୋଲି ଡାକିଦେଇ । ଗୋଟାଏ ଅଦୃଶ୍ୟ ଚାବୁକ ପ୍ରହାର କରୁଥିଲା ଶାଶ୍ୱତଙ୍କ ମନକୁ । ବାରମ୍ବାର କହୁଥାଏ ବେଳ ଥାଉଥାଉ ଅଟକେଇ ନେଇଥାନ୍ତ ସିନା, ହାତଧରି ରୋକି ନେଇଥାନ୍ତ ପ୍ରୀତିକୁ, ଅଫେରା ବାଟରୁ କେହି କ'ଣ ଫେରିଆସେ ? ଯେଉଁ ଅଯାଚିତ ଓ ସମର୍ପିତ ପ୍ରେମକୁ ଗଳଗ୍ରହ କହି ହତାଦର ଓ ତିରସ୍କାର କରିଲ, ଏବେ ଶତ ଇଚ୍ଛା ସତ୍ତ୍ୱେ ତାକୁ ଆଉ ପାଇବନି । ଅନେକ କିଛି ଭାଙ୍ଗିରୁଜି ଯାଉଥିଲା ଶାଶ୍ୱତଙ୍କ ଭିତରେ । ସେ କେବଳ ଚିତ୍କାର କରୁଥିଲେ, "ପ୍ରୀତି, ଫେରିଆସ......ଆଇ ଆମ ସରି ।" ତାଙ୍କ ଆଖିରୁ ଗଳିତ ଦୁଇଟୋପା ଲୁହ ପ୍ରୀତି ଫୋଟୋ ଉପରେ ପଡିଥିଲା ଠିକ ତା ଆଖି ତଳେ । ସେ ଯେମିତି କହୁଥିଲା,"ତୁମ ଅଶ୍ରୁ ମୋତେ ତୁମଠୁ ବେଶୀ କଷ୍ଟ ଦିଏ......ଚୁପ୍ ହେଇଯାଅ ଧନ......ମୋ ଆତ୍ମା ଏବେବି ତୁମର....."

Download Magazine from www.aahwaan.com

# କ୍ଷୀର ଓ ସୁରା



ଶୁଭକାନ୍ତ ସାହୁ

ସୁରା ମଦମତ୍ତ ହୋଇ କ୍ଷୀର ପ୍ରତି ବାକ୍ୟ ଆକ୍ରମଣ କରୁଥିଲା, "ଭୁଲରେ ତୋତେ କିଏ ଅମୃତ ନାମିତ କରିଦେଇଛି ଅଥବା ତୁ କେବେ ଦିନେ ଥିଲୁ; ଆଜିର ଦୁନିଆରେ ମୋର ଚାହିଦା ବେଶୀ । ତେଣୁ ଅମୃତ ନାମର ଦାବିଦାର ମୁଁ ।" କ୍ଷୀର ନମ୍ରତାର ସହ ଉତ୍ତରିଲା, ତୁ କେବେବି ଚାହିଦାଯୁକ୍ତ ନଥିଲୁ କି କେବେ ହୋଇପାରିବୁନି । ତୁ କିଛି ଲୋକଙ୍କ ସଉକ ମାତ୍ର; ହେଲେ ମୁଁ ଶିଶୁଠାରୁ ବୃଦ୍ଧ ଯାଏଁ ସଭିଙ୍କ ପ୍ରାଣ ରକ୍ଷାକାରୀ ତେଣୁ ମୋର ସମକକ୍ଷ ଦାବି ତୋର ବୃଥା ଆସ୍ଫାଳନ ।" ଅଟ୍ଟହାସ୍ୟେ ସୁରା କ୍ଷୀରକୁ ଇସାରା କଲା ଏକ ଦୃଶ୍ୟ ଆଡ଼କୁ ।

ଯୁବକଟି ସ୍ତ୍ରୀ ଯାଚୁଥିବା କ୍ଷୀର ଗ୍ଲାସକୁ ଫୋପାଡ଼ି ଦେଇ ମୁହାଁଇଲା ମଦଭାଟିକୁ । ଏକା ନିଶ୍ୱାସକେ ଗ୍ଲାସେ ମଦ ପିଇ ଫୁର୍ତ୍ତି ଅନୁଭବ କଲା । କହିଲା, "ଦେଖିଲୁତ ଲୋକେ କିପରି ତୋତେ ଫୋପାଡ଼ି ମୋତେ ଆପଣାଉଛନ୍ତି ? ଆରେ ଏବେ ଗାଁ ଗାଁରେ ଦେଖ୍ କ୍ଷୀର ପାଇଁ ଗୋପାଳନ କେନ୍ଦ୍ର ନାହିଁ କି ଘରେ ଗାଇ ନାହିଁ । କିନ୍ତୁ ମଦଭାଟି ନିଶ୍ଚୟ ଥିବ । ତୋର ଚାହିଦା ଏତେ କମ୍ ଯେ ବିକ୍ରି ହୋଇପାରୁନୁ ବୋଲି ବିଚରା ଚାଷୀ ହତାଶ ହୋଇ ରାସ୍ତାରେ ଢାଳୁଛନ୍ତି । ଆଉ ମୋତେ ପାଇବା ପାଇଁ ..... ହେ... ହେ... ଲୋକେ ଖୋଜି ଖୋଜି ଠିକଣା ସ୍ଥାନରେ ପହଞ୍ଚି ଯାଉଛନ୍ତି । ତୋର ଅଧା ଲିଟର ପ୍ୟାକେଟର ମୂଲ୍ୟ । ମୋର ଶହେ ଗ୍ରାମର ଦାମ୍ ଠାରୁ ବି ସାମାନ୍ୟ । ତୁ କାହାକୁ ନେଇ ଗର୍ବ କରୁଛୁ ?" କ୍ଷୀର ସ୍ମିତହସି କହିଲା, "ଗର୍ବ ତ ମୋର କେବେ ବି ନଥିଲା । ବରଂ ତୁ ଦିନକୁ ଦିନ ଅଧିକ ଗର୍ବି ହୋଇଯାଉଛୁ । ଏଇ ଦେଖ୍ ତୋତେ ଗ୍ରହଣ କରିଥିବା ଲୋକର ଅବସ୍ଥା କ'ଣ ?" ଲୋକଟି ଅର୍ଦ୍ଧ ନଗ୍ନ ହୋଇ


 Download Magazine from www.aahwaan.com

ଅଣାୟତ୍ତ ହୋଇପଡୁଥିଲା । ପଥଚାରୀମାନେ ମୁହଁ ବୁଲେଇ ଦୂରେଇ ଯାଉଥିଲେ । ରାସ୍ତା କଡ଼ ଅସନାରେ ପଡ଼ି ମନକୁ ମନ ଗପୁଥିଲା । ମଦର ପ୍ରଭାବ ସାମାନ୍ୟ ହେବା ପରେ ଘରେ ଯାଇ ସମସ୍ତଙ୍କୁ ମାରଧର କରିବାକୁ ଉଦ୍ୟତ ହେଲା । କ୍ଷୀର ଇସାରା କଲା ସୁରାକୁ, "ଦେଖିଲୁତ ସମାଜରେ ମଦ୍ୟପ କେତେ ବିଶୃଙ୍ଖଳିତ ?" ସୁରା ଅଟ୍ଟହାସ୍ୟ କରି କହିଲା, "ମୋର ଗୋଟିଏ ମାତ୍ର ଭକ୍ତ ତୋର ଅନେକ ଭକ୍ତଙ୍କୁ ନାକେଦମ କରି ପକେଇଲାଣି ।" ଏହିପରି ପ୍ରତିଦିନ ସୁରା ନିଜର ବଡିମା ବଖାଣି ଆତ୍ମହରା ହୋଇପଡୁଥିଲା । କ୍ଷୀର କିନ୍ତୁ ଆଦୌ ବିଚଳିତ ନୁହେଁ ।

ଦିନେ ସେହି ଯୁବକଟି ରୋଗଗ୍ରସ୍ତ ହୋଇ ମୁମୂର୍ଷୁ ଅବସ୍ଥାରେ ଡ଼ାକ୍ତରଖାନାରେ ଶଯ୍ୟାଶାୟୀ ହେଲା । ଡ଼ାକ୍ତର କହିଲେ, "ଅତ୍ୟଧିକ ମଦ୍ୟପାନ ଯୋଗୁଁ ତୁମର ସମସ୍ତ ଆଭ୍ୟନ୍ତରୀଣ ଅଙ୍ଗ ନଷ୍ଟ ହେବାକୁ ବସିଲାଣି । ଉପଯୁକ୍ତ ଚିକିତ୍ସା ନକଲେ ମାତ୍ର କେଇ ଦିନ ମଧ୍ୟରେ ପ୍ରାଣହାନି ହୋଇପାରେ । ମଦ୍ୟପାନ କରି ସର୍ବସ୍ୱାନ୍ତ ହୋଇଥିବା ଯୁବକଟିର ଚିକିତ୍ସା ପାଇଁ ସମ୍ବଳ ନଥିଲା । ସେ କେତେ ଲୋକଙ୍କ ପାଖରେ ଗୁହାରି କଲା । ହେଲେ ସମସ୍ତେ କହିଲେ, "ମଦୁଆକୁ ବିଶ୍ୱାସ ନାହିଁ ।" ବାପା, ମାଆ, ସ୍ତ୍ରୀ ଅନ୍ୟକୁ ନେହୁରା ହୋଇ କିଛି ସମ୍ବଳ ସଂଗ୍ରହ କଲେ । ଚିକିତ୍ସା ପରେ ମଦ ସଂପୂର୍ଣ୍ଣ ବାରଣ କରାଗଲା । ଔଷଧ ଓ ଖାଦ୍ୟ ସହ ପ୍ରତ୍ୟହ ଦୁଇ ଗ୍ଲାସ କ୍ଷୀର ପିଇବାକୁ ପରାମର୍ଶ ଦିଆଗଲା । କ୍ଷୀର ହସି ହସି କହିଲା, "ତୁ ଜୀବନ ନେଇପାରୁ ଆଉ ମୁଁ ଜୀବନ ଦେଇପାରେ । ସୃଷ୍ଟିର ଆଦ୍ୟ ଓ ଅନ୍ତିମ ପାନୀୟ ମୁଁ । ମୁଁ କାହାରି ନିକଟରେ ବି ଅଛୁଆଁ ନୁହେଁ । ତୁ ମୁଷ୍ଟିମେୟ ଯୁବଗୋଷ୍ଠୀର କୁପଥର ପ୍ରବେଶ ଦ୍ୱାର ।" ସୁରା ନିକଟରେ ଆଉ କିଛି ଯୁକ୍ତି ନଥିଲା । ସେ ମଧ୍ୟ ବୁଝି ସାରିଥିଲା ଯେ ସେ କ୍ଷୀର ସହ କେବେ ବି ତୁଳନୀୟ ନୁହେଁ । କ୍ଷୀରକୁ ଅମୃତ କହିବା ଯୁକ୍ତିଯୁକ୍ତ ।

Download Magazine from www.aahwaan.com

# ଅଦୃଷ୍ଟର ହାତ



ରାଧାକାନ୍ତ ଦାଶ

ସମୟ ସକାଳ ସାତଟା । କବାଟରର ଠକ୍ ଠକ୍ ଶବ୍ଦ ଶୁଣି ନିଦ ଭାଙ୍ଗିଲା ସନଜ୍‌ର । ଗୋଟେ ପ୍ରାଇଭେଟ୍ ବ୍ୟାଙ୍କରେ ଚାକିରୀ କରେ ସନଜ୍ । କାମରେ ଚାପଗ୍ରସ୍ତ ହୋଇ ରହୁଥିବାରୁ ସନଜ୍ ସବୁଦନି ସକାଳୁ ଡେରୀରେ ଉଠେ । ଆଜି ତା ନିଦ ଜଲଦି ଭାଙ୍ଗିଯିବାରୁ ସେ ରାଗିକି ଯାଉଛି କବାଟ ଆଡ଼େ । କବାଟ ଖୋଲି ଦେଖିଲା ତା ଘର ବାହାରେ ପ୍ରାୟ ବାରରୁ ପନ୍ଦର ଜଣ ଲୋକ ରୁଣ୍ଡ ହୋଇଛନ୍ତି ।

ସନଜ୍ ଘରୁ ବାହାରି ଆସି ଗହଳି ହୋଇଥିବା ସ୍ଥାନକୁ ଅଗ୍ରସର ହେଲା । ସନଜ୍ ସେଠାରେ ଛିଡ଼ା ହୋଇଥିବା ଗୋଟିଏ ଲୋକକୁ ପଚାରିଲା, "କଣ ହେଇଛି ?

ଆମ ଘର ଆଗରେ ଏତେ ଭିଡ଼ କାହିଁକି ?" ପ୍ରତ୍ୟୁତ୍ତରରେ ସେ ଲୋକ କହିଲେ, "ଭଲ ନିଘୋଡ଼ ନିଦରେ ଶୋଉଛ ? ତମେ କେମିତି ଜାଣିବ ? ତମ ଘର ସାମନାରେ ଭଗବାନ ଦେଖା ଦେଇଛନ୍ତି । ପାହାନ୍ତାରେ ତମ ଘର ସାମନା ଫୁଲ ବଗିଚାରୁ ଫୁଲ ତୋଳିଲାବାଲା ଦେଖି କହିବାରୁ ଆମେ ସବୁ ଆସିଲୁ । ହେଲେ ତମେ କହୁଛ ତମେ କିଛି ଜାଣିନ !" ଆକାଶରୁ ଖସି ପଡ଼ିଲା ଭଳି ଲାଗିଲା ସନଜ୍‌କୁ । ପାହାନ୍ତା ପହରରେ ପାଚେରି ଡେଇଁ ଫୁଲ ଚୋରୀ କରି ନେଉଥିବା ଲୋକର କାରସାଦି ନୁହେଁ ତ ? ଉତ୍କଣ୍ଠାର ସହ ଚାରିପଟେ ଘେରି ହୋଇ ଛିଡ଼ା ହୋଇଥିବା ଲୋଟଣୀ ଦେବଦାରୁ ଗଛ ପାଖକୁ ଆଗେଇଗଲା । ନିଜ ଆଖିକୁ ବିଶ୍ୱାସ କରିପାରିଲାନି ସନଜ୍ । ଅକଳ୍ପନୀୟ ବିଚିତ୍ର ଧାତୁପିଣ୍ଡ ଡେରା ହୋଇଛି ପାଚେରୀକୁ । ଅଦଭୂତ ମୂର୍ତ୍ତି ଭଳି ଦେଖାଯାଉଥିବା ଧାତୁମିଣ୍ଡରୁ ଉଜ୍ଜ୍ୱଳ ଆଭା ଉକୁଟି

Download Magazine from www.aahwaan.com

ଆସିଥିଲା । ଗ୍ୟାରେଜର ଆଗରେ କିଛି ସ୍ତ୍ରୀଲୋକ ବସିଥିଲେ । ସେମାନଙ୍କ ଭିତରେ ଜଣେ ଦୁଇ ହାତକୁ ଯୋଡ଼ି ମୁଣ୍ଡରେ ଲଗାଇ କହିଲା, "ତମେ ଭାଗ୍ୟବାନ ବାବୁ । ତମ ଘର ଆଗରେ ଭଗବାନ ଆବିର୍ଭାବ ହୋଇଛନ୍ତି । ଏ କଣ କମ କଥା ?" ସନଜ୍ ଲାଲ ଓ ପୀତାଭ ରଙ୍ଗରେ ଉଜ୍ଜ୍ୱଳ ଦିଶୁଥିବା ଅଦ୍ଭୂତ ମୂରତି ଆଡ଼କୁ କୌତୁହଳ ହୋଇ ଅନାଇ ରହିଥିଲା । ମୂର୍ତ୍ତିଟି ବସିଥିବା ଗୋଟିଏ ମାଙ୍କଡ଼ର ଭ୍ରମ ସୃଷ୍ଟି କରୁଥିଲା । ମନ୍ଦିରର ଲୋକ ଗହଳିରେ ଅଶ୍ୱସ୍ତି ବୋଧ କରୁଥିବା ସନଜ୍‌ର ଲନରେ ମହାବୀରଙ୍କ ଆବିର୍ଭାବ । ଗୁଡ଼ାଏ ପ୍ରଶ୍ନର ଢେଉ ତା ମସ୍ତିଷ୍କ ଭିତରେ ମଥା ପିଟୁଥିଲେ । ସେ କାଳବିଳମ୍ବ ନ କରି ଲନ୍‌ର ଗୋଟିଏ କୋଣକୁ ଯାଇ ତା ପତ୍ନୀକୁ ମୋବାଇଲ୍‌ରେ କହିଲା, "ଲୀନା ଜଲଦି ବାହାରକୁ ଆସ । ଲୋକମାନେ ଆମ ଘର ଗେଟ୍ ଭାଙ୍ଗିଦେଇ ଭିତରେ ପଶି ଆସିଛନ୍ତି । କାକ୍ଟସ୍ ଗଛ ପାଖ ଦେବଦାରୁ ପାଖରେ ହନୁମାନଙ୍କ ଆବିର୍ଭାବ ହୋଇଛି ।" ଲୀନା ଦଉଡ଼ି ଆସି ସନଜ୍ ପାଖରେ ଠିଆ ହୋଇ କହିଲା, "ଏ ଠାକୁର କେଉଁଠୁ ଆସିଲେ ?" ସନଜ୍ କହିଲା, "ମୁଁ କେମିତି ଜାଣିବି ? ତମେ ଯେମିତି ଦେଖୁଛ ମୁଁ ବି ଆଜି ସେମିତି ଦେଖୁଛି ।"

ଏହି ସମୟରେ କଲୋନୀର ଜଣେ କାଠର ଖଟୁଲି ରଖିବାରୁ ବୟୋଜ୍ୟୋଷ୍ଠ ପଣ୍ଡିତ ପଣ୍ଡାବାବୁ ସେ ଅଦ୍ଭୂତ ମୂର୍ତ୍ତୀକୁ ଟେକି ତା ଉପରେ ରଖିବାକୁ ପ୍ରଚେଷ୍ଟା କଲେ । ମାତ୍ର ତାଙ୍କ ପ୍ରଚେଷ୍ଟା ନିଷ୍ଫଳ ହେଲା । ଆଉ ଦୁଇଜଣ ଯାଇ ଟେକିବା ପାଇଁ ଚେଷ୍ଟା କରି ମଧ୍ୟ ଟେକିପାରିଲେ ନାହିଁ । ସମସ୍ତେ ଆଶ୍ଚର୍ଯ୍ୟ । ତିନିଫୁଟ୍ ମୂର୍ତ୍ତି କଣ ଏତେ ଓଜନ ? ସାଉଁଳିଆ ହୋଇଥିବାରୁ ହାତ ଖସୁଥିଲା । ଖଟୁଲି ଭାଙ୍ଗିଯିବା ଆଶଙ୍କା କରି ସାହୁ ବାବୁଙ୍କ ନିର୍ଦ୍ଦେଶରେ ବଙ୍କୁ ମିସ୍ତ୍ରୀ ଇଟା, ସିମେଣ୍ଟ ଓ ବାଲି ଆଣି ପିଣ୍ଡି ତିଆରି କରିବା ଆରମ୍ଭ କରିଦେଇଥିଲା । ଅନଧିକାର ଭାବରେ ସନଜ୍‌ର ଘର ସାମନାରେ ଏତେ କଥା ଘଟୁଥିଲେ ମଧ୍ୟ ସେ ନିରୁପାୟ

Download Magazine from www.aahwaan.com

ହୋଇ ଦେଖୁଥିଲା । ଝିଅ ପିଙ୍କିକୁ ନେଇ ସ୍କୁଲରେ ଛାଡ଼ିବା ବେଳ ହୋଇ ଯାଉଥିବାରୁ ଲୀନା ସନଜ୍‌କୁ ସଚେତନ କରିବାପରେ ଦୁହେଁ ଘର ଭିତରକୁ ଚାଲି ଆସିଲେ । ଏପଟେ ପିଙ୍କି ଘରେ ଥାଇ ଆଶ୍ଚର୍ଯ୍ୟ ହୋଇ ଝରକା ଦେଇ ବାହାରେ ଘଟୁଥିବା ଦୃଶ୍ୟକୁ ଦେଖୁଥିଲା । ସେ ବି ଜାଣି ସାରିଥିଲା ଯେ ତାଙ୍କ ଘର ବଗିଚାରେ ଭଗବାନ ଆବିର୍ଭାବ ହୋଇଛନ୍ତି । ଲୀନାକୁ ଦେଖି ନାଚି ପକାଇ କହିଲା, "ଦେଖିଲୁ ମାମା, ଠାକୁର କେଡ଼େ ଦୟାଳୁ । ତତେ ଆଉ କଷ୍ଟ କରି ମନ୍ଦିର ଯିବାକୁ ପଡ଼ିବନି । ସେ ନିଜେ ଆମ ଘରକୁ ପଳେଇ ଆସିଛନ୍ତି ।" ସନଜ୍‌କୁ ଦେଖି କହିଲା, "ସ୍ୱିଟିର ବାପା ପୂଜା କରିବା ପାଇଁ ଭୋଗ ଧରି ଆସିଲେଣି, ଚାଲ ଦେଖିବା ।" ସନଜ୍ ବିରକ୍ତ ଭାବ ପ୍ରକାଶ କରି କହିଲା, "ତୁ କଣ ସ୍କୁଲ୍ ଯିବୁନି କି ? ଜଲଦି ସ୍କୁଲ୍ ପାଇଁ ପ୍ରସ୍ତୁତ ହେଇ ଯା ।"

ସନଜ୍ ଅଫିସ ଯିବାପାଇଁ ପ୍ରସ୍ତୁତ ହେଉଛି । ଝିଅ ପିଙ୍କିକୁ ସ୍କୁଲରେ ଛାଡ଼ି ସେ ଅଫିସ ଯିବ । ତରତର ହୋଇ ଘରୁ ବାହାରି ଗଲା । ଲୋକଙ୍କୁ ଆଡ଼େଇ ଗ୍ୟାରେଜରୁ କାର୍ ବାହାର କରୁଥିଲା ସନଜ୍ । ନିକଟରେ ଜଏଣ୍ଟ ସେକ୍ରେଟାରୀ ପଦବୀରୁ ଅବସର ନେଇଥିବା ଘଟୁଆରୀ ବାବୁ କହିଲେ, "ସନଜ୍ ବାବୁ ଆପଣ ଆମ କଥାରେ ଦ୍ୱିମତ ହେବେ ନାହିଁ । ଆପଣଙ୍କ ଗ୍ୟାରେଜ୍ ପାଖରେ ଆମେ ହନୁମାନଙ୍କ ଆସ୍ଥାନ ନିର୍ମାଣ କରିବା । ଆମେ ଘରେ ରହିବା ଆଉ ଠାକୁର ବାହାରେ ରହିବେ, ଏହା ସୁନ୍ଦର ଲାଗିବ କି ? ମୁଁ ଜାଣିଛି ଆପଣ ଶ୍ରଦ୍ଧାର ସହ ଏହି ପ୍ରସ୍ତାବରେ ରାଜି ହେବେ... ।" ଘଟୁଆରି ବାବୁଙ୍କୁ କେମିତି ଗୋଟିଏ ଦୃଷ୍ଟିଦେଇ ସନଜ୍ ବାହାରିଗଲା ଘରୁ । ଝିଅକୁ ସ୍କୁଲରେ ଛାଡ଼ିଦେଇ ଅଫିସରେ ପହଞ୍ଚିବା ସମୟରେ ଲୀନା ଫୋନ କରି ଜଣାଇଦେଲା ଯେ ସାହିଲୋକମାନେ ଟ୍ରାକ୍ଟରରେ ବାଲି, ଇଟା, ସିମେଣ୍ଟ ଆଣି ଗ୍ୟାରେଜରେ ରଖିଦେଇଛନ୍ତି । ସନଜ୍ ଚିନ୍ତାରେ ପଡ଼ିଗଲା । ବିରକ୍ତ

 Download Magazine from www.aahwaan.com

ଲାଗୁଥିଲା ମଧ୍ୟ ।

ଘଟୁଆରି ବାବୁ ସାହିର ଜଣେ ବୟୋଜ୍ୟୋଷ୍ଠ ବ୍ୟକ୍ତି । ସାହିରେ ସବୁଠୁ ବଡ଼ ଘର ତାଙ୍କର । ଗୋଟିଏ ପୁଅ, ସେ ରହୁଛି ଆମେରିକାରେ । ସେ କାଳେ ଆମେରିକାରେ ହିଁ ବାହା ହୋଇଯାଇଛି ବୋଲି ଶୁଣିବାପରେ ବାପାପୁଅ ସଂପର୍କ ତୁଟି ଯାଇଛି । କିନ୍ତୁ ଲୋକଟା ଭାରି ଧର୍ମବିଶ୍ୱାସୀ । ସାହିରେ ଗଣେଶ ପୂଜା, ଦୂର୍ଗା, କାଳୀ ପୂଜା ଆଦି ସେ ନିଜେ ହିଁ ଆୟୋଜନ କରନ୍ତି । ଗତବର୍ଷ ସାହିରେ ଏକ ବିଶାଳ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ ବି ନିଜ ପ୍ରଚେଷ୍ଟାରେ ସେ କରିଥିଲେ । ଏହି ସବୁ କଥା ଚିନ୍ତା କରୁଥିବା ସମୟରେ ତା କାଉଣ୍ଟର ସାମନାରେ ଜନଗହଳି ହେବା ଯୋଗୁଁ ସେ ସମ୍ବିତ୍ ଫେରି ପାଇଲା । ମନେ ମନେ ଚିନ୍ତା କରୁଥିଲା, ଠାକୁର ତା ଘରେ ଆବିର୍ଭାବ ହୋଇ କଣ ସବୁ ଅସୁବିଧା କରୁଛନ୍ତି ।

ସନ୍ଧ୍ୟାରେ ଘରକୁ ଫେରିବା ବେଳକୁ ନିଜ ଘରର ପରିବର୍ତ୍ତିତ ଛବି ଦେଖି ସେ ଅଧିକ ଆଶ୍ଚର୍ଯ୍ୟ ହୋଇଗଲା । ଗ୍ୟାରେଜ ଭିତରକୁ କାର୍ ନେବାପାଇଁ ରାସ୍ତା ନାହିଁ । ପାଚେରୀ ଅଧା ଭଙ୍ଗା ସରିଛି ଆଉ ସେଠାରେ ଗୋଟିଏ ଅସ୍ଥାୟୀ ପିଣ୍ଡି ଆଉ ଆଣ୍ଠୁଏ ଉଚ୍ଚର ମନ୍ଦିର ନିର୍ମାଣ ହୋଇ ସାରିଛି । ସେ ଘର ଭିତରକୁ ଆସିଲା ବେଳକୁ ଲୀନା ଅଭିଯୋଗ କରି କହିଲା, "ଆଜି ଦିନସାରା ଘର ବାହାରେ ଏତେ ଶବ୍ଦ ହେଲାଯେ ଶାନ୍ତିରେ ରହି ହେଲାନି । ପିଙ୍କି ସ୍କୁଲରୁ ଫେରି ସେଇଠି ହିଁ ଥିଲା । ତମେ ଆସିବ ବୋଲି କହିବା ପରେ ଏବେ ବହି ଧରି ବସିଲା ।"

କିଛି ଦିନଭିତରେ ସେଠାରେ ଏକ ସୁଦୃଶ ମନ୍ଦିର ନିର୍ମାଣ ହୋଇଗଲା । ଅକ୍ଷୟ ତୃତୀୟାରେ ମନ୍ଦିର ପ୍ରତିଷ୍ଠା ହେବ ବୋଲି ଘୋଷଣା ବି ହୋଇଗଲାଣି । ଘଟୁଆରି ବାବୁଙ୍କ ଆରାଧ୍ୟ ଚକ୍ରବାବା ଆସି ପହଞ୍ଚିଛନ୍ତି । ସେ ଜଣେ ବିଖ୍ୟାତ ହନୁମାନ ସାଧକ । ମୁଣ୍ଡରେ ଗୈରିକ ଚିତା । ମୋଟା ମୋଟା ଜଟାକୁ ଏକତ୍ରକରି ସେ ପଗଡ଼ିପରି ବାନ୍ଧିଛନ୍ତି । ବେକରେ

Download Magazine from www.aahwaan.com

ଅନ୍ୟୂନ ଡଜନେ ହେବ ମୋଟା ଆଉ ବଡ଼ ବଡ଼ ତୁଳସୀ ମାଳି । ଗେରୁଆ ବସ୍ତ୍ରରେ ଆଚ୍ଛାଦିତ ସେ । ପାଦରେ କଠଉ, ଡାହାଣ ହାତରେ ରୂପାର ମୋଟା ବାଡ଼ି ଆଉ ଆର ହାତରେ କମଣ୍ଡଳୁ । ହାତରେ ବି ଗୁଡ଼ିଏ ତୁଳସୀ ମାଳ ବାନ୍ଧିଛନ୍ତି । ବଡ଼ ବଡ଼ ପଥର ବସା ସୁନାମୁଦି ପିନ୍ଧିଛନ୍ତି ଦୁଇ ହାତରେ । କିଛି ସମୟ ଗୁଣୁଗୁଣୁ ହୋଇ କହିଲେ ଚକ୍ରବାବା, 'ଜୟ ବଜରଙ୍ଗୀ' । ସେଠାରେ ଉପସ୍ଥିତ ଅଧିକାଂଶ ବ୍ୟକ୍ତି ବାବାଙ୍କୁ ଅନୁସରଣ କରି ଉଚ୍ଚ ସ୍ୱରରେ କହି ଉଠିଲେ 'ଜୟ ବଜରଙ୍ଗୀ' । ବାବା କହିଲେ, "ଏ ଅଦ୍ଭୁତ ମୂର୍ତ୍ତୀ କୌଣସି ଏମିତି ସେମିତି ମୂର୍ତ୍ତୀ ନୁହେଁ । ଏ ହେଉଛି ଅଷ୍ଟଧାତୁରେ ନିର୍ମିତ ବହୁପୁରାତନ ମୂର୍ତ୍ତୀ । ମୋତେ ସ୍ୱପ୍ନାଦେଶ ଦେଇଥିଲା କି ବଜରଙ୍ଗୀ ସ୍ୱୟଂ ଆମ ପାଖକୁ ଆସିଛନ୍ତି । ଆମେ ଅକ୍ଷୟ ତୃତୀୟାରେ ଏକହଜାର ଆଠ ହନୁମାନ ଚାଳିଶା ପାଠ କରି ଏହି ମୂର୍ତ୍ତୀକୁ ଅଭିମନ୍ତ୍ରିତ କରି ଏ ସୁନ୍ଦର ମନ୍ଦିରରେ ସ୍ଥାପନ କରିବା ।" ମନ୍ଦିର ପାଖରେ ଅସ୍ଥାୟୀ ଯଜ୍ଞକୁଣ୍ଡ ନିର୍ମାଣ କରାଯାଇଛି । କିଛି ରାଜନୈତିକ ପୃଷ୍ଠପୋଷକତାରେ ଯଜ୍ଞର ଆୟୋଜନ ଜୋରସୋରରେ ଚାଲିଥାଏ । ଅଷ୍ଟପ୍ରହରୀ ନାମଯଜ୍ଞ ସହ ବାବାଙ୍କ ପ୍ରବଚନ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ ଓ ବ୍ରହ୍ମଯଜ୍ଞ ।

ଏଇ କିଛିଦିନ ହେବ ଅଣନିଶ୍ୱାସୀ ହୋଇଗଲାଣି ସନଜ୍ । ଅର୍ଦ୍ଧକପାଳି ମୁଣ୍ଡବ୍ୟଥାରେ ଶୀକାର ହୋଇଛି ଲୀନା । ପିଙ୍କିର ପାଠପଢ଼ାରେ ଅସମ୍ଭବ ଧରଣର ଅବନତି । ଶେଷରେ ସନଜ୍ ନିଷ୍ପତ୍ତି ନେଲା ଏ ସ୍ଥାନରେ ରହିଲେ ସବୁପ୍ରକାରର ଅସୁବିଧା ହେବ ହିଁ ହେବ । ତେଣୁ ସେ ଘର ଛାଡ଼ି ଅନ୍ୟସ୍ଥାନରେ ଭଡ଼ା ଘର ନେଇ ରହିବା ଉଚିତ ହେବ । ଲୀନା ମଧ୍ୟ ଏହି କଥାର ସହମତ । ହେଲେ ପିଙ୍କି ମନରେ ଅନେକ ପ୍ରଶ୍ନ । ପୂଜା ଦିନରେ ମନ୍ଦିରରେ ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହେଉଥିବା ବାପାମା ଏବେ କାହିଁକି ଏମିତି ବିରକ୍ତ ହେଉଛନ୍ତି ? ଶୀଘ୍ର ଏ ମନ୍ଦିର ପ୍ରତିଷ୍ଠା ସରିଲେ ସେମାନେ ଘର ବଦଳା କାମ ବି କରିବେ । ଘର ସାମନାରେ

Download Magazine from www.aahwaan.com

ଗୋଟିଏ ଯାତ୍ରା ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଅଜସ୍ର ଲୋକ ଗହଳି ଚହଳି, ଉଚ୍ଚସ୍ୱରରେ ଡାକବାଜି ଯନ୍ତ୍ରର ଶବ୍ଦ ଏ ସବୁ ମନକୁ ଅସ୍ତବ୍ୟସ୍ତ କରି ପକାଇଲାଣି ।

ଅକ୍ଷୟତୃତୀୟାର ବ୍ରାହ୍ମ ମୁହୂର୍ତ୍ତରୁ ସାହି ଚଳଚଞ୍ଚଳ । ଦିନ ଆଠଟାରେ ଉଠି ଅଘଷା ପାଟିରେ ଚା ପିଉଥିବା ଲୋକ ଆଜି ସ୍ନାନଶୌଚ ଆଦି ସାରି ଚକ୍ରବାବାଙ୍କ ନିର୍ଦ୍ଦେଶରେ ଗୈରିକ ବସ୍ତ୍ର ପିନ୍ଧି ସୂର୍ଯ୍ୟ ପୂଜାପାଇଁ ଉପସ୍ଥିତ । ବାବାଙ୍କ ନିମନ୍ତେ ସୁଦୃଶ ମଞ୍ଚ ନିର୍ମିତ । କଦଳୀ ଗଛ, ଆମ୍ବ ପତ୍ରର ତୋରଣ ଓ ଗତକାଲି ଜଳଯାତ୍ରାରେ ଆସିଥିବା ଶହେ ଆଠ କଳସ ମଞ୍ଚରେ ଶୋଭା ପାଉଛି । ବିଭିନ୍ନ ପଣ୍ଡିତମାନଙ୍କ ବେଦଧ୍ୱନୀରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବାସହ ଝୁଣା, ଗୁଗ୍ଗୁଳ, କର୍ପୂର ଓ ସୁବାସିତ ଦୂପରେ ମହକି ଉଠୁଛି । ଆଳତି ପୁଷ୍ପାଞ୍ଜଳୀ ପରେ ନୂତନ ବିଗ୍ରହ ମାନଙ୍କର ମହାସ୍ନାନ କରାଯାଇ ମନ୍ଦିରରେ ସ୍ଥାପନ କରାଯିବ ।

ଦିନ ଏଗାରଟା ହେବ । ଘୃତ, ଶର୍କରା, ଦହି, କ୍ଷୀର ଓ ମହୁ ଭର୍ତ୍ତି ପାଞ୍ଚଟି କଳସ ସ୍ନାନ ବେଦିରେ ମୂର୍ତ୍ତି ପାଖରେ ରଖାଯାଇଛି । ଲାଲ ମନ୍ଦାର ଫୁଲ ଓ ରକ୍ତ ବସ୍ତ୍ର ସୁଶୋଭିତ ଦେଖାଯାଉଛି ସେ ଲାଲ ପୀତାଭ ମୂର୍ତ୍ତି । ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ କ୍ୟାମେରା ମାନ ଧରି ସିଧା ପ୍ରସାରଣରେ ବ୍ୟସ୍ତ । ଏତିକି ବେଳେ ପିସିଆର୍ ଭ୍ୟାନର ସାଇରନ ସହ ଏକ ବୋଲେରୋ ଆସି ଅଟକିଲା ମଞ୍ଚ ପାଖରେ । କୌଣସି ଅତିବିଶିଷ୍ଟ ବ୍ୟକ୍ତି ଆସିଛନ୍ତି ବୋଲି ଆୟୋଜକ ମଧ୍ୟରୁ ଦୁଇତିନିଜଣ ଚନ୍ଦନଫୁଲ ମାଳ ନେଇ ପାଛୋଟି ଆଣିବାକୁ ଗଲାବେଳେ, ସେମାନେ ଗ୍ରହଣ ନ କରି ଗହଳି ଆଡ଼େଇ ପହଞ୍ଚିଗଲେ ମୂର୍ତ୍ତିପାଖରେ । ଫୁଲମାଳ ଓ ବସ୍ତ୍ର କାଢ଼ି ପାଣିରେ ଧୋଇସାରିବା ପରେ ସେମାନଙ୍କ ମଧ୍ୟରୁ ଜଣେ ଅଫିସର ସୂଚନା ଦେବାକୁ ଯାଇ କହିଲେ, “ଆମେ ମାନେ ହେଉଛୁ ଭାରତୀୟ ମହାକାଶ ବିଜ୍ଞାନ

Download Magazine from www.aahwaan.com

ଗବେଷଣା ସଂସ୍ଥାର କର୍ମଚାରୀ । ଆପଣମାନେ ଯାହାକୁ ମହାବୀରଙ୍କ ବିଗ୍ରହ ଭାବି ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ତାହା କିଛିଦିନ ତଳେ ହୋଇଥିବା ଏକ ବିରଳ ଉଲ୍କାପାତର ଅଂଶ ବିଶେଷ । ଯାହା ଆମ ଗବେଷଣାର ଉପାଦାନ । ତେଣୁ ଆମେ ଏହାକୁ ନେଇଯାଉଛୁ । ଆପଣ ମାନଙ୍କ ମନରେ ଯଦି ଆଘାତ ହୋଇଥାଏ ତେବେ କ୍ଷମାଦେବେ । ଆମେମାନେ ନାଚାର ।" ସଶସ୍ତ୍ର ପୋଲିସ ବାହିନୀ ସାଥିରେ ଆଖିପିଛୁଳାକେ ମୂର୍ତ୍ତୀନେଇ ଚାଲିଗଲେ ସେମାନେ । ସମବେତ ଜନତା ଅବାକ୍ ହୋଇ ଚାହିଁ ଚାରିଥିଲେ । କାହା ମୁହଁରେ ଭାଷା ନଥିଲା । ନୈରାଶ୍ୟର ଏହି ସମୟରେ କିନ୍ତୁ ସନଜ୍‌ର ମୁହଁ ଉଜ୍ଜ୍ୱଳ ଦିଶୁଥିଲା ।

ଜଗନ୍ନାଥପୁର ଶାସନ, ରତନପୁର
କୁହୁଡ଼ି, ଖୋର୍ଦ୍ଧା, ଓଡ଼ିଶା, ୭୫୨୦୨୭
ଭ୍ରାମ୍ୟଭାଷ - ୮୯୦୮୮୫୯୭୯୭ , ଇମେଲ - rkdash@gmail.com

Download Magazine from www.aahwaan.com

# ସେଦିନର ଦୀପାବଳୀ ଓ ପୋତାହାଡ଼



ସୁବଳ ମହାପାତ୍ର

ଜୀବନରେ କେବେ ଦେଖି ନ ଥିଲେ ବି ଶବ୍ଦ ଟା କାହିଁକି ଅଖାଡୁଆ ଶୁଭେ । ହଁ, ଆଜ୍ଞା ମୁଁ ଭୂତ କଥା କହୁଛି । ଛୋଟ ବେଳେ କେତେ କଣ କାହାଣୀ ଶୁଣିଥିଲା ବଣ୍ଟି । ଲଗାଲଗି ଜେଜେ, ମାମୁଁ, ସାଙ୍ଗ ସାଥି ଆଉ ଗାଁ ଲୋକଙ୍କଠୁ ବହୁତ ପ୍ରକାର ଭୂତ ଗପ ଶୁଣିଛି ସେ । ଭୂତ କୁଆଡେ ରାତି ପହରକରୁ ଡାକି ନିଏ ମାଛ ମାରିବାକୁ କିମ୍ବା ବିଲ ରେ ପାଣି ମଡ଼େଇବାକୁ । କେତେବେଳେ ଦେଖାଦିଏ କେଉଁ ବ୍ରାହ୍ମଣ କୁ ଯିଏ କୌଣସି ଏକ ଦୂର ଗାଁ ରୁ ବାହାଘର କିମ୍ବା ମୃତକ କାମ ସାରି ଫେରୁଥାଏ । କିଏ ଅବା ଦେଖେ କୌଣସି ଏକ ରାସ୍ତା ରେ, ନିଛାଟିଆ, ଶୂନଶାନ ଜଙ୍ଗଲ ମଝିରେ ରାତି ବାରଟା ରେ ସୁନ୍ଦରୀ ଝିଅ ଟିଏ ଆଗ ଛକ ଯାଏ ଯିବାପାଇଁ ଲିଫ୍ଟ ମାଗେ । କେତେବେଳେ କୌଣସି ଏକ ଗାଡି ର ବ୍ରେକ ଫେଲ କରି ଦିଏ ଓ କିଛି ବାଟ ଗଲା ପରେ ପୁଣି ଆପେ ଆପେ ଗାଡି ର ବ୍ରେକ କାମ କରିବାକୁ ଲାଗେ ।

ତା'ର ବି ଇଲମ ଅଛି ଯେ !!! ଲଙ୍ଗଳା ହୋଇ ଭୂତଙ୍କ ସହ ନାଚିବାକୁ ପଡେ । ଗୋଲେଇ ଆକାର ର ମୁତି, ସେଇ ଭିତରେ ଠିଆ ହେବାକୁ ପଡେ ସକାଳ ଯାଏ । ମୁତ ମିଶା ମାଟି କୁ ତାଙ୍କ ଉପରକୁ ଫିଙ୍ଗି ବାକୁ ପଡେ । ହାତରେ ଲୁହା ର କୌଣସି ଏକ ଜିନିଷ ଧରି ଆସ୍ତେ ଆସ୍ତେ ସେମାନେ ନ ଦେଖିପାରିଲା ପରି ସେଠୁ ଖସି ଆସିବାକୁ ହୁଏ ଅବା ଗାଡି ଭିତରେ ପାଖରେ ଥିବା ମଦ ବୋତଲ ରୁ ଅଳ୍ପ ପିଇ ଆଉ ଅଳ୍ପ ହାତରେ ବୋଳି ହେଲେ ଭୂତ କିଛି କରି ପାରେ ନାହିଁ ।

ଭୂତ ବି ଆଜ୍ଞା କଣ କମ କି ? ଚାହିଁଲେ ମଣିଷ କୁ ମାରି ଦେଇ ପାରେ, ପାଗଳ କରିପାରେ ଅବା ରକ୍ତ ଶୋଷିନିଏ । ସେ ଦର୍ପଣ ରେ ଦେଖା ଯାଏନି ଆଉ ରାତି ଅଧାରେ

Download Magazine from www.aahwaan.com

ଗାଡ଼ିରେ ଲିଫ୍ଟ ମାଗି ବସି ଯାଏ । ସେ ବସି ସାରିଲା ପରେ ଗାଡି ର ଓଜନ ବଢ଼ିଯାଏ । ଗାଡି ଓଜନିଆ ଲାଗେ । ୬୦ ସ୍ପିଡ଼ ରେ ଚଳେଇଲେ ୨୦ ରେ ଯିବାପରି ଲାଗେ । ଆଉ ସେଇ ଜାଗା ଟି ଅତିକ୍ରମ କରି ସାରିଲା ପରେ ଗାଡି ର ସ୍ପିଡ଼ ହଠାତ ପୁଣି ୬୦ କୁ ପଳେଇ ଆସେ ଆଉ ପାଖ ସିଟ ରେ ଝିଅ ଟି ନଥାଏ । ଚାଳକ ନିୟନ୍ତ୍ରଣ ହରାଇ କେଉଁ ଗଛରେ କିମ୍ବା ରାସ୍ତା ପାଖରେ ଥିବା ଭଙ୍ଗା ଘରେ ପିଟି ହୁଏ ଓ ମରିଯାଏ । ନହେଲେ କିଛି ଦୂର ଯିବା ପରେ ହଠାତ ଝିଅଟି ଉଭାନ ହୋଇ ଯାଏ ଓ ପଛରୁ କିଛି ଶବ୍ଦ ଆସି କାନ ରେ ବାଜେ "ଯା ରେ ପୁଅ ଏଥର ଛାଡିଦେଲି" ।

ଏଗୁଡା ସବୁ ଶୁଣି ଶୁଣି ବଣ୍ଟି ଅଭ୍ୟସ୍ତ ଥିଲା ଭୂତ କେମିତି ଆଉ ହାବୁଡ଼ ରେ ପଡିଲେ କେମିତି ବଞ୍ଚିବ । କିନ୍ତୁ କିଛି ପ୍ରଶ୍ନ ର ଉତ୍ତର ସେ ଆଜି ଯାଏ ବି ପାଇ ନଥିଲା । ଯେମିତି କି ଡ୍ରାଇଭର ଟି ମରି ସାରିଲା ପରେ ଲୋକ ମାନେ କେମିତି ଜାଣିଲେ ଏତେ ସବୁ ଘଟଣା ଘଟିଥିଲା ବୋଲି ? ଭୂତ ମାନେ ଖାଲି ଖାଲି ରେ ନାଚନ୍ତି ନା ତାଙ୍କ ପାଇଁ କିଏ DJ ବଜାଏ ? ତାଙ୍କର କଣ ମାଛ ଖାଇବା ପାଇଁ ଲୋଭ ଥାଏ ଯେ ସେମାନେ ମାଛ ମାରିବାକୁ ଡାକି ନିଅନ୍ତି ? ସେମାନେ ତ ଯୁଆଡେ ଚାହିଁବେ ଯାଇ ପାରିବେ ତେବେ ଲିଫ୍ଟ କାହିଁକି ମାଗନ୍ତି ? ବ୍ରାହ୍ମଣ ପାଖରେ ତ ପଇତା ଥାଏ, ତାକୁ ଦେଖି କି ଭୂତ ଡରେ ନା ନାହିଁ ? ଯଦି ଡରେ ତେବେ ବ୍ରାହ୍ମଣ ର ତ ଡରିବା ଦରକାର ନାହିଁ । ଆଉ ଯଦି ନ ଡରେ ତେବେ ସେ ବ୍ରାହ୍ମଣ ମୃତକ କାମ କିପରି କରେ ? ସେତେବେଳେ ତାକୁ ଡର ଲାଗେ ନା ନାହିଁ ? ଭୂତ ଦେହରେ ମୁତ ମାଟି କେମିତି ବାଜେ ? ଲୁହା ଓ ମଦ କୁ ସେମାନେ ଡରନ୍ତି ନା ଭକ୍ତି କରନ୍ତି ନା ଘୃଣା କରନ୍ତି ? ଏସବୁ କାହାଣୀ ଶୁଣି ଶୁଣି ସେ ବଡ ହୋଇଛି । ଭୂତ ପ୍ରତି କିଛି ଡର ଥିଲେ ବି ସେ ଯେତେ ଯେତେ ବଡ ହୁଏ ଆସ୍ତେ ଆସ୍ତେ ଦୁନିଆଁ କୁ ଚିନ୍‌ହିଲା ପରେ ତା ମନରୁ ଭୂତ ପ୍ରତି ଥିବା ଡର ଛାଡି ଛାଡି ଯାଏ । ଲୋକ ମାନେ ତ ପୁଣି ନାଇଟ ସିଫ୍ଟ ସାରି ଘରକୁ ଆସୁଛନ୍ତି ।

Download Magazine from www.aahwaan.com

ଏବେ ସହରରେ ବଡ ଗଛ କିମ୍ବା ସେମିତି ପୁରୁଣା ଘର କାହିଁ ଯେ ଭୂତ ରହିବ ? ସହର ତ କେବେ ଶୁଏନି, ସବୁ ବେଳେ ଲୋକ ଯିବା ଆସିବା ଲାଗିଥାଏ ତେବେ ଭୂତ ନା ଫୁତ... ଭୂତ ଡର ଛାଡ଼ି ଛାଡି ଆସିଲା ବେଳକୁ ତାକୁ ଯିବାକୁ ପଡେ ଘରୁ ପ୍ରାୟ ୭୦ କିଲୋମିଟର ଦୂରରେ ଥିବା ସହରକୁ । ଇଞ୍ଜିନିଅରିଂ ପଢ଼ିବା ପାଇଁ । ଜଣେ ମାମୁଁ ତାକୁ ଗୋଟିଏ ତେଉଁରିଆ ଦେଲେ ପିନ୍ଧିବା ପାଇଁ । ସବୁ ଶୁଭ ହେବ । ହଉ ।

ଇଞ୍ଜିନିଅରିଂ ର ପ୍ରଥମ ବର୍ଷ ଯାହିତାହି ରେ କଟିଗଲା । ଦ୍ଵିତୀୟ ବର୍ଷ ବେଳକୁ ସେମାନେ କିଛି ସାଙ୍ଗ ଠିକ କରନ୍ତି ଗୋଟେ ଘର ଭଡା ନେଇ ମେସ କରି ରହିବେ । ପ୍ରାୟ ଆଠ ଜଣ । ଏତେବଡ ଘର ସହର ଭିତରେ ଅଳ୍ପ ପଇସା ରେ ମିଳିବା ମୁସ୍କିଲ । ତେବେ ସହର ଠୁ ଟିକେ ଦୂର ହେଲେ ବି କିଛି ଅସୁବିଧା ନାହିଁ । ପାଖରେ ଦୁଇ ତିନୋଟି ସ୍କୁଟର ଓ ମୋଟରସାଇକେଲ ଅଛି । କଲେଜ କୁ ବି ଯିବାପାଇଁ ସଟ କଟ ରାସ୍ତା ଅଛି । ଅଳ୍ପ ସମୟ ଭିତରେ ପହଞ୍ଚି ହେବ । ସପ୍ତାହକୁ ଥରେ ଦୁଇଥର ବଜାର ରୁ ପରିବା ନେଲେ ଯଥେଷ୍ଟ । ଚାଉଳ, ମସଲା ପାଇଁ ପାଖରେ ଗୋଟେ ଦୋକାନ ବି ଅଛି । ରୋଷେଇ ପାଇଁ ପାଖ ସାହି ରୁ ପିଲାଟିଏ ବି ମିଳିଗଲା । ସବୁ ଦୃଷ୍ଟି ରୁ ସୁବିଧା । ତେଣୁ ଘର ଟି ଭଡା ରେ ନେଇଗଲେ ସେମାନେ । ଆଗରୁ ମାଲିକ ସେ ଘରେ ନିଜେ ରହୁଥିଲା । ଏବେ ସେ ନିଜ ଘର ଛାଡି ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ଅନ୍ୟ ଏକ ଘରକୁ ଭଡାରେ ଚାଲିଗଲା ଓ ବଜାର ଦରଠୁ ବି କମ ପଇସା ରେ ଘରଟି ଭଡା ରେ ଦେବା ପାଇଁ ରାଜି ହୋଇଗଲା । ବାଃ.. ବିରାଡ଼ି କପାଳ କୁ ଶିକା ଛିଣ୍ଡିଲା ପରିକା ଏମାନଙ୍କୁ ଘର ଟି ମିଳିଗଲା ।

ଏବେ କିଛି କିଛି ପଇସା ସଞ୍ଚି ହେବ । ଆଗରୁ ତ ଘର ଭଡା ଓ ହୋଟେଲ ଖାଇବାରେ ସବୁ ପଇସା ସରି ଯାଏ । ଯାହାହଉ ଭଲହେଲା । ନିରୋଳା, ଟିକେ ନିଛାଟିଆ ଜାଗାରେ ଘର ଟି ମିଳିଲା । ଟିକେ ନିଛାଟିଆ ଏଥିପାଇଁ ଯେ ଆଖ ପାଖରେ ଘର ଥିଲେ ବି ସାମ୍ନା ରେ ଖେଳ

Download Magazine from www.aahwaan.com

ପଡିଆ ଓ ଘର ସାଇଡ ରେ ରାସ୍ତା ଥିବାରୁ ଗୋଟିଏ ପଟେ ହିଁ ଜଣେ ପଡୋଶୀ । ପଛ ପାଖେ ଏଘର ର ବାଡ଼ି ଓ ପଛ ଘର ର ବାଡ଼ି ମିଶି ପ୍ରାୟ ଲମ୍ବା ଚଉଡା ରେ ବହୁତ । ତେଣୁ ତାଙ୍କୁ ପଡୋଶୀ ବୋଲି ବି କହି ହେବନି ।

ଇଞ୍ଜିନିଅରିଂ ର ପିଲା ମାନେ ସତରେ ବଡ ଟ୍ୟାଲେଣ୍ଟେଡ । ପରୀକ୍ଷା ର ମାସେ ପୂର୍ବରୁ ପଢା ଆରମ୍ଭ ଓ ଛଅ ମାସ ର କୋର୍ସ ମାସେ ରେ ଖତମ । ତେଣୁ ବାକି ପାଞ୍ଚ ମାସ ତାଙ୍କ ପାଖରେ ଟାଇମ ହିଁ ଟାଇମ ଥାଏ । ଆଜି ଗଣେଶ ପୂଜା ତ କାଲି ଲକ୍ଷ୍ମୀ ପୂଜା । ସବୁ କେମିତି ନିଆରା ନିଆରା ଲାଗେ । ବଣ୍ଟି ର ମେସ ସାଙ୍ଗମାନେ ସେଦିନ ବସି କଥା ହେଲେ । ଏ ଥର ଦୀପାବଳୀ ଟା ବଡ ଧୁମ ଧାମ ରେ ପାଳିବା । ଆଖପାଖ ର ଲୋକାଲ ସାଙ୍ଗ ମାନେ ବି ହାତ ମିସେଇଲେ । ପାଖାପାଖି ଦଶ ହଜାର ଟଙ୍କା ଉପରେ କଲେକସନ ହେଲା । ଏଥର ଖୁବ ମଜା ହବ । ଦଶହଜାର ଟଙ୍କାର ବାଣ । ଆଖପାଖ ରୁ ବାଣ କିଣିଲେ ଅଳ୍ପ ଆସିବ । ତେଣୁ ଠିକ କଲେ ଯେ ପ୍ରାୟ ୩୦/୪୦ କିଲୋମିଟର ଦୂରରେ ଥିବା ଏକ ଗାଁ ରୁ ବାଣ ଆସିବ । ସେଠି ବାଣ ତିଆରି ହୁଏ । ସେଠୁ ହିଁ ବାଣ ଆଣି ଛୋଟ ଦୋକାନୀ ମାନେ ଚଢା ଦରରେ ବିକ୍ରି କରନ୍ତି । ଆହୁରି ବି ଲିଚୁ ଲାଇଟ ଆସିବ, ଧପଧପି ଚାଇନା ଲାଇଟ ବି ଆସିବ, ଗୋଟେ ମାଷ୍ଟର ବଲବ ବି ଆସିବ ଯେଉଁଟା କି ସବୁ ଲାଇଟ କୁ ଧପ ଧପ କରିବ ।

ବାସ, ଆରମ୍ଭ ହୋଇଗଲା ପ୍ରିପ୍ୟାରେସନ । ସାତଦିନ ପୂର୍ବରୁ ଲାଇଟ ସବୁ ଆସିଗଲା । ଖାଲି ବାଣ ବାକି ରହିଲା । ଯୋଜନା ଅନୁସାରେ ଦୀପାବଳୀ ପୂର୍ବ ଦିନ ବାଣ ଆସିବ । ହେଲେ ଲାଇଟ ସବୁ ଆସି ଗଲାଣି ଯେତେବେଳେ ଲଗେଇ ଦେଲେ ମେସ ଟା ସୁନ୍ଦର ଦିଶିବ । ତେଣୁ ସମସ୍ତେ ଲାଗିଗଲେ କାମରେ । କେଉଁ ଜାଗାରେ କେଉଁ ଲାଇଟ ଟା ଲଗେଇଲେ ଭଲ ଦେଖା ଯିବ ତା ମଧ୍ୟ ଫାଇନାଲ ହୋଇଗଲା । ମେସ ର କାନ୍ଥ କୁ ଲାଗି ଥିବା ଆମ୍ବ ଗଛ ଉପରେ ଲିଚୁ ଲାଇଟ ଲଗାଯିବାର ଯୋଜନା ହେଲା । ଜଣେ ପିଲା ଗଛ ଉପରେ ଚଢି

 Download Magazine from www.aahwaan.com

ଗୋଟିଏ ପରେ ଗୋଟିଏ ଡାଳ ରେ ଲଗେଇ ଚାଲିଲା । ସରିଗଲା ପରେ ତଳକୁ ଓ଼ହ୍ଲେଇଲା ବେଳେ ତା ଗୋଡ଼ରେ ଗୋଟେ କଣ୍ଟା ବାଜିଲା, ଯାହା କି ଗଛ ରେ ପିଟା ହୋଇଥିଲା । କିଏ ଗୋଟେ ଦୁଷ୍ଟ ପିଲା ଲଗେଇଥିବା ବୋଲି ଭାବି ସେ କଣ୍ଟା କୁ କାଢି ଫୋପାଡ଼ି ଦେଲା ଓ ତଳକୁ ଆସି ବାକି କାମ ରେ ମନ ଦେଲା । ଛାତ ଉପରେ ମାଷ୍ଟର ବଲବ ଲଗେଇଲା ପରେ ବି କୌଣସି ବି ଲାଇଟ ଧପ ଧପ ହେଉନି, କିନ୍ତୁ କାହିଁକି ? ବହୁତ ସମୟ ପରୀକ୍ଷା ନିରୀକ୍ଷା କଲା ପରେ ବି କାହିଁକି କେଜାଣି ସେଟା କାମ କଲାନି । ହେଃ.. ଛାଡ଼.. କାଲି ଦେଖିବା କହି ସମସ୍ତେ ଘରକୁ ପଳେଇ ଆସି ଅନ୍ୟ କାମ ରେ ମନ ଦେଲେ ।

ବେଳେ ବେଳେ କିଛି କିଛି ସାଙ୍ଗ ମାନେ ମଧ୍ୟ ଆସନ୍ତି ମେସ କୁ । ହସ, ଖେଳ, ଖଟି ସହ ତାସ ମାଡ ବି ହୁଏ । ଶୀତ ଦିନ, ତେଣୁ ବ୍ୟାଡ଼ମିଣ୍ଟନ ଖେଳ ବି ହୁଏ । ସେଦିନ ବ୍ୟାଡ଼ମିଣ୍ଟନ ଖେଳି ସାରି ଆସି ପୁଣି କିଛି ସମୟ ମାଷ୍ଟର ବଲବ ପଛରେ ଲାଗିଲେ ବି କିଛି ଲାଭ ହେଲାନି । ଛାଡ । ଏବେ କିଛି ସାଙ୍ଗ ମାନେ ଆଣିଥିବା କିଛି ଫୋଟୋ କମ୍ପୁଟର ରେ ଦେଖାଗଲା । ସ୍କ୍ରିନସେଭର ପାଇଁ କିଛି ଭଲ ଭଲ ଫୋଟୋ ବାଛି ରଖାଗଲା । (ଏହା ସେତେବେଳେ ର କଥା ଯେତେବେଳେ ଫ୍ଲପି ଡ୍ରାଇଭ ରେ ଫୋଟୋ ନେଣ ଦେଣ ହୁଏ । ଇଣ୍ଟର୍ନେଟ କହିଲେ ୬୪ KBPS, ସେ ପୁଣି କେବଳ କଲେଜ ରେ ଥିଲା । 20GB ହାର୍ଡ ଡିସ୍କ ମାନେ ବହୁତ । କମ୍ପୁଟର ଗୋଟେ କିଣିବା ପାଇଁ ପାଖାପାଖି ୮୦,୦୦୦ ଟଙ୍କା ଲାଗୁଥିଲା )

ଫୋଟୋ ସବୁ ଦେଖି ସାରିଲା ପରେ ହଠାତ ଗୋଟେ ଫୋଟୋ ଉପରେ ନଜର ପଡିଲା ଯେଉଁଥିରେ ଗୋଟେ ପିଲା ର ପଛପଟେ ଗୋଟେ ଭୂତ ର ଫୋଟୋ ଥିଲା ଓ ଏ ଫୋଟଟି ବଲାଙ୍ଗୀର ର କେଉଁ ଏକ ଜଙ୍ଗଲ ରେ ଉଠା ଯାଇଥିଲା । ସେମାନେ ଭୋଜି କରିବାକୁ ଯାଇଥିଲେ । ଆସିଲା ପରେ କିଛି ଦିନ ରକ୍ତ ବାନ୍ତି କରି ପିଲାଟି ମରିଗଲା । ରିଲ (ସେତେବେଳେ ରିଲ ୱାଲା କ୍ୟାମେରା ଥିଲା) ଧୋଇ ସାରିଲା ପରେ ଏ ଫୋଟଟି

Download Magazine from www.aahwaan.com

ଲୋକଲୋଚନ କୁ ଆସି ଭାଇରଲ ହୋଇଗଲା । ତେବେ ଦେଖୁ ଦେଖୁ କେତେବେଳେ ଯେ କମ୍ପୁଟର ରେ ବାଜୁଥିବା ଗୀତ ବନ୍ଦ ହୋଇ ଯାଇଛି କାହାକୁ ଜଣା ନାହିଁ । ସମସ୍ତେ ଫୋଟ ଦେଖିବା ଓ ବାର୍ତାଳାପ ରେ ମଗ୍ନ । ହଠାତ ଜଣେ ପିଲା ଆବିଷ୍କାର କଲା ଯେ ଗୀତ କାହିଁକି ବାଜୁନି ? କିଛି ସମୟ ପୂର୍ବରୁ ତ ବାଜୁଥିଲା । ହଉ, କାଳେ ବନ୍ଦ କରି ପୁଣି ଖୋଲିଲେ ବାଜିବ । କିନ୍ତୁ ନା, ଯେତେ ଚେଷ୍ଟା କଲେ ମଧ୍ୟ ଆଉ ଗୀତ ବାଜିଲାନି । କାଳେ ସାଉଣ୍ଡ କାର୍ଡ ରେ କିଛି ପ୍ରୋବ୍ଲେମ ଥିବ ବୋଲି ଭାବି ସବୁ ଖୋଲା ଖୋଲି କରି ଆଉ ଥରେ ସଜଡା ହେଲା । ସବୁ ପିଲା କମ୍ପୁଟର ବ୍ରାଞ୍ଚ ର, ତେଣୁ ଏସବୁ ତାଙ୍କର ନୀତି ଦିନିଆଁ କଥା । ଅଧଘଣ୍ଟେ ଗଲା, ଘଣ୍ଟେ ଗଲା କିଛି ଲାଭ ନାହିଁ । ହଉ, କାଲି ସକାଳୁ ଦୋକାନ କୁ ନେଲେ ଦେଖିବା । ଏବେ କମ୍ପୁଟର ରେ ଭୂତ ଫୋଟୋ କିଆଁ ରଖିବା ବୋଲି ଭାବି ତାକୁ ଡିଲିଟ କରିଦିଆଗଲା । ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଗୀତ ପୁଣି ଥରେ ଆରମ୍ଭ ହୋଇଗଲା । ଆରେ... ଏ କି କଥା ? ପୁଣି ଫୋଟୋ କପି କର - ଗୀତ ବନ୍ଦ । ଡିଲିଟ କର - ଗୀତ ଚାଲୁ । ସମସ୍ତେ ଆଶ୍ଚର୍ଯ୍ୟ । ଆଚ୍ଛା ତେବେ ଏଥିରେ କିଛି ଭାଇରସ ଥାଇପାରେ । ସମସ୍ତେ ଫ୍ଲପି ଦେଇଥିବା ପିଲା କୁ ଗାଳି କରିବାରେ ଲାଗିଲେ । ସେ ବି ତା ଫ୍ଲପି ଭଲ ଅଛି ବୋଲି ସଫେଇ ଦେବାକୁ ଲାଗିଲା, "ଏ ଫୋଟୋ ତ ଆହୁରି ବହୁତ ପିଲା ଏଇ ଫ୍ଲପି ରୁ କପି କରି ନିଜ ନିଜ କମ୍ପୁଟର ରେ ରଖିଛନ୍ତି । କାହାର କିଛି ଅସୁବିଧା ନାହିଁ । ତମ କମ୍ପୁଟର ରେ କିଛି ଥାଇ ପାରେ" । ଏ ସବୁ ଯୁକ୍ତି ପରେ ଫାଇନାଲ ହେଲା ଯେ ରିସ୍କ ନେବା ଦରକାର ନାହିଁ । ତେଣୁ ଫୋଟଟି ଡିଲିଟ କରାଯାଉ । କିନ୍ତୁ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଫୋଟୋ ଟି ଡିଲିଟ ହେଲା ନାହିଁ । ବହୁତ ଥର ଚେଷ୍ଟା କଲା ପରେ ବି ଫୋଟୋ ଟି ପୁଣି ଫେରି ଆସୁଥାଏ ଥରେ ମାତ୍ର ରିଫ୍ରେଶ ରେ । ଅନ୍ୟ ଉପାୟ ନ ପାଇ, କମ୍ପୁଟର କୁ କିଛି ସମୟ ବନ୍ଦ କରାଗଲା ଓ ପୁଣି କିଛି ସମୟ ପରେ ଖୋଲି ଫୋଟୋ ଟିକୁ ଡିଲିଟ କରିବାରୁ ଫୋଟୋ ଟି ଡିଲିଟ ହେଲା ....

 Download Magazine from www.aahwaan.com

ଦୀପାବଳୀ ଆହୁରି ଚାରିଦିନ ବାକି । ମଝିରେ ମେସ ପିଲାଙ୍କ ଭିତରୁ ଜଣଙ୍କ ଭାଇ ବୁଲିବାକୁ ଆସିଲେ । ରାତିରେ ଗପ କରି ଶୋଉ ଶୋଉ ରାତି ପ୍ରାୟ ୨.୩୦ ହେବ । ସମସ୍ତେ ଶୋଇ ସାରିଲେଣି । ଝରକା ଖୋଲା । ମୃଦୁ ମୃଦୁ ପବନ ଧୀରେ ଧୀରେ ଝରକା ପଟେ ଆସୁଥାଏ । ଶୀତ ଦିନ ତ ଆରମ୍ଭ ପ୍ରାୟ । ଘୋଡେଇ ହେବା ଦରକାର ପଡୁ ନଥାଏ । ଫ୍ୟାନ ର ସ୍ପିଡ଼ ପ୍ରାୟ ୨ / ୩ ରେ ଚାଲୁଥାଏ । ରହି ରହି ଗୋଟେ ପିଲାର ଘୁଙ୍ଘୁଡ଼ି ଶବ୍ଦ ଶୁଣା ଯାଉଥାଏ । ତିନୋଟି ବଖରା ରେ ପ୍ରାୟ ନଅ ଜଣ ଶୋଇଥାନ୍ତି । ଘରଟିକୁ ଦୁଇ ଭାଗରେ ବିଭକ୍ତ କଲେ ଗୋଟେ ପଟେ ଦୁଇଟି ରୁମ । ବାହାରକୁ ଯିବାକୁ ବାଟ ସେଇପଟେ । ରୁମ ର ବାହାରେ ଆମ୍ବ ଗଛ । ଏପଟ ରୁମ ପାଖରେ ରୋଷେଇ ଘର । ଆର ଭାଗ ରେ ଆଗ ଗୋଟେ ଷ୍ଟୋର ରୁମ । ସେଥିରେ ଘର ମାଲିକ ର ଜିନିଷ ପତ୍ର ସବୁ ଥାଏ । ତାକୁ ଲାଗି ଆଉ ଗୋଟିଏ ରୁମ । ତା ପରେ ଦୁଇଟି ଗାଧୁଆଘର ଲାଗି ଲାଗି । ମଝିଟା ଡାଇନିଂ । ବାହାର ପଟେ ଗୋଟେ ଖୋଲା ଘର ଓ ସିଡ଼ି ଘର । ଚାରି ପଟେ ମାଙ୍କଡ଼ା ପଥର ର ପାଚେରୀ । ସବୁ ରୁମ ର ଝରକା ଗୁଡା ପାଚେରୀ କୁ ଲାଗିଛି । ହଠାତ କେମିତି ଗୋଟେ ରୁଣୁଝୁଣୁ ଶବ୍ଦ ଶୁଭିଲା...

ଛମ ଛମ ଶବ୍ଦ...

କିଏ ଯେମିତି ଚାଲି ଚାଲି ଯାଉଛି....

ବୋଧ ହୁଏ କେହି ନବବଧୂ.....

କିନ୍ତୁ ଏତେ ରାତିରେ ? ? ?

ହଁ, ହେଇଥିବ । ପଡୋଶୀଙ୍କ ବୋହୁ ଉଠିଥିବ ରାତିରେ, ପାଣି ପିଇବାକୁ ଅବା ପରିସ୍ରା ଯିବାକୁ । ଆସ୍ତେ ଆସ୍ତେ ରୁଣୁଝୁଣୁ ଶବ୍ଦ ଝରକା ପାଖକୁ ପାଖକୁ ଆସିବାର ଶୁଣା ଗଲା .....

ଭାଇ ଜଣଙ୍କୁ ଟିକେ ଟିକେ ଡର ଲାଗିଲେ ବି ସେ ପତଳା ଚାଦର ଟି ମୁହଁ ଉପରେ ଦେଇ ଶୋଇବାକୁ ଚେଷ୍ଟା କଲେ । ଆସ୍ତେ ଆସ୍ତେ ପାଉଁଜି ର ରୁଣୁଝୁଣୁ ଶବ୍ଦ ପାଖେଇ

 Download Magazine from www.aahwaan.com

ପାଖେଇ ଆସି ପୁଣି ଦୁରେଇ ଯିବାପରି ଲାଗିଲା । ଭାଇ ଜଣଙ୍କ ଏଥର ଉଠି ଝରକା ପଟେ ଡୁଙ୍ଗିଲେ....

କିନ୍ତୁ ପାଦ ପାଖ ଧଳା ଶାଢ଼ିଟିଏ ପରି ଦିଶିବା ବ୍ୟତୀତ ଆଉ କିଛି ଦୃଶ୍ୟ ହେଲାନାହିଁ । ତେବେ କେହିଜଣେ ଧଳା ଶାଢ଼ିଟିଏ ପିନ୍ଧି ପାଚେରୀ ଉପରେ ଚାଲି ଚାଲି ଯିବାର ଅନୁଭବ କଲେ । କିନ୍ତୁ ପରଦିନ ସକାଳୁ କାହାକୁ କିଛି ନ କହି ତାଙ୍କ କାମ ରେ ଚାଲିଗଲେ ।

ସେଦିନ ସେଇ ଘରେ ମେସ ପିଲାଙ୍କ ଭିତରୁ ଜଣେ ଶୋଇଥାଏ । ରାତି ପ୍ରାୟ ୧୨ ଟା ହେବ । ଅନ୍ୟ ମାନେ ଅନ୍ୟ ଘରେ ତାସ ଖେଳୁଥାନ୍ତି ଓ ଅନ୍ୟ ତିନିଜଣ କମ୍ପ୍ୟୁଟର ରେ ଗେମ । ହଠାତ ଗୋଟେ କୁଁ କୁଁ ଶବ୍ଦ ଶୁଣାଗଲା । ତା ପରେ ଓଃ.. ଏ..ଏ..ଏ.. ପରି ଛୋଟ ଚିତ୍କାର....

ସମସ୍ତେ ଉଠି ପିଲାଟି ଶୋଇଥିବା ରୁମ କୁ ଧାଇଁଲେ । ପିଲାଟି ଶୋଇ ଛଟପଟ ହେଉଥାଏ । ସ୍ୱପ୍ନ ଦେଖୁଛି ବୋଧେ । ସମସ୍ତେ ତାକୁ ଉଠେଇବାକୁ ଚେଷ୍ଟା କଲେ । କିଛି ସମୟ ପରେ ଉଠିଲା । ଉଠୁ ଉଠୁ ଆଗ ବୋତଲ ରୁ ଅଧା ବୋତଲ ପାଣି ପିଇ ପକେଇଲା । ସମସ୍ତେ ତାକୁ ଗାଳି କରିବାକୁ ଲାଗିଲେ, "ଶଳା, ସ୍ୱପ୍ନ ଦେଖି ବିଳିବିଳେଇ ହଉଛୁ । ଆମ ଖେଳ ର ମୁଡ଼ ଭାଙ୍ଗିଦେଲା, ଛେ.. " ।

ପିଲାଟି ଟିକେ ସାଷ୍ଟାମ ହେଲା ପରେ କହିଲା, "ମୋତେ କିଏ ଜଣେ ମାଡି ବସିଥିଲା...

ମୁଁ ଉଠିବାକୁ ଚେଷ୍ଟା କରୁଛି କିନ୍ତୁ କିଏ ଜଣେ ମାଡି ବସିଛି....

ବସିବାକୁ ଚେଷ୍ଟା କରୁଛି କିନ୍ତୁ ଉଠି ପାରୁନି...

ପାଟିକରିବାକୁ ଚେଷ୍ଟା କରୁଛି କିନ୍ତୁ ଡାକ ଶୁଣା ଯାଉନି...

କଥା ବାହାରୁନି ପାଟିରୁ ..."

ସମସ୍ତେ ତା କଥାକୁ ହସ ରେ ଉଡେଇ ଦେଲେ । "ଆମକୁ ତ କାହିଁ କେହି ମାଡି ବସୁ ନାହାନ୍ତି । ତୁ ଶଳା ସ୍ୱପ୍ନ ରେ ବିଳିବିଳେଇ ହଉଛୁ । କିଏ କିରେ ? ସୁନ୍ଦରୀ ଝିଅ ଥିଲା ନା

ବୁଢ଼ୀ ମାଇକିନା ?" ହୋ ହୋ ହସ ଆଉ କଟାକ୍ଷ ରେ ପିଲାଟି ବିଚରା ଚୁପ ରହିଲା । କିନ୍ତୁ ତା ପରଠୁ ସବୁଦିନ ଶୋଇବାକୁ ଯିବା ପୂର୍ବରୁ ବାଇବେଲ (ପିଲାଟି ଖ୍ରୀଷ୍ଟିଆନ) ରୁ ଦି ତିନିଟି ପାରା ପଢି, ମୁଣ୍ଡିଆ ମାରି, ବାଇବେଲ କୁ ତକିଆ ତଳେ ରଖି ଶୋଇବାକୁ ଯାଏ ।

ଦୀପାବଳୀ ପୂର୍ବଦିନ, ସବୁ ଜିନିଷ ଯୋଗାଡ଼ ହୋଇଗଲା । ଚାରିଜଣ ପିଲା ଯାଇ ବାଣ ନେଇ ଆସିଲେ । ଲାଇଟ ସବୁ ସେମିତି ବିନା ଧପ ଧପ ରେ ଚାଲି ଥାଏ । ବାଣ ଗୁଡିକୁ ଛାତ ଉପରେ ଖରା ରେ ରଖାଗଲା । କାଲି ଦୀପାବଳୀ । ଆଉ ଗୋଟେ ଦିନ ଖରା ଦେଲେ ଭଲ ଫୁଟିବ । ଦେଖୁ ଦେଖୁ ଦୀପାବଳୀ ବି ଆସିଗଲା । ସମସ୍ତେ ଉତ୍କଣ୍ଠା ର ସହ ସନ୍ଧ୍ୟା କୁ ଅପେକ୍ଷା କରିଥାନ୍ତି । କେତେବେଳେ ସନ୍ଧ୍ୟା ହେବ । ଚାହୁଁ ଚାହୁଁ ଦିନ ସରି ସନ୍ଧ୍ୟା ହେଲା । ଘର ର ଦୁଆର ପାଖରେ ଦୁଇଟି ଦୀପ ଥୋଇ ବାଣ ଫୁଟା ଆରମ୍ଭ ହେଲା । ସେପଟେ ରୋଷେଇୟା ପିଲାକୁ କୁହା ଯାଇଥାଏ ପୁରି ଓ ଆଳୁଦମ କରିବା ପାଇଁ । ରୋଷେଇୟା ପିଲାଟି ପୁରି ଆଳୁଦମ କରି ସାରି ଘୋଡେଇ ଗ୍ୟାସ ଉପରେ ଜାଗା ସବୁ ରଖି ନିଜ ଘରକୁ ପଳେଇଲା । ଏପଟେ ବଣ୍ଟି ଓ ତା ସାଙ୍ଗ ମାନଙ୍କର ବାଣ ଫୁଟା ଚାଲୁ ରହିଲା । ଦେଖୁ ଦେଖୁ ରାତି ଦଶଟା ବାଜିଲା । ବାଣ ସବୁ ସରି ସରି ଆସୁଥାଏ । ଶେଷରେ ଫୁଟା ହେବାପାଇଁ ଗୋଟେ ବଡ କୁଂପି ବାଣ ରଖା ଯାଇଥାଏ । ବାଣ ଟି ପ୍ରାୟ ସୁରେଇ ଆକାରର ବଡ । ତେଣୁ ଶେଷ ରେ ରାତି ପ୍ରାୟ ୧୧.୩୦ – ୧୨ ଟା ବେଳକୁ ସେଟା ଫୁଟା ଯିବ । ଆଉ କେବଳ ବରଡା ବାଣ ତକ ଥାଏ । ସେଗୁଡା ଫୁଟେଇବାକୁ ଟିକେ ଅଧିକ ଟାଇମ ଲାଗେ । ମଝିରେ ସମସ୍ତଙ୍କୁ ଭୋକ ଲାଗିଲା । ଜଣେ ପରେ ଜଣେ ଆସିଲେ ଖାଇବା ପାଇଁ । ଗୋଟେ ପିଲା ରୋଷେଇ ଘରକୁ ଆସିଲା ବେଳକୁ ପୁରି ଡ଼େକଚି ଟି ତଳେ ଓଲଟା ହୋଇ ପଡିଥାଏ । ଢାଙ୍କୁଣୀ କିନ୍ତୁ ବନ୍ଦ ଥାଏ । ପାଖରେ ତିନୋଟି ପୁରି, ଡ଼େକଚି ରୁ ବାହାରି ବାହାରେ ପଡିଥାଏ ଓ କିଏ ଜଣେ ସେଥିରୁ ଗୋଟେ ଥର ଖଣ୍ଡିଆ କରି ଖାଇବା ପରି ଲାଗୁଥାଏ । ପିଲାଟି ନିଜ

 Download Magazine from www.aahwaan.com

ପାଇଁ ପୁରି ବାହାର କଲା । ଖଣ୍ଡିଆ ପୁରି ଗୁଡିକୁ ଡଷ୍ଟ ବିନ ରେ ପକେଇ ଦେଲା । ପୁରି ଡେକଚି କୁ ପୁଣି ଥରେ ଗ୍ୟାସ ଉପରେ ରଖି କିଛି ଆଳୁଦମ ନେଇ ଆଉ ଘରକୁ ଗଲା ଖାଇବା ପାଇଁ । ଆଉ ଜଣେ ଆସିଲା କିଛି ସମୟ ପରେ । ପ୍ରାୟ ୧୫ ମିନିଟ ପରେ । ଏଥର ବି ପୁରି ଡେକଚି ଓଲଟା ହୋଇ ପଡିଥାଏ । ଖଣ୍ଡିଆ ପୁରି ବାହାରି ତଳେ କିନ୍ତୁ ଡେକଚି ର ଢାଙ୍କୁଣୀ ବନ୍ଦ । ସେ ଭାବିଲା ବିଲେଇ ବୋଧେ ପକେଇ ଦେଇଛି । ସେ ବି ଖଣ୍ଡିଆ ପୁରି ଗୁଡିକ ଡଷ୍ଟବିନ ରେ ପକେଇ ନିଜ ପାଇଁ ଖାଇବା ଧରି , ଡେକଚି କୁ ପୁଣି ଗ୍ୟାସ ଉପରେ ରଖି ଆଉ ଘରକୁ ଗଲା ଖାଇବା ପାଇଁ । ଏଥର କିଛି ସମୟ ପରେ ପ୍ରଥମ ପିଲା ଆସିଲା ଆଉ କିଛି ପୁରି ନେବା ପାଇଁ । ପ୍ରଥମ ଥର ପରି ଏଥର ବି ଡେକଚି ଓଲଟି କରି ପଡିଥାଏ । ତା ରାଗ ପଞ୍ଚମ କୁ ଉଠିଗଲା । ଚିଲ୍ଲେଇ କରି ସମସ୍ତଙ୍କୁ ଡାକ ପକେଇଲା ଓ କିଏ ଏମିତି କରିଛି କହି ଗାଳି ଦେବାକୁ ଲାଗିଲା । ବିଶେଷ କରି ଦ୍ଵିତୀୟ ରେ ଖାଇବା ନେଇଥିବା ପିଲାଟିକୁ । ଦ୍ଵିତୀୟ ପିଲା ଟି ନିଜକୁ ନିର୍ଦୋଷ ବୋଲି ସଫେଇ ଦେଉଥାଏ ଓ ସେ ଏହିପରି ପଡିଥିବାର ଦେଖି ତିନୋଟି ପୁରି ଡଷ୍ଟବିନ ରେ ପକେଇଛି ବୋଲି କହି ପ୍ରମାଣ ସ୍ଵରୂପ ଡଷ୍ଟ ବିନ ଆଡକୁ ଗଲା । ପ୍ରଥମ ପିଲାଟି ରାଗ ତମ ତମ ହୋଇ, "ତୁ ନୁହଁ ମୁଁ ପକେଇଛି" ।

ଡଷ୍ଟବିନ ରେ ଦେଖିଲା ବେଳକୁ ଗୋଟେ ବି ପୁରି ନଥିଲା ଡଷ୍ଟବିନ ରେ ....

ଏବେ ପୁରି ଗଣନା ଆରମ୍ଭ ହେଲା । ଆଠ ଜଣ ପିଲାଙ୍କ ପାଇଁ ଅଶି ଟି ପୁରି କରା ଯାଇଥିଲା । ଦି ଜଣ ଛଅ ଛଅ ଟି କରି ଖାଇ ସାରିଲା ପରେ ଓ ତିନୋଟି ପୁରି ବାହାରେ ପଡିଲା ପରେ ବି ଡେକଚି ରେ ଏବେ ଅଶୀଟି ପୁରି ଥିଲା । ରୋଷେଇୟା ବୋଧେ ଭୁଲ ରେ ଅଧିକ କରି ଦେଇଛି । "ଛାଡ !!! ଖାଇଲେ ଗଲା, କିଏ ଦେଖୁଛି" ବୋଲି କହି ଅନ୍ୟ ମାନେ ଏବେ ସମସ୍ତେ ଖାଇ ବସିଲେ ଓ ଖାଇ ସାରି ପୁଣି ବାଣ ଫୁଟା ରେ ମନ ଦେଲେ । ଏବେ ଆସିଲା କୁଂପି ବାଣ ଟି ଫୁଟେଇବାର ସମୟ । ପଡିଆ ମଝିରେ ଯାଇ ଫୁଟେଇବା ପାଇଁ ସଜ

Download Magazine from www.aahwaan.com

ହେଲେ । ପଡିଆ ମଝିକୁ ଯାଇ ବାଣ ଟି ଅଧା ମାଟିରେ ପୋତି ସେଥିରେ ନିଆଁ ଲଗା ଗଲା । ପ୍ରାୟ ଅଧା ଘଣ୍ଟା ବାଣ ଟି ଫୁଟି ସାରିଲା ପରେ ହଠାତ ଢ଼ୋ କରି ଫୁଟିଲା ଓ ନିଆଁ ସବୁ ସବୁଆଡେ ବିଛାଡ଼ି ହୋଇ ପଡିଲେ । ଆହୁରି ଫୁଟିଥାନ୍ତା । ସାଇଡ ରୁ ଟିକେ ଫାଟି ଯାଇଥିଲା ବୋଧେ । ହେଃ.. ବେକାର ହେଇଗଲା । ଆହୁରି ଅଧଘଣ୍ଟେ ଉପରେ ଫୁଟିଥାନ୍ତା ପରି ମନ୍ତବ୍ୟ ଦେଇ ସମସ୍ତେ ମନ ଦୁଃଖ କଲେ । ଏବେ ଘରକୁ ଫେରିବାର ବେଳ । ଘର ମୁହାଁ ହୋଇ ଦେଖିଲା ବେଳକୁ ଘର ଚାରିପାଖରେ ଧୂଆଁ ଭର୍ତି । ଘରଟି ଯେମିତି ଭୂତ କୋଠି ପରି ଲାଗୁଥାଏ । ଅନ୍ୟ ସବୁ ଆଡେ ଅଳ୍ପ ଧୂଆଁ ମିଶା କୁହୁଡି ଥିବା ବେଳେ, ଘର ର ଚାରି ପାଖରେ ଧୂଆଁ ରେ ଭର୍ତି । ଏପରିକି ମାତ୍ର ପଚାଶ ମିଟର ଦୂରରୁ ବି ଲିଚୁ ଲାଇଟ ଗୁଡିକ ଦେଖା ଯାଉ ନଥାଏ । ସମସ୍ତେ ଉପରକୁ ଟାଣ ଦେଖେଇଲେ ବି ପଛ ପିଳେହି ପାଣି ହୋଇ ସାରିଥିଲା । ଆହୁରି ପାଖ କୁ ପାଖାପାଖି ଦଶ ମିଟର ପାଖକୁ ଆସିବା ରୁ ଆସ୍ତେ ଆସ୍ତେ ଲିଚୁ ଲାଇଟ ଗୁଡିକ ଦେଖା ଗଲେ ହେଲେ ଏ କଣ ? ସବୁ ଗୁଡିକ ଧପ ଧପ ହେଉଥିଲେ । ଦୀର୍ଘ ସାତ ଦିନ ହେଲା ଯେଉଁ ଲିଚୁ ଗୁଡିକ ମୂଳରୁ ଥରେ ବି ଧପ ଧପ ହେଇ ନଥଲା ଏବେ ସେଗୁଡିକ ଆଖି ମିଟିକା ମାରି ଖତେଇ ହେଲା ପରି ଲାଗୁଥିଲେ । ଆଉ କାହାର ସାହସ ନଥିଲା ଛାତ ଉପରକୁ ଯାଇ ଲାଇଟ ଗୁଡିକୁ ବନ୍ଦ କରିବା ପାଇଁ .......

ଆସ୍ତେ ଆସ୍ତେ ଏହିପରି ଆହୁରି କାର୍ଯ୍ୟ କଳାପ ସବୁ ନଜର ଆସିବାକୁ ଲାଗିଲେ । ଯେମିତି ରାତି ବାରଟା ରେ ସମସ୍ତେ ଗୋଟେ ଘରେ ବସି ଗପ ସପ କରୁଥାନ୍ତି । କିଏ ଜଣେ ଧଳା ଚାଦର ଘୋଡେଇ ହୋଇ ଝରକା ପଟେ ଚାଲି ଚାଲି ଗଲା...

ବଡ ଝରକାଟିର ଚାରୋଟି କବାଟ । ଦୁଇଟି କବାଟ ଅତିକ୍ରମ କଲା କିନ୍ତୁ ଆଉ ଦୁଇଟି ଅତିକ୍ରମ କଲା ନାହିଁ । ସମସ୍ତେ ବାହାରକୁ ଯାଇ ଦେଖିଲା ବେଳକୁ ସେଠାରେ କେହି ନଥିଲେ ...

Download Magazine from www.aahwaan.com

ରାତି ଅଧାରେ ଝରକା ଖୋଲା ଥାଏ, ଚାରିଆଡେ ନିସ୍ତବ୍ଧ । ହଠାତ ବାଲି ଗୋଡି ଆସି ଝରକା ପାଖରେ ଶୋଇ ଥିବା ପିଲା ଉପରେ ପଡେ.... କିଏ ଜଣେ ବାହାରୁ ଫିଂଗୁଛି ବୋଲି ଭାବି ସାହସ କରି ବାହାରକୁ ଗଲା ବେଳକୁ କେହି ନଥାନ୍ତି ....

ସେଦିନ ରାତି ପ୍ରାୟ ୨.୪୫ । ଜଣେ ପିଲା ପରିସ୍ରା ଉଠିଲା । ପ୍ରଥମ ଟଏଲେଟ କୁ ଗଲା ବେଳକୁ ଭିତର ପଟୁ କବାଟ ବନ୍ଦ ଅଛି । ସେ ଆର ଟଏଲେଟ କୁ ଗଲା ବେଳକୁ ତା ଉପରେ ଉପରୁ କିଛି ପାଣି ପଡିଲା । ସମସ୍ତେ ଶୋଇଥାନ୍ତି । ଝିଟିପିଟି ମୁତିଲା କି ଆଉ ? ଲାଇଟ ଜଳେଇ ଉପରକୁ ଦେଖିଲା ବେଳକୁ କିଛି ଦିନ ପୂର୍ବରୁ ପେଟ୍ରୋଲ ଆଣିଥିବା ଖାଲି ବୋତଲ, ଯେଉଁଟା କି ସିଢ଼ି ଘର ର ଗୋଟେ କୋଣ ରେ ପଡିଥଲା ସେଟା ଥାକ ଉପରେ ଗଡୁଛି ଓ ସେଥିରୁ କିଛି ପାଣି ବାହାରି ୟା ମୁଣ୍ଡରେ ପଡିଛି । ହାଉଳି ଖାଇ ବୋପାଲୋ ମା ଲୋ ଡାକି ଶୋଇବା ଘରକୁ ଦୌଡ଼ି ଆସିଲା ବେଳକୁ ପ୍ରଥମ ଟଏଲେଟ ଟି ଖୋଲା ଅଛି ଓ ପବନ ରେ ତା କବାଟ ଦୋହଲୁଛି ....

ସେ ଆହୁରି ଡରିଗଲା । ଘରେ ପଶୁ ପଶୁ ବଣ୍ଟି ଉପରେ ହାମୁଡେଇ ହୋଇ ପଡିଲା ।

ବଣ୍ଟି ନିଦରୁ ଉଠି ତାକୁ କଣ ହେଲା ବୋଲି ପଚାରିଲା । ତା ତଣ୍ଟି ଶୁଖି ଯାଉଥାଏ । ଆସ୍ତେ ଆସ୍ତେ ଖଣ୍ଡି ଖଣ୍ଡି ସ୍ୱର ରେ କହିଲା, "ଭୂ... ତ...  " ।

: ଚାଲିଲୁ ବାହାରକୁ ।

: ନା ।

: ଆବେ କିଛି ନାହିଁ, ମୁଁ ଅଛି । ଆସେ ।

: ନା ।

ବଣ୍ଟି ବାହାରକୁ ଆସି ଦେଖିଲା ବେଳକୁ କେହି କୁଆଡେ ନାହାନ୍ତି । ନିରୀକ୍ଷଣ କରି ଦେଖିଲା ସତରେ ପେଟ୍ରୋଲ ର ଖାଲି ବୋତଲ ଟା । ସେ ତ ନିଜେ ଆଜି ଏଇଟା ସିଢ଼ି ଘରେ ପକେଇ

Download Magazine from www.aahwaan.com

ଥିଲା । ଏଠିକୁ କେମିତି ଆସିଲା । ପୁଣି ସେଥିରେ ପାଣି ? ସବୁ ପିଲା ତ ଏଇଥିରେ ପେଟ୍ରୋଲ ଆଣନ୍ତି, ପାଣି ତ କେହି ପୂରେଇବେନି । ଭୂତ କୁ ବିଶ୍ୱାସ କରୁ ନଥିବା ବଣ୍ଟି ଟିକେ ଚିନ୍ତା ରେ ପଡିଗଲା । ହେଃ.. ଛାଡ଼... କହି ବୋତଲ କୁ କବାଟ ଖୋଲି ବାହାରକୁ ଫିଙ୍ଗି ଦେଲା । ଆଉ ପୁଣି ଥରେ ଆସି ତା ଜାଗାରେ ଶୋଇ ପଡିଲା । ପିଲାଟି ସେତେବେଳେ ବି ଡର ରେ ଥରୁ ଥାଏ । ତା ହାତ ଉପରେ ହାତ ରଖି, "ମୁ ଅଛି ବେ, ଡରନି... ଶୋ" ବୋଲି କହି ଶୋଇ ପଡିଲା । ପରଦିନ ସକାଳୁ ମେସ ର ସମସ୍ତେ ଜାଣିଲା ପରେ, କିଛି କିଛି ମାତ୍ରା ରେ ଅଶ୍ୱସ୍ତି ଅନୁଭବ କଲେ । କେମିତି ଗୋଟେ ମାଡି ମାଡି ପଡିଲା । ଭୂତ ? କିଛି କିଛି ଡର ମଧ୍ୟ ବସା ବାନ୍ଧିବାକୁ ଲାଗିଲା । ବଣ୍ଟି କୁ ସମସ୍ତେ ବାଃ ବାଃ କଲେ ।

: ତୋତେ ଡର ଲାଗିଲାନି ?

: ମୁଁ ଡରେ ନି ।

: ସତରେ ?

: ହଁ ।

ଧୀରେ ଧୀରେ କଥା ଟା ଏକାନ ସେକାନ ହୋଇ ଆଖ ପାଖ ସାଇ ପଡିସା ସମସ୍ତେ ଜାଣିଲେ । ପଡୋଶୀ ଜଣଙ୍କ ଏ କଥା ଶୁଣିଲା ପରେ ଦିନେ ମେସ ର ଦୁଇ ଜଣଙ୍କୁ ଡାକି ସତ କଥା କହିଲେ । କିଛି ଦିନ ହେଲା ଆମେ ନିଶ୍ଚିନ୍ତ ରେ ଥିଲୁ । କାରଣ ଏ ଭୂତ ଟିକୁ ଆମ୍ବ ଗଛରେ କଣ୍ଟା ବାଡେଇ କିଳା ଯାଇଥିଲା । ଯିଏ ପୂର୍ବରୁ ସେ ତମ ଘର ମାଲିକ ଝିଅ ଦେହରେ ଆସୁଥିଲା ଓ ହଇରାଣ କରୁଥିଲା । ସେଥିପାଇଁ ଘର ମାଲିକ ଘର ଛାଡି ଏଠୁ ମାତ୍ର ଦୁଇ କିମି ଦୂରରେ ଘର ଭଡା ଦେଇ ରହୁଛି । ଆମେ ବି ସନ୍ଧ୍ୟା ହେଲେ ଏପଟ ର କବାଟ ର ବନ୍ଦ କରି ଭିତରେ ରହୁ । ଏବେ ପୁଣି କେମିତି ସେ ଫିଟି ଯାଇଛି । ଆମେ ବି କିଛି ଦିନ ହେଲା ଅନୁଭବ କରୁଛୁ କିନ୍ତୁ ତମେ ମାନେ ଡରିବ ବୋଲି କିଛି କହୁ ନଥିଲୁ ।

 Download Magazine from www.aahwaan.com

ପିଲା ଦିଜଣ ପୁରା ଘଟଣା କ'ଣ ଜାଣିବାକୁ ଚାହିଁଲେ..

ପୁରା ଘଟଣା ଟି ଏହିପରି ...

ଏ ଘରଟି ପ୍ରତିଷ୍ଠା କରି ଘର ମାଲିକ ଓ ପରିବାର ଏ ଘରେ ରହିବା ପାଇଁ ଆସିଲେ । କିଛି ଦିନ ପରେ ତାଙ୍କ ଝିଅ ର ଦେହ ଖରାପ ହେଲା । ତା ବୟସ ପ୍ରାୟ ୭-୮ ବର୍ଷ ହେବ । ନୂଆ ଜାଗା ଯୋଗୁଁ ବୋଧହୁଏ ହେଉଛି ବୋଲି ଭାବି ସେମାନେ କିଛି କିଛି ଔଷଧ, ଦୋକାନ ରୁ କିଣି ଝିଅ କୁ ଖାଇବାକୁ ଦେଲେ । ହେଲେ ଦେହ ଭଲ ହେଲାନି । ସେମାନେ ଡାକ୍ତର କୁ ଦେଖେଇଲେ । ଡାକ୍ତର ଠୁ ଔଷଧ ଖାଇଲା ପରେ ବି ଦେହ ଭଲ ହେଲାନାହିଁ । ଔଷଧ ପ୍ରଭାବ ରୁ ଦେହ ଟିକେ ଭଲ ହେଲେ ବି ପୁଣି କିଛି ଦିନ ପରେ ସେ ଜର ରେ ପଡେ ଆଉ ଅସ୍ପଷ୍ଟ ସ୍ୱର ରେ କିଛି କିଛି ବିଳିବିଳେଇ ହୁଏ । ଏମିତି ପ୍ରାୟ ଦେଢ଼ ମାସ ପରେ ହଠାତ ଦିନେ ରାତି ଅଧା ରେ ଝିଅ ଟି ଉଠି ପାଗଳ ଙ୍କ ପରି ପ୍ରଳାପ କରିବାକୁ ଲାଗିଲା । ବାଳ କୁ ମୁକୁଳା କରି ଅସ୍ପଷ୍ଟ ଭାଷାରେ କିଛି କିଛି କହିବାକୁ ଲାଗିଲା ଓ ହାତରେ ଯାହା ପଡିଲା କବାଟ ବାହାରକୁ ଫିଙ୍ଗିବାକୁ ଲାଗିଲା । ଘର ମାଲିକ ଓ ତାଙ୍କ ସ୍ତ୍ରୀ ଡରି ଯାଇ , ରାତିଟି ଯାହିତାହି କରି କାନ୍ଦି କୁନ୍ଥେଇ ବିତେଇଲା ପରେ ସକାଳୁ ସକାଳୁ ଏଠୁ ପ୍ରାୟ ୨୫ କିମି ଦୂରରେ ଥିବା ଜଣେ ବାବାଙ୍କ ପାଖକୁ ନେଇ କି ଗଲେ । ଏମାନଙ୍କୁ ଦେଖୁ ଦେଖୁ ସେ ମୁହଁ ବୁଲେଇ ନେଲେ, ଝିଅ କୁ ଦେଖି, ନ ଦେଖିଲା ପରି କହିଲେ, "ଯା, ମୁଁ କାଲି ଆସିବି ତୋ ଘରକୁ । କିଛି ସିନ୍ଦୁର ଦେଇ କହିଲେ ୟା କୁ ତକିଆ ତଳେ ଦେଇ ଝିଅ କୁ ଶୋଇ ଦେବୁ । ମୁଁ କାଲି ଆସିବି " ।

ପରଦିନ ବାବା ଆସି ପହଁଚିଲେ । ଝିଅ କୁ ଦେଖି ଓ ଘର ର ଆଖ ପାଖ ସବୁ ଦେଖି କିଛି ସନ୍ଦେହ କଲେ । ପଚାରୁ ପଚାରୁ ଜଣାଗଲା ଯେ, ଘର ର ନିଅଁ ଖୋଲିଲା ବେଳକୁ ମାଟି ତଳୁ କିଛି ହାଡ ଓ ଚପଲ ପରି ଜିନିଷ ସବୁ ବାହାରିଥିଲା । ମାଲିକ ଓ ମୁଲିଆ ମାନେ କାଳେ

 Download Magazine from www.aahwaan.com

ପୋଲିସ କେଶ କିଛି ହେବ ବୋଲି ତାକୁ ଆହୁରି ଖୋଳି ପୋତି ଦେଲେ ଓ ତା ଉପରେ ଘର ତିଆରି କରିଦେଲେ ।

ଏବେ ଝିଅକୁ ଆଣିଲେ । ଝିଅଟି କେମିତି ଗୋଟେ ଅଲଗା ଦିଶୁଥାଏ । କିଛି ମନ୍ତ୍ରରା ପାଣି ତା ଉପରେ ପକେଇବାରୁ ସେ ରାଗିଗଲା ଓ ବାବାକୁ ମାରିବାକୁ ହାଇଁ ପାଇଁ ହେଲା । ବାବା, କିଛି ସିନ୍ଦୁର ହାତରେ ଧରି ତାକୁ ପଚାରିଲେ ତୁ କିଏ ? ଏଠି କାହିଁକି ଅଛୁ ? ସେ ଯାହା କହିଲା ସେଥିରେ ସମସ୍ତଙ୍କ ହୋସ ଉଡ଼ିଗଲା ।

ଏହା ପ୍ରାୟ ୧୯୭୦-୭୫ ମସିହା ର କଥା । ସେତେବେଳେ ଏ ଆଖପାଖରେ କୌଣସି ଘରଦ୍ୱାର ନଥିଲା । କେବଳ ପଡିଆ ଆରପଟେ ପୋଲିସ ବ୍ୟାରେକ । ସେଠି ରିଜର୍ଭ ପୋଲିସ ମାନେ ସବୁ ଆସି ରୁହନ୍ତି । ପ୍ରାୟ ସମୟ ସେ ଘର ସବୁ ଖାଲି ଥାଏ । କେବଳ କିଛି କିଛି ବିଶେଷ ପୂଜା ପାର୍ବଣ ସମୟରେ ବହୁତ ପୋଲିସ ଆସନ୍ତି ତା ପରେ ସବୁ ଖାଲି, କେବଳ ଦୁଇ ତିନିଜଣ ଗାର୍ଡ ଙ୍କୁ ଛାଡି ପୁରା ହଷ୍ଟେଲ ଫାଙ୍କା । ସେଥର ବି ପୂଜା ବେଳକୁ କିଛି ରିଜର୍ଭ ପୋଲିସ ଆସିଥିଲେ । ପୂଜା ସରିଗଲା ପରେ ବି ଦୁଇ ଜଣ ଥିଲେ ହଷ୍ଟେଲ ରେ । ଦୁଇ ଦିନ ପରେ ସେମାନଙ୍କୁ ଘରକୁ ଯିବାର ଥିଲା । ଏ ଜାଗା ସବୁ ସେତେବେଳେ ଜଙ୍ଗଲ ଥାଏ । ମୋ ବୟସ ୧୬-୧୭ ହେବ । ଏଠୁ ପ୍ରାୟ ଦୁଇ କିମି ଦୂରରେ ଆମ ଘର । ସେଦିନ ମା ଉପରେ ରାଗି ମୁଁ ଏପଟକୁ ଚାଲି ଆସିଲି । ବୁଦୁବୁଦୁକିଆ ଜଙ୍ଗଲ ସହ କିଛି କିଛି ବଡ ଗଛ ଥାଏ ଏ ଜାଗାରେ । ଏଠିକୁ ଆସି ମୁଁ ଏକା ଏକା ବୁଲୁଥାଏ । ସେ ହଷ୍ଟେଲ ପାଖରେ ପୋଲିସ ଦୁଇ ଜଣ ବସିଥାନ୍ତି । ମୋତେ ଦେଖି ମୋ ପାଖକୁ ଆସିଲେ ଓ ମୁଁ କିଏ ଓ ଏଠିକୁ କାହିଁକି ଆସିଛି ବୋଲି ପଚାରିଲେ । ମୁଁ କହିଲି ମା ଉପରେ ରାଗି ମୁଁ ଏପଟକୁ ଆସିଛି । ଆରପଟେ ଆମ ଘର । କିଛି ନକହି ସେମାନେ ମୋ ମୁହଁ ବନ୍ଦ କରି ଗୋଟେ ଗଛ ପଛ ପଟକୁ ଟେକି ନେଲେ ଓ ବଳାତ୍କାର କଲେ । ମୁଁ ଯେତେ କାନ୍ଦି ବୋବେଇ ନେହୁରା ହେଲେ ବି ମୋତେ ଛାଡିଲେନି ।

Download Magazine from www.aahwaan.com

ତାଙ୍କ ମନ ସନ୍ତୁଷ୍ଟ ହୋଇ ଯିବାପରେ ତାଙ୍କର ବୁଦ୍ଧି ପଶିଲା । ଡର ଲାଗିଲା । ଏବେ କଣ କରିବେ ବୋଲି ଭାବି ହେଲେ । ଏଣେ ମୁଁ କାନ୍ଦୁଥାଏ ଓ ସମସ୍ତଙ୍କୁ କହି ଦେବି ବୋଲି ତାଙ୍କୁ ଧମକ ଦେଉଥାଏ । ସେମାନେ କଣ କରିବେ ବୋଲି ଭାବି ମୋ ଓଢଣୀ ରେ ମୋ ତଣ୍ଟି ଚିପି ମାରି ଦେଲେ ଆଉ ସେଇ ଗଛ ମୂଳରେ ମାଟି ଖୋଳି ପୋତି ଦେଲେ । କିଛି ଦିନ ଖୋଜା ଖୋଜି ପରେ ମୋ ମା ବାପା ବି ଚୁପ ରହିଗଲେ । ମୁଁ ବି ଆଉ କିଛି କରି ପାରିବିନି ବୋଲି ଭାବି ଏ ମାଟି ତଳେ ପଡି ରହିଥିଲି । କିନ୍ତୁ ୟେ, ଘର ର ନିଅଁ ଖୋଳିଲା ବେଳେ ମୋତେ ଉଠେଇଲା ଓ ପୁଣି ଆହୁରି ମାଟି ଖୋଳି ମୋତେ ପୋତିଦେଲା । ମୁଁ ସେ ରାକ୍ଷସ ଗୁଡ଼ାକର ତ କିଛି କ୍ଷତି କରି ପାରିଲି ନାହିଁ, ହେଲେ ୟେ? ମୋ ହାଡ ଦେଖି ପୋଲିସ ଓ ଲୋକ ମାନଙ୍କୁ କହିବା ବଦଳରେ ମୋତେ ପୁଣି ପୋତି ଦେଲା । ତେଣୁ ୟେ ବି ସମ ପରିମାଣ ରେ ଦୋଷୀ । ତେଣୁ ମୁଁ ୟା ଝିଅ କୁ ମାରି ଦେବି । ଏତିକି କହି ସେ ପୁଣି ବାଳ ମୁକୁଳା କରି, ନିଜ ବାଳ ନିଜେ ଛିଣ୍ଡେଇ ମୁଣ୍ଡ କୁ ରକ୍ତାକ୍ତ କରି ପକେଇଲା । ବାବା ଜଣଙ୍କ କିଛି ସିନ୍ଦୁର ତା ଉପରେ ପକେଇବାରୁ ସେ ସେ ଶାନ୍ତ ହେଲା ଓ ଠିଆ ଠିଆ ତଳେ ଖସି ପଡିଲା । ଝିଅ କୁ ଖଟ ରେ ଶୁଏଇ ଦେଇ ଘର ମାଲିକ ଓ ତାଙ୍କ ସ୍ତ୍ରୀ ସେଦିନ ବାବା ର ଗୋଡ ଧରି ପକେଇଲେ ଓ ଏଥିରୁ ମୁକ୍ତି ଦେବାକୁ ଅନୁରୋଧ କଲେ । ବାବା ପରଦିନ ଆସିବେ ଓ କିଛି ଏକ ପୂଜା ର ଆୟୋଜନ କରିବା ପାଇଁ ଉପଦେଶ ଦେଇ ଚାଲିଗଲେ । ପରଦିନ ବିଶେଷ ପୂଜା କରି, ଏ ଭୂତ କୁ ଘର ଆଗରେ ଥିବା ଆମ୍ବ ଗଛରେ କଣ୍ଟା ପୋତି କିଳି ଦିଆ ଗଲା ଓ ଘର ମାଲିକ ଓ ତାଙ୍କ ପରିବାର କୁ ଏ ଘରୁ ଦୁରେଇ ରହିବା ପାଇଁ କୁହା ଗଲା । ସେଥିପାଇଁ ସେ ଏ ଜାଗା ଛାଡି, ନିଜ ଘର ଛାଡି ଭଡାରେ ରହିବା ପାଇଁ ଦୁରକୁ ଚାଲିଗଲେ । ଆମେ ସେତେବେଳେ ଭୂତ କୁ କିଛି ମାତ୍ର ରେ ଅନୁଭବ କରୁଥିଲୁ । କେବେ କେମିତି ଖଡ଼ ଖଡ଼ ଶବ୍ଦ, ପାଉଁଜି ଶବ୍ଦ, ଆହୁରି ବି କିଛି ଅସ୍ୱାଭାବିକ ଶବ୍ଦ ସବୁ ଶୁଣିବାକୁ ମିଳେ । ସେଥିପାଇଁ ଆମେ ସନ୍ଧ୍ୟା ହେଲେ

Download Magazine from www.aahwaan.com

ଘରୁ ପଦା କୁ ବାହାରୁ ନାହିଁ । ଭୂତ କିଳା (ବନ୍ଦୀ) ହେବା ପରଠୁ ଟିକେ ଶାନ୍ତି ରେ ଥିଲୁ । ଏବେ କିନ୍ତୁ ପୁଣି ସେମିତି କିଛି ଶବ୍ଦ ଆମେ ଶୁଣୁଛୁ । ରାତିରେ ପାଉଁଜି ଓ ବେଳେ ବେଳେ ଗୀତ ବି ଶୁଭେ ।

X X X X

ଏତିକି ଯଥେଷ୍ଟ ଥିଲା ମେସ ପିଲାଙ୍କ ମନ ଭିତରେ ଭୟ ସଂଚାର କରିବା ପାଇଁ । ସେଦିନୁ ମେସ ର ସବୁ ପିଲା ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସନ୍ତି ଓ ସମସ୍ତେ ଏକାଠି ରହିବା ପାଇଁ ଚେଷ୍ଟା କରନ୍ତି । ଏପରିକି ଟଏଲେଟ ଗଲେ ବି ଦି, ତିନି ଜଣ ପାଖରେ ଠିଆ ହୋଇ ରହନ୍ତି ।

ସେଦିନ ଗୋଟେ ପିଲା ଏକା ଟଏଲେଟ ଯାଇଥିଲା । ହଠାତ ତା ମୁଣ୍ଡ ଉପରେ ଏକା ବାଇଗଣ ଆସି ପଡିଲା ....

କବାଟ ବନ୍ଦ, skylight କଣା ଏତେ ଛୋଟ ଯେ ସେପଟେ ବାଇଗଣ ଗୋଟେ ଆସି ପାରିବ ନାହିଁ । ତେବେ ବାଇଗଣ ଆସିଲା କେଉଁଠୁ ? ସେ ହାଉଳି ଖାଇ ବାହାରକୁ ଦୌଡ଼ି ଆସି ସମସ୍ତଙ୍କୁ ଏକଥା ଜଣେଇଲା । ସମସ୍ତେ ଯାଇ ରୋଷେଇ ଘରେ ଦେଖିଲେ, ରୋଷେଇ ଘରେ ପରିବା ହିଁ କିଛି ନଥିଲା । ଦୁଇ ଦିନ ପୂର୍ବରୁ କିଛି ମାର୍କେଟିଙ୍ଗ ହୋଇ ନଥିଲା ଓ ଖାଲି ଆଳୁ ରେ ଯାହା ତରକାରୀ ହୋଇ ପାରିବ ସେ ଗୁଡିକ ରନ୍ଧା ଯାଉଥିଲା । ଯେମିତିକି ଆଳୁ ସୋୟାବିନ, ଆଳୁ ମଟର, ଆଳୁ ଭର୍ତ୍ତା । ତେବେ ବାଇଗଣ ? ? ପରଦିନ ସକାଳୁ ଏ ଖବର ଟି ପଡୋଶୀଙ୍କ କାନରେ ପଡିଲା ପରେ ଜଣା ପଡିଲା ଯେ ତାଙ୍କର କାଲି ୫୦୦ ଗ୍ରାମ ବାଇଗଣ ଆଣିଥିଲେ ମାତ୍ର ୫ ଟି ।

ହେଲେ ସକାଳକୁ ଚାରୋଟି ବାଇଗଣ ଡାଲା ରେ ଥିଲା .....

ଭୂତ ର ପ୍ରକାପ ଓ ଡର ଆସ୍ତେ ଆସ୍ତେ ବଢିବାକୁ ଲାଗିଲା । କିଛି ମେସ ପିଲା ରାଗରେ

 Download Magazine from www.aahwaan.com

ମାଲିକ ଘରେ ପହଞ୍ଚି ପ୍ରଥମରୁ ଏ ସବୁ ନ ଜଣେଇଥିବାରୁ ତାକୁ ଗାଳି କରି ଆସିଲେ । ମାଲିକ ବି ଯୋଡ଼ ହସ୍ତ ରେ,"ତମେ ମାନେ କିଛି ବ୍ୟବସ୍ଥା କର, ମୁଁ ସବୁ ପଇସା ଦେବାକୁ ରାଜି ଅଛି" କହି ମାହୋଲ କୁ ଟିକେ ହାଲୁକା କରିବାକୁ ଚେଷ୍ଟା କଲେ । ପିଲା ମାନେ ମାଲିକ ଠୁ ସେ ବାବାଙ୍କ ଠିକଣା ଆଣି ସେଠାକୁ ଗଲେ । କିନ୍ତୁ ବାବା ସେଠି ନଥିଲେ । ସେ ତୀର୍ଥ କରିବାକୁ ଅନ୍ୟ ଜାଗାକୁ ଚାଲିଯାଇଥିଲେ । ଏବେ ଅନ୍ୟ ମାନଙ୍କ କୁହା ବୋଲା ରେ ଆଉ ଜଣେ ଜାଣିବା ଶୁଣିବା ଲୋକ ପାଖକୁ ଯାଇ,ଏ ସମସ୍ୟା ରୁ ମୁକ୍ତି ଦେବାପାଇଁ ଅନୁରୋଧ କଲେ ।

ଏ ଭିତରେ ବଣ୍ଟି କିନ୍ତୁ ଭୂତକୁ ଡରୁ ନଥିଲା । ପିଲା ଦିନରୁ ଏ ସବୁ ଶୁଣି ଶୁଣି ତା ଦେହ ସୁହା ହୋଇ ଯାଇଥିଲା । ଆହୁରି ବି ତା ପାଖରେ ମାମୁଁ ଦେଇଥିବା ତେଉଁରିଆ ବି ଥିଲା । ପିଲାମାନେ ଡରରେ ସନ୍ଧ୍ୟା ପରେ ବାହାରକୁ ବାହାରୁ ନଥିବା ବେଳେ ସେ, ଅନ୍ୟ ମେସ ଓ ସାଙ୍ଗମାନଙ୍କ ସହ ଖଟି କରି ମେସ କୁ ଫେରୁଥିଲା ରାତି ଦଶଟା ପରେ । ପଚାରିଲେ କହୁଥିଲା, "ମୁଁ ତ କାଇଁ ଦେଖିନି, ଭୂତ ମୋତେ ଆଗ ଦେଖା ଦେଉ" । ଆହୁରି ବି ମାଆ ଙ୍କ ଠୁ ସେ ଶୁଣିଥିଲା ଯେ ତା ଜାତକ ରେ ଭୂତ ଦେଖିବା ନାହିଁ । ଭୂତ ମାନେ କେବେ ବି ତାକୁ ଦେଖା ଦେବେ ନି । ତେଣୁ ସେ ନିଶ୍ଚିନ୍ତ ରେ ବୁଲୁଥିଲା ଆଉ ଅନ୍ଧାର ରାତିରେ ନିଛାଟିଆ, ଶୂନଶାନ, ବର ଓ ଆମ୍ବ ଡାଳ କଟ କଟ ହେଉଥିବା ରାସ୍ତା ରେ ରାତିରେ ଏକା ଆସିଲା ବେଳେ ଭୂତ କୁ ଡାକି ଡାକି ଆସେ, "ଆ, ଆ, ଭୂତ ଆ, ମୋତେ ଟିକେ ଦେଖା ଦେ.. ପୁଳେ ଟଙ୍କା ଦେ.." ଗୀତ ଟିକୁ ଅପଭ୍ରଂଶ କରି ଗାଇ ଗାଇ, ମଜା ନେଇ ନେଇ ରୁମ କୁ ଆସେ।

ଦୁଇ ଦିନ ପରେ ସେ ଲୋକ ଜଣଙ୍କ (ଯିଏକି ଜଣେ ଜ୍ୟୋତିଷ ଓ ଭୂତପ୍ରେତ କୁ ଘଉଡେଇବା କାମ କରନ୍ତି), ସେ ଦିନ ବେଳେ ଆସି ମେସ ରେ ପହଁଚିଲେ । ମେସ ର ପୁରା ଘର ଟି ବୁଲି ସାରିବା ପରେ ଆଖି ବନ୍ଦ କରି କହିଲେ, ପ୍ରଥମେ ଏଠାରେ ଥିବା ଗଣେଶ ମୂର୍ତ୍ତି

Download Magazine from www.aahwaan.com

କୁ ବିସର୍ଜନ କର । ଏବେ ହିଁ । କହିବା ବାହୁଲ୍ୟ ଗଣେଶ ପୂଜା ସରିବା ପରେ ଗଣେଶ ମୂର୍ତି ଟି ଏବେ ଯାଏ ବି ବିସର୍ଜନ ହୋଇ ନଥିଲା । ଦୁଇ ଜଣ ପିଲା ଗଣେଶ ମୂର୍ତି ଟିକୁ ଉଠେଇବାକୁ ଚେଷ୍ଟା କଲେ କିନ୍ତୁ ବିଫଳ ହେଲେ । ମୂର୍ତି ଟି ଆଣିଲା ବେଳେ ଦୁଇ ଜଣ ଆଣିଥିଲେ କିନ୍ତୁ ବିସର୍ଜନ ପାଇଁ ନେଲା ବେଳେ ଚାରି ଜଣଙ୍କୁ ମଧ୍ୟ କଷ୍ଟ ହେଲା ଓ ସେମାନେ ଜଲଦି ଜଲଦି ରେ ମୂର୍ତି ଟି ବିସର୍ଜନ କରି ଫେରି ଆସିଲେ । ଏବେ ଜ୍ୟୋତିଷ ଜଣଙ୍କ ସେ ଭୂତ ର ଗତିବିଧି ବର୍ଣନା କଲେ, "ଭୂତ ଏବେ ବି ଆମ୍ବ ଗଛରେ ରହୁଛି । ସେ ଜଣେ ଝିଅ ର ଶରୀର ଖୋଜୁଛି । ସବୁଦିନ ରାତି ଗୋଟାଏ ପରେ ଗଛ ରୁ ଓ୍ଵହ୍ଲେହି ପ୍ରଥମ ରୁମ ରେ ପଶୁଛି, ଝରକା ପଟେ ପୁଣି ବାହାରକୁ ଯାଇ ଆରଘରକୁ ଯିବାକୁ ଚେଷ୍ଟା କରୁଛି, କିନ୍ତୁ କୌଣସି ଏକ ଜିନିଷ ର ପ୍ରଭାବରେ ସେ ରୁମ କୁ ପଶି ପାରୁ ନାହିଁ । ପୁଣି ପ୍ରଥମ ରୁମ କୁ ଝରକା ପଟେ ଆସି ଡାଇନିଂ ଦେଇ ଆର ରୁମ କୁ ଯାଉଛି ଓ ପୁରା ଘର ଚାରିପଟେ ବୁଲି ସାରି କୌଣସି ଝିଅ କୁ ନ ପାଇ ପୁଣି ଆର ଦିନ କୁ ଅପେକ୍ଷା କରୁଛି" । ଏତିକି ବେଳେ ବଣ୍ଟି ବାହାରୁ ଘରକୁ ପ୍ରବେଶ କଲା । ତାକୁ ଦେଖି ଜ୍ୟୋତିଷ ଜଣଙ୍କ କହିଲେ, ସାର୍ଟ ଭିତରେ ତମେ କ'ଣ ପିନ୍ଧିଛ ?

: କିଛି ନାହିଁ ।

: ତମ ପାଖରେ ଗୋଟେ ତେଉଁରିଆ ଅଛି ?

: ହଁ, କିନ୍ତୁ...

: (ତାକୁ କହିବାକୁ ନ ଦେଇ) ଏଇଟା ଜଣେ କାଳୀ (ମା କାଳୀ ଙ୍କ) ସାଧକ ତୁମକୁ ଦେଇଛନ୍ତି ?

: ହଁ,

: (ବଣ୍ଟି ରହୁଥିବା ରୁମ ଆଡକୁ ଆଙ୍ଗୁଳି ନିର୍ଦେଶ କରି) ତମେ ଏଇ ରୁମ ରେ ରୁହ ?

: ହଁ, କିଛି ହେଇଛି କି ?

 Download Magazine from www.aahwaan.com

: ଓଃ.. ତେବେ ଏଇଥି ପାଇଁ ସେ ଏପଟେ ଆସି ପାରୁନି ...

ତେବେ ତୁମ ସମସ୍ତଙ୍କୁ ସତର୍କ ରହିବାକୁ ପଡିବ । ଆଗାମୀ ଦୁଇ ଦିନ ପରେ ଗାଁ ପୂଜା । ମା କାଳୀ ଙ୍କ ଯାତ୍ରା ଏଇଠି ପାଖରେ ହେବ । ତୁମ ମାନଙ୍କ ଭିତରୁ କେହି ଜଣେ, ସେ ଗାଁ ଭ୍ରମଣ କଲା ବେଳକୁ ତାଙ୍କୁ ବାଟ ଜଗି ବସିବ । ସେ ପଚାରିଲା ପରେ ସବୁ କହିବ । ତା ପରେ ସେ (ଯାହାଙ୍କ ଦେହରେ ଠାକୁରାଣୀ ଆସନ୍ତି) ଯାହା ଦେବେ ତାକୁ ଏକ ହଳଦିଆ ଓ ନାଲି କନା ରେ ଗୁଡେଇ ଘର ର ଦୁଆର ବନ୍ଧ ଓ ପଛ କବାଟ ପାଖରେ ବାନ୍ଧିବ । ତା ପରଦିନ ପୂଜା ପାଇଁ ଏହି ସବୁ ଜିନିଷ ଯୋଗାଡ କରି ଆଣ କହି ସେ ଏକ ଲିଷ୍ଟ ବଢ଼େଇ ଦେଲେ । ପୂଜା ହେଲା ପରେ ସବୁ ଠିକ ହେଇ ଯିବ । ମୁଁ ଏବେ ଘର ଚାରିପଟେ ଧଳା ସୋରିଷ ଓ ମନ୍ତୁରା ଜଳ ଛିଞ୍ଚି ଦେଇ ଯାଉଛି । ଏବେ ଦି ଦିନ ସେ କିଛି କରିବ ନାହିଁ । ଏତିକି କହି ସେ ବ୍ୟାଗ ରେ ଆଣିଥିବା ସୋରିଷ ସହ ମନ୍ତୁରା ପାଣି କୁ ମିଶେଇ ଘର ଚାରି ପାଖରେ ଛିଞ୍ଚିବାକୁ ଲାଗିଲେ । ପରଦିନ ଜ୍ୟୋତିଷଙ୍କ କହିବା ଅନୁସାରେ ଗାଁ ଦେବତୀ ଗଲାବେଳେ ତାଙ୍କଠୁ କିଛି ବିଭୁତି ପାଇ ପିଲାମାନେ ଜ୍ୟୋତିଷ କହିବା ଅନୁସାରେ ନାଲି ଓ ହଳଦିଆ କନା ରେ ତାକୁ ଗୁଡେଇ ଘରର ମୁଖ୍ୟ ଦରଜା ଓ ପଛ ଦରଜା ପାଖରେ ସେସବୁ ବାନ୍ଧିଲେ ଓ ପରଦିନ ପୂଜା ପାଇଁ ସବୁ ସରଞ୍ଜାମ ଯୋଗାଡ କଲେ ।

ସେଦିନ ପୂଜା ବହୁତ ସମୟ ଧରି କରିବା ପରେ ମେସ ର ସବୁ ପିଲାଙ୍କ ହାତରେ ରକ୍ଷାସୂତ୍ର ବନ୍ଧା ଗଲା । ଜ୍ୟୋତିଷ ଜଣଙ୍କ ସବୁ ପିଲାଙ୍କୁ ଡାକି କହିଲେ, "ଆଜି ଏ ଭୂତର ଏ ଘରେ ଶେଷଦିନ । ସେ ଆଜି ଏ ଘର ଛାଡି ଚାଲିଯିବ । ତେଣୁ ସେ କିଛି ବି ହରକତ କରିପାରେ । ସମସ୍ତେ ସାବଧାନ ଥିବ । କୌଣସି ଘରେ କେହି ଏକା ରହିବ ନାହିଁ । ସେ ତୁମମାନଙ୍କୁ ଡରେଇବା ପାଇଁ ଚେଷ୍ଟା କରିବ । ସନ୍ଧ୍ୟା ସାତଟା ପରେ କବାଟ ଝରକା ସବୁ ବନ୍ଦ କରି ସମସ୍ତେ ଘରଭିତରେ ହିଁ ରହିବ । ଆଉ ଦି ତିନିଜଣ ରାତି ସାରା ଅନିଦ୍ରା ରହିବ ।

କେତେବେଳେ ବି କିଛି ବି ଅଘଟଣ ଘଟିପାରେ । ଆଜି ରାତି ଟା ବିତିଗଲେ କାଲିଠୁ ସେ ଆଉ ଏ ଘରକୁ ଆସିବନି କିମ୍ବା ତୁମ ମାନଙ୍କୁ ଆଉ ଦେଖା ଦେବନାହିଁ " କହିସାରି ସେ ନିଜ ଜିନିଷ ପତ୍ର ସହ ଦକ୍ଷିଣା ଧରି ଘରୁ ବାହାରି ଗଲେ ।

ଯାହା ହଉ ଆଉ ଗୋଟେ ଦିନ । ସମସ୍ତେ ଟିକେ ଶାନ୍ତି ରେ ନିଶ୍ୱାସ ମାରିଲେ । ଯେମିତି ସେମିତି କରି ଆଜି ରାତି ଟା କାଟି ଦେଲେ ଗଲା । ସନ୍ଧ୍ୟା ସାତଟା ରୁ ମେସ ର ମୁଖ୍ୟ କବାଟ, ଝରକା ସବୁ ବନ୍ଦ କରି ଦିଆ ଗଲା । ହେଲେ ବଣ୍ଟି କାଇଁ ? ଆଠଟା ପରେ ବଣ୍ଟି ଫେରିଲା ଅନ୍ୟ ଏକ ମେସ ରୁ । ସେ ଯାହା ହଉ ଭଲରେ ଭଲରେ ରାତି ଟି କଟିଗଲା । ଓହୋ....ଶାନ୍ତି ... ଏବେ ଆଉ ଡର ନାହିଁ ।

ପରଦିନ ସନ୍ଧ୍ୟା ଆଠଟା ପରେ ସମସ୍ତେ ଗୋଟିଏ ଘରେ ବସି ଏ ବିଷୟରେ ଆଲୋଚନା କରୁଥିବା ବେଳେ ହଠାତ ଗୋଟେ ଖାଲି ଟମାଟୋ ସସ ବୋତଲ ଯେଉଁଟା କବାଡି ବାଲାକୁ ବିକ୍ରି କରିବାକୁ ଘରର ପଛପଟେ ଥିବା ଏକ ଖାଲି ଜାଗାରେ ରଖା ଯାଇଥିଲା, ଉପରୁ ପଡି ତିନି ଚାରି ଥର ଡ୍ରପ ଖାଇ ଗଡି ଗଡି ସେ ଘର ଭିତରେ ପ୍ରବେଶ କଲା.....

ଆଗରୁ କେବେ ଅନୁଭବ କରି ନଥିବା ବଣ୍ଟି ଏ ଘଟଣା ଟି ନିଜ ଆଖିରେ ଦେଖିବା ପରେ ତାକୁ କେମିତି କେମିତି ଲାଗୁଥିଲା । ଆଇମା'ଙ୍କର ଗୋଟିଏ କଥା ତା'ର ଏବେ ମନେ ପଡୁଥିଲା । ଭୂତ ଅଛି, ଠିକ ଯେମିତି ଭଗବାନ ଅଛନ୍ତି । ଆମେ ଭଗବାନଙ୍କୁ ଦେଖି ପାରୁ କି ? ସେମିତି ଭୂତ ମାନଙ୍କୁ ବି ଆମେ ଦେଖି ପାରୁନି ।

କିଛି ସମୟ ଚୁପ ରହି, ସମସ୍ତେ ସମସ୍ତଙ୍କ ମୁହଁକୁ ଦି ଚାରିଥର ଚାହିଁଲା ପରେ ଶୀଘ୍ର ଏ ଘର ଛାଡିବାର ଯୋଜନା ରେ ଏକମତ ହୋଇ ସାରିଥିଲେ .....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯ ଦୂରଭାଷ - ୯୩୭୬୦୧୨୫୦୦ ଇମେଲ - subal.mohapatra@gmail.com

Download Magazine from www.aahwaan.com

# ଏ ପ୍ରତୀକ୍ଷାର ଅନ୍ତ କେବେ ?



ପରାମିତା ମିଶ୍ର

ମୋ ଜେଜେ ବାପାଙ୍କର ଗାଁରେ ଭଲ ନାଁ ଥାଏ । ଆଖପାଖ ଲୋକେ ନାଆଁ କହିଲେ ଚିହ୍ନନ୍ତି । ମୋ ପିଲାଦିନ ଗାଁରେ ବିତିଛି । ସହରର ଛଳନାରୁ ଦୁରେ ଗାଁର ବାସ୍ତବ ଦୁନିଆରେ ସରଳ ଲୋକ ମାନଙ୍କ ଭିତରେ ବଢିଛି ।ପିଲାବେଳୁ ମୁଁ ତାକୁ ଦେଖି ଆସିଛି । ଯୌଥ ପରିବାର ଯେତେବେଳେ ସବୁ ଭଲମନ୍ଦ, ପୁଜାପର୍ବ, ବିଭାବ୍ରତ ରେ ତାର ଉପସ୍ଥିତି ଅନିବାର୍ଯ୍ୟ । କୁଅ ରୁ ପାଣି କଢା ଠୁ ନେଇ ପରିବାକଟା ତଥା ସାହିରେ ନୁଆଁ ବୋହୁର ଭାର ବଣ୍ଟି ସବୁଥିରେ ନିପୁଣ ସେ । କୋଉ କାମ ବଳି ଯାଏନି ତମ୍ପା ନାନି କୁ ।

ତମ୍ପା କେଉଁ ଜୀବର ନାମ ନୁହେଁ ଏଠି ତାହା ଏକ ସୁସ୍ୱାଦୁ ଓଡିଆ ମିଷ୍ଟାନ୍ନ ର ନାମ । ଆମ ଗାଁ ଏକ ଚାଷ ବହୁଳ ଗାଁ ତେଣୁ ଏଠି ଲୋକ ମାନେ ସାରା ଦିନ ଚାଷ ଜମି ରେ ଖଟନ୍ତି । ସେମାନଙ୍କ ନିତି ଦିନିଆ ଆହାର ହେଲା ମାଣ୍ଡିଆ ଜାଉ । ମାଣ୍ଡିଆ କୁ ଘୋରି ପଖାଳରେ ତୋରାଣି ଦେଇ ତା ସାଥିରେ କଞ୍ଚା ପିଆଜ କି ପୋଡ଼ା ଶୁଖୁଆ ଆଃ, ସାରା ଦିନ ଆଉ ଭୋକ ନାଇଁ ।ଏଇ ମାଣ୍ଡିଆ ରେ ଆଉ ଏକ ମିଠା ବ୍ୟଞ୍ଜନ ବନେ । ମାଣ୍ଡିଆ ଚୁନା କୁ ଫୁଟିଲା କ୍ଷୀର ରେ ଚିନି, ଅଲେଇଚ୍ ଆଉ ଶୁଖିଲା ଫଳ ଦେଇ ସେଥିରେ ଘଣ୍ଟା ଯାଏ । ଥାଳି ରେ ଗୁଆ ଘିଅ ଲଗେଇ ତାକୁ ସେଥିରେ ସମତଳ କରି ରଖାଯାଏ ।ସମ୍ପୂର୍ଣ୍ଣ ଥଣ୍ଡା ହେଲା ପରେ ତାକୁ ଗଡି ଗଡି କରି ଖିଆଯାଏ । ସତରେ ଭାରି ସୁଆଦିଆ ଏ ବ୍ୟଞ୍ଜନ ଟି । କହିବା ବାହୁଲ୍ୟ ପାଠକ କେହି କେହି ଏହି ତମ୍ପା ନାମ ସହ ପରିଚିତ ନଥିବେ ତେଣୁ । ଯଦିଓ ତମ୍ପା ରୁପରେ ଅତ୍ୟନ୍ତ କୁରୁପ କିନ୍ତୁ ସେ ଗୁଣର ଖଣି । ବଡ ଆଶ୍ଚର୍ଯ୍ୟ ର କଥା ଯେ ମୋ କାହାଣୀ

Download Magazine from www.aahwaan.com

ର ନାୟିକା ତମ୍ପା ନାନି ଦେଖିବାକୁ ଖୁବ୍ ସୁନ୍ଦର ଗୁଣରେ ବି ଭଲ କିନ୍ତୁ ତା ନାଁ ଟି ଯେ କାହିଁକି କେଜାଣି ତମ୍ପା !

ତା ସହ ମୋର ସମ୍ପର୍କ ଯେ କଣ ମୁଁ ବିଶେଷ ଜାଣେନା । ମୋ ଜେଜେ ଙ୍କୁ କକା ଡାକେ, ମୋ ବୋଉ, ଖୁଡୀ କୁ ସେ ଭାଉଜ ଡାକେ ଆଉ ଘରେ ସବୁ ତାକୁ ନାନୀ ଡାକନ୍ତି ତ ମୁଁ ବି ତାକୁ ନାନି ଡାକେ । ବୋଉ ତା ର ପରିଚୟ ଥରେ କହିଥିଲେ କିନ୍ତୁ ସେସବୁ କଥାମୋ ମୁଣ୍ଡ ଉପର ଦେଇ ଚାଲିଗଲା । ତେଣୁ ମୁଁ ବି ଆଉ ତା ପରିଚୟ ଜାଣିବାକୁ ଚାହିଁଲିନି ।ସେ ଥିଲା ଆମ ତମ୍ପା ନାନି ।

କପାଳରେ ମେଞ୍ଚାଏ ସିନ୍ଦୁର ଯେ ଛୁଟି ଧୋଇଲେ ବି ତାର ସେ ସିନ୍ଦୁର ଯାଏନି । ଗୋଡରେ ଅଳତା ରଙ୍ଗ କେବେ ଫିକା ପଡ଼େନି ତାର, ଗଭା ରେ ନିତି କି ନାଇଁ କି ଫୁଲ ଟେ ମାରି ହିଁ ଥିବ ଆଉ ଦେହ ତ ତାର ଏମିତି ରେ ବି ହଳଦୀ ରଙ୍ଗ ର ।ଆମ ଘରଠୁ ଅଳ୍ପ ଦୁରରେ ତାର ଘର ।ନିତି କାଖରେ ଗୋଟେ ଲୁଗାକୁ ଜାକି ଆଉ ହାତରେ ମେଞ୍ଚେ ଗୁଡାଖୁ ଧରି ଆମରି ଘର ଦେଇ ବନ୍ଧ କୁ ଗାଧେଇବାକୁ ଯାଏ । ମତେ ଦେଖିଲେ ପଚାରିବ "ଝିଅ ବଇଚୁ, ଅଇଥା ମୁଁ ଆଉଚି ତୋ ମୁଣ୍ଡ ଆମ୍ପିଦେବି"?

ସାବିତ୍ରୀ କି ଦଶହରା ପୁଜା ଆମ ଘରେ ହୁଏ । ସମସ୍ତଙ୍କ ଆଗରେ ଆସି ସବୁ ଗଲା ପରେ ସେ ଯାଏ ।ବଡ ସୁନ୍ଦର ଦିଶୁଥାଏ ସେ ସେଦିନ ସତେ । ସାହି ମାଇକିନା ମାନେ ତାକୁ ଦେଖି ଟୁପୁରୁଟାପର ହୁଅନ୍ତି "ଉହହ୍ ତୁଛାକୁ ଏତେ, ମୁଦି ନାହିଁ ଗୋଡ କଚାଡୁ କେତେ । ଗେରସ୍ତ ମଲାଣି କି ଗଲାଣି ମାଇପ ର ରଂଗ ସରୁନି । ଦେଖୁନ ବୁଢିଟେ ହେଲାଣି ଆହୁରି କେତେ ସଜେଇ ହେବାକୁ ମନ ।" ତମ୍ପା ନାନି ସତେକି ଶୁଣି କି ବି ନଶୁଣିଲା ପରି ଅଭିନୟ କରେ ।ହଁ ଏଇ ଦାନ୍ତ ନେଫେଡେଇ ହସିହସି କଥାକହି ସବୁଥିରେ ଧୁରନ୍ଧର ନାନୀ ର

 Download Magazine from www.aahwaan.com

ଜୀବନ କିନ୍ତୁ ଭାରି ଦୁଃଖଦାୟକ । ପିଲାଟେ ହେଇଥିଲା ବିଭା ହୋଇ ଗେରସ୍ତ ସାଙ୍ଗେ ଏ ଗାଁ କୁ ଆସିଥିଲା । ସାନ ପୁଅ ଜନ୍ମ କରିବାକୁ ମାଆ ଘରେ ଅଛି  ଶୁଣିଲା ତା ସ୍ୱାମୀ କୁଆଡେ ଚାଲିଜାଇଛି ।ଶାଶୁ ତ ତଣ୍ଟିଆ ଦେଇ ଘରୁ କାଢୁଥିଲା ହେଲେ ହାତରେ  ସୁନ୍ଦର ଗୁଲୁଗୁଲିଆ ନାତି ଟୋକାକୁ ଦେଖି ତା ମନ ତରଳିଗଲା । ଅଛି ଯେ ଅଛି ସେ ଏବେ ଆସି ବୁଢି ଟେ ହେଲାଣି । ଜୋଡିଏ ପୁଅ ଜନମ କରିଥିଲା । ସାନ ପୁଅ ଡି ମାଇପ କୁ ଧରି ଆଉ କୋଉଠି ଜାଇ ରହୁଛି ଆଉ ବଡ ପୁଅ ଟା ଭଲ କୁ ନାଇ କି  ଭାଲ କୁ ନାଇ । ତା ନାଁ ଟା ବି ଭୁଲା । ଗୋଟେ ହାତ ପୁଣି କେମ୍ପା । ହେଲେ ଧକ୍କା ମାରିଲେ ବି ମାଆ କୁ ଛାଡିକି ଯାଏନି । ନାନି କେତେ ଥର ତାକୁ ଘଉଡାଏ "ତୁ ଯା ତୋ ଜୀବନ ତୁ ଜିଁ" ରାଗିକି ଚାଲିଯାଏ । ଭିକଭୁକ ମାଗି କେତେ ଜିନିଷ ଏକାଠି କରି ପୁଣି ଫେରିଆସେ ଭୁଲା ତା ମାଆ ପାଖକୁ । ପଚାରିଲେ କହେ ମୋ ନନା କୁ ଖୋଜି ଜାଇଥିଲି । ଏ ଜିନିଷ ସବୁ ମୋ ନନା ଦେଇଚି ମୋ ବୋଉ ପାଇଁ । "ନାନି କାନିରେ ଭୁଲାର ମୁହଁ ଦେହକୁ ପୋଛିପକାଏ ଆଉ ପାଛୋଟି ଘରକୁ ନିଏ ତାକୁ । ଆଖିର ଲୁହ କୁ ଠଙ୍ଗୀ ରେ ପୋଛି ପକାଏ ନାନୀ ।

ପ୍ରତିବର୍ଷ ଆମ ଘରୁ ଚାରି ଛଅ ଖଣ୍ଡ ଲୁଗା ତା ପାଇଁ ହେଉଥିଲା । ସେମିତି ଗାଁ ର ଆଉ କେତେ ଘରେ ବି ତାର ଆଦର ଥିଲା । ନହେଲେ ବି ସେ ଅଧିକାର ଦେଖେଇ ମୋ ଜେଜିମା କୁ କହେ ଏ ଖୁଡି ଏ ବର୍ଷ ଭଲ ଲୁଗା ଖଣ୍ଡେ କରି ଦେବୁ ଯେ, ତୋ ଜୋଇଁ ଆଇବ କଇଚି "ଧିରେ ଧିରେ ସମୟ ବଦଳୁ ଥିଲା । ମୁଁ ବି ପାଠ ଶାଠ ପାଇଁ ବାହାରକୁ ଚାଲିଆସିଲି ।ମଝିରେ ମଝିରେ ଗାଁ କୁ ଗଲେ ବି ବେଶି ସମୟ ନଥାଏ । କିଛି ବର୍ଷ ଉତାରୁ ଥରେ ଗାଁ କୁ ଜିବାର ସୁଯୋଗ ମିଳିଲା । ଏକ ଭୋଜିର ମଉକା ଥିଲା । ଘରେ କଥାହେଉଥିବା ମୋ କାନରେ ପଡିଲା" ତମ୍ପା ନାନି ଥିଲେ ତାକୁ ଏତକ କାମ ବଳକା ଖାଲି

Download Magazine from www.aahwaan.com

ସୁନ୍ଦର ଲୁଗା ଖଣ୍ଡେ ଦେଇଦେଲେ ଉଚ୍ଛୁଳି ଉଚ୍ଛୁଳି ସବୁ କାମ କରିଦେଇଥାନ୍ତି ।" ମୋ ଆଖି ଆଗରେ ନାନି ର ରୁପ ଟେ ଆଙ୍କି ହୋଇଯାଉଥିଲା ।ମାନେ ପଡି ଯାଉଥିଲା ତାର ମୋ ପ୍ରତି ସ୍ନେହ ।ମୋ ମୁଣ୍ଡ ରେ ତେଲ ଲଗେଇ ଦେବା ମୁଣ୍ଡ କୁଣ୍ଡାଇ ଦେବା ଆଉ ପିଲା ବେଳ ର ସେ ସବୁ ସ୍ମୃତି ।ଅକସ୍ମାତ ମୁଁ ଦୌଡି ଗଲି ନାନି ର ଘର ଆଡକୁ । କିନ୍ତୁ ସେଠିଯେ ମାଟି ଉଇର ଏକ ଧ୍ୱଂସ ସ୍ତୁପ ଥିଲା ଜାହା । ମୁଁ ଭାବିଲି ନିଶ୍ଚୟ ଅନ୍ୟ କୋଇଠି ଘରତୋଳି ଚାଲିଗଲା । ନହେଲେ ମୋ ଜେଜେମା ଠୁ କେତେ ସାନ ସେ ଆଉ ମରି ନା ଜିବ । ମନଟା ଭଲ ଲାଗୁ ନଥିଲା । ଘରକୁ ଆସି ଜେଜେମା କୁ ପଚାରିଲି ତ ଜେଜେମା କହିଲେ "କହନା ତା କଥା

ତାର କଣ ହେଲା କିଏ ଜାଣିଛି । କେତେ ଦିନ ଯାଏଁ ଖାଲି ସଜଧଜ ହୋଇ ଆସି ଓଳଗି ହୁଏ. କହେ ଖୁଡୀ ଗୋ ତାଁକେ ଆସିବେ କଇଛନ୍ତି । ମୁଁ ଜାଉଛି ରାନ୍ଧବାଢ କରିବି । ଦିନେ ତ କୁଅ ଭିତରେ ଡେଇଥିଲା । କହିଲେ କୁଅ ରେ ଭୁଲା ନନା ଅଛି । ଡାକୁଛି ମତେ । ବନ୍ଧ ମୂଳେ କେତେ ଲୋକ ଥିଲେ ବୋଲି ତାକୁ କାଢିଲେ । ସେଠୁ କେତେ ଦିନ ପରେ ତିନି ସଂଧ୍ୟା ବେଳ ଟାରେ ଧାଇ ଆସିଲା ।ମୁଁ ଜାଉଛି ଭୁଲାର ନନା ଖବର ପଠେଇଛି ଆସିବାକୁ । ଆଜି ରାତିରେ ଦି ଘଡିକି ମୁଁ ଜିବି । ଓଳିଗି ହେଉଛି ଆଉ ଭାଉଜ ଆଉ ପିଲା ମାନଙ୍କୁ ଭଉତୁ କିରି କଇବ । ଝିଅ ଟାକୁ ଟିକେ ଦେଖିଥାତି । ଏତେ ଜୋରରେ ତାକୁ ଶ୍ୱାସ ଉଠୁଥିଲା ।  ନିଶ୍ୱାସ ନେଇପାରୁନଥିଲା । ଓଳିଗି ହୋଇ ଚାଲିଗଲା. ତା ବାସୀ ଦିନ ଘରେ ମରିକି ପଡିଚି ଲୋ ଝିଅ । କୋ କାଳେ ତା ଗେରସ୍ତ ଶାଢ଼ି ଟେ ଆଣିଥିଲା ତାକୁ ଗୁଡେଇ ହେଉଛି, ପାଦ ହାତ ସବୁ ଅଳତା, ମୁହଁ ସାରା ସିନ୍ଦୁର ବୋଲିକି ବଡ ବିକଟାଳ ଦିଶୁଥିଲା । ଜେଜେମା ର କଥା ଶୁଣି ସ୍ତବ୍ଧ ହୋଇ ବସି ଜାଇଥିଲି । ତଥାପି ଜେଜେମା କହୁଥିଲା । ଯେଉଁ ମାନେ ତଳ ଦିନେ ତମ୍ପା ନାନି କୁ ଟାହିଟାପରା କରୁଥିଲେ ସେଠି ଠିଆ ହୋଇ

 Download Magazine from www.aahwaan.com

କହୁଥିଲେ"କେଡେ ଭଲ ମାଇକିନା ଟା ଥିଲା ଲୋ, କେଡେ ଦୁଃଖ ଜନମ ତାର ମରି ଗଲାନି ଯେ ତରି ଗଲା" ।

କାନ୍ଦି ବାକୁ ଭାରି ଇଚ୍ଛା ହେଉଥାଏ । ମୁଁ ଧିରସ୍ଥିର ବସି କେବଳ ତାର ରୂପ ଟିକୁ ମନରେ ଭାବୁଥାଏ. ଜେଜେମା କହୁଥିଲା ତମ୍ଭା ନାନି କୁ ଅହ୍ଯ ସୁଲକ୍ଷଣୀ କରି ଶ୍ମଶାନ କୁ ନେଲେ । ତା ପୁଅ ଭୁଲା ଠେଙ୍ଗା ଧରି ସମସ୍ତଙ୍କୁ ମାରି ଗୋଡାଉ ଥିଲା ତା ମାଆ ଶୋଇଛି । ତାକୁ ପୋଡିଦେଲେ ବୋଲି ରାଗିକି ଦରପୋଡା ନାନି କୁ ଟାଣି ଆଣିଥିଲା ସେ । ନାନିର ସ୍ୱାମୀ ର କିଛି ଖୋଜଖବର ନାହିଁ ସେଥିପାଇଁ ନାନି ସଂସ୍କାର ପୁର୍ବ ରୁ କଦଳୀ ଗଛଟିଏ ତା ସ୍ୱାମୀ ବୋଲି ପୋଡିଦେଲେ । ଭୁଲାର ସେବେଠୁ ଆଉ କିଛି ଅତା ପତା ନାହିଁ ।

ବହୁତ ସମୟ ପର୍ଯ୍ୟନ୍ତ ସେ ବିଷୟରେ ଭାବୁ ଭାବୁ ମୋ ମନ ଶେଷରେ ମତେ ଗୋଟିଏ କଥା କହିଲା 'ପ୍ରତୀକ୍ଷା ର ଅନ୍ତ ହେଲା......'

 Download Magazine from www.aahwaan.com

# ଟିକିଏ ଫାଙ୍କ



ନରେଶ କୁମାର ବେହେରା

ଘରର ପରିସ୍ଥିତି ଏପରି ଯେ, ସେ କୌଣସି ପ୍ରକାରେ କାହାକୁ ବି କିଛି କହିପାରୁନଥାଏ । ମନରେ ଗୁଡ଼ାଏ କ'ଣ ଚିନ୍ତା ସବୁ ସମ୍ବାଲୁଆ ଭଳି ଧାଉଁଥାଏ । କିଛି ବି ନିଷ୍ପତ୍ତି ନେଇ ପାରୁନଥାଏ । ବିଚରା କରିବ ବା କ'ଣ ? ମୋତେ କିନ୍ତୁ ଏ ବିଷୟରେ ଆଗରୁ କେବେ କହିନଥାଏ କି ମୁଁ ବି କେବେ ଏତେ ସହଜରେ ଏ ବିଷୟରେ କାହାକୁ ପଚାରି ପାରେନି । କୌଣସି ବିଷୟକୁ ପୂର୍ବରୁ ଅନୁମାନ କରିବା ବି ମୋ ପାଇଁ ଏକ ଖରାପ ଚେଷ୍ଟା ସଦୃଶ୍ୟ । ସେ ଯାହା ବି ହେଉ, ଆଜି କିନ୍ତୁ ତା' ଚେହେରାରୁ କିଛି ତ ଗୋଟେ ଅଲଗା ପ୍ରତୀତ ହେଉଅଛି । ଆଉ ତାର କଥାବାର୍ତ୍ତା ଓ ଭାବଭଙ୍ଗୀରେ ବି ଖୁବ୍ ମଳିନତା ଦୃଶ୍ୟ ହେଉଛି । ମୁଁ କିନ୍ତୁ କିଛି ପଚାରୁନଥାଏ । ଆପଣମାନେ ତ ଜାଣିଥିବେ, ଆଜିକାଲିର ପିଲାମାନେ ଖୁବ୍ ଶାନ୍ତ, ସ୍ଥିର ଓ ଚତୁର... ମନରେ କିଛି... ବାହାରେ କିଛି... ଖାଲି ଖାଲିରେ ପଚାରି କିଏ ବା ଖାଲରେ ପଡ଼ିବ । ଯାହାର ଯେତେବେଳେ ଯାହା ଦରକାର ହେବ, ସେ ସମୟ ହିଁ କହିବ ।

ଏମିତି ଅପେକ୍ଷା କରୁ କରୁ ଭାବୁ ଭାବୁ ଦେଢ଼ ଘଣ୍ଟା ହୋଇଗଲାଣି । ଆଉ ପୁଅଘର ବି ଆସି ପହଞ୍ଚିଗଲେଣି । ଥଣ୍ଡା ପାନୀୟ, ଚା'ପାଣି, ଆଦି ଚାଲିଲା । ତା'ର ବଡ଼ ଭଉଣୀ ଲିଜା ବି ଶାଶୁଘରୁ ଆସିଥାଏ । ସେ ସମସ୍ତଙ୍କ ପାଇଁ ମିଠା, ମିକ୍ସଚର ପ୍ଲେଟ୍ ଆଦି ଆଣି ଟି-ପୟ ଉପରେ ରଖିଦେଇ ଚାଲିଗଲା । ପୁଅର ମାଈଁ କହିଲେ ଆଉ ଡେରି କାହିଁକି, ଝିଅକୁ ଡାକ... ଏମିତିରେ ତ ବହୁତ ଡେରି ହେଲାଣି । କଥାବାର୍ତ୍ତା ତ ଚାଲିବ, ଯୋଉ କାମ ପାଇଁ ଆସିଛେ ତାହା ଆଗେ ସାରିଦେବା । ନାନି ସେପଟୁ ମୋତେ ଠାରଉଥାନ୍ତି, ପୁଅକୁ କିଛି ପଚାରିବା

ପାଇଁ, କ'ଣ ପଢ଼ିଛି, ଚାକିରୀ କଣ କରୁଛି.. ଇତ୍ୟାଦି.. ଯାହାସବୁ ଆଗରୁ ମୋ ଭାଇ ପଚାରି ବୁଝି ସାରିଥାଏ । ବାରମ୍ବାର ପଚାରିବାଟା ବି ଶୋଭନୀୟ ନୁହେଁ । ତଥାପି ଅନ୍ୟ କିଛି ବିଷୟ ପଚାରିବାକୁ ଆରମ୍ଭ କଲାବେଳେ ଲୁସି ଆସି ଠିକ୍ ମୋ ପାଖ ଚୌକିରେ ବସିଗଲା, ସମସ୍ତଙ୍କୁ ପ୍ରଣାମ କରି ମୁଣ୍ଡ ପୋତି ବସିଥାଏ । ସମସ୍ତେ କଣେଇ କଣେଇ ତାକୁ ଦେଖୁଥାନ୍ତି । ଖାସ୍ କରି ସେ ପୁଅଟା ତିନିଥର ତାକୁ ଉପର ତଳ ଦେଖିବାଟା ମୁଁ ଜାଣି ପାରିଥିଲି । ଠିକ୍ ପାଞ୍ଚମିନିଟର ନିରବତା ଭଙ୍ଗକରି ମୁଁ କହିଲି, ପୁଅ ତୁମେ କିଛି ପଚାରିପାର... ବାସ ଏତିକି କହିବାଟା ହିଁ ବାକିଥିଲା ବୋଧେ.. ସମସ୍ତେ ଯାତ୍ରୁ ସ୍ୟାତ୍ରୁ ଗୁଡ଼ାଏ ପ୍ରଶ୍ନ କରି ଚାଲିଲେ । ଇଏ ବି କମ୍ ଚାଲାକ ନୁହେଁ, ଗୁଡ଼ାଏ ମିଛ ସତ କହି ପ୍ରଶ୍ନର ଜବାବ ଦେଇ ଚାଲିଥାଏ । ସେପଟେ ସମସ୍ତଙ୍କର ପ୍ଲେଟ୍ ଖାଲି ହୋଇଯାଇଥିଲା । ଲୁସି ମୋତେ ପଚାରୁଥାଏ, ମାମୁଁ ମୁଁ ଯିବି କି ଏବେ ? ସେପଟେ ତା' ବଡ଼ ଭଉଣୀ ଆସି ମୋ କାନରେ କହିଲା, ମାମୁଁ କ୍ଷୀର କମ ଅଛି, ଆପଣ ଚା' ପିଇବେନି ବୋଲି କହିବେ । ସମସ୍ତଙ୍କର ଅନ୍ୟମନସ୍କତା ଦେଖି ମୁଁ ଲୁସିକୁ ଯିବାପାଇଁ କହିଲି ଓ ସେ ଚୁପଚାପ୍ ଚାଲିଗଲା ସେଇଠୁ । ମୁଁ ସେଇଠି ବସିଥାଏ ସତ କିନ୍ତୁ ମନଟା ପୁରା ତା'ଆଡ଼େ ଥାଏ । କାରଣ ଯେତେ ଭଲ ପୁଅ ବା ଝିଅ ହେଉନା କାହିଁକି, ବିବାହଟା ଏତେ ସହଜ କାର୍ଯ୍ୟ ନୁହଁ । ଦୁଇଜଣଙ୍କର ଜୀବନରେ ପରିବର୍ତ୍ତନ ସହ ଦୁଇଟି ପରିବାରର ପରିବର୍ତ୍ତନ ବି ଆସିଥାଏ । ତା' ସହ ଆଜିର ଆଧୁନିକ ଯୁଗର ପିଲାମାନଙ୍କୁ ବି ବୁଝିବା ଭାରି କଷ୍ଟକର । କାହା ମନରେ କଣ ଚାଲିଥିବ କିଏ ବା ଜାଣେ ? ଝିଅଟା ବୋଲି ତାକୁ କିଛି ନ ପଚାରି ଏମିତି ବିବାହ କରିବାଟା ମୋ ମତରେ ଠିକ୍ ନୁହେଁ କି ଆଧୁନିକ ଯୁଗ ବୋଲି ପୁରାପୁରି ଲଗାମଛଡ଼ା କରିବା ବି ଉପଯୁକ୍ତ ନୁହେଁ । ମୁଁ କିନ୍ତୁ ବୁଝିପାରୁନଥାଏ, ମୋର ପାତ୍ରତା କେତେ ପ୍ରତିଶତ ଯଥାର୍ଥ ଏଇ ଉଦ୍ଦେଶ୍ୟ ପାଇଁ ? ଘରର ବଡ଼ମାମୁଁ ବୋଲି ସେ ବି

 Download Magazine from www.aahwaan.com

ମୋତେ କିଛି କହି ପାରୁନଥାଏ ଡରରେ ଆଉ ମୁଁ ବି ପଚାରି ପାରୁନଥାଏ... କିନ୍ତୁ ଖୋଜୁଥାଏ ଟିକିଏ ଫାଙ୍କ... ।

ସେମାନେ ସମସ୍ତେ ଚାଲିଗଲେ, ଖୁସିରେ... ଝିଅର ଜାତକ ଟିପ୍ପଣୀ ନେଇ, ଖୁବ୍ ଶୀଘ୍ର ଜଣେଇବେ ବୋଲି କହି । ଆମେ ସବୁ ବସି କଥାବାର୍ତ୍ତା ହେଉଥାଉ... ଲିଜା ଆଉ ଲୁସିକୁ ମୁଁ ପଚାରିଲି, କେମିତି ଲାଗିଲା ପିଲାଟା ? ସେଣ୍ଟ୍ରାଲ୍ ଗଭର୍ଣ୍ଣମେଣ୍ଟରେ ଚାକିରୀ କରୁଛି, ୪୨ ହଜାର ଦରମା ପାଉଛି, ପିଲାଟା ଦେଖିବାକୁ ବି ଭଲ, ଯୋଡ଼ି ଖୁବ୍ ଜମିବ... ଇତ୍ୟାଦି ଇତ୍ୟାଦି... ହଠାତ୍ ଲୁସି ମୋତେ କହିଲା, ହେଲେ ମାମୁଁ ତାଙ୍କର ପୁରା ନିରାମିଷ, ଶୁଦ୍ଧ ଶାକାହାରୀ... ପିଆଜ ରସୁଣ ବି ଖାଉନାହାନ୍ତି... ମୁଁ ତ ରହି ପାରିବିନି... ଏମିତି ହେଲେ ଚଳିବନି !!! ମୁଁ କହିଲି, ହଉ ଦେଖିବା... ଖାଦ୍ୟଟା କଣ ଏତେ ଇମ୍ପୋର୍ଟାଣ୍ଟ ଯେ ! ଯୋଡ଼ି ଯଦି ଭଲ ହେବ, ସେ ହୁଏତ ତୋ ପାଇଁ ଆମିଷ ଖାଇପାରେ... ତୁ ବି ହୁଏତ ଆମିଷ ଛାଡ଼ିପାରୁ... କଣ କହୁଛୁ ?

କିଛି ସମୟପରେ ସେଇ ପୁଅର ମାମୁଁ ଫୋନ କରି କହିଲେ, ଆଉ ଖରାପ ଭାବିବେନି... ପୁଅ ସ୍ୱସ୍ତ୍ୟୟନୀ ବ୍ରତଧାରୀ । ଝିଅପାଇଁ ଆମିଷ ଗ୍ରହଣ କରିପାରିବନି । ତେଣୁ ମନାକଲା ।

ଏତିକି ଶୁଣି ଲୁସିର ଖୁସି କହିଲେ ନ ସରେ... ଦୀର୍ଘ ପାଞ୍ଚଘଣ୍ଟା ହେଲା ସେ ଯେଉଁ ରୁଦ୍ଧଦ୍ୱାରରୁ ଟିକିଏ ଫାଙ୍କ ଖୋଜୁଥିଲା,ଏବେ ତାହା ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇଗଲା, ସତରେ ତା' ଖୁସିରେ ମୁଁ ବି ଖୁବ୍ ଖୁସି... ।

ସମ୍ପାଦକ, ଗଞ୍ଜାମର କବିତାଘର, ବ୍ରହ୍ମପୁର

Download Magazine from www.aahwaan.com

# ଚାକର



ରୁଦ୍ରମାଦଧବ ସାହୁ

ବସ୍ ଚାଲିଥିଲା ଠିକ୍ ସବୁଦିନ ପରି ।

ପିମ୍ପୁଡ଼ିଟିଏ ବି ଗଳିବାକୁ ବାଟ ନଥିଲା ଭିତରେ । ନିଜ ଜାଗାରୁ ପାଦେ ଘୁଞ୍ଚିବାକୁ ଯୁ ନଥିଲା, କିଏ ରେଲିଂ ଧରି ତ କିଏ ସିଟ୍ ଉପରେ ହାତ ପକାଇ କାକୁସ୍ଥ ହୋଇ ଠିଆ ହୋଇଥିଲେ ନିଜ ଲକ୍ଷ୍ୟସ୍ଥଳ ଅପେକ୍ଷାରେ ।

ତଥାପି ବସ୍ ଅଟକିଲା ଠିକ୍ ପରବର୍ତ୍ତୀ ବସଷ୍ଟାଣ୍ଡରେ । ଖୁବ କଷ୍ଟେମଷ୍ଟେ ବସ ଉପରକୁ ଉଠି ଆସିଲେ ଜଣେ କଲେଜ ପଢୁଆ ଯୁବକ, ହାତରେ ଥିଲା ତାଙ୍କର ନିଜ ପଢ଼ାବ୍ୟାଗ । ବସ ଦ୍ୱାରବନ୍ଧ ପାଖରେ ନିଜକୁ କୌଣସିମତେ ସମ୍ଭାଳି ନେଇ ବ୍ୟାଗଟିକୁ ରଖିବାକୁ ବସ ଥାକରେ ବଞ୍ଚିଥିବା ଖାଲି ଜାଗା ଖୋଜିବସିଲେ ଏତେ ଗହଳିରେ ବ୍ୟାଗଟିକୁ ଧରି ରଖିବାକୁ ଅସହଜ ମନେ ହେବାରୁ, ତତ୍କ୍ଷଣାତ ପାଇଗଲେ ନିଜର ଅନ୍ୱେଷିତ ସ୍ଥାନ ମାତ୍ର ତିନି/ଚାରି ହାତ ପଛକୁ । ବ୍ୟାଗଟିକୁ ସେହି ସ୍ଥାନରେ ରଖିଦେବାପାଇଁ ଜଣେ ବୟସ୍କ ଭଦ୍ରବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ସାହାଯ୍ୟ ପ୍ରାର୍ଥନାର ସ୍ୱରରେ କହିଲେ;

“ଆଜ୍ଞା, ଦୟାକରି ଏଇ ବ୍ୟାଗଟିକୁ ସେଇଠି ରଖିଦେବେ ?”

“ନା, ମୁଁ ରଖିପାରିବିନି ।” ସ୍ପଷ୍ଟ ସ୍ୱରରେ ଉତ୍ତରଦେଲେ ସେ ।

“ପ୍ଲିଜ୍ ମଉସା ରଖିଦିଅନ୍ତୁ ନା... ଭାରି ଅସୁବିଧା ହେଉଛି ଏଠି । ସେଠି ତ ଫାଙ୍କା ଅଛି ନା । ରଖି ଦିଅନ୍ତୁ ପ୍ଲିଜ୍...” ଅନୁରୋଧଭରା ସ୍ୱରରେ ପୁନଶ୍ଚ ପ୍ରକାଶ କଲେ ସେ ଯୁବକ ।

“କାଇଁ, ମୁଁ କଣ ତମ ଚାକର ?”

Download Magazine from www.aahwaan.com

ଏକ ଦମ ଚୁପ୍ ହୋଇଗଲେ କଲେଜଛାତ୍ର ଯୁବକ, ନିଜ ବ୍ୟଗକୁ କାନ୍ଧରେ ବୋଝ ବୋହିଲା ପରି ରଖି ନିଜ ଷ୍ଟାଣ୍ଡ ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ ଠିକ୍ ଅନ୍ୟ ସମସ୍ତଙ୍କ ପରି ।

କିଛି ବାଟପରେ ପରବର୍ତ୍ତୀ ଛକ ଆସିଲା । ବସ ରହିଲା; କିଛି ଲୋକ ଓହ୍ଲାଉଥିଲେ । ବସ ଝରକା ପାଖକୁ ଆସି ବାହାରକୁ ମୁହଁ ବାହାର କରି ପୂର୍ବ ଭଦ୍ରବ୍ୟକ୍ତି, ବସ୍ ବାହାରେ ରାସ୍ତାରେ ଛିଡ଼ା ହୋଇଥିବା ଜଣେ ଯୁବକକୁ ହାତହଲାଇ ଡାକି କହୁଥିଲେ, “ଆରେ ବାବୁ, ଟିକେ ଶୁଣିବୁ । ସେଇ ପାଖ ଦୋକାନରୁ ଗୋଟେ ପାଣି ବୋତଲ ଆଣି ଦେବୁତ !”


ବୟସ୍କ ଭଦ୍ରବ୍ୟକ୍ତିଙ୍କଠାରୁ ପଇସା ନେଇ ଦୋକାନ ଆଡ଼କୁ ଯାଉଥିଲା ପିଲାଟି । ଆଉ ତାକୁ ଚାହିଁ ରହିଥିଲା ପୂର୍ବ ଯୁବକଟି, କିନ୍ତୁ ବୁଝିପାରୁନଥିଲା;

ଜଣେ ମଣିଷ ହୋଇ ଅନ୍ୟ ଜଣେ ମଣିଷ ପ୍ରତି ସହଯୋଗର ହାତ ବଢ଼ାଇଦେଲେ କେହି କ’ଣ ଚାକର ପଦବାଚ୍ୟ ହୋଇଯାଏ ? ? ?

# ପ୍ରବନ୍ଧ ବିଭାଗ

Download Magazine from www.aahwaan.com

# ପ୍ରାଚୀନ ଓଡ଼ିଶାରେ ରେମୁଣାର ପ୍ରସିଦ୍ଧି



ଶ୍ରୀ ରବୀନ୍ଦ୍ରନାଥ ସାମଲ



ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ରେମୁଣାରେ ଶ୍ରୀଗୋପୀନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ସମସ୍ତ ପ୍ରକାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଉନ୍ମେଷ ଘଟିଛି । ଗୋପୀନାଥଙ୍କ ପ୍ରତିମୂର୍ତ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠା ଲାଭକଲା । ଓଡ଼ିଆ ପ୍ରାଣର ଦେବତା ରୂପେ ଶ୍ରୀ ଜଗନ୍ନାଥ ପ୍ରତିଷ୍ଠା ହେବାରୁ ଭାରତର ପ୍ରତ୍ୟେକ ଅଞ୍ଚଳରୁ ଶ୍ରଦ୍ଧାଳୁ ଭକ୍ତମାନେ ପୁରୀ ଶ୍ରୀକ୍ଷେତ୍ରକୁ ଧାଇଁ ଆସିବା ପରି ରେମୁଣାରେ ଶ୍ରୀଗୋପୀନାଥ ଉପସ୍ଥିତ ହେବା ପରଠାରୁ

Download Magazine from www.aahwaan.com

ଭାରତର ବିଭିନ୍ନ ଅଞ୍ଚଳ ସହିତ ସଂଯୋଗ ସ୍ଥାପିତ ହେଲା । ଗଙ୍ଗବଂଶୀୟ ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଶାସନ କାଳରେ ରେମୁଣା ନଗରୀରେ ପବିତ୍ର ଆଧ୍ୟାତ୍ମିକ ପୀଠ ନିର୍ମାଣ ହେବାଫଳରେ ଭାରତର ବିଭିନ୍ନ ଅଞ୍ଚଳରୁ ଯାତ୍ରୀମାନଙ୍କ ନିମନ୍ତେ ଯାତ୍ରାପଥ ସୁଗମ ହେଲା ଏବଂ ଏହି ଧର୍ମପୀଠର ମାହାତ୍ମ୍ୟ କ୍ରମେ ଚାରିଆଡ଼କୁ ବିକଶିତ ହେଲା । ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, ଗଙ୍ଗବଂଶୀୟ ରାଜାମାନେ ବୈଷ୍ଣବ ଧର୍ମରେ ଦୀକ୍ଷା ଲାଭକରି ଶ୍ରୀକ୍ଷେତ୍ରକୁ ତାଙ୍କ ସାମ୍ରାଜ୍ୟର ଶ୍ରେଷ୍ଠ ପୂଣ୍ୟ ଧାମରେ ପରିଣତ କଲାପରେ, ରେମୁଣାକୁ ନିଜ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଶାସନଖଣ୍ଡ ରୂପେ ପରିଚିତ କରାଇବା ସହିତ ସେଠାରେ ପୁରାଣ ଓ ମାହାତ୍ମ୍ୟମାନ ସୃଷ୍ଟିକରି ହିନ୍ଦୁ ସମାଜରେ ଗୋଟିଏ ତୀର୍ଥସ୍ଥାନର ମାନ୍ୟତା ଲାଭ କରାଇଥିଲେ । ଏଥିପାଇଁ ସ୍ଥାନୀୟ ଦେବତାଙ୍କର ଆରାଧନା ସକାଶେ ବୈଷ୍ଣବଗୁରୁ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ଚାରିଆଡ଼େ ମହିମା ପ୍ରସାର ହେଲା । କେବଳ ସେତିକି ନୁହେଁ, ଉକ୍ତ ସ୍ଥାନକୁ ଭାରତର ପବିତ୍ର ବୈଷ୍ଣବପୀଠ ବୃନ୍ଦାବନଧାମ ପରି ପରିଣତ କରିବାପାଇଁ ଗଙ୍ଗରାଜାଙ୍କ ପୃଷ୍ଠପୋଷକତାରେ ସମସ୍ତ ପ୍ରକାର ଆୟୋଜନ କରାଯିବା ସଂଗେ ସଂଗେ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବଳିତ ବୈଷ୍ଣବ ଉତ୍ସବମାନ ଅନୁଷ୍ଠିତ କରାଇଲେ ।

ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥଙ୍କ ପ୍ରତ୍ନତତ୍ତ୍ୱକୁ ଅନୁସନ୍ଧାନ କଲେ ଜଣାପଡ଼େ ଯେ, ଖ୍ରୀଷ୍ଟୀୟ ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ରେମୁଣା ଥିଲା ଗଙ୍ଗସମ୍ରାଟ ମାନଙ୍କର ଏକ ସମସାମୟିକ କଟକ ବା ରାଜଧାନୀ । ନରସିଂହ ଦେବ ଦ୍ୱିତୀୟଙ୍କ ଖ୍ରୀ ୧୨୯୪ ମସିହାରେ ପ୍ରଦତ୍ତ କେନ୍ଦୁପାଟଣା ତାମ୍ରଶାସନରେ ରେମୁଣାକୁ କଟକ ବୋଲି ଘୋଷଣା କରାଯାଇଛି । ତେଣୁ ଏଥିରୁ ମନେ କରାଯାଏ ଯେ, ସେ ସମୟରେ ରେମୁଣା କେବଳ ଓଡ଼ିଶାର ପ୍ରସିଦ୍ଧ ବୈଷ୍ଣବତୀର୍ଥ ନଥିଲା, ବରଂ ତା'ସହିତ ଏକ ରାଜନୈତିକ କ୍ଷେତ୍ରରୂପରେ

Download Magazine from www.aahwaan.com

ବି ପରିଗଣିତ ହେଉଥିଲା । ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ ପିପିଲି ବନ୍ଦର ଏବଂ ଏଥି ସହିତ ବୁଢ଼ାବଳଙ୍ଗ ନଦୀ ମୁହାଣରେ ବାଲେଶ୍ୱର ବନ୍ଦର ଚଳଚଞ୍ଚଳ ହେବାର ବହୁ ପୂର୍ବରୁ କଟକ ଓ ପୁରୀକୁ ଯିବାପାଇଁ ଉତ୍ତର ଦିଗରୁ ଥିବା ରାଜପଥ ରେମୁଣା ମଧ୍ୟଦେଇ ପ୍ରସାରିତ ହୋଇଥିଲା । ଯାହାଫଳରେ ବଙ୍ଗଳାର ରାଜଧାନୀ ନଦୀୟାରୁ ପୁରୀ ଶ୍ରୀକ୍ଷେତ୍ରଯାଏଁ ଉଭୟ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଯାତ୍ରାପଥ ନିର୍ମିତ ହେବା ସଙ୍ଗେ ସଙ୍ଗେ ତତ୍‌କାଳୀନ ରାଜାମାନଙ୍କର ରାଜ୍ୟଜୟ ଅବା ଶତ୍ରୁସୈନ୍ୟଙ୍କୁ ସମ୍ମୁଖୀନ ହେବାପାଇଁ ପ୍ରଶସ୍ତ ରାଜପଥ ହୋଇ ଦେଖାଦେଲା । ଆଉ ସେତେବେଳକୁ ଏହି ରାସ୍ତାକୁ କୁହାଯାଉଥିଲା ବଡ଼ଦାଣ୍ଡ । କବି ପଦ୍ମଚରଣଙ୍କ ଭାଷାରେ;

ବଡ଼ଦାଣ୍ଡ ଧୂଳିକଣା ସରଗର ସମ୍ପଦ ଗୋ
ବଡ଼ଦାଣ୍ଡେ ଚାଲୁଥିଲେ ନାହିଁ ଭୟ ବିପଦ ଗୋ ।
ବଡ଼ଦାଣ୍ଡେ ବିହରନ୍ତି ପତିତପାବନ ହରି
ନୀଳଚକ୍ରେ ଲୟରଖି ପାପୀଯାଏ ତରି ।

ଏହି ବଡ଼ ଦାଣ୍ଡକୁ ଖ୍ରୀ ୧୮୨୭ ମସିହାରେ କଲିକତା ନିବାସୀ ରାଜା ସୁଖମୟ ସେନ ପୁନଃ ନିର୍ମାଣ କରାଇଥିଲେ ଏବଂ ଖ୍ରୀ ୧୮୬୬ ମସିହାରେ ନ'ଙ୍କ ଦୁର୍ଭିକ୍ଷ ପଡ଼ିବା ପରେ ଏହି ସଡ଼କ ପକ୍କା ହେଲା । ଆଉ ପରବର୍ତ୍ତୀ ପର୍ଯ୍ୟାୟରେ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତଙ୍କ ଯାତ୍ରା ନିମନ୍ତେ ଅହଲ୍ୟାବାଇ [୧] ନାମକ ଜନୈକା ମହୀୟସୀ ନାରୀ ଉତ୍ତର ଭାରତ ସହିତ ଯୋଗାଯୋଗ ସ୍ଥାପନର ବ୍ୟବସ୍ଥା କରିଥିଲେ ।

ବିଶେଷ ଅନୁସନ୍ଧାନରୁ ଜଣାପଡ଼େ ଯେ, ମଥୁରା ଅଞ୍ଚଳରେ ଶାଶ୍ୱତ [୨] ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଥିବା ଭାଗବତଧର୍ମ ସମୟକ୍ରମେ ଭାରତର ସକଳ ଶ୍ରେଣୀର

 Download Magazine from www.aahwaan.com

ଜନତାଙ୍କୁ ଯେପରି ଅନୁପ୍ରାଣିତ କରିଥିଲା, ତାହା ବାସ୍ତବତଃ କୌତୁହଳପ୍ରଦ । ଆଉ ଏହି ଶାଶ୍ୱତ ସଂପ୍ରଦାୟ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ଯାଦବ ବଂଶ । ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହା ବିଶେଷ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଧର୍ମଭାବରେ ପରିଗୃହୀତ ହୋଇଥିଲା । ମଥୁରା ଥିଲା ଏଇ ଧର୍ମ ମତବାଦର ପ୍ରଧାନପୀଠ ଏବଂ ଏହିଠାରୁ ଭାଗବତ ଧର୍ମର ଅଭ୍ୟୁଦୟ ଘଟିଥିଲା ବୋଲି ଅନୁମାନ କରାଯାଏ । ଗ୍ରୀକ ରାଜଦୂତ ମେଘାସ୍ଥିନିସ୍ ତାଙ୍କ ଭ୍ରମଣକାଳୀନ ବିବରଣୀରେ ଲେଖିଛନ୍ତି ଯେ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ମଥୁରା ଅଞ୍ଚଳର [୩] ଲୋକମାନେ ବାସୁଦେବ  କୃଷ୍ଣଙ୍କୁ ପ୍ରକୃତ ଭକ୍ତି କରୁଥିଲେ । ଜର୍ମାନ ଗବେଷକ ଦୁହ୍ଲାରଙ୍କ ମତରେ ମହାବୀରଙ୍କ ଆବିର୍ଭାବ ପୂର୍ବରୁ କୃଷ୍ଣବାସୁଦେବଙ୍କ ଉପାସନାମୂଳକ ଧର୍ମ ଭାରତରେ ପ୍ରଚଳିତ ଥିଲା । ଖ୍ରୀ.ପୂ. ଦ୍ୱିତୀୟ ଶତାବ୍ଦୀ ବେଳକୁ ଭାଗବତଧର୍ମର ପ୍ରସାର ଗ୍ରୀକମାନଙ୍କୁ ପ୍ରଭାବିତ କରିଥିଲା । ସେମିତି ଗବେଷକ ଷ୍ଟେବକନୋ ଓଡ଼ିଶାର ହାତୀଗୁମ୍ଫା ଶିଳାଲେଖରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବର୍ଣ୍ଣନା ଥିବାର ଉଲ୍ଲେଖ କରିଛନ୍ତି । ଭଣ୍ଡାରକରଙ୍କ ମତରେ ଏହି ଭାଗବତଧର୍ମ ହିଁ ଗୀତା ଧର୍ମ ଅଟେ ।

ଖ୍ରୀଷ୍ଟୀୟ ୪୯୦ ମସିହାରୁ ଅର୍ଥାତ ପଞ୍ଚମ ଶତାବ୍ଦୀର ଅନ୍ତିମ ଭାଗରୁ ଓଡ଼ିଶାରେ କୃଷ୍ଣ ଉପାସନା ଆରମ୍ଭ ହୋଇଥିବାର ଜଣାପଡ଼େ । ଭାଗବତ ପୁରାଣ ରଚିତ ହେବା ସମୟରେ କିମ୍ବା ତା'ର କିଛି ସମୟ ପୂର୍ବରୁ ଓଡ଼ିଶାରେ କୃଷ୍ଣ ପରମ ଉପାସ୍ୟ ଦେବତା ରୂପେ ପ୍ରତିଷ୍ଠା ଲାଭ କରିଥିବା ବିଷୟ ନନ୍ଦ ପ୍ରଭଞ୍ଜନ ବର୍ମାଙ୍କ ଏବରଙ୍ଗ ତାମ୍ରଶାସନରୁ ପ୍ରମାଣିତ ହୁଏ । ଦେଖିବାକୁ ଗଲେ ଏହା ଭାଗବତର ବ୍ୟାଖ୍ୟାନ ଅନୁସାରେ, "ଏତେ ତ୍ରାଂଶ କଳାପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ" ଅର୍ଥାତ କୃଷ୍ଣ ହିଁ ସ୍ୱୟଂ ଭଗବାନ ଭାବରେ ଘୋଷିତ ତଥା ଗୃହୀତ । ଏଣୁ ଏଥିରୁ ପ୍ରମାଣିତ ହୁଏ ଯେ, ଓଡ଼ିଶାରେ କୃଷ୍ଣ ଉପାସନାର ଭାଗବତ ଧର୍ମୀ ବା ବୈଷ୍ଣବ

Download Magazine from www.aahwaan.com

ଧର୍ମର ପ୍ରଧାନ ଓ ପ୍ରଥମ ପୃଷ୍ଠପୋଷକ ଥିଲେ ମାଠର ରାଜବଂଶ । କାରଣ ସେମାନେ ତାଙ୍କ ଅଭିଲେଖ ମାନଙ୍କରେ ଭାଗବତ ନାରାୟଣଙ୍କୁ କୂଳ ଦେବତାର ମାନ୍ୟ ଦେଇଛନ୍ତି । ମାତ୍ର ଅନ୍ୟ କେତେକଙ୍କ ମତରେ ସୁଙ୍ଗ ରାଜତ୍ୱ [୪] କାଳରେ ଭାଗବତ ଧର୍ମ ଓଡ଼ିଶାକୁ ପ୍ରବେଶ କରିଥିଲା ।

ଷଷ୍ଠ ଶତାବ୍ଦୀର ଅନ୍ତିମ ଭାଗ କିମ୍ବା ସପ୍ତମ ଶତାବ୍ଦୀର ପ୍ରାରମ୍ଭ କାଳରେ ଉତ୍ତର ଓଡ଼ିଶାରେ ବିଗ୍ରହ, ମୌଦଗଲ୍ୟ ପ୍ରଭୃତି ରାଜବଂଶର ଶାସନକାଳ ଅବକାଶରେ କୃଷ୍ଣ ଉପାସନାମୂଳକ ବୈଷ୍ଣବ ଧର୍ମ ପ୍ରଚଳିତ ଥିଲା ବୋଲି ଅଭିଲେଖ ମାନଙ୍କରୁ ପ୍ରମାଣ ମିଳେ । ଖ୍ରୀଷ୍ଟୀୟ ୫୮୦ ମସିହାରେ ଶମ୍ଭୂଯଶଙ୍କ ପ୍ରଦତ୍ତ ସୋରୋ ତାମ୍ରଶାସନରେ ସେ ନିଜକୁ 'ପରମଦୈବତାଧିଦେବତ' ଉପାଧିରେ ଭୂଷିତ କରିଛନ୍ତି । ସୋମଦତ୍ତଙ୍କ ସେରୋ ତାମ୍ରଶାସନରେ 'ପରମଦୈବାତ' ଉପାଧି ଥିବାର ପରିଲକ୍ଷିତ ହୁଏ । ପୁନଶ୍ଚ ଅନ୍ୟ ଏକ ତାମ୍ରଶାସନରେ ସେ 'ପରମଦୈବାତାଧିଦେବତ' ଉପାଧି ଗ୍ରହଣ କରିଥିବାର ଦେଖାଯାଏ । ଉକ୍ତ ସମସ୍ତ ପ୍ରକାର ବୈଷ୍ଣବ ଉପାଧିରୁ ସେତେବେଳେ ଉତ୍ତର ଓଡ଼ିଶାରେ ଭାଗବତ ଧର୍ମ ବା ବୈଷ୍ଣବ ଧର୍ମ ପ୍ରସାରିତ ହୋଇଥିବାର ଜଣାପଡ଼େ । ତେଣୁ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରୁ ସପ୍ତମ ଶତାବ୍ଦୀର ପ୍ରାରମ୍ଭ କାଳକୁ ଓଡ଼ିଶାରେ ବୈଷ୍ଣବ ଧର୍ମ ତଥା କୃଷ୍ଣ ଉପାସନା ପ୍ରଥମେ ଆରମ୍ଭ ବୋଲି କୁହାଯାଇପାରେ ।

ଓଡ଼ିଶାରେ ଭୌମକର ରାଜତ୍ୱ ପ୍ରତିଷ୍ଠା ହୁଏ ଖ୍ରୀଷ୍ଟୀୟ ୭୩୬ ମସିହାରେ । ଏହାର ବହୁ ପୂର୍ବରୁ ପୁରୀରେ (ଶ୍ରୀଜଗନ୍ନାଥ ଲୋକପ୍ରିୟ ଉପାସ୍ୟ ଦେବତାରୂପେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଅଷ୍ଟମ ଶତାବ୍ଦୀର ଆରମ୍ଭ କାଳକୁ ପୁରୀରେ ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ଉପାସ୍ୟ ଦେବତା ଭାବେ ଦେଖା ଦେଇଥିବା ବେଳେ କଂଗୋଦ ଓ ତୋଷାଳୀ [୫] ରାଜ୍ୟମାନଙ୍କରେ

 Download Magazine from www.aahwaan.com

ତାଙ୍କୁ ରାଷ୍ଟ୍ର ଦେବତା ଭାବରେ ଘୋଷଣା କରାଯାଇଥିଲା । ନବମ ଶତାବ୍ଦୀର ମଧ୍ୟଭାଗ ବେଳକୁ ଭୌମକର ରାଜବଂଶର ରାଣୀ ତ୍ରିଭୂବନ ଦେବୀ ପ୍ରଥମଥର ପାଇଁ ପରମ ବୈଷ୍ଣବୀ ଉପାଧିରେ ନିଜକୁ ଭୂଷିତ କଲେ । ସମ୍ଭବତଃ ସେ ତାଙ୍କ ପିତାଙ୍କ ପ୍ରଭାବରେ ବୈଷ୍ଣବଧର୍ମ ଗ୍ରହଣ କରିଥିଲେ । କେବଳ ସେତିକି ନୁହେଁ ଏଥି ସହିତ ଭୌମ ରାଜବଂଶ ବୌଦ୍ଧଧର୍ମ ପରିହାର କରି ବୈଷ୍ଣବଧର୍ମ ଗ୍ରହଣ କରିବା ମୂଳରେ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ପ୍ରଭାବ ପଡ଼ିଥିବାର ଅନୁମିତ ହୁଏ । ସେହି ଦିନଠାରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଶ୍ରୀ ଜଗନ୍ନାଥଙ୍କୁ ବୌଦ୍ଧମାନଙ୍କ ହାତରୁ ମୁକ୍ତ କରି ପ୍ରସିଦ୍ଧ ବ୍ରାହ୍ମଣ ଦେବତାରେ ପରିଣତ କଲେ ଏବଂ ଶ୍ରୀ ଜଗନ୍ନାଥଙ୍କୁ କାଳିନ୍ଦୀବିହାରୀ ତଥା ଗୋପୀଙ୍କ ଉପାସ୍ୟ ଦେବତା ଶ୍ରୀକୃଷ୍ଣ ବୋଲି ଘୋଷଣା କଲେ । ଏକାଦଶ ଶତାବ୍ଦୀ ବେଳକୁ ଭୋଜବର୍ମ ଦେବଙ୍କ ବେଲ୍ଲଭ ତାମ୍ରଶାସନରେ ଗୋପୀନାଥ କୃଷ୍ଣଙ୍କର ମହିମା ନିମ୍ନ ଭାବରେ ଥିବାର ଦେଖାଗଲା;

"ସୋ:ପୀହ ଗୋପୀଶତ କେଳିକାରଃ କୃଷ୍ଣୋମହାଭାରତ ସୂତ୍ରଧରଃ
ଅର୍ଦ୍ଧପୁମାନଂଶ କୃତାବତାରଃ ପ୍ରାଦୁର୍ଭବୁବୋଦ୍ଧୃତ ଭୂମି ଭାରଃ ।"

ପ୍ରାୟ ସପ୍ତମରୁ ନବମ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମର ପ୍ରଭାବରେ ସୃଷ୍ଟ ବାମାଚାରର ତାନ୍ତ୍ରିକଧର୍ମ ଅନ୍ୟ ସମସ୍ତ ଧର୍ମର ପ୍ରଭାବକୁ ପ୍ରତିହତ କରି ନିଜର ପକ୍ଷ ବିସ୍ତାର କଲା । ତନ୍ତ୍ରର ଲକ୍ଷ୍ୟଥିଲା, ଭୋଗ ମାଧ୍ୟମରେ ଭଗବାନଙ୍କର ପୂଜା କରିବା । ଦେହକୁ କଷ୍ଟ ନ ଦେଇ ମନର ପ୍ରଫୁଲ୍ଲତାକୁ ନଷ୍ଟ ନ କରି ଫଳପ୍ରାପ୍ତି କରିବା ଥିଲା ସେହି ତନ୍ତ୍ରର ମୂଳ ଲକ୍ଷ୍ୟ । ମାତ୍ରା ବାମାଚାରୀ ମାନଙ୍କ କାର୍ଯ୍ୟକଳାପରେ ସମାଜ ଅସମ୍ଭବ ଭାବରେ କଳୁଷିତ ହେଲା । ବାମାଚାରୀମାନେ ଲୋକମାନଙ୍କୁ ଏଭଳି ଭାବରେ କଦର୍ଯ୍ୟ ଭୋଗବାସନାର ପଥ ଦେଖାଇଲେ ଯେ, ଯେଉଁଥିରେ ସମାଜର ଅହିତ ସାଧନ ହେଲା । ଫଳସ୍ୱରୂପ ବର୍ତ୍ତମାନ

 Download Magazine from www.aahwaan.com

ଦେଖା ଯାଉଥିବା ପ୍ରାଚୀନ ମନ୍ଦିର ଗାତ୍ରରେ ନଗ୍ନଛବିର ପରିକଳ୍ପନା ହେଲା । ଏଥିରେ ଧର୍ମାଧିପତିମାନେ ବାଧା ଦେବାପାଇଁ ସମସ୍ତ ପ୍ରକାର ଚେଷ୍ଟା କରିବା ସତ୍ତ୍ୱେ ବାମାଚାରୀମାନେ ସେମାନଙ୍କ ମତବାଦକୁ ବହୁଳ ଭାବରେ ପ୍ରଚାର କଲେ । ଫଳରେ ସମାଜର ମୂଳଭିତ୍ତି ଦୋହଲି ଗଲା ।

ଏମିତି ଘଡ଼ି ସନ୍ଧି ମୁହୂର୍ତ୍ତରେ ଦ୍ୱାଦଶ ଶତାବ୍ଦୀରେ ଶ୍ରୀ ବିଷ୍ଣୁସ୍ୱାମୀ, ନିମ୍ବାକାଚାର୍ଯ୍ୟ, ମାଧ୍ୱାଚାର୍ଯ୍ୟ ଓ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଆବିର୍ଭାବ ଓ ପ୍ରଚାର ଧର୍ମ ଜଗତରେ ଏକ ବିପ୍ଳବ ଆଣିଦେଲା । ବୈଷ୍ଣବ ଧର୍ମର ପ୍ରବର୍ତ୍ତକ ମାନେ ପୁରୀ କ୍ଷେତ୍ରକୁ ମୂଳ କେନ୍ଦ୍ର କରି ଧର୍ମପ୍ରଚାର ଚଳାଇଲେ । ଏହାକୁ ସମଗ୍ର ଭାରତ ଗ୍ରହଣ କଲା । ବୈଷ୍ଣବମାନେ ବାମାଚାରୀ ମାନଙ୍କ କଦର୍ଯ୍ୟ ଭୋଗଲାଳସାକୁ ପ୍ରତିହତ କରି ସମାଜରେ ରାଧାକୃଷ୍ଣ ପ୍ରେମର ଧାରା ପ୍ରବାହିତ କରାଇଲେ । ସାଧାରଣ ଲୋକମାନଙ୍କୁ ଏହି ଭୋଗବାସନା ପରିବର୍ତ୍ତେ ପ୍ରେମର ସହିତ ଭଗବାନଙ୍କୁ ଆରାଧନା କରିବାକୁ ଅଧିକ ଆକୃଷ୍ଟ କଲା । ବାମାଚାରୀମାନେ ଏହି ପଥକୁ ବିରୋଧ କରିବା ପୂର୍ବରୁ ଧର୍ମାଧିପତିମାନେ ରାଧାକୃଷ୍ଣ ପ୍ରେମକୁ ଏପରି ଭାବରେ ପ୍ରଚାର କଲେ ଯେ, ପ୍ରତ୍ୟେକେ ନିଜକୁ ରାଧା ଭାବରେ ନିମଗ୍ନ ରହି ସେହି ସର୍ବମୟ କର୍ତ୍ତାଙ୍କୁ ପ୍ରେମ କରିବା ବାଞ୍ଛନୀୟ ବୋଲି ବିଶ୍ୱାସ କଲେ । ଏଥିରେ ଭଗବାନ ହେଉଛନ୍ତି କୃଷ୍ଣ ଅନ୍ୟ ସମସ୍ତେ ରାଧା । ମାତ୍ର ଏହି ମତକୁ ସର୍ବସାଧାରଣ ଆଗ୍ରହର ସହ ଗ୍ରହଣ କଲେ ମଧ୍ୟ ସମାଜପତି ମାନେ ଆଦୌ ଗ୍ରହଣ କଲେନାହିଁ । ସେମାନେ କୃଷ୍ଣଙ୍କୁ ଯଦି ବା ଭଗବାନ ଭାବରେ ଗ୍ରହଣ କଲେ, କିନ୍ତୁ ରାଧାଙ୍କର ଦେବୀତ୍ୱକୁ ଗ୍ରହଣ କରିବାକୁ ରାଜି ହେଲେ ନାହିଁ । ହେଲେ ଏଥିପାଇଁ କବି ଜୟଦେବଙ୍କ ଅବଦାନ ଅନନ୍ୟ । ସେ ଦେଖିଲେ ସମାଜପତି ମାନଙ୍କ ଅନୁମୋଦନ ବିନା ଧର୍ମ ପ୍ରଚାର ହୋଇପାରିବ ନାହିଁ । ତେଣୁ ସେ ତାଙ୍କର ଲେଖନୀ ମୂନରେ ଏ ବିଷୟ

Download Magazine from www.aahwaan.com

ପ୍ରଚାର କରିବାକୁ ଲାଗିଲେ । ତାଙ୍କ ରଚିତ 'ଗୀତ ଗୋବିନ୍ଦ'ର ପ୍ରସାର ବଳରେ ଓଡ଼ିଶାରେ ବୈଷ୍ଣବ ଧର୍ମର ଗତିବିଧି ଏକ ନୂତନ ମାର୍ଗଦର୍ଶନ କଲା । ଏଥିରେ ଶ୍ରୀ ଜଗନ୍ନାଥ ଓ ରାଧାକୃଷ୍ଣ ଲୀଳାର ଅଭେଦତ୍ୱ ପ୍ରଚାର ହେଲା । ଗୀତ ଗୋବିନ୍ଦର ପ୍ରଚାର ଫଳରେ କୃଷ୍ଣ ଉପାସନା ଓଡ଼ିଶାରେ କ୍ରମଶଃ ବ୍ୟାପକତା ଲାଭ କଲା । ଏହାର ପ୍ରମାଣ ମିଳେ ଭଞ୍ଜବଂଶୀୟ ରାଜା ଜୟଭଞ୍ଜ ଦେବଙ୍କ ଅନ୍ତିଗ୍ରାମ ତାମ୍ରଶାସନରୁ । ସେହିପରି ଗଙ୍ଗସମ୍ରାଟ ରାଜରାଜ ଦେବ ତୃତୀୟ ଥିଲେ ପରମ କୃଷ୍ଣୋପାସକ । ଏହା ତାଙ୍କର ଦାସଖୋବା ତାମ୍ରଶାସନରେ ପ୍ରତିଫଳିତ । ଏହାର ସମୟ ହେଉଛି ଦ୍ୱାଦଶ ଶତାବ୍ଦୀ ଅର୍ଥାତ ୧୧୨୭ ଶକାବ୍ଦ ବା ଖ୍ରୀ ୧୧୯୮ ମସିହା । ଏହି ତାମ୍ରଶାସନରେ ଉଲ୍ଲେଖ ଅଛି;

"ଲକ୍ଷ୍ମୀପାଦ ସରୋରୁହମଦଃ ଶ୍ରେୟାଂସି ଦାସୀଷ୍ଟବଃ
ପ୍ରସ୍ଫୁର୍ଜନ୍ନଖରଶ୍ମି କେଶର ଶତୈଃ ର୍ଭାସ୍ୱନ ଖାଳି ଦଳମ୍
ବିସ୍ଫୁଟଂ ପ୍ରତିବିମ୍ବିତଃ ପ୍ରଣମଶୈଃ କ୍ରୀଡ଼ ପରାଧୋଦ୍ଭବଃ
କୃଷ୍ଣୋ ଯନ୍ନଖଦିପ୍ତୀଷ୍ଟୁ ଭ୍ରମର ତାଂ ଧରେ ସ ଲକ୍ଷ୍ମୀପ୍ରିୟଃ ।"

ଭାରତୀୟ କୃଷ୍ଣୋପାସକ ବୈଷ୍ଣବ ସମାହ ଭାଗବତ ପୁରାଣକୁ ପ୍ରାମାଣିକ ଗ୍ରନ୍ଥ ରୂପେ ଗ୍ରହଣ କରେ । ଶ୍ରବଣ କୀର୍ତ୍ତନ ଥିଲା ସେମାନଙ୍କ ପାଇଁ ସାଧନ ଆଉ କୃଷ୍ଣପ୍ରେମକୁ ଶ୍ରେଷ୍ଠ ସାଧ୍ୟ ରୂପେ ଗୃହୀତ ହେଲା । ଗୀତାରେ ଏହାର ପରିସମାପ୍ତି ଘଟିଛି ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀରେ । ତାର ଅର୍ଥ ହେଉଛି, ଭଗବାନଙ୍କୁ ପ୍ରେମପୂର୍ବକ ଉପାସନା କରିବା । ଯାହାକୁ ଗୋଟିଏ ଶବ୍ଦରେ କୁହାଯାଏ ଶରଣାଗତି । ଅର୍ଥାତ ଯେଉଁମାନେ ଏକାନ୍ତ ଭାବରେ ଈଶ୍ୱରଙ୍କ ପାଇଁ ଭକ୍ତିପରାୟଣ ହୁଅନ୍ତି । ସେ କଥା ଶ୍ରୀକୃଷ୍ଣ ଆପଣାର ପ୍ରିୟ ସଖା ଅର୍ଜୁନଙ୍କୁ ଗୀତାରେ କହିଛନ୍ତି;

 Download Magazine from www.aahwaan.com

"ତ୍ୱମେବ ଶରଣଂଗଚ୍ଛ ସର୍ବଭାବେନ ଭାରତ

ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପସ୍ୟମି ଶାଶ୍ୱତମ୍ ।"(ଗୀତା ୧୮:୬୨)

ଅର୍ଥାତ, ହେ ଅର୍ଜୁନ ! ଯେଉଁ ଈଶ୍ୱର ସକଳ ପ୍ରାଣୀଙ୍କ ହୃଦୟରେ ଅବସ୍ଥାନ କରି ସେମାନଙ୍କୁ ପରିଚାଳିତ କରୁଛନ୍ତି, ତୁମେ ତାଙ୍କଠାରେ ଶରଣାପନ୍ନ ହୁଅ । ଫଳତଃ ଅନ୍ୟ କାହାଠାରେ ଶରଣ ପଶିବାକୁ ହେବନାହିଁ । ଏଥିରୁ ହୃଦବୋଧ ହୁଏ ଯେ ନିଜର ଲୀଳା ପ୍ରକାଶ କରିବା ପାଇଁ ଅନୁଗତ ମାନଙ୍କୁ ଆନନ୍ଦ ପ୍ରଦାନ କରିବା ଲାଗି କୃଷ୍ଣାବତାରର ସୃଷ୍ଟି କରାଯାଇଛି ବୋଲି କହିବା ଭ୍ରମାତ୍ମକ ହେବ ନାହିଁ । କାରଣ ସେ ପରମାତ୍ମା, ଆଉ ପରଂବ୍ରହ୍ମ ।

ଅନଙ୍ଗଭୀମ ଦେବ - ତୃତୀୟ ତାଙ୍କ ଶାସନ କାଳରେ କୃଷ୍ଣରୂପୀ ଜଗନ୍ନାଥଙ୍କୁ ଓଡ଼ିଶାର ପ୍ରକୃତ ରାଜା ଏବଂ ସେ ତାଙ୍କର ସେବକ ଭାବରେ ନିଯୁକ୍ତ ବୋଲି ପ୍ରଚାର କଲେ । ତାଙ୍କ ପରେ ତାଙ୍କ ପୁତ୍ର ନରସିଂହ ଦେବ ପ୍ରଥମ ଓଡ଼ିଶାର ଶାସନ ସମୟରେ ଲାଙ୍ଗୁଳା ନରସିଂହ ଦେବ ଭାବରେ ପରିଚିତ ହେଲେ । ଏତିକିବେଳେ ଦାକ୍ଷିଣାତ୍ୟର ଅନ୍ୟତମ ପ୍ରସିଦ୍ଧ ବୈଷ୍ଣବ ଗୁରୁ ମାଧ୍ୱାଚାର୍ଯ୍ୟ ଓରଫ ଆନନ୍ଦତୀର୍ଥ ଶ୍ରୀକ୍ଷେତ୍ର ପୁରୀକୁ ଆସିଲେ । ତାଙ୍କର ପ୍ରଧାନ ଶିଷ୍ୟ ନରହରି ତୀର୍ଥ ତ୍ରୟୋଦଶ ଶତାବ୍ଦୀର ଅନ୍ତିମ ଭାଗକୁ ଭାନୁଦେବ ପ୍ରଥମଙ୍କ ରାଜତ୍ୱ କାଳରେ, ଯେତେବେଳେ ସେ ନାବାଳକ ଥିଲେ, ନିଜ ଗୁରୁଙ୍କ ନିର୍ଦ୍ଦେଶରେ କଳିଙ୍ଗକୁ ଆସି ରାଜ୍ୟ ପ୍ରଶାସନ କ୍ଷେତ୍ରରେ ରାଜାଙ୍କ ସହଯୋଗ କଲେ । ଅର୍ଥାତ ସେ ଭାନୁଦେବ ପ୍ରଥମଙ୍କ ଅଭିଭାବକ ଥିବା ବେଳେ ଶାସକ ରୂପେ [୬] ମଧ୍ୟ ନିଯୁକ୍ତ ହୋଇଥିଲେ । ଭାନୁଦେବ ପ୍ରଥମଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ନରସିଂହ ଦେବ ଦ୍ୱିତୀୟ ମଧ୍ୟ ନାବାଳକ ଥିବା ଅବସ୍ଥାରେ ନରହରି ତୀର୍ଥ ଓଡିଶାର ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ତାଙ୍କର ଗୁରୁ

 Download Magazine from www.aahwaan.com

ଆନନ୍ଦତୀର୍ଥଙ୍କ ନିର୍ଦ୍ଦେଶରେ ମାଧ୍ୱ ସମ୍ପ୍ରଦାୟର ପାଶନିକ ସିଦ୍ଧାନ୍ତ ଓ ଉପାସନାର ରୀତି ପ୍ରଚାର କଲେ ।

ବୈଷ୍ଣବ ଧର୍ମାବଲମ୍ବୀଙ୍କ ମଧ୍ୟରେ କୃଷ୍ଣ ଉପାସନାର ବ୍ୟାପକ ପ୍ରସାର ଘଟିବା ଦ୍ୱାରା କୃଷ୍ଣ ଉପାସକଙ୍କ ସନ୍ତୋଷ ପାଇଁ ମାଧ୍ୱାଚାର୍ଯ୍ୟ ପୂର୍ବର ମାଧବ ଉପାସନା ପରିବର୍ତ୍ତେ ବିଷ୍ଣୁ କୃଷ୍ଣଙ୍କ ସମନ୍ୱୟ ଥିବା ମୂର୍ତ୍ତି [୭] ସୃଷ୍ଟି କଲେ । ଏହାଦ୍ୱାରା ବିଷ୍ଣୁପୂଜକ ତଥା କୃଷ୍ଣ ଉପାସକ ମାନେ ଏହି ବିଗ୍ରହକୁ ଆନନ୍ଦରେ ଗ୍ରହଣ କଲେ । ବିଷ୍ଣୁକୃଷ୍ଣଙ୍କ ମୂର୍ତ୍ତିଙ୍କ ହସ୍ତରେ ଶୋଭାପାଇଲା ଶଙ୍ଖ, ଚକ୍ର, ଗଦା ଓ ପଦ୍ମ । ଏହାର କିଛି କାଳପରେ ଭାଗବତ ଆଉ ଗୀତଗୋବିନ୍ଦର ପ୍ରସାର ଫଳରେ ସେହି ବିଷ୍ଣୁରୂପୀ କୃଷ୍ଣଙ୍କ ମୂର୍ତ୍ତି ପରିବର୍ତ୍ତେ ଦ୍ୱିଭୂଜ ମାନବାକୃତି ଗୋପୀନାଥ କୃଷ୍ଣ ପ୍ରତିମା ସୃଷ୍ଟି ହେଲା । ଏମିତି ଏକ ସମୟ ଥିଲା, ଯେତେବେଳେ କି ସମଗ୍ର ଓଡ଼ିଶାରେ ଗୋପୀନାଥ ମୂର୍ତ୍ତି ପୂଜା ଏକ ସାର୍ବଜନୀନ ଉପାସନାରେ ପରିଣତ ହୋଇଥିଲା ।

ଓଡ଼ିଶାରେ ମିଳୁଥିବା ଗୋପୀନାଥ ମୂର୍ତ୍ତିମାନଙ୍କ ମଧ୍ୟରେ ରେମୁଣାର କ୍ଷୀରଚୋରା ଗୋପୀନାଥ ଓ ସତ୍ୟବାଦୀରେ ସାକ୍ଷୀ ଗୋପୀନାଥ ମୂର୍ତ୍ତି ସୁପ୍ରସିଦ୍ଧ । ଏହି ଅଭିନବ ଗୋପୀନାଥ ମୂର୍ତ୍ତିଙ୍କ ପୂଜାପାଇଁ ଓଡ଼ିଶାରେ ଶହ ଶହ ମନ୍ଦିର ପୁରପଲ୍ଲୀରେ ଗଢ଼ି ଉଠିଲା । ସେହି ଗୋପୀନାଥ ବିଗ୍ରହଙ୍କ ଆରାଧନା ପାଇଁ ଯେଉଁ ଧ୍ୟାନମନ୍ତ୍ରଟି ପ୍ରଚଳିତ ଥିଲା ତାହା ହେଲା;

“କସ୍ତୁରୀ ତିଳକଂ ଲଲାଟ ପଟଳେ ବକ୍ଷସ୍ଥଳେ କୌସ୍ତୁଭଂ
ନାସାଗ୍ରେ ବରମୌକ୍ତିକଂ କରତଳେ ବେଣୁଂକରେ କଙ୍କଣମ୍ ।
ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେ ଚ ମୁକ୍ତାବଳୀ

Download Magazine from www.aahwaan.com

ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ ।"

ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କର ଦିବ୍ୟ ପ୍ରେମଲୀଳାର ବିକାଶ ଏହି ଗୋପୀ ପ୍ରେମରେ ହିଁ ପ୍ରକାଶିତ ହେଲା । ଗୋପଯୁବତୀମାନଙ୍କ ସହିତ କୃଷ୍ଣଙ୍କ ମଧୁର ସଂପର୍କର ଉଲ୍ଲେଖ ଅଛି । ଖ୍ରୀଷ୍ଟୀୟ ୬୬୧ ମସିହାରେ ଉତ୍କୀର୍ଣ୍ଣ ରାଜା ଅପରିଜିତଙ୍କ ଉଦୟପୁର ଶିଳାଭିଲେଖରେ । ଏଥିରୁ ଗୋପ ଯୁବତୀଙ୍କ ସହିତ କୃଷ୍ଣଙ୍କ ମାଧୁର୍ଯ୍ୟ ଲୀଳାର ସୂଚନା ମିଳିଥାଏ । ସେଥିରୁ ଜଣାପଡ଼େ ଯେ, ଗୋପୀନାଥ କୃଷ୍ଣ ଗୋପୀପ୍ରେମ ଲାଗି ଉପାସ୍ୟ ଓ ବନ୍ଦନୀୟ ।

ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାର ଗଜପତି ରାଜା କପିଳେନ୍ଦ୍ର ଦେବ ଗୋପୀନାଥଙ୍କ ପୂଜା ଆରାଧନା ପାଇଁ ଉତ୍ସାହିତ ହୋଇ ଆସିଥିବା ବିଷୟ କଟକ ଗୋପୀନାଥପୁର ମନ୍ଦିର ଶିଳାଭିଲେଖରୁ ଜଣାପଡ଼େ । ସେଥିରେ ମଧ୍ୟ ଗୋପୀନାଥଙ୍କ ଧ୍ୟାନ ଉଲ୍ଲିଖିତ ହୋଇଛି ଯେ;

"ମୌଳ ଚଞ୍ଚଳ ଚୁଳିନୀ ତିଳକିନୀ ଭାଲେ ମୁଖ ହାସିନୀ
କଣ୍ଠେ ମୌକ୍ତିକ ମାଳିନୀ ମଳୟର୍ଜୈଃ ପ୍ରତ୍ୟଙ୍ଗ ମାଲେପିନୀ ।
ହସ୍ତାବଜେ ନବନୀତନୀ ଚରଣୟୋଃ କ୍ରୀଡ଼ାରସାନ୍ନର୍ତ୍ତିନୀ
ଜୀୟାଚ୍ଛୈଚ୍ୟବଶାଳିନୀ ଚିଦ୍‌ମାଳା ଗୋପାଙ୍ଗନାଲିଙ୍ଗିନୀ ।"

ତାଙ୍କର ପୁତ୍ର ପୁରୁଷୋତ୍ତମ ଦେବ ମଧ୍ୟ ଥିଲେ ଗୋପୀନାଥଙ୍କ ପରିବର୍ତ୍ତେ 'ଗୋପାଳପ୍ରିୟ' । ତାଙ୍କ ସମୟରେ ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବହୁ ଗୋପୀନାଥ ମନ୍ଦିରମାନ ରାଜପ୍ରୋତ୍ସାହନରେ ନିର୍ମିତ ହେଲା । ସମ୍ଭବତଃ ତାଙ୍କରି ରାଜତ୍ୱକାଳରେ ପୂର୍ବପ୍ରଚଳିତ ଗୋପୀନାଥ ମୂର୍ତ୍ତିରୁ ସୁନ୍ଦର ବାଳଗୋପାଳ ମୂର୍ତ୍ତିମାନ ଉପାସନାର ବିଗ୍ରହ ହୋଇ ପ୍ରତିଷ୍ଠିତ ହେଲା । ଏହି ମୂର୍ତ୍ତି ମୁରଲୀଧାରୀ, ତ୍ରିଭଙ୍ଗଠାଣିରେ ଉଭା, କଟିରେ ବସ୍ତ୍ର,

 Download Magazine from www.aahwaan.com

କଣ୍ଠରେ ଶୋଭିତ ଅଳଙ୍କାର ଗୁଡ଼ିକର ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନମୁଗ୍ଧକର । ସେ ଗୋପାଳପ୍ରିୟ ଥିଲା ବେଳେ ମଦନ ଗୋପାଳଙ୍କୁ ଗୋପାଳଙ୍କ ପରି ଆରାଧନା କରୁଥିଲେ । ଏହା ତାଙ୍କର ପ୍ରଦତ୍ତ ଗଡ଼ପଦା ତାମ୍ରଶାସନରୁ ପ୍ରମାଣ ମିଳେ । ସେ ସେହି ମଦନ ଗୋପାଳଙ୍କ ସେବାପାଇଁ ଗଡ଼ପଦା(ରୁପସା)ର ଦକ୍ଷିଣୀ ବ୍ରାହ୍ମଣ ପୋତେଶ୍ୱର ଭଟ୍ଟଙ୍କୁ ଚନ୍ଦ୍ରଗ୍ରହଣ ସମୟରେ ଗଙ୍ଗାରେ ସ୍ନାନ କରିବାକୁ ଯାଇ ରାଜା ଯେଉଁ ଜମି ଦାନ କରିଥିଲେ, ସେହି ଦାନ ଅଭିଲେଖଟି [୮] ନିମ୍ନ ପ୍ରକାର ରହିଅଛି । ଏହା ଓଡ଼ିଆ ଭାଷାରେ ଲିଖିତ ହୋଇଛି ।

"ଶ୍ରୀ ଦୂର୍ଗାୟୈ ନମଃ । ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱର ଶ୍ରୀ ପୁରୁଷୋତ୍ତମ ମହାରାଜାଙ୍କର ପୋତେଶ୍ୱର ଭଟ୍ଟଙ୍କୁ ଦାନ ଶାସନ ପଟ୍ଟା ପାଞ୍ଚଅଙ୍କ ମେଷ(ବୈଶାଖ) ୧୦ ଦିନ ସୋମବାର ଗ୍ରହଣକାଳେ ଗଙ୍ଗା ଗର୍ଭେ ପୁରୁଷୋତ୍ତମପୁର ଶାସନ ଭୂମି ଚତୁର୍ଦ୍ଦଶ ଅଷ୍ଟୋତ୍ତର (୧୪୦୮) ବାଟି ଦାନ ଦେଲୁଁ । ଏ ଭୂମି ଯାବତ୍ ଚନ୍ଦ୍ରାର୍କେ ପୁତ୍ରପୌତ୍ରାଦି ପୁରୁଷାନୁକ୍ରମେ ଭୋଗ କରୁଥିବା ଜଳାରାମ ନିକ୍ଷେପ ସହିତ ଏ ଭୂମି ଦେଲୁଁ ।" ଏଥି ସହିତ ସଂସ୍କୃତରେ ମଧ୍ୟ ନିମ୍ନ ପ୍ରକାରର ରହିଅଛି ।

"ଯାବତ୍ ଚନ୍ଦ୍ରଶ୍ଚ ସୂର୍ଯ୍ୟଶ୍ଚ ଯାବତ୍ ତିଷ୍ଠତି ମେଦିନୀ, ତବଦତ୍ତ୍ୱାମୟା ଯେସାଂ ଶସ୍ୟଯୁକ୍ତ ବସୁନ୍ଧରା, ସୁଦଣଂ ପରାଦଣଂ ବା ବ୍ରାହ୍ମଣ ବୃତ୍ତି ହରତ୍ ଯଃ ଷଷ୍ଠି ବର୍ଷ ସହସ୍ରାଣି ବିଷ୍ଠାୟା ଜାୟତେ କୃମି । ଶ୍ରୀ ମଦନ ଗୋପାଳ ଶରଣଂ ମମଃ ।" ସେଥିରେ ଥିବା ଚିହ୍ନ ଗୁଡ଼ିକ ହେଲା ରାଜାଙ୍କ ଅଙ୍କୁଶ, ଦ୍ୱିତୀୟରେ ଶଙ୍ଖ, ବିଷ୍ଣୁଙ୍କ ହସ୍ତରେ ଶୋଭାପାଏ ଯାହା, ତୃତୀୟ ଏବଂ ଚତୁର୍ଥ - ଖଣ୍ଡା ବା ଅସ୍ତ୍ର, ଯାହା ପାଇକ ମାନଙ୍କ ଆୟୁଧ, ମୁଖ୍ୟତଃ ପାର୍ବାତ୍ୟାଞ୍ଚଳର ଲୋକଙ୍କ ସକାଶେ ଏବଂ କଟ୍ଟର-ସମତଳ ଅଞ୍ଚଳର ଲୋକମାନଙ୍କ ଆୟୁଧ । ଖ୍ରୀଷ୍ଟୀୟ ୧୪୭୪ ମସିହା ଅପ୍ରେଲ ୧୬ ତାରିଖ ଦିନ ଥିଲା ଏହି ବର୍ଣ୍ଣିତ ଚନ୍ଦ୍ରଗ୍ରହଣର ତିଥି ବୋଲି ଅଧ୍ୟାପକ ପ୍ରଭାତ

Download Magazine from www.aahwaan.com

ମୁଖାର୍ଜୀ ସ୍ଥିର କରିଛନ୍ତି । ଆଉ ଅଭିଲେଖଟି ଖ୍ରୀ ୧୪୮୨ ମସିହା ଅଗଷ୍ଟ ୨୨ ତାରିଖରେ ଉଲ୍ଲିଖିତ ହୋଇଅଛି ବୋଲି ତାଙ୍କର ଜଗନ୍ନାଥ ମନ୍ଦିର ଶିଳାଭିଲେଖରୁ ଜଣାପଡ଼େ । ଅର୍ପିତ ସମ୍ପତ୍ତି ସେହି ଗଡ଼ପାଦର ତଥା ଆଖପାଖ ପଡ଼ୋଶୀ ଅଞ୍ଚଳ ଜନଶୂନ୍ୟ ଥିବା ହେତୁ ଗ୍ରାମରେ ଥିବା ମନ୍ଦିରରେ ଦେବତା ଅବସ୍ଥାନ କରୁଥିବା ଯୋଗୁଁ ତାଙ୍କର ସେବାର୍ଚ୍ଚନା କରିବାପାଇଁ ଉଦ୍ଦିଷ୍ଟ ଥିଲା । ସେତେବେଳେ ପୋତେଶ୍ୱର ଭଟ୍ଟଙ୍କ ସହିତ ଗୋଟିଏ ବ୍ରାହ୍ମଣ ଶାସନ ଥିବାର ଅନୁମତି ହୁଏ । ଦାନ ସମ୍ପତ୍ତି ୧୪୦୮ ବାଟି ଅର୍ଥାତ ୨୮.୧୬୦ ଏକର । ଏହି ଜନଶୂନ୍ୟ ଅଞ୍ଚଳକୁ ରାଜା ନିଜ ନାମରେ ପୁରୁଷୋତ୍ତମପୁର ଶାସନ ବୋଲି ଘୋଷଣା କରିଛନ୍ତି ।

ଗଜପତି ପୁରୁଷୋତ୍ତମ ଦେବ (୧୪୬୭ - ୧୪୯୭) ଉଚ୍ଚକୋଟୀର ବ୍ରାହ୍ମଣମାନଙ୍କ ବସବାସ ଲାଗି ୧୬ଟି ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିବାର ପରିକଳ୍ପନା କରିଥିଲେ । ଏପରିକି ସେ ତାଙ୍କ ପ୍ରାସାଦର ଏକ ଅଂଶକୁ ମଧ୍ୟ 'ଗୋପାଳପ୍ରିୟ' ବୋଲି ନାମରେ ନାମିତ କରିଥିଲେ । ତାଙ୍କ ସମୟରେ ରାଜାନୁଗତ ବ୍ରାହ୍ମଣମାନଙ୍କ ଶାସନର ମୁଖ୍ୟଥିଲେ 'ଶ୍ରୀଗୋପାଳ' । ତାଙ୍କ ପୂର୍ବରୁ ଗଙ୍ଗବଂଶୀୟ ରାଜା ନରସିଂହ ଦେବ ଦ୍ୱିତୀୟ ମଧ୍ୟ ବସ୍ତା, ବାଲିଆପାଳ ଅଞ୍ଚଳ ମାନଙ୍କରେ ବ୍ରାହ୍ମଣ ଶାସନମାନ ପ୍ରତିଷ୍ଠା କରିଥିବା [୯] ବିଷୟ ତାଙ୍କର ଅସନଖାଳି ଓ କେନ୍ଦୁପାଟଣା ତାମ୍ରଶାସନରୁ ଜଣାପଡ଼େ । ରେମୁଣାରେ ମଧ୍ୟ ଗୋଟିଏ ବ୍ରାହ୍ମଣ ଶାସନ ଥିବା ଜଣାପଡ଼େ । ତେଣୁ ରେମୁଣା ପରି ଅନ୍ୟ ସ୍ଥାନମାନଙ୍କରେ ବ୍ରାହ୍ମଣ ଶାସନମାନ ପ୍ରତିଷ୍ଠା ହୋଇଥିବାର ଅନୁମିତ ହୁଏ । ସେହିପରି ପରବର୍ତ୍ତୀକାଳରେ ରେମୁଣାକୁ କେନ୍ଦ୍ରକରି ଗଡ଼ପଦାରେ ଷୋଳଶାସନ ପରିକଳ୍ପନା କରାଯାଇଥିବା ସମ୍ଭବ । ଏହି ଶାସନ ଗୁଡ଼ିକର ମୁଖ୍ୟ ଦେବତା ହୋଇ ରହୁଥିଲେ ଶ୍ରୀ ଗୋପାଳ କିମ୍ବା ଶ୍ରୀ ଗୋପୀନାଥ । ତେଣୁ ସମଗ୍ର ଓଡ଼ିଶାରେ ଥିବା ଏମିତି ଷୋଳ ଶାସନରେ ଥିବା ଗୋପୀନାଥଙ୍କ ମୂର୍ତ୍ତିଙ୍କ ପାର୍ଶ୍ୱରେ

 Download Magazine from www.aahwaan.com

କେଉଁଠି ହେଲେ ରାଧାମୂର୍ତ୍ତି ପୂଜିତ ହେଉନାହାନ୍ତି । କେତେକ ସ୍ଥାନରେ ରାଜ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନ ଗୁଡ଼ିକର ପଶ୍ଚିମ ସୀମାରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଏକ ପାରମ୍ପରିକ ପ୍ରଥା ରୂପେ ସେ ସମୟରେ ଗୃହୀତ ହୋଇଥିଲା । ମାତ୍ର ମୁସଲମାନ ଶାସନ କାଳରେ ସେହି ଷୋଳ ଶାସନର ଖ୍ୟାତି ଓ ପ୍ରତିପତ୍ତି ସମ୍ପୂର୍ଣ୍ଣ ମଉଳି ଯାଇଥିଲା ।



ବର୍ଣ୍ଣିତ ତଥ୍ୟାବଳୀରୁ ଜଣାପଡ଼େ ଯେ ରେମୁଣା କଟକର ସୁଖ୍ୟାତି ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀରୁ ଦୀର୍ଘକାଳ ପର୍ଯ୍ୟନ୍ତ ରହିଥିଲା । ଯାହାଦ୍ୱାରା ଗଙ୍ଗ ରାଜବଂଶ ପରେ ଜଗପତି ରାଜବଂଶର ଶାସନ କାଳରେ ମଧ୍ୟ ତା'ର ସୁଖ୍ୟାତି ରହିଥିଲା । ଶ୍ରୀଗୋପୀନାଥଙ୍କୁ ଦର୍ଶନ କରିବା ପାଇଁ ମାଧବେନ୍ଦ୍ରପୁରୀ ବୃନ୍ଦାବନରୁ ଆସି ରେମୁଣାରେ ପହଞ୍ଚିଲେ ଏବଂ ଦର୍ଶନ କରିବା ସହିତ ଦେବତାଙ୍କର ପ୍ରସିଦ୍ଧ ଭୋଗ 'ଅମୃତକେଳି'ର ନାମ ଶୁଣି [୧୦] ସେହି ପ୍ରସାଦ ପାଇବାର ବାସନା ତାଙ୍କର ଜାଗ୍ରତ ହେଲା । ତତ୍ ମୁହୂର୍ତ୍ତରେ ସେ ସେଥିପାଇଁ ମଧ୍ୟ ଲଜ୍ଜା ବୋଧ କଲେ ଏବଂ ଏଥିପାଇଁ ନିଜକୁ ଧିକ୍କାର କଲେ । କାରଣ ସେଥିଲେ ଅଯାଚକ

 Download Magazine from www.aahwaan.com

ସନ୍ୟାସୀ । ତେଣୁ ସେ କାହାକୁ ନିଜର ଖାଇବା ବିଷୟରେ ମଧ୍ୟ କହନ୍ତି ନାହିଁ । ତେଣୁ ସେ ମନ୍ଦିର ସନ୍ନିକଟସ୍ଥ ଗାଁ ହାଟଚାହାଳୀରେ ବସି ପ୍ରଭୁଙ୍କ ନାମ ସଂକୀର୍ତ୍ତନ କରିବାକୁ ଲାଗିଲେ । ମାତ୍ର ଭକ୍ତବାଞ୍ଛା କଳ୍ପତରୁ ଶ୍ରୀ ଗୋପୀନାଥ ଭକ୍ତଚୁଡ଼ାମଣୀ ମାଧବେନ୍ଦ୍ର ପୁରୀଙ୍କ ମନକଥା ଜାଣିପାରି ତାଙ୍କ ପାଖରେ ଲାଗିଥିବା ସେହି 'ଅମୃତକେଳି' କ୍ଷୀରଭୋଗ ମଧ୍ୟରୁ ଗୋଟିଏ ଭାଣ୍ଡ ଚୋରୀକରି ରଖି ରାତ୍ରିର ସ୍ୱପ୍ନାଦେଶରେ ସେବକକୁ କହିଲେ, ତୁମର ଦ୍ୱାଦଶ କ୍ଷୀରଭାଣ୍ଡ ମଧ୍ୟରୁ ମୁଁ ଗୋଟିଏ ଭାଣ୍ଡ ମୋ ଆଞ୍ଚଳତଳେ ଲୁଚାଇ ରଖିଛି । ମୋର ଭକ୍ତ ମାଧବେନ୍ଦ୍ର ପୁରୀ ସମ୍ପୂର୍ଣ୍ଣ ଉପବାସ ରହି ହାଟଚାହାଳୀରେ ବସି ମୋର ନାମ ସଂକୀର୍ତ୍ତନ କରୁଛି । ତୁମେ ବର୍ତ୍ତମାନ ଯାଇ ଯଥାଶୀଘ୍ର ମାଧବେନ୍ଦ୍ର ପୁରୀଙ୍କୁ ସେଇ କ୍ଷୀରଭୋଗ ଦେଇଆସ । ସେବକ ମହାଶୟ ଗଭୀର ରାତ୍ରୀର ନିର୍ଦ୍ଦେଶ ପାଇବା ପରେ ସେହି ଅନ୍ଧକାର ମଧ୍ୟରେ ଆସି କ୍ଷୀଣ ଦ୍ୱିପାଲୋକରେ ପ୍ରଭୁ ଶ୍ରୀ ଗୋପୀନାଥଙ୍କ ଅଞ୍ଚଳ ତଳୁ ନିର୍ଦ୍ଦିଷ୍ଟ କ୍ଷୀର ଭାଣ୍ଡଟି ପାଇ ସଂଗେ ସଂଗେ ନେଇଯାଇ ମାଧବେନ୍ଦ୍ର ପୁରୀଙ୍କୁ ଅର୍ପଣ କଲେ । ଏଇ ସମସ୍ତ ବୃତାନ୍ତ ଶୁଣି ମାଧବେନ୍ଦ୍ରପୁରୀ ଯେତିକି ପୁଲକିତ ହେଲେ ସେତିକି ମଧ୍ୟ ଲଜ୍ଜିତ ହେଲେ । ତାପରେ ସେ ଚିନ୍ତାକଲେ, "ମୋପରି ଜଣେ ନଗଣ୍ୟ ମଣିଷପାଇଁ ପ୍ରଭୁ କ୍ଷୀରଭୋଗ ଚୋରୀ କଲେ ?" ଏଥିରେ ସେ ଭାବାବିଷ୍ଟ ହୋଇ ପଡ଼ିଲେ ଏବଂ ଚିନ୍ତାକଲେ ଯେ, 'ରାତି ପାହିଲେ ଲୋକମାନେ ଏ ବିଷୟ ଜାଣିବାପରେ ମୋର ଗୁରୁତ୍ୱ ବଢ଼ିବ ।' ତେଣୁ ସେ ତା'ର ବହୁ ପୂର୍ବରୁ ସେହି ସ୍ଥାନ ତ୍ୟାଗ କରିବା ଏକାନ୍ତ ଆବଶ୍ୟକ ବୋଲି ଚିନ୍ତା କରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କଲେ । ଆଉ ସେହିଦିନ ଠାରୁ ସେହି ଦେବତା କ୍ଷୀରଚୋରା ଗୋପୀନାଥ ରୂପେ ପୂଜା ପାଇଲେ ।

ମାଧବେନ୍ଦ୍ରପୁରୀଙ୍କ ଶିଷ୍ୟ ଈଶ୍ୱରପୁରୀ ଏହି ପବିତ୍ର ପୀଠକୁ ଆସି ଗୁରୁଙ୍କର ଅନ୍ତିମ

Download Magazine from www.aahwaan.com

ସମୟରେ ସେବାଯତ୍ନ କରିଥିଲେ । ତାଙ୍କ ପରେ ଶ୍ରୀଚୈତନ୍ୟଦେବ ଖ୍ରୀଷ୍ଟୀୟ ୧୫୦୯ ମସିହାରେ ଏହି ଧାମକୁ ଆସି ଶ୍ରୀଗୋପୀନାଥଙ୍କୁ ଦର୍ଶନ କରି ତନ୍ମୟ ହୋଇ ଯାଇଥିଲେ । ପରେ ଶ୍ୟାମାନନ୍ଦ ଏବଂ ରସିକାନନ୍ଦ ଆସି ରେମୁଣାକୁ ନିଜର ସାଧନାପୀଠ ରୂପେ ଗ୍ରହଣ କରିଥିଲେ । ସେହିପରି ବହୁ ଖ୍ୟାତନାମା ଧର୍ମପ୍ରଚାରକ ମାନଙ୍କ ସହିତ ଅନେକ ଶ୍ରଦ୍ଧାଳୁ ଭକ୍ତମାନେ ଏହି ପୀଠର ମାହାତ୍ମ୍ୟରେ ମୁଗ୍ଧ ହୋଇ ଆସିଛନ୍ତି ।

ରେମୁଣା ନିକଟସ୍ଥ ମୟୁର ଗାଁରେ ଶ୍ରୀଧର ସ୍ୱାମୀ ଏବଂ ପରୀକ୍ଷିତପୁର ଶାସନରେ ବଳଦେବ ବିଦ୍ୟାଭୂଷଣଙ୍କ ଜନ୍ମ ପରବର୍ତ୍ତୀ କାଳକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଥିଲା । ଉତ୍କଳର ପଣ୍ଡିତ ପ୍ରବର ଶ୍ରୀଧର ସ୍ୱାମୀଙ୍କ 'ଭାଗବତ ପୁରାଣଟୀକା' କୃଷ୍ଣଭକ୍ତିର ପ୍ରବଳଧାରାକୁ ପ୍ରବଳତର କଲା । ସର୍ବଭାରତୀୟ ସ୍ତରରେ ଏହାର ପ୍ରଚାର ଓ ପ୍ରସାର ଫଳରେ କୃଷ୍ଣଭକ୍ତି ପରାୟଣ ଜନସାଧାରଣଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ତାଙ୍କର ଲିଖିତ 'ଭାବାର୍ଥ ଦୀପିକାଟୀକା' ମୁଖ୍ୟତଃ ଭକ୍ତିମୂଳକ ବ୍ୟାଖ୍ୟା ଅଟେ । ଏହି ଭାଷ୍ୟ ରଚନା ଦ୍ୱାରା ଓଡ଼ିଶାର ବୈଷ୍ଣବଧାରାରେ ଏକ ନୂତନ ଭକ୍ତିବାଦର ପ୍ରଚାର ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟକୁ ଶ୍ରୀଚୈତନ୍ୟଦେବଙ୍କ ପୂର୍ବରୁ ଓଡ଼ିଶାର ସ୍ମାର୍ତ୍ତ ପଣ୍ଡିତମାନେ ଏହି କୃଷ୍ଣଭକ୍ତି ଧାରାରେ ଅବଗାହନ କରିବାକୁ ସୁଖକର ମଣିଥିଲେ । ସେହିପରି ବଳଦେବ ବିଦ୍ୟାଭୂଷଣ ବାଲ୍ୟକାଳରୁ ସନ୍ନ୍ୟାସୀ ହୋଇ ପରବର୍ତ୍ତୀ ସମୟରେ ଗଲତାର ଗୋବିନ୍ଦଜୀୟୁ ମନ୍ଦିରରେ ଦାକ୍ଷିଣାତ୍ୟର ବୈଷ୍ଣବ ପଣ୍ଡିତଙ୍କ ସହିତ ଶାସ୍ତ୍ରୀୟ ଆଲୋଚନାରେ ବସି ତାଙ୍କର ଅକାଟ୍ୟ ଯୁକ୍ତି ଦ୍ୱାରା ସେମାନଙ୍କୁ ପରାସ୍ତ କରି ରାଧାକୃଷ୍ଣ ମୂର୍ତ୍ତି ପୂଜାର ପ୍ରଚଳନ କରିବା ଦ୍ୱାରା ତତ୍‌କାଳୀନ ଜନସମାଜ ତଥା ବୈଷ୍ଣବ ସମ୍ପ୍ରଦାୟଙ୍କ ପ୍ରତି ଏକ ମାଇଲଖୁଣ୍ଟ ହୋଇ ଦେଖାଦେଲା । ଶ୍ରୀରସିକାନନ୍ଦ ରେମୁଣାକୁ ନିଜର ଧର୍ମ ପ୍ରଚାରର ପ୍ରଧାନ କ୍ଷେତ୍ରକରି ଗଢ଼ି

 Download Magazine from www.aahwaan.com

ତୋଳିଲେ ଏବଂ ସେ ସେଠାରେ ଥାଇ ଖ୍ରୀଷ୍ଟାୟ୍ ୧୬୭୪ ମସିହାରେ ଅନ୍ତିମ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର ଗ୍ରାମାଞ୍ଚଳ ମାନଙ୍କରେ 'ଭାଗବତଟୁଙ୍ଗୀ'ମାନ ପ୍ରତିଷ୍ଠା ହୋଇ ସେଠାରେ ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ପୁରାଣ ପାଠ ହେଲା ଏବଂ ଶ୍ରୀଚୈତନ୍ୟଦେବଙ୍କ ଦ୍ୱାରା ପ୍ରବର୍ତ୍ତିତ ନାମସଂକୀର୍ତ୍ତନ ଚାରିଆଡ଼େ ପ୍ରତିଧ୍ୱନିତ ହେଲା । ତାଙ୍କଦ୍ୱାରା ପ୍ରବର୍ତ୍ତିତ ବୈଷ୍ଣବ ମତବାଦକୁ ପ୍ରଚାରିତ କରିବାପାଇଁ ରେମୁଣାସ୍ଥିତ ଶ୍ରୀଗୋପୀନାଥ ପୀଠକୁ କେନ୍ଦ୍ରକରି ଶ୍ୟାମାନନ୍ଦ ଓ ରସିକାନନ୍ଦ ପ୍ରଭୃତି ଧର୍ମ ପ୍ରବର୍ତ୍ତକମାନେ ବିଭିନ୍ନ ସ୍ଥାନରେ ଗୋପୀନାଥ - କୃଷ୍ଣମୂର୍ତ୍ତି ପ୍ରତିଷ୍ଠା କରିବା ସହିତ ମଠ ଓ ମନ୍ଦିରମାନ ନିର୍ମାଣ କଲେ । ପୁନଶ୍ଚ ଶ୍ୟାମାନନ୍ଦ ଓ ରସିକାନନ୍ଦଙ୍କ ପରି ଧର୍ମଯାଜକଙ୍କ ନାମକୁ ନେଇ ବିଭିନ୍ନ ସ୍ଥାନରେ କୃଷ୍ଣମୂର୍ତ୍ତି ପ୍ରତିଷ୍ଠା ହେବା ସହିତ ଗ୍ରାମ ଗୁଡ଼ିକ ମଧ୍ୟ ସୃଷ୍ଟି ହେଲା । ସେ ସମୟରେ ରସିକାନନ୍ଦଙ୍କ ପ୍ରେରଣାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ବାଉଁଶଡ଼ିହ ଗ୍ରାମରେ ମଦନମୋହନଜୀୟୁ ନାମରେ କୃଷ୍ଣଗୋପୀନାଥ ମୂର୍ତ୍ତି ପ୍ରତିଷ୍ଠା ସହିତ ବିଶାଳ ମନ୍ଦିର ନିର୍ମାଣ ହେଲା । ତାଙ୍କ ଉଦ୍ୟମରେ ପ୍ରତିବର୍ଷ ଦୋଳପୂର୍ଣ୍ଣିମା ଅବସରରେ ବହୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ଉପସ୍ଥିତିରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସହାୟତାରେ ବାଉଁଶଡ଼ିହରୁ ରେମୁଣା ପର୍ଯ୍ୟନ୍ତ ନଗର ପରିକ୍ରମା କାର୍ଯ୍ୟ ସୂଚାରୁ ରୂପେ ପରିଚାଳିତ ହେଉଥିଲା । ରେମୁଣାର ଶ୍ରୀଗୋପୀନାଥଙ୍କୁ କେନ୍ଦ୍ରକରି ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ଓ ମହୋତ୍ସବମାନ ଅନୁଷ୍ଠିତ ହେଉଥିଲା । ଏହା ଦ୍ୱାରା ଗୋପୀନାଥଙ୍କୁ ଗୋପୀନାଥଙ୍କୁ କେନ୍ଦ୍ରକରି ରେମୁଣା ପ୍ରତିଟି ମଣିଷର ହୃଦୟରେ ସ୍ଥାନ ପାଇବାରୁ ଲୋକମାନଙ୍କ ମଧ୍ୟରେ ଭାବାବେଗ ଦେଖା ଦେଲା । ଏହାଦ୍ୱାରା ଲୋକମାନଙ୍କର ଭକ୍ତିଭାବ ବୃଦ୍ଧିପାଇଲା । ପୁନଶ୍ଚ ଏଥିପାଇଁ ରେମୁଣାକୁ

କେନ୍ଦ୍ରକରି ଭାତୃତ୍ୱର ସେତୁ ସୃଷ୍ଟି ହେଲା । ଏହି ଭକ୍ତିଧାରା ପ୍ରବର୍ତ୍ତିତ ହେବା ଫଳରେ ଗ୍ରାମାଞ୍ଚଳର ଲୋକମାନେ ଶ୍ରୀଗୋପୀନାଥଙ୍କ ପାଖରେ ଭୋଗ ଲାଗିବା ପାଇଁ ବାଡ଼ିରେ ଫଳିଥିବା ବୋଇତାଳୁ ପାଚିଯିବାପରେ ସେଥିରେ ଶ୍ରୀଗୋପୀନାଥଙ୍କ ନାମ ଲେଖି ରେମୁଣାକୁ ପଠାଉଥିଲେ । ଏହା ମଧ୍ୟ ଏକ ଅଭିନବ ପନ୍ଥାରେ ଯାଇ ଦେବତାଙ୍କ ପାଖରେ ପହଞ୍ଚୁଥିଲା । ଗୋଟିଏ ବୋଇତାଳୁ ଦେହରେ ଦେବତାଙ୍କ ନାମ ଲେଖି ଗୋଟିଏ ଶିକାରେ ରଖି ତାକୁ ଅନ୍ୟଗ୍ରାମର ଲୋକଙ୍କୁ ଦେଇଦେଲେ ସେ ବ୍ୟକ୍ତି ଆଉ ଗୋଟିଏ ଗ୍ରାମର ଲୋକକୁ ଶିକାଯୁକ୍ତ ବୋଇତାଳୁ ଦେଇ ଦେଉଥିଲା । ଏମିତି ଏମିତି ହୋଇ ରେମୁଣା ପର୍ଯ୍ୟନ୍ତ ସମ୍ପର୍କର ସେତୁ ବୃଦ୍ଧି ପାଉଥିଲା ଏବଂ ବୋଇତାଳୁ ଯଥା ସମୟରେ ଯାଇ ଦେବତାଙ୍କ ପାଖରେ ପହଞ୍ଚି ଯାଉଥିଲା । ଏହାଦ୍ୱାରା ଲୋକମାନଙ୍କର ଭକ୍ତିଭରା ସମ୍ପର୍କ ବୃଦ୍ଧି ଘଟିବା ସହିତ ରେମୁଣା ଅନାବିଳ ପ୍ରେମର ତୀର୍ଥସ୍ଥାନ ହୋଇ ଦେଖାଦେଲା ।

ସେତେବେଳେ ରେମୁଣା ଯେ କେବଳ ବୈଷ୍ଣବ ଧର୍ମର ପବିତ୍ର କ୍ଷେତ୍ର ହୋଇ ରହିଲା, ତା ନୁହେଁ । ଏଥିସହ ସେଠାରେ ଗଢ଼ି ଉଠିଲା ବହୁ ସାଂସ୍କୃତିକ ଅନୁଷ୍ଠାନ । ଏଠାରେ ଅଥର୍ବ ବେଦୀୟ ତଥା ଯଜୁର୍ବେଦୀୟ ବ୍ରାହ୍ମଣ ଶାସନ ସହିତ ଅଥର୍ବବେଦତାପିନୀ, ଶ୍ରୀକୃଷ୍ଣ ତାପିନୀ ଓ ବୃନ୍ଦାବନ ତାପିନୀ ନାମକ ସାହିତ୍ୟ କେନ୍ଦ୍ର ମାନ ମୁଣ୍ଡ ଟେକି ଉଠିବା ସହିତ ଶିକ୍ଷାନୁଷ୍ଠାନମାନ ଗଢ଼ି ଉଠିଲା । ଶିକ୍ଷାଦାନ ନିମନ୍ତେ ଉପାଧ୍ୟାୟ (ଶିକ୍ଷକ), ପୁରାଣ ପଣ୍ଡା ବା ପୁରାଣପାଠକ ନିଯୁକ୍ତ ହେଉଥିଲେ । ଗଙ୍ଗବଂଶୀୟ ରାଜା ନରସିଂହ ଦେବ ଦ୍ୱିତୀୟ ଅଧ୍ୟାପନା ନିମନ୍ତେ ବହୁ ବ୍ରାହ୍ମଣ ନିଯୁକ୍ତ କରିବା [୧୧] ସହିତ ପୁରାଣ, କାବ୍ୟ, ଛାନ୍ଦ ଓ ବ୍ୟାକରଣ ଆଦିର ଆଲୋଚନା ନିମନ୍ତେ ଅଧ୍ୟାପନା କେନ୍ଦ୍ରମାନ ନିର୍ମାଣ କରିଥିଲେ । ମନ୍ଦିରରେ ଦର୍ଶନ ଓ ବ୍ୟାକରଣ ଅଧ୍ୟାପନା ନିମନ୍ତେ ବିଦ୍ୱାନ ପଣ୍ଡିତ ମାନଙ୍କୁ ମଧ୍ୟ ନିଯୁକ୍ତ

Download Magazine from www.aahwaan.com

କରିଥିବାର ଜଣାପଡ଼େ । ସେ ଏହି ଦର୍ଶନଶାସ୍ତ୍ର ଓ ବ୍ୟାକରଣ ଅଧ୍ୟାପନା ନିମନ୍ତେ ବଂଶୋଦା ଗ୍ରାମରେ [୧୨] କିଛି ଜମିଦାନ କରିଥିବା ବିଷୟ ତାଙ୍କର ଦାନ ଅଭିଲେଖରୁ ଜଣାପଡ଼େ । ଦେବତାଙ୍କ ମନ୍ଦିର ପରିଚାଳନା [୧୩] କରିବା ପାଇଁ କର୍ମଚାରୀମାନେ ନିଯୁକ୍ତି ପାଉଥିଲେ । ମଠ ଗୁଡ଼ିକ ଧର୍ମ ପ୍ରଚାର, ଧର୍ମ ଶିକ୍ଷା ଓ ପୌରହିତ୍ୟର ପ୍ରଧାନକେନ୍ଦ୍ର ଥିଲା । ମଠାଧିପତିମାନେ ଭାରତୀ ଓ ତୀର୍ଥ ଉପାଧି ବ୍ୟବହାର କରୁଥିଲେ । ଦେବତାଙ୍କ ମନ୍ଦିର ରାଜା, ବୈଷ୍ଣବଗୁରୁ, ରାଜ କର୍ମଚାରୀ ଓ ସେବାୟତ ମାନଙ୍କର ଏକ ସମ୍ମିଳିତ ସମିତି ମାଧ୍ୟମରେ ପରିଚାଳିତ ହେଉଥିବାର ଜଣାପଡ଼େ । ମନ୍ଦିର ପରିଚାଳନା ପାଇଁ ମନ୍ଦିର ପରୀକ୍ଷା, ଭୋଗ ଆଦିର ତତ୍ତ୍ୱାବଧାନ ପାଇଁ ଭୋଗ ପରୀକ୍ଷା ରହୁଥିଲେ । ଗଜପତି ପୁରୁଷୋତ୍ତମ ଦେବଙ୍କ ପୃଷ୍ଠପୋଷକତାରେ ଶିକ୍ଷାର ପ୍ରସାର ଘଟିଥିଲା । ଦେଖିବାକୁ ଗଲେ ଗଙ୍ଗ ରାଜତ୍ୱକାଳରୁ ଓଡ଼ିଶାରେ ଓଡ଼ିଆ ସାହିତ୍ୟର ବିକାଶ ହୋଇଥିଲା [୧୪] ।

ରେମୁଣାରେ ଶ୍ରୀଗୋପୀନାଥଙ୍କ ପାଖରେ କ୍ଷୀର ଭୋଗ ଲଗାଇବା ପାଇଁ ଗଙ୍ଗବଂଶୀୟ ରାଜା ନରସିଂହ ଦେବ ଦ୍ୱିତୀୟ ପ୍ରତ୍ୟହ ଏକ ମହଣ ବତିଶି ସେର କ୍ଷୀର ଲାଗିବାର ବ୍ୟବସ୍ଥା କରାଇଥିଲେ [୧୫] । ଏଥି ନିମନ୍ତେ ରେମୁଣାରେ ସାତଶହ ବାବନ(୭୫୨) ଘର ଗଉଡ଼ ପରିବାରକୁ ଆଣି ବସତି ସ୍ଥାପନ କରାଇଥିଲେ [୧୬] । ଗୋପୀନାଥଙ୍କ ଜମିଜମା କଟକ, ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଓ ମେଦିନିପୁର ଆଦି ସ୍ଥାନରେ ରହିଥିବା ବେଳେ ରେମୁଣା ନିକଟସ୍ଥ ରୁଦ୍ରପୁର ଗ୍ରାମରେ ବ୍ରାହ୍ମଣ ଶାସନ ରହିଥିଲା । ପୂର୍ବରୁ ରହି ଆସିଥିବା ବ୍ରାହ୍ମଣଶାସନରେ ବ୍ରାହ୍ମଣଙ୍କ ସଂଖ୍ୟା ବର୍ତ୍ତମାନ ନଥିବା ବେଳେ ଗୌଡ଼ମାନଙ୍କର ପରିବାର ମଧ୍ୟ ସୀମିତ ଅଛି ।

ଓଡ଼ିଶାର ଢେଙ୍କାନାଳ ଜିଲ୍ଲାର ସପ୍ତଶଯ୍ୟା [୧୭] ନାମକ ସ୍ଥାନରେ ଶ୍ରୀଧରସ୍ୱାମୀ

 Download Magazine from www.aahwaan.com

ନୃସିଂହାଶ୍ରମ ପ୍ରତିଷ୍ଠା କରି ନିଜେ ନୃସିଂହ ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ । ଏହି ସପ୍ତଶଯ୍ୟା ମଧ୍ୟ ପ୍ରସିଦ୍ଧ ଶୈବପୀଠ କପିଳାସ ପରି ଏକ ପବିତ୍ର ତୀର୍ଥସ୍ଥାନ । ସେଠାରେ ଅନ୍ୟାନ୍ୟ ଗୋସ୍ୱାମୀ ମାନଙ୍କର ସମାଧି ସ୍ଥାନ ପାଇଥିବା ବେଳେ ଶ୍ରୀଧର ସ୍ୱାମୀଙ୍କ ସମାଧି ଅଦ୍ୟପି ରହିଅଛି । ସେହି ସପ୍ତଶଯ୍ୟା ଅନୁକରଣରେ ରେମୁଣାଠାରେ ବୈଷ୍ଣବ ଗୋସ୍ୱାମୀମାନଙ୍କର ମଠ, ଆଶ୍ରମ ଆଦି ସ୍ଥାପନ ହୋଇ ଭାରତର ପବିତ୍ର ବୈଷ୍ଣବପୀଠ ବୃନ୍ଦାବନ ଧାମର ସ୍ୱରୂପ ଗୁପ୍ତ ବୃନ୍ଦାବନ ନାମ ନେଇ ମୁଣ୍ଡଟେକି ଦଣ୍ଡାୟମାନ ହୋଇଥିଲା । ଆଉ ସେହି ବୃନ୍ଦାବନ ଧାମ ପାର୍ଶ୍ୱସ୍ଥ ପ୍ରବାହିତ ଯମୁନା ନଦୀ ସଦୃଶ୍ୟ ରେମୁଣାରେ ଯେଉଁ ନଦୀ ସ୍ରୋତଟି ପରିକଳ୍ପିତ ହୋଇ ଦେଖା ହୋଇଥିଲା, ତାହା କାଳକ୍ରମେ ସପ୍ତଶରା ନଦୀ ହୋଇ ଦେଖାଦେଲା ବୋଲି 'ଭକ୍ତି ତରଙ୍ଗ' ନାମକ ଏକ ଗ୍ରନ୍ଥର ପଞ୍ଚମ ଅଧ୍ୟାୟରେ ବର୍ଣ୍ଣିତ ତଥ୍ୟାନୁସାରେ ଜଣାପଡ଼େ । ଅତୀତରେ ଏହି ସପ୍ତଶରା ନଦୀ କୂଳରେ ବୈଷ୍ଣବ ପଣ୍ଡିତ ତଥା ଭକ୍ତମାନେ ଅବସ୍ଥାନ କରୁଥିଲେ । ସତେ ଯେପରି ଏହା ସେହି ବୃନ୍ଦାବନ ଧାମ । ସେତେବେଳେ ଏଠାରେ ବହୁ ଶ୍ରଦ୍ଧାଳୁ ବୈଷ୍ଣବ ସାଧକ ଏକନିଷ୍ଠ ଚିତ୍ତରେ ଭଗବାନ କୃଷ୍ଣଙ୍କର ସାନିଧ୍ୟ ଟିକିଏ ପାଇବା ପାଇଁ ଜୀବନ ଅତିବାହିତ କରୁଥିଲେ ।

ସେହିପରି ରେମୁଣାରେ ଥିବା ବ୍ରଜପୁଷ୍କରିଣୀ ପାର୍ଶ୍ୱରେ ଥିବା କୂଟ ପୁଷ୍କରିଣୀ ତୁଠରେ ଅଧୁନା ଅଷ୍ଟଦଶଭୂଜା ଦେବୀ ଦୂର୍ଗାଙ୍କ ମୂର୍ତ୍ତି ସହିତ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ପ୍ରତିମୂର୍ତ୍ତି ଭିନ୍ନ ଭିନ୍ନ ମନ୍ଦିରରେ ରହି ପୂଜା ପାଇ ଆସୁଛନ୍ତି । ସମ୍ଭବତଃ ଏହା ଢେଙ୍କାନାଳସ୍ଥିତ ସପ୍ତଶଯ୍ୟା ପାହାଡ଼ ପାଦଦେଶରେ ନୃସିଂହନାଥଙ୍କ ସହିତ ଦେବୀ ପାର୍ବତୀ ଗୋଟିଏ ମନ୍ଦିରରେ ଥାଇ ଆରାଧିତ ହେବାପରି ଏଠାରେ ମଧ୍ୟ ଅତୀତରେ ଏକ କୁଟି ଆଶ୍ରମ ଥିଲା । ସେହି କୁଟି ଆଶ୍ରମ ପାଖରେ ଥିବା ପୁଷ୍କରିଣୀଟି କୂଟ ପୁଷ୍କରିଣୀ ହୋଇ ଦେଖା ଦେଇଥିବାର

Download Magazine from www.aahwaan.com

ଅନୁମିତ ହୁଏ । ସେହିପରି ଆଧୁନିକ ଭଦ୍ରଖ ଜିଲ୍ଲାର ପାଳିଆ ଗ୍ରାମରେ [୧୮] ଥିବା ବିରଞ୍ଚିନାରାୟଣ ମନ୍ଦିର ବେଢ଼ାରେ ଥିବା ଏକ ଅସ୍ଥାୟୀ କୁଡ଼ିଆ ଚାଳଘରେ ଦଶଭୂଜା ମହିଷାମର୍ଦ୍ଦିନୀ ଦୂର୍ଗା ଓ ଚତୁର୍ଭୂଜ ବିଶିଷ୍ଟ କୃଷ୍ଣମୂର୍ତ୍ତି ରହି ଆରାଧିତ ହେଉଛନ୍ତି । ଆଜିକୁ ପ୍ରାୟ କୋଡ଼ିଏ ବର୍ଷ ତଳେ ରେମୁଣାରେ ମଧ୍ୟ ଏକ ଟିଣ ଛପରର କୁଡ଼ିଆ ଘରେ ଅଷ୍ଟଦଶଭୂଜା ଦେବୀ ଦୂର୍ଗାଙ୍କ ସହିତ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରହି ପୂଜା ପାଉଥିବାର ଏ ଲେଖକ ମଧ୍ୟ ଦେଖିଛି । ସମ୍ଭବତଃ କୌଣସି ଏକ ସମୟରେ ଦେବୀ ଦୂର୍ଗାଙ୍କ ସହିତ ବିଷ୍ଣୁମୂର୍ତ୍ତି ଗୋଟିଏ କୋଠରୀରେ ରଖି ପୂଜା କରିବାର ପରମ୍ପରା ସୃଷ୍ଟି ହୋଇଥିଲା । ତେବେ ଏହା ସପ୍ତଶଯ୍ୟା ଆଶ୍ରମ ଅନୁକରଣରେ ନୃସିଂହ ମନ୍ତ୍ରର ପ୍ରଚାର ଓ ପ୍ରସାର ପାଇଁ ହୋଇଥିବା ସମ୍ଭବ ।

ପୁନଶ୍ଚ ସୋମବଂଶୀୟ ରାଜତ୍ୱ କାଳରେ ଶୈବଧର୍ମର ପ୍ରସାରପାଇଁ ଏଠାରେ ସାରା ଓଡ଼ିଶାରେ ଶୈବଧର୍ମ ପ୍ରବଳ ବାତ୍ୟା ପ୍ରବାହିତ ହେଉଥିବା ବେଳେ ରେମୁଣାରେ ଗର୍ଗେଶ୍ୱର ମନ୍ଦିର ସହିତ ଶିବଲିଙ୍ଗ ସ୍ଥାପିତ ହୋଇଥିଲା ।

ଏଠାରେ ଆଉ ଗୋଟିଏ ବିଷୟ ସୂଚନା ଦିଆଯାଇପାରେ ଯେ, ରେମୁଣା ଏକଦା ରାଜଧାନୀ ରୂପେ ପରିଗଣିତ ହେଉଥିବା ପ୍ରସଂଗ ପୂର୍ବରୁ ବର୍ଣ୍ଣିତ ହୋଇ ସାରିଛି । ବଙ୍ଗବଂଶୀୟ ଓ ଗଜପତି ରାଜବଂଶୀୟ ରାଜାମାନେ ରାଜ୍ୟର ଉତ୍ତର ସୀମାରେ ଥିବା ସୁବର୍ଣ୍ଣରେଖା ନଦୀ ଠାରୁ ଉତ୍ତରକୁ ଶତୃସୈନ୍ୟ ମାନଙ୍କୁ ସମ୍ମୁଖୀନ ହେବାପାଇଁ ରାଇବଣିଆଠାରେ ଏକ ସାମରିକ ଦୂର୍ଗ ଉପରେ ନିର୍ଭର କରୁଥିଲେ । ତେଣୁ ତତ୍‌କାଳୀନ ରାଇବଣିଆ ଦୂର୍ଗର ସାମରିକ ବିଭାଗ ରେମୁଣାରୁ ପରିଚାଳିତ ହେଉଥିଲା । ରେମୁଣା ପାଖରେ ହରିଚନ୍ଦନପୁର ଗଡ଼ ଓ ରାମଚନ୍ଦ୍ରପୁର ଗଡ଼ ମଧ୍ୟରେ ଥିବା ଜଣାପଡ଼େ । ତେବେ

Download Magazine from www.aahwaan.com

ଏମିତି ଏକ ବ୍ୟାପକ ତଥା ବିଶାଳ ସଂସ୍କୃତିର ଅବକ୍ଷୟ ଘଟେ ଷୋଡ଼ଶ ଶତାବ୍ଦୀର ଅନ୍ତିମ ପର୍ଯ୍ୟାୟରେ, ଯାହାର ସ୍ୱାକ୍ଷର ବହନ କରେ କୂଟ ପୁଷ୍କରିଣୀ ହୁଡ଼ାର ପଶ୍ଚିମ ତୀରରେ ଉଭା ହୋଇଥିବା ମୁସଲମାନ ଭାଇମାନଙ୍କ ଆସ୍ଥାନ 'କଳାପାଟ ସାହୀ' । ମୁସଲମାନଙ୍କ ଆକ୍ରମଣ, ହିନ୍ଦୁ ଦେବାଦେବୀ ବିଦ୍ୱେଶନୀତି ତଥା ଆଫଗାନ ସୁଲତାନ୍ ସୁଲେମାନ କରରାଣୀଙ୍କ ସେନାପତି କଳାପାହାଡ଼ ଦ୍ୱାରା ଏହି ସଂସ୍କୃତି ସମ୍ପୂର୍ଣ୍ଣ ଧ୍ୱଂସ ସାଧିତ ହୋଇଥିଲା ବୋଲି ଇତିହାସ ସମର୍ଥନ କରୁଥିବା ବେଳେ ମଧ୍ୟ କିମ୍ବଦନ୍ତୀ ଅଦ୍ୟବଧି ପ୍ରବାହିତ । ତଥାପି ଆଜି ପୂର୍ବର ଶ୍ରୀ ହତଶ୍ରୀ ହୋଇଥିବା ବେଳେ ରେମୁଣାର ସୁଖ୍ୟାତି ଏବେ ବି ଲୋକଙ୍କ ହୃଦୟରୁ ଲିଭି ଯାଇନାହିଁ । ମାତ୍ର ଏମିତି ଯେ କେବେ ଏକ ସମୟ ନ ଆସିବ, ପୁଣି ତାର ଖ୍ୟାତି ଚତୁର୍ଦିଗକୁ ବିକଶିତ ନ ହେବ ସେ କଥା ଆଜି କୁହାଯାଇ ପାରିବ ନାହିଁ ।

## ପାଦଟୀକା

୧. ଗୋଲକଚନ୍ଦ୍ର ମହାପାତ୍ର, ଯୁଗେ ଯୁଗେ ବାଲେଶ୍ୱର - ପୃଷ୍ଠା ୨୮

୨. ଶିବ ପ୍ରସାଦ ଦାଶ, ଅତୀତରେ ଓଡ଼ିଶା - ପୃଷ୍ଠା - ୧୦୭

୩. ଡଃ ଯଜ୍ଞ କୁମାର ସାହୁ, ଓଡ଼ିଶାର ଇତିହାସ - ପ୍ରଥମ - ପୃଷ୍ଠା ୯୪

୪. ଡଃ ଯଜ୍ଞ କୁମାର ସାହୁ, ଓଡ଼ିଶାର ଇତିହାସ - ପ୍ରଥମ - ପୃଷ୍ଠା ୯୭

୫. ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶାରେ କୃଷ୍ଣ ଉପାସନା - ପୃଷ୍ଠା - ୪୨

୬. E.I., Vol. VI. PP - 260

ଡଃ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ - ଚତୁର୍ଥ - ପୃଷ୍ଠା - ୦୬

୭. ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶାରେ କୃଷ୍ଣ ଉପାସନା - ପୃଷ୍ଠା - ୧୪୮

୮. ଜନ୍ ବିମ୍ସ, Beams and Odisha - PP 140-142

Download Magazine from www.aahwaan.com

Orissa Historical Research Journal, Vol - II, 384 - PP-37

୯. ରବୀନ୍ଦ୍ରନାଥ ସାମଲ, ଉତ୍କଳ ପୃଷ୍ଠଭୂମିରେ ବାଲେଶ୍ୱର ଇତିହାସ - ପୃଷ୍ଠା - ୧୬୬

୧୦. ପଣ୍ଡିତ କିଶୋରୀ ମୋହନ, ଗୁପ୍ତ ବୃନ୍ଦାବନ ଶ୍ରୀ ଶ୍ରୀ କ୍ଷୀରଚୋରା ଗୋପୀନାଥଧାମ - ପୃଷ୍ଠା - ୫୦

୧୧. ଡଃ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ - ଚତୁର୍ଥ - ପୃଷ୍ଠା - ୧୧୭

୧୨. ଡଃ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ - ଚତୁର୍ଥ - ପୃଷ୍ଠା - ୧୧୭

୧୩. ଡଃ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ - ଚତୁର୍ଥ - ପୃଷ୍ଠା - ୧୫୮

୧୪. ଡଃ ସତ୍ୟନାରାୟଣ ରାଜଗୁରୁ, ଓଡ଼ିଶାର ସାଂସ୍କୃତିକ ଇତିହାସ - ଚତୁର୍ଥ - ପୃଷ୍ଠା - ୧୨୯

୧୫. ପଣ୍ଡିତ ସୁନ୍ଦରାନନ୍ଦ ବିଦ୍ୟାଭୂଷଣ, ଶ୍ରୀକ୍ଷେତ୍ର - ପୃଷ୍ଠା - ୩୭୨

୧୬. ପଣ୍ଡିତ ସୁନ୍ଦରାନନ୍ଦ ବିଦ୍ୟାଭୂଷଣ, ଶ୍ରୀକ୍ଷେତ୍ର - ପୃଷ୍ଠା - ୩୭୨

୧୭. ପଣ୍ଡିତ କିଶୋରୀ ମୋହନ, ଗୁପ୍ତ ବୃନ୍ଦାବନ ଶ୍ରୀ ଶ୍ରୀ କ୍ଷୀରଚୋରା ଗୋପୀନାଥଧାମ - ପୃଷ୍ଠା - ୧୧୩

୧୮. ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶାରେ କୃଷ୍ଣ ଉପାସନା - ପୃଷ୍ଠା - ୧୪୮

ଗୋପୀନାଥପୁର, ଦେହୁର୍ଣ୍ଡା, ବାଲେଶ୍ୱର, ୭୫୬୦୩୬, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୭୧୨୦୪୦୨

ଭିନ୍ନ ଭିନ୍ନ କଥାବସ୍ତୁ ତଥା ଗବେଷଣାତ୍ମକ ଆଲେଖ୍ୟ ସହିତ, ଶିଶୁ ସାହିତ୍ୟ, ଭାରତୀୟ ମୁକ୍ତି ସଂଗ୍ରାମ, ଆତ୍ମକାହାଣୀ ଇତ୍ୟାଦି ଲେଖକଙ୍କର ବାରଗୋଟି ପୁସ୍ତକ ପ୍ରକାଶିତ ହୋଇଛି । ବୃତ୍ତିରେ ଶିକ୍ଷକ ଓ ସମାଜସେବୀ ଶ୍ରୀ ସାମଲ ଭିନ୍ନ ଭିନ୍ନ ସମୟରେ ସାମ୍ବାଦିକତା, ସମ୍ପାଦକ ଆଦି ପଦବୀରେ ଅଧିଶିକ୍ତ ହୋଇ ନିଜ ଦାୟିତ୍ୱ ସୁଚାରୁ ରୂପେ ବହନ କରିଛନ୍ତି ।

Download Magazine from www.aahwaan.com

# ଶିକ୍ଷାର ଲକ୍ଷ୍ୟ



ସୁଧାଂଶୁ ଶେଖର ମିଶ୍ର

ଶିକ୍ଷାର ଲକ୍ଷ୍ୟ ହେଉଛି;

୧. ମାନବ ଜୀବନର ଗୁଣାତ୍ମକ ପରିବର୍ତ୍ତନ କରିବା (ବ୍ୟବହାରିକ ବିଜ୍ଞାନ)

୨. ମାନବ ଜୀବନର ଶାରୀରିକ, ବୌଦ୍ଧିକ, ସାମାଜିକ, ଭାବାତ୍ମକ, ନୈତିକ ଏବଂ ଆଧ୍ୟାତ୍ମିକ ବିକାଶ କରିବା (ମହାତ୍ମାଗାନ୍ଧୀ)

୩. ମାନବାତ୍ମାର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ।

୪. ଜୀବନରେ ସମ୍ପୂର୍ଣ୍ଣତା ପ୍ରାପ୍ତ ହେବା । (ବିବେକାନନ୍ଦ)

୫. ଅନ୍ଧକାରରୁ (ଅଜ୍ଞାନତା) ଆଲୋକ (ଜ୍ଞାନ) ଅଭିମୁଖେ ନେଇଯିବା (ତମସୋ ମା ଜ୍ୟୋତିର୍ଗମୟ ଋଗ୍ବେଦ)

୬. ଆତ୍ମା ଓ ପରମାତ୍ମାନୁଭୂତି କରିବା ।

୭. ମନୁଷ୍ୟର ଆନ୍ତରିକ ଶକ୍ତିଗୁଡ଼ିକୁ ବର୍ହିପ୍ରକାଶ କରିବା (ବିବେକାନନ୍ଦ)

୮. ବନ୍ଧନରୁ (ଅଜ୍ଞାନତା) ମୁକ୍ତି ପ୍ରଦାନ କରିବା (ସା ବିଦ୍ୟା ଯା ବିମୁକ୍ତୟେ)

୯. ବିକୃତିରୁ ସଂକୃତି ଅଭିମୁଖେ ନେଇଯିବା ।

୧୦. ରୋଗ, ଶୋକ, ଦୁଃଖ, ଅଶାନ୍ତିର ବନ୍ଧନରୁ ମୁକ୍ତ କରିବା ।

୧୧. ମାନବକୁ ପ୍ରଜ୍ଞାନ କରି ତା'ର ଜ୍ଞାନନେତ୍ର ଖୋଲିବା ।

୧୨. ଜୀବନ ଯାତ୍ରାର ପ୍ରତ୍ୟେକ ମୋଡରେ ଆସୁଥିବା ବିଭିନ୍ନ ଘାତ ପ୍ରତିଘାତକୁ ସାହସର ସହ ଅତିକ୍ରମ କରିବାର ସାମର୍ଥ୍ୟ ପ୍ରଦାନ କରିବା ।

Download Magazine from www.aahwaan.com

## ସାଂପ୍ରତିକ ବିଶ୍ୱ ପରିଦୃଶ୍ୟରେ ଶିକ୍ଷାର ରୂପ

ସମୟର ପରିବର୍ତ୍ତନ ଅନୁସାରେ ଶିକ୍ଷା ଆଦାନ ପ୍ରଦାନ ବିଧିର ପରିବର୍ତ୍ତନ ହୋଇ ଆସୁଛି । ଏତଦ୍ ସହିତ ବ୍ୟକ୍ତିର ସଂସ୍କାର ଅନୁସାରେ ତା'ର ମୂଲ୍ୟବୋଧ ମଧ୍ୟ ହ୍ରାସ ହୋଇ ଆସୁଛି । ସଂପ୍ରତି ରୋଜଗାର ହିଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଏକମାତ୍ର ଲକ୍ଷ୍ୟ ହୋଇଛି । ଏଥିପାଇଁ କେହି ଜଣେ କହିଛନ୍ତି । Education is for employment, not for empowerment. ଡିଗ୍ରୀ ଏବଂ ପ୍ରମାଣପତ୍ର ପ୍ରାପ୍ତ କରିବା ହିଁ ନିଜର ଲକ୍ଷ୍ୟ ବୋଲି ବିଦ୍ୟାର୍ଥୀ ମନେ କରୁଛି । ନକାରାତ୍ମକ ବୃତ୍ତି, ଭ୍ରାନ୍ତି, ଅନ୍ଧବିଶ୍ୱାସ ଓ ଦ୍ୱନ୍ଦ୍ୱାତ୍ମକ ବୁଦ୍ଧି ହେତୁ ମନୁଷ୍ୟ ବ୍ୟସ୍ତ, ବିବ୍ରତ ଓ ଅଶାନ୍ତିରେ କାଳାତିପାତ କରୁଛି । ଅନନ୍ତ ଇଚ୍ଛା ଓ ଅପେକ୍ଷା ହେତୁ ସେ ପ୍ରତିସ୍ପର୍ଦ୍ଧାର ନିଶାରେ ପଥ ହୁଡ଼ି ଯାଇ ମାନସିକ ଚାପ ଗ୍ରସ୍ତ ହୋଇ ପଡୁଛି । ନିଜକୁ ଅନ୍ୟ ସହିତ ତୁଳନା କରିବା ହେତୁ ସେ ଈର୍ଷା, ନିନ୍ଦା, ଘୃଣା, ବିରୋଧ, ଦ୍ୱେଷ, ସଂଘର୍ଷ ଆଦିରେ ଶୀଘ୍ର ଫସି ଯାଉଛି । ବୃତ୍ତି ନିଜ ଅଧୀନରେ ନ ହେବା କାରଣରୁ ଅହଂକାର, କ୍ରୋଧ, ଲୋଭ, ଆସକ୍ତି, କାମନା, ଭ୍ରମ ଓ ପୂର୍ବାଗ୍ରହ ଗ୍ରସ୍ତହୋଇ ବୁଦ୍ଧିର ଦ୍ୱାର ବନ୍ଦ ହୋଇଯାଇଛି । ଏହି ସବୁରୁ ବିଦ୍ୟା ମୁକ୍ତି ପ୍ରଦାନ କରିଥାଏ । ଏଥିପାଇଁ କୁହାଯାଏ, "ସା ବିଦ୍ୟା ଯା ବିମୁକ୍ତୟେ ।" "ବିଦ୍ୟା ଦଦାତି ବିନୟମ୍ ।" ଜ୍ଞାନ, ବା ଶିକ୍ଷା ଦ୍ୱାରା ପରିପକ୍ୱତା ଆସେ । ପରିପକ୍ୱ ଫଳ ମଧୁର ଲାଗେ । ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ବା ପରିପକ୍ୱତା ହେଲେ ପ୍ରସନ୍ନତା, ମଧୁରତା, ସୌହାର୍ଦ୍ଦତା, ସହନଶୀଳତା, ସେବା, ପରୋପକାରିତା ଇତ୍ୟାଦି ମୂଲ୍ୟଗୁଡ଼ିକ ବ୍ୟବହାରିକ ଜୀବନରେ ପରିସ୍ଫୁଟ ହୁଏ ।

ଭାରତ ଇତିହାସର ପୃଷ୍ଠା ଉନ୍ମୋଚନ କଲେ ଏକ ଆଦର୍ଶ ଶିକ୍ଷା ପଦ୍ଧତିର ଦର୍ଶନ ହୁଏ । ପ୍ରାଚୀନ କାଳରେ "ଗୁରୁକୂଳ" ପ୍ରଣାଳୀ ପ୍ରଚଳିତ ଥିଲା । ବିଦ୍ୟାର୍ଥୀମାନଙ୍କୁ ଗୁରୁଙ୍କ ନିକଟକୁ

Download Magazine from www.aahwaan.com

ଯିବାକୁ ପଡୁଥିଲା । ଗୁରୁଙ୍କ ସାନ୍ନିଧ୍ୟରେ କର୍ମକୁଶଳତା, ଜୀବନପଦ୍ଧତି, ନୈତିକତା, ସର୍ବକାଳୀନ ଧାରଣା ରୂପେ ଶିକ୍ଷା ଦିଆଯାଉଥିଲା । ଗୁରୁଙ୍କ ସ୍ଥାନ ମାତା ପିତା ଏବଂ ରାଜାଙ୍କଠାରୁ ମଧ୍ୟ ଉଚ୍ଚ ଥିଲା । ଭାଗବତରେ କୁହାଯାଇଛି, "ଗୁରୁଙ୍କୁ ନ ମଣିବ ନର; ଗୁରୁଟି ସାକ୍ଷାତେ ଈଶ୍ୱର ।" ଶାସ୍ତ୍ରରେ ଗୁରୁଙ୍କ ବନ୍ଦନା କରାଯାଇଛି, "ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।" ଗୁରୁକୁଳ ପ୍ରଣାଳୀରେ ବ୍ୟକ୍ତି ଓ ସମଗ୍ର ମାନବ ସମାଜର ଜୀବନ ବ୍ୟବସ୍ଥାରେ ମୂଲ୍ୟବୋଧର ଆଧିପତ୍ୟ ଥିଲା । ସତ୍ୟ, ଅହିଂସା, ଅପରିଗ୍ରହ, ଅସ୍ତେୟ, ନୀତିମତ୍ତା, ଶାନ୍ତି, ପାରସ୍ପରିକ ସ୍ନେହ ଓ ସେବାଭାବ ଜୀବନର ଏକମାତ୍ର ଧ୍ୟେୟ ଥିଲା । ରାଜା-ପ୍ରଜା-ସାହୁକାର ସମସ୍ତ ଜୀବନ ସନ୍ତୋଷ ରୂପକ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ବିରୋଧ-ବୈମନସ୍ୟ, ଅଶାନ୍ତି, ପରିଗ୍ରହ, ବ୍ୟଥା-ବେଦନା, ରୋଗ-ଶୋକର ଆଧିପତ୍ୟ ଆଦୌ ନଥିଲା । ସମସ୍ତେ ·ରିତ୍ରିକ ଧନରେ ଧନୀ ଥିଲେ । ସମସ୍ତଙ୍କଠାରେ ଶାନ୍ତି, ପ୍ରେମ, ଆନନ୍ଦ ସନ୍ତୁଷ୍ଟତା ଭରପୁର ଥିଲା ।

ଗୁରୁକୁଳ ପ୍ରଣାଳୀରେ ଶିକ୍ଷା ସମାପ୍ତି ପରେ ପ୍ରମାଣ ପତ୍ର ଦେବାର ଆବଶ୍ୟକତା ନଥିଲା । ଗୁରୁ ନିଜ ତୁଲ୍ୟ ବିଦ୍ୟାର୍ଥୀଙ୍କୁ ସୁଯୋଗ୍ୟ କରି ଗୁରୁକୁଳରୁ ବିଦାୟ ଦେଉଥିଲେ । ଗୁରୁଙ୍କ ନାମରେ ଶିଷ୍ୟର ପରିଚୟ ହେଉଥିଲା । ଉଦାହରଣ ସ୍ୱରୂପ ଦ୍ରୋଣ ଶିଷ୍ୟ ଅର୍ଜୁନ, ପର୍ଶୁରାମ ଶିଷ୍ୟ କର୍ଣ୍ଣ, ଚାଣକ୍ୟ ଶିଷ୍ୟ ଚନ୍ଦ୍ରଗୁପ୍ତ, ରାମକୃଷ୍ଣ ପରମହଂସ ଶିଷ୍ୟ ବିବେକାନନ୍ଦ ଇତ୍ୟାଦି । ଗୁରୁ ରାଜବିଦ୍ୟା, ବ୍ୟବହାର ବିଦ୍ୟା, ଜ୍ୟୋତିଷ ବିଦ୍ୟା, ଶସ୍ତ୍ର ବିଦ୍ୟା ଶିକ୍ଷା ଦେବା ପୂର୍ବରୁ ଧ୍ୟାନ, ପ୍ରାର୍ଥନା, ମୌନ, ତ୍ୟାଗ, ତପସ୍ୟା, ସେବା, ସମାନତା ଇତ୍ୟାଦି ମୂଲ୍ୟ ଗୁଡ଼ିକର ଶିକ୍ଷା ଦେଉଥିଲେ । ରାଜକୁମାର ଏବଂ ସାମାନ୍ୟ ବ୍ରାହ୍ମଣ (କୃଷ୍ଣ-ସୁଦାମା) ବାଳକର ପାଳନ ସମାନ ଭାବରେ ହେଉଥିଲା । ଗୁରୁଙ୍କ ଆଗମନରେ ରାଜା ରାଜ ସିଂହାସନ ତ୍ୟାଗ

 Download Magazine from www.aahwaan.com

କରି ଦଣ୍ଡାୟମାନ ହୋଇ ନମନ କରୁଥିଲେ । ଏହି ପରିପ୍ରେକ୍ଷୀରେ ବଶିଷ୍ଠ, ବିଶ୍ୱାମିତ୍ର, ବ୍ୟାସ ଆଦି ମହାନ ଗୁରୁଙ୍କ ନାମ ଉଲ୍ଲେଖନୀୟ । ସେମାନେ ଅଧ୍ୟାତ୍ମ ବିଦ୍ୟା ଦ୍ୱାରା ଜୀବନରେ ମୂଲ୍ୟଗୁଡ଼ିକୁ ଆତ୍ମସାତ୍ କରାଉଥିଲେ । ରାମାୟଣ ଓ ମହାଭାରତ ଗ୍ରନ୍ଥର ସାରାଂଶ ହେଲା ସମଗ୍ର ସମାଜରେ ମୂଲ୍ୟଗୁଡ଼ିକର ବିଜୟ ଓ ମୂଲ୍ୟହୀନ ବ୍ୟକ୍ତିମାନଙ୍କର ପରାଜୟ । ରାଜ୍ୟ ବିକ୍ରମାଦିତ୍ୟଙ୍କ ପ୍ରଜା ବତ୍ସଳତା, ଉଦାହରଣ ଓ ସେବାଭାବ ତଥା ଚାଣକ୍ୟଙ୍କ ଦ୍ୱାରା ମୂଲ୍ୟବାନ ରାଜ ସତ୍ତାର ସ୍ଥାପନା କଥା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିଖିତ । କଳିଙ୍ଗ ଯୁଦ୍ଧର ବିଭତ୍ସ ଦୃଶ୍ୟ ଦେଖି ଅଶୋକଙ୍କ ପଶ୍ଚାତ୍ତାପ ଓ ବୌଦ୍ଧଧର୍ମ ସ୍ୱୀକାର ଉଚ୍ଚ ମୂଲ୍ୟବୋଧର ନିଦର୍ଶନ । ସିଦ୍ଧାର୍ଥ ଗୌତମ ବୁଦ୍ଧ ଓ ମହାବୀର ଉଭୟ ରାଜକୁମାରଙ୍କ ଗୃହତ୍ୟାଗ ଓ ସନ୍ୟାସୀ ଜୀବନ ଯାପନ ସେମାନଙ୍କ ଉଚ୍ଚକୋଟୀର ଆଧ୍ୟାତ୍ମିକ ମୂଲ୍ୟବୋଧର ଦୃଷ୍ଟାନ୍ତ । ରାମକୃଷ୍ଣ ପରମହଂସଙ୍କ ଛାୟାରେ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ବିବେକାନନ୍ଦଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା । ମହର୍ଷି ଅରବିନ୍ଦ, ମହାତ୍ମାଗାନ୍ଧୀ, ରବିନ୍ଦ୍ରନାଥ ଟେଗୋର ଆଦି ମହାନ ବିଭୁତିଗଣ ଆଧ୍ୟାତ୍ମିକତାକୁ ହିଁ ମୂଲ୍ୟ ଶିକ୍ଷାର ସ୍ରୋତ ବୋଲି କହିଛନ୍ତି ।

ବର୍ତ୍ତମାନ ଶିକ୍ଷା ପ୍ରଣାଳୀ ବିଦେଶୀ ଶାସକମାନଙ୍କ ଦାନ । ଭାରତରେ ଇଂରେଜ ଶାସନକୁ ସୁଚାରୁ ରୂପେ ଚଳାଇବା ପାଇଁ ଲର୍ଡ ମ୍ୟାକଲେ କିରାଣୀ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଯେଉଁ ଶିକ୍ଷା ପ୍ରଣାଳୀ ପ୍ରଚଳନ କରିଥିଲେ ତାହା ଆଜି ପର୍ଯ୍ୟନ୍ତ ସ୍ୱାଧୀନ ଭାରତର ସରକାରମାନଙ୍କ ଦ୍ୱାରା ଅନୁସୃତ ହୋଇ ଆସୁଛି । ବିଡ଼ମ୍ବନା ଏହି ଯେ ଆଜି ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତି ଆଧାରିତ ଶିକ୍ଷା ପ୍ରଣାଳୀର ବିକାଶ ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ଅବଧି ସତ୍ତ୍ୱେ ମଧ୍ୟ ହୋଇପାରିନାହିଁ । ସ୍ୱାଧୀନତା ପ୍ରାପ୍ତି ପରେ ରାଧାକୃଷ୍ଣ କମିଶନ, କୋଠରୀ କମିଶନ, ରାଜୀବ ଗାନ୍ଧୀଙ୍କ (ନୂତନ ଶିକ୍ଷାନୀତି) ଇତ୍ୟାଦି ଦ୍ୱାରା ନୈତିକ ଶିକ୍ଷା ଓ ଯୋଗ

Download Magazine from www.aahwaan.com

ଶିକ୍ଷା ପାଇଁ ଅନେକ ପ୍ରସ୍ତାବ ଦିଆଯାଇଥିଲା । ଏଥିପାଇଁ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହା ସତ୍ତ୍ୱେ ମଧ୍ୟ ଚରିତ୍ରବାନ ଓ ମୂଲ୍ୟ ନିଷ୍ଠ ଯୁବାପିଢ଼ିର ଗଠନ ହୋଇପାରି ନାହିଁ ।

ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରତିବର୍ଷ ସହସ୍ରାଧିକ ଡ଼ିଗ୍ରୀଧାରୀ ସୃଷ୍ଟି କରୁଛନ୍ତି, ପରନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ଚରିତ୍ରବାନ୍, ପ୍ରାମାଣିକ, ନିଷ୍ଠାବାନ, ସେବାଭାବାପନ୍ନ ଓ ପରପୋକାରୀ ଛାତ୍ର ଦେଖାଯାନ୍ତି ? ବର୍ତ୍ତମାନର ଶିକ୍ଷା ପ୍ରଣାଳୀର ସମ୍ବନ୍ଧ ଡିଗ୍ରୀ ଓ ଚାକିରୀ ସହିତ ନିବିଡ଼ ହୋଇଥିବା କାରଣରୁ ଜୀବନ ପ୍ରଣାଳୀ ସହିତ ମୂଲ୍ୟଗୁଡ଼ିକର ସମ୍ବନ୍ଧ ବିଚ୍ଛେଦ ହୋଇଯାଇଛି । ଏହାହିଁ ସମାଜରେ ଦିନକୁ ଦିନ ବୃଦ୍ଧି ପାଉଥିବା କଳହ, କ୍ଳେଶ ଓ ଅଶାନ୍ତିର ମୂଳ କାରଣ ।

ବର୍ତ୍ତମାନର ଯୁବ ପିଢ଼ି ପାଇଁ ଦେଶ କିମ୍ବା ଶିକ୍ଷା ନିକଟରେ କୌଣସି ପ୍ରେରଣାଦାୟୀ ଧ୍ୟେୟ ନାହିଁ । ସେଥିପାଇଁ ଆଜିର ପିଢ଼ି ହତାଶ ଓ ଦିଗହରା । ଆଜିର ଶିକ୍ଷା ଆମ ସଂସ୍କୃତିର ମୂଳ ତତ୍ତ୍ୱରୁ ବିଚ୍ଛିନ୍ନ । ପ୍ରାଚୀନ ଧର୍ମ ଓ ବିଦ୍ୟା ବିଲୁପ୍ତ । ଭୋଗ ପ୍ରଧାନ ପାଶ୍ଚାତ୍ୟ ସଂସ୍କୃତିର ମାୟାବୀ ଆକର୍ଷଣରେ ନୂତନ ପିଢ଼ି ବିମୋହିତ । ୧୯୪୭ମସିହା ପୂର୍ବରୁ ମହାତ୍ମାଗାନ୍ଧିଜୀ ସମଗ୍ର ଦେଶକୁ ସ୍ୱତନ୍ତ୍ରତାର ଧ୍ୟେୟ ପ୍ରଦାନ କରିବା ସହିତ ମାର୍ଗ ଦର୍ଶକର ଭୂମିକା ନିର୍ବାହ କରିଥିଲେ । ଆଜି ସେପରି ବଳିଷ୍ଠ ଓ ମୂଲ୍ୟବାନ ନେତୃତ୍ୱ ଦୃଷ୍ଟିଗୋଚର ହୁଏ ନାହିଁ । ରାଜନୀତି, ଧର୍ମ, ଶିକ୍ଷା କ୍ଷେତ୍ରରେ ସଂପୃକ୍ତ ସ୍ୱକଥିତ ନେତାଗଣ ମୂଲ୍ୟ ବିହୀନ, ଧର୍ମଭ୍ରଷ୍ଟ ତଥା ଚରିତ୍ରହୀନ । ସେମାନେ କିପରି ଜନସାଧାରଣଙ୍କ ମାର୍ଗ ଦର୍ଶକ ହୋଇପାରିବେ ? ଏପରି ଏକ ଘଡି ସନ୍ଧି ମୁହୂର୍ତ୍ତରେ ଏକମାତ୍ର ଆଶାର କିରଣ ହେଉଛି ଶିକ୍ଷାକ୍ଷେତ୍ର ଅର୍ଥାତ୍ ବିଦ୍ୟାଳୟ । ଏହାକୁ ସରସ୍ୱତୀଙ୍କ ବାସସ୍ଥାନ କୁହାଯାଏ । ଏଠାରେ ପଢୁଥିବା ଛୋଟଛୋଟ କୋମଳମତି

 Download Magazine from www.aahwaan.com

ବାଳକ ବାଳିକାଗଣ ହେଲେ ଏକ ଏକ ପ୍ରଦୀପ ସ୍ୱରୂପ । ସେମାନଙ୍କ ଆତ୍ମାରୂପୀ ପ୍ରଦୀପକୁ ଉତ୍ତମ ବିଦ୍ୟା ଆଧ୍ୟାତ୍ମିକ ଶକ୍ତି ଓ ଜ୍ଞାନ ଦ୍ୱାରା ପ୍ରଜ୍ଜ୍ୱଳିତ କରାଇ ପାରିଲେ ଭାରତ ତା'ର ହୃତ୍ ଗୌରବ ଫେରି ପାଇ ପୁନଶ୍ଚ ବିଶ୍ୱଗୁରୁର ମର୍ଯ୍ୟାଦା ଲାଭ କରିବ । ଏଥିପାଇଁ ଶିକ୍ଷକଗଣ ମାର୍ଗଦର୍ଶକର ଭୂମିକା ତୁଲାଇବା ଉଚିତ । ସେମାନେ ସ୍ୱୟଂ ମୂଲ୍ୟନିଷ୍ଠ ଓ ଆଧ୍ୟାତ୍ମିକ ଜୀବନ ଯାପନ କରି ବିଦ୍ୟାର୍ଥୀମାନଙ୍କୁ ମୂଲ୍ୟ ଶିକ୍ଷା ପ୍ରଦାନ କଲେ ଅବଶ୍ୟ ତା'ର ପ୍ରଭାବ ପଡ଼ିବ ଓ ଭାରତରେ ସୁଖ ଶାନ୍ତି, ପବିତ୍ରତା ଓ ସମୃଦ୍ଧି ସମ୍ପନ୍ନ ଏକ ସୁଖମୟ ସମାଜର ସ୍ଥାପନା ବା ଗାନ୍ଧିଜୀଙ୍କ ପରିକଳ୍ପିତ ରାମ ରାଜ୍ୟର ସ୍ଥାପନା ସମ୍ଭବ ହୋଇପାରିବ ।

ସମ୍ପାଦକ, ଚେତନା ପ୍ରବାହ

Download Magazine from www.aahwaan.com

# ଶିକ୍ଷା, ଶିକ୍ଷକତା, ଶିକ୍ଷାୟତନ ଓ ସରକାର



ସୋସିଆଲ୍ ଫୋରମ୍ ଇଣ୍ଡିଆ

ପ୍ରାଥମିକ ଶିକ୍ଷା ମାନବ ସମାଜ ତଥା ରାଷ୍ଟ୍ରବିକାଶର ପ୍ରଥମ ସୋପାନ ଓ ମୂଳ ଦୂଆ । ବୈଜ୍ଞାନିକ ଗବେଷଣାତ୍ମକ, ସାମାଜିକ ଓ ମାନବିକ ତତ୍ତ୍ୱ ଜ୍ଞାନ ମନୁଷ୍ୟର ଜ୍ଞାନ ଓ ଚତୁରତାର ବିସ୍ତାର ବିକାଶ କରିଥାଏ । ତେଣୁ ଅତ୍ୟାଧୁନିକ ମାନବ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରି ସମୟ ସହିତ ତାଳ ଦେଇ ଚାଲିଲେ ହିଁ ମାନବ ଜାତି ତଥା ରାଷ୍ଟ୍ରର ବିକାଶ ସମ୍ଭବ । ପ୍ରଗତିଶୀଳ ରାଷ୍ଟ୍ର ଗୁଡ଼ିକ ଶିକ୍ଷା ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଜାପାନ ଭଳି ଦେଶରେ କୌଣସି ପ୍ରଶାସନିକ ସେବାଧିକାରୀ ଅପେକ୍ଷା ଶିକ୍ଷକତା କରୁଥିବା ବ୍ୟକ୍ତିଙ୍କ ସାମାଜିକ ସମ୍ମାନ ଅଧିକ ଏବଂ ଶିକ୍ଷକ ସେବାଯୁକ୍ତ ବ୍ୟକ୍ତିଚୟନ ପାଇଁ ସବୁଠାରୁ ଗୁରୁଦାୟିତ୍ୱର ସହ ପରୀକ୍ଷା କରାଯାଇଥାଏ । କାରଣ ଶିକ୍ଷିତ ତଥା ଜ୍ଞାନୀ ସୃଷ୍ଟି କରାଯିବା କାରଖାନା ଅର୍ଥାତ ଶିକ୍ଷାଳୟର ପୃଷ୍ଠପୋଷକତା କରୁଥିବା ବ୍ୟକ୍ତି ଯଦି ଉଚ୍ଚଶିକ୍ଷିତ ତଥା ଜ୍ଞାନୀ ହୋଇନଥିବ ତା ହେଲେ ସେ ଅନ୍ୟଜଣକୁ ପରିମାର୍ଜିତ କରି କିପରି ଶିକ୍ଷିତ କରିବାରେ ସମର୍ଥ ହୋଇପାରିବ ? ଅର୍ଥାତ ଯଦି ବାଲ୍ୟତ ସମୟରୁ ଶିକ୍ଷାର୍ଥୀମାନଙ୍କୁ ଉପଯୁକ୍ତ ରାସ୍ତାରେ ଶିକ୍ଷା ଦିଆନଯାଏ, ପିଲାଟିର ବୟସ ବଢ଼ିବା ସାଙ୍ଗକୁ ସମାନ୍ତରାଳ ଭାବରେ ତାର ଉପଯୁକ୍ତ ଜ୍ଞାନ ଉଦୟ ନ ହୁଏ ତା ହେଲେ ସେ ପ୍ରାପ୍ତ ବୟସ୍କ ହେଲାବେଳକୁ ଆଉ ଉପଯୁକ୍ତ ଜ୍ଞାନ ଅର୍ଜନ କରିବାରେ ସମର୍ଥ ହୋଇ ପାରିବ ନାହିଁ । ଅତଏବ ଶିକ୍ଷକତା କରୁଥିବା ବ୍ୟକ୍ତି ଉଚ୍ଚକୋଟୀର ଜ୍ଞାନସମ୍ପର୍ନ୍ନ ହୋଇଥିବା ଅତ୍ୟନ୍ତ ଆବଶ୍ୟକ ବୋଲି ବିଚାରକୁ ନିଆଯିବା ଅତ୍ୟନ୍ତ ଜରୁରୀ । ଯାହା ପ୍ରଗତିଶୀଳ ରାଷ୍ଟ୍ରମାନେ କରିଥାନ୍ତି ।

Download Magazine from www.aahwaan.com

କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ଆମ ଦେଶ ଭାରତବର୍ଷରେ ଠିକ୍ ତାହାର ଓଲଟା ଚିନ୍ତାଧାରାରେ ଆମେ ସମସ୍ତେ ଚାଲିଛେ । ଆମ ପୂର୍ବଜ ଶିକ୍ଷକ ତଥା ମୁନୀଋଷିମାନେ ପୂର୍ବକାଳେ କେବଳ ରାଜା ଓ ସମ୍ଭ୍ରାନ୍ତ ପରିବାରର ପିଲାମାନଙ୍କୁ ଶିକ୍ଷା ଦେଉଥିଲେ । ଅର୍ଥାତ ନିମ୍ନବର୍ଗର ପିଲାମାନେ ଶିକ୍ଷା ପାଇବାକୁ ବଞ୍ଚିତ ହୋଇ ସାରା ଜୀବନ ମୂର୍ଖ ହୋଇ ରହି ନିଜର କୌଳିକ ବୃତ୍ତି କରି ଜୀବନଯାପନ କରୁଥିଲେ । ତେଣୁ ଉନ୍ନତ, ଅନୁନ୍ନତ, ଉଚ୍ଚନୀଚ, ଜ୍ଞାନୀ ଅଜ୍ଞାନ, ଛୋଟବଡ଼ ଆଦି ସାମାଜିକ କୁସଂସ୍କାର ଭରପୁର ହୋଇ ରହିଥିଲା ଆମ ସମାଜରେ ।

ହିନ୍ଦୁ ସମାଜ ତଥା ମୋଗଲ ରାଜୁତି ସମୟମଧ୍ୟରେ ଭାରତରେ ଯେଉଁ ଶିକ୍ଷା ପଦ୍ଧତି ପ୍ରଚଳନ ଥିଲା ଇଂରେଜମାନଙ୍କ ଆଗମନ ପରେ ତାର ଏକ ଅଦ୍ଭୂତପୂର୍ବ ପରିବର୍ତ୍ତନ ଦେଖିବାକୁ ମିଳିଥିବା ଆମ ଦେଶରେ । ଇଂରେଜମାନେ ଭାରତରେ ଶାସନ କରିବା ପରବର୍ତ୍ତୀ ସମୟରେ ସେମାନଙ୍କ ଆବଶ୍ୟକୀୟ କର୍ମଚାରୀମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ପଶ୍ଚିମ ପଦ୍ଧରେ ଶିକ୍ଷା ଓ ଶିକ୍ଷାଳୟ ଆରମ୍ଭ କରିଥିଲେ । ତାହା ପରବର୍ତ୍ତୀ ସମୟରେ ଆମକୁ ଅଗ୍ରଗତିର ସୋପାନ ଆଡ଼କୁ ପଥପ୍ରଦର୍ଶନ କରିଥିଲା । ଏବଂ ଆମ ଦେଶର ସେହି ସ୍ବଳ୍ପର ବଂଶଧର ମାନେ ମଧ୍ୟ ପଶ୍ଚିମ ଶିକ୍ଷାପଦ୍ଧତିକୁ ଆପଣେଇ ନେଇଥିଲେ, ଯାହା ଏବେ ଆମକୁ ଅନେକ କିଛି ଶିଖାଇଛି । ହେଲେ ଅତ୍ୟନ୍ତ ପରିତାପର ବିଷୟ ଯେ ଆମେ ଏ ପର୍ଯ୍ୟନ୍ତ ସେମାନଙ୍କ ପରି ଆଗୁଆ ହୋଇ ପାରିନାହେଁ । ଏହା ପଛରେ କାରଣ କଣ ଥାଇପାରେ, ଟିକେ ସମୀକ୍ଷା କରି ଦେଖିଲେ ଯାହା ଜଣାଯାଏ;

ମନୁଷ୍ୟ ଶିକ୍ଷିତ ହେଲେ ଅନ୍ୟର ଅନୁଗାମୀ ନ ହୋଇ ବା ଆଉ କାହାକୁ ଅନୁସରଣ ନ କରି ନିଜେ ନିଜର ଜ୍ଞାନ ବୁଦ୍ଧିବଳରେ ବଞ୍ଚିବା ତଥା ସାମାଜିକ ରୀତିନୀତିକୁ ପରୀକ୍ଷା କରି

ନିଜ ବୁଦ୍ଧିରେ ଚାଲିବା ଶିଖିପାରେ । ଭଲମନ୍ଦ ବିଚାର କରି ଉପଯୁକ୍ତ ଅନୁପଯୁକ୍ତ ବାଛି ବିଚାରି ଜୀବନକୁ ସରଳୀକୃତ କରି ବଞ୍ଚିବାକୁ ଚେଷ୍ଟା କରେ । କାହାଦ୍ୱାର ଠକି ହୋଇଯିବା ତଥା ଅନ୍ଧଭାବରେ ଅନ୍ୟଜଣକୁ ସମର୍ଥନ କରି ତା ପଛରେ ଗୋଡ଼ାଇବାକୁ ଇଚ୍ଛା କରେନାହିଁ । ଏବଂ ନିଜ ଜୀବନ ତଥା ସମାଜର ମଙ୍ଗଳ ଦିଗରେ କାମ କରିବାକୁ ଉପଯୁକ୍ତ ବୁଦ୍ଧିରୁ ବିଚାରଶୀଳ ତଥ୍ୟ ପ୍ରୟୋଗ କରି କାମ କରିଥାଏ । ଯାହା ଆମେ ଶିକ୍ଷିତ ସଭ୍ୟ ସମାଜରୁ ଦେଖିବାକୁ ପାଉଛେ । ହେଲେ ଆଂଅ ଦେଶ ସ୍ୱାଧୀନ ହେବାପରେ କିଛି ମୁଷ୍ଟିମେୟ ବ୍ୟକ୍ତି ତତ୍କାଳୀନ ଅଜ୍ଞାନ ଲୋକଙ୍କ ଗହଣରେ ନିଜର ଚତୁରତାର ସୁଯୋଗ ନେଇ ସେମାନଙ୍କୁ ଶାସନ କରି ଆସୁଛନ୍ତି । ଗଣତନ୍ତ୍ର ନାମରେ ବାସ୍ତବିକ ରାଜତନ୍ତ୍ରଠାରୁ ଅଧିକ କଠୋର ନୀତି ପ୍ରୟୋଗ ପୂର୍ବକ ଦେଶକ ଶାସନ କରି ଲୋକମାନଙ୍କୁ ଅନ୍ଧକୂପ ମଧ୍ୟରେ ରଖି ସେଇଟା ହିଁ ସଂସାର ବୋଲି ପ୍ରଦର୍ଶନ କରୁଛନ୍ତି । ଆଦିକାଳରୁ ଏହି ପର୍ଯ୍ୟନ୍ତ ୫ ପ୍ରତିଶତ ଲୋକମଧ୍ୟ ପ୍ରକୃତ ଜ୍ଞାନ ବା ଚତୁରତାର ପରିସରଭୂକ୍ତ ହୋଇନହିଲେ ମଧ୍ୟ ବହୁ ସଂଖ୍ୟାରେ ଶିକ୍ଷିତ ସୃଷ୍ଟି କରାଯାଇ ପାରୁଥିବା ଅବାସ୍ତବ ତଥ୍ୟ ଚର୍ଚ୍ଚାକୁ ସମୀକ୍ଷା କଲେ ଆମ ଦେଶର ଶିକ୍ଷାବ୍ୟବସ୍ଥାର ପ୍ରକୃତ ରୂପରେଖ ପଦାକୁ ଆସିପାରିବ । ଶାସନ କ୍ଷମତାରେ ରହୁଥିବା ପ୍ରତ୍ୟେକ ସରକାରଙ୍କ ରାଜନୈତିକ ଦୃଷ୍ଟିକୋଣକୁ ସମୀକ୍ଷା କଲେ ସେମାନଙ୍କ କୌଶଳକୁ ଜାଣିହେବ ଯେ ଲୋକମାନେ ଅଜ୍ଞାନ ବା ଅଚତୁର ହୋଇ ରହିଲେ ଅନ୍ଧତ୍ୱ ହେତୁ ରାଜନୈତିକ ଲାଭ ଉଠାଇ ହେବ । କିନ୍ତୁ ସମସ୍ତେ ଯଦି ଜ୍ଞାନୀ ବା ଚତୁର ହୋଇଯିବେ ତା'ହେଲେ ରାଜନୈତିକ କେଳେଙ୍କାରୀଗ୍ରସ୍ତ କ୍ଷମତା ହାସଲ କରିବା କଷ୍ଟକର ହୋଇପଡ଼ିବ । ଅପର ପକ୍ଷରେ ଶିକ୍ଷା ଉପରେ ଗୁରୁତ୍ୱାରୋପ ହେଉନାହିଁ ବୋଲି ସମାଜରେ ଚର୍ଚ୍ଚା ହେଲେ ମଧ୍ୟ ରାଜନୈତିକ ଆଲୋଡ଼ନରେ ବାଧାସୃଷ୍ଟିକୁ ଏଡ଼ାଇ ଦିଆଯାଇ ପାରିବ

 Download Magazine from www.aahwaan.com

ନାହିଁ ବୋଲି ସେମାନଙ୍କ ଧ୍ୟାନ ଯଥେଷ୍ଟ ଅଧିକ । ଅତଏବ ସମସ୍ତଙ୍କୁ ଶିକ୍ଷିତ କରିବା ସରକାରଙ୍କ ଲକ୍ଷ୍ୟ ବୋଲି କୁହେଳିକା ସୃଷ୍ଟି କରି ବାସ୍ତବ ଜ୍ଞାନରୁ ବଞ୍ଚିତ ରଖାଯାଇ ଅବାସ୍ତବ ପ୍ରମାଣପତ୍ର ପ୍ରଦାନପୂର୍ବକ ଅଜ୍ଞାନ ଅନ୍ଧ ଶିକ୍ଷିତ ସମାଜ ସୃଷ୍ଟି କରାଇ ସୁଖ୍ୟାତି ଅର୍ଜନ କରିବାରେ ଆମ ଦେଶ ଲୋକମାନଙ୍କ କୌଣସି ଆପତ୍ତି ଅଭିଯୋଗ ବଦଳରେ ଆନନ୍ଦ ବହୁତ ବେଶୀ । ଅର୍ଥାତ ପିଲାଟି କେତିକି ଚତୁର ହେଲା ବା ତା ଜୀବନ ବଞ୍ଚିବାର ପ୍ରଣାଳୀରେ କେତିକି ଆନନ୍ଦ ଉଠାଇ ପାରିବ ତାହା ସମୀକ୍ଷା କରିବାପାଇଁ ସେମାନଙ୍କ ନିଜ ବୁଦ୍ଧି ହିଁ ନାହିଁ ଯେହେତୁ ସେମାନେ ମଧ୍ୟ ଏହି ତତ୍ତ୍ୱରେ ଗଠିତ । ହେଲେ ପରିତାପର ବିଷୟ ଏହିକି ଯେ ଏତେ ବଡ଼ ଦେଶରେ ଅନେକ ଜ୍ଞାନୀ ଗୁଣୀ ବ୍ୟକ୍ତି ଥିଲେ ମଧ୍ୟ ଆମ ଦେଶର ଶିକ୍ଷା ପଦ୍ଧତିରେ କୌଣସି ପରିବର୍ତ୍ତନ ଆସିବା ନେଇ ସ୍ୱର ଉତ୍ତୋଳନ କରିପାରିବା ସେମାନଙ୍କ ପରିସରଭୁକ୍ତ ନୁହେଁ । ତେଣୁ ମିଥ୍ୟା ପ୍ରମାନପତ୍ରଟିଏ ପାଇ ଅଜ୍ଞାନତାର ଚରମ ସୀମାରେ ରହି ନିଜକୁ ଶିକ୍ଷିତ ବୋଲି ପ୍ରଚାର ପ୍ରସାର କରି ଅନ୍ଧ କୂପମଧ୍ୟରେ ଉବୁଟୁବୁ ହୋଇ ବଞ୍ଚିଥିବା ଲୋକଙ୍କ ସମଷ୍ଟି ବହୁତ ବେଶୀ । ଆଉ ଯେଉଁମାନେ ଆଦୌ ଶିକ୍ଷା ଅର୍ଜନ ନ କରି ପ୍ରମାଣପତ୍ରଟିଏ ସଂଗ୍ରହ କରିପାରନ୍ତି ନାହିଁ ସେମାନଙ୍କ କଥା କହିଲେ ନ ସରେ ।

ହେଲେ ବାସ୍ତବିକ ଆମ ଦେଶର ଶିକ୍ଷାପଦ୍ଧତିରେ ରହିଥିବା କୁସଂସ୍କାର ତଥା ଶିକ୍ଷାୟତନ ଗୁଡ଼ିକର ପରିସୀମାକୁ ଅନୁଶୀଳନ କଲେ ଜାଣିହେବ ଯେ ଆଂଅ ଦେଶରେ କେମିତି ଜାଣିଶୁଣି ଲୋକଙ୍କୁ ଭୁଆଁ ବୁଲାଇ ଅନ୍ଧାରରେ ରଖି ଶିକ୍ଷା ବ୍ୟବସ୍ଥା ଚାଲେ । ଉଦାହରଣ ସ୍ୱରୂପ, ଆମ ଦେଶର ଶିକ୍ଷକ ଚୟନ ପଦ୍ଧତିକୁ ବ୍ୟାଖ୍ୟା କଲେ ଜାଣି ହେଉଛି ଯେ ଶିକ୍ଷା ଶେଷରେ ପିଲାଟିକୁ କୌଣସି କ୍ଷେତ୍ରରେ ଜାଗାଟିଏ ନ ମିଳିଲେ ଶିକ୍ଷକତାକୁ ଆପଣେଇ ନେଇଥାନ୍ତି ନୂତନ ପୀଢ଼ି । ଆଉ ସେଇ ମାନଙ୍କର ସାମାଜିକ ସମ୍ମାନ ଅପ୍ରାକୃତିକ । ସମାଜର

 Download Magazine from www.aahwaan.com

ସବୁଠାରୁ ପଛୁଆ ଶ୍ରେଣୀର ପିଲାମାନେ ଯଦି ଶିକ୍ଷକତାକୁ ଆପଣେଇ ନିଅନ୍ତି ଯାହାକୁ ସରକାର ଶିକ୍ଷକ ରୂପେ ବିନା ଦ୍ୱିଧାରେ ଗ୍ରହଣ କରିଥାନ୍ତି । ଗୋଟି ଗୋଟି କରି ସମସ୍ତ ଶିକ୍ଷକମାନଙ୍କୁ ଯଦି ଜାପାନୀପଦ୍ଧତି ଦ୍ୱାରା ପରୀକ୍ଷା କରାଯିବ ହୁଏତ ନବେ ପ୍ରତିଶତ ଶିକ୍ଷକ ଉକ୍ତ ସ୍ଥାନରେ ରହିବାପାଇଁ ଅଯୋଗ୍ୟ ବିବେଚିତ ହୋଇପଡ଼ିବେ । ହେଲେ ଦେଶର ଶିକ୍ଷକମାନେ ଯଦି ଅସମର୍ଥ ଅଜ୍ଞାନ ହେବେ ତା ହେଲେ ଶିକ୍ଷା ବ୍ୟବସ୍ଥାର ସୁଧାର ଆସିପାରିବ ନା ଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ତଥା ଜ୍ଞାନ ମିଳିପାରିବ ? ଦ୍ୱିତୀୟତଃ ଉକ୍ତ ଶିକ୍ଷକମାନଙ୍କ ଉପଯୁକ୍ତ ଜ୍ଞାନ ଅଭାବରୁ ଅନେକ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କର ପରୀକ୍ଷା ଉତ୍ତରପତ୍ରକୁ ନିରୀକ୍ଷଣ କରିବା ସାମର୍ଥ୍ୟ ନଥାଇ ଧାଡ଼ି ଗଣି ମୂଲ୍ୟାୟନ କରୁଥିବା ମଧ୍ୟ ପରିଲକ୍ଷିତ ହେଉଛି । ଫଳତଃ ଶିକ୍ଷାର୍ଥୀମାନଙ୍କର ଉପଯୁକ୍ତ ଜ୍ଞାନ ଉଦୟ ନ ହୋଇ ମଧ୍ୟ ମିଥ୍ୟା ପ୍ରମାଣ ପତ୍ରଟିଏ ପାଇ ନିଜକୁ ଶିକ୍ଷିତ ବୋଲି ଅବାସ୍ତବ କୁହେଳିକା ସୃଷ୍ଟିକରି ଜୀବନ ସାରା ଅନ୍ଧକୂପରେ ଉବୁଟୁବୁହୋଇ ଜୀବନଯାପନ କରିଥାଏ ଉକ୍ତ ମାନବ । ଅନ୍ୟ ପକ୍ଷରେ ସରକାରଙ୍କ ଅବାସ୍ତବ କୁହେଳିକାର ପ୍ରଚାର ଓ ଖ୍ୟାତି ଅର୍ଜନ ପୂର୍ବକ ପିଲାଟି ଉପଯୁକ୍ତ ଶିକ୍ଷା ଅର୍ଜନ କରିଥାଉ ବା ନ କରିଥାଉ ତାକୁ ଅନ୍ୟୁନ ଦଶ ଶ୍ରେଣୀ ପର୍ଯ୍ୟନ୍ତ ଅକୃତକାର୍ଯ୍ୟ ଘୋଷଣା କରାଯିବ ନାହିଁ ବୋଲି ଆଦେଶ ଦିଆଯାଇଛି ଶିକ୍ଷାୟତନ ମାନଙ୍କୁ ଯାହା ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷକମାନଙ୍କ ଅକୃତକାର୍ଯ୍ୟର ପ୍ରକୃତ ସ୍ୱରୂପକୁ ଅନ୍ଧାରରେ ରଖୁଛି ।

ଦଶମ ଶ୍ରେଣୀ ଯେ କୌଣସି ମତେ କୃତକାର୍ଯ୍ୟ ପ୍ରମାଣପତ୍ରଟିଏ ପାଇ କୌଣସି ଦେୟଯୁକ୍ତ ଘରୋଇ ଶିକ୍ଷାୟତନରେ ବିଭିନ୍ନ ଡିଗ୍ରୀ ହାସଲ ହୋଇପାରୁଛି ଦେୟର ପରିମାପକୁ ନେଇ । ଅତଏବ କହିବାକୁ ଗଲେ ସଂପୂର୍ଣ୍ଣରୂପେ ଏକ ପ୍ରକାର ଅଜ୍ଞାନ ସମାଜ ମିଥ୍ୟା ପ୍ରମାଣପତ୍ରଯୁକ୍ତ ଶିକ୍ଷିତଙ୍କୁ ନେଇ ଗଠିତ ଆମ ଦେଶ ଭାରତବର୍ଷ । ହେଲେ ତନ୍ମଧ୍ୟରୁ କିଛି

 Download Magazine from www.aahwaan.com

ଚାଲାକ ତଥା ଜ୍ଞାନୀ ସୃଷ୍ଟି ହୋଇଥାନ୍ତି କେବଳ ସେମାନଙ୍କ ପୂର୍ବଜଙ୍କ ଜିନ ବା ଗୁଣସୂତ୍ରଗତ ଚରିତ୍ରରୁ । ତା ଛଡ଼ା ସାମାଜିକ ତଥା ମାନବ ଚରିତ୍ରଗତ ଶୈକ୍ଷଣୀୟ ପରିବେଶ ଆଦୌ ନାହିଁ ଆମ ଦେଶରେ କହିଲେ ଅତ୍ୟୁକ୍ତି ହେବନାହିଁ । ଆହୁରି ଅନେକ ରାଜନୈତିକ ତଥା ସରକାରୀ ସୂତ୍ର ଗୁଡ଼ିକ ଅନୁଶୀଳନ କରି ପରୀକ୍ଷା କଲେ ଜାଣିହୁଏ ଯେ, ସାମାଜିକ ଶିକ୍ଷା ବ୍ୟବସ୍ଥାରେ ସୁଧାର ନିମିତ୍ତ ସରକାରଙ୍କ ଦ୍ୱାରା ଅନେକ ଟିକସ ଆଦାୟ ହୋଇଥାଏ । ଏବଂ ସେହି ଟିକସ ଅର୍ଥକୁ ବିଭିନ୍ନ ସୂତ୍ରରେ ବିତରଣ କରାଯାଉଛି ସରକାରୀ ବିଦ୍ୟାଳୟଗୁଡ଼ିକୁ ଯାହାର କୌଣସି ପ୍ରକାର ଦକ୍ଷ ତଥା କଡ଼ାକଡ଼ି ତଦାରଖ ସରକାଙ୍କ ଦ୍ୱାରା କରାଯାଇ ନଥାଏ । ଅତଏବ ଅବାସ୍ତବ ତଥା ଅଧରକାରୀ କିଛି ବସ୍ତୁରେ ବିନିଯୋଗ ପୂର୍ବକ ଶିକ୍ଷାର ବିକାଶ ଦିଗରେ ଉପଯୋଗ ହୋଇପାରିବା ଭଳି ଆଖିଦୃଶିଆ ବିକାଶ ମୂଳକ କାର୍ଯ୍ୟରେ ନ ଲାଗି ଅନେକ ସମୟରେ ଏହି ଅର୍ଥର ବାଟମାରଣା ଅନେକ କ୍ଷେତ୍ରରେ ପରିଲକ୍ଷିତ ହେଉଅଛି ଯାହା ସରକାରଙ୍କ ଦୃଷ୍ଟିଗୋଚର ହେଉନାହିଁ । କିମ୍ବା ସରକାର ସେଥିପ୍ରତି ତତ୍ପର ନଥିବା ମଧ୍ୟ ଅନେକ ସମୟରେ ପରିଲକ୍ଷିତ ହୋଇଥାଏ । ତେଣୁ ବିଭାଗୀୟ ଅଧିକାରୀମାନେ ମଧ୍ୟ ଶିକ୍ଷା ତଥା ଶିକ୍ଷାୟତନର ଉନ୍ନତିକୁ ଅଣଦେଖା କରି ନିଜ ସ୍ୱାର୍ଥ ହାସଲ ପୂର୍ବକ ଅନେକ କେଳେଙ୍କାରୀରେ ଲିପ୍ତଥିବା କଥାକୁ ଏଡ଼ାଇ ଦିଆଯାଇ ପାରିବନାହିଁ ।

ତେଣୁ ଆମ ଦେଶରେ ଶିକ୍ଷା, ଶିକ୍ଷକତା, ଶିକ୍ଷାୟତନ, ତଥା ଶିକ୍ଷା ବିଭାଗରେ ସାଂଘାତିକ ସଂସ୍କାର ତଥା ପରିବର୍ତ୍ତନ ନ ଆସିଲେ ଆମେ ଭାରତବାସୀ ଆସନ୍ତା କେବେହେଲେ ଅନ୍ୟ ବିକାଶଶୀଳ ରାଷ୍ଟ୍ରମାନଙ୍କ ଆଗରେ ସମକକ୍ଷ ହୋଇପାରିବା ନାହିଁ ବୋଲି କହିବା ଅଯୌକ୍ତିକ ହେବନାହିଁ । ହେଲେ ସଚେତନ ନାଗରିକ ବୃନ୍ଦ ଏକତ୍ରିତ ହୋଇ ସମାଜ ସେବା ତଥା ସୁରକ୍ଷା ହେତୁ ଶିକ୍ଷାକୁ ପ୍ରାଧାନ୍ୟତା ଦେଇ ସମସ୍ତ ଜନମଙ୍ଗଳ

 Download Magazine from www.aahwaan.com

ଉଦ୍ଦେଶ୍ୟରେ ଏକ ବଡ଼ଧରଣର ଆନ୍ଦୋଳନାତ୍ମକ ପରିବର୍ତ୍ତନ ଦିଗରେ କାମ ନ କଲେ ଆମ ଆସନ୍ତା ପୀଢ଼ି ଅନ୍ୟ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆଗରେ ସଦାସର୍ବଦା ନ୍ୟୁନ ହୋଇ ରହିବା ସହିତ ଆଗକୁ କେବେ ହେଲେ ପୁନର୍ବାର ପରାଧୀନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ । ତେଣୁ ହେ ସଭ୍ୟ ସମାଜ ଆସନ୍ତୁ ସମସ୍ତେ ମିଶି ଏହି ଶିକ୍ଷା ଆନ୍ଦୋଳନକୁ ସଜାଗକରି ନୂତନ ପୀଢ଼ିଙ୍କ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟକରିବା ବୋଲି ଆମର ଆହ୍ୱାନ । ଅଧିକ ଜାଣିବାପାଇଁ ଆମ ସହ ଯୋଗାଯୋଗ କରିପାରିବେ ।

[ଆମ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ଆହୁରି ଅନେକ ତଥ୍ୟ ପ୍ରକାଶ ପାଇବ ଆସନ୍ତା ସଂସ୍କରଣରେ !]

ସୋସିଆଲ ଫୋରମ୍ ଇଣ୍ଡିଆ, ଛତ୍ରପୁର

ଗଞ୍ଜାମ ଜିଲ୍ଲା, ଓଡ଼ିଶା, ୭୬୧୦୨୦

ଇମେଲ୍ : socialforum.org.in@gmail.com

ଫେସବୁକ୍ ପୃଷ୍ଠା : Social Reformation

Download Magazine from www.aahwaan.com

# ମୁଁ ଅର୍କକ୍ଷେତ୍ର



ମମତା ଦାଶ

ମୁଁ ଅର୍କକ୍ଷେତ୍ର କୋଣାର୍କ, କେଉଁ ଆବାହମାନ କାଳରୁ ଏଠି ଥୁଣ୍ଟା ବରଗଛ ପରି ଆକାଶକୁ ଚାହିଁ ରହିଛି । ମୁଁ ଏବଂ ମୋର ନାମ ସୂର୍ଯ୍ୟ ଦେବତାଙ୍କୁ ସମର୍ପିତ । ସୂର୍ଯ୍ୟ ଦେବତାଙ୍କ ରଥ ସଦୃଶ ମୋତେ ଏକ ବିରାଟ ଭବ୍ୟ ଭବନରେ ପରିଣତ କରାଯାଇଛି । ମଧ୍ୟକାଳୀନ ଓଡିଶା ବାସ୍ତୁ କଳାର ଅନୋଖା ନମୁନା ମୁଁ ଏବଂ ଭାରତ ବର୍ଷର ପ୍ରସିଦ୍ଧ ତୀର୍ଥସ୍ଥଳୀ ମଧ୍ୟରୁ ଅନ୍ୟତମ । କେତେବେଳେ ମୁଁ ସୂର୍ଯ୍ୟ ଉପସନାର ପ୍ରଧାନ ପୀଠ ଥିଲି । ମୋ ଠାରୁ କିଛି ଦୂରରେ ଅବସ୍ଥିତ ଚନ୍ଦ୍ରଭାଗା ନଦୀ କୂଳରେ ପ୍ରଭୂ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ବାରବର୍ଷ ତପସ୍ୟା କରି ସୂର୍ଯ୍ୟ ଦେବତାଙ୍କ ପ୍ରସନ୍ନ କ୍ରମେ କୁଷ୍ଠ ରୋଗରୁ ମୁକ୍ତି ପାଇଥିଲେ । ସୂର୍ଯ୍ୟଦେବ, ଯିଏ କି ସମସ୍ତ ରୋଗର ବିନାଶକ ରୂପେ ପରିଚିତ, ତାଙ୍କରି ସମ୍ମାନ କ୍ରମେ



Download Magazine from www.aahwaan.com

ଶାମ୍ବ ଏକ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିବାରେ ନିର୍ଣ୍ଣୟ ନେଇଥିଲେ । ରୋଗନାଶ ପରେ ଚନ୍ଦ୍ରଭାଗା ନଦୀରେ ସ୍ନାନ କରିବା ସମୟରେ ତାଙ୍କୁ ଏକ ସୂର୍ଯ୍ୟ ଦେବତାଙ୍କ ମୂର୍ତ୍ତି ମିଳିଥିଲା । କିମ୍ବଦନ୍ତୀରେ ଅଛି, ସୂର୍ଯ୍ୟଦେବଙ୍କ କିଛି ଅଂଶକୁ ନେଇ ଦେବ ଶିଳ୍ପୀ ବିଶ୍ୱକର୍ମା ଏହାର ନିର୍ମାଣ କରିଥିଲେ । ଶାମ୍ବ ଏହି ମୂର୍ତ୍ତିକୁ ନେଇ "ମିତ୍ରବନ"ରେ ଏକ ମନ୍ଦିର ନିର୍ମାଣ କରି ଏହାର ପୂଜା-ଅର୍ଚ୍ଚନା କରିଥିଲେ । ତେବେଠାରୁ ଏହି ସ୍ଥାନକୁ ପବିତ୍ର ମାନି "ଚନ୍ଦ୍ରଭାଗା ବୁଡ"ରେ ପରିଣତ କରାଯାଇଛି ।

ହଁ....ମୁଁ ଦେଖୁଛି..... ଏଇଠି ଠିଆ ହୋଇ ମୁଣ୍ଡଟେକି ଦେଖୁଛି । ସବୁ ଦେଖୁଛି.... । ପ୍ରତି ବର୍ଷ ଅନେକ ଶ୍ରଦ୍ଧାଳୁ ଏଇଠାକୁ ଆସି ଚନ୍ଦ୍ରଭାଗା ବୁଡ ପକାନ୍ତି । କିନ୍ତୁ ମୁଁ...... ଓଡିଶାର ଐତିହ ଏଠି କ'ଣ ପାଇଁ ଠିଆହୋଇଛି ? ମୋର ନିର୍ମାଣ ପାଇଁ ଓଡିଶାର ଗଙ୍ଗ ବଂଶର ରାଜା ନରସିଂହ ଦେବ (ପ୍ରଥମ) ନିସ୍ପତି ନେଇଥିଲେ । ବାରଶହ ବଢେଇ ଏବଂ ବାସ୍ତୁକାରଙ୍କୁ ମୋ ନିର୍ମାଣ କାର୍ଯ୍ୟରେ ଲଗା ଯାଇଥିଲା । ଓ......ହୋ......କି କଷ୍ଟ...... । ବାରଶହ ବଢେଇ ମୋ ଶରୀରକୁ ବାରବର୍ଷ ଧରି ପ୍ରତିଦିନ ହାଣି, ଛେଦି ମୋ ଦେହରେ ଟିକି-ନିଖି କାରିଗରି କରି ଏକ ସ୍ୱତନ୍ତ୍ର ରୂପ ଦେଇ ଐତିହ ବନେଇବାରେ ଲାଗି ପଡିଥିଲେ । ମୁଁ ସବୁ କଷ୍ଟ ଚୁପ୍......ଚାପ୍...... ସହି ଯାଇଥିଲି । ଭାବିଥିଲି ରାଜାଙ୍କୁ ଖୁସି କରିବି । ଓଡିଶାର ଐତିହ ଏବଂ ଗୌରବ ହେବି ।

ଆରେ....... ଏ....... କ'ଣ ! ରାଜାଙ୍କ ଆଦେଶ-ସମୟ ନିର୍ଧାରଣ । ଉପଯୁକ୍ତ ସମୟରେ କାର୍ଯ୍ୟ ସମାପ୍ତ କରିବାକୁ ହେବ । ନଚେତ୍ ବାରଶହ ବଢେଇଙ୍କର ମୁଣ୍ଡକାଟ ଆଦେଶ । ମୁଖ୍ୟ କାରୀଗର ବିସୁ ମହାରଣାର ଚିନ୍ତା ଦେଖି ମୁଁ ହତାଶ ହୋଇପଡିଥିଲି । ବିସୁ ବାର ବର୍ଷ ପୂର୍ବରୁ ତା ଘର ଛାଡି ମୋ କାର୍ଯ୍ୟରେ ଲିପ୍ତ ଥିଲା । ତାର ପୁତ୍ର "ଧର୍ମପଦ"ର ମୁଖମଣ୍ଡଳ ଦର୍ଶନରୁ ବଞ୍ଚିତ ଥିଲା । ଏପଟେ ଧର୍ମପଦ ମଧ୍ୟ ତାର ପିତାଙ୍କୁ ଖୋଜି-ଖୋଜି ଠିକ୍ ଏହି

Download Magazine from www.aahwaan.com

ହତାଶାର ସମୟରେ ଉପସ୍ଥିତ ହୋଇଯାଇଥିଲା ତା ପିତା ବିସୁ ମହାରଣା ସମ୍ମୁଖରେ ।

ବାର ବର୍ଷର ଛୁଆ ସେ । କି......ସୁନ୍ଦର ମୁଖ ! ଜଳ-ଜଳ ଉଜ୍ଜ୍ୱଳ ଆଖିରେ ଅନେକ ସ୍ୱପ୍ନ । ହଁ.....ମୁଁ ଦେଖିଥିଲି-ତା ଆଖିରେ କିଛି ଚମତ୍କାର କରିବାର ଶକ୍ତି ମୁଁ ଦେଖିଥିଲି...... ।

ପିତାଙ୍କୁ ବାଡି ବରକୋଳି ଖୁଆଇ ଦେଇ ଶୁନଶାନ୍ ନିର୍ଜନ ରାତ୍ରିର ନିର୍ଜନତାରେ ମୋର ମୁଣ୍ଡି ମାରି ସମୁଦ୍ର କୋଳକୁ ଡେଇଁ ପଡିଥିଲା ସେ...... ।

ଓ.......ହୋ....... ସାଗରର କି ଭୟଙ୍କର ଗର୍ଜନ ସେ ଦିନ । ମୋ କାନକୁ ସ୍ତବ୍ଧ କରିଦେଉଥାଏ । ଦେଖୁ ଦେଖୁ ଧର୍ମପଦକୁ ତାର କୋଳକୁ ଟାଣିନେଲା ସେ । ମୁଁ ଚାହିଁ ମଧ୍ୟ ତାର ରକ୍ଷା କରି ପାରିଲି ନାହିଁ । “ଅବଶୋଷ........” । ମୋ ହାତରେ କିଛି ନଥିଲା । ମୁଁ ତ ପାଷାଣ......ମୁଁ ତ ପଥର । ସେଇଥିପାଇଁ ତ ମୋତେ ଏମାନେ ଏତେ କଷ୍ଟ ଦେଉଛନ୍ତି । ପିଲାଟା ବି ବାରଶହ ବଢେଇଙ୍କ ରକ୍ଷା ଉଦ୍ଦେଶ୍ୟରେ ତାର ଜୀବନକୁ ହୋମ କରିଦେଲା । ଆଃ...... ! ଏତେ କମ ବୟସରେ ଏତେ ବୁଦ୍ଧିମାନ ! ସବୁ ଦେଖିଛି.......ମୁଁ ସବୁ ଦେଖିଛି....... ଚୁପ୍-ଚାପ୍ ସବୁ ଦେଖିଛି ।

ମୋର ସମ୍ପୂର୍ଣ୍ଣ ରୂପ ଦେଖି ରାଜା ବହୁତ ଖୁସି ହୋଇଥିଲେ । କୁଶଳ କାରୀଗରଙ୍କ ଉତକୃଷ୍ଟ କାରୀଗରି, ସ୍ଥାପତ୍ୟ କଳା ଏବଂ ବୈଭବ ପୂର୍ଣ୍ଣ କାର୍ଯ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଉଥିଲା । ମୋର ଅଦ୍ୱିତୀୟ ସୁନ୍ଦରତା, ଅନେକ ଶିଳ୍ପ ଆକୃତି, ଦେବତାଙ୍କ ଦରବାରର ଛବି, ମାନବ ବାଦ୍ୟକାରଙ୍କ ଛବି, ଶିକାର କରିବାର ଦୃଶ୍ୟ, ଯୁଦ୍ଧ ଯାତ୍ରାର ଦୃଶ୍ୟ, ନର୍ତକୀ ମାନଙ୍କର ନୃତ୍ୟ ଶୈଳିର ଦୃଶ୍ୟ ଏହିପରି ଅନେକ ଆକର୍ଷକ ଏବଂ ଯଥାର୍ଥବାଦର ସଂଗମ ମୋ ଶରୀରରେ ଏବେ ବି ମୁଁ ଧରି ରଖିଛି । ଓଡିଶା ଶିଳ୍ପକଳାର ଅଦ୍ୱିତୀୟ ଆକର୍ଷଣର କେନ୍ଦ୍ର ରୁପରେ ପରିଚିତ ମୁଁ । ମନୁଷ୍ୟ, ପଶୁ, ପକ୍ଷୀ, ଦେବତା, ଗନ୍ଧର୍ବ ସମସ୍ତଙ୍କ ଜୀବନ ଉପରେ ଆଧାରିତ ଛବିକୁ ମୁଁ ମୋ ଦେହରେ ଆଜିବି ସାଇତି ରଖିଛି । ମୁଁ ଖାଲି ମୋ

Download Magazine from www.aahwaan.com

ବାସ୍ତୁକଳା, ଭବ୍ୟତା, ଶିଳ୍ପକଳାର ଗୁନ୍ଥନ ପାଇଁ ପ୍ରସିଦ୍ଧ ନଥିଲି, ମୁଁ କଳିଙ୍ଗ ବାସ୍ତୁକଳାର ଉପଲବ୍ଧିର ଅନ୍ୟତମ କେନ୍ଦ୍ରବିନ୍ଦୁ ଥିଲି ଯାହାର ଭବ୍ୟତା, ଉଲ୍ଲାସ ଏବଂ ଜୀବନର ସମସ୍ତ ପକ୍ଷର ଅନୋଖା ତାଳ-ମେଳର ଗୁନ୍ଥନକୁ ଏବେ ମଧ୍ୟ ମୁଁ ପ୍ରଦର୍ଶିତ କରୁଛି ।

ମୋ ଦେହରେ ସୂର୍ଯ୍ୟଦେବଙ୍କର ଭବ୍ୟ ଯାତ୍ରାକୁ ପ୍ରଦର୍ଶିତ କରା ଯାଇଛି । ସୂର୍ଯ୍ୟଦେବଙ୍କ ତିନି ରୂପ, ବାଲ୍ୟାବସ୍ଥା (ଉଦିତ ସୂର୍ଯ୍ୟ), ଯୁବାବସ୍ଥା (ମଧ୍ୟାନ ସୂର୍ଯ୍ୟ) ଏବଂ ପୌଢ଼ାବସ୍ଥା (ଅସ୍ତ ସୂର୍ଯ୍ୟ) ମୋ ଦେହରେ ଅଙ୍କିତ ଅଛି ।

ଆରେ ! ଏ କାଳକୁ ଦେଖ । ଏ କ'ଣ ହେଲା....... । କାଳ ମୋତେ ଗ୍ରାସ କରିଦେଲା । ମୁଁ ମୋର ବାସ୍ତବିକ ରୂପକୁ ଧିରେ ଧିରେ ହରେଇ ଦେଉଛି । ମୋର ଜୀବନଦାୟିନୀ କିରଣ ସମସ୍ତ ବିଶ୍ୱକୁ ଉର୍ଜା, ତାପ ଏବଂ ତେଜ ଦେଉଥିବା ଭୁବନ-ଭାସ୍କର ସୂର୍ଯ୍ୟଙ୍କର ପ୍ରାଚୀନ ଅତ୍ୟନ୍ତ ଭବ୍ୟ ମନ୍ଦିରର ଭବ୍ୟତା, ବୈଭବ ଏବଂ ସମୃଦ୍ଧିକୁ ମୁଁ କ'ଣ ପାଇଁ ଅଧିକ ସମୟ ପର୍ଯ୍ୟନ୍ତ ଧରି ରଖି ପାରିଲି ନାହିଁ । ମୋର କ'ଣ ଭୁଲ ଥିଲା ? ମୁଁ ତ ବହୁତ କଷ୍ଟ ସହିଥିଲି । ସମସ୍ତେ ମୋ ଉପରେ ନିଜ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ମୋର ବା ଦୋଷ କ'ଣ....... ?

ଆରେ ....... ଏ କ'ଣ ! ଏ କଳାପାହାଡ କେଉଁଠୁ ଆସିଲା ? ମୁଁ ତାର କ'ଣ କ୍ଷତି କରିଥିଲି ? ଆରେ.......ଏ.......ତ.......ହିନ୍ଦୁ ଧର୍ମର ବିନାଶକ ରୂପରେ ପରିଚିତ । ମୁଁ ତ ହିନ୍ଦୁ ଧର୍ମର ଗର୍ବ । ସେ ମୋତେ ବି ଛାଡିଲା ନାହିଁ । ମୋର ବିଶାଳ ଶରୀର ଏବଂ ମୋଟା ପରତ ଯୋଗୁ ମୋର ବିଶେଷ କିଛି କ୍ଷତି କରିପାରି ନଥିଲା । କିନ୍ତୁ ରାଗରେ ଆସି ମୋର ଦଧିନଉତିକୁ ହଲେଇଦେଇ ପଳାଇଗଲା । ମୋ ପତନର ଏ ହେଉଛି ଏକ ମୁଖ୍ୟ କାରଣ । ସେଥିପାଇଁ ମୋ ମୁଖଶାଳାରୁ ମୁଁ ଧିରେ ଧିରେ କ୍ଷତିଗ୍ରସ୍ତ ହେବାରେ ଲାଗିଲି । ମୁଁ ସବୁ ଦେଖିଛି । କଷ୍ଟରେ ଥାଇ ବି ମୁଁ ଦେଖୁଥାଏ....... । ମା ରାମଚଣ୍ଡି କଳପାହାଡକୁ ଲୁଛି

 Download Magazine from www.aahwaan.com

ପଳାଇଗଲେ । ମା ତ ଜଗତ ଜନନୀ । ମା ଦେହରେ ହାତ ଲଗାଇ ପାରିଲା ନାହିଁ । ପୁରୀ ପଣ୍ଡାମାନେ ମଧ୍ୟ ଜଗନ୍ନାଥ ମନ୍ଦିରର ପବିତ୍ରତା ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ଜଗନ୍ନାଥଙ୍କୁ ଏକ ଗୁପ୍ତ ଯାଗାକୁ ନେଇଗଲେ । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ପୂଜାରୀମାନେ ମଧ୍ୟ ଭୋଳାନାଥଙ୍କ ରକ୍ଷା ଉଦ୍ଦେଶ୍ୟରେ ଗର୍ଭଗୃହରେ ନଡା, କୁଟା ଜମା କରି ଦେଇଥିଲେ । କଳାପାହାଡ ପୁରା ଚେଷ୍ଟା କରିଥିଲା ଭୋଳାନାଥଙ୍କୁ କ୍ଷତି ପହଞ୍ଚାଇବା ପାଇଁ । ଶେଷରେ ନିରାଶ ହୋଇ ନିଆଁ ଲଗାଇ ଦେଇଥିଲା କଳାପାହାଡ । ଭୟଙ୍କର ଅଗ୍ନିଜ୍ୱାଳାରେ ମହାଦେବଙ୍କର ଲିଙ୍ଗ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ଏ ସବୁ ମୁଁ ମୋ ନିଜ ଆଖିରେ ଦେଖିଅଛି ଏବଂ ସମସ୍ତ କଷ୍ଟକୁ ଅନୁଭବ କରିଅଛି ମଧ୍ୟ....... । ତଥାପି ମୁଁ ମୁଣ୍ଡଟେକି ରହିଥିଲି ।

"ଧର୍ମପଦ" – ବାର ବର୍ଷର ଛୁଆ ସେ । ମୋର ମୁଣ୍ଡି ମାରିବା ପାଇଁ ତାର ଜୀବନ ଦେଇ ଦେଇଥିଲା ସେ....... । କାଳକ୍ରମେ କ'ଣ ହେଲା ? ସେହି ପଥରକୁ କାଢିନେଲେ । କହିଲେ ଏହି ପଥରରେ ଚୁମ୍ବକୀୟ ଶକ୍ତି ଅଛି । ସମସ୍ତ ସାଗର ପୋତ ମୋ ଯୋଗୁ ଧ୍ୱଂସ ହୋଇ ଯାଉଅଛି । ନାବିକ ମାନେ ଏହା କହି ମୋର କେନ୍ଦ୍ରୀୟ ଶିଳାକୁ କାଢିନେଲେ ଯଦ୍ୱରା ମୋର ଶରୀରର ସମସ୍ତ ସନ୍ତୁଳନ ଧିରେ ଧିରେ କ୍ଷୀଣ ହେବାକୁ ଲାଗିଲା । ମୁଁ ଧ୍ୱଂସାବଶେଷ ଆଡକୁ ଗତି କରିବାକୁ ଲାଗିଲି । ତଥାପି ମୁଁ ବଞ୍ଚିଥିଲି....... । ଭାବିଲି ମୋ ମୁଣ୍ଡ ଖଣ୍ଡିଆ ହେଲେବି ମୁଁ ଏଇ ଖଣ୍ଡିଆ ମୁଣ୍ଡକୁ ଟେକି ଯେତେ କଷ୍ଟ ହେଉ ପଛେ ମୁଁ ରହିବି....... ନିଶ୍ଚୟ ରହିବି....... ।

ଆରେ....... ! ଏ ପୁଣି କ'ଣ ! ଜଣେ ମରାଠୀ ଯୋଦ୍ଧା ଆସି ମୋ ଅରୁଣ ସ୍ତମ୍ଭକୁ ଉଠାଇ ନେଇ ପୁରୀ ଜଗନ୍ନାଥ ମନ୍ଦିର ମୁଖଦ୍ୱାରରେ ସ୍ଥାପନା କରିଦେଲେ । ତଥାପି ମୁଁ କିଛି କହିନଥିଲି । ସମସ୍ତେ ନିଜ ନିଜର ମନମାନି କରିଥିଲେ । ଯିଏ ଯାହା ଚାହିଁଲା ମୋ ସାଙ୍ଗରେ

Download Magazine from www.aahwaan.com

ଅନ୍ୟାୟ କଲା । ମୁଁ ମୁଣ୍ଡପୋତି ସବୁ ସହି ଯାଉଥିଲି । କାରଣ ମୁଁ ଓଡିଶାର ଗର୍ବ ଓ ଗୌରବକୁ ବଞ୍ଚାଇ ରଖିବା ପାଇଁ ଚାହୁଁଥିଲି....... ।

ବର୍ତ୍ତମାନ ମୁଁ ମୋ ମୂଳ ସ୍ୱରୂପକୁ ହରାଇ ଦେଇଛି । କେତେବେଳେ ମୁଁ ସୂର୍ଯ୍ୟ ଦେବତାଙ୍କ ରଥକୁ ଟାଣୁଥିଲି । କିଛି ବିଦ୍ୱାନଙ୍କ ମତରେ ମୋର ଧ୍ୱଂସର କାରଣ ହେଉଛି ମୋର ବିଶାଳ ରୂପ ଏବଂ ବାସ୍ତୁ ଦୋଷର କାରଣ । ଆଉ କିଛି ବିଦ୍ୱାନ କହନ୍ତି, ମୁଁ କେତେବେଳେ ମୋ ପୂର୍ଣ୍ଣରୂପରେ ନଥିଲି । କିନ୍ତୁ "ଆଇନେ – ଇ – ଆକବରୀ" ରେ ଅବୁଲ୍ ଫଜଲ ମୋର କୀର୍ତ୍ତିକୁ ବର୍ଣ୍ଣନା କରି ଯାଇଛନ୍ତି । କିଏ କିଛି ବି କହୁ, ମୁଁ ହେଉଛି ମୁଁ.......

ମୁଁ ହେଉଛି ସୂର୍ଯ୍ୟ ଦେବତାଙ୍କର ରଥ, ଶକ୍ତିର ସ୍ତମ୍ଭ, ଆଶାର ପ୍ରତୀକ । ମୋର ଦେହରେ ଯୋଡା ହୋଇଥିବା ବାର ଯୋଡି ଚକ ହେଉଛି ବାର ମାସର ପ୍ରତୀକ । ମୋର ଏହି ଚକ ସମୟ ଚକ୍ରର ଗତିର ଦିଶାକୁ ନିର୍ଧାରିତ କରେ ।

ମୋର ଏହି ବାର ଯୋଡି ଚକକୁ ଟାଣିବା ପାଇଁ ସାତ ଯୋଡି ଘୋଡାକୁ ଯୋଚା ଚାଇଛି । ଏହି ସାତଟି ଘୋଡା ମୋର ସପ୍ତାହର ସାତ ଦିନର ପ୍ରତୀକ । ମୁଁ ସମୟର ଗତିକୁ ଦର୍ଶାଏ ଏବଂ ମୋତେ ସୂର୍ଯ୍ୟଦେବ ନିୟନ୍ତ୍ରିତ କରନ୍ତି । କ'ଣ ହେଲା ମୁଁ ଆଜି ଧ୍ୱଂସ ଆଡକୁ ଗତି କରୁଛି ? ମୋର ଚକ ସବୁ ଭାଙ୍ଗି-ରୁଜି ଗଲାଣି । ମୋର ଘୋଡା ମାନେ ଦୁର୍ବଳ ଏବଂ ନିସ୍ତେଜ ହୋଇ ଗଲେଣି । ମୁଁ ହେଉଛି ସୂର୍ଯ୍ୟଦେବଙ୍କ ରଥ, ଶକ୍ତିର ପ୍ରତୀକ । ମୋର ଏଇ ଚକ ଏବଂ ଘୋଡା ମୋର ଅସ୍ତିତ୍ୱ, ଦେଶର ଗର୍ବ । ମୁଁ ସେମାନଙ୍କୁ ପୁର୍ନଃଜୀବିତ କରିବି । ସେମାନଙ୍କ ମଧ୍ୟରେ ଶକ୍ତିର ସଞ୍ଚାର କରିବି । ସେମାନେ ମୋତେ ଟାଣି-ଟାଣି ନେଇ ମୋ ଲକ୍ଷସ୍ଥଳରେ ପହଞ୍ଚାଇବେ । ଏମାନେ ହେଉଛନ୍ତି ମୋ ଆଶାର ପ୍ରତୀକ, ମୋ ଭବିଷ୍ୟତର ମାର୍ଗ ଏବଂ ବର୍ତ୍ତମାନର ନବୀନ ଆକଳନ ପାଇଁ ମୋ ଆଖିରେ ନୂତନ ସ୍ୱପ୍ନ ସଜେଇ, ମୋତେ ନୂତନ ପଥ ଦେଖେଇ, ଟାଣି-ଟାଣି ନେଉଛନ୍ତି । କାରଣ ମୁଁ ଆଗାମୀ କାଲିର ସୁଗମ-ମାର୍ଗର

Download Magazine from www.aahwaan.com

ଦିଶାକୁ ଦର୍ଶେଇ ନୂତନ ଇତିହାସ ରଚନା କରିପାରିବି । ଇତିହାସର ନୂତନ ପୃଷ୍ଠାରେ ମୋର ଏହି ଦିଗବିଜୟୀ ଅଶ୍ୱ ମାନଙ୍କୁ ଦଉଡେଇ-ଦଉଡେଇ ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବି ।

ହଁ........ହଁ........ ନିଶ୍ଚୟ ଦଉଡିବେ, ମୋ ଅଶ୍ୱ ଦଉଡିବେ........

ମୁଁ ଏମିତି ମୋ ଭଙ୍ଗା ମୁଣ୍ଡକୁ ଟେକି ଗର୍ବରେ ଠିଆ ହୋଇଥିବି ।

ଏମିତି........ସବୁ ଦେଖୁଥିବି........ ସର୍ବଦା........ ଭୂତ ଏବଂ ଭବିଷ୍ୟତର ମୂକସାକ୍ଷୀପରି

– ମୁଁ ଅର୍କକ୍ଷେତ୍ର କୋଣାର୍କ ।

ଲକ୍ଷ୍ନୌ, ଉତ୍ତରପ୍ରଦେଶ


ଇମେଲ୍ : mamata.dash1234@gmail.com

 Download Magazine from www.aahwaan.com

# ଖଣ୍ଡଗିରି ଓ ଉଦୟଗିରି



ଶ୍ରୀ ବୈକୁଣ୍ଠନାଥ ଖଟୁଆ



ସ୍ଥାନମାନଙ୍କର ନାମକରଣ ଭୌଗୋଳିକ ସ୍ଥିତି, ସ୍ଥାନର ମାହାତ୍ମ୍ୟ ବା କୌଣସି ଲୋକର ନାମରେ ସ୍ଥାପନ କରାଯାଇଥାଏ । କିନ୍ତୁ ଖଣ୍ଡଗିରି ଓ ଉଦୟଗିରି ବିଭିନ୍ନ ସମୟରେ ବିଭିନ୍ନ ନାମକରଣ କରାଯାଇଛି । ଏହି ନାମଗୁଡ଼ିକ ଆମେ ବିଭିନ୍ନ ଉପାଦାନରୁ ପାଇଥାଉ । ଖଣ୍ଡଗିରି ଏକାମ୍ର କ୍ଷେତ୍ରର ପଶ୍ଚିମକୁ ଅବସ୍ଥିତ । ଏହାକୁ ମଧ୍ୟ ସ୍ୱର୍ଣ୍ଣାଦ୍ରି କହନ୍ତି । କେତେବେଳେ ଏହା କୃତିବାସ କ୍ଷେତ୍ର ତ ଆଉ କେତେବେଳେ ଭୁବନେଶ୍ୱର । ଏବେ ଭୁବନେଶ୍ୱର ରହି ରାଜଧାନୀ ନିର୍ମାଣ ହେବାରୁ ଏହାକୁ ସେହି ଭୁବନେଶ୍ୱର କହୁଛନ୍ତି । ଖଣ୍ଡଗିରି ପାହାଡ଼ର ଉଚ୍ଚତା ପ୍ରାୟ ୮୪ ମିଟର ବା ୨୮୦ଫୁଟ । ଏହାର ଆୟତନ ପ୍ରାୟ ୨୫ ବର୍ଗକିଲୋମିଟର । ପାହାଡ଼ର ପାଦଦେଶର ଉଚ୍ଚତା ୪୦ ମିଟର ବା ୧୩୨ ଫୁଟ । ଏହା ଦୁଇଟି ପାହାଡ଼ର

 Download Magazine from www.aahwaan.com

ସଂଯୋଗକୁ ଖଣ୍ଡଗିରି କହନ୍ତି । ଉଦୟଗିରିଠାରୁ ଖଣ୍ଡଗିରିର ଉଚ୍ଚତା ଅଧିକ । ଆୟତନରେ ଖଣ୍ଡଗିରି ଆୟତନ ଉଦୟଗିରିରୁ ଅଧିକ । ଦୁଇଟି ପାହାଡ଼ର ସଂଯୋଗସ୍ଥଳିରେ ଏକ ଘାଟି ରାସ୍ତା ଅଛି ଏବଂ କିଛି ସମତଳ ଅଂଚଳ ଅଛି । ଏହାରି ଭିତରଦେଇ ରାସ୍ତା ହେବାର କାରଣ ହେଲା ଏହା ବହୁ ଆବାହମାନ କାଳରୁ ପ୍ରସିଦ୍ଧିଲାଭ କରିଥିଲା । ତେଣୁ ଏହି ଜାଗାକୁ ସଂଯୋଗ କରିବାପାଇଁ ରାସ୍ତା ଏହି ପାହାଡ଼ ମଝିରେ ଯାଇଥିଲା । ବୋଧହୁଏ ଏହି ଘାଟିରାସ୍ତାରୁ ଘାଟିକିଆ ଗୋଟିଏ ଗାଁ ନାମ ରହିଛି । ଘାଟିରାସ୍ତା ପାଖରେ କିଆଗଛ ବଣ ଦେଖାଯାଏ । ତେଣୁ ଏହି ଗାଁର ନାମ ଘାଟିକିଆ । ଏହି ପାହାଡ଼ର ପୂର୍ବପାଶ୍ୱର୍ରେ ଜାଗମରା । କୁହାଯାଏ ବୌଦ୍ଧମାନେ ଏଠାରେ ବ୍ରାହ୍ମଣମାନଙ୍କର ଯଜ୍ଞଭଙ୍ଗ କରୁଥିଲେ । ଏହି ଯାଗ ବା ଯଜ୍ଞକୁ ଜଗିବା ପାଇଁ ଏଠାର ଲୋକମାନେ ଜଗିରହୁଥିବାରୁ, ତେଣ୍ଡୁ ଏହାକୁ ଜାଗମରା କହିନ୍ତି । ଏହାର ପାଖରେ ଡୁମୁଡୁମା ଗଣ୍ଡମୁଣ୍ଡା ଓ ବରମୁଣ୍ଡା ଗାଁମାନ ଅଛି । ଏହି ସବୁ ଦ୍ରାବିଡିଆନ୍ ଶବ୍ଦ । ଏହାରି ପାଖରେ ଭରତପୁର ଓ ଲକ୍ଷ୍ମଣପୁର ଥିଲା ବର୍ତମାନ ଆଉ ସେ ଗାଁ ନାହିଁ । ଲୋକେ କେଉଁଆଡ଼େ ଚାଲିଗଲେ । ରାଜସ୍ୱ ନକ୍ସାରେ ଖାଲି ଗାଁନାମ ରହିଛି ।

ଏହି ପାହାଡ଼ର ଉତର ଦିଗରୁ ଏକ ନାଳ ଭରତପୁର ବା ଔଷଧିୟ ଜଙ୍ଗଲରୁ ବାହାରି ଘାଟିକିଆ ଦେଇ ପାଇକେରାପୁର କୋଳଥିଆ ଆଇଗିଣିଆ ଡୁମୁଡୁମା ଦେଇ ଗଣ୍ଡମୁଣ୍ଡା ପର୍ଯ୍ୟନ୍ତ ଯାଇଛି । ଅନ୍ୟପକ୍ଷରେ ଔଷଧିୟ ଜଙ୍ଗଲ ଭିତରୁ ଗୋଟିଏ ଛୋଟିଆ ନାଳ ବାହାରି ରେଂଟାଲ କଲୋନୀ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ ତଳେ ତଳେ ଓଇଉଏଟି ଫାର୍ମ ଦେଇ ଗଣ୍ଡମୁଣ୍ଡା ପର୍ଯ୍ୟନ୍ତ ଯାଇଛି । ଖଣ୍ଡଗିରି ପାହାଡ଼ର ବର୍ଷା ପାଣି ଏହି ଦୁଇ ନାଳ ଭିତରେ ଦେଇ ପ୍ରବାହିତ ହୁଏ । ଆଇଗିଣିଆ ଗାଁର ଲୋକମାନେ ଯୁଦ୍ଧକ୍ଷେତ୍ରରେ ଆଗୁଆଣିଥାଟ ରୂପେ କାର୍ଯ୍ୟକରୁଥିଲେ । ତେଣୁ ଏହି ଗାଁର ନାମ ଆଇଗିଣିଆ ହୋଇଛି । ଡୁମୁଡୁମା ଗାଁରୁ ଯକ୍ଷ ଓ ଯକ୍ଷିଣୀ ମୂର୍ତି ଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସଂଗ୍ରହ କରିଥିଲେ ବୋଲି

Download Magazine from www.aahwaan.com

ତାଙ୍କ ଆର୍କୋଲୋଜିକାଲ ରିମେନସ୍ ଆଟ ଭୁବନେଶ୍ୱର ବହିରେ ଲେଖିଛନ୍ତି । ତେଣୁ ଅନୁମାନ ହେଉଛି ଏଠିକାର ଲୋକେ ଯକ୍ଷଯକ୍ଷିଣୀମାନଙ୍କୁ ଉପାସନା କରୁଥିଲେ । ଏହି ଦୃଷ୍ଟିରୁ ବିଚାର କଲେ ୭ମ ଶତାବ୍ଦୀରେ ନାଥ ଯୋଗୀ ସଂପ୍ରଦାୟ ନାଥ ଧର୍ମ ପ୍ରଚାର କରୁଥିଲେ । ଯୋଗୀ ସଂପ୍ରଦାୟର ଡମ୍ବ ଓ ଡୋମୀ ଏକ ଜଣାଶୁଣା ନାମ ତେଣୁ ଏଥିରୁ ଅନୁମାନ ହେଉଛି ଏହାର ନାମ ସେଇଥିପାଇଁ ଡୁମୁଡୁମା ହୋଇଛି ।

ପ୍ରାକୃତିକ ଦୃଷ୍ଟିକୋଣରୁ ବିଚାର କଲେ କୁମାରୀ ପର୍ବତକୁ ଉଦୟଗିରି କହନ୍ତି କାରଣ ସୂର୍ଯ୍ୟ ଉଦୟ ହେଲେ ତା'ର ପ୍ରଥମ କିରଣ ଏହି ପାହାଡ଼ରେ ପଡୁଥିବାରୁ ଏହାକୁ ଉଦୟଗିରି କୁହାଯିବା ଯଥାର୍ଥ । କିନ୍ତୁ ଉଦୟ ଏକ ସଂସ୍କୃତ ଶବ୍ଦ । ଏଥିରେ ଗିରି ଶବ୍ଦ ପ୍ରାନ୍ତ ସଂଯୋଜକ ଭାବରେ ଯୋଗ କରାଯାଇଛି । କିନ୍ତୁ ଏହାର ଦ୍ରାବିଡ଼ ଶବ୍ଦ କଣ ଥାଇପାରେ ଜଣା ନାହିଁ । ଖଣ୍ଡଗିରିକୁ ଖଣ୍ଡିଆଗିରି କୁହାଯାଏ । ଏହାକୁ ମଧ୍ୟ ଖଣ୍ଡାଚଳ କହନ୍ତି । ପାହାଡ଼କୁ ସାଧାରଣତଃ ଗିରି, ପାହାଡ଼, ମୁଣ୍ଡିଆ, ଶୃଙ୍ଗ, ଅଚଳ, ପର୍ବତ, ମେରୁ ଏମିତି ବିଭିନ୍ନ ଅର୍ଥରେ ପ୍ରକାଶ କରାଯାଏ । ଏହି ଶବ୍ଦଗୁଡ଼ିକ କେତେବେଳେ ଓ କେଉଁ ସମୟରେ କହିହେଉ ନାହଁ । ତେଣୁ ଖଣ୍ଡିଆ ଶବ୍ଦରେ ପ୍ରାନ୍ତ ଉପସର୍ଗ ଅଚଳ ଲାଗି ଏହା ଖଣ୍ଡାଚଳ ହୋଇଛି । ଆଉ ଗୋଟିଏ କଥା କୁହାଯାଇପାରେ ଗୋଟିଏ ଜିନିଷକୁ ବିଭିନ୍ନ ଲୋକ ବିଭିନ୍ନ ସମୟରେ ବିଭିନ୍ନ ନାମକରଣ କରିଥାନ୍ତି । ସେତେବେଳେ ଲେଖାପଢ଼ା ବେଶି ନଥିଲା । ଯାହା ବେଶି ଲୋକ କହୁଥିଲେ ତାହା ଗ୍ରହଣ ହେଉଥିଲା । ପ୍ରାକୃତିକ ରୂପକୁ ଦେଖିଲେ ଏହା ଏକ ଭଙ୍ଗିଳ ପର୍ବତମାଳା । ଏହାର ରୂପ ଦେଖିବାକୁ ଖଣ୍ଡିଆ ଖାବରା । ତେଣୁ ଏହି ଖଣ୍ଡିଆଖାବରାରୁ ଏହା ଖଣ୍ଡାଚଳ କୁହାଯାଏ । ଖଣ୍ଡିଆରୁ ଏହା ଅଚଳ ଶବ୍ଦ ଯୋଗ କରାଯାଇ ଏହାକୁ ଖଣ୍ଡାଚାଳ କହୁଥିଲେ । ଖଣ୍ଡିଆ ଏକ ଦ୍ରାବିଡ଼ ଶବ୍ଦ ଏଥିସହିତ ଅଳଚ ସଂସ୍କୃତ ଶବ୍ଦ ସଂଯୋଗ କରାଯାଇଛି ।

 Download Magazine from www.aahwaan.com

ଶିଶୁପାଳଗଡ଼ ଖାରବେଳଙ୍କ ରାଜଧାନୀ ଥିଲାବୋଲି କୁହାଯାଏ । ଖାରବେଳ ବାନପ୍ରସ୍ଥରେ ଆସି ଏହି କୁମାରୀ ପର୍ବତରେ ଅବସ୍ଥାନ କରିଥିଲେ । ଏହିଠାରେ ସେ ଏକ ନାଟମଣ୍ଡପ ନିର୍ମାଣ କରିଥିଲେ । ଏହାର ଗଠନ ଶୈଳୀ ଅତି ଉଚ୍ଚକୋଟିର । ଦୁଇ ପାଖରେ ଆଲୋକର ବ୍ୟବସ୍ଥା କରାଯାଇଥିଲା । ଏଥିରୁ ଅନୁମାନ କରାଯାଏ ଖାରବେଳ ନାଟ୍ୟପ୍ରିୟ ଥିଲେ । ଗୁମ୍ଫର ସମ୍ମୁଖରେ ନାଟ୍ୟପ୍ରଦର୍ଶନ କରାଯାଉଥିଲା । ଦର୍ଶକମାନେ ଅଭିନୟ ଦେଖିବାପାଇଁ ବସିବା ପାଇଁ ଜାଗା ସମତଳ କରାଯାଇଥିଲା । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରେ କୁମାରୀ ପର୍ବତ ବୋଲି ଲେଖା ଅଛି ।

ଖଣ୍ଡଗିରି ନବମୁନି ଗୁମ୍ଫାରେ ୧୦୪୦ ଖ୍ରୀଷ୍ଟାବ୍ଦରେ ଉଦ୍ୟତ୍ କେଶରୀ ଏକ ଗୁମ୍ଫା ଖୋଦନ କରି ଏହାର ନାମ ନବମୁନି ଗୁମ୍ଫା ସହିତ ଏହି ପର୍ବତର ନାମ ଶ୍ରୀକୁମାର ପର୍ବତ ଉତ୍କୀର୍ଣ୍ଣ କରିଥିଲେ । ତେଣୁ ଏହାକୁ ଶ୍ରୀକୁମାର ପର୍ବତ ବୋଲି କହୁଥିଲେ ବୋଲି କୁହାଯିବ । କାର୍ତ୍ତିକେୟଙ୍କର ଅନ୍ୟନାମ ଶ୍ରୀକୁମାର ଆଉ ମଧ୍ୟ କାର୍ତ୍ତିକେୟଙ୍କୁ ସ୍କନ୍ଦ କହନ୍ତି । ଅମରକୋଷରେ କାର୍ତ୍ତିକେୟଙ୍କର ସତରଗୋଟି ନାମ ଅଛି । ଅତଏବ ଖଣ୍ଡଗିରିଠାରେ କାର୍ତ୍ତିକେୟଙ୍କ ଉପାସନା ପ୍ରଚଳିତ ଥିଲା । ଏହି କାର୍ତକେୟ ଉପାସନା ଦକ୍ଷିଣ ଭାରତରେ ଦେଖାଯାଏ । ଖାରବେଳଙ୍କ ରାଜଧାନୀ ଦନ୍ତପୁରା ଥିଲା ଏହା ବଂଶଧାରାନଦୀ କୂଳରେ ଥିଲା । ତେଣୁ ଏହି କାର୍ତ୍ତିକେୟ ଉପାସନା ଦକ୍ଷିଣରୁ ଆସିଛି । ଇକ୍ଷାକୁ ବଂଶୀୟ ରାଜାମାନେ କାର୍ତ୍ତିକଙ୍କର ଉପାସନା କରୁଥିଲେ । କାର୍ତ୍ତିକେୟ ଉପାସନା ଦ୍ରାବିଡମାନଙ୍କର ଦେବତା ଥିଲେ । ଏହି ଖଣ୍ଡଗିରି ସ୍କନ୍ଦରୁ ଅପଭ୍ରଂଶ ହୋଇ ଖଣ୍ଡଗିରି ହୋଇଛି ବା ଏହା ଭଂଗିଳ ପର୍ବତମାଳାରୁ ଖଣ୍ଡିଆ ଗିରିରୁ ଖଣ୍ଡଗିରି ହୋଇଛି ।

୧୧ଶ ଶତାବ୍ଦୀରେ ଉଦ୍ୟତ୍ କେଶରୀ (ଅନନ୍ତ କେଶରୀ) ଏଠାରେ ଅନେକ ଗୁମ୍ଫା ନିର୍ମଣ କରାଇଥିଲେ । ଏଠାରେ ଅନନ୍ତ କେଶରୀ ଗୁମ୍ଫା ଓ ନବମୂୁନି ଗୁମ୍ଫା ରହିଛି ।

Download Magazine from www.aahwaan.com

ଅମରାବତୀ କଟକରେ କେଶରୀ ବଂଶୀୟ ଜଣେ ରାଜ ବସୁକଲ୍ପ କେଶରୀ ଦୁର୍ଗ ନିର୍ମାଣ କରିଥିଲେ । ବସୁକଲ୍ପ କେଶରୀ ହେଉଛନ୍ତି ଉଦ୍ୟତ୍ କେଶରୀ ଆଉ ଅନନ୍ତ କେଶରୀ ହେଉଛନ୍ତି ଉଦ୍ୟତ୍ କେଶରୀ ।

୧୭୯୫ ଖ୍ରୀ. ବଡ଼ଖେମୁଣ୍ଡି ରାଜକୁମାର ବଳଭଦ୍ରଦେବ ରାଜ୍ୟତ୍ୟାଗ କରି ପଥର ଭିକାରୀ ବେଶରେ କେରାଣ୍ଡିମାଳ, ଚିତ୍ରକୂଟ, ଡୁବୁଡୁବା, ଯୋଗୀଗୁମ୍ଫା, ଶ୍ରୀକ୍ଷେତ୍ର, ଖଣ୍ଡଗିରି, ମହାପର୍ବତ, ଅନ୍ଧାରୁଆ, ହଳଦିଆ, ଧଉଳି, ବରୁଣେଇ, ଅଟଳା, ବଡାମ୍ବା, କେନ୍ଦ୍ରାପଡ଼ା ଦେଇ ଶେଷରେ ଓଳାଶୁଣୀ ପର୍ବତରେ ପହଂଚିଲେ । ତାଙ୍କର ଜନ୍ମ ୧୭୭୮ ଖ୍ରୀ. ଥିଲା । ଜଣାଯାଏ ଅରକ୍ଷିତ ଦାସ ଏହିଠାରେ ଆଶ୍ରୟ ନେଇଥିଲେ । ଏଠାକୁ ମଧ୍ୟ ଅନେକ ସାଧୁସନ୍ଥ ଆସିଥିଲେ ଏବଂ ସେମାନେ ଏହିଠାରେ ସିଦ୍ଧିଲାଭ କରିଥିଲେ ସେମାନେ ହେଲେ ମହିମା ଗୋସେଇଁ, ଅଭିରାମ ପରମହଂସ ଓ ସିଦ୍ଧ ବାରଙ୍ଗ ଦାସ । ଏହିଠାରେ ଅରକ୍ଷିତ ଦାସ କିଛିଦିନ ରହିବାପରେ ଚାଲିଯାଇଥିଲେ ।

ମରହଟ୍ଟାମାନେ ଖଣ୍ଡଗିରି ପାହାଡ଼ ଉପରେ ଏକ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ । ସେହି ମନ୍ଦିର ଏବେ ବି ମଧ୍ୟ ପରିଦୃଶ୍ୟମାନ ହୁଏ । ବେଟେଲାର ସାହବେ ଏଠାକୁ ୧୭୬୦ରେ ଆସିଥିଲେ । ସେ ଖାରବେଳଙ୍କ ଶିଳା ଲିପିର ଫଟୋକପି ନେଇ ତା'ର ପାଠୋଦ୍ଧାର କରିଥିଲେ ଓ ଲୋକଲୋଚନକୁ ଆଣିଥିଲେ ।

୧୮୨୦ ମସିହାରେ ଐତିହାସିକ ଷ୍ଟାର୍ଲିଙ୍ଗ ସାହେବ ଖଣ୍ଡଗିରି ପରିଭ୍ରମଣରେ ଆସିଥିଲେ । ଖଣ୍ଡଗିରିରେ ଗୋଟିଏ ଶୂନ୍ୟମନ୍ଦିର ଥିବାର ସେ ଲେଖିଛନ୍ତି ।

ଖଣ୍ଡଗିରିରେ ମାଘସପ୍ତମୀକୁ ମେଳା ହୁଏ । ଏହି ମେଳା କେବେ ଆରମ୍ଭ ହୋଇଥିଲା ବୋଲି କହି ହେଉନାହିଁ । ଇତିହାସ ପୃଷ୍ଟାରେ ଏହି ମେଳା ଆରମ୍ଭ ସଂପର୍କରେ ଉଲ୍ଲେଖ ନଥିଲେ ମଧ୍ୟ କେଉଁ ଆବାହମାନ କାଳରୁ ଏହି ମେଳା ଚାଲି ଆସିଛି । ଏହି ମେଳା

Download Magazine from www.aahwaan.com

ସଂପର୍କରେ ଗୋଟିଏ କିମ୍ବଦନ୍ତି ଅଛି – ଶମ୍ବାସୁର ନାମରେ ଗୋଟିଏ ପ୍ରତାପି ଅସୁର କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ମାଘ ସପ୍ତମୀ ଦିନ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସୂର୍ଯ୍ୟଦେବଙ୍କୁ ପ୍ରଣାମ କରି ଖଣ୍ଡଗିରିଠାରେ ଜପତପ କରିବାକୁ ଲାଗିଲା । ସେ ମଧ୍ୟ ସୂର୍ଯ୍ୟଦେବଙ୍କ କୃପାରୁ ରୋଗମୁକ୍ତ ହୋଇଗଲା । ଲୋକମାନଙ୍କ ମଧ୍ୟରେ ଏହି ବିଶ୍ୱସ ଜନ୍ମିଲା ଯେ ଏଠାରେ ସାଧନା କଲେ ଲୋକେ ରୋଗମୁକ୍ତ ହୁଅନ୍ତି । ଏଇ ବିଶ୍ୱାସନେଇ ଜନ ସମାଗମ ହେବାକୁ ଲାଗିଲା । ସାଧାରଣତଃ ମାଘମାସରେ ଲୋକମାନଙ୍କର ଚାଷବାସ ସରିଯାଇଥାଏ । ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପତ୍ର ସଂଗ୍ରହ କରିପାଇଁ ଲୋକେ ମେଳାକୁ ଆସିଥାନ୍ତି । ମାଘସପ୍ତମୀ ହେଉଛି ମୁନି ଋଷିମାନଙ୍କ ପର୍ବ । ବୋଧହୁଏ ଏହି ସାଧୁସନ୍ଥମାନେ ଏଠାରେ ଏହି ମେଳା ଆରମ୍ଭ କରିଥିଲେ, ଯାହାଆଜି ପର୍ଯ୍ୟନ୍ତ ଚାଲି ଆସିଛି ।

ଏହି ମେଳା ୯ ଦିନଧରି ଚାଲେ । ଠାକୁର ଅନନ୍ତ କେଶରୀ ରଥ ଉପରେ ବିଜେ କରି ଜାଗମରା ଗାଁ ମାଉସି ମା' ଘର ନାଗାମଠକୁ ଆସନ୍ତି । ୯ ଦିନ ଯାତ୍ରା ସରିବା ପରେ ପୁଣି ମନ୍ଦିରକୁ ଫେରି ଯାନ୍ତି । ଇଂରେଜମାନେ ଓଡ଼ିଶା ଆକ୍ରମଣ ସମୟରେ ଠାକୁର ଜାଗମରା ଗାଁରେ ରହିଯାଇଛନ୍ତି ।

ଏହି ପାହାଡ଼ ପାଦଦେଶରେ ଉତର ଦିଗକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏଠାରେ ଏକ ବାଟିକା ନିର୍ମାଣ କରିଛନ୍ତି । ଏହାକୁ ଜୟଦେବ ବାଟିକା କହୁଛନ୍ତି । ଏଠାରେ ବିବାହ ବ୍ରତ ଆଦି କାର୍ଯ୍ୟ ସମ୍ପାଦାନ କରାଯାଏ ।

ଏଲ୍-୨୪୨/ଫେଜ୍-୧, ଡୁମୁଡୁମା ହା.ବୋ.କଲୋନୀ
ଭୁବନେଶ୍ୱର-୭୫୧ ୦୧୯
(ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

# ହାଇଦ୍ରାବାଦୀ ଦମ୍ ବିରିୟାନୀ



ଦୀପକ କୁମାର ଷଡ଼ଙ୍ଗୀ



ବିଶ୍ୱପ୍ରସିଦ୍ଧ ହାଇଦ୍ରାବାଦୀ ବିରିୟାନୀର ଇତିହାସ ବହୁ ପ୍ରାଚୀନ । ଶୁଣାଯାଏ ଯେ ନିଜାମଙ୍କ ଶାସନକାଳରେ ଯେତେବେଳେ ଔରଙ୍ଗଜେବ୍ ହାଇଦ୍ରାବାଦ ଆସିଥିଲେ ସେତେବେଳର ନିଜାମ୍ ନିଜା – ଉଲ - ମୁଲକ୍ ଔରଙ୍ଗଜେବଙ୍କୁ ଖୁସି କରିବା ପାଇଁ ଏକ ସ୍ୱତନ୍ତ୍ର ଧାରଣର ଖାଦ୍ୟ ଯାହାକି ଭାତ ସହିତ ମାଂସ ଓ ମସଲାର ମିଶ୍ରଣକୁ ଏକ ସଂଗେ ପରଷି ଥିଲେ । ଯାହାକୁ କି ପରେ ବିରିୟାନୀ ନାମରେ ନାମିତ କରାଯାଇଛି । ଭାରତବର୍ଷରେ ମିଳୁଥିବା ପ୍ରାୟ ସମସ୍ତ ମସଲାର ଏକ ଅପୁର୍ବ ସମ୍ମିଶ୍ରଣ ହେଉଛି ଏହି ବିରିୟାନୀ । ତେବେ ଆସନ୍ତୁ ଏଇ ନୂଆବର୍ଷରେ ଆମ ଭାରତବର୍ଷର ଏକ ପୁରାତନ ଓ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ପ୍ରସ୍ତୁତ କରିବା ।

Download Magazine from www.aahwaan.com

ହାଇଦ୍ରାବାଦରେ ପ୍ରସିଦ୍ଧ ବିରିୟାନୀ ମିଳୁଥିବା ହୋଟେଲ୍ ହେଉଛି ସିକନ୍ଦରାବାଦର ମହାତ୍ମା ଗାନ୍ଧି ରୋଡ଼ରେ ଥିବା ହୋଟେଲ୍ ପାରାଡାଇଜ୍ ଏବଂ ବାୱର୍ଚି ହୋଟେଲ୍ । ଯଦିଓ ହାଇଦ୍ରାବାଦ ସହରରେ ବହୁତ ଗୁଡିଏ ବାୱର୍ଚି ହୋଟେଲ୍ ରହିଛି କେବଳ ଗ୍ରୀନ୍ ବା ରିଅଲ୍ ବାୱର୍ଚି ହିଁ ଆପଣଙ୍କର "ହାଇଦ୍ରାବାଦୀ ସ୍ପେସିଆଲ୍ ଦମ୍ ବିରିୟାନୀ" ମିଳିଥାଏ । ସୌଭାଗ୍ୟବଶତଃ ମୁଁ ହାଇଦ୍ରାବାଦ ଉପ୍ପଲର ଯେଉଁ ଘରେ ଭଡା ରହୁଥିଲି ମୋର ଉପର ମହଲାରେ ପାରାଡାଇଜ୍ ହୋଟେଲର ଜଣେ ରୋଷେୟା ଶ୍ରୀ ଏମ୍ କ୍ରିଷ୍ଣା ମୁର୍ଥୀ ରହୁଥିଲେ । କିଛିଦିନର ମିଳାମିଶା ପରେ ମୁଁ ଥରେ ତାଙ୍କୁ ଅନୁରୋଧ କରିଥିଲି ଯେ ଆମକୁ ବିରିୟାନୀ କରିବା ଶିଖେଇ ଦିଅନ୍ତୁ ବୋଲି । ଆଉ ଦିନେ ସେ ରାଜି ହୋଇ ନିଜେ ଆମ ଘରକୁ ଆସି ପ୍ରସ୍ତୁତ କରି ଦେଇ ଯାଇଥିଲେ "ହାଇଦ୍ରାବାଦ ସ୍ପେସିଆଲ୍ ଦମ୍ ବିରିୟାନୀ" । ତାଙ୍କୁ ରୋଷେଇ କାର୍ଯ୍ୟରେ ସାହାଯ୍ୟ କରିଥିଲୁ ମୁଁ ଏବଂ ମୋର ଧର୍ମପତ୍ନୀ ଜ୍ୟୋତିର୍ମୟୀ ।

**ଆବଶ୍ୟକୀୟ ସାମଗ୍ରୀ (୩ ରୁ ୪ ଜଣଙ୍କ ପାଇଁ )**

ବସୁମତୀ ଅରୁଆ ଚାଉଳ - (ଇଣ୍ଡିଆ ଗେଟ କିମ୍ବା ବେଷ୍ଟ ରାଇସ୍ ହୋଇଥିଲେ ଭଲ) – ୭୫୦ଗ୍ରାମ, ଫୁଲ କୋବି - ୧ଟା, ଗାଜର - ୨/୩ଟା, କ୍ୟାପସିକମ – ୨/୩ଟା, ବିନ – ୧୦୦ଗ୍ରାମ, ମଟର ଛୁଇଁ – ୫୦ଗ୍ରାମ, ଆଳୁ – ୩ଟା, ପୋଦିନା ପତ୍ର – ୧ ବିଡା, ଧନିଆ ପତ୍ର – ୧ ବିଡା, ବିଲାତି ବାଇଗଣ – ୩ଟା, ଅଦା – ୩/୪ଖଣ୍ଡ, କଟା ପିଆଜ – ୨ଟା, ରସୁଣ – ୪/୫ଟି, ଜୀରା – ୧ ଚାମଚ, ଧନିଆ ଗୁଣ୍ଡ - ୧ ଚାମଚ,ହଳଦୀ ଗୁଣ୍ଡ - ୧ ଚାମଚ, ଲଙ୍କା ଗୁଣ୍ଡ - ୧ ଚାମଚ, ଡାଲଚିନି -୩/୪ଖଣ୍ଡ, ବଡ ଅଳେଇଚ – ୧ଟା, ଜାଇଫଳ – ୧ଟା , ଲବଙ୍ଗ-୪/୫ ଟି,ଗୁଜୁରାତି – ୨/୩ଟି, ତେଜପତ୍ର -୨/୩ଟି, ଗୋଲ ମରିଚ – ୧ଗ୍ରାମ, ହେଙ୍ଗୁ – ଅଳ୍ପ, କାଜୁ - ୭/୮ ଟି, କିସମିସ- ୭/୮ ଟି, କେଶର –ଅଳ୍ପ(ପାଣିରେ ରାତିରୁ ଭିଜା ହୋଇ ଥିବା ଦରକାର

 Download Magazine from www.aahwaan.com

ରଙ୍ଗ ପାଇଁ ଆବଶ୍ୟକ ), ଦହି – ୧୦୦ମିଲି, ଦେଶୀ ଘିଅ – ୪/୫ ଚାମଚ, ତେଲ (ଆବଶ୍ୟକ ଅନୁଯାୟୀ), ଲୁଣ (ଆବଶ୍ୟକ ଅନୁଯାୟୀ) ।

## ତିଆରି କରିବା ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ ୧ ଲିଟର ପାଖାପାଖି ପାଣି ଗରମ କରି ନିଅନ୍ତୁ । ପାଣି ଫୁଟିଲା ପରେ ସେଥିରେ ତେଜପତ୍ର, ଲବଙ୍ଗ, ଡାଲଚିନି, ଅଳେଇଚ ପକାଇ ଦିଅନ୍ତୁ ।

ବିରିୟାନୀ ଚାଉଳକୁ ପକାନ୍ତୁ ଓ ତା ସହିତ ଏକ ଛୋଟ ଚାମଚ ଦେଶୀ ଘିଅ ମଧ୍ୟ ପକାନ୍ତୁ ଦେଶୀ ଘିଅ ପକାଇବା ଦ୍ୱାରା ଭାତ ଗୁଡିକ ଗୋଟା ଗୋଟା ହୋଇ ରହିବ ଯାଉ ପରି ହୋଇ ଯିବନାହିଁ ।

ମଝିରେ ମଝିରେ ତାକୁ ଗୋଳାଉ ଥାଆନ୍ତୁ । ଏହି ସୋପାନଟି ହେଉଛି ବିରିଆନୀର ମୁଖ୍ୟ ସୋପାନ କାରଣ ଚାଉଳକୁ ପୁରା ଭାତ ହେଲା ପରି କରାଯିବ ନାହିଁ ପାଖାପାଖି ୭୦% ଭାତ ହୋଇ ଆସିବା ପରେ ଆମେ ତାକୁ ଚୁଲିରୁ ଓହ୍ଲାଇଦେବା କାରଣ ଏହି ଭାତକୁ ପରେ ପ୍ରେସର କୁକର ସାହାଯ୍ୟରେ ଦମ ଦିଆଯିବ ।

ଭାତ ଓହ୍ଲାଇ ସାରିବା ପରେ ସେଥିରୁ ତେଜ ପତ୍ର, ଅଲେଇଚ ଆଦି ସବୁ ବାହାର କରି ଅଲଗା କରି ଦିଅନ୍ତୁ ।

ଅପର ପାର୍ଶ୍ୱରେ ଆଳୁରୁ ଚୋପା ଛଡେଇ ଦିଅନ୍ତୁ ଏବଂ ସମସ୍ତ ପରିବାକୁ ଛୋଟ ଛୋଟ କରି କାଟି ରଖନ୍ତୁ ।

ଏବେ କଡେଇରେ ତେଲ ଗରମ କରନ୍ତୁ ତା'ପରେ ପ୍ରଥମେ ଆଳୁକୁ ତେଲରେ ଛାଣି ଅଲଗା ରଖନ୍ତୁ ପରେ ପରେ ସବୁ ପରିବାକୁ ସେହିପରି ତେଲରେ ଛାଣି ରଖନ୍ତୁ । ବେଶୀ

Download Magazine from www.aahwaan.com

ମଧ୍ୟ ଭାଜିବେ ନାହିଁ ଅଳ୍ପ ବାଦାମି ରଙ୍ଗର ହୋଇଗଲେ ପରିବାକୁ କଡେଇରୁ ବାହାର କରି ଦିଅନ୍ତୁ ।

**ମସଲା ପ୍ରସ୍ତୁତି**

କଟା ବିଲାତି, ପିଆଜ, ଅଦା, ରସୁଣ, ଜୀରା ଓ ଅଳ୍ପ କିଛି ଶୁଖିଲା ଲଙ୍କା ସହ ପାଣି ଦେଇ ଏହାକୁ ଭଲ କରି ଗ୍ରାଇଣ୍ଡରରେ ବାଟି ଦିଅନ୍ତୁ ।

କଡେଇରେ ତେଲ ଗରମ କରନ୍ତୁ ଉପରୋକ୍ତ ମିଶ୍ରଣକୁ ତେଲରେ ପକାନ୍ତୁ ଓ ତା ସହ ହେଙ୍ଗୁ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ ଭଲ କରି ଭାଜି ନିଅନ୍ତୁ ।

ସମସ୍ତ ଶୁଖିଲା ମସଲା ଯେପରି ଲବଙ୍ଗ, ଡାଳଚିନି, ଅଳେଇଚ ଗୁଜୁରାତି, ଗୋଲମରୀଚ, ଜାଇଫଳକୁ ଭଲ କରି ହେମଦସ୍ତାରେ ଗୁଣ୍ଡ କରି ନିଅନ୍ତୁ ଏବଂ ଏହି ମସଲାକୁ ଉପୋରକ୍ତ ମସଲାରେ ପକାଇ ଦିଅନ୍ତୁ ।

ଏହି ମସଲା ପକେଇବା ମାତ୍ରେ ମସଲାରୁ ଅପୂର୍ବ ସୁଗନ୍ଧ ବାହାରିବ ଯାହା ଆପଣଙ୍କ ସାଇ ପଡିଶାକୁ ଜଣେଇ ଦେବ ଯେ ଆଜି ଆପଣ ଙ୍କର ଘରେ ବିରିୟାନୀ ପ୍ରସ୍ତୁତି ଚାଲିଛି ।

ତା'ପରେ ସେହି ମସଲାରେ ଦହି ପକାଇ ଦେଇ ସେ ପର୍ଯ୍ୟନ୍ତ ଗୋଳାନ୍ତୁ ଯେଉଁ ପର୍ଯ୍ୟନ୍ତ ସେଥିରୁ ତେଲ ଅଲଗା ନ ହୋଇଛି ।

ବର୍ତ୍ତମାନ ଉପୋରକ୍ତ ମସଲାରେ ଆଗରୁ ଛଣା ହୋଇ ରଖା ହୋଇଥିବା ସମସ୍ତ ପରିବାକୁ ଏକ ସାଙ୍ଗରେ ପକାଇ ଭଲ କରି ଗୋଳାଇ ଦିଅନ୍ତୁ ଏବଂ ୨ ରୁ ୩ ମିନିଟ ପର୍ଯ୍ୟନ୍ତ ଘୋଡାଇ ରଖି ତାକୁ ସିଝିବାକୁ ଛାଡି ଦିଅନ୍ତୁ । (ଯଦି ଆପଣ ମାଂସ ପ୍ରିୟ ତେବେ ଏହି ସୋପାନରେ ଆଗରୁ ସିଝା ହୋଇ ରଖା ହୋଇଥିବା ଛେଳି କିମ୍ବା କୁକୁଡା ମାଂସକୁ ପକାନ୍ତୁ )

 Download Magazine from www.aahwaan.com

ପରେ ମସଲାକୁ ଚୁଲିରୁ ଓଲହାଇ ଦିଅନ୍ତୁ ବର୍ତ୍ତମାନ ଆମର ବିରିୟାନୀ ମସଲା ପ୍ରସ୍ତୁତ ।

ଆମେ ବର୍ତ୍ତମାନ ଭାତ ଓ ମସଲାକୁ ପ୍ରେସର କୁକର ରେ ଦମ୍ ଦେବା । ସେଥିପାଇଁ ଏକ ୫ଲିଟରର ପ୍ରେସର କୁକର ନେବା ଏବଂ ତା ମଧ୍ୟରେ ପ୍ରଥମେ କିଛି ଘିଅ ପକାଇ ତା'ର ଚାରି କଡରେ ଭଲ କରି ମାଖି ଦେବା । ତା'ପରେ ବିରିୟାନୀ ଭାତର ଏକ ପରସ୍ତ ଦେବା ଓ ତା ଉପରେ ମସଲାର ମଧ୍ୟ ଏକ ପରସ୍ତ ଦେବା ଏହିପରି ଭାବେ ଭାତ ଓ ମସଲାକୁ ୪ କିମ୍ବା ୫ ପରସ୍ତ ପରସ୍ତ କରି ତା ଭିତରେ ରଖିଦେବା ।

ଭାତ ଓ ମସଲା ଶେଷ ହୋଇଗଲା ପରେ ତା ଉପରେ କାଜୁ, କିସ୍‌ମିସ୍, ଧନୀଆ ପତ୍ର, କେସର ଓ ପୋଦିନା ପତ୍ର ସହ ୨/୩ ଚାମଚ ଘିଅ ଦେଇ ପ୍ରେସର କୁକରର ଢାଙ୍କୁଣୀର ହୁଇସିଲକୁ କାଢି ବିନା ହୁଇସିଲରେ ପ୍ରେସର କୁକରକୁ ବନ୍ଦ କରିଦେବା ଏବଂ ଏହାକୁ ପ୍ରାୟ ୧୫ ମିନିଟ ପର୍ଯ୍ୟନ୍ତ ଧିମା ଆଞ୍ଚରେ ଦମ୍ ଦେବାକୁ ଛାଡି ଦେବା ।

ଠିକ ୧୫ ମିନିଟ୍ ପରେ ଗ୍ୟାସ୍ ବନ୍ଦ କରି ବିରିୟାନୀକୁ ଭଲ ଭାବେ କୁକର ଭିତରେ ଗୋଳାଇ ଦେବା । ଏବେ ହୋଇଗଲା ପ୍ରସ୍ତୁତ ଗରମା ଗରମ 'ହାଇଦ୍ରାବାଦ ସ୍ପେସିଆଲ୍ ଦମ୍ ବିରିୟାନୀ' । ଯଦି ବିରିୟାନୀକୁ ସଜେଇବାର ଥାଏ ତେବେ ପିଆଜକୁ ଗୋଲ ଗୋଲ କରି କାଟି ପୋଦିନା ଓ ଧନିଆ ପତ୍ର ସହ ସଜେଇ ନିଜେ ଖାଆନ୍ତୁ ଓ ନିଜର ପ୍ରିୟଜନଙ୍କୁ ମଧ୍ୟ ଖୁଆନ୍ତୁ । ଆଉ ହଁ ! ନୂଆବର୍ଷରେ ବିରିୟାନୀ ଖାଇବା ଓ ଖୁଆଇବାର ମଜାକୁ ଆମ ହ୍ୱାଟ୍‌ସଆପ୍ ଆପ୍ ଗ୍ରୁପରେ ନିଶ୍ଚିତ ବାଣ୍ଟନ୍ତୁ ।

ସହକାରୀ ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ, ବ୍ରହ୍ମପୁର-୧୦

# ସନ୍ଥକବୀର ଦୋହାଗୁଚ୍ଛ - ୧



ଡା ସୁବାସ ଚନ୍ଦ୍ର ରାଉତ



ଚକି ଚାଲିବା ଦର୍ଶନ କରି କବୀର କରେ କ୍ରନ୍ଦନ,
ଦୁଇ ପ୍ରସ୍ତର ମଧ୍ୟରେ ସଦା ରହେନି କାହା ଜୀବନ ।୧ ।

ମନ୍ଦ କିଏ ସେ, ଖୋଜି ଚାଲିଲି, ପାଇଲିନି କେଉଁଠାରେ,
ନିଜ ମନକୁ ଖୋଜି ଦେଖିଲି, ମନ୍ଦ ଲୁଚିଛି ସେଠାରେ ।୨ ।

କାଲିର କାମ ଆଜି ହିଁ କର, ଆଜିକାର କାମ ଏବେ,
ପଲକ ମଧ୍ୟେ ପ୍ରଳୟ ହେବ, କର୍ତ୍ତବ୍ୟ କରିବୁ କେବେ ।୩ ।

ଏପରି ବାକ୍ୟ ସ୍ଫୁରଣ କର, ନାହିଁ ଯହିଁ ଗର୍ବ କାନ୍ତି,
ଶୁଣିଲେ ନିଜ ତନୁ ଶୀତଳ, ଅନ୍ୟକୁ ଦେବ ସେ ଶାନ୍ତି ।୪ ।

ଧୀରେ ରେ ମନ, ସ୍ଥିରତା ରଖ, ଧୀରେ ସବୁ କଥା ହୁଏ,
ମାଳି ଢାଳେ ଜଳ ଶହେ ଗରା, ଋତୁ ହେଲେ ଫଳ ହୁଏ ।୫ ।

ଏତିକି ପ୍ରଭୁ ଆମକୁ ଦିଅ, କୁଟୁମ୍ବ ଯଥେଷ୍ଟ ପାଉ,
ଭୋକିଲା କେହି ନିଜେ ନ ରହୁ, ସାଧୁ ଭୋକରେ ନ ଯାଉ ।୬ ।

ବଡ଼ ଶବ୍ଦଟି ଅର୍ଥ ବିହୀନ, ଯେମିତି ଗଛ ଖଜୁର,
ପାନ୍ଥ ପାଏନି ଛାୟା ଟିକିଏ, ଫଳ ଫଳେ ଅତି ଦୂର ।୭ ।

ତିଳ ମଧ୍ୟରେ ସଂଯୁକ୍ତ ତେଲ, ଚକମକି ସଙ୍ଗେ ନିଆଁ,
ତୁମ ମଧ୍ୟରେ ଅଛନ୍ତି ପ୍ରଭୁ, ଜାଗି ଉଠି ହୁଅ ଠିଆ ।୮ ।

Download Magazine from www.aahwaan.com

କବୀର ଠିଆ ହାଟରେ ହୋଇ ମାଗେ ଶୁଭ ସଭିଙ୍କର,

ତାହାର କେହି ନୁହନ୍ତି ସାଥୀ, କାହା ସାଥେ ନାହିଁ ବୈର ।୯ ।

ପୋଥୀ ପଢ଼ି ପଢ଼ି ସଭିଏ ଗଲେ, କେହି ହେଲେ ନାହିଁ ଜ୍ଞାନୀ,

ଅଢେଇ ଅକ୍ଷର ପ୍ରେମର ଭାଷା ଯେ ପଢ଼ିପାରେ ସେ ଜ୍ଞାନୀ ।୧୦।

ଦୁଃଖରେ ସ୍ମରଣ କରନ୍ତି ସଭିଏଁ, ସୁଖ ବେଳେ କେହି ନାହିଁ,


ସୁଖରେ ସ୍ମରଣ ଯିଏ କରି ପାରେ, ଦୁଃଖ ତାହା ପାଇଁ କାହିଁ ?।୧୧ ।

କିଛି ଦୋହାମାନଙ୍କର ତର୍ଜମା

ଚକି ଚାଲିବା ଦର୍ଶନ କରି କବୀର କରେ କ୍ରନ୍ଦନ,

ଦୁଇ ପ୍ରସ୍ତର ମଧ୍ୟରେ ସଦା ରହେନି କାହା ଜୀବନ ।୧ ।

(**चलती चाकी देख के दिया कबीरा रोय , दोउ पाटन के बीच में साबुत बचा न कोय**)



ଆଗ କାଳରେ ଘରେ ଘରେ ଲୋକମାନେ ଚକି ରଖୁଥିଲେ । ଏଥିରେ ସାଧାରଣତଃ ମହିଳାମାନେ ଚାଉଳ, ଗହମ, ମୁଗ, ବିରି ଇତ୍ୟାଦି କଠିନ ପଦାର୍ଥ ଗୁଣ୍ଡ କରିବା ନିମନ୍ତେ ପେଷୁଥିଲେ । ସମସ୍ତେ ଚକି ଦେଖନ୍ତି, କେହି ଏହା ବିଷୟରେ କେବେବି ଚିନ୍ତା କରନ୍ତି ନାହିଁ । କଅଣ ବା ଅଛି ଯେ ଏଥିରେ ଭାବିବାର ବିଷୟ? ମହାମାନବମାନେ କିନ୍ତୁ ସାମାନ୍ୟ ଦୃଶ୍ୟ ଦେଖି ଅସାମାନ୍ୟ ଭାବନାରେ ମଗ୍ନ ହୋଇ ଯାଆନ୍ତି । ମହାମାନବ ସନ୍ଥ କବୀର ବା ଏଥିରୁ ବାଦ ଯାଆନ୍ତେ କିପରି ? ସେ ଚକି ପେଷା ଦେଖି ଦେଖି ଉପରୋକ୍ତ ଦୋହାଟି କହି ପକାଇଲେ ।

ଆମେ ଚିନ୍ତା କରିବା, ଚକି ଚାଲିବା ଦେଖି କବୀର କାହିଁକି କାନ୍ଦିଲେ ? ଦୁଇ ପଥର ଭିତରେ କାହାରି ଜୀବନ ରହେନି; ଏହାର କିଛି ଅର୍ଥ ବାହାରୁନି । କିନ୍ତୁ ଏହି ଗୋଟିଏ ପଦରେ ଯେଉଁ ଅନ୍ତର୍ନିହିତ ଭାବାର୍ଥ ସନ୍ନିବେଶିତ ହୋଇଛି, ତାହାର ଉପମା ନାହିଁ । ବିଭିନ୍ନ ଲେଖକ ନିଜର ଭାବନା ଅନୁସାରେ ଏହାର ଭିନ୍ନ ଭିନ୍ନ ବ୍ୟାଖ୍ୟା କରିଛନ୍ତି ।

ରାଜେନ୍ଦର କ୍ରିଷନ୍‌ଙ୍କ ମତରେ ପୃଥିବୀ ଗୋଟିଏ ପଥର ଓ ଆକାଶ ଆଉ ଗୋଟିଏ ପଥର ଓ ଏହି ଦୁଇ ପଥରର ରୂପ କବୀର କଳ୍ପନା କରିଛନ୍ତି । ପୃଥିବୀଟି ଚକି ବୁଲିବା ଭଳି ଅହରହ ଘୁରି ବୁଲୁଛି । ଏହା ମଧ୍ୟରେ ସଂସାରର ସମସ୍ତ ଜୀବ, ପ୍ରାକୃତିକ ଦ୍ୱୈତ ସମ୍ଭାର ଯଥା:- ଦିବା ରାତ୍ର, ଜୀବନ ମୃତ୍ୟୁ, ସୁଖ ଦୁଃଖ ଇତ୍ୟାଦି ଅହରହ ଘୁର୍ଣ୍ଣାୟମାନ ଅଟନ୍ତି । ଏହି ଘୂର୍ଣ୍ଣନ ଯୋଗୁ ମଣିଷ ଓ ଜୀବଜନ୍ତୁ ଇତ୍ୟାଦି ସମସ୍ତେ ପେଷି ହୋଇ ନଷ୍ଟ ହେଉଛନ୍ତି । ଏତେ ସୁନ୍ଦର ସଂସାରର ପ୍ରତ୍ୟେକ ପଦାର୍ଥ ଓ ଜୀବଜନ୍ତୁଙ୍କର ପ୍ରତି ମୁହୂର୍ତ୍ତରେ ବିନାଶ ହେଉଥିବା ଦେଖି କବୀର ଦୁଃଖରେ ଅଧୀର ହୋଇ ଏହି ଦୋହା କହିଛନ୍ତି ।

ଦିବ୍ୟା କୁମ୍ଭରଙ୍କ ମତ ଏହାଠାରୁ ସାମାନ୍ୟ ଭିନ୍ନ । ଚକିର ମଧ୍ୟ ଭାଗରେ ଥିବା କିଳା

Download Magazine from www.aahwaan.com

ସନ୍ନିକଟରେ ଥିବା ପଦାର୍ଥ ନଷ୍ଟ ହୁଏନାହିଁ । ସୁତରାଂ ତାଙ୍କ ମତରେ ଜୀବନ କାଳର ଦୁଇଟି ଭାଗ ଅଛି, ଅନ୍ତର୍ବିଭାଗ ଓ ବହିର୍ବିଭାଗ ଭାଗ । ଯେଉଁମାନେ ଆତ୍ମା ପରମାତ୍ମା ସମ୍ପର୍କ ବୁଝି ସେହି ଅନୁସାରେ ସତ୍ କାର୍ଯ୍ୟ କରନ୍ତି, ସେମାନେ ଜୀବନ ଚକିର ଅନ୍ତର୍ବିଭାଗରେ ରହନ୍ତି, ନଷ୍ଟ ହୁଅନ୍ତି ନାହିଁ । ମଝି କିଳାଟି ଭଗବାନଙ୍କର ପ୍ରତୀକ । ଯେଉଁମାନେ ଏହି କିଳାରୂପକ ଭଗବାନଙ୍କୁ ଧରି ରଖିବେ, ସେମାନେ ନଷ୍ଟ ହେବେନି; ସେମାନେ ପରମାତ୍ମା ସହ ସଂଯୁକ୍ତ ହୋଇ ମୋକ୍ଷ ହୋଇଯିବେ । ଅନ୍ୟ ସମସ୍ତେ ଏହି ସଂସାର ଚକିରେ ପେଷିହୋଇ ନଷ୍ଟ ହୋଇଯିବେ । ଆମେ ସତ୍ କର୍ମ କଲେ ଓ ଭଗବାନଙ୍କ ଶରଣ ପଶିଲେ ଏହି ଚକିର ମଧ୍ୟ ଭାଗରେ ରହିବା ଓ ମୁକ୍ତି ପାଇବା । ସନ୍ଥ କବୀର, ଶ୍ରୀ ଚୈତନ୍ୟ ଓ ମୀରା ବାଈଙ୍କ ଅନ୍ତ ସମୟ ପରେ ତାଙ୍କର ମର ଶରୀର କେହି ଦେଖି ନାହାନ୍ତି । ସେମାନେ ଭଗବାନଙ୍କଠାରେ ଲୀନ ହୋଇଗଲେ ।

ଅମ୍ବୁଦନ୍ ଙ୍କ ମତରେ ଜୀବନ ମୃତ୍ୟୁ, ସୁଖ ଦୁଃଖ, ନର ନାରୀ, ଉଚ୍ଚ ନୀଚ, ଭଲ ମନ୍ଦ, ଧରିତ୍ରୀ ଆକାଶ, ଦିବା ରାତ୍ରି ଇତ୍ୟାଦି ଦ୍ୱିତାବସ୍ଥାଗୁଡ଼ିକ ଚକିର ଦୁଇ ପଥର ଭଳି ନିଜ ପଞ୍ଝା ଭିତରେ ଆବୋରି କାହାକୁ ସଦା ସର୍ବଦା ସ୍ଥିତିମାନ ହେବାକୁ ଆଜ୍ଞା ଦେଉନାହିଁ ।

ଆଜିର ଏ ବିଜ୍ଞାନ ଯୁଗରେ ଆମେ ଜାଣୁଛେ, ଅଣୁ ପରମାଣୁର ସମ୍ମିଶ୍ରଣରେ ସଂସାରର ସମସ୍ତ ଜୀବ ଓ ନିର୍ଜୀବ ଗଠିତ ହୋଇଛନ୍ତି । ପ୍ରତ୍ୟେକ ଅଣୁ ମଧ୍ୟଭାଗରେ ଏକ ନିଉକ୍ଲିଅସ ଥାଏ ଯାହା ମଧ୍ୟରେ ଯୁକ୍ତାତ୍ମକ ପ୍ରୋଟୋନ୍ ଓ ନିଉଟ୍ରାଲ ( ଯୁକ୍ତ ଓ ବିଯୁକ୍ତ ମଧ୍ୟରୁ କୌଣସିଟି ନୁହେଁ) ନିଉଟ୍ରନ ଥାଏ ଯାହା ଚାରିପଟେ ଏକ ବା ଏକାଧିକ ବିଯୁକ୍ତାତ୍ମକ ଇଲେକ୍ଟ୍ରନ ଘୁରୁଥାଆନ୍ତି । ସ୍ଥୁଳ ସଂସାରରେ ନକ୍ଷତ୍ର ଚାରିପଟେ ଗ୍ରହମାନେ ବୁଲୁଛନ୍ତି । ସୌର ଜଗତ ମଧ୍ୟ ଛାୟା ପଥରେ ଘୁରି ବୁଲୁଛି । ଛାୟା ପଥର ମଝିରେ କଅଣ ଅଛି ସେ

Download Magazine from www.aahwaan.com

କଥା ଜଣାନାହିଁ । ଧ୍ରୁବ ତାରା ଚାରିପଟେ ସପ୍ତର୍ଷି ମଣ୍ଡଳ ବୁଲୁଛି । ନକ୍ଷତ୍ର ମଧ୍ୟ ଶେଷରେ ନଷ୍ଟ ହୋଇ କୃଷ୍ଣ ଗର୍ତ୍ତରେ ପରିଣତ ହୁଏ । ଏ ଦୁନିଆରେ କେହି ସ୍ଥିର ନୁହେଁ । ଏ ଅସ୍ଥିର ଜଗତରେ ସ୍ଥିରତା ସମ୍ଭବ ନୁହେଁ । ନଷ୍ଟଶୀଳତା ଏ ଦୁନିଆର ନୀତି ।

ମହାମାନବ କବୀର ଖ୍ରୀଷ୍ଟାବ୍ଦ ୧୫୦୦ ଶତାବ୍ଦୀରେ ଏହି ଅସ୍ଥିରତାରେ ବିଚଳିତ ହୋଇ ଦୁଃଖରେ କ୍ରନ୍ଦନ କରି ଏହି ଦୋହା ଲେଖିଥିଲେ । ଏ ଯୁଗର ମାନବ ସେହି ଭାବନାକୁ ପ୍ରଣାମ କରୁଛି ଓ ତାଙ୍କ ସନ୍ଥ ଆଖ୍ୟା ଯଥାର୍ଥ ବୋଲି ମନେକରୁଛି ।

ମନ୍ଦ କିଏ ସେ, ଖୋଜି ଚାଲିଲି, ପାଇଲିନି କେଉଁଠାରେ,

ନିଜ ମନକୁ ଖୋଜି ଦେଖିଲି, ମନ୍ଦ ଲୁଚିଛି ସେଠାରେ ।୨ ।

ମନ୍ଦ ଲୋକକୁ କବୀର ସଂସାରରେ ଖୋଜିବାକୁ ବାହାରିଲେ, କିନ୍ତୁ କେଉଁଠାରେ ପାଇଲେନି । ଭାବିଲେ ମୁଁ ଭଲ ଲୋକକୁ ନଖୋଜି ମନ୍ଦ ଲୋକକୁ ଯଦି ଖୋଜୁଛି ତାହେଲେ ମୋଠାରୁ ମନ୍ଦ କେହି ନାହିଁ । ମୋ ମନ ଭିତରେ ମନ୍ଦ ବା ଦୁଷ୍ଟ ବୁଦ୍ଧି ସର୍ବଦା ଲୁଚିଛି । ତେଣୁ ମୋ ମନ ସର୍ବଦା ମନ୍ଦକୁ ଖୋଜୁଛି । ନିଜର ଆତ୍ମା ଶୁଦ୍ଧ ଓ ଚରିତ୍ର ଭଲ ଥିଲେ ସମସ୍ତେ ଭଲ ଲାଗନ୍ତି ଓ ଖରାପ ଥିଲେ ସମସ୍ତେ ଖରାପ ଦେଖାଯାଆନ୍ତି । ଯଦି ତୁମେ ସର୍ବଦା ଲୋକଙ୍କର ଖୁଣ ଖୋଜୁଛ, ତା'ହେଲେ ତୁମଠାରୁ ଖରାପ ଲୋକ କେହି ନାହିଁ । ସଂସାରର ପ୍ରତ୍ୟେକ ଲୋକର ଭଲ ଗୁଣ ଓ ମନ୍ଦ ଗୁଣ ଥାଏ । ଜ୍ଞାନୀ ଲୋକ ସର୍ବଦା ଖୁଣ ନଖୋଜି ଗୁଣ ଖୋଜନ୍ତି ।

ଏପରି ବାକ୍ୟ ସ୍ଫୁରଣ କର, ନାହିଁ ଯହିଁ ଗର୍ବ କାନ୍ତି,

ଶୁଣିଲେ ନିଜ ତନୁ ଶୀତଳ, ଅନ୍ୟକୁ ଦେବ ସେ ଶାନ୍ତି ।୪ ।

କଥାବାର୍ତ୍ତା କଲାବେଳେ ସର୍ବଦା ମଧୁର ବିନୟ ବଚନ କହ । ସେହି କଥାରେ

Download Magazine from www.aahwaan.com

କୌଣସି ଗର୍ବର ଆଭାସ ନରହୁ । ସେହି କଥା ଶୁଣିଲେ ଯେମିତି ଦେହ ଶୀତଳ ହୋଇଯିବ ଓ ଅନ୍ୟକୁ ମଧ୍ୟ ଶାନ୍ତି ଦେବ । ଜଣେ ଜଣେ ବ୍ୟକ୍ତି ବହୁତ ମଧୁର କଥା କହିପାରନ୍ତି । ସମସ୍ତେ ସେଭଳି କହିପାରିବେନି । କେବଳ କଥା ମାଧ୍ୟମରେ ମଣିଷ ନେତୃତ୍ୱ ଦେଇପାରେ, କପଟ ସାଧୁ ହୋଇପାରେ, ଲୋକଙ୍କୁ ଠକିପାରେ । ଅନ୍ୟ ପକ୍ଷରେ ମଧୁର ବଚନ କହିଲେ ଶ୍ରୋତାର ମନ ଶାନ୍ତ ହୋଇଯାଏ, ଦୁଃଖ ଲାଘବ ହୋଇଯାଏ । କଥାର ଅସୀମ ଶକ୍ତି ଅଛି, ତାହାକୁ ପ୍ରୟୋଗ କରିବା ଏକ କଳା । ଜବାହାରଲାଲ ନେହୁରୁ ଥରେ କହିଥିଲେ, ନେତା ହେବାପାଇଁ ମିଠା କଥାହିଁ ପ୍ରମୁଖ ଯୋଗ୍ୟତା ।

ଧୀରେ ରେ ମନ, ସ୍ଥିରତା ରଖ, ଧୀରେ ସବୁ କଥା ହୁଏ,
ମାଳି ଢାଳେ ଜଳ ଶହେ ଗରା, ଋତୁ ହେଲେ ଫଳ ହୁଏ ।୫ ।

ମନକୁ କାବୁରେ ରଖ ଅର୍ଥାତ ନିଜ ନିୟନ୍ତ୍ରଣରେ ରଖ । କାମ ନାହିଁ, ଚାକିରି ମିଳୁନି, ଅସ୍ଥିର ହୁଅନି । ତରତର ହେଲେ କିଛି କାମ ହେବନି । ଧୈର୍ଯ୍ୟ ଧର । ସାଇଁ ବାବା ଏହାକୁ ଅନ୍ୟ ପ୍ରକାର କହିଥିଲେ, ଶ୍ରଦ୍ଧା ସବୁରି । ସବୁର କର ଅର୍ଥାତ ଧୈର୍ଯ୍ୟ ଧର । ସମୟ ଆସିଲେ କାମ ହୋଇଯିବ । ସଠିକ ସମୟ ନହେବା ପର୍ଯ୍ୟନ୍ତ କୌଣସି କାମ ହୋଇପାରିବନି । ଉଦାହରଣ ସ୍ୱରୂପ ବିଲରେ ବା ଗଛ ମୂଳରେ ଶହେ ଗରା ପାଣି ଢାଳିଲେ ବି ଗଛରେ ଫଳ ଧରିବନି ଯଦି ସଠିକ ଋତୁ ହେଇନି । ସମସ୍ତେ ଜାଣିଥିବେ, କୋବି କେବଳ ଠିକ ଋତୁରେ ସବୁଠାରୁ ସ୍ୱାଦିଷ୍ଟ ହୁଏ । ଅନ୍ୟ ଋତୁରେ ସେହି ଚାଷ କଲେ କୋବି ନହୋଇପାରେ ଓ ଯଦି ହୁଏ, ସ୍ୱାଦିଷ୍ଟ ହୁଏନି । ତେଣୁ ମନକୁ ଅଧୀର ଓ ଅସ୍ଥିର ରଖନି । ଉପଯୁକ୍ତ ସମୟ ଆସିଲେ ହିଁ ସବୁ କଥାର ସମାଧାନ ଆପେ ଆପେ ହୋଇଯାଏ ।

ବଡ଼ ଶବ୍ଦଟି ଅର୍ଥ ବିହୀନ, ଯେମିତି ଗଛ ଖଜୁର,

Download Magazine from www.aahwaan.com

ପାନ୍ଥ ପାଏନି ଛାୟା ଟିକିଏ, ଫଳ ଫଳେ ଅତି ଦୂର ।୭ ।

କବୀରଙ୍କ ମତରେ ବଡ଼ ଶବ୍ଦର କିଛି ସଠିକ ଅର୍ଥ ନଥାଏ । ବଡ଼ ଲୋକ କହିଲେ ଧନୀ ଲୋକକୁ ବୁଝାଏ ଓ ମାନ୍ୟଗଣ୍ୟ ବ୍ୟକ୍ତିକୁ ବି ବୁଝାଏ । କିନ୍ତୁ ପ୍ରକୃତ ପକ୍ଷରେ ସେହି ଲୋକ ବା ଜୀବକୁ ବଡ଼ କୁହାଯାଏ ଯିଏ ଅନ୍ୟର ଉପକାରରେ ଆସେ । କେବଳ ଆକାରରେ ବଡ଼ ହେଲେ କୌଣସି କାମର ନୁହେଁ । କେବଳ ଧନରେ ବଡ଼ ହେଲେ କୌଣସି କାମର ନୁହେଁ । ନିର୍ଦ୍ଧନ ବି ତାର କର୍ମ ଅନୁସାରେ ବଡ଼ ହୋଇପାରେ । ଗୋଟିଏ ଭିକାରି ଯଦି ତାର ସଞ୍ଚିତ ଅର୍ଥରୁ ପ୍ରାକୃତିକ ବିପର୍ଯ୍ୟୟରେ ପୀଡିତ ଲୋକଙ୍କ ନିମନ୍ତେ ଯତ କିଞ୍ଚିତ ଦାନ କରେ ତେବେ ସେ ବଡ଼ ପଦବାଚ୍ୟ । ବଡ଼ ନେତା ବା ବଡ଼ ଅଫିସର ହୋଇ ଯଦି ଜନ ସାଧାରଣଙ୍କର ଉପକାର ନକଲା ତେବେ ସିଏ କି ବଡ଼ ଓ ସେ ବଡ଼ର ମର୍ଯ୍ୟାଦା କଅଣ ? ହୃଦୟ ବଡ଼ ହେବା ଆବଶ୍ୟକ । କବୀର କହୁଛନ୍ତି, ଖଜୁରୀ ଗଛ ଗୋଟିଏ ବଡ଼ ଗଛ କିନ୍ତୁ ସେହି ଗଛର ଛାୟାରେ ପଥିକ ରୌଦ୍ର ତାପରୁ ରକ୍ଷା ପାଇପାରେନି ଓ ତାର ଫଳ ମଧ୍ୟ ଏତେ ଦୂରରେ ଥାଏ ଯେ ବାଟୋଇ ତାକୁ ତୋଳି ଭୋକ ମେଣ୍ଟେଇବାକୁ ସକ୍ଷମ ହୋଇପାରେନି । ତେଣୁ ସୂକ୍ଷ୍ମ ଅର୍ଥରେ ବଡ଼ ଶବ୍ଦଟି ଅର୍ଥହୀନ ।

ପୋଥୀ ପଢ଼ି ପଢ଼ି ସଭିଏ ଗଲେ, କେହି ହେଲେ ନାହିଁ ଜ୍ଞାନୀ,

ଅଢେଇ ଅକ୍ଷର ପ୍ରେମର ଭାଷା ଯେ ପଢ଼ିପାରେ ସେ ଜ୍ଞାନୀ ।୧୦।

(पोथी पढ़ि पढ़ि जग मुआ, पंडित भया न कोय ।

ढाई आखर प्रेम का, पढ़े सो पंडित होय ।।)

ସଂସାରରେ ଅସଂଖ୍ୟ ଲୋକଙ୍କର ମୋଟା ମୋଟା ବହି ପଢି ପଢି ଜୀବନ ବିତିଯାଇଛି,

 Download Magazine from www.aahwaan.com

କିନ୍ତୁ କେହି ତାଙ୍କୁ ଜ୍ଞାନୀ ବା 'ପଣ୍ଡିତ' କହିନାହାନ୍ତି । ପ୍ରେମରେ ସଂସାରକୁ ବାନ୍ଧି ରଖିଥିବା ଲୋକଙ୍କୁ ପ୍ରକୃତରେ ପଣ୍ଡିତ କୁହାଯାଏ । ଓଡିଆର ପ୍ରେମକୁ ହିନ୍ଦୀରେ ପ୍ୟାର (प्यार) କୁହାଯାଏ । ଏଥିରେ 'ପ' ଅକ୍ଷରର ଅଧା ସହିତ 'ୟା' ଓ 'ର', ଏହି ଯୋଡିଏ ଅକ୍ଷର ଅଛି ଓ ଅନ୍ୟ ଯାହା ଅଛି ତାହାକୁ କବୀର ତାହାକୁ ଅଧା ଅକ୍ଷର କହୁଛନ୍ତି । ତେଣୁ ଦୁଇ ଓ ଅଧା ମିଶି ଅଢେଇ ଅକ୍ଷର ହେଲା ।

ସେହିଭଳି ଓଡିଆରେ 'ପ' ଓ 'ମ' ଏହି ଦୁଇଟି ଅକ୍ଷର ସହିତ 'ଏ'କାର ଓ 'ର' ଫଳା ଅଛି । ଏହାକୁ ଅଧା ଅକ୍ଷର କୁହାଯାଇପାରେ । ଏହି ଅଢେଇ ଅକ୍ଷର ଉପରେ ସାରା ସଂସାର ତିଷ୍ଠିଅଛି । ଯେଉଁ ବ୍ୟକ୍ତି ପ୍ରେମର ଅଢେଇ ଅକ୍ଷରର ଅଧ୍ୟୟନ କରି ସେହି ଅନୁସାରେ କାମ କରିଛନ୍ତି ଲୋକମାନେ ତାଙ୍କୁ ଜ୍ଞାନୀ ବା ପଣ୍ଡିତ କହନ୍ତି । ତେଣୁ ସମସ୍ତେ ପ୍ରେମ କର ଓ ପ୍ରେମାସ୍ପଦ ହୁଅ । ଏହି ପ୍ରେମର ବିଲୟ ହୋଇଗଲେ ପରସ୍ପର ପିଟାପିଟି ହୋଇ ଏ ସଂସାର ଧ୍ୱଂସ ହୋଇଯିବ, ଯେମିତି ଦ୍ୱାପର ଯୁଗରେ ହୋଇଥିଲା ।

ଅନ୍ୟ ଦୋହାଗୁଡ଼ିକ ପ୍ରାୟ ବୁଝିହୁଏ । ତେଣୁ ସେଗୁଡିକର ତର୍ଜମା ଦିଆଗଲାନାହିଁ ।

Download Magazine from www.aahwaan.com

# ପୂଜାରୀ ଉବାଚ



ବାଲ୍ମୀକି ନାୟକ

ଗୋଟିଏ ପ୍ରସିଦ୍ଧ ମନ୍ଦିରର ପୂଜାରୀମାନଙ୍କ ବିରୋଧରେ କିଛି ଭକ୍ତ ଲିଖିତ ଅଭିଯୋଗ ସ୍ଥାନୀୟ ପୋଲିସ ଥାନାରେ ଦେଲେ । ଥାନା ଅଧିକାରୀ ବାଧ୍ୟ ହୋଇ ମନ୍ଦିରର ଚାରିଜଣ ମୁଖିଆ ପୂଜାରୀଙ୍କୁ ନୋଟିସ ଦେଇ ଥାନାକୁ ଡକାଇଲେ ।

ଅଧିକାରୀ ପ୍ରଥମ ପୂଜାରୀଙ୍କ ପଚାରିଲେ - ପଣ୍ଡିତେ, ତୁମେ ଭକ୍ତମାନଙ୍କୁ ବହୁତ ଟଙ୍କା ଦକ୍ଷିଣା ମାଗୁଛ, ସେ ନ ଦେଲେ ଦୁର୍ବ୍ୟବହାର କରୁଛ ବୋଲି ଅଭିଯୋଗ ଆସିଛି । ତୁମେ ଏଭଳି କରୁଛ କାହିଁକି ? ପୂଜାରୀ କହିଲେ - ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଆଜ୍ଞା । ମୁଁ ଭକ୍ତଙ୍କ ଠାରୁ କେବଳ ମୋ ସେବାର ପ୍ରାପ୍ୟ ପାଉଣାଟି ମାଗୁଛି ।

ଅଧିକାରୀ - ତୁମେ କିଭଳି ସେବା କରୁଛ ? ବୁଝେଇ କହିବକି ?

ପୂଜାରୀ - ଆଜ୍ଞା, ଭକ୍ତଙ୍କର ବହୁତ ବଡ଼ ବଡ଼ ସମସ୍ୟାର ସମାଧାନ ମୁଁ କରି ଦେଉଛି । ଶୁଣନ୍ତୁ - ଜଣେ ଭକ୍ତ ଆସି କହିଲେ, ମୋ ବାପା ଆମକୁ ବହୁତ ଭଲ ପାଉଥିଲେ । ଆମ ପାଇଁ ଯଥେଷ୍ଟ ଧନ ସମ୍ପତ୍ତି ଅର୍ଜନ କରି ଦେଇ ଗତବର୍ଷ ଆଜିର ଦିନରେ ଆମକୁ ଛାଡ଼ି ଚାଲିଗଲେ । ଆମେ ତାଙ୍କୁ ଶ୍ରାଦ୍ଧ କରି ପିଣ୍ଡଦାନ ଦେବାକୁ ଆସିଛୁ । ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି, ବ୍ୟସ୍ତ ହୁଅନ୍ତୁ ନାହିଁ । ମୁଁ ଆପଣଙ୍କ ପିତାଙ୍କ ଆତ୍ମାକୁ ଶାନ୍ତ କରିଦେବି । ମୁଁ ଘଣ୍ଟାଏ ପର୍ଯ୍ୟନ୍ତ ମନ୍ତ୍ର ପଢ଼ି ପଢ଼ି ନୟାନ୍ତ ହୋଇଗଲି କିନ୍ତୁ ତାଙ୍କ ବାପାଙ୍କଅ ଅତୃପ୍ତ ଆତ୍ମା କେଉଁ ନର୍କରେ ଥିଲା କେଜାଣି ପିଣ୍ଡ ଖାଇବାକୁ ଜମା ଆସୁନଥିଲା । ଦୁଇଘଣ୍ଟା ପରେ ସେ ଆସି ପିଣ୍ଡ ଖାଇଲା ।

Download Magazine from www.aahwaan.com

ଅଧିକାରୀ ତାଚ୍ଛଲ୍ୟ କରି କହିଲେ - ତାଙ୍କ ବାପାଙ୍କ ଆତ୍ମା ଆସି ତୁମେ ବାଢ଼ିଥିବା ପିଣ୍ଡ ଖାଇଲେ ? ମୋ ସହିତ ଥଟ୍ଟା ଖେଳୁଛ ?

ପୂଜାରୀ - ହଁ ଆଜ୍ଞା । ପିତୃପୁରୁଷଙ୍କ ପାଇଁ ବଢ଼ାଯାଇଥିବା ପିଣ୍ଡ ଖାଇବାପାଇଁ ଆତ୍ମାମାନେ କାଉ ରୂପରେ ଆସନ୍ତି । ଆପଣ କ'ଣ ଜାଣିନାହାନ୍ତି ?

ଥାନାଧିକାରୀ ଦ୍ୱିତୀୟ ପୂଜାରୀଙ୍କୁ ଡାକି ସେହି ପ୍ରଶ୍ନ କଲେ ।

ଦ୍ୱିତୀୟ ପୂଜାରୀ - ଆଜ୍ଞା ମୁଁ ମଧ୍ୟ ମୋର ସେବାର ପାଉଣା ହିଁ ନିଏ । ଶୁଣନ୍ତୁ - ଜଣେ ଭକ୍ତ କହିଲେ, ମୋର କୋଟିଏ ଟଙ୍କାର ବ୍ୟବସାୟ ଆଜିକାଲି ବହୁତ କ୍ଷତିରେ ଚାଲିଛି । କେଉଁ ଗ୍ରହଦଶା ଯୋଗୁଁ ଏମିତି ହେଉଛି ? ପଣ୍ଡିତେ ଆପଣ ବୁଝନ୍ତୁ । ମୁଁ ତାଙ୍କର ବ୍ୟବସାୟକୁ ଦୁରୁସ୍ତ କରିବାପାଇଁ ପ୍ରାୟ ଦୁଇଘଣ୍ଟା ମନ୍ତ୍ରପାଠ ପଢ଼ି ବିଭିନ୍ନ କର୍ମକାଣ୍ଡ କରି ଠାକୁରଙ୍କପାଖରେ ନିବେଦନ କରିଦେଲି । କହିଲି ଆପଣ ଏଥର ନିଶ୍ଚିନ୍ତ ହୋଇ ଯାଆନ୍ତୁ । ଲାଭ ହେବ ହିଁ ହେବ । ଶେଷରେ ସେ ଦକ୍ଷିଣା ଦେଲାବେଳକୁ କଞ୍ଜୁସୀ କରିଲେ । ମୁଁ ମଧ୍ୟ ଦୁଇପଦ ଅଖାଡୁଆ ଭାଷାରେ ଶୁଣେଇ ଦେଲି । ମୁଁ କଣ ଭୁଲ କଲି କୁହନ୍ତୁ ।

ଅଧିକାରୀ - ତାଙ୍କ ବ୍ୟବସାୟରେ ନିଶ୍ଚୟ ଉନ୍ନତି ହେବ ବୋଲି ଆପଣ କେମିତି ଜାଣିଲେ ?

ପୂଜାରୀ - ସେ କମ୍ପାନୀକୁ ଯାଇ ଦେଖିଥାନ୍ତେ । ମୋ କଥା ସତକି ମିଛ ବୁଝିଥାନ୍ତେ । ଏବେ ତାଙ୍କର ସବୁ ଗଲା । ମୁଁ ଅଶାନ୍ତି ହେଲି । ମୋ ଠାକୁର ଅଶାନ୍ତି ହେଲେ । ତାଙ୍କର ଭଲ ହେବ କୁଆଡୁ ?

ଥାନାଧିକାରୀ ତୃତୀୟ ପୂଜାରୀଙ୍କୁ ମଧ୍ୟ ସେଇ ଏକା ପ୍ରଶ୍ନ ପଚାରିଲେ ।

ତୃତୀୟ ପୂଜାରୀ - ଆଜ୍ଞା ଆମେ କେବେ ବି କାହାକୁ ଠକିବାକୁ ଚାହିଁବୁ ନାହିଁ । ଆମେ

Download Magazine from www.aahwaan.com

ଆମର ସେବା ବଦଳରେ ପାଉଣା ଦାବୀ କରୁଛୁ । ଶୁଣନ୍ତୁ - ଜଣେ ଭକ୍ତ ଆସି କହିଲେ, ମୋର ପୁଅଟି ପାଠପଢ଼ି ଡିଗ୍ରୀଧରିଦୁଇ ବର୍ଷ ହେଲା ଚାକିରୀ ନ ପାଇ ବସିଛି । ସେହିଭଳି ମୋ ଝିଅଟି ବିବାହ ଯୋଗ୍ୟା ହୋଇ ପାଞ୍ଚବର୍ଷ ହେଲା ଘରେ ବସିଛି । କେଉଁ ଗ୍ରହଦଶାରୁ ଏମାନଙ୍କ ଅବସ୍ଥା ସୁଧୁରି ପାରୁନାହିଁ ପଣ୍ଡିତେ ଟିକେ କହିବେ କି ? ମୁଁ ତାଙ୍କୁ ସାନ୍ତ୍ୱନା ଦେଇ କହିଲି, ପୂଜାର୍ଚ୍ଚାନା ଦ୍ୱାରା ସବୁ ଗ୍ରହକୁ ଶାନ୍ତି କରାଯାଇପାରେ । ଆପଣ ଧୈର୍ଯ୍ୟ ଧରି ବସନ୍ତୁ ମୁଁ ପୂଜା ଆରମ୍ଭ କରୁଛି । ମୁଁ ମନଧ୍ୟାନ ଲଗାଇ ତାଙ୍କ ପାଇଁ କର୍ମକାଣ୍ଡ କଲି । କେତେ ଦେବୀ ଦେବତାଙ୍କୁ ନିବେଦନ କରିବାକୁ ପଡ଼ିଲା । ଶେଷରେ ସେ ଦକ୍ଷିଣା ପାଇଁ ଦର କଷିଲେ । ବାଦ ବିବାଦ ପରେ ଯାହା ଦେଲେ ରଖିଲି । ତାଙ୍କର କିନ୍ତୁ ସବୁ କିଛି ବିଫଳ ହେଲା । ମୋର ମନ ଅଶାନ୍ତି ହୋଇ ଥିବାରୁ ମନେ ମନେ ଅଭିଶାପ ଦେଲି, ଯାଅ ତୁମ ମନୋସ୍କାମନା ପୂରଣ ନ ହେଉ ।

ଶେଷରେ ଚତୁର୍ଥ ପୂଜାରୀ ଆସି ଟିକିଏ ନରମ ଗଳାରେ କହିଲେ - ଆଜ୍ଞା ସତ କଥା ହେଉଛି ଆମର ଅଳ୍ପ ଶିକ୍ଷା । ଏତିକି ଶିକ୍ଷାରେ ଆମକୁ କେଉଁଠି ଭଲ ଚାକିରୀ ମିଳିବ ନାହିଁ । ତେଣୁ ଦାଦା ବାପା ଅମଳରୁ ପରମ୍ପରାକ୍ରମେ ଏହି ଠାକୁର ସେବାରେ ଆମେ ରହିଛୁ । ପେଟ ପୋଷିବା ପାଇଁ ଏହା ହିଁ ଏକମାତ୍ର ପନ୍ଥା । ଲୋକମାନଙ୍କର ବିଶ୍ୱାସ ଯେ ଆମେ ମନ୍ତ୍ରପଢ଼ି ପୂଜାକଲେ ତାଙ୍କର କାର୍ଯ୍ୟ ସିଦ୍ଧି ହୋଇଯିବ । ଆମେ ତ ଆମ କାମ କରୁଛୁ । ସେମାନେ ତାଙ୍କର ପ୍ରାରବ୍ଧ ଅନୁସାରେ ଫଳ ପାଇବେ । ଆମ ଉପରେ ରାଗିଲେ କଣ ହେବ ? ଆଉ ଗୋଟିଏ କଥା ଶୁଣନ୍ତୁ ଆଜ୍ଞା - ଆଜିକାଲି ଶିକ୍ଷିତ ଭକ୍ତ ମାନଙ୍କ ଆଗରେ ମନ୍ତ୍ର ପଢ଼ିବା ବଡ଼ କଷ୍ଟକର କାମ । କାଳେ କେହି ଆମର ସଂସ୍କୃତ ଶ୍ଳୋକରେ ଭୁଲ ବାଛିଦେବ ବୋଲି ଡର ମଧ୍ୟ ରହୁଛି । ସୁଖର କଥା ଯେ ଆଜି ପର୍ଯ୍ୟନ୍ତ କେହି ମୋର ଭୁଲ ଧରି ପାରିନାହାନ୍ତି ।

Download Magazine from www.aahwaan.com

ଆମେ ସ୍କୁଲରେ ପଢ଼ିବା ସମୟରୁ ଯେତିକି ଦେବାଦେବୀଙ୍କ ଆରାଧନା ପାଇଁ ମନ୍ତ୍ର ଘୋଷି ଘୋଷି ମନେ ରଖିଛୁ ସେତିକିରେ କାମ ଚଳିଯାଉଛି ।

ଥାନା ଅଧିକର ସମସ୍ତଙ୍କର ବୟାନକୁ ଲିପିବଦ୍ଧ କରି ରଖିଲେ । ଅଭିଯୋଗକାରୀ ଭକ୍ତମାନଙ୍କୁ ଏକା ଦିନରେ ଡକାଇ, ପୂଜାରୀ ମାନଙ୍କ ଉତ୍ତର ପଢ଼ି ଶୁଣେଇସାରି ପଚାରିଲେ - କୁହନ୍ତୁ, କଣ କରାଯାଇ ପାରିବ ।

ଭକ୍ତମାନେ ପରସ୍ପରଙ୍କ ମୁହଁକୁ ଚାହିଁ ଚୁପ୍ ରହିଲେ ।

ଅନ୍ୟକାମରେ ଥାନାକୁ ଆସିଥିବା ଜଣେ ବୟୋଜ୍ୟୋଷ୍ଠ ଅବସରପ୍ରାପ୍ତ ଅଧ୍ୟାପକ ଥାନା ଅଧିକାରଙ୍କୀ ଉତ୍ତର ଶୁଣୁଥିଲେ । ସେ କହିଲେ, କ୍ଷମା କରିବେ ଏ ବିଷୟରେ ମୁଁ କିଛି କହିବାକୁ ଚାହୁଁଛି । ସମସ୍ତେ ଭଦ୍ରଲୋକଙ୍କୁ ଚାହିଁଲେ । ଅଧିକାରୀ କହିଲେ - ହଁ ଆଜ୍ଞା କୁହନ୍ତୁ । ଆପଣ ଜଣେ ଅନୁଭବି ଅଧ୍ୟାପକ, ଏହି ସମସ୍ୟାର ସମାଧାନ କରନ୍ତୁ ।

ଅଧ୍ୟାପକ କହିଲେ - ମୋ ମତରେ ପୂଜାରୀମାନଙ୍କର କୌଣସି ଦୋଷ ନାହିଁ । ସବୁ ଦୋଷ ଆମର । ଆମ ଘରକୁ ପାଣି ପାଇପ ସଜାଡ଼ିବା ପାଇଁ କିମ୍ବା ବିଜୁଳି ମିସ୍ତ୍ରୀ ଆସିଲେ ଆଜିକାଲି ସେମାନଙ୍କର ଦାବି ଅନୁସାରେ ଆମେ ଜାଣି ଜାଣି ତାଙ୍କୁ ଅଧିକ ପାରିଶ୍ରମିକ ଦେଉଛୁ । ପୂଜାରୀମାନେ ତ ଆମର ପୂର୍ବପୁରୁଷଙ୍କୁ ଖାଦ୍ୟ ଖୁଆଉଛନ୍ତି, କୋଟି କୋଟି ଟଙ୍କାର କ୍ଷତିକୁ ଲାଭରେ ପରିଣତ କରି ବ୍ୟବସାୟକୁ ଆଗେଇ ଦେଉଛନ୍ତି, ଆମର ପୁଅକୁ ଚାକିରୀ ଆଉ ଝିଅକୁ ବର ଯୋଗାଇ ଦେଉଛନ୍ତି । ଏହା ହିଁ ଆପଣମାନଙ୍କ ବିଶ୍ୱାସ । ଏତେବଡ଼ କାମପାଇଁ ପାରିଶ୍ରମିକ ବି ଅଧିକ ହିଁ ହେବ, ଦିଅନ୍ତୁ । ଅଭିଯୋଗ କରିଛନ୍ତି କାହିଁକି ?

ଆପଣ ସମସ୍ତେ ଚିନ୍ତା କରନ୍ତୁ - ମୃତ୍ୟୁବରଣ କରିଥିବା ଲୋକର ଆତ୍ମା କାଉ ହୋଇ

 Download Magazine from www.aahwaan.com

ଆସି ପିଣ୍ଡ ଖାଇବ କି ? ବ୍ୟବସାୟରେ ଲାଭକ୍ଷତି ତ ଲାଗିରହିବ । ଯିଏ ବ୍ୟବସାୟ କଳା ଜାଣିଥାଏ ସେ କ୍ଷତିରୁ କେମିତି ଲାଭ ହେବ ଚିନ୍ତା କରିବ । ପୁଅର ଚାକିରୀ ହେଉ କି ଝିଅର ବିବାହ ହେଉ ସେ ସବୁ କେଉଁ ଗ୍ରହ ଠିକ୍ କରିଦେଇ ପାରିବ ବୋଲି ଭାବୁଛନ୍ତି ? ଅସଲ କଥା ହେଲା ଭିତ୍ତିହୀନ ବିଶ୍ୱାସ ତ୍ୟାଗ କରନ୍ତୁ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ବିକାଶ କରନ୍ତୁ ।

ଏତିକି ଶୁଣି ଭକ୍ତମାନେ ଅଧ୍ୟାପକଙ୍କୁ ନମସ୍କାର କରିବା ସହିତ ଧନ୍ୟବାଦ ଜଣାଇ ଥାନାରୁ ବାହାରିଗଲେ ।

ଥାନା ଅଧିକାରୀ ଅଧ୍ୟାପକଙ୍କୁ ପ୍ରଣାମ କରି କହିଲେ - ଆଜ୍ଞା ଆପଣ ଆଜି ମୋର ଜ୍ଞାନ ଚକ୍ଷୁ ଖୋଲିଦେଲେ ।

ଅଧ୍ୟାପକ କହିଲେ - ମୁଁ କେବଳ ଅଧ୍ୟାପକ ନୁହେଁ ଜଣେ ହେତୁବାଦୀ ମଧ୍ୟ । ପ୍ରତ୍ୟେକ ଘଟଣାର ବୈଜ୍ଞାନିକ କାରଣ ଖୋଜି ବାହାର କରିବା ଆମ ସମସ୍ତଙ୍କର ଧର୍ମ ହେଉ ।

ବେଙ୍ଗାଲୁରୁ, କର୍ଣ୍ଣାଟକ


ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

Download Magazine from www.aahwaan.com

# କବିତା ବିଭାଗ

Download Magazine from www.aahwaan.com

# ଫେମିନିଜ୍ମ



ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ସାଧୁ ସୋରେନ୍ ଆଉ ଦାନମାଝି କିଏ ?
ମୁଁ ଠିକ୍ ସେ ଯାଣେନା , ସତ କହୁଛି
ଆଜିକାଲି ଟିଭି ନ୍ୟୁଜ୍ ଟିକେ କମ ଦେଖେ
ସେଇ ରାହୁଲ_ମୋଦି କଳି ,
ଚାଷି ଆତ୍ମହତ୍ୟା , ମୃତ୍ୟୁ ର ଅସନମ୍ମାନ
ଆଉ ଅଧିକ କଣ ଦେଖାଏ ଟେଲିଭିଜନ୍ !

ଏ ସବୁ ଅପେକ୍ଷା ମୋର ମନେ ପଡେ ବୋଉ
ଆଜି କହୁଥିଲା " ବୁଝିଲୁ ମୋତେ ଅଣଷଠି ହେଲାଣି "
ଟିକେ ଡରିଗଲି, କାହିଁକି କହିଲା ଏତକ ମୋ ବୋଉ ।
ଏ ବୟଷରେ ବି ସେ ସକାଳୁ ଉଠେ
ଯଦିଓ ମୁଁ ହସ୍ପିଟାଲରେ ଥିବାବେଳେ
ପଡିଯାଇ ତା ଅଣ୍ଟା ଦରଜ, ସେ ଆଜି ବି କଷ୍ଟ ପାଏ
ତାକୁ ଟିକେ ଡାକ୍ତର ଦେଖେଇ ପାରିନି !
ତାର ଡାଇବେଟିସ୍, ସକାଳୁ ଜଳଦି ଖାଇବା କଥା
ନନାଙ୍କ ଚା' ପାଇଁ ଅପେକ୍ଷା କରୁକରୁ ତା

Download Magazine from www.aahwaan.com

ବ୍ରେକଫାଷ୍ଟ ଟାଇମଟା ଲଞ୍ଚରେ ପହଞ୍ଚେ ।

କେତେଥର ଦିନକୁ ଫୋନକରେ
ମୋ ଖାଇବା ମୋ ଝିଅ କଥା ବୁଝେ
ପୁଅର ଦୁଷ୍ଟାମୀକୁ କାନେଇ ଥାଏ ।

ମୋର ମନେପଡେନ୍ତି ମୋ ସାନ ଭଉଣୀ ମାନେ
ଦି'ଜଣ ଦିଲ୍ଲୀରେ ରୁହନ୍ତି ଜଣେ ମୁମ୍ବାଇ
ଜଣେ ପୁନେ ଆଉ ଆମେରିକା
କିଛି ଏତେ ପାଖରେ ବି ନିଶ୍ୱାସ ବାଜେ ।

ମୁଁ ଆଇନା ଦେଖିଲେ ସେମାନେ ମନେ ପଡନ୍ତି
କାହିଁକି ମୋ ପରି ଦିଶନ୍ତିକି ସେମାନେ ?
ହେଇଥିବ , ମୁଁ କି ଯାଣେ !
ଆଜିକାଲି ମୁଁ ଭାରି ଡରେ
କୋଉଠି ଗୋଟେ କିଛି ଅଳଟଣା ଘଟିଲେ
କିଏ ଏସିଡ୍ ଭିଙ୍ଗିଦେଲେ ବା ରେପ୍ ମଡର ହେଲେ ।

ମୁଁ ଡରିବିନି ତ ଆଉ କଣ କରିବି

ଏ କଷ୍ଟକୁ ନେଇ କବିତା ଲେଖିଲେ

ଲୋକ କୁହନ୍ତି " ଫେମିନିଷ୍ଟ "

ମୋ ଝିଅ ଆଜି ପଚାରୁଥିଲା

" ମମି ଫେମିନିଜିମ୍ ମାନେ କଣ" ?

ମୁଁ କହିବି କହିବି ହେଇ ଚୁପ୍ ରହିଲି

କଣ ତାକୁ କୁହନ୍ତି " ଝିଅଲୋ ତୋ ପାଇଁ

ମୋ ଭଉଣୀମାନଙ୍କ ପାଇଁ ମୁଁ ଯେଉଁ କଷ୍ଟ ଭୋଗେ

ତାକୁ କୁହାଯାଏ ଫେମିନିଜିମ୍ " ।

ଏତକ କହିଥିଲେ କଣ ସେ ବୁଝନ୍ତା କି ?

ଅନେକ କିଛି ବୁଝିବାର ବୟସ ତାର ହେଇନି

ଯେମିତି ;

ମୁଁ ବୁଝି ପାରେନି ଫେମିନିଜିମ୍ ବା ଫେମିନିଷ୍ଟ ପରି ଶବ୍ଦ

ସାଧୁ ସୋରେନ୍ କି ଦାନ ମାଝି କିଏ ମୁଁ ଯାଣେନି

କାହିଁକି ନା ମୋ ବୋଉ ଆଉ ମୋ ନିଜ ଜଞ୍ଜାଳରୁ

ଆଜିଯାକେ ମୁଁ ବାହାରି ପାରିନି , କ୍ଷମା କରିବେ ।

ଫ୍ଲାଟ୍ ନଂ : ୨୦୭, କୁସୁମ୍ ବାଟିକା, ଶତାବ୍ଦୀ ନଗର, ୟୁନିଟ୍ - ୮ ବୟସ ହାଇସ୍କୁଲ ସମ୍ମୁଖ,

ଭୁବନେଶ୍ୱର—୭୫୧୦୦୩, ଭ୍ରାମ୍ୟଭାଷ : ୯୮୬୧୪୮୦୯୯୯

Download Magazine from www.aahwaan.com

# ତୁମେ ଗଲାପରେ



ଡଃ. ଅସିତ କୁମାର ସ୍ୱାଇଁ

ତୁମେ ଗଲା ପରେ

ଜାବୁଡି ଧରି ନିବିଡ ସ୍ୱପ୍ନକୁ

ପଚାରିଲି ପୁଣିଥରେ

ଅର୍ଥ କଣ ଛଳ ଛଳ ଆଖି

ବ୍ୟସ୍ତବିବ୍ରତ କେଶ - କୁଞ୍ଚିଫିଟା ଲୁଗାପଟା

କଣ ଦେଇ ପାରିବ ପରିଚୟ

ମୋ' ଅପବିତ୍ରତାର ପ୍ରତିବଦ୍ଧତାକୁ

ତୁମେ ଗଲା ପରେ

କରିଛି ବାଧ୍ୟ ନିଜକୁ ଆଉଥରଟିଏ

ବୁଝିବାକୁ ନିଜର ଭୁଲ୍ ଆଉ

ତା'ସହ ବଦଳିଯାଇଥିବା ପରିସ୍ଥିତି

ହେଇଯାଇଥିବା ଖାପଛଡା ମନ

ଅଜାଗା କ୍ଷତ ସହ ଆତ୍ମୀୟ ଦଂଶନ

ପୁଣି ଏଥିରେ ମୋର ସମ୍ଭାବିତ ଅପ୍ରିୟ ଭୂମିକା

ତୁମେ ଗଲା ପରେ

ଆଣିଛି ସାଉଁଟି ଅତୀତର ସ୍ମୃତି

Download Magazine from www.aahwaan.com

ଥିଲା ଯାହା ମହାର୍ଘ ଏକଦା

ଏବେ କିନ୍ତୁ ବୁଲୁଛନ୍ତି ଏପଟେ ସେପଟେ

ଠିକ୍ ଯେପରି ପଡିଥାଏ କୁଢ କୁଢ ଅସନା

ରେଳଲାଇନ୍ କଡ ବା ବସ୍-ଷ୍ଟାଣ୍ଡ ପାଖେ

ତୁମେ ଗଲା ପରେ

ଥମିଯାଇଛି ମୋ' ମନର ଅବିରତ ବର୍ଷା

ଖାଉନି କୂଳ ଲଙ୍ଘି ବନ୍ୟାର ଦାଉ

ପଡୁନି ଅକାଳ ଆଗ ଭଳି

ଅପେକ୍ଷା ନାହିଁ କାହାରି ଚାତକ ପରି

ଖାଲି ରହିଛି ଏକ ନୀରବ ପ୍ରତିଶ୍ରୁତି

କରିବାକୁ ନୀରବରେ ମୂକ ଅଭିନୟ

Download Magazine from www.aahwaan.com

# କହିପାରିଲିନି ଭଲପାଏ ବୋଲି



ସୁଜ୍ଞାନ କୁମାର କହଁର

ଗାର୍ଲସ ହାଇସ୍କୁଲର ଚାରି ନମ୍ବର ରୁମରେ
ମୋର ପରୀକ୍ଷା ରୋଲ ନମ୍ବର ଥିଲା
ନିକଟରେ ମୋର ପ୍ରେୟସୀ...
ମୋ ମନର ନାୟିକା,
ପରୀକ୍ଷା ଦେବାପାଇଁ ପ୍ରସ୍ତୁତ
ନିରବେ ଥିଲା ବସି...

ଅକସ୍ମାତ ବିହଙ୍ଗଦୃଷ୍ଟି ଘୁରାଇଲି ସେଆଡ଼େ
ନିରବରେ ଚାହିଁଲି
ଲୋକ ଅଗୋଚରେ
ସେ ବି ଚାହିଁଲା ମୋତେ କଣେଇ କଣେଇ
ମନରେ ଧରି ଅନେକ ଭାବନା
ମନର ଗହୀର ଗହନ ଭାବନା
ସହି ହୁଏନାହିଁ କି କହି ହୁଏ ନାହିଁ
ସେଇ ଭାବନା ।
ମୋର ମନ ବି ଅସହାୟ ହୋଇ ଉଠେ
ତା' ବିନା, କେବଳ ତା' ବିନା
ପାଖରେ ପାଇ ବି ପାରେନା ପାଇ
ପାଖରେ ଦେଖି ବି କଥାପଦେ
କହିପାରେନା...

ମନରେ ରହିଯାଏ ଅନେକ ଅକୁହା ବେଦନା
ତାକୁ କହି ପାରେନା, 'ଭଲ ପାଏ ବୋଲି'
ଅବା ଏହି କଥା ପଦକ ତା ଠାରୁ
ଆଦାୟ କରିପାରେନା ।

ଏହି ଚାହାଁଚାହିଁରେ ବିତିଗଲା ଦୁଇବର୍ଷ
ସମୟ ଯାଏ ନିଜ ବାଟେ
ଅପେକ୍ଷା କରେନି କାହାରିକି
ମୋହର ସମୟ ଗଲା ଏହିପରି
ବିତିଗଲା ଚାହୁଁ ଚାହୁଁ ଦୁଇ ବରଷ ।
ସମୟ ଯାଏ ନିଜ ବାଟେ
ସେଥିରେ ମୋର ଯାଏ ଆସେନା କିଛି
କେବଳ ରହିଗଲା ଅବଶୋଷ ଏତିକି
କହି ପାରିଲିନି 'ଭଲ ପାଏ ତୁମକୁ' ବୋଲି ।

ଜିଡ଼ିଙ୍ଗି ସାହି, ଟିକାବାଲି, କନ୍ଧମାଳ
ଭ୍ରାମ୍ୟଭାଷ : ୮୭୬୩୫୩୯୩୨୨

# ମହାବାତ୍ୟା



ଗୋଲାପମଞ୍ଜରୀ ପଣ୍ଡା

ମହାବାତ୍ୟାର ଷୋହଳ ବର୍ଷପରେ
ଏବେ ବି ମନେପଡ଼େ
ତା'ର ସେହି କରାଳ ରୂପ
ବାଇ ଚଢ଼େଇଟି ପରି
ଟିକି ଟିକି କୁଟାକାଠି ଗୁଡ଼ିକୁ
କରିଥିଲି ଏକତ୍ର, ଗଢ଼ିଥିଲି ନୀଡ଼ଟିଏ
ଆବୋରିଥିଲି ସ୍ୱପ୍ନକୁ
ଗଢ଼ିଥିଲି ସୁନ୍ଦର ଏକ ରାଇଜ ।
ସବୁ ମିଳେଇଗଲା
ରୋଗଗ୍ରସ୍ତ ଶରୀର ସତ୍ତ୍ୱେ
ଅଣ୍ଟାକୁ ସଳଖି ଧରି
ଆଗକୁ ଚାଲିବାକୁ ପ୍ରୟାସ ନେଇ
ଚାଲୁଥିଲି ଆଗେଇ
ଯେମିତି ମୋରି ଅଭିଶାପ
ବୁମେରାଂ ପରି ମୋ ଆଡ଼କୁ
କରିଦେଲା ଗ୍ରାସ
ଛାରଖାର ହୋଇଗଲା ଏ ଧରିତ୍ରୀ
ସାଉଁଟୀ ଧରିଥିଲି ମୋ ଦୁନିଆକୁ
ସବୁ ନିଷ୍ଫଳ ସବୁ ବେକାର
ଆଜି ମୋ ଅଗଣାରେ ଶିଉଳି ଜମେନା
ଗଙ୍ଗଶିଉଳୀ ଝଡ଼ି ପଡ଼େନା
ସବୁ ସେମିତି ମରୁଭୂମି ପରି
ଧୂଳି ଧୂସରିତ ସବୁ ଧ୍ୱଂସ ବିଧ୍ୱଂସ
ସବୁ ଶେଷ, ସବୁ ଶେଷ ।

Download Magazine from www.aahwaan.com



# ବିଜନକୁ ପଦେ

ସୁଚେତା ପ୍ରଧାନ

ହେ ବିଜନ, ମୋତେ ତୁମେ ଭଲ ପାଅ ଜାଣେ...

କିନ୍ତୁ ପ୍ରତିଦାନେ ମୋ ମନରେ ତୁମ ପ୍ରତି ଅସୀମ ଅସୂୟା

ପ୍ରତି ମୁହୂର୍ତ୍ତରେ ମୋତେ ଜଳାଉଛ ତୁମେ

ତୁମର ସାନିଧ୍ୟ ପାରେ ନାହିଁ ସହି,

ପୁଣି ତୁମର ସାନିଧ୍ୟ ଫାସୁ ବର୍ତ୍ତିବାର ଉପାୟ ପାଏନି

କାହିଁ ସେ ମୋହନ ରୂପ...

କି ରୂପରେ ମୋହିଥିଲ ମୁନୀଋଷିମନ

ତୁମ ପ୍ରେମେ ମଗ୍ନ ଶତସହସ୍ର ମନୀଷି କେଉଁ ଆଦିନ ଯୁଗରୁ ବର୍ତ୍ତମାନ ଯାଏ...

କିପରି ? କାହିଁକି ? ପ୍ରଶ୍ନ ବିଚଳିତ କରେ, ମୋତେ ବାରବାର

ପାରେନି ମୁଁ ଜାଣି କି ଥିଲା କି ଅଛି ବିଜନ, ଆକର୍ଷଣ ତୁମ ପାଶେ ?

ହୃଦୟରୁ ଉଠେ କୋହ, ନୟନରେ ସାଗରର ଜଳ

ମନତଳେ ନୈରାଶ୍ୟର ଧୁ ଧୁ ମରୁବାଲି

ଅସୀମ ଯନ୍ତ୍ରଣା ଦହେ ସର୍ବାଙ୍ଗ ମୋ ପ୍ରତିଟି ମୁହୂର୍ତ୍ତେ

ଯେତେ ମନାକଲେ ତୁମେ ଆସ... ସର୍ବଦା ମୋ ପାଶେ ।

ତୁମ ଦେଖା, ତୁମର ସାନିଧ୍ୟ ଆହୁରି ଯନ୍ତ୍ରଣା ଦିଏ, ଆହୁରି ଜଳାଏ ମୋତେ

ଶୈଶବ, କୈଶୋର ଆଉ ଯୌବନର ଜୈତ୍ର ବାନାନାଦ ଶୁଭେନାହିଁ ଆଉ...

Download Magazine from www.aahwaan.com

ଶୈଶବର ପିତାମାତା ଭ୍ରାତାଭଗ୍ନି, କୈଶୋରର ଖେଳସାଥି, ଯୌବନର ଘୁମନ୍ତ ସପନ ଆଉ ମନ

ରୂପ କମାର; ସର୍ବେ ଥୁଣ୍ଟାଗଛ ଦେଖି ମୋତେ ହୋଇଛନ୍ତି ଦୂର

ସବୁ ସ୍ୱାର୍ଥ ସଭିଙ୍କର ଯାଇଛି ତ ସରି

ଆଉ ନାହିଁ ରଙ୍ଗ, ନାହିଁ ସ୍ୱପ୍ନ, ନାହିଁ ନାହିଁ କିଛି ବି ନାହିଁ ମୋ ପାଶେ

ଆକୁଳେ ବିକଳେ ଖୋଜେ ଦୁନିଆରୁ ଏକ ଦେବ ଶିଶୁ ଗୋଟିଏ ମଣିଷ

ଅନ୍ତରର ଆତ୍ମୀୟତା ଖୋଜେ ମୁଁ ଯେତେ ଯେଉଁଠି...

ସେତିକି ନୈରାଶ୍ୟ ମେଘ ଘୋଟିଆସେ ଏ ମନ ଆକାଶେ

ତୁମେ କୁହ ବାରମ୍ବାର ତୁମ ପ୍ରେମ ଅନାବିଳ ବୋଲି

ତୁମକୁ ଆଦରି ନେଇ ତୁମେ କୁହ ମୋ ଅଧରେ ହସ ଫୁଟୁ ବୋଲି

ତୁମେ ଚାହଁ ଦୁନିଆର ହିତ ପାଇଁ ସବୁ ବିଷ ଶୋଷି ନେଇ ନୀଳକଣ୍ଠ କରିବାକୁ ମୋତେ

କିନ୍ତୁ ଅସମର୍ଥ ମୁହିଁ

ଏ ମାଟିର ଗୋଟିଏ ମଣିଷ କେହି ଅନ୍ତର ହଜାଇ ଚାହିଁଲା ତ ନାହିଁ ମୋର ଅହ୍ସ

ଗୋଟିଏ ମଣିଷ କେହି ମୋ ଲୁହରେ ଅନ୍ତର ଭିଜାଇ ଢାଳିଲା ନାହିଁ ବୁକେ ଲୁହ

କେମିତି ହସିବି ? କି ଉପାୟ କରିବି ବିଜନ ?

ଆଖିତଳେ କଳା କଳା ଦାଗ

ନିର୍ଜନ ବିଜନବେଳା ନିଗାଡ଼ିଛି ଯେତେ ଲୁହ ଏ ଆଖିରୁ

ଏହି ସେ ଲୁହର ସ୍ମାରକୀ

ସେ ଦାଗ ତ ଲିଭିବାର ନୁହେଁ

Download Magazine from www.aahwaan.com

ସ୍ୱାସ୍ଥ୍ୟବାନ ଶରୀରେ ମୋ ରୋଗଙ୍କର ଭିଡ଼

ଚଞ୍ଚଳ ମୋ ଅବୟବେ କ୍ଲାନ୍ତିର ଲହଡ଼ି

ସଦା ଆଖି ମୁଦି ହୋଇ ଆସେ

ଦେଖିବାକୁ ଲାଗେ ନାହିଁ ଭଲ କୋକିଳ କାକଳି

ବସନ୍ତ ଫୁଲର ଗନ୍ଧେ ମଳୟର ଛନ୍ଦ ଲାଗେ ଅଗ୍ନିବର୍ଷା ଝାଞ୍ଜିପରି

ସର୍ବଂସହା ନାରୀ ମୁହିଁ ସୃଷ୍ଟିର ମୂଳତତ୍ତ୍ୱ

କିନ୍ତୁ ଯୁଗେ ଯୁଗେ ହୋଇଛି ମୁଁ ପାଷାଣୀ, ମୁଁ ପୁଣି ଦୁଃଖିନୀ ସୀତା

ଅନ୍ଧୁଣି ଗାନ୍ଧାରୀ

ଦ୍ରୌପଦୀ ମୁଁ କୁରୁସଭା ସବରେ କାରୁଣ୍ୟ

ଏ ଯୁଗରେ ସତୀ ପୁଣି ରୂପା କନହ୍ୱାଲ

ପୁରୁଷକୁ ସବୁ ଦେଇ ଲୁଣି ଲୁହର ସାଗରେ ଯୁଗେ ଯୁଗେ

ଉବୁଟୁବୁ ହେଉଛି ବିଜନ

ସ୍ୱାର୍ଥାନ୍ୱେଷୀ ବର୍ବର ପୁରୁଷ ଯୁଗେ ଯୁଗେ ନିଜର ନାମ ପାଇଁ ସ୍ୱାର୍ଥୀପାଇଁ, ଅହଙ୍କାର ପାଇଁ

ଯୂପକାଷ୍ଠ ପଶୁସମ କରିଅଛି ମୋତେ...

ଅବଳା ଦୁର୍ବଳା କହି, ବାରମ୍ବାର ଫିଙ୍ଗିଛି ତୁମରି କୋଳରେ

ହେ ବିଜନ ! ମୃତ୍ୟୁୟାଏଁ ତୁମେ ଯଦି ସାଥୀ

ତେବେ କଣ୍ଠୁ ମୋର କାଢ଼ିନିଅ ଭାଷା

ଆଖିତଳୁ ନେଇ ଯାଅ ଜ୍ୟୋତି

ମନତଳୁ ଲିଭାଇ ଦିଅ ପୃଥିବୀର ପ୍ରେମ

Download Magazine from www.aahwaan.com

ହୃଦୟରୁ କାଢ଼ିନିଅ ଅନ୍ତିମ ନିଃଶ୍ୱାସ

ତେବେ ଯାଇ ତୁମ ସ୍ପର୍ଶେ, ତୁମ ଆଲିଙ୍ଗନେ, ହେବିନାହିଁ ସତତ ସନ୍ତ୍ରସ୍ତ

ହେ ବିଜନ, ପ୍ରିୟ ମୋର ! ତୁମେ ଯଦି ଏକା ପ୍ରିୟତମ

ତୁମେ ଯଦି ରୂପହୀନ... ତେବେ ଏ ଶରୀର ଧାରଣେ କି କାର୍ଯ୍ୟ ?

ତୁମର ସାନିଧ୍ୟପାଇଁ ସାଧାରଣ ମଣିଷଟେ ମୁହିଁ ଲୋଡ଼େନାହିଁ ଏ ମାଟିର ପିଣ୍ଡ

ଚାହେଁ ନାହିଁ ହେବାକୁ ମୁଁ ହିମାଳୟ କନ୍ଦରର ମୁନୀ

ଚାହେଁନାହିଁ ତୁମକୁ ପାଥେୟ କରି ହେବାପାଇଁ ଭାବୁକ, କବି ବା ବୈଜ୍ଞାନିକ

ସାଧାରଣ ମଣିଷର ଆଶା ଓ ଆକାଂକ୍ଷା ନେଇ ଜନ୍ମମୋର

ଯଦି ତୁମର ଏତେ ପ୍ରେମ ସାଧାରଣ ଜୀବନଟି ପ୍ରତି

ତେବେ ଏ ଦେହରେ ପାଇବନି ମୋତେ ?

ତୁମର ସାନିଧ୍ୟ ଖାଲି ଏ ଦେହକୁ ଦେଇଛି ଅସୀମ ଯନ୍ତ୍ରଣା -

ଦେହାତୀତ ପ୍ରେମପ୍ରୀତି ମୁଁ ପାରିବି ମୁଁ ଦେଇ

ହେ ବିଜନ, ହେ ଯନ୍ତ୍ରଣା, ଅରୂପ ହେ ଅସୀମ ଅବ୍ୟକ୍ତ

ନିଅ ମୋତେ ପାଶେ ପୃଥିବୀର ଅନେକ ଦୂରକୁ

ଏ ମାଟି ପିଣ୍ଡରୁ ମୋତେ ନେଇ ଯାଅ ତୁମରି ପାଶକୁ

ଅବସରପ୍ରାପ୍ତ ଅଧ୍ୟକ୍ଷ, ଜଗନ୍ନାଥ ପ୍ରାଥମିକ ବିଦ୍ୟାଳୟ, ଯାଜପୁର

# ସୁସ୍ୱାଗତ ଆଙ୍ଗ୍ଲ ନବବର୍ଷ ୨୦୧୮



ପ୍ରବୋଧ ଚନ୍ଦ୍ର ମୁଦ୍ରା

ଆଙ୍ଗ୍ଲ ନବବର୍ଷ ତୁମକୁ ସ୍ୱାଗତ "ଦୁଇହଜାର ଅଠର"
ଚିରବିଦାୟୀ ଯେ ଏ ଧରାବକ୍ଷରୁ "ଦୁଇହଜାର ସତର |୧|

ହେ ସତର ! ତୁମେ ବିଶ୍ୱ ଇତିହାସେ ହୋଇଗଲ କିମ୍ବଦନ୍ତୀ,
ସ୍ମୃତି-ବିସ୍ମୃତିର ଦୋଛକିରେ ତୁମ ରହିଗଲା ବହୁ କୀର୍ତ୍ତି |୨|

କାହା ପାଇଁ ତୁମେ ଚିରସ୍ମରଣୀୟ ଅଲିଭା ସ୍ମୃତିର ଗାର ,
ପୁଣି କାହାଲାଗି ହେଲ କଳଙ୍କିତ ଅକୁହା କଥା ମନର |୩|

ବିଗତ ସାଲରେ ତୁମ ଆଗମନେ ହସୁଥିଲା ଏହି ବିଶ୍ୱ ,
ଭାଗ୍ୟରେ କାହାର ସୁଯଶ-ଗୌରବ କିଏ ପୁଣି ହେଲା ନିଃସ୍ୱ |୪|

କଦା ସୁଖ-ଦୁଃଖ ହସ-କାନ୍ଦ ପୁଣି ଏହି ତ ସଂସାର ନୀତି ,
ତଥାପି ମନୁଷ୍ୟ କର୍ମଫଳ ଭୁଲି ଦୋଷ ଦିଏ କାଳ-ତିଥି |୫|

ନିୟତିର ଖେଳ କେହି ତ କଦାପି ନ ବୁଝି ପାରିବେ ନର ,
ଭାଗ୍ୟବାନ ସିନା ହୁଅଇ ସଫଳ ମନ୍ଦଫଳ ଅଭାଗାର |୬|

କାହାର ହୋଇଲା ପୁଷମାସ ବେଳ କାହାର ତ ସର୍ବନାଶ ,
ଭଗ୍ନମନୋରଥେ ହୁଅନ୍ତି ନିରାଶ ଭାଗ୍ୟବାଦୀ ଅବଶେଷ |୭|

ବହୁ ପରୀକ୍ଷାରେ ହେଲା ସମ୍ମୁଖୀନ ମୋ ପ୍ରିୟ ଭାରତ ବର୍ଷ ,
ଆପଣା ଶତ୍ରୁକୁ ଦେଇ ଚେତାବନୀ ବିଶ୍ୱେ ଅର୍ଜିଲା ସୁଯଶ |୮|

Download Magazine from www.aahwaan.com

କୂଟନୀତି ସହ ଅର୍ଥନୀତିରେ ସୁଦୃଢ ହୋଇଲା ଭାରତ ,

ମୈତ୍ରୀଭାବ ସହ ଆତଙ୍କ ଦମନେ କରିଲା ଭୀଷ୍ମ ଶପଥ ।୯

ଆତଙ୍କ ବାଦୀର ବର୍ବର ତାଣ୍ଡବେ ଦେଶେ ଦେଶେ ହାହାକାର ,

ଅସଂଖ୍ୟ ଜୀବନ ଅକାଳେ ନିଶ୍ଚିହ୍ନ ନାହିଁ ତା'ର ପଟାନ୍ତର ।୧୦।

ଶାନ୍ତିଦୁତ ରୂପେ ହୁଅ ବିଦ୍ୟମାନ "ଦୁଇହାଜର ଅଠର" ,

ତବ ଆଗମନେ ଶାନ୍ତି-ସଦ୍ଭାବର ବିଶ୍ୱରେ ହେଉ ପ୍ରସାର ।୧୧।

ହିଂସା ଓ ବିଦ୍ୱେଷ ହେଉ ଦୂରୀଭୂତ ଭାଇଚାରା ଭାବଧ୍ୟେୟ ,

"ବସୁଧୈବ କୁଟୁମ୍ବକମ୍" ମହାମନ୍ତ୍ର ହେଉ ସର୍ବ ପରିଚୟ ।୧୨।

ତୁମ ଶୁଭାଶିଷେ ଅପସରି ଯାଉ ଆତଙ୍କବାଦର ଭୟ ,

ସମ୍ପ୍ରଦାୟ ତଥା ଧର୍ମ ବିବାଦର ସମୂଳେ ହେଉ ବିଲୟ ।୧୩।

ସୁଖୀ-ନିରାମୟ ହୁଅନ୍ତୁ ସରବେ ବିଶ୍ୱ ହେଉ ମଧୁମୟ ,

ହେ ଈଶ୍ୱର ! ତୁମେ "ଅଠରସାଲକୁ"କରିଦିଅ ସୁଧାମୟ ।୧୪।

ସବୁଜ ଶସ୍ୟରେ ହସୁ ଏ ଧରଣୀ ଚାଷୀ ମୁଖେ ଫୁଟୁ ହସ ,

କୃଷକ ଭାଇର ହସରେ ବିକାଶ ହୋଇବ ଧରା ଅବଶ୍ୟ ।୧୫।

ଜ୍ଞାନ ବିଜ୍ଞାନରେ ହେଉ ଅଗ୍ରଗତି ଆମରି ଦେଶ ଭାରତ,

ବିଶ୍ୱ କଲ୍ୟାଣରେ ହୋଇ ଦୃଢବ୍ରତୀ ହେଉ ସେ ବିଶ୍ୱ ବନ୍ଦିତ ।୧୬।

ଗ୍ରା /ପୋ-ସାଙ୍କୁଡା,

ଦୂରଭାଷ - ୭୮୯୪୯୧୬୧୩୧

 Download Magazine from www.aahwaan.com

# ଭାରତମାତା



ସୁମିତ୍ରା ରାଉଳ

ବୀର ପ୍ରସବିନୀ ଚିର ସୀମନ୍ତିନୀ ଆମରି ଭାରତ ମାଆ
ବୋଲି ହୋଇଗଲେ ତା ଦେହର ଧୂଳି ଲାଗେ ସବୁ ନୂଆ ନୂଆ ।
ବୈକୁଣ୍ଠ ସମାନ ଅଟେ ଦେଶ ମୋର ଅମୃତ ତା ପାଣି ପବନ
ବହିଯାଏ ଯହିଁ ଗଙ୍ଗା ଯମୁନା ଚିର ନିର୍ମଳ ତା ଗଗନ ।
ବୁକୁରେ ଯାହାର ନୀଳ ସାଗର ଲହଡି ଭାଙ୍ଗେ ନୀତି
ବନାନୀ ଯାହାର ସ୍ୱର୍ଗ ଉପବନ ନାହିଁ ଏ ମର୍ତ୍ତ୍ୟେ ଏମିତି ।
ବସିଅଛି ଶୀରେ ଶୁଭ୍ର ହିମାଳୟ ମୁକୁଟ ସଦୃଶ ଯାର
ବନଲତା କେତେ ପାହାଡ ପର୍ବତ ଚିର ସବୁଜ ସୁନ୍ଦର ।
ବଧୂ ପରି ଦିଶେ ଭାରତ ମାଆ ମୋ ନାନା ଅଳଙ୍କାର ପିନ୍ଧି
ବେଶଭୂଷା ତାର କି ମନୋହର ସତେ ସର୍ଭିଙ୍କୁ ନିଏ ବାନ୍ଧି ।
ବୈଦିକଯୁଗରୁ କେତେ ଋଷି ମୁନି ଜନମିଲେ ତାର କୋଳେ
ବେଦୋପନିଷଦ୍ ପୁରାଣାଦି ଲେଖି ଯଶ ରଖିଗଲେ କାଳେ ।
ବ୍ୟାସ କାଳିଦାସ ବାଲମିକ ପୁଣି ଜନମିଲେ ରାମଚନ୍ଦ୍ର
ବିବେକାନନ୍ଦ ସାଥେ ରାମକୃଷ୍ଣ ପୁଣି ବୀର ସୁଭାଷ ଚନ୍ଦ୍ର ।
ବୈଦେହୀ,ମୈତ୍ରେୟୀ,ରାଧିକା,ବିଶ୍ୱବାରା ଆଦି ରମଣୀ
ବୀରା ଲକ୍ଷ୍ମୀବାଇ,କୁନ୍ତଳାକୁମାରୀ ଯଶ କେତେ ଦେଲେ ଆଣି ।

ବୈଭବରେ ଭରା ପଣତ ତାହାର ରହିଛି ଆମରି ଶୀରେ

ବାଧାବିଘ୍ନ ଯେତେ ଆସିବ ପଥରେ ସଦା ରଖିଥିବ ଦୂରେ ।

ବୈଷମ୍ୟ ବଇରୀ ଦ୍ୱେଷ ନାହିଁ ମନେ ସଭିଏଁ ତାର ସନ୍ତାନ

ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଶୂଦ୍ର ନାହିଁ ମାନ କି ଅଭିମାନ ।

ବାନ୍ଧିଛି ସଭିଙ୍କୁ ସେନେହ ଡୋରିରେ ନାହିଁ ତା ବାଛ ବିଚାର

ବିପଦେ ତାର ଜୀବନ ଦେବା ସଭିଏଁ ଏହି ଶପଥ କର ।

ବାଗସାହି, ପ୍ରୀତିପୁର, ଯାଜପୁର, ୭୫୫୦୧୩

Download Magazine from www.aahwaan.com

# କଷ୍ଟକର କହିବା



ଶଙ୍ଖସିନ୍ଧୁ ପୁରୋହିତ

ସବୁସ୍ଥାନ ଯଦି ହୋଇଯାଆନ୍ତା
ମନ୍ଦିର, ମସଜିଦ୍, ଗୀର୍ଜା
ସବୁ ସମୟ ହୋଇଯାଆନ୍ତା
ଭକ୍ତି-ପ୍ରାର୍ଥନାର ବେଳ;
ସମସ୍ତେ ସାଜି ଯାଆନ୍ତେ ଗୋଟେ ଗୋଟେ
ପଣ୍ଡା ଓ ପୂଜକ ।
ଭଗବାନ, ଯୀଶୁ ଓ ଆଲ୍ଲା
ହୁଅନ୍ତେ ସମସ୍ତଙ୍କ ନିକଟତର
ତଥାପି
ଏ ହତ୍ୟା, ଧର୍ଷଣ
ଚୋରୀ, ଡକାୟତି ଆଦି ଅପରାଧ
କମନ୍ତା କି ବଢ଼ନ୍ତା
କହିବାଟା
ଭାରି କଷ୍ଟକର ।

ବଡ଼ାଲି, ଉଲୁଣ୍ଡା, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୯୯୩୮୭୨୦୧୯୫

Download Magazine from www.aahwaan.com

# ଚା




ପ୍ରଶାନ୍ତ କୁମାର ନାଥ

କୁହୁଡି ଭିଜା ଏ ଶୀତ ସକାଳରେ
ମନ ଚାହେଁ ତୁମ ଛୁଆଁ
ତୁମ ଛୁଆଁ ପରା ଦେହରେ ଖେଳାଏ
ଉଷୁମ୍ ଉତ୍ତାପ ନିଆଁ ।
ଶୀତୁଆ ଓଠକୁ ଛୁଇଁଦିଅ ଯେବେ
ଦେହେ ଭରିଯାଏ ତାତି
କିଏସେ ଭୁଲିବ ତୁମେ ଦେଉଥିବା
ମଧୁଛୁଆଁ ମିଠା ପ୍ରୀତି ।
ସଭିଏଁ ପଡନ୍ତୁ ତୁମରି ପ୍ରେମରେ
ଆସିଯାଏ ଯେବେ ଶୀତ
ନିତି ସକାଳରେ ତୁମରି ସାଥିରେ
ବସୁଥାନ୍ତି ପରା ମିତ ।
ଶୀତ ସକାଳକୁ ତାଜା କରିବାକୁ
ତୁମେ ରହିଥିଲେ ସାଥିରେ
ସତରେ ଶୀତର ମଜାଟା ନିଆରା
ତୁମେ ରହିଥିଲେ ହାତରେ ।

ସୁନ୍ଦରପୁର, ଉତ୍ତରକୂଳହାଟ୍, ପ୍ରୀତିପୁର, ଯାଜପୁର ।
ମୋ-୦୮୮୯୨୩୦୧୧୪୩

Download Magazine from www.aahwaan.com

# ଈଶ୍ୱର



ସତ୍ୟବ୍ରତ ସାହୁ

ତୁମକୁ ବିଶ୍ୱାସ କରି
ସମର୍ପି ଦେଇଛି ଜୀବନ,
ତମେ ମୋ ଓଠର ହସ
ଆଖିର ଲୁହ, ଛାତିର କୋହ
ମୋ ଜୀବନ ଶୂନ୍ୟସ୍ଥାନରେ ତମେ ହିଁ ପୂର୍ଣ୍ଣତା ।
ତମେ ସର୍ବସମର୍ଥ, ସର୍ବବ୍ୟାପକ ବୋଲି ତ
ଅଜାଣତରେ ବି ଖସାଉନି ପାଦ ।

ତମେ ଯଷ୍ଟି ମୁଁ ଅନ୍ଧ
ତମେ ବତୀଘର ମୁଁ ପଥହରା ନାବିକ
ତମେ ତ୍ରାଣକର୍ତ୍ତା ମୁଁ ଅଧମ ପାପୀ
ତେଣୁ ତ ମୁଁ ଛାଡ଼ି ପାରୁନି ତମ ଆଶ୍ରୟ
ତମକୁ ଆଶା, ଭରଷା କରି
ଭସାଇ ଦେଇଛି ନାଆ ।

ହେ ଈଶ୍ୱର...

Download Magazine from www.aahwaan.com

ତମେ ସତରେ କଣ ମୁଁ ଜାଣେନା

ତଥାପି ଶବ୍ଦର ଫୁଲ ତୋଳି ଆଣିବାକୁ

କବିତାରେ ପୂଜୁଛି ତୁମକୁ

ଆଶା ରଖିଛି ଆଜି ନ ହେଲେ ବି

ଦିନେ ନା ଦିନେ ଆସିବ ମୋ ହୃଦୟକୁ ।

ତମକୁ ମୁକ୍ତିର ପଥଟିଏ ଭାଇ


ଚାହିଁ ରହିଛି ତମ ଆସିବା ବାଟକୁ ।

ପଲ୍ଲାସାହି, କମାଳପୁର,

ଅହିୟାସ, ଯାଜପୁର, ୭୫୫୦୩୬

ଭ୍ରାମ୍ୟଭାଷ : ୯୩୩୮୧୭୫୧୯

# ତୁମେ ସପନେ ସପନେ



ଶ୍ରୀମାନ୍ ଆର୍ତ୍ତତ୍ରାଣ ଖୁର୍ଡ଼ିଆ

ପ୍ରିୟା !
ତୁମେ ପ୍ରେମିକ ମନର ବାସ୍ନା
ତୁମେ ସ୍ନିଗ୍‌ଧ ଚନ୍ଦ୍ରମାର ଜ୍ୟୋତ୍ସ୍ନା,
ଚିରଆଲୋକିତ ପ୍ରଣୟ ତୁମେ
ପିପାସାର ନବତୃଷ୍ଣା !
ପ୍ରୀତିରାଜ ତୁମ ଆଶାରେ ରହିଛି,
ହୃଦୟ ଦରଜା ମେଲି,
ବ୍ୟଥିତ ଏଇ ବିରହର ବେଳେ
ଦେବ ପ୍ରେମସୁଧା ଢ଼ାଳି ।
ତୁମେ ତ ଆସିଲେ ତୁମରି ପାଇଁ
ରଙ୍ଗୀନ ହେବ ଏ ମରୁଭୂମି ବାଲି
ସପନେ ସପନେ ସତେ କି
ପ୍ରିୟା ଗୋ,
ପୀରତି ଢାଳିବ ବୋଲି
ପୀରତି ଢାଳିବ ବୋଲି ।

ସୌଦାମିନୀ ନିଳୟ, ବଙ୍କିଆ
ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

Download Magazine from www.aahwaan.com

# ପବିତ୍ର ମିଳନ



ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ତୁମେ ମୋ ମନର ଫୁଲ
ମୁଁ ତୁମ ପ୍ରେମ ଫଗୁଣ
ତୁମେ ମୋ ପ୍ରେମ ବରଷା
ମୁଁ ତୁମ ଶ୍ରାବଣ

ତୁମେ ମୋ ରଙ୍ଗୀନ ଆକାଶ
ମୁଁ ତୁମ ସୁନେଲି ତାରା
ତୁମରି ପବିତ୍ର ହୃଦୟେ
ଦେଇଛି ଆଜି ମୁଁ ଧରା

ତୁମେ ମୋ ବଞ୍ଚିବାର ଆଶା
ମୁଁ ତୁମ ଆଖିର ନିଶା
ତୁମରି ସେନେହ ପ୍ରେମେ
ଗଢିଛି ବାଇ ଚଢେଇ ବସା

ତୁମେ ମୋ ହୃଦୟ ଦୀପ

Download Magazine from www.aahwaan.com

ମୁଁ ତୁମ ଦୀପର ଜ୍ୟୋତି
ରହିଥିବି ଜନ୍ମ ଜନ୍ମ ପାଇଁ
ହୋଇ ତୁମ ଜୀବନ ସାଥୀ

ଆମ ଦୁହିଁଙ୍କର ଏ ପବିତ୍ର ପ୍ରେମ
ସ୍ମୃତି ହୋଇ ରହିବ ଜନମ ଜନମ
ଆମ ପ୍ରେମର ଏଇ ବନ୍ଧନ
କରାଇଛି ଦୁଇ ହୃଦୟର ପବିତ୍ର ମିଳନ

{ଆମ ବାହାଘରର ତୃତୀୟ ବାର୍ଷିକୀ (୧୬.୦୧.୨୦୧୮) ଉପଲକ୍ଷେ ମୋ ସ୍ୱାମୀ ଦୀପକ ଷଡଙ୍ଗୀଙ୍କ ପାଇଁ ଉତ୍ସର୍ଗୀ କୃତ}

ମଧୁପାଟଣା

କଟକ – ୧୦

Download Magazine from www.aahwaan.com

# ସହଜ ସମାଧାନ



ଡା ସୌମ୍ୟରଞ୍ଜନ ମିଶ୍ର

ମାତୃମୃତ୍ୟୁ ଶିଶୁମୃତ୍ୟୁହାର
ତାଲିକାରେ ଓଡ଼ିଶାକୁ ପ୍ରଥମରେ ଦେଖି
ସ୍ୱାସ୍ଥ୍ୟମନ୍ତ୍ରୀ ପକେଇଲେ ଡାକ
କେ ଅଛରେ,
ତୁରନ୍ତ ସମନ କର ସେକ୍ରେଟାରୀଙ୍କୁ
ହେବ ରୁଦ୍ଧଦ୍ୱାର ବଇଠକ ।

ବଇଠକେ ମନ୍ତ୍ରୀଙ୍କର ଟେମ୍ପରକୁ ଦେଖି
ଆସ୍ତେ କରି ଚଷମାକୁ ଟେକି
ସେକ୍ରେଟାରୀ କହିଲେ -ବୃଥାରେ
ଆମ ଉପରେ କର କିଆଁ ରୋଷ ?
ଆମେ ତ ନିରୀହ ସାର
ସବୁ ସେଇ ଡାକ୍ତରଙ୍କ ଦୋଷ ।
ଯେତେ ବଢ଼େଇଲେ ବି ଦରମା ଭତ୍ତା
ଡାକ୍ତର ଯାଉନାହାନ୍ତି ଗ୍ରାମାଞ୍ଚଳ ଆଡ଼େ
ସେଇଥିପାଇଁ କି ସାର

Download Magazine from www.aahwaan.com

ମାତୃ ଓ ଶିଶୁମୃତ୍ୟୁହାର ହୁ ହୁ ବଢ଼େ ।

ମନ୍ତ୍ରୀ କହିଲେ - ଆଚ୍ଛା, ଏମନ୍ତ !
ଠିକ୍ ଅଛି, ଆଉ ଗଣ୍ଡେ ମେଡ଼ିକାଲ କଲେଜ ଖୋଲିବା
ଆମେ ଖୋଲି ନ ପାରିଲେ ପ୍ରାଇଭେଟ୍ କମ୍ପାନୀକୁ ଦେବା ।
ସେଇଥିରୁ ଶହ ଶହ ଡାକ୍ତର ଉତାରି
ପଠେଇବା କୋରାପୁଟ୍, ମାଲକାନଗିରି ।
ଡାକ୍ତର ହେଲେ ହାଉଯାଉ
ବାଧ୍ୟହୋଇ ଗ୍ରାମାଞ୍ଚଳ ଯିବେ
ସହି ନ ପାରିବେ କମ୍ପିଟିସନ ଦାଉ ।

ସେକ୍ରେଟାରୀ କହିଲେ - ସାର୍,
ଏଥିପାଇଁ ବହୁତ ସମୟ ଲାଗିବ;
ଅତି କମରେ ଛଅରୁ ଆଠବର୍ଷ ଯିବ ।
ଆପଣଙ୍କ କାର୍ଯ୍ୟକାଳ ସରି ଯାଇଥିବ ସାର୍
ମୃତ୍ୟୁହାର କଣ ଆଉ ଜଗିକି ବସିବ ?

ସେଥିପାଇଁ ମୁଁ ରଖିଛି ଆଇଡ଼ିଆ ବୋମା;
ଆସନ୍ତା ଶିକ୍ଷାବର୍ଷରୁ

ଖୋଲିବା ଆମ ରାଜ୍ୟରେ ଡାକ୍ତରୀ ଡିପ୍ଲୋମା ।

ଯେତେସବୁ ମେଟ୍ରିକ୍ ଟପ୍ପର୍;

କହିଛନ୍ତି ଭବିଷ୍ୟତରେ ହେବାକୁ ଡାକ୍ତର

ସମସ୍ତଙ୍କୁ କରିଦେବା ଭର୍ତ୍ତି

ପ୍ଲସ୍ ଟୁରେ ବେଙ୍ଗକାଟି

ସେମାନେ ଅଧିକଟା ବା କଣ ଶିଖୁଛନ୍ତି ?

ମନ୍ତ୍ରୀ କହିଲେ - ହଁ ଠିକ୍ କଥା ଯେ

ବିଶେଷଜ୍ଞ ଡାକ୍ତର ନ ହେଲେ ଲାଭ ନାହିଁ କିଛି

ଜର ଝାଡ଼ା ଉପଚାର ଛଡ଼ା

ସିମ୍ପିଲ୍ ଡାକ୍ତର କଣ ମାରିପାରେ ମାଛି ?

ଆଉ କିଛି ଅଛି କି ଉପାୟ୍;

ବିଶେଷଜ୍ଞ ଡାକ୍ତରଙ୍କ ସଂଖ୍ୟା କେମିତି ବଢ଼ିବ

ନିର୍ଭୟରେ ଖୋଲିକରି କୁହ ।

ସେକ୍ରେଟାରୀ କହିଲେ - ସାର୍

ରାଜ୍ୟରେ ଅଛନ୍ତି ଯେତେ ବେକାରୀ ଇଞ୍ଜିନିୟର୍

ସେମାନେ ହୋଇପାରିବେ ନିଶ୍ଚେ ବିଶେଷଜ୍ଞ

ଖାଲିଟିକେ ସର୍ଟ୍ କୋର୍ସ୍ ଟ୍ରେନିଂ ଦରକାର ।

ସିଭିଲ ବାଲାଏ ହେବେ ଶିଶୁ ବିଶେଷଜ୍ଞ

ଆର୍କିଟେକ୍ ବାଲାଙ୍କୁ ଦେବା ସ୍ତ୍ରୀ ଆଉ ପ୍ରସୂତୀ ବିଭାଗ

ହାଇଡ୍ରୋ ଟେକ୍ନୋଲୋଜୀଙ୍କୁ କିଡ଼ନୀ ଲିଭର

ଟେଲି କମ୍ୟୁନିକେସନଙ୍କୁ ମାନସିକ ରୋଗ ।

ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର୍

ବଢ଼ିଆ କରିବେ ସାର୍ ସ୍ନାୟୁର ସର୍ଜରୀ

ଅଟୋମୋବାଇଲ୍ ବାଲା ବସିଥିବେ ହୃତପିଣ୍ଡ ଧରି ।

ମେକାନିକାଲ୍ ଇଞ୍ଜିନିୟର୍

ଅର୍ଥୋପେଡ଼ିକ୍ ଚିକିତ୍ସା କରିବ;

ଇଞ୍ଜିନିୟରିଂ ପରେ ଯିଏ ଏମବିଏ କରିଥିବ

ଏ ସବୁ ବିଶେଷଜ୍ଞଙ୍କୁ ସିଏ ସମ୍ଭାଳିବ ।

ତେଣୁ ସାର,

ଠିକାରେ ସେଇମାନଙ୍କୁ ଦିଅନ୍ତୁ ନିଯୁକ୍ତି

କାରଣ, ଯେତେକ ଇଞ୍ଜିନିୟର

ସମସ୍ତେ ପ୍ଲସ୍ ଟୁରେ ବିଜ୍ଞାନ ପଢ଼ିଛନ୍ତି ।

ସବୁ ଶୁଣିସାରି ମନ୍ତ୍ରୀ

 Download Magazine from www.aahwaan.com

ସେକ୍ରେଟାରୀଙ୍କୁ ଆଉ ଟିକେ ପାଖକୁ ଡାକିଲେ

ଫୁସ୍ ଫୁସ୍ କରି ତାଙ୍କ କାନରେ କହିଲେ,

ହେଲା ଯେ, ଗୋଟେ କଥା ବାକି ରହିଗଲା

କହିଲନି ତ ଯୌନରୋଗ ବିଶେଷଜ୍ଞ

ପଦବୀଟା କାହାକୁ ମିଳିଲା ।

ସେକ୍ରେଟାର୍ ସ୍ମିତହାସ୍ୟମାରି

କହିଲେ - ସାର୍, କମ୍ପ୍ୟୁଟର୍ ଇଞ୍ଜିନିୟର୍

ଛଟେଇ ହେଇ ଯାହାଙ୍କ ଯାଇଛି ଚାକିରୀ ।

ସେଇମାନେ ଯୌନରୋଗ ବିଶେଷଜ୍ଞ ହେବେ;

କମ୍ପ୍ୟୁଟର ଛବିକୁ ଦେଖେଇ

ଯୌନରୋଗ ଚିକିତ୍ସା କରିବେ ।

ସେକ୍ରେଟାରୀଙ୍କ କଥା ମନ୍ତ୍ରୀ ହେଲେ ପ୍ରୀତ;

କହିଲେ - ଏ ବାବଦରେ ଫାଇଲି ପୁଟ୍ ଅପ୍ କରି

ମୋ ପାଖକୁ ପଠାଅ ତୁରନ୍ତ ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀଉ, କେନ୍ଦ୍ରାପଡ଼ା

ଓଡ଼ିଶା

Download Magazine from www.aahwaan.com

# ଭାରତମାତା କହୁଛି



ଏମ୍. ବିଜୟ କୁମାର

ଭାରତ ମାତା କହୁଛି ଶୁଣ ମାଟିବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର
ସଂଘର୍ଷ କର
ଗ୍ଲେହା ଗ୍ଲେହାଇ ପୁଅ ଝିଅ ସବୁ ସମାନ
ତୁମ ପାଇଁ ସୁବିଧା ସୁଯୋଗ ଅଛି ଜାଣ ।

ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଉଠ ଜାଗ ଉଠ ରାହାର ବାସ୍ନା ଶୁଂଘୁ

ବିଶ୍ୱର ସର୍ବବୃହତ ସଂବିଧାନ ପିତା
ଭାରତ ମାଟି ମାଁ ରୁପୀ ଆମ୍ବେଦକର

ଛଅ ବିଜ୍ଞ ମନୀଷୀ ମଧ୍ୟେ ଚୀର ଅମର
ସମସ୍ତଙ୍କୁ ଦେଇ ସମାନ ମାନବାଧିକାର

ଅଚଳା ପାହାଡ ଗିଳିବାକୁ ଆଁ ଫାରୁଛି
ଆର୍ତ୍ତନାଦ ନୁହେଁ ପ୍ରତିବାଦ ମାଁ କରୁଛି

ଭୁଖା ଭୂଗୋଳରେ ଯାଏ ଭୂମିକମ୍ପ ମାଡି
ଭିକ୍ଷାଥାଳ ଧରାଇ ଭିକ ଫିକଇ ଜୁରୀ

ଅଳ୍ପ ଅଳ୍ପ ଭାଗ ଭାଗ ହୋଇ ବହୁଜନ
ଅନ୍ଧକୂପେ ରହି ଭୋକ ଶୋଷେ କାଟୁ ଦିନ

ସର୍ବ ଦୁର୍ନୀତି ଜିନ୍ଦାବାଦର ସରକାର
ଚର୍ତୁଦିଗେ କଳଂକ ଆତଂକରାତ କା'ର
ଚଳିବ ନାହି ଚଳିବ ନାହିଁ

ମୂଳନୀବାସୀ ଭାରତେ ବିଦେଶୀ ଶାସକ
ଧର୍ମ କର୍ମ ଈଶ୍ୱର ନାଁ ରେ ବନାଇ ଭେକ
ନଚାଉଛି
ନାଚ ମାକରୀ ନାଚ
କୁଣା ଖାଏବୁ ନାଚ

ମୂଳନୀବାସୀଂକ ସ୍ୱାଧିନତା ଆନ୍ଦୋଳନ
ନିଃଶବ୍ଦ ମଣିଷ ଏକ ସ୍ୱର ଉତ୍ତୋଳନ

ଛଳକପଟେ ସାମାଜିକ-ଅର୍ଥନୈତିକ
ଯୁଗ ଯୁଗ ଦାସ କରି ରଖିଛ ଶାସକ

Download Magazine from www.aahwaan.com

ସ୍ୱାଧିନ ଭାରତ ପରାଧୀନ ବହୁଜନ !
ନୁହେଁ ସ୍ୱାଧୀନ ନୁହେଁ ସ୍ୱାଧିନ

ଜନ ଗଣ ମନ ଅଧିନାୟକ ଜୟ ହେ
ଭାରତ ଭାଗ୍ୟ -ବିଧାତା
ମୂଳନୀବାସୀ ଶୁଦ୍ର ବହୁଜନ ଜାଗ ହେ
ମୁକ୍ତି ହେବ ସ୍ୱାଧିନତା
ଜୟ ଭୀମ ଜୟ ମୂଳନୀବାସୀ
ଜୟ ଭାରତ
ଉଠ ଉଠ ହୁଅ ଜାଗ୍ରତ ହୁଅ ପ୍ରସ୍ତୁତ


ଦଳିତ ଆଦିବାସୀ ପଛୁଆ ସଂଖ୍ୟାଲଘୁ
ଜନ ଆନ୍ଦୋଳନ ରାସ୍ତାର ବାସ୍ନା ଶୁଘୁ

ଭାରତ ମାତା କହୁଛି ଶୁଣ ରକ୍ତ ବୀର
ଶିକ୍ଷିତ ସଂଗଠିତ ହୋଇ ସଂଘର୍ଷ କର
ସଂଘର୍ଷ କର

ମାର୍ଫତ ବିଜୟ ମହପାତ୍ର
ଡେଲଟା କଲୋନୀ ଉତ୍ତରା
କୌଶଲ୍ୟାଗଗାଂ-02
ଭୁବନେଶ୍ୱର
ମୋ-7978784130

Download Magazine from www.aahwaan.com

# ତୃତୀୟ ପୁରୁଷ



ବିନୟ ମହାପାତ୍ର

କିଏ କହେ,

ଆତ୍ମା ମରେ ନାହିଁ, ଜଳେ ନାହିଁ,

ଆତ୍ମାର ଅନୁଭବ ନାହିଁ,

ଆତ୍ମାକୁ ଯନ୍ତ୍ରଣା ହୁଏନା ?

ଆତ୍ମାର ଆତ୍ମା ବି ଜଳି ଯାଏ,

ନିତି ନିତି ଲହୁ ଲୁହାଣ ହୁଏ

ବାହୁନି ବାହୁନି କାନ୍ଦେ,

କେହି ଜଣେ ଆତ୍ମୀୟର

ଟିକିଏ ଆଘାତରେ ।

କିଏ କହେ,


ଆତ୍ମାର ଭୋକନାହିଁ, ଶୋଷନାହିଁ ?

ନିତି ଏଠି ଆତ୍ମସାତ ହୁଏ,

ଆତ୍ମା ଲୁଟିନିଏ, ଶୋଷିନିଏ

ଅନ୍ୟର ସର୍ବସ୍ୱ 'ଆତ୍ମସାତ' କରିଯାଏ ।

'ପର ର ଆତ୍ମା'କୁ ତ ଚେହ୍ନେନା ମଣିଷ



ନିଜ ଆତ୍ମା ଖୁସି ପାଇଁ ସବୁ କରିଯାଏ,

ବିଡମ୍ବନା ଦେଖ,

ଜୀବନର ଅବଶେଷେ

'ପରମ-ଆତ୍ମା'କୁ ଖୋଜେ !

କିଏ କହେ,

ଆତ୍ମାରେ ଲାଗେନା ନିଆଁ

ଆତ୍ମା କେବେ ଜଳେ ପୋଡେ ନାହିଁ ?

ଆତ୍ମା ଏଠି ନିତି ଜଳିଯାଏ,

Download Magazine from www.aahwaan.com

ସମାଜର ସମ୍ପତି ଲୋଭର ।

ପରଜିଅ ଭେଟି ଚଢ଼ିଯାଏ,

ନୁଆଁ ବୋହୁ ନିତି ଜଳି ଜଳି

ଅବଶେଷେ ଆତ୍ମାରେ ତା

ଢାଳି ଦିଏ କେରୋସିନ୍

ନିତି କେତେ 'ଆତ୍ମଦାହ' ହୁଏ ।

କିଏ କହେ ଆତ୍ମା କେବେ

ସମ୍ପର୍କରେ ବାନ୍ଧି ହୁଏ ନାହିଁ ?

ଯେତେ ସବୁ 'ଆତ୍ମୀୟ' ସେ ସବୁ ତ

ଆତ୍ମାର ଆପଣାର ଜନ !

ଆତ୍ମାରେ ଆତ୍ମା ଯୋଡ଼ିଛି

ସମ୍ବନ୍ଧର ଡୋରୀ,

ଆତ୍ମା ଦେହାତୀତ ନୁହେଁ

ଆତ୍ମା ନୁହେଁ 'ତୃତୀୟ ପୁରୁଷ' ଅବା

ଆତ୍ମା ଆମ ଭିତରେ

ଆଉ 'କେହି ଜଣେ' ନୁହେଁ ।

ଆଖି ଦେଖେ, କାନ ଶୁଣେ

ଆତ୍ମା ବି ଅନୁଭବ କରେ ।

ଆତ୍ମା କାନ୍ଦେ, ହସେ, ଭଲପାଏ,

ଆତ୍ମା ସନ୍ତୋଷ ବି ହୁଏ ।

ଆତ୍ମା ଲୋଭକରେ, ହିଂସା ବି କରେ,

ଆତ୍ମା ହତ୍ୟା କରେ, ପୂଣ୍ୟ କରେ

କରେ ଅନେକ ପାପ ବି,

ଆତ୍ମା କଳୁଶିତ ହୁଏ ପବିତ୍ର ବି,

ଆତ୍ମା ଚାହେଁ କୁଶଳତା ସର୍ବ ସିଦ୍ଧି ପାଇଁ ।

କିଟ୍ ସ୍କୋୟାର, ପଟିଆ

ଭୁବନେଶ୍ୱର, ଓଡିଶା

Download Magazine from www.aahwaan.com

# କଇଁ



ଶୁଭକାନ୍ତ ସାହୁ

ଉଆଁସ ଗଲାଣି ନଭେ ଦ୍ୱିତୀୟାର ଜହ୍ନ,
ହେଉ ବି ଅସ୍ପଷ୍ଟ ଢାଳେ ଶୀତଳ କିରଣ ।
ଶୂନ୍ୟତାରୁ ଶଶିଙ୍କର ଅସ୍ତିତ୍ୱ ବିକାଶେ,
ଦେଖି ତାରେ ପ୍ରିୟତମା କଇଁ ଦେଖ ହସେ ।
ଲାଜର ଓଢ଼ଣି ଆଜି ମୁଖୁ ଟାଣି ନେଇ,
ଉତ୍କଣ୍ଠାରେ ଦିନ ଗଣେ କେବେ ଯେ ପୁନେଇଁ ।
ଅର୍ଦ୍ଧଚନ୍ଦ୍ର ବୋଲି ସିଏ ଅର୍ଦ୍ଧ ପ୍ରସ୍ଫୁଟିତା,
ପୂର୍ଣ୍ଣିମା ଶଶାଙ୍କ ଦେବେ ତା'ଦେହେ ପୂର୍ଣ୍ଣତା ।
ଏକେ ଦେଖ ଧରିତ୍ରୀରେ ଆରେକ ଅମ୍ବରେ,
ଦୂରତା ବଢ଼ିନି ପ୍ରେମେ ଥିଲେ ବହୁଦୂରେ ।
ଲାଜୁକିରାଣୀ ସେ କଇଁ ହସଇ ମୁରୁକି,
ନୀଳାକାଶେ ନିଶାକର ଖୁସି ତା'ରେ ଦେଖି ।
ଅନାବିଳ ଆକର୍ଷଣେ ଦେହାତୀତ ପ୍ରେମ,
ଶିଖ ଆଉ ନପଡି ସେ ବସ୍ତୁବାଦୀ ପ୍ରେମେ ।

ଭ୍ରାମ୍ୟଭାଷ : ୯୮୬୧୭୩୨୨୫୬

Download Magazine from www.aahwaan.com

# ଫଗୁଣ



ନଳିନୀ ପ୍ରଭା ଦାସ

କାହା ପାଦ ଶବ୍ଦରେ
ସୁପ୍ତ ମନର ଦରଜା ଖୋଲିଯାଏ ।
ହୃଦୟ ତନ୍ତ୍ରୀ ଝଙ୍କୃତ ହୁଏ
ସପ୍ତ ସ୍ୱରରେ ସ୍ୱରେ
ଲାଜେଇ ଯାଏ
ତନୁମନ ।
ଇନ୍ଦ୍ରଧନୁର ରଂଗଭରା ଆବେଗରେ
ଦିଗ୍‌ବିଦିଗ ପ୍ରେମର ବର୍ଷା ବରଷିଯାଏ
ଫଗୁରେ ହୋଲିରେ ଆନନ୍ଦ ଆଉ କଟାକ୍ଷରେ
ବ୍ୟାପ୍ତ ହୁଏ ।
ଭିଜିଯାଏ ପ୍ରାଣଭୂମି
ଅସୁମାରି ସ୍ୱପ୍ନରେ,
ଅଙ୍କୁରି ଉଠେ ନବୀନ ଭାବନା;
ସୁଗନ୍ଧିତ ମୁକୁଳରେ
ମୁଗ୍‌ଧ ହୁଏ ଚିନ୍ତା ଓ ଚେତନା
ପ୍ରେମୀର କପୋଳେ ଆଙ୍କି ହୁଏ
ଅଦୃଶ୍ୟ ଚୁମ୍ବନର କଳ୍ପିତ କାମନା
ସ୍ୱର୍ଗୀୟ ସଂପଦରେ ଭରିଯାଏ
ତା ଆଗମନରେ ।

ଅଧ୍ୟାପିକା
ଜି କେ ମହିଳା ମହାବିଦ୍ୟାଳୟ,
ଗୋବରା, ଓଡ଼ିଶା

Download Magazine from www.aahwaan.com

# ସ୍ପନ୍ଦନ



ଶୈବାଳିନୀ ସାହୁ

ଦୁଇଶହ ଛଅଖଣ୍ଡ ଇଟାର ଏ ଅଟ୍ଟାଳିକା

ଜଣାନାହିଁ, କେଉଁ ଛାତ

କେଉଁ କାନ୍ଥ କେତେ ଯେ ବିଶ୍ୱସ୍ତ,

ସ୍ପନ୍ଦନକୁ ଶୋଷିନିଏ

ଦିବାରାତ୍ର, ଦଣ୍ଡ ଆଉ କ୍ଷଣ

ଜଣାନାହିଁ, କେଉଁ ହାତ

ହାସ୍ୟରୋଳ ଦେଖେ ମୋର

ଦେଖେ ଅଶ୍ରୁପାତ ।

ସ୍ନେହ ଆଉ ଲୁହକୁ ମୁଁ

ସ୍ପନ୍ଦନର ତରାଜୁରେ ତଉଲୁ ତଉଲୁ

ଛାତିରେ ମୋ ଭଟ୍ଟା ଆସେ

ଜୁଆର ବି ଆସେ,

ରାତି ବଢ଼େ, ରକ୍ତଚାପ ବଢ଼ିଯାଏ

ଅଶରୀରି ଦୁଃଖସବୁ

ସ୍ପନ୍ଦନକୁ ଆବୋରି ମୋ ବସେ ।

ସ୍ପନ୍ଦନ ଥମିବ ଦିନେ

ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ବି ହେବ ମୂଲ୍ୟହୀନ

ଚେତନା ବାତାୟନ ଫାଙ୍କ ଦେଇ

ପଶିଆସେ ଆଜି ଯେତେ

ଇଥରୀୟ ମହାଶୂନ୍ୟପଣ ।


ମେଟ୍ରୋପଲିଟାନ୍ କୋ ଅପରେଟିଭ୍ ସୋସାଇଟି

ପ୍ଲଟ୍ ନଂ : ୯୪, ସେକ୍ଟର - ଏ

କୋଲକାତା - ୭୦୦୧୦୫

Download Magazine from www.aahwaan.com

# ସାଥୀ



ସତ୍ୟରଞ୍ଜନ ଦାସ

ସାଥୀ କେବେ ଚାହିଁ ପାରି ମୋ ଜୀବନେ ଆ...
ଦୀପଶୀଖା ଟିଏ ହୋଇ
ଅନ୍ଧାରରେ ମତେ
ଦେଖେଇ ବାକୁ ରାହା !

କେବେ ପୁଣି ସାଜି ତୁହି
ବାରିଧର ଜଳବିନ୍ଦୁ
ମୋ ଆତ୍ମାର ମରୁଦେଶେ
ବରଷି ଯା...

ଲୁହ ପୋଛି ହସିବି ମୁଁ
ପୁଣି ବାଟ ଚାଲିବି ମୁଁ,
ଯିବାକୁ ଅଛି ପଥ ବହୁ ଦୂର
ଦୁର୍ଗମ, କାନନ ଓ କାନ୍ତର ।

ନାହିଁକେହି ସାଥେ ଚାଲିବାକୁ

 Download Magazine from www.aahwaan.com

ଯାହାକୁ କହିବି ସାଥୀ ମୋର...

ସାଥୀ କେବେ ଆସିବୁ

ତୁ ଥରେ କହିଯା,

ଅଶାନ୍ତ ଝଡ ହେବ ଶାନ୍ତ

କୂଳେ ଲାଗିବ ମୋ ଜୀବନ ନାଁ !!!

ସତ୍ୟରଞ୍ଜନ ଦାସ

ଦେଓକରଣ ବିଦ୍ୟାପୀଠ,

ଲାଠିକଟା, ସୁନ୍ଦରଗଡ ।

ମୋ: 9090740501

Download Magazine from www.aahwaan.com

# ସ୍ମୃତି



ମାମାଜିନୀ ପ୍ରଧାନ

ସ୍ମୃତି ତୁମେ ଗଲା ଦିନର,

ଆଜି ଆସିଛ ପୁଣି ଫେରି ।

ଭାବି ଥିଲି ଆଉ ହବନି ଦେଖା,

ହେଲେ, ଟାଣୁଛ ପୁଣି ମୋ ହାତ ଧରି ।(୧)

ଛୋଟ ହୋଇ ତୁମେ ନୁହଁ ଆଉ,

ତୁମକୁ ହେଲାଣି ବୟସ ।

ଭୁଲିଯାଅ ଗଲା କଥା,

ଯାହା ମନରେ ଭରିଛି ବିଶ ।(୨)

ଅତିତର ସ୍ମୃତି ଯାହା,

ଦେଇଛି ହୃଦୟକୁ କଷ୍ଟ ।

ଭବିଷ୍ୟତ ପାଇଁ ଭୁଲିଯାଅ,

ଜମା ନହୋଇ ଦୁଷ୍ଟ ।(୩)

ଯେତେ ରାଗ ରୁଷା, ମାନ ଅଭିମାନ,

କରିଥିଲେ ଆମେ ସେଇ ସମୟରେ ।

ସବୁ ଭୁଲିଯାଇ ଗଢ଼ିବା ଚାଲ,

ନୂଆ ଏକ ସ୍ୱପ୍ନ ନୂଆ କରି ଥରେ ।(୪)

Download Magazine from www.aahwaan.com

କେଜାଣି କାଇଁ ଗଲା କଥା ଭାବି,

ଅଖି ମୋର ଓଦା ହୋଇଯାଏ ।

ଝରୁ ଥିବା ଲୁହ ମାଟିକୁ ଚୁମି,

ମନେ ମନେ କିଛି କହିଯାଏ ।( ୫ )

କିଛି ଭଲ ଲାଗେ,

କିଛି ଭୁଲିଯିବାକୁ ଇଛାହୁଏ ।

କିଛି ହୃଦୟକୁ ଭାରି ବାଧେ,

କିଛି ଓଠରେ ହସ ଆଣିଦିଏ ।( ୬ )

ଏତେ ଦିନର ବନ୍ଧୁ ଆମେ,

ଥିବା ସାଥେ ପାଖା ପାଖି ସାଥି ହୋଇ ।

ଶେଷରେ ଏତିକି କହିବି,

ତୁମେ ମୋ ବନ୍ଧୁ ସଦା ପାଇଁ ।( ୭ )

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ଯମ ମୋର ତ୍ରାଣକର୍ତ୍ତା



ଡମ୍ବରୁଧର ପଟ୍ଟନାୟକ

ହୋ ସାହୁକାରେ !

ତୁମ ଟାଙ୍ଗରା ଭୂଇଁକୁ

ମୋ ଝାଳରେ ଭିଜେଇ

ତୁମ ଦିଆ ବିହନ ବୁଣିଲି ଯେ

ସେଥିରୁ ଅଧେ ଗଜେଇଲା

ତ ଅଧେ ହେଲା ଖତ ।

ତୁମ ଦିଆ ସାରର ଅସାରତାରେ

ମୋ ଗଛସବୁ ଭୋଗୁଛି

ଅପପୁଷ୍ଟିର ଧନୁଷ୍ଟଙ୍କାର ବାତ ।

ଆଉ ଏବେ ଦେଖ ହୋ ସାହୁକାରେ !

'ଯୋର୍ ଯାର ମୁଲକ ତାର' ପରି

ଏବେ ମୋ କ୍ଷେତରେ

ଚକଡା ପୋକର ନିରଙ୍କୁଶ ରାଜୁତି

ଦୋରୁଅ ନିଗିଡା ଆଖୁପରି ଜୀବନକୁ ନେଇ

ଏବେ ମୁଁ କୁଆଡେ ଯିବି ହୋ ସାହୁକାରେ ?

Download Magazine from www.aahwaan.com

ଆଗକୁ ଗଲେ ରଣର ତକ୍ଷକ,

ପଛକୁ ଗଲେ ହା'ଅନ୍ନର କୋରଡା,

ବାଁ ଡାହାଣରେ ନିର୍ଦ୍ଦୟ 'ଚକଡା',

ମୁଣ୍ଡ ଉପରେ ନିରାଶାର ସୂର୍ଯ୍ୟ ତ

ପାଦତଳେ ଥରଥର ମାଟି ମାଆର ପାପୁଲି ।

ଏବେ ମୁଁ କୁଆଡେ ଯିବି ହୋ ସାହୁକାରେ ?

କିଏ ମୋର ସାହା ହେବ ?

ଏତେସବୁ ଜନଗହଳି ଭିତରେ

ଜଣେ କେବଳ ହାତପାତିଛି

କୋଳେଇନେବାକୁ ମୋ ମୁମୂର୍ଷୁ ଆତ୍ମାକୁ

ଏବେ ସେଇ ଯମ ହିଁ ମୋର ତ୍ରାଣକର୍ତ୍ତା ।

ବାସ୍ ମୋ ଶବକୁ ଏଇ ଜମିରେ ହିଁ ପୋଡିଦିଅ

ନଡାତକ ତ କାମରେ ଲାଗିଯିବ ସାହୁକାରେ !

କେଜାଣି ମୋ ରକ୍ତ-ମାଂସ-ହାଡ-ପାଉଁଶର ଉର୍ବରତାରେ

ଆର ସନକୁ ସୁନା ଫଳିବ ତମ ଜମିରେ,

ବିଦାୟ ହୋ ସାହୁକାରେ, ବିଦାୟ ! !

ବାଣିଜ୍ୟକର ବିଭାଗ, ରାୟଗଡ-୭୬୫୦୦୧

ଭ୍ରାମ୍ୟଭାଷ-୯୪୩୮୭୧୦୮୧୧

Download Magazine from www.aahwaan.com

# ମାତୃତ୍ୱ : ଏକ ବାରାଙ୍ଗନାର



ମହୀନ୍ଦ୍ର କୁମାର ପାଲ

ରାତିର କାନି ପଣତ ସନ୍ଧ୍ୟାର ପରଶ ନେଇ

ନୂତନ ଆଶାରେ ଉନ୍ମାଦନା,

ଢାଙ୍କିଦେଇ ନାଲି ଟହ ଟହ ସିନ୍ଦୁରିତ ଟୋପା

ପୃଥିବୀ ରାଣୀର ସୀମନ୍ତର.

ପ୍ରକୃତି ଆକର୍ଷଣରେ ରୌଦ୍ର ଝିଲି ମିଲି ଦିନ

ମୁଠାଏ ସ୍ନେହର ଫୁଆରା ଦେଇ

ଶୂନ୍ୟତାରେ ମିଳେଇ ଯାଇଛି ... ।

କାମନାର ଦୀପାଳୀରେ ଘନ ତମସାରେ

ନିଷ୍ପ୍ରଭ ସ୍ଫୁଲିଙ୍ଗ ମୁଁ...

ପ୍ରତିଧ୍ୱନି ଶୁଣୁଛି ,ଶୁଣେ ଖାଲି ନିଜ ପ୍ରତିଧ୍ୱନି,

ଫାଇଭ୍ ଷ୍ଟାର୍ ହୋଟେଲ୍ର ଗମ୍ବୁଜ କୋଠରୀ

କାମନାର ବାସନାର ଗନ୍ଧ,କୋଣେ ଅନୁକୋଣେ

ଶୁଣେ ଖାଲି ନିଜ ପ୍ରତିଧ୍ୱନି,

ବାଲ୍କୋନିର ସ୍କାଇଲାଇଟ୍ ଦେଇ ଚୁମିଯାଏ ମୋତେ

ମଳୟ ସମୀର ସାଥେ ଶେଫାଳୀର ମଧୁର ରୋମାଞ୍ଚ...

ଜାଗେ ନୂତନ ପୁଲକ,

 Download Magazine from www.aahwaan.com

ମୋ ସୁଖ-ଦୁଃଖର ପଦ୍ମବନ ଦଳିଦେଇ ଯାନ୍ତି

ପୁଞ୍ଜିପତି/ବ୍ୟବସାୟୀ/ସମାଜସେବୀ/ସେକ୍ରେଟେରୀ ମହଲ୍

ତାହାଲା ପାଗଳ ଶ୍ୱାପଦ

କରିଥାନ୍ତି ପାଟରାଣୀ

ସ୍କଚ୍, ହ୍ୱିସ୍କି, ରମ୍... ଥିବା ଯାଏ ବଳିଆର ଭୂଜେ

ନିଷ୍ପ୍ରଭ ଏବେ ବୟସର ବାସର ଦୀପାଳୀ

ମଧ୍ୟାହ୍ନର ଶିଶିର ହୋଇ ଝରିପଡ଼ିଛି ଜୀବନ ପଟ୍ଟଭୂମିରେ

-୨-

ଲେଲିହାନ୍ ଜୀବନ ରୋମାଞ୍ଚ...

ମନ-ଆଇନାରେ ଦେଖେଁ ଅବସନ୍ନ ପ୍ରାଚୀରରେ

ଆତ୍ମୀୟତାର ଛାପ ଦେଇ ନିଷ୍ପାପ ଶିଶୁର ହସ

ପରଦାର ଛାୟାଚିତ୍ର ଭଳି ପ୍ରାଣୋଚ୍ଛଳ ଦୃଶ୍ୟ

ଶୂନ୍ୟରେ ଖୋଜିବୁଲେ ମାତୃତ୍ୱର ସ୍ଥାନ

ସବୁ ଶୂନ୍ୟ...ଶୂନ୍ୟତାର ସମନ୍ୱୟ

ଶାନ୍ତ ସ୍ନିଗ୍ଧ କଳ୍ପନାରେ ମହନୀୟ ହୋଇ ଉଠେ

ମାତୃତ୍ୱର ପରିଚୟ ମାତ୍ର ।

ମନେ ପଡ଼େ, ଦିନେ ଭିକାରୁଣୀ ସାଜିଥିଲି

ନିରୀହ ନିଷ୍ପାପ ଏକ ନିଃସ୍ୱ ପାଖରେ

କବି ବୋଲି ପରିଚୟ, କହିଥିଲି-

Download Magazine from www.aahwaan.com

କବି ! ଉପଗତ ତୁମ କୁଟୀରରେ,

ଓରଳା ତରଳା ନାରୀର ଅନୁନୟ ନିବେଦନ ଘେନି

ପୂର୍ଣ୍ଣକର ମାତୃତ୍ୱର ଶୂନ୍ୟସ୍ଥାନ ମୋର !

କବି ନିରୁତ୍ତର,ଶୁଭୁଥାଏ ଖାଲି କବିର କବିତାର ଧ୍ୱନି...

ଅସମ୍ଭବ...ତୁମେ ପରା ନର୍ତ୍ତକୀ ସାଜିଛ

ଫାଇଭ୍ ଷ୍ଟାର୍ ହୋଟେଲ୍ର ଜୀବନଧାରାରେ

ଯୌବନର ରୂପ ସମ୍ଭାରକୁ ସମ୍ବେଦନଶୀଳ ହୃଦୟରେ

ପ୍ରଦର୍ଶନ କରିଅଛ କାମାର୍ତ୍ତ ସମ୍ମୁଖେ

ଯୌବନର ପିଚ୍ଛିଳତାରେ ଗର୍ବ ମନେକରି

ସେ କି ପାଇବ ଶାନ୍ତି ନିଃସ୍ୱ କବି କୁଟୀରରେ ?

ରଜନୀଗନ୍ଧାର ବାସ୍ନା ପ୍ରବାହିତ ଶିରା ଧମନୀରେ

ମଧୁ ବିତରଣକରି ଏ ଭ୍ରମରୁ ସେ ଭ୍ରମର ଚୋରାରେ ଚୋରାରେ

ସେ ଖୋଜୁଛି ମାତୃତ୍ୱ ?

କବି ନୁହେଁ ଓସ୍ତାଦ ବିଲାୟତ ରୁପୀ

-୩-

ଝୁମି ଝୁମି ନାଚିଯିବ ସଙ୍ଗୀତର ତାଳେ

ନୁହେଁ ଓସ୍ତାଦ ଗନୀ,ତାବଲାରେ ତାଳଦେବ ନୂପୁର ନିକ୍ୱଣ

ନୁହେଁ ମାମୁଦ୍,ଗୀତାରର ସୁରେ ସୁରେ ହୋଇଯିବ ମାତାଲ୍

କବି ନିଃସ୍ୱ-

Download Magazine from www.aahwaan.com

ମାତୃତ୍ୱର ସ୍ଥାନ ଦେଇ ପୋଷିପାରିବନି

ନବଜାତ ଶିଶୁ ଦୁଧ ଟୋପେ ଦେଇ

ରୁଗ୍ଣ ଶୀର୍ଣ୍ଣ ହେବ ଘାସ ଗୁଳ୍ମ ଅଖାଦ୍ୟକୁ ଖାଇ

ହସର ପ୍ରଲେପ କେବେ ଦେଇ ପାରିବନି ତାଆରି ଓଠରେ...

ସବୁ ଶୂନ୍ୟ...ଶୂନ୍ୟତାର ସମନ୍ୱୟ ମାତ୍ର...

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ପଞ୍ଚାୟତ ମହାବିଦ୍ୟାଳୟ,ଧର୍ମଗଡ,କଳାହାଣ୍ଡି ।

ଭ୍ରାମ୍ୟଭାଷ : ୯୫୫୬୪୮୪୩୧୦

ଇମେଲ୍ - mahindrapal10@gmail.com

Download Magazine from www.aahwaan.com

# ଅସଜଡ଼ା



ସୁବ୍ରତ କୁମାର ସେନାପତି

ଲଜ୍ୟା ଲାଗୁନି ତୁମକୁ

ପଚାରୁଛ ମୋତେ ଆଜି

ତୋ ଜୀବନ ଟା ଆଜି ଏତେ ଅସଜଡା କାହିଁକି ?

ପଚାରୁଛ ଯଦି ,ମୋତେ ଏକଥା ନପଚାରି

ପଚାର ତୁମେ ଦିନେ ମନଭରି ଆଘ୍ରାଣ କରିଥିବା

ମୋର ଏ ଅସଜଡା ମୁକୁଳା କେଶର ବାସ୍ନାକୁ ,

ପଚାର ପୁଣି ତୁମ ଦୁଷ୍ଟ ଆଖି ଦି ଟାର

ସେ ସଇତାନୀ ନଜରକୁ

ଅବା ପଚାର ତୁମ ବିଛଣାର ସେ ଅସଜଡା ବ୍ୟାଡ଼ସିଟଟାକୁ ?

ଯଦି ନିରୁତ୍ତର ସେମାନେ

ତାହାଲେ ପଚାରି ବୁଝିନିଅ

ମୋର ଏ ଅସଜଡ଼ା ଜୀବନୀ ବିଷୟରେ

ତୁମ ଡ଼ଷ୍ଟବିନରେ କାହିଁ କେବେ ଠୁଁ ପଡ଼ିଥିବା

ସେ ରଙ୍ଗିନ ରବର ଖୋଳଟା ପାଖରୁ,

ଯେଉଁଠି ଦିନେ ଭରିରହିଥିଲା

ତୁମ ପାଇ ଶାନ୍ତିର ମହୌଷଧୀ

କିନ୍ତୁ ମୋ ପାଇ ଥିଲା ଖାଲି କୁଢ଼କୁଢ ଯନ୍ତ୍ରଣା ,

ଅବିଶ୍ୱାସର ହଳାହଳ

ଯାହା ଆଜି କରିଦେଲା ମୋର ଏ ଜୀବନଟାକୁ

ଅବିନ୍ୟସ୍ତ ଏକବାର ଅସଜଡ଼ା

କୃଷି ମହାବିଦ୍ୟାଳୟ, ଫୁଲ ଓ ଉଦ୍ୟାନ ବିଭାଗ

ଦୂରଭାଷ-୯୭୭୮୯୭୨୩୯୩

Download Magazine from www.aahwaan.com

# ମୁଁ ସର୍ବଂସହା ନାରୀ



ପ୍ରମିଳା ପ୍ରଧାନ

ନାରୀ ମୁଁ,
ସର୍ବଂସହା ନାମ ବହିଛି,
ଶାଶୁଘରେ ପାଦ ଦେଉଦେଉ
ମୁଁ କେତେ ଯେ ଗଞ୍ଜଣା ସହିଛି
କେତେ ଯେ ପରୀକ୍ଷା ଦେଇଛି ।
ନିଇତି ନିତି ଜହର ପିଇ ମୁଁ
ଆଜିଯାଏ ପୁଣି ବଞ୍ଚିଛି
ମୁଁ ସର୍ବଂସହା ନାମ ବହିଛି ।
ଗଡ଼ିଆ ଘାଟର ପଥର ସମାନ
ତୁଠ ପାଖେ ମୁଁ ରହିଛି ।
କିଏ କେତେ ଗୋଡ଼ ଘଷୁଛି
ନିଷ୍ଠୁର ମଣିଷ ଜଣେ ହେଲେ କିଏ
ମୋ ଦୁଃଖ ପଚାରି ବୁଝିଛି ?
ମୁଁ ସର୍ବଂସହା ନାମ ବହିଛି ।
ରଜକ କେଳିକୁ କେନ୍ଦ୍ରକରି ମୁଁ
ଅଗ୍ନିପରୀକ୍ଷା ଦେଇଛି ।
ନିର୍ବାସନ ଦଣ୍ଡ ପାଇଛି ।
ବସୁଧା କୋଳେଇ ନେଇଛି ।
କୁରୁସଭା ତଳେ ନେହୁରା ହୋଇ ମୁଁ
ଅଶ୍ରୁଧାର କେତେ ଢାଳିଛି,
ମୋ ଇଜ୍ଜତ୍ ନିଲାମ ହୋଇଛି
ମୁଁ ସର୍ବଂସହା ନାମ ବହିଛି ।
ଭଗିନୀ, ଜନନୀ, ଜାୟା ବୋଲି ମତେ
ଏବେ ବି ଜଗତ କହୁଛି ।
ସହିଯିବି ସବୁ, କହିବିନି କିଛି
ସତେ କି ଶପଥ ନେଇଛି ।
କ୍ରୀତଦାସୀ ପରି ଜୀବନ ବିତାଇ
ପରଘରେ ବନ୍ଧା ପଡ଼ିଛି ।
ଶକ୍ତିସ୍ୱରୁପିଣୀ, କରୁଣାମୟୀ
ଦେବୀର ଆଖ୍ୟା ମୁଁ ପାଇଛି ।
ମୁଁ ସର୍ବଂସହା ନାମ ବହିଛି ।
ବୃଦ୍ଧକାଳେ ମୁହିଁ ଜରାନିବାସରେ

Download Magazine from www.aahwaan.com

ରହି ସବୁବେଳେ କାନ୍ଦୁଛି ।

ଜାୟା ରୂପରେ ପଡିଟିଏ କି ବା

ପତ୍ନୀକୁ କି କେବେ ବୁଝିଛି ?

ଭଗିନୀ ରୂପରେ ଧର୍ଷିତା ହୋଇ

କଳଙ୍କର ମୁଖା ପିନ୍ଧିଛି ।

ନାରୀ ନୁହେଁ ମୁଁ ନାରାୟଣୀ ବୋଲି

ଏବେ ବି ଚିତ୍କାର କରୁଛି ।

ମୁଁ ସର୍ବଂସହା ନାମ ବହିଛି ।

Download Magazine from www.aahwaan.com

# ଆମର ହଁକ୍ ଛଡ଼ାଇ ଆନମା



ଏମ୍. ବିଜୟ କୁମାର

ମାଗଲେ କିଏଁ ହେନତେଇ
ନାଇ ଦେଇ ଦିଏ
ହରଲା ଅଧିକାରକେ
କିଏ ମାହାଲିଆ ନାଇ ଫିରାଏ
ଖୁଟ ବଗ ଲେଖେଁ ଜୁଗି
ମଗନିହା ଜେ ଭିକ୍ ମାଗମା
ହକ୍ ନୁହେଁ ସେ ଭିକ୍ କାହାର
ଦଜାଥୁ ନାଇ ମିଲେ
ଭିକ୍ ନୁହେଁ ସେ
ଆମର ପେଟର ଭୋକ
ଲଢ଼ି ଭିଡ଼ି ଛଡ଼ାଇ ଆନଲେ
ଆମର ହକ୍ ପାଏମା
ହକ୍ ରକତ ଇଜ୍ଜତ ମହତ
ସ୍ୱାଭିମାନ ମାନ ସନମାନ
ଆଏ ସବୁ କିଛି
ସତ ସିଖଖାନେ ଗତି-ମୁକତି

ନୂଆ ଦିସା ପାରମୁ ରଚି
କେତେ ଦିନ ଆର୍ ଚୁପ୍ ରହେମା
ଛଡ଼ାଲା ହଁକ୍ ଛଡ଼େଇ ଆନମା
ଖାଏଲା ଭାତେ ଧୁଇଲ୍ ଝିଟା
ଆହାଲୋତ ନାଇ ଆଖିର କୁଟା
ଉପରେ ରାମ ରାମ ପେଟେ ପାପ
ଭଲଲୋକି ବିଲେଇ ତମେ କାଲାସାପ
ଉଡ଼ି ଆଏଲା କୁଆ
ଆମକେ ଶାସନ କରବା
ବାଘକେ ଟୁପା ଢାପି
ବିଲେଇ କେଁ ରଜା ହେବ
ଭିନ ଭିନ ହେଇ ଅଲଗେ
ଅଲଗେ ଏକଲା ମରୁଛୁ
ମରନ ଦସାକେ ଜାନିସୁନି
ଉପଭୋଗ କରୁଛୁ
ଆଦିବାସୀ ମରୁଛେ

ଜଙ୍ଗଲ ଜମିନ ପାଏନେ

ଦଲିତ ମରୁଛେ

ଘୁରନା ଭେଦ ଜେନେ

ଧରମ ବଦଲେଇ କିଏ ମରୁଛେ

ଦଁଗା ହନା କଟାନେ

ପଛୁଆ ମରୁଛେ

ପଛୁଆଲ ହେଇ ହେଲୁଆନେ

ଇ ମାଏଟର ଖୁଟ କଟା

ଲୋକ ଆମେ ସଭୁ

ଗୁମନା ହେଲେ ଭାଗଭାଗଥି ମରବୁ

ଜାଏତକେ ଛାଡ଼ ସମାଜଥି ଜୁଡ

ସଭ ବନ୍ଧନକେ ଛିଡ଼ରେ ଛିଡ଼

ସାମାଜିକ - ଅର୍ଥନୈତିକ

ମୁକତି ପାଏମା

ଆମର ହଁକ

ଛଡ଼ାଇ ଆନମା ।

ରେମନଁଡ଼ା, ସଇଁତଲା

ବଲାଙ୍ଗୀର - ୩୨, ଓଡ଼ିଶା

ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

Download Magazine from www.aahwaan.com

# ନାରୀ



ମୌସୁମୀ ସଞ୍ଜୟ ପଟ୍ଟନାୟକ

ନାରୀ - ଶବ୍ଦ ତ ଏକ... କିନ୍ତୁ ଅର୍ଥ ତା ଅନେକ

ରଙ୍ଗ ତା ଅନେକ

ଚିର ପୂଜିତା ଚିର ନମସ୍ୟା ସିଏ,

ଯାତନାର ଅଗ୍ନିକୁଣ୍ଡରେ ଜଳେ ବି ସିଏ...

କୃଷ୍ଣଙ୍କ ପ୍ରେମ ପାଗଳିନି କୃଷ୍ଣା ବି ସିଏ...

ରାମଙ୍କ ପରିତ୍ୟକ୍ତା ବୈଦେହୀ ବି ସିଏ ।

ନାରୀ ସେ ତ ନରର ଛାୟା ଓ କାୟା...

ନ ପାରନ୍ତି ଜାଣି କେହି ତାହାର ମାୟା ।

ଗଢ଼େ ସିଏ, ଭାଙ୍ଗେ ସିଏ, ସବୁ ତ ତାହାରି ସୃଷ୍ଟି ।

ତଥାପି ତା ଆଡ଼େ ଯାଏନା କାହାରି ଦୃଷ୍ଟି ।

ନିଜେ ଜଳି ଜଳି ଅନ୍ଧାରକୁ କରେ ଆଲୋକିତ

ନା... ନା... ର ସଂସାରରେ ସେ ଏବେ ବି ଜୀବିତ

ସ୍ୱାମୀ ବିନା (ଶାଶୁଘର) ସଂସାର ତାର

କି ଯେ ତା ଅସ୍ତିତ୍ୱ...

କେବେ ଥରେ ମୋ ମନକୁ ପଚାରି ଶୁଣିବ

ମନରେ କୋହ ବାହୁନି ଉଠୁଛି...

ଭଗ୍ନ ହୃଦୟ ମୋ ବିଳାପୁଛି...

ତଥାପି ବଞ୍ଚିଛି... ତଥାପି ବଞ୍ଚିଛି... ।

କାରଣ ମୁଁ ନାରୀ

ହାରିନି କି ହାରିବିନି

ଜୀବନ ଯୁଦ୍ଧରେ ଯୁଝି ଯୁଝି କରିବି ମୁଁ ତାକୁ ପାରି ।

କିନ୍ତୁ ଏବେ ବି ବୈଶାଖର ଝାଞ୍ଜିରେ ଜଳି ଜଳି

ଆଶା ଶ୍ରାବଣକୁ ପ୍ରତୀକ୍ଷା କରିଛି...

ପ୍ରତିକ୍ଷା କରିଛି ।

ମୁଁ ଯେ ଏକ ନାରୀ ।

Download Magazine from www.aahwaan.com



# ସ୍ମୃତି ପ୍ରଜାପତି

ବିଜୟ କୁମାର ପଣ୍ଡା

ଶୂନ୍ୟତାରେ ଭରା ହୃଦୟରେ ମୋର ସ୍ନେହ ପ୍ରେମ ଭରିଦେଲ
ମୋର ଅସହାୟ ମନେ ପ୍ରତି ମୁହୂର୍ତ୍ତରେ ଅନୁକମ୍ପା ଯୋଗାଇଲ
ସଂସାରଟା ଯେବେ ମିଛ ଲାଗୁଥିଲା ତୁମେ ବିଶ୍ୱାସ ବୁଣିଦେଲ
ଶବ୍ଦରେ ପ୍ରକାଶ ହୋଇବା ଆଗରୁ ହୃଦୟର ଭାଷା ପଢ଼ିନେଲ ।
ମୋ ଜୀବନ ରାଜରାସ୍ତାରେ ତୁମେ ଚଲାପଥ ଦେଖାଇଲ
ପ୍ରଶ୍ନବାଚୀ ଭରା କଣ୍ଟକିତ ପଥେ ସବୁ ଉତ୍ତର ଖୋଜିଦେଲ
ପତ୍ରଝଡ଼ା ଦେଲା ଯେବେ ସପନର ବୃକ୍ଷ ଯତନେ ସାଉଁଟିଲ
ସପନ ସୋପାନେ ମୋର ହାତଧରି ସଫଳତା ଆଣିଦେଲ ।
ତୁମ ସାଥେ ନିତି ଚାଲିଚାଲି ପଥ ପହଞ୍ଚିଲି ସେ କୂଳରେ
ସେ କୂଳରୁ ଯେବେ ଫେରି ମୁଁ ଚାହିଁଲି ତୁମେ ଥିଲ ବହୁଦୂରେ
ଝାପସା ଝାପସା ଦିଶୁଥିଲା ଏବେ ସ୍ମୃତି ଗ୍ରନ୍ଥର ପ୍ରତି ଫର୍ଦ୍ଦ
ଚେଷ୍ଟା ବି କରିନି ପଢ଼ିବାକୁ କେବେ ଗୋଟିଏ ହେଲେ ଶବ୍ଦ ।
ବଦଳି ଯାଇଛି ମୋର ଚଲାପଥ ସହ ବର୍ଣ୍ଣମାଳା ଜୀବନର
ବଦଳି ଯାଇଛି ପୁଣି ସମ୍ପର୍କର ଡୋରୀ ବ୍ୟାକରଣ ଜୀଇଁବାର ।

ଇମେଲ୍ : editor.bijayagatha@gmail.com

Download Magazine from www.aahwaan.com

# ମୃତ୍ୟୁ



ମୀନାକ୍ଷୀ ଦାଶ

ବାସ୍ ଆଜି ପୁନଶ୍ଚ ଗୋଟେ ପତ୍ର ଅକାଳରେ ଝଡ଼ିଗଲା

ଆତ୍ମା ଶରୀର ଛାଡ଼ି ପରମାତ୍ମା ସଙ୍ଗେ ମିଶିଗଲା ।

କାନ୍ଧ ଉପରେ ଯାହାର ଥିଲା ସଂସାରର ଅନେକ ବୋଝ

ସେ ଆଜି ଚାରିକାନ୍ଧ ଲୋଡୁଥିଲା ।

ଆଜି ପୁଣି ଜଣେ ଏ ସଂସାରରୁ ବିଦାୟ ନେଲା ।

ମୁଁ ମୁଁରେ ଯିଏ ସେମିତି ଥିଲା

ନିଜ ପାଇଁ ଗର୍ବତା'ର ଅନେକ ଥିଲା

ପୁଅ ମୋର ଇଞ୍ଜିନିୟର୍, ଝିଅ ମୋର ଡାକ୍ତର

ଗାଆଁ ନୁହେଁ ବିଦେଶରେ ରହଣି ତାଙ୍କର

ଆଜି ତା'ର ମରଣ ବେଳକୁ ପରିବାର ବୋଲି

କେହି ନଥିଲେ ପାଖରେ ।

ଚାରି ଆଡ଼େ କାନ୍ଦ ବୋବାଳିରେ

ଖାଁ ଖାଁ ଥିଲା ଘର ।

ବାସି ମଡ଼ା ଆଜି ଅପେକ୍ଷା କରିଛି ତା ସନ୍ତାନର

କାଲିଯାଏ ଯିଏ ଥିଲା ବାପା ମୋର

ଆଜି ତାକୁ ବୋଲନ୍ତି ଶବ,

ଜଲଦି ତାକୁ ସଂସ୍କାର କର ।

ଗନ୍ଧରେ ଫାଟୁଛି ନାମ ଆମର

ଏଠି ଯାଗା ନାହିଁ ନାହିଁ ଟିକେ ସଫା ସୁତରା

ସତରେ ଏ ଦୁନିଆ ଅତି ବିଚିତ୍ର

ମୃତ୍ୟୁପରେ ଜଣାପଡ଼େ

କିଏ ଆପଣାର କିଏ ପର ।

ଝଡ଼ାପତ୍ର ଆଜି ଉପରୁଥାଇ ଭାବୁଛି

ସତେ ଅବା ଏ ମୃତ୍ୟୁ କେତେ ସୁନ୍ଦର ।

ପ୍ରକୃତରେ କରିଥାଏ ସେ ସତ୍ୟ ଓ ମିଥ୍ୟାର ବିଚାର

ହେଲେ ବି ମୃତ୍ୟୁକୁ ଥାଏ ମଣିଷର ଡର ।

ରାଉରକେଲା, ଓଡ଼ିଶା

Download Magazine from www.aahwaan.com

# ମୋ ଗାଁରେ ଶୀତୁଆ ସକାଳ



✍ ଦେବଦତ୍ତ ମିଶ୍ର

ମୋ ଗାଁରେ ଶୀତୁଆ ସକାଳ,
ରବିବାର, ସାଙ୍ଗମେଳ
ଧାନଖଳା, ଲୁଚକାଳି ଖେଳ ।
ମୋ ଗାଁରେ ଶୀତୁଆ ସକାଳ,
ଗଛପତ୍ରରେ କୁହୁଡ଼ି
ସତେ ଅବା ମୋତି ଆଉ ମୁକୁତାର ମାଳ ।
ମୋ ଗାଁରେ ଶୀତୁଆ ସକାଳ,
ଦରପୋଡ଼ା ଆଳୁଭର୍ତ୍ତା
ଚୁଲିପାଖ ଶୁଖୁଆ ପଖାଳ ।
ଝୋଟିଚିତା, ମାଣବସା
ଭଉଣୀର ମୁରୁଜ ଲେଖା, ଚଉରାର ମୂଳ ।
ମୋ ଗାଁରେ ଶୀତୁଆ ସକାଳ,
ମନେ ପଡ଼େ ଆଜି ମୋର
ଥାଉ ମୁଁ ଯେ ଗାଁଠାରୁ ଦୂର ।
ମୋ ଗାଁରେ ଶୀତୁଆ ସକାଳ ।

ଆଇଜିଆଇଟି, ସରାଙ୍ଗ, ଢେଙ୍କାନାଳ, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୪୦୭୦୩୦୩

Download Magazine from www.aahwaan.com

# ଜାଗହୋ ଭାରତ ଜନ



ହିମାଂଶୁ ଶେଖର ବାରିକ

ଏକ ପରେ ଏକ  ଦଶ ଶତ ବର୍ଷ
ବ୍ୟତୀତ ହୋଇଛି ଆଜ
ବିଦେଶୀ ହଟାଇ ଭାରତ ବରଷେ
ପ୍ରତିଷ୍ଠା ହେଲା ସ୍ୱରାଜ ।।

ଏବେବି ଜନତା କରୁଛି ସନ୍ଧାନ
ସ୍ୱାଧୀନତା ଅର୍ଥ କଣ
ଖୋଜେ ଗିରି ବନ ସାଗର ତଟିନୀ
ଖୋଜଇ ସହର ଗ୍ରାମ ।।

ହିମାଳୟ ଠାରୁ କୁମାରିକା ଯାଏ
ପାଏନା ସ୍ୱରାଜ ସ୍ୱାଦ
ଯେଉଠି ଦେଖିବ ନିର୍ଯ୍ୟାତନା ଆଉ
ଶୋଷଣର ଆର୍ତ୍ତନାଦ ।।

ନିର୍ଭୟା ଆତଙ୍କ ଛାୟା ଖେଳେ ମନେ
ନାରୀ ମଣେ ଅସହାୟ
ପୋଲିସ ଜୁଲମ ସାଧାରଣ ଜନ
ମନରେ ସଂଚାରେ ଭୟ ।।

ଚୋରି ଡକାୟତି ଜାଗେ ମନେ ଭୀତି
ନାହିଁ ଦିବା ନିଶି ଭେଦ
ରକତ ସରିତ କରେ ପ୍ରବାହିତ
କରାଳ ଆତଙ୍କ ବାଦ ।।

ଦାରିଦ୍ରେ ପୀଡିତା ଅସହାୟା ମାତା
ବିକ୍ରି କରଇ ଅପତ୍ୟ
ନେତା ପ୍ରଶାସନ ଭ୍ରଷ୍ଟ ଆଚରଣ
ଜନତା ହୁଏ ଶୋଷିତ ।।

ସ୍ୱାଧୀନ ଭାରତ ରୂପର ଚିତ୍ରଣ
କଲେ ଯିବ କାଳି ସରି
ଆଶୁ ପ୍ରତିକାର ନ ହେଲେ ଏହାର
ସମାସ୍ୟା ବଢିବ ଭାରି ।।

ଜାଗ ଯୁବ ଶକ୍ତି ଜାଗ ନାରୀ ଶକ୍ତି
ଜାଗ ହେ ଭାରତ ଜନ
ଭାରତ ସ୍ୱାଧୀନ ରହିବ ଅକ୍ଷୁର୍ଣ୍ଣ
ହେଲେ ଜନ ସଚେତନ ।।

Download Magazine from www.aahwaan.com

# ଅମର ଶହୀଦ



ମନୋରଞ୍ଜନ ମୁଦୁଲି

ପୁଲୱାମା ଅବା କାଶ୍ମିରୀ ଘାଟି ପ୍ରଦୀପ ଲହୁରେ ଉଠିଛି ତାତି ,
ତୁମେ ବୀର ଗତି ନେଇ ଚାଲିଗଲ ସହିଦ ଖାତାରେ ନାମକୁ ଲେଖି ।
କୋଟି ଜନ ପାଇଁ ତୁମ ଜନ୍ମ ଭୂମୀ ପାଲଟି ଯାଇଛି ତିର୍ଥ ହୋଇ ,
ତୁମକୁ ସଲାମ ଦେବାପାଇଁ ଆଜି ମଥା ଆପେ ଆପେ ଯାଉଛି ନଇଁ,
ଧନ୍ୟ ତୁମ ପିତା, ଧନ୍ୟ ତୁମ ମାତା ଧନ୍ୟ ଏ ଭାରତ ତୁମରି ପାଇଁ ।
ଆତଙ୍କି ବନ୍ଧୁକ ତୁମରି ଛାତିରେ ସୃଷ୍ଟି କରିଦେଲା ରକତ ନଈ ,
କବିର କଲମ ସବୁରୀ ଛାତିରେ ବାନ୍ଧିରଖି ଦେବ ତୁମକୁ ନେଇ ।
ଦେଶ ଦସ ପାଇଁ ଜନମ ତୁମର ରହିଗଲ ତୁମେ ଅମର ହୋଇ ,
ଭାରତ ମାତାର ବର ପୁତ୍ର ତୁମେ ନମସ୍ୟ ତୁମେ ଭାରତ ପାଇଁ ।
ଅମର ଜବାନ୍, ଅମର ସହିଦ ଅମର ତୁମେତ ଭାରତ ପାଇଁ ,
ଅମର ରହିବ ସବୁରୀ ପ୍ରାଣେ ତ୍ରିରଙ୍ଗା ପତାକା ଛାତିରେ ନେଇ ।

Download Magazine from www.aahwaan.com

# ମୁଁ ଦାଦନ ଓଡ଼ିଆ କହୁଛି



ଜାହାଣୀ ସଞ୍ଜୟ କୁମାର ଧଉଳି

ମୁଁ ଦାଦନ ଓଡ଼ିଆ କହୁଛି

ମୋ ଦୁଃଖ କିଏ ଶୁଣୁଛି ?

ବେଙ୍ଗାଲୁରୁ, ହାଇଦ୍ରାବାଦ, ଦିଲ୍ଲୀରେ ମୁଁ ରହୁଛି...

ମୁଁ ପଥହୁଡ଼ା ଓଡ଼ିଆ କହୁଛି

ଚେନ୍ନେଇ, କଲିକତା, ବମ୍ବେରେ ମୋ ଦିନ ବିତୁଛି ।

ବାପା ମାଆ, ଭାଇଭଉଣୀଠୁ ମୁଁ ଦୂର

ଗାଁ, ଖଟି ମେଳଣ ପୂଜାପର୍ବ ମୋ ପାଇଁ ପର

୧୯୩୬ର ସ୍ୱାଧୀନ ଓଡ଼ିଆ ମୁଁ କହୁଛି

ପରରାଇଜେ ପରାଧିନ ଆଜି ମୁଁ ରହୁଛି ।

ଇଂରେଜ ଗଲାପରେ ବି ଗୋଲାମୀ କରୁଥିବା ଓଡ଼ିଆ ମୁଁ ସବୁ ସହୁଛି ।

ଗାଁ ସାହି ପଡ଼ିଶା, ଗାଁ ମୁଖିଆ ଅବା ସରକାରେ

ନେତା ମନ୍ତ୍ରୀ ବ୍ୟସ୍ତ ସବୁ ନିଜ କାମ ଧନ୍ଦାରେ

ମୁଁ ଫକୀର, ଗୋପବନ୍ଧୁ, ମଧୁବାବୁଙ୍କ ଦାୟାଦ କହୁଛି...

ଆମ୍ଭ ଦେଶପ୍ରୀତି କିଏ ମାପୁଛି ?

ମୁଁ ମହତାବ, ନବକୃଷ୍ଣ, ନିଳମଣୀ ବାବୁଙ୍କ ସନ୍ତାନ କହୁଛି

ଆମ୍ଭ ଶାସନର ଆଜି କି ମାନେ ଅଛି ?

Download Magazine from www.aahwaan.com

ଶାସନ, ପ୍ରଶାସନ, ଜବ୍ ଅବା ପ୍ରମୋଶନ

ଦୁର୍ନୀତି, ଭ୍ରଷ୍ଟାଚାରରେ ସରକାରୀ କାମଧନ୍ଦା ଅଧୀନ

ମୁଁ ପ୍ରତାଡ଼ିତ, ଶୋଷିତ, ଅବହେଳିତ ଓଡ଼ିଆ କହୁଛି

ଆମ୍ଭ ଗରୀବ ମୁଣ୍ଡରେ ତେଲ କିଏ ମାରୁଛି ?

ମୁଁ ଚଷାପୁଅ, ଖଟିଖିଆ ଦରଦୀ ଓଡ଼ିଆ କହୁଛି

ଆମ୍ଭ ଦରଦକୁ କିଏ ବାଣ୍ଟୁଛି ?

ମୁଁ ଦାଦନ ଓଡ଼ିଆ କହୁଛି

ଭ୍ରାମ୍ୟଭାଷ : ୯୦୩୭୦୫୫୧୦୫

Download Magazine from www.aahwaan.com

# ସୁନାନାକୀ ଝିଅ ମାମୁନି



କଳ୍ପତରୁ ମିଶ୍ର

* ମାମୁନି ଆମର ସୁନା ନାଖୀ ଝିଅଟା ଏ
ମାମୁନି ଆମର ସଭିଠୁ ଆଦର ପାଏ

*ପଢା ବେଳେ ପଢେ ,ଖେଳ ବେଳେ ଖେଳେ
ଗୁଣୁ ଗୁଣୁ ଗୀତ ଗାଏ, ପୁଣି କେତେ ଧୂଳି ଘର ତୋଳେ *

* ପିନ୍ଧି ଦିଏ ନିଇତି ସେ, ତା' ବୋଉ ପିନ୍ଧା ଶାଢ଼ୀ ଟେ
ମଥା ରେ ଓଢଣା ଦିଏ ସତେ ନୂଆ ବୋହୁ ଟେ *

* ହାତରେ ତା ପାଣି  କାଚ ପିନ୍ଧେ ନାଲା ଟିକିଲି
ପାଦ ରେ ଅଳତା ପୀନ୍ଧେ ଥିରି ଥିରି ତା ଚାଲି *

* ବାରିପଟ ଆମ୍ବ ମୂଳ ତାର ଛୋଟ କୁଡ଼ିଆ
ସାଥି ପିଲା ଡାକି ଘର ତଳେ ବଢିଆ *

* ବାଲି,ଗୋଡି,ମାଟି ରାନ୍ଧେ ସଜେଇ ସେ ସଢ଼େଇ
ଡାଲି,ଭାତ ରାନ୍ଧେ କରି ଭଙ୍ଗା ମାଟି ହାଣ୍ଡି କଡେଇ *

*ଅମାନିଆ ତାର ମନ ସଦା ହୁଏ ଅସ୍ଥିର
ପ୍ରଜାପତି ପରି ଉଡୁଥାଏ '  ନିରନ୍ତର *

* ହାତରେ ତାହାର ଥାଏ ଆମ ପୋଷା ବିଲେଇ
ମ୍ୟାଉଁ ମ୍ୟାଉଁ  ବୋବାଇ ଖାଲି

 Download Magazine from www.aahwaan.com

* ଆଉଁସି ଦେଲେସେ ହୁଏ ଫୁଲେଇ

ଘୁଡୁର ଘୁଡୁର  ଲାଞ୍ଜ କୁ ଟୋଳି *

* ଝିଅ ଅବା ହେଉ ପୁଅ ସଭିଏଁ ତ ସମାନ

ବଡ ହେଲେ ରଖିବେତ ଦେଶ ଜାତି ସମ୍ମାନ *

* ଯେତେ ସବୁ କୁନି ପିଲା ସବୁ ଅମୁଲ୍ୟ ରତନ

ସୁନା ,ହୀରା ,ଲୀଳା ଠାରୁ ଅଧିକେ କର ଯତନ *

* ଅନ୍ଧାର କୁ ଦୂର କରେ ଦୀପ ଟିଏ ଯେସନେ

ବିକାଶ ଆଲୋକ ରାଜି ବୁଣି ଦେବେ ସେମାନେ *

* ଇତିହାସ ଆଜି ବିତ କହେ ସେହି ଶିଶୁ ଙ୍କର ବାରତା

ଧ୍ରୁବ, ପ୍ରହଲ୍ଲାଦ, ବାଜିଆ, ଧରମା ବୀର ଆମର ଗାଥା *

* ଭାଙ୍ଗି ଦେବା ନାହିଁ କେବେ ଶିଶୁ ଙ୍କର ସପନ

ଭଲ ବାଟେ ନେଇ ତାଙ୍କୁ ଗଢି ତାଙ୍କ ଜୀବନ *

ନିଳୋକ, ବନ୍ତ, ଭଦ୍ରକ ମୋ:8093027494

ଇମେଲ୍ : mishra7593@gmail.com

Download Magazine from www.aahwaan.com

# ନୂଆ ବରଷ



ଶ୍ରୀମତି ପ୍ରବାସୀ ଦେଇ ବାରିକ

ସମୟ ତ ଚାଲିଥାଏ ତାର ନିଜସ୍ୱ ଧାରାରେ

ଆସୁଥାଏ ଆଲୁଅରେ ଯାଉଥାଏ ଅନ୍ଧାରରେ

ଉଇଁଥାଏ ସୂର୍ଯ୍ୟ ପୁଣି ବୁଡୁଥାଏ ଚନ୍ଦ୍ର

ଜୀବନରେ ତୋଳୁଥାଏ କେତେ ନୂଆ ଛନ୍ଦ

ସମୟ ତ ବିତିଯାଏ ଦିନ-ମାସ-ବର୍ଷରେ

କେଉଁ ଛଟକରେ ପହଞ୍ଚେ ନୂଆ ରୂପରେ

ସ୍ମୃତି ପଖଳା ଜହ୍ନ ଆକାଶରୁ ବିଦାୟ ନିଏ

କାକରରେ ଭିଜି ଭିଜି ନୂଆ ଜହ୍ନ ଦେଖାଦିଏ ।

ଆକାଶରେ ନୂଆ ସୁରୁଜ ବୁଣିଦିଏ ରଙ୍ଗର ମୁରୁଜ

ନୂଆ ଏକ ସନ୍ଦେଶ ଦିଏ ତୁମେ ବୁଝ ଅବା ନବୁଝ

ନୂଆ ବରଷ କଅଁଳ ପରଷ

ଗଛରେ, ପତ୍ରରେ, ଆକାଶରେ, ଧରିତ୍ରୀରେ, ସମୀରଣରେ

ସେ ପରଷେ ଝୁମିଯାଏ ଜୀବନର ଉପବନ

ରହି ରହି ଶୁଭିଯାଏ ଭ୍ରମରର ଗୁଞ୍ଜନ

ତାରାର ଦୀପାଳି ଜାଳି ଗାଏ ସ୍ୱାଗତିକା

ତୋଳି ଧରିଥାଏ ହସ୍ତେ ସୁମନ ଗୀତିକା

Download Magazine from www.aahwaan.com

ଆଶା ସମ୍ଭାବନା ମୟ ନୂଆ ବରଷ

ପ୍ରାଣେ ପ୍ରାଣେ ଭରିଦିଏ ନୂଆ ଏକ ବିଶ୍ୱାସ

ପକ୍ଷୀ କୁଳ ଗାଉଥାନ୍ତି ସଙ୍ଗୀତ ମଧୁର

ପୁଷ୍ପେ ପୁଷ୍ପେ ଭରିଯାଏ ବାସ ସୁମଧୁର

ସେ ବାସରେ ଭରିଥାଏ ନୂଆ ଏକ ମହକ

ସେ ସଙ୍ଗୀତ ଭରିଦିଏ ପ୍ରାଣେ ପ୍ରାଣେ ପୁଲକ

ଅୟଂ ଆରମ୍ଭ ନୂଆ ଏକ ଜୀବନର

ପଥ ତ ଅନେକ ବାକି ଲକ୍ଷ୍ୟ ବହୁ ଦୂର

ଚାଲିଛି ଚାଲିବି ମୁଁ ହିଁ ନ ପଡିବି ଥକ୍କି

ଦୂର ଦିଗନ୍ତ ପରେ ଥାଉ ମୋର ଆଖି

ବଣିଆ ପାଟ, କେନ୍ଦୁଝର

Download Magazine from www.aahwaan.com

# ମଲାଜହ୍ନ



ଶୁଭସ୍ମିତା ବେହେରା

ମନେପଡେ ଯେବେ,

ସେଇ ଅଭୁଲା ଅତୀତ ।

ପଲକର ପାଚେରୀ ଡେଇଁ,

ଲୁହ ଭିଜାଏ ମୋ ପଣତ ।

କସ୍ତୁରୀ ମୃଗଟିଏ ପରି,

ମୁଁ ଖୋଜିବୁଲେ ଚାରିଦିଗନ୍ତ ।

ତୁମ ସ୍ମୃତି ଯେବେ,

ହୁଏ ମୋ ଭିତରେ ଜୀବନ୍ତ ।

ତୁମ ବିନା ଲାଗେ,

ମୂର୍ଚ୍ଛନା ବିହୀନ ମୋ ସଂଗୀତ ।

କୋଇଲି କି ତୋଳିବ ରାଗ,

ବାସ୍ନାହୀନ ସବୁ ବସନ୍ତ ।

କଳ୍ପନାକୁ ଆସେ ଯେବେ,

ତୁମ ବିନା ମୋ ଭବିଷ୍ୟତ ।

ସକାଳର ମଲାଜହ୍ନ ପରି,

ମୁଁ ପୁଣି ହୋଇଯାଏ ମୃତ ।

ବିଜ୍ଞାନ ଶିକ୍ଷୟିତ୍ରୀ,
କେନ୍ଦ୍ରୀୟ ବିଦ୍ୟାଳୟ,
ପୁରୁଣାକଟକ,
ବୌଦ୍ଧରାଜ, ଓଡ଼ିଶା

Download Magazine from www.aahwaan.com

# ଅନ୍ତଃସ୍ୱର



ସିପ୍ରା ନାମତା

ଅସରନ୍ତି ମାୟାଜାଲେ ଛନ୍ଦି
ଜୀବନର ସ୍ୱର ଯାଏ ହଜି
ଛନ୍ଦହୀନ ଜୀବନରେ
ବେସୁରା ରାଗିଣୀ ତୋଳି
ଦୁଃଖହୀନ ସୁଖ ସାଥେ
ବଞ୍ଚିବାକୁ ଚାହେଁନାହିଁ ।

ଗଭୀର ନିଶାର ଅନ୍ଧାର ଛାଇରେ
ଚାନ୍ଦିନୀକୁ ଖୋଜେ ନାହିଁ
ପ୍ରଖର ଦାବାନଳେ ଶୀତଳ ସ୍ପର୍ଶ
ପାଇବାକୁ ଚାହେଁ ନାହିଁ
ସ୍ମୃତିକୁ ପାଶୋରି ଅଭିନୟ ସାଥେ
ବଞ୍ଚିବାକୁ ଚାହେଁ ନାହିଁ ।

ଭୋକିଲା ପେଟର ଆତୁରତା ନେଇ
ଜୀବନର ଗୀତ ଗାଉଛି ମୁହିଁ
ପୁଙ୍ଗୁଳା ପିଠିରେ ଜୀର୍ଣ୍ଣ ଶରୀରରେ
ଶୂନ୍ୟତାରେ ପୂର୍ଣ୍ଣ ପ୍ରାଣ ହୃଦୟରେ
ମୁଦା ଆଖିତଳେ, ଜୀବନ ସପନେ
ବଞ୍ଚିବାକୁ ଚାହେଁ ମୁହିଁ ।

ଗଙ୍ଗା ଗୋଦାବରୀ ପବିତ୍ରଧାରା
ଲୋଡ଼ାନାହିଁ ବୁଡ଼ାପାଇଁ
ତୀର୍ଥସ୍ନାନ କରି ପୂଣ୍ୟ ଅରଜନେ
ବିଶ୍ୱାସତ ମୋର ନାହିଁ
ସ୍ୱର୍ଗଦ୍ୱାରେ ଦାହ ସଂସ୍କାର କରି ତ

 Download Magazine from www.aahwaan.com

ସ୍ୱର୍ଗପ୍ରାପ୍ତି ଚାହେଁ ନାହିଁ ।

ପୂଣ୍ୟଜଳେ ମଡ଼ା ପ୍ରବାହ ହୋଇଲେ
ନଦୀକୁ ଦୂଷିତ କରଇ
ପାପର ଧନରେ ପୋଷି ହୋଇଥିଲେ
କଳୁଷକି ନାଶ ହୁଅଇ
ପାପପୂଣ୍ୟ ଯେତେ ଅଛି ଏ ମହୀରେ
ଜୀବନେ ଭୋଗିବା ପାଇଁ ।

ଘନ କୁହୁଡ଼ିର ବାଟ ଭାଙ୍ଗିଯେବେ
ସୌରକର ଆସେ ଉଦି
ଦିଗବଳୟ ହସେ ପ୍ରାଚୀ ନଭ ଦିଶେ
କୁଆଁତାରା ଯାଏ ଲୁଚି
ଅବୁଝା ମନକୁ ବୁଝାଇ କି ବାଟ
ଅଜଣା ପଥରେ ଚାଲିବାକୁ ଚାହେଁ ମୁହିଁ ।

ସୈକତେ, ସିକତା ସଦ୍ମ ଗଢ଼ିଦେଲେ
ବିଳୟ ତ କରେ ଉଦଧି ଲହରୀ
ଜନକଜନନୀ ପଦ ସେବିଥିଲେ
ପଡୁଥାଏ ନିତି ଆଶୀଷ ଝରି
ଧ୍ୱନି ଫେରିଆସେ ପ୍ରତିଧ୍ୱନି ହୋଇ
ଜୂଇର ଶିଖାରେ ସ୍ୱର୍ଗପଥେ ଯାଇ
ମରିବାକୁ ଚାହେଁ ମୁହିଁ ।

ସମପ୍ରୀତି, ସମ୍ମାନ, ସମାବର୍ତ୍ତନରେ
ହୃଦେ ଜାଳ୍‌ଇ ସୌଭାତ୍ର ପ୍ରେମବହ୍ନି
ଶାଶ୍ୱତ ପ୍ରେମର ସନ୍ନିପାତ ଧାରା
ଅମରତ୍ୱ ରଚୁ ଭୁଲି ଆତ୍ମଗ୍ଳାନି
ଦେହାବସାନରେ ଅନ୍ତଃସ୍ୱର ହୃଦେ
ଶିହରଣ ଦେଉ ଆଣି,
ଆତ୍ମା ଚିହ୍ନି ଆତ୍ମା ତୋଷ ହେଉ ସଦା
ସୁଖେ ବିତୁ ଦିବା ରଜନୀ ।

Download Magazine from www.aahwaan.com

# କବିତା



ସ୍ୱରୂପା ମହାନ୍ତି

କବିତା ହଜିଯାଇଛି

ତା ସହିତ ହଜିଯାଇଛି ତା ଶବ୍ଦ, ତା ଭାବପ୍ରବଣତା

ମୋତେ ଶୁଭୁଛି ସେ ଗୁମୁରୀ କାନ୍ଦୁଛି,

କିନ୍ତୁ ଆଉ କେହି ଶୁଣିପାରୁ ନାହାଁନ୍ତି ତାକୁ

ସେ ଏକା ହୋଇ ଯାଇଛି,

ତା ହୃଦୟକୁ ହେଇଛି ଶକ୍ତ ଏକ ଧକ୍କା

ସେ ଲୁହ ଗଡେ଼ାଉଛି,

କିନ୍ତୁ ଆଖୀରୁ ନୁହେଁ ଅନ୍ତରରୁ

ସତେକି ରକ୍ତ ଝରୁଛି

ତା ଶବ୍ଦରୁ ପ୍ରେମ ଦୂରେଇ ଯାଇଛି

ତା ଆନ୍ତରିକତାରୁ ପୋଛି ହେଇ ଯାଇଛି ଶୋଷ..

କୋଉଠି ହଜିଗଲା ସେ

କିଏ ତାକୁ ଚୋରେଇ ନେଲା,ଆଉ କାହିଁକି

ଯେ ନେଇଗଲା ତାକୁ କଣ ଦିନେହେଲେ

ଆନ୍ଦୋଳିତ କଲାନି କବିତାର ବୁକୁଫଟା ସ୍ୱର

କବିତା ଏକାକୀ,ଖୁବ୍ ଏକାକୀ

 Download Magazine from www.aahwaan.com

ତା ସ୍ୱପ୍ନରେ ସେ ଓ ତା ନିଜର କେହିଜଣେ

ଚାରିପଟେ ସମୁଦ୍ର ,ସମୁଦ୍ର ମଝିରେ ଦୁଇଟି ନ୍‌ଉକା

ତା ନଉକା ରେ ସେ ଏକାକି

ମୁଣ୍ଡ ଉପରେ ବିଶାଳ ଆକାଶ

ଆକାଶରେ ଛାଇଛାଇ ଜହ୍ନ

ଚତୁର୍ପାର୍ଶ୍ୱେ ନିରବତା

ଦୂର ବହୁଦୂରୁ ଭାସିଆସେ ଯନ୍ତ୍ରଣାର ସ୍ୱର

ହୁଏତ ଏ ସ୍ୱର କବିତାର ହୃଦୟ  ଭାଂଗିବାର

ପ୍ରଥମ କରି ସେ ଯେ ଶବ୍ଦକୁ ହୃଦୟ ଦେଇ ବସିଥିଲା

ଯାଣି ନଥିଲା ସେ,ଏ ସବୁ ଅଢେଇ ଦିନିଆଁ

ମାୟା ମରିଚିକା..

କବିତା ଛଟପଟ ହେଉଥିଲା

ଭିତରେ ଭିତରେ ଜଳୁଥିଲା

ସତେକି ଶବ୍ଦର ମୋହ ତାକୁ ପଂଗୁ କରିଦେଇଥିଲା

ସେ ସତଚେଷ୍ଟା ସତ୍ୱେ ମରି ପାରୁ ନଥିଲା

ନିଜକୁ ଖୋଜୁଥିଲା,କିନ୍ତୁ ନିଜେ ବି ଆଉ ନିଜର

ହେଇ ନଥିଲା..  କବିତା ଯେ ହଜିଯାଇଥିଲା

ମାର୍ଫତ : ଦିଲ୍ଲୀପ କୁମାର ସାହୁ,

ଶିବାଜୀ ନଗର, ସତୀଚଉରା ନିକଟ, ତୁଳସୀପୁର, କଟକ - ୭୫୩୦୦୮, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୪୮୨୭୦୯

# ନୀରବ ଝଡ଼



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ନୀରବତାର ନୀଡ
ନୀରବର ଭାଷା
ନୀରବ ମନର ଆଶା
ନୀରବରେ ନୀରବ
ନୀରବର ଭାବ
ନୀରବ ବି ଗମ୍ଭୀର
ନୀରବ ହିଁ ସମ୍ଭାର
କଳନାର ନୀରବ ଚାଦର
ବରଷେ ଅଜସ୍ର ନୀରବ ନୀର
ସମୁଦ୍ର ବି ନୀରବ
ମନଟା କାନ୍ଦୁଛି ନୀରବ
ପ୍ରେମ ବି ନୀରବ
ବୁଝିହୁଏ ନୀରବ
ଭଲଲାଗେ ଏକାନ୍ତତା
ରାତ୍ରୀର ନୀରବ ଚାହାଣୀଟା
ହୃଦୟର ସ୍ପନ୍ଦନ ବଖାଣି
ମନକୁ ମନ ହୁଏ ଋଣୀ
କିଛି ନୀରବତା ପଢିହୁଏ
କିଛି ଝଡ ଆଣି ଆସିଯାଏ
ନୀରବର ଚିଠିରେ
ବର୍ଣ୍ଣିତ ଆବେଗ ହୃଦୟରେ
ଇନ୍ଦ୍ରଧନୁର ନୀରବତା
ଛାଇ ଛାଇର ବରଷାଟା
ଶୁଣାଏ ଗୀତ ନିରୋଳାରେ
ହଜାଏ ମନ ଏକାନ୍ତରେ
ଖୋଜଇ ହଜାଇଥିବା ମନରେ
ବାଟବଣା ଏ ସମର ସ୍ମରଣରେ
ନୀରବର ପର୍ବ ନିଆରା
ପ୍ରେମରେ ଏ ଜୀବନ ଅଧିରା

Download Magazine from www.aahwaan.com

# ପାଗଳ ଏ ମନ ମୋର



✍ ସୀମାଞ୍ଚଳ ରଣା

ଆଜିବି ଅନ୍ଧାର ରାତିରେ
ତୋ ଗାଁ ବାଟେ,
ରତ୍ରୀଯାନ ଯେବେ ଛୁଟେ ।
ଅଟକି ଯାଏ ମୋ ଅମାନିଆ ମନ,
ତୋହରି ଘର ପାଖରେ ।

ଝାପସା ଜହ୍ନ ଆଲୁଅରେ ପୁଣିଥରେ,
ମନେ ପଡେ ଅତୀତ ।
ସାଉଁଟି ବସେ ମୁଁ ପ୍ରୀତିର ଜୋଛନା,
ସହି ସହି ମୃଦୁ ଆଘାତ ।

ସ୍ୱଳ୍ପ ରହଣି ରେ ମଧ୍ୟ ଖୋଜିବସେ ମୁଁ,
ବିତିଥିବା ସେଇ ମୁହୂର୍ତ୍ତ ।
ଗାଡିର ଝରକାରୁ ନିରୀକ୍ଷଣ କରେ,
ସେଇ ଦରଭଙ୍ଗା ନଳକୂପ ।

ନାଲି ଲେହେଙ୍ଗା କୁ ରିବନ ଫିତା,
କେଶ କରି ସୁସଜ୍ଜିତ ।
ବାହାନା କରି କଳସୀ ଧରି,
ନଳକୂପ ପାଖେ ନାଁହୁତ ?

କେମିତି ଭୁଲିବି ଅଭୁଲା ଅତୀତକୁ ମୋର,
ଯେବେ ଅପେକ୍ଷା ଥାଉ ।
ଆଖିରେ ଅଞ୍ଜନ ବୋଳିଦେଇ,
ବାଟଚାହିଁ ମୋତେ ରହିଥାଉ ତୁ ।

Download Magazine from www.aahwaan.com

ମୁଁ ନିଶବ୍ଦ ରାତିରେ ପାଦ ଚିପିଚିପି,
ପହଁଚି ଯାଏ ତୋ ପାଖେ ।
ତୋ ଲାଜୁଆ ମୁହଁକୁ ପେଜୁଆ ଓଠରେ,
ଚୁମ୍ବନର ଭିଡ଼ ସାଥେ ।

ହଜିଗଲା ସେହି ବୟସ ର ଜହ୍ନ,
ପାଉନି ଏବେ ମୁଁ ଖୋଜି ।
ଅନୁଭବ ଖାଲି କରୁଛି ସେ ସବୁ,
ତୋ ଗାଁ ବାଟରେ ଆଜି ।

ସ୍ୱପ୍ନ ଫୁଲବନେ ମରିଚିକା ଦେଇ,
ଚାଲିଗଲୁ ବହୁଦୂରେ ।
ଭୁଲିପାରିନି ମୁ ନିଷିଦ୍ଧ ରାତି କୁ,
ଆଜି ବି ରଖିଛି ମନେ ।

ପ୍ରତିଷ୍ଠାତା-ପୁଣ୍ୟତୋୟାଜାହ୍ନବୀ
କୁର୍ତ୍ତମଗଡ଼, କନ୍ଧମାଳ

Download Magazine from www.aahwaan.com

# ରାମେଶ୍ୱର ବାବା



ସୁଦାମ ଗୌଡ଼

ରାମେଶ୍ୱର ବବା କହେଲେ ସେ ଗୁଟେ ଆମର ଗାଁର  ପଢ଼ା ସୁନା ଲୋକ୍ ଆଏ ।

ତାକର ବେଲେ ସେ ସାତ୍ କ୍ଲାସ୍  ତକ ପଢ଼ିଛେ ।

ହେଲେ ବିଚରା କାଏ କରବା ଚାକ୍କରି ବାକ୍କରି  ନାଏ କରବାର ଘରେ ଚାଷ ବାଷ କରୁଛେ ।

ରାମେଶ୍ୱର ବବା ଆମର ଘରକେ ସବୁଦିନ ବୁଲି ଆଉଥିଲା ବେଲେ ମତେ ପଚାରୁ ଥିଲା ।

ବାବୁ ତୁଇ ବଡ଼ ହେଲେ କାଏଟା ବନବୁ ? ।

ମୋର ମନେ ଅଛେ ସେତକି ବେଲେ ମତେ ବାରବଛର ହେଉଥିଲା ।

ମୁଁଇ ତାକେ କହେଲି ବଡ଼ ହେବି ହେଲେ ବବା ମୁଁଇ ଗୁଟେ ଚାଷି ହେବି ।

ଫିନଘାଏ ସେ ପଚାରଲା କାଏ ହେଲାଯେ ତୁଇ ଚାଷି ହେବୁବୋ ?

ଲୋକ୍ ମାନେ ଚାକ୍କରି ବାକ୍କରି କରୁଛନ୍ ଆଉ  ବିଦେଶ ଯାଉଛନ ପଇସା କମୋଛନ୍ ଆଉ

ତୁଇ କାଏ ହେଲାଯେ ଚାଷି ହେବୁ ।

ମୁଇଁ ଫିନଘାଏ ଜବାବ୍ ଦେଲି ନାଇଁ ଗୋ ବବା ସଭେ ଜଦି ପାଠ ପଢ଼େବେ ଚାକ୍କରି କରବେ

ହେଲେ ଚାଷ କିଏ କରବା କହତ ।

ଆଉ କିଏ ଦେଶକେ ପୁଷବା ସଭେ କାଏଁ ପଏସା କେ ଖାଏବେ ।

ଏନ୍ତା କହେଲି ରାମେଶ୍ୱର ବବାକେ ।

ସେ କହେଲାଯେ ହଇବୋ ବାବୁ ତୁଇ ଠିକ କହୁଛୁ ଯେ ତୋରଟା ବି ରାଇଟ କଥା ଆଏ  ଯେ

କାଏ କରବୁ ଆଏଜ୍  କାଲିର୍ କଥାତ ଯାନୁଛୁ ? ।

 Download Magazine from www.aahwaan.com

ସଭେ ଚାହେସନ୍ ବସି ବସି ଖାଏବାର କାଜ୍ଞେ କେହିବି ଇଟା ନାଏ ଚାହନ୍ କି ଚାଷ କରବାକେ ।

ଆଉ ଗୁଟେ କଥା ? ।

ଆଜି କାଲିତ ଜାନୁଛୁ ଚାଷି କେ କେହିଁ ନାଇଁ ପଚାରବାର କି ଚାଷିର ଦୁଖ୍ ବି ବୁଝି ନାଇଁ ପାରବାର ।

ନିଜେତ ସରକ୍କାର ତ ବୁଝି ନାଇଁ ପାରବାର ଆଉ ମାନଙ୍କର ଛାଡ଼ ।

ସରକ୍କାର ନାଇଁ ବୁଝି ପାରବାର ବେଲେତ ବୋ ଚାଷି ମରୁଛନ ।

ହଁ ବବା ଠିକ୍ କଥା ଯେ କାଏ କରଲେ ଚାଷି ନାଇଁ ମରନ ଟିକେ ବତାବକାଏଁ କହି ମୁଁଇଁ ପଚାରଲି ।

ସେ କହେଲେ ହଇରେ ବାବୁ ଚାଷି ମରବାର ଟା ଗୁଟେ ଏନ୍ତା ଆଏ ।

ଚାଷିକେ ଯଦି ଠିକ୍ ସମିଆ ଥି ସାର୍ ପତର୍ ଅଶୋ କସା ମିଲତା ବେଲେ ଚାଷି ମରବାର ଗୁଟେ ବଚି ଯିତା ।

ଆଉ ଦୁଇରେ ବିହନ ଠିକ୍ ଠାକରେ କମ ପଇସା ଥି ମିଲତା ।

ଆଉ ଗୁଟେ କଥା ଚାଷିର କାଜ୍ଞେ ଚାଷ ବାଷର ମିସିନ କମ୍ ଦାମରେ ମିଲତା ।

ଆଉ ମରୁଡ଼ି ହେଲେ ଠିକ୍ ସମିଆଥି ପଇସା ପତର ମିଲତା ।

ଆଉ ମରୁଡ଼ି ହେଲେ ବ୍ୟାଙ୍କର ଯେନ୍ ଲୁନ୍ କିଛି ମାତ୍ରା ଛାଡ଼ ହେତା ବଏଲେ ଚାଷି ମରବାର୍ ବନ୍ଦ ହେତା କହି ବବା କହେଲେ ।

ବବାର କଥା ଶୁନି ମୁଁଇଁ ମନେ ମନେ ଭାବଲି ଚାକ୍କରି କରବିକି ଚାଷ କରବି ।

ଶେଷେ ବିଚାର୍ କରଲି ଚାଷ୍ କରବି ଆଉ ସଂସାର ଚଲାବି ।

 Download Magazine from www.aahwaan.com

ସତକେ ସତ୍ ବଡ଼ ହେଇ କରି ଚାଷ କରଲି

ଆଉ ଭଲ ଚାଷ୍ କରି ଭଗବାନର୍ ଆର୍ଶିରବାଦନୁ ସରକ୍କାର ତରଫନୁ ମତେ ବେଷ୍ଟ ଅଫ୍

ଫାରମର୍ ଆଓ୍ୱାର୍ଡ ମିଲଲା ।

ମୁଁଇଁ ଆଏଜ୍ ବହୁତ ଖୁସି ଅଛେ ଆଉ ମୋର ସବୁ ଚାଷି ଭାଇ ମାନଙ୍କୁ କହୁଛେ ।

ଆଶ ଭାଇ ବହେନ ଚାଷ କରମା ।

ଆଉ ଚାଷ କାମକେ ବଢ଼େଇ ନେମା ॥

ବୁଡ଼ାବାହାଲ

ସୁନ୍ଦରଗଡ଼

ମୋ- ୮୭୬୨୩୯୦୦୭୩

 Download Magazine from www.aahwaan.com

# ଶୁଭ୍ର ଜ୍ୟୋତ୍ସ୍ନାତୁମେ



ସନାତନ ମହାକୁଡ଼



(ମା ଶାରଦାଦେବୀଙ୍କ ଫଟୋ)

ମୂଳ ରଚନା (ବଙ୍ଗଳା) : ହୀରକ ବନ୍ଦୋପାଧ୍ୟାୟ

ଓଡ଼ିଆ ଭାଷାନୁବାଦ : ସନାତନ ମହାକୁଡ଼

କେତେଥର ମନ୍ଦିର ଯାଇ, ଆରତୀ ଦେଖିଛି
ମାଆର ପାଦ ପାଖେ ବସି
ଯେମିତି ଆଖି ବନ୍ଦ କରିଛି, ସେମିତି "ସଂସାର ସଂସାର
ଶାଗମାଛର ସଂସାର..."
ଶରଣାଗତ ହେବାର ସାହାସ ଜୀବନେ ହେଲାନି ।
ଜୀବନ ତ ଶେଷ ହେଲାପ୍ରାୟ
ପିଲାଦିନୁ ଶୁଣି ଆସିଛି
"ଯେତେ ମତ ସେତେ ପଥ"
ଶୁଣି ଆସିଛି, "ଯେ ସହେ, ସେ ରହେ, ଯେ ସହେନା
ସେ ନାଶ ହୁଏ..."
କିନ୍ତୁ କିଏ, ଚୈତନ୍ୟ ହେଲା କିଏ ?
ତେବେ ଆସୁଛି ଯାଉଛି, ମାଆର ପାଖେ ଆସି ବସିଛି

Download Magazine from www.aahwaan.com

ମୋର ପିଲାପିଲି ଆସିବେ ଯିବେ ।

ଆସିବେ, ଆସିବାକୁ ହେବ

ଜ୍ୟୋସ୍ନାର ସ୍ନାନ ସାରି ପବିତ୍ର ହେବାର

ରାସ୍ତାଟି କେଉଁଠି ?

ଗ୍ରାମ/ପୋଅ : ବେରୁଆଁବାରୀ, ନୟାଗଡ଼

୭୫୨୦୮୨, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୩୯୭୨୦୧୬୮

ଇମେଲ୍ : sanmahakud@gmail.com

Download Magazine from www.aahwaan.com

# ବିଦାୟୀ ବେଳାରେ ସତର



ସନ୍ତୋଷ ପଟ୍ଟନାୟକ

ହୃଦୟର ପାଠ ବୁଝନ୍ତିନି ଶଠ
ପେଟ ଖୋଜେନାହିଁ ବିଷ,
ଦୁଃଖ ଖୋଜୁଥିବ ସୁଖଟାକୁ ନିତି
ପ୍ରଭୁଙ୍କୁ ମାଗି ଆଶିଷ.....

ଜୀବନ ପଥରେ ରାତ୍ରିର ଅନ୍ଧାରେ
ବିତି ବିତି ଗଲାଦିନ
ସତର ଆସିଛି ବିଦାୟୀ ବେଳାରେ
ହିଂସା କର ଅବସାନ.....

ସମୟ ଏମିତି ଚାଲିଛି ଚାଲିବ
ବୟସର ହେବ ଅନ୍ତ
କିଏବା ଜାଣିଛି ନୀୟତି ନିହିଛି
କେମିତି ଏ ଭବିଷ୍ୟତ !!!

ଗଞ୍ଜାମ,ଓଡ଼ିଶା

Download Magazine from www.aahwaan.com

# ସଂଜର କବିତା



ଆଶୁତୋଷ ମେହେର

ସଂଜକୁ
ଖୋଜିଲି ମୁଁ
ଗୋଧୂଳିରେ
ଗାଈଆଳ ଟୋକାସହ
ଗୋଠ ଭିତରେ ।

ସଂଜକୁ
ଖୋଜିଲି ମୁଁ
ମଂଦିର ଘଣ୍ଟଆଳତିରେ
ବଳିତା ନିଆଁରେ ।

ସଂଜକୁ
ଖୋଜିଲି ମୁଁ
ଚକ୍ରବାଳ ଆରପଟ
ସବୁଜ ବନାନୀର
ହଜିଥିବି ସବୁଜିମା ଭିତରେ ।

ସଂଜକୁ
ଖୋଜିଲି ମୁଁ
ସହରର ରାଜରାସ୍ତାରେ
ଲିପଷ୍ଟିକରଂଗ ବୋଳା
ଳଳନାର ଓଠରେ ।।

ଖୋଜିକି ପାଇଲି ଯାହା
ଏଇମିତି ଜୀବନ ବୃତ୍ତରେ
ସଂଜ ଆସେ ଓ ନଁଇ ଯାଏ
ଓଠ ର ହସରେ ଅବା
ଆଖିପତା ଦୁଃଖର ଲୁହରେ ।
କେବେ କେମିତିକା
କେଉଁ ଏକ ଦରଦୀ କବି ହୃଦୟ
ବୀଣାର ଝଂକାରେ ସତେ କି
କବିତାର ପଂକ୍ତି ଭିତରେ ।।

୫୪ ଆର୍ଯ୍ୟପଲ୍ଲୀ, କିଟଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

# ହଳଦୀ ବସନ୍ତ...



କୁମାର ଲୋକେଶ୍

ହଳଦୀ ବସନ୍ତ ..........

ଡାଳରୁ ସେ ଡାଳ ଉଡି ବୁଲୁଥାଏ

ହଳଦୀ ବସନ୍ତ ମୋର

କିଟ ଟିଏ ହେଲେ ବୁଦ୍ଧି ଅଛି କେତେ

ଭାବେ ନାହିଁ କେବେ ପର,

ଦେଖିବାକୁ ସିନା ସୁନ୍ଦର ଅଟଇ

ସତରେ ସିଏ ତ ରାଣୀ

ମାଗିବା ପୂର୍ବରୁ ସବୁ ଆଣି ଦିଏ

ମନ କଥା ମୋର ଜାଣି,

ମଳୟ ଯେମିତି ସୁଲୁ ସୁଲୁ ଆସେ

ବାଆ କୁ ସାଥିରେ ଧରି

ହଳଦୀ ଟି ମୋର ସେମିତି ଆସଇ

ସବୁ କିଛି କାମ ଛାଡି,

ହଳଦୀ ବସନ୍ତ ତମେ ମୋର ମିତ

ତମେ ମୋ ଜୀବନ ଧନ

ତମ ପାଇଁ ଯଦି ମରିବାକୁ ହୁଏ

ଶାନ୍ତି ପାଇବ ମୋ ମନ ।

ଗୋରଡ଼ାପାଳ, ଢେଙ୍କାନାଳ, ଓଡ଼ିଶା

ଭ୍ରାମ୍ୟଭାଷ : ୭୯୮୧୩୧୦୭୧୯

Download Magazine from www.aahwaan.com

# ଶୀତ ଗୀତ



ଅରବିନ୍ଦ ଆଚାର୍ଯ୍ୟ

ରାତି ପାହିଲାଣି

ରାବଇ କାଉ ,

ବେଶୀ ଶୀତ ହେଲେ

ଶୋଇ ପଡିବା

ଟିକେ ଆଉ ।

ତଳେ କମ୍ବଳ

ଉପରେ କମ୍ବଳ

ମଝିରେ କିଏ ?

ମୁଁ .....

ହଜାରେ ଥର

ଡାକିଲେ ବି

କହୁଁନି ଟିକେ

ଉଁ !

ବେଡ଼ ପାଖ

ଟେବୁଲ ଉପରେ

ଘଣ୍ଟା ରେ ବାଜିଲା

ଆଲାର୍ମ ,

ଏତେ ଶୀତ ରେ

କମ୍ବଳ ଭିତରୁ

ହାତଟି ବାହାରେ ନି

କହୁଛି.....

"ରିମୋଟ ଦର୍କାର !"

(ଭ୍ରାମ୍ୟଭାଷ : ୭୦୦୮୬୬୭୭୮୫)

# ତୋ ପ୍ରେମ



✍ ଦେବସ୍ମିତ ସାମଲ

------------------------

ଆଖି ରେ ତୋର ପ୍ରେମ ପରସ

ଓଠ ରେ ତୋର ପ୍ରେମ ସରସ ....

ମନ ରେ ତୋର ପ୍ରେମ ଅଳସ

ତୋ ପ୍ରେମ ମୋ ପାଇଁ ଚିର ହରସ...

----------------------------------

ଚାହାଣି ତୋ ର ନିଦ୍ଧ ହରଷ.....

ରହଣି ତୋର ସଂଗୀତବାସ

କାହାଣୀ ତୋ ର ମଧୁ ସରସ

ତୋ ପ୍ରେମ ମୋ ପାଇଁ ଚିର ହରସ...

------------------------------------

କଥା ତୋ ର ବ୍ୟଥା ହରସ

ଦେହ ତୋ ର ଚନ୍ଦ୍ର ଉଆସ

ମଥା ତୋ ର ସୁନା କଳସ

ତୋ ପ୍ରେମ ମୋ ପାଇଁ ଚିର ହରସ...

କାଠିଆସାର, କେନ୍ଦୁଝର, ଓଡ଼ିଶା

ଭ୍ରାମ୍ୟଭାଷ : ୮୯୦୪୨୯୨୨୯୪

ଇମେଲ୍ : debasmitsamal@gmail.com

# ଅନନ୍ୟ ପ୍ରେମିକ



ଜ୍ୟୋତିରାଦିତ୍ୟ ପୁଝାରୀ


ଭାବନାରେ ବଣିକଟେ ହେଇ
ତୋ ବାଟରେ ପ୍ରତୀକଟେ ହେଇ
ଇଚ୍ଛା ହୁଏ ରହିବାକୁ ମୋତେ
ତୋ ପ୍ରେମରେ ପ୍ରେମିକଟେ ହେଇ ।

ନିଃଶ୍ୱାସରେ ମହକଟେ ହେଇ
ଲକ୍ଷ୍ୟହୀନ ପଥିକଟେ ହେଇ
ଅଟକାଇ ସମୟର ବେଗ
ଚାହିଁଥିବି ଚାତକଟେ ହେଇ ।

ଯାମିନୀରେ ଚମକଟେ ହେଇ
ମୋହିନୀରେ ମାଦକଟେ ହେଇ
ଦୁନିଆର ଯେତେ ସବୁ ସୁଖ
ହାତେଇବି ସାଧକଟେ ହେଇ ।

କୁଲିଗାଁ, ବଡ଼ମହେଶ୍ୱର
ଖଡ଼ିଆଳ, ନୂଆପଡ଼ା
ଭ୍ରାମ୍ୟଭାଷ : ୯୯୩୭୨୧୫୩୦୦୩

# କୁହୁଡ଼ି




ଓଁକାର ଦାଶ

କୁହୁଡ଼ିର ଚାଦର ପଛରେ
ଲୁଚିଯିବା ଅଭ୍ୟାସ ତୁମର
ଭାଙ୍ଗିଦେଇ ମୋ ସ୍ୱପ୍ନର ନଅର
ଦରଦ ଦେଇ ହାଡ଼ଭଙ୍ଗା ଶୀତର
ତମେ ଉଭାନ୍ ହୁଅ
ସାଜି ସ୍ୱାର୍ଥପର....

ବେଳେ ବେଳେ ଶଙ୍କା ହୁଏ
ଏହା ଚାଦର ନା ଏକ ପ୍ରାଚୀର
ବିଫଳ ହୁଏ ମୁଁ ଅନେକ ଚେଷ୍ଟାରେ
ପାରେନାହିଁ ଯାଇ ପ୍ରାଚୀର ଡେଇଁ
ବଢ଼େ ଯନ୍ତ୍ରଣା ହୃଦୟର....

ତମେ କଣ ଲୌହଠୁ ବି କଠୋର
ତମ ହୃଦୟ କଣ ସତରେ ଏତେ ନିଷ୍ଠୁର
ମୋ ଲୁହର ବନ୍ୟା କ'ଣ
ପାରିବନି ଭାଙ୍ଗି ସେ କୁହୁଡ଼ି ପ୍ରାଚୀର
ବାସ୍ତବ ହେବନି କ'ଣ
ସପନର ସେହି ଗୋଲାପୀ ସହର...

ବି.ଦ୍ର.: ବିଗତ ସଂସ୍କରଣରେ ଲେଖକଙ୍କ ଲେଖା ପ୍ରକାଶିତ ହୋଇଥିଲା କିନ୍ତୁ ଛବି ଭୁଲ ପ୍ରକାଶିତ ହୋଇଥିଲା ତେଣୁ ଆମେ ଦୁଃଖିତ ।

Download Magazine from www.aahwaan.com

# ତୁମେ ଆସିଲ ଗୋ ପ୍ରିୟା



କାହ୍ନୁଚରଣ ସାହୁ

ତୁମେ ଆସିଲ ଗୋ ପ୍ରିୟା

ତୁମ ପାଦ ପାଉଁଜିର ରୁଣୁଝୁଣୁ ଝଙ୍କାର

କର୍ଣ୍ଣେ ମୋର ଗୁଞ୍ଜରିତ ହୁଏ

ତୁମ ନରମ ନରମ ଗୋଲାପୀ ଓଠର

ମିଠା ମିଠା କେଇ ପଦ କଥା

ଶୁଣିବାକୁ ମୁଁ ଅଧିର ହୁଏ ।

ଲାଜେଇ ଲାଜେଇ ଲାଜୁଆ ମୁହଁରେ

ଆସ ତୁମେ ଯେବେ ଧିରେ ଧିରେ

କୋଇଲି ଗାଏ କୁହୁ ଗୀତ

ତୁମରି ଆସିବା ଖୁସିରେ ।

କଳା ମଚମଚ କଜଳି କେଶକୁ

ମଧୁଝରା ତୁମ ମୁରୁକି ହସ

ପୂର୍ଣ୍ଣିମା ରାତିର ଗୋଲ ଜହ୍ନତୁମେ

ଦୁଇ ଆଖିରେ ମୋ ନାଚି ଉଠ ।

ଆଗୋ ସୁନୟନା ଆସ ଯେବେ ତୁମେ

ପାଖେଇ ପାଖେଇ ପାଶକୁ ମୋର

ହୃଦୟର ଗତି ତୀବ୍ର ବେଗରେ

ଧାଉଁଥାଏ ଡେଇଁ ବନ୍ଧବାଡ଼ ।

ଚାପି ରଖିଥାଏ ହୃଦୟର ବେଦନା ସବୁ

ତୁମ ଆସିବା ବାଟକୁ ଚାହିଁ

ବାହୁ ବନ୍ଧନେ ଛନ୍ଦିଦେବାର ଇଚ୍ଛା ସତ୍ତ୍ୱେ

ପାରେନାହିଁ ଛନ୍ଦି ମୁହିଁ ।


ବିଏସ୍‌ସି ଶେଷ ବର୍ଷ, ଡିଗ୍ରୀ କଲେଜ,

ଏମ୍. ରାମପୁର, କଳାହାଣ୍ଡି, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୫୬୮୨୨୪୪୭

Download Magazine from www.aahwaan.com

# ତମେ ଆସିବ



କାର୍ତ୍ତିକ ପାଣିଗ୍ରାହୀ

ଜାଣିଥିଲି, ତମେ ଆସିବ...
ପ୍ରତିଟି କ୍ଷଣକୁ ଉତ୍କଣ୍ଠାରେ ଭରିବାକୁ
ତମେ ଆସିବ...
କିଛି ଖୁସି କିଛି ଦୁଃଖର ପସରା ନେଇ
ତମେ ଆସିବ...
ସତ ମିଛର ଛାଇ ଆଲୁଅରେ ଛନ୍ଦି ହୋଇ
ତମେ ଆସିବ...
ଏକ ଅନିଶ୍ଚିତ ଭବିଷ୍ୟତର ଇନ୍ଦ୍ରଜାଲ ନେଇ
ତମେ ଆସିବ...
ଆଜିର ହରିଶ୍ଚନ୍ଦ୍ର କାଲିକି ହରିଆ କହିବାକୁ
ତମେ ଆସିବ...
ନିଷ୍ପ୍ରଭ ଆଖିରେ ଆଲୋକର ଉତ୍ସ ନେଇ
ତମେ ଆସିବ...
ନିର୍ଭୟାମାନଙ୍କ ଆଖିରୁ ଭୟ ହଟେଇବାକୁ
ତମେ ଆସିବ...
ସମୟ ସୁଅରେ ସମୟ ବି ତୁଚ୍ଛ କହିବାକୁ
ତମେ ଆସିବ...
ରାଜନୀତିର ଅନ୍ଧାରୀକରଣ ଦୁରେଇବାକୁ
ତମେ ଆସିବ...
କିଛି ପଶୁଙ୍କ ମୁହଁରୁ ମଣିଷ ମୁଖା ଖୋଲିବାକୁ
ତମେ ଆସିବ...
କିଛି ମଣିଷଙ୍କୁ ପଶୁର ମୁଖା ପିନ୍ଧାଇବାକୁ
ତମେ ଆସିବ...
ଘୃଣ୍ୟ ରାଜନୀତିର ଯବନିକା ପକାଇବାକୁ
ତମେ ଆସିବ...
ଆଚରଣ ଓ ଉଚ୍ଚାରଣର ପରିଭାଷା କହିବାକୁ
ତମେ ଆସିବ...
ସତ୍ୟଶିବ ସୁନ୍ଦରର ଆଧ୍ୟାତ୍ମିକ ଭାବନେଇ
ତମେ ଆସିବ...
ତମର ବି ଅବଧି ୩୬୫ଦିନ ଏହା ଜାଣି ବି
ତମେ ଆସିବ...
ଏକ ନୂତନ ସକାଳର ଆଶାର ଆଲୋକରେ
ତମେ ଆସିବ...
ସନ୍ତାପିତଙ୍କ ପାଇଁ ସାନ୍ତ୍ୱନାର ବାର୍ତ୍ତାନେଇ
ତମେ ଆସିବ...
ହେ ନୂଆବର୍ଷ ସତରେ କ'ଣ କିଛି ନୂଆ ନେଇ
ତମେ ଆସିବ... ?

ବ୍ରହ୍ମପୁର

# ସର୍ବଗୁଣାଳଙ୍କୃତା



ରିଭୁ ଆଭୁଷଣ ପଣ୍ଡା

ଗୋଲୋକ ଲଲାଟ ଧାରୀ

କଳାପ ଶବଳ ନାରୀ

ତୋ ଆସ୍ୟ ଦର୍ଶନାର୍ଥେ ବ୍ୟାକୁଳ ଏ ସଂବରାରି ।

ତୁରଙ୍ଗ ମନରେ ଅନଳ ଜ୍ୱାଳା

କୁରଙ୍ଗ ଗତିରେ ଜପୁଛି ମାଳା

ରୂପ ଲାବଣ୍ୟ ଜାତୀ, ଫେରିଆ ମୋ ସ୍ୱପ୍ନ ଅବଳା ।୨

ସୁମନ ସଜ୍ଜରେ ତୁ ରଙ୍ଗ ରୋହିଣୀ

କେଶ ବିନ୍ୟାସରେ ରମା ରୁଦ୍ରାଣୀ

ମନେ ଲଗାଇ ପ୍ରେମର ହୟ ହଜିଗଲୁ କାହିଁ ରୂପବନଜିନୀ ।୩

ମୃଗେନ୍ଦ୍ରାଣୀ କଟି ସାଙ୍ଗକୁ ମଞ୍ଜୁଳ କର

ଗଠନରେ ଗର୍ବିତ ଜଙ୍ଗମ ସ୍ଥାବର

ଶୋଭନ ବଦନରେ ବିମୋହିତ ସବୁ ନର ଗୁଞ୍ଜର ।୪

ଚାହାଣୀରେ ଉଚ୍ଛୁଳେ ବୁକୁ ବାରିଧି

ଠାଣୀରେ ଟାଣୁ ତୁ ସ୍ୱପ୍ନପାରିଧି

ହେ, ସୌନ୍ଦର୍ଯ୍ୟଯାମିନୀ, ଅନ୍ତକର ମୋ ଅପେକ୍ଷା ଅବଧି ।୫

ବାକ୍ୟରୁତ ତୋର ଅମୂଲ୍ୟ ବସନ

Download Magazine from www.aahwaan.com

ରବିଚନ୍ଦ୍ର ମିଳନେ ଗଢ଼ା ଲୋଚନ

ସ୍ୱପ୍ନରେ ହେଉପଛେ, ଭ୍ରମଣ କରାଇ ନେ ଅମ୍ବୁଧିକାନନ ।୭

କୋକିଳା କମଳା କଣ୍ଠ ଜନୟିତା

ଅଭ୍ରକନ୍ୟା ତୁ ମହୀ ପୁଷ୍ପିତା

ଲୋକ ବିଷ୍ଟପେ ନାହିଁ ତୋ ପରି କେହି ସର୍ବଗୁଣାଳଙ୍କୃତା ।୮

ବୀର ସୁରେନ୍ଦ୍ରସାଏ ବିଶ୍ୱବିଦ୍ୟାଳୟ, ବୁର୍ଲା,

ସମ୍ବଲପୁର, ଓଡ଼ିଶା

Download Magazine from www.aahwaan.com

# ସପନର ପଥେ




ସତ୍ୟବ୍ରତ ବାରିକ

ସପନର ପଥେ ତୁ ଆସୁ ଛପି ଛପି
ନିଦ ଯେବେ ଭାଙ୍ଗିଯାଏ ରହିଯାଉ ଲୁଚି
ହୃଦୟର ଏଇ ନିର୍ଜନ ଦ୍ୱୀପରେ ଖୋଜୁଛି ତତେ
ସପନର ପଥେ ଆସି ରହିବୁ ମୋ ସାଥେ ।
ଅନାମିକା ନାୟିକା ତୁ ସରଗର ଅପସରୀ
ସପନର ପଥେ କରିଲୁ ମୋର ମନ ଚୋରୀ
କେମିତି ଭୁଲିବି ତତେ ଏଇ ଜୀବନରେ
ସବୁଦିନ ରହିଥିବୁ ମୋ ସ୍ପନ୍ଦନ ଭିତରେ ।
ସପନର ଅଲିଭା ଖାତାରେ ଲେଖିଛି ତୋ ନାଁ
ତୋ ବିନା ଲାଗେ ଫିକା ଏ ଦୁନିଆ
ନିରୀହ ଆଖିରେ ତୋ ଚୋରା ଚାହାଣୀ
ସପନର ପଥରେ ମୁଁ ରାଜା ତୁ ରାଣୀ ।

Download Magazine from www.aahwaan.com

# ଶୀତୁଆ ରାତିର ମିଠା ସପନ



କୁମାର ଲୋକେଶ୍

ସେଦିନର ସେଇ ଶୀତୁଆ ରାତିରେ
ଦେଖୁଥିଲି କେତେ ସ୍ୱପ୍ନ
ଆଜି ବି ସେ ରାତି ଆସିଛି ଜୀବନେ
ଆକାଶରେ ଉଡ଼େ ମନ ।
ଆଜିର ସପନ କାଲି ଭଳି ଥିଲା
ଲାଗୁଥିଲା ଭାରି ମଜା
ତମେ ଯେବେ ଆସି ଛୁଇଁଦେଲ ପ୍ରିୟା
ଭୁଲିଗଲି ସବୁ ଲଜ୍ଜା ।
ସପନ କାହିଁକି ସତ ହେଉନାହିଁ
ରହୁଛି ଅଧୁରା ହୋଇ
ମନର ଭାବନା ଉତ୍ତେଜିତ ହୁଏ
ତୁମକୁ ଦେଖିବା ପାଇଁ ।
ଆସ ମୋର ପ୍ରିୟା ଡେରି କରନାହିଁ
ଦେଇ ଯାଅ ଥରେ ଦେଖା
ତମ ପାଇଁ କେତେ ଦୁଃଖ ସହିଲିଣି
ପ୍ରମାଣ ଏଇ ମୋ ଲେଖା ।

ଗୋରଡ଼ାପାଳ, ଢେଙ୍କାନାଳ, ଓଡ଼ିଶା

Download Magazine from www.aahwaan.com

# ବୃନ୍ଦାବନଂ ପରିତେଜ୍ୟ ପାଦମେକମ୍ ନ ଗଚ୍ଛାମି



ଅନୁସୂୟା ମିଶ୍ର

ଦେଖ ତ ନିରେଖି...

ଆଜି ବି ମୁଁ ସେଇଠି ହିଁ ଅଛି ।

ଯଶୋଦାଙ୍କ ଆକୁଳ ମାତୃତ୍ୱରେ

ରାଧାଙ୍କର ଅନୁଢ଼ା ଅନ୍ୟମନସ୍କତାରେ

ନନ୍ଦଙ୍କର ଗର୍ବିତ ପିତୃତ୍ୱରେ

ସଖାମାନଙ୍କର ସମର୍ପିତ ଅନ୍ତରଙ୍ଗତାରେ

ଗୋପନାରୀଙ୍କ ଦହିହାଣ୍ଡିରେ ସଞ୍ଚିତ

ଐକାନ୍ତିକ ଆତ୍ମୀୟତାରେ

ଗୋପଦାଣ୍ଡର ସୁରଭିତ ପ୍ରତିଟି ଧୂଳିକଣାରେ ।

ତେବେ କାହିଁକି ଏ କଳଙ୍କର ବୋଝ ?

କାହିଁକି ବା ଆଖି କୋଣେ ମୋର

ଦେଖିବାକୁ ଚାହଁ ତୁମେ

ଢଳ ଢଳ ଟୋପାଏ ବିରହ ?

ଗଲି ବା କୁଆଡ଼େ ଯେ

ନ ଫେରିଲି ବୋଲି ଅପବାଦ !

ବିଚ୍ଛେଦ କାହିଁ ଯେ ବିରହର ସୂତ୍ରପାତ ହେବ !

Download Magazine from www.aahwaan.com

ଅଷ୍ଟମହିଷୀଙ୍କ ଆଗ୍ରହରେ

ଆଜି ବି ମୋ ମନ ଚାହେଁ

ରାଧାଙ୍କର ସ୍ୱର୍ଗୀୟ ସାନ୍ନିଧ୍ୟ

ସ୍ୱଜନଙ୍କ ପରିବେଷ୍ଟନୀରେ

ଆଜି ବି ମୁଁ ଖୋଜିହୁଏ

ଗୋପୀଙ୍କର ଏକାତ୍ମତା ଭାବ ।

ହେ ଭାଗବତ !

କିଏ ବା ଚିହ୍ନିଛି ମୋତେ ତୁମଠୁ ଅଧିକ ?

କର୍ତ୍ତବ୍ୟର ଆହ୍ୱାନରେ ସିନା ଶରୀର ବିବଶ

କିନ୍ତୁ, ଆତ୍ମାରେ ଆତ୍ମାରେ...

ଆଜି ବି ମୁଁ

ଗୋପର ସେଇ ଗୋପାଳ ବାଳକ ।

Download Magazine from www.aahwaan.com

# ମୋ ଜନମ ଭୂଇଁ



ଦେବସ୍ମିତା ବେହେରା

ସୁନାର ଓଡ଼ିଶା ଜଗତେ ସରସା
ସେଇ ମୋ ଜନମ ଭୂଇଁ
ଗରଭେ ରହିଛି ଅମୂଲ୍ୟ ସମ୍ପଦ
ତାହାର ତୁଳନା ନାହିଁ ।
ଗଙ୍ଗାଠାରୁ ଗୋଦାବରୀ ତଟ ଯାଏ
ତା'ର ସୀମା ବ୍ୟାପିଥିଲା
ଦେଶ ବିଦେଶରେ ଏ ମାଟି ସନ୍ତାନ
ବ୍ୟବସାୟ କରୁଥିଲା ।
ବୀର ଓଡ଼ିଆଙ୍କ ବୀରତ୍ୱ କାହାଣୀ
ଆଜି ଇତିହାସ ହୋଇଗଲା
ଚଣ୍ଡାଶୋକ ଏଠି ଧର୍ମାଶୋକ ହୋଇ
ସାରା ବିଶ୍ୱରେ ବିଖ୍ୟାତ ହେଲା ।

ସୁଜଳା ସୁଫଳା ଏ ପୂଣ୍ୟଭୂମି
ସବୁ ଦେଇଛି ଆଜି ହରାଇ
କି ଥିଲା ଏ ରାଜ୍ୟ କି ହୋଇଛି ଆଜି
ଦେଖିଲେ ଦୁଃଖ ଲାଗଇ ।
ଖଣି ମାଫିଆଠୁଁ ଚିଟ୍‌ଫଣ୍ଡ ଯାଏଁ
କେଳେଙ୍କାରୀ କେତେ ଆଜି
ଦୁର୍ନୀତିର ପଙ୍କତଳେ ଚାପି ହୋଇ
ସୁନାମ ଯାଇଛି ହଜି ।
ତଥାପି ଦିନେ ନା ଦିନେ ଏ ଓଡ଼ିଶା
ଫେରିପାଇବା ତା'ର ସୁନାମ
ହୃତଗୌରବକୁ ଫେରାଇ ଆଣିବ
ବଖାଣି ରଖିବ ନାମ ।

ବାୟାବାବା ମଠ ଲେନ୍
ଭୁବନେଶ୍ୱର - ୨୨

Download Magazine from www.aahwaan.com

# ନବବର୍ଷର ଶୁଭେଚ୍ଛା



ପଙ୍କଜ ରଣା

ସତର, କି ସତେ ଫେରିଯିବ ତୁମେ
ଅନନ୍ତ ସ୍ମୃତିକୁ ହଜେଇ
ଅନ୍ତରରେ ଇତିହାସ ହୋଇଯିବ
କୀର୍ତ୍ତି ଅକୀର୍ତ୍ତିକୁ ସଜେଇ ।
ଘଟଣା ପ୍ରବାହେ ତୋଳିଧରି ଥିବା
ଉନ୍ମାଦନା ସମ୍ଭାବନାକୁ
ନେପଥ୍ୟେ ଲୁଚାଇ ବ୍ୟଗ୍ର ଯିବାପାଇଁ
ଅଭିମାନ କୁହ କାହାକୁ ।
ଅନ୍ତର ହୋଇଲେ ଅନ୍ତରେ ବେଦନା
ମର୍ମାହତ କି କରିବନି
ସ୍ୱାର୍ଥଚାରୀ ପରି ସାଜ ପଥଚାରୀ
ଅଚିହ୍ନା ସତେ ଏ ଅବନୀ ।
ସ୍ଥିତ ପାଇଁ ଆଉ ଆଗ୍ରହ କି ନାହିଁ
ଅବା ପ୍ରତିରୋଷ କାହାକୁ

କି, କର୍ତ୍ତବ୍ୟ ସାଧନେ ସତ୍ୟ ନୀତିପଣେ
ବ୍ୟଗ୍ରତା ଦେଖାଅ ଯିବାକୁ ।
ଚକ ବୁଲୁଥିଲେ ଅଖ ବୁଲୁଥାଇ
ବୁଲେ ପଡି ରହି ରହି
ସମୟ କାହାକୁ ଅପେକ୍ଷା କରେନା
ଅବିଶ୍ରାନ୍ତେ ଯାଏ ବହି ।
ସତ୍ୟ ଏ ବଚନ ପ୍ରତ୍ୟେକ ନବୀନ
ଅବଶ୍ୟ ହୁଏ ପୁରୁଣା
ନୂତନକୁ ସଦା ନୟନ ଝୁରଇ
ସତେ, କୋଟିନିଧି ଗହଣା ।
ସତର ହେ, ତୁମେ ଛାଡ଼ିଲେ ଧରାକୁ
ଆସିବେ ବିଂଶଶହ ଅଠର
ଆନନ୍ଦ ଉଲ୍ଲାସେ ସ୍ୱାଗତ ସମ୍ବର୍ଦ୍ଧନା
ଜଣାଉଛି ନବବର୍ଷର ।

Download Magazine from www.aahwaan.com

# ଏ ଦେଶ ରୀତି



ସନ୍ତୋଷ ପଟ୍ଟନାୟକ

ଏ ଦେଶେ ଏମନ୍ତ ଅଛି ଏକ ରୀତି
ମାନ କି ନ ମାନ ତୁମ ସାଧୁମତି ।
ବୟସ୍କ ଯେତେକ ଏଠି ବୋଲାନ୍ତି ବିଜ୍ଞ
ମୁଣ୍ଡି ମରାରେ ଯେ ଥିଲେ ଦିନେ ଅଜ୍ଞ ।
ଯେ ବାଳୁତ ଥିଲା ଅତୀତରେ ବିଜ୍ଞ
ଆଜି ସେ ବାଳୁତ ଏ ସମାଜେ ଅଜ୍ଞ ।
ବୁଢ଼ା ସବୁ ଏଠି ସରବ ଜଣା
ବାଳକ ବୋଲି କି ସେ ମୁରୁଖେ ଗଣା ?
ଯୁବକ କଥାକୁ ଏଠି ବି ବ୍ୟାଖ୍ୟା ଦେବି
ସୀମାନ୍ତରେ ପରେ ସେ ମରୁଛି ନିତି ।
ରାଜନୀତି ଦିନେ ଥିଲା ସେବା ଶ୍ରେଷ୍ଠ
ଆଜି ସେ ହୋଇଛି ମୂଳ ପଥଭ୍ରଷ୍ଟ ।

ସେବା ଛାଡ଼ି ନେତା ଦେଶକୁ ଲୁଟନ୍ତି
ବଛା ବଛା ବୁଢ଼ା ସେ ପଥ ଆବୋରନ୍ତି ।
ଏ ଦେଶେ ଉନ୍ନତି କାହିଁ ବା ହୋଇବ
ଯୁବ ସମାଜକୁ ଯେ ତୁଚ୍ଛ ମଣିବ !
ଏଣୁ ହେ ସୁଜନେ ଛାଡ଼ି ବୁଢ଼ା ପ୍ରୀତି
ଚିନ୍ତା କର ଥରେ ଦେଶର ପ୍ରଗତି ।
ଦୂରେ ଫିଙ୍ଗିଦେଇ ହୀନ ରୀତିନୀତି
ଯୁବଜାତି ଶ୍ରମେ ଦେଶେ ନିଶ୍ଚିତ କର ପ୍ରଗତି ।

ଗଞ୍ଜାମ, ଓଡ଼ିଶା

Download Magazine from www.aahwaan.com

# ବିଶ୍ୱ କଲ୍ୟାଣ



ରୋଜା ପଣ୍ଡା

ବହେ ପ୍ରଖର ଊର୍ଦ୍ଧ୍ୱଶ୍ୱାସ ମୋର
ନଇଁଯାଏ ଆତ୍ମଗ୍ଲାନୀରେ ମୋ ଶୀର
ଆଖିରେ ପଡ଼େ ଯେବେ ପିତୃମାତୃହୀନ
ଅନାଥ, ଅବହେଳିତ ଶିଶୁଙ୍କର
ଶୁଖିଲା ଆଉ ରୋଗିଣା ଶରୀର ।

ଆଜି କାନ୍ଦୁଛି ମୋ ଧରିତ୍ରୀ ଗୁମୁରି ଗୁମୁରି
ଦେଖି ଅନାହାର ମୃତ୍ୟୁ କୋଟି କୋଟି
କୃଷକର ପୋକମାଛିପରି
ନିରୁପାୟ, ନିର୍ବିକାର ଚାତକ ସେ
କେଇବୁନ୍ଦା ବାରି ଜଳପାଇଁ
ଗଛ କାଟି କୋଠା କରୁଛି ସମାଜ
ତେବେ ମେଘ ଆସିବ ବା କାଇଁ ।

ସେଇ ତମସାଚ୍ଛନ୍ନ ସମାଜକୁ ସଚେତନ ଦେବାପାଇଁ
ବଢ଼ାଇଛି ପାଦ ଦୀପଟିଏ ଧରି

 Download Magazine from www.aahwaan.com

ବିଶ୍ୱକଲ୍ୟାଣର ଶାଖାଟିଏ ହୋଇ
ସୁବର୍ଣ୍ଣପକ୍ଷୀର ସ୍ୱପ୍ନ ଅଛି ମନେ
ଆଶା ଅଛି ମୋର ଇନ୍ଦ୍ରଧନୁର ସପ୍ତରଙ୍ଗୀ
ସେଥିପାଇଁ ବାହାରିଛି ବୁଣିବାକୁ
ସମାଜ ଛାତିରେ ବିଶ୍ୱକଲ୍ୟାଣର ମଞ୍ଜି ।

ଛୋଟିଆ ମୁଣ୍ଡରେ ଏତିକି ବୁଝିଛି
ସୀମିତି ସୁଖ ଦେଇଥାଏ ସିଏ
ଯାହା ନିଜ ସୁଖ ପାଇଁ କରାଯାଏ
କରାଯାଏ ଯାହା ପରହିତ ପାଇଁ
ତାହା ନିତ୍ୟ ନୂତନ ଆନନ୍ଦ ଦିଏ
ଆଜି କରୁଛି ପ୍ରତିଜ୍ଞା କେବେ ନିର୍ଦ୍ଦେଶକ
ହୋଇ ତ ପୁଣି କେବେ ଦର୍ଶକ ହୋଇ
କରୁଥିବି କାମ ଆଜୀବନ ମୁହିଁ
ବିଶ୍ୱର କଲ୍ୟାଣ ପାଇଁ....

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର
ମଧୁପାଟଣା, କଟକ, ୭୫୩୦୧୦, ଓଡ଼ିଶା

Download Magazine from www.aahwaan.com

# ଏଇତ ବିସ୍ମୟ ଦୁନିଆ - ଆଶ୍ଚର୍ଯ୍ୟ ବିହି



ବଲବନ୍ତ ସାହୁ

ଜୀବନ ପ୍ରଦୀପ ଜଳେ ମିଞ୍ଜିମିଞ୍ଜି
ଭୟଲାଗେ ଭାବି ଦିନେ ଯିବ ଲିଭି
ଲାଗଇ କାହିଁକି କାଳେ ଯିବ ଏବେ ଲିଭି
ତେଲ ଥିବାଯାଏ ଜଳିବ ପ୍ରଦୀପ
ତେଲ ଶେଷେ ପୁଣି ଲିଭିବ ପ୍ରଦୀପ
ଏଇତ ବିସ୍ମୟ ଦୁନିଆଁ, ଆଶ୍ଚର୍ଯ୍ୟ ବିହି ।୧ ।

ଜୀବନ ମାର୍ଗର ପଥେ ଚାଲେ ନିତି
ଜାଣିବିତ ପଥ ଦିନେ ଯିବ ସରି
ଲାଗଇ କାହିଁକି କାଳେ ଯିବ ଏବେ ସରି
ପଥ ଥିବାଯାଏ ପଥିକ ହୋଇବ
ପଥ ଶେଷେ ନିଜ ବିଲୀନ ହୋଇବ
ଏଇତ ବିସ୍ମୟ ଦୁନିଆଁ ଆଶ୍ଚର୍ଯ୍ୟ ବିହି ।୨ ।

ଜୀବନ ଚନ୍ଦ୍ରମା ଜୋଛନା ଢାଳଇ
ଜାଣିବିତ କ୍ଷଣକରେ ଯିବ ଲୁଚି
ଲାଗଇ କାହିଁକି କାଳେ ଯିବ ଏବେ ଲୁଚି
ଉଇଁଥିବା ଯାଏ ଜୋଛନା ଢାଳିବ
ଅସ୍ତଗାମୀ ହୋଇ ପୁଣି ଯିବସରି
ଏଇତ ବିସ୍ମୟ ଦୁନିଆଁ ଆଶ୍ଚର୍ଯ୍ୟ ବିହି ।୩ ।

ଜୀବନ ନାଟକେ ଅଭିନୟ କରେ
ଭୟଲଗେ ଅଭିନୟ ଯିବ ସରି
ଲାଗଇ କାହିଁକି କାଳେ ଯିବ ଏବେ ସରି
ଥିବାଯାଏ ମଞ୍ଚେ ଅଭିନୟ ଦେଖା
ଦୃଶ୍ୟ ଶେଷେ ଯିବ ସେ ସତେ ବାହୁଡ଼ି
ଏଇତ ବିସ୍ମୟ ଦୁନିଆଁ ଆଶ୍ଚର୍ଯ୍ୟ ବିହି ।୪ ।

ଭୂଷଲାର୍ଡ, ସିନ୍ଧେକେଲା, ଟିଟିଲାଗଡ଼
ଶିକ୍ଷକ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ର, ଟିଟିଲାଗଡ଼
ଦୂରଭାଷ- ୯୦୭୮୧୦୫୨୩୪

Download Magazine from www.aahwaan.com

# ଗଳ୍ପସ୍ପର୍ଦ୍ଧା

# ବିଭାଗ

Download Magazine from www.aahwaan.com

# ଘର ବାହୁଡ଼ା



ରୁଦ୍ରମାଧବ ସାହୁ

ଘରକୁ ଲାଗି ରହିଥିବା ନିଜର ସୁରମ୍ୟ ଉଦ୍ୟାନର ମନ ମୁଗ୍‌ଧକର ପରିବେଶରେ ବସି ଚା' ପିଉ ପିଉ ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିଭୋର ହେଉଥିଲେ ପ୍ରଶାନ୍ତ ବାବୁ । ଦୃଷ୍ଟି ତାଙ୍କର ନିବଦ୍ଧଥିଲା ଗୋଟିଏ ବୃକ୍ଷଶାଖାରେ ଉପବିଷ୍ଟ ପକ୍ଷୀ ବସାରେ, ଯେଉଁଥିରେ ବି ପକ୍ଷୀଟିଏ ନିଜର କୁନି କୁନି ପକ୍ଷୀ ଶାବକମାନଙ୍କ ସହିତ ଚିଁ ଚିଁ ହୋଇ କଣ ସବୁ କଥା ହେଉଥିଲା । ଅବଶ୍ୟ ସେହି ପକ୍ଷୀମାନଙ୍କର ଭାଷା ବୁଝିବା ତାଙ୍କ ପକ୍ଷେ ଦୁଃସାଧ୍ୟ ଥିଲା, କିନ୍ତୁ ସେ ବେଶ୍ ଆମୋଦିତ ହେଉଥିଲେ ସେ ମମତାମୟ ଦୃଶ୍ୟକୁ ଅବଲୋକନ କରି । ତତ୍ପରେ, ସେ ରୋମନ୍ଥନ କରୁଥିଲେ ନିଜର ବିଗତ ଦିନର ସ୍ମୃତିକୁ । କିପରି ତାଙ୍କ ମା ପିଲାବେଳେ ଯାହା କିଛି ଖାଦ୍ୟ ଖୁସି ମନରେ ପରସି ଦେଉଥିଲା, ଆଉ ଭାଇଭଉଣୀ ଦୁହେଁ ମିଶି ଖାଇ ଦେଉଥିଲେ ଆନନ୍ଦ ଚିତ୍ତରେ । ପୁଣି, ବେଳେ ବେଳେ ଅନେକ ସମୟରେ ଖାଦ୍ୟ ନିଅଣ୍ଟ ହେଲେ ପାଣି ପିଇଦେଇ ମା ଶୋଇ ଯାଉଥିଲା । ସତରେ ମା'ର ଋଣ କିଏ ବା ଶୁଝିପାରେ ! ଆଉ ସେଇ ମା ଦିନେ ସ୍ୱପ୍ନ ଦେଖୁଥିଲା ତା' ପୁଅ ଦିନେ ବଡ଼ ହେବ, ପରିବାରର ଅଭାବ ଅସୁବିଧାକୁ ନିଜ ଶ୍ରମଲବ୍ଧ ଟଙ୍କା ଦ୍ୱାରା ପୋଛିଦେବ, ରାଜଦୋଳିରେ ଝୁଲାଇବାର ବଡ଼ ଆଶା ନାହିଁ ହେଲେ ବସିବାକୁ ଭଲ ମସିଣା ଖଣ୍ଡେ ତ ଆଣିଦେବ । କିଛି ହେଉ ବା ନ ହେଉ, ମା'ର ଆଶା ପୂରଣ ହେଉ ବା ନ ହେଉ, ଦୁନିଆ ଦାଣ୍ଡରେ ଜଣେ ମଣିଷ ହେଇ ଠିଆ ତ ହେବ । ଏହାଠୁ ବଳି ମା' ଆଉ କଣ ବା ଆଶା କରିପାରେ । ଏମିତି କେତେ କଣ ସବୁ ଭାବେ ମା' ପରଘରେ ବାସନମାଜି ଆଖିଲୁହକୁ କାନିରେ ପୋଛିଲା ବେଳେ ।

Download Magazine from www.aahwaan.com

ହେଲେ କଣ କଲି ମୁଁ? ନିଜ ଉପରେ ପ୍ରଶ୍ନବାଚୀର ଆରୋପ ଲଗାଇ ପ୍ରଶାନ୍ତବାବୁ ମନକୁ ମନ କହିବାକୁ ଲାଗିଲେ, "ସତରେ ମୁଁ ଜଣେ କୁଳାଙ୍ଗାର..." କଇଁ କଇଁ ହୋଇ କାନ୍ଦି ଉଠିଲେ ସେ କୋହ ସମ୍ବରଣ କରି ନ ପାରି । ଆଉ ବାପା... ଦାରିଦ୍ର୍ୟର ତାଡ଼ନାରେ ଜର୍ଜରିତ ମଣିଷଟିଏ । ତେଲଲୁଣର ସଂସାରରେ ଖାଦ୍ୟ ସଂଗ୍ରହ ପ୍ରଥମ ଲକ୍ଷ୍ୟ ହୋଇଥିବାରୁ ସେଥିପାଇଁ ସବୁର ମୂଳ ଟଙ୍କା ଆବଶ୍ୟକ । ସେଥିପାଇଁ ସବୁବେଳେ ସକାଳୁ ଘରୁ ଯାଇ ସଂଜରେ ଲେଉଟି ଆସନ୍ତି ହାତରେ କିଛି ଟଙ୍କା ଧରି । ହେଲେ ସେ ସବୁ କିଞ୍ଚିତ ଅର୍ଥ ତତଲା କରେଇରେ ପାଣି ଟୋପାଏ ପଡ଼ି ସ୍ୱାହା ହୋଇଯିବା ପରି ଦାରିଦ୍ର୍ୟର ନିଆଁରେ କୁଆଡ଼େ ଭସ୍ମ ହେଲାପରି ହଜିଯାଏ । କାହାଘରେ ବାଡ଼ି ବଗିଚା ସଫା କରନ୍ତି ତ କାହା ଘରେ ମୂଲ ଲାଗନ୍ତି । ଏମିତି କେତେ କଣ ମେହେନତ୍ କରନ୍ତି । ପଇସାଟିଏ ଯୋଗାଡ଼ କରିବାପାଇଁ କେତେ କାମ ଉପରେ କୌଶଳ ଶିଖିବାକୁ ଚେଷ୍ଟା କରିନାହାନ୍ତି ସେ । ପିଲାଟିଏକୁ ମଣିଷ କରିବାପାଇଁ କେତେ ଝାଳ ବୁହାଇ ନ ଦିଅନ୍ତି ବାପାମାନେ । ଆଉ କଣ ନା ଅଧିକା ଜଣେଇବାକୁ ଦେଇଥାନ୍ତେ ମୋତେ ସେମାନେ । ବାସ୍, ପିଲା ବୟସରେ ଏତିକି ହିଁ ବୁଝିଥିଲି । କିନ୍ତୁ ବଡ଼ ହେଲାପରେ... ଧକେଇ ଧକେଇ କାନ୍ଦିବାକୁ ଲାଗିଲେ ନିଜ କୃତକର୍ମର ପ୍ରତି ଅନୁତାପ କରି । ଆଖିରୁ ତାଙ୍କର ଝରି ପଡୁଥିଲା ଜଣେ ଅନୁତପ୍ତର ଲୁହ ।

କୁଆଡ଼େ କେତେବେଳେ ଚାଲିଚାଲି ଗଲାବେଳେ ତାଙ୍କ କୁନି କୁନି ପାଦକୁ କଷ୍ଟ ହେଲେ କେତେବେଳେ ମା କୋଳେଇ ନେଉଥିଲେ ତ କେବେ ବାପା ପିଠିରେ ବସେଇ ନେଇ ଯାଉଥିଲେ । ହେଲେ ସେତେବେଳେ ଆମ ପିଲାମନର ପ୍ରଶ୍ନ ଉଠେନି, "ସେମାନଙ୍କୁ କଷ୍ଟ ହେଲେ କିଏ ତାଙ୍କୁ ବୋହି ନେଇ ପାରିବ ?" ମନକଥା ଆପେ ଆପେ ମା' ବୁଝିପାରେ କି କଣ, ବେଳେ ବେଳେ ଚାଲିବାରେ କଷ୍ଟ ହେବାର ଦେଖିଲେ କହେ, "ହଇରେ ଧନ, ଏ

ଦୁଃଖର ଦିନ ଆମର ସବୁବେଳେ ରହିବନି । ଦିନେ ନା ଦିନେ ତୁ ବଡ଼ ମଣିଷ ହେବୁ । ଚାକିରୀ କରିବୁ । ଆମର ଗୋଟେ ନିଜର ଗାଡ଼ିଥିବ । ଏବେ ସିନା ଚାଲି ଚାଲି ସବୁଆଡ଼େ ଯାଉଛେ, ହେଲେ ସେତେବେଳେ ଆମର ସତସତିକା କାର ଥିବ । ଆମେ ସମସ୍ତେ ସେଥିରେ ବସି ବୁଲିଆସିବା ।" ଏମିତିକା ଅନେକ ସ୍ୱପ୍ନ ମା ଦେଖାଏ । ଆଉ ଆଜି ସେ ସବୁ ସାକାର ହେବାକୁ ଲାଗିଛି । ହେଲେ ମୁଁ ହତଭାଗା ବାପାମା'ଙ୍କୁ ଜୀବନରୁ ଦୂରେଇ ଦେଇଛି । ଦାରିଦ୍ର୍ୟର ତାଡ଼ନା ସତ୍ତ୍ୱେ ସ୍ୱାଭିମାନରେ ଜୀବନ ଜୀଉଁଥିବା ଦୁଇ ମହତ ଜନଙ୍କୁ ତାଙ୍କ ଜୀବନର ଅସହାୟ ବାର୍ଦ୍ଧକ୍ୟାବସ୍ଥାରେ ସହାୟ ହେବା ପରିବର୍ତ୍ତେ ଦୂର କରିନେଇ ଭଉଣୀ ଘରେ ଛାଡ଼ି ଦେଇଛି ।

ସ୍ୱାଭିମାନୀ ଲୋକମାନେ ନିଜ ଭିଟାମାଟିରୁ ଦୂର ହୋଇଯିବାକୁ କେତେ କଷ୍ଟ ଲାଗିନଥିବ ସେମାନଙ୍କୁ ? ପୁଣି ନିଜ ସ୍ୱାଭିମାନକୁ ପ୍ରାଧାନ୍ୟ ଦେଇ ଝିଅ ଘରେ ନ ରହି ବାହାରେ କୋଉଠି ରହିଲେ କାଳେ ପୁଅ ଉପରେ ଅପବାଦ ବା ଅଭିଶାପ ପଡ଼ିବ, ସେଥିପାଇଁ କେବେ ଦୁହେଁ ପ୍ରତିବାଦ କରି ନାହାନ୍ତି । ତା ଛଡ଼ା, ପୁଅ ଘରୁ ବିଦା କରିଦେଲା ବୋଲି ନିଜର ଅସହାୟତା ଦେଖାଇବାକୁ ଯାଇ ବାରଦୁଆର ବୁଲି ଭିକ ମାଗି ବଞ୍ଚିବା ସେମାନଙ୍କ ସ୍ୱାଭିମାନୀ ଜୀବନ ବହିର୍ଭୂତ । ଅନ୍ୟ ପକ୍ଷରେ ଯଦି ଭିକ୍ଷା ମାଗି ବଞ୍ଚିବାର ଥିଲା, ତାହା ସେମାନେ ବହୁ ପୂର୍ବରୁ କରିନଥିଲେ କଣ ପାଇଁ ? ଅଗତ୍ୟା, ବାଧ୍ୟ ହୋଇ ଝିଅ ଘରେ ରହିବା ଛଡ଼ା ଅନ୍ୟ କୌଣସି ଉପାୟ ନଥିଲା ତାଙ୍କର ।

ମଣିଷ ଯେତେ ଜ୍ଞାନ, ବିଦ୍ୟାବୁଦ୍ଧି ସବୁ ଅର୍ଜନ କରିଥିଲେ ହେଁ ବେଳେ ବେଳେ ସୌନ୍ଦର୍ଯ୍ୟ ପାଖରେ ହାର ମାନେ । ବାପାମା'ଙ୍କ ତ୍ୟାଗପୂତ ଜୀବନରେ ଟିକେ ସେବା ଢାଳିଦେବା ପରିବର୍ତ୍ତେ ସ୍ତ୍ରୈଣ ହୋଇ ସେମାନଙ୍କୁ ହତାଦର କରେ । ସେତେବେଳେ ସ୍ତ୍ରୀର

 Download Magazine from www.aahwaan.com

ରୂପରେ ବିମୋହିତ ହୋଇ ବାପାମା'ଙ୍କୁ କେବେ ନେଇ ଜରାଶ୍ରମରେ ତ କେବେ କିଏ ନେଇ ଅଜଣା ଜାଗାରେ ନିଃସ୍ୱ କରି ଛାଡ଼ିଦେଇ ଆସନ୍ତି । ଏମିତି ଦିନେ ବାରମ୍ବାର ସ୍ତ୍ରୀର ପ୍ରରୋଚନାରେ ଘରେ ଅଶାନ୍ତି ସୃଷ୍ଟି କରିବାର ଶାସ୍ତି ଦେବାକୁ ଯାଇ ସେମାନଙ୍କୁ ନେଇ ଭଉଣୀଘରେ ଛାଡ଼ିଦେଇ ଆସିଛନ୍ତି ସେ । ସେତେବେଳେ ବାପାମା'ଙ୍କର କୌଣସି କଥାକୁ ବି କର୍ଣ୍ଣପାତ କରିବାକୁ ପ୍ରସ୍ତୁତ ନଥିଲେ ସେ ।

ମାତ୍ର, ପରେ ସେ ବୁଝିପାରିଥିଲେ ପ୍ରେମ ଆଉ ମମତା ମଧ୍ୟରେ ଫରକ । ମମତା ଯେ ପ୍ରେମ ବୋଲି ନିଜକୁ ସାବ୍ୟସ୍ତ କରିପାରେ, ଅଥଚ ପ୍ରେମ କେବେ ମା' ପରି ମମତା ଢ଼ାଳି ପାରେ ନାହିଁ । ଯାହାକୁ ସେ ଆଜି ହୃଦବୋଧ କରୁଛନ୍ତି ବାପା ମା'ଙ୍କ ବିନା । ଝୁରି ହେଉଥିଲେ ସେ ଦିନରାତି ଖାଲି ସେଇ ଦୁଇ ମହନୀୟ ସତ୍ତାଙ୍କ ଅସ୍ତିତ୍ୱକୁ । ହେଲେ, ପୁଣିଥରେ ସେମାନଙ୍କୁ ସେମାନଙ୍କ ଭିଟାମାଟିକୁ ବାହୁଡ଼ାଇ ଆଣିବାକୁ ସାହସ ସଞ୍ଚୟ କରିପାରୁନଥିଲେ । ନିଜ ଉପରେ ବହୁତ କ୍ରୋଧ ଆସୁଥିଲା ତାଙ୍କର । ଧିକ୍କାର କରୁଥିଲେ ନିଜ ପୁଅପଣକୁ ପ୍ରତି ମୁହୂର୍ତ୍ତରେ । ନିଜର ଏ ପ୍ରକାର ପାପର ପ୍ରାୟଶ୍ଚିତ କରିବାକୁ ହେଲେ ସେମାନଙ୍କୁ ପୁଣିଥରେ ବାହୁଡ଼ାଇ ଆଣିବାଉ ପଡ଼ିବ ଏଇ ତାଙ୍କର ଭିଟାମାଟିକୁ । ଆଉ ସେତେବେଳେ ତାଙ୍କର ସ୍ତ୍ରୀ ହେଉ କି ଅନ୍ୟ କୌଣସି ବାଧକ ତାଙ୍କର ପଥରୋଧ କରିପାରିବ କି । ଏମିତି କେତେ କଣ ସେ ଯୋଜନା କରନ୍ତି ବେଳେବେଳେ । ପୁଣି ସଫଳ କରାଇ ପାରନ୍ତିନି ଲଜ୍ଜାବୋଧତାର ଭୟରେ । କିନ୍ତୁ, ଆଜି ସେ ଦୃଢ଼ ସଂକଳ୍ପ ନିଜ ଜନକଜନନୀଙ୍କୁ ଫେରାଇ ଆଣିବା ଲାଗି ।

ବାପାମାଆ ତାଙ୍କୁ ଛାଡ଼ି ଯିବାପରେ ସେ ମା'ଙ୍କ ଗୋଟିଏ ସ୍ୱପ୍ନ ବା ଘରଣୀଙ୍କ ଦାବିପୂରଣ କରିବାକୁ ଯାଇ କାରଟିଏ କିଣିଥିଲେ । ପିଲାଦିନ ପରି ଦାରିଦ୍ର୍ୟତା ନଥିଲା,

 Download Magazine from www.aahwaan.com

ଦୂରେଇ ଯାଇଥିଲା ତାଙ୍କ ଚାକିରୀ ବଳରେ । ହେଲେ ଟଙ୍କା ବଳରେ ସବୁ ଅଭାବକୁ ଦୂରେଇ ଦିଆ ଯାଇନପାରେ । ଏତେ ଟଙ୍କା ରୋଜଗାର କରୁଥିଲେ ବି ତାଙ୍କର ରହିଥିଲା ଅଭାବ ଏଯାବତ୍... ସତେ କି ଅଭାବ ତାଙ୍କର ଚିର ସହଚର । ହଁ, ସ୍ନେହ, ମମତାର ଅଭାବ, ମାଆ କୋଳର ଅଭାବ । ଆଉ ସେଇ ଖାଁ ଖାଁ ନିର୍ଜନତା ତାଙ୍କୁ ସବୁବେଳେ ଖାଇ ଗୋଡ଼ାଉଥିବାରୁ ସେ ସେଇ କାରଟିରେ ବସି ପାରୁନଥିଲେ । ଭାରି ଦୁଃଖରେ ମନେ ମନେ ଜଳୁଥିଲେ, ସେ କାରଟିକୁ ଦେଖିଦେଲେ । ତେଣୁ, ସେ କାରଟିକୁ ବ୍ୟବହାର ନ କରି ପକାଇ ରଖିଥିଲେ ନିଜ ଦାଣ୍ଡ ଅଗଣାରେ, ଆଉ ପ୍ରତିଦିନ ଅଫିସ ଯାଉଥିଲେ ବସରେ ହଇରାଣ ହୋଇ । ଗତକାଲି ଅଫିସରୁ ଫେରିବା ବେଳେ ସେ କାରଟିକୁ ଦେଖି ମନେ ପକାଇଥିଲେ ନିଜର ଅତୀତକୁ ଆଉ ଘାରି ହୋଇଥିଲେ ସେଇ ବାପାମାଆଙ୍କୁ ଫେରାଇ ଆଣିବା ଚିନ୍ତାରେ । ପରିଶେଷରେ, ଦୃଢ଼ ନିଷ୍ପତ୍ତି ନେଇଥିଲେ ସକାଳୁ ସକାଳୁ ଯାଇ ମାହେନ୍ଦ୍ର ବେଳାରେ ସେମାନଙ୍କୁ ପାଛୋଟି ଆଣିବେ ।

ଏବେ ତା' କପଟି ଲୁଣିଆ ଲୁଣିଆ ଲାଗୁଥିଲା ନିଜ ଲୁହରେ ମିଶି । ଆଉ ସେ ବାପାମାଆଙ୍କୁ ଘରକୁ ଲେଉଟାଇ ଆଣିବାକୁ ଯିବାପାଇଁ ସ୍ଥିରେ କଲେ । ତେଣୁ ସେ ଗାଡ଼ି ଉପରେ ନଜର ପକାଇଲେ ।

ସକାଳୁ ସକାଳୁ ନିଦ ଭାଙ୍ଗିଗଲାପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡି କୁ ସଫା କରିବ । ଦାଣ୍ଡଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପରସ୍ତେ ପଡିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତା ରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତ କୁ କହିଲା "ଆଜ୍ଞା ଟଙ୍କା କୋଡିଏଟା ଯଦି ଦେବେ ,

Download Magazine from www.aahwaan.com

ମୁଁ ଧୋଇଦେବି ।" ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣେଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା, "ଆଚ୍ଛା ଆପଣ କଣ ଏମିତି ବୁଲି ବୁଲି କାମ ଯୋଗାଡ଼ କରନ୍ତି ?" ପ୍ରଶ୍ନିଳ ଦୃଷ୍ଟିରେ ସେ ଲୋକଟାକୁ ଚାହିଁ ପଚାରିଲା ପ୍ରଶାନ୍ତ ।

"ହଁ ଆଜ୍ଞା, କଣ ଆଉ କରିବି ? ପେଟ ପୋଷିବାକୁ ତ ଏତିକି କରିବାକୁ ପଡ଼ିବନା ନହେଲେ ମୋ ସଂସାର ନଉକା ଭାସିଯିବ । ଚୋରି ତ କରୁନି, ଭିକ ମାଗୁନି ତ..." ବାଲତିରୁ ମଗେ ପାଣି କାରକୁ ଛାଟୁ ଛାଟୁ ଲୋକଟି ଉତ୍ତର ଦେଲା ।

"ବେଶ ଭଲ । ଆପଣଙ୍କ ପିଲା କେଇଟି ?" ପୁନଶ୍ଚ ପଚାରିଲା ପ୍ରଶାନ୍ତ ।

"ଆଜ୍ଞା, ଚଳେଇ ପାରିବି କି ନାହିଁ ବୋଲି ଝିଅ ଖଣ୍ଡେ ଆମକୁ ଠାକୁରେ ଦେଇନାହାନ୍ତି । ଦୁଇଟି ପୁଅ ମୋର । ସେମାନଙ୍କ ମୁହଁରେ ଗଣ୍ଡେ ଆହାର ଦେବାପାଇଁ ଏ ସବୁ କରୁଛି । ପେଟ ପାଇଁ ନାଟ ଆଜ୍ଞା । ଏଇ ପେଟ ଚାଖଣ୍ଡକ ନଥିଲେ କିଏ ବା କାହିଁକି କୁଆଡ଼େ ଯାଆନ୍ତା । ତେଣିକି ଭବିଷ୍ୟତରେ ସେମାନେ ମୋତେ ପୋଷନ୍ତୁ କି ନ ପୋଷନ୍ତୁ, ମୋର କିଛି ଯାଏ ଆସେନାହିଁ ।"

"ହଁ, ଠିକ୍ ଅଛି । ଶୀଘ୍ର କାମ ସାର । ମୋର ଗୋଟେ ଜରୁରୀ କାମରେ ଯିବାର ଅଛି ।" କହି ଚୌକିରେ ବସି ପଡ଼ି ଖବର କାଗଜରେ ଧ୍ୟାନଦେଲା ପ୍ରଶାନ୍ତ । କିନ୍ତୁ ସେ ଲୋକର କଥା ସବୁ ତା କାନରେ ପ୍ରତିଧ୍ୱନିତ ହେଉଥିଲା ଆଉ ଆଖି ଆଗରେ ତାକୁ ତା ବାପାଙ୍କ ଛବି ଦେଖାଯାଇଥିଲା । ସେ ଲୋକଟାକୁ ଦେଖିଦେଲେ ମନେ ହେଉଥିଲା ତା ବାପା ଏମିତି କରୁଛନ୍ତି ।

Download Magazine from www.aahwaan.com

"ଆଜ୍ଞା, ସରିଲା କାମ । ହେଲା କି ନାହିଁ ଟିକେ ଦେଖିଲେ..." ପାଖକୁ ଡାକୁଥିଲା ସେ ଲୋକଟି ନିଜର ପାରଦର୍ଶିତାକୁ ପରଖି ନେବାପାଇଁ ।

କାର୍ ପାଖରେ ପହଞ୍ଚୁ ପହଞ୍ଚୁ ସେ କହିଲେ, "ହଁ ହଁ, ପୁରା ସଫା କରି ଦେଇଛ ।" ପକେଟରୁ ପର୍ସ୍ ବାହାର କରି ପଚାଶ ଟଙ୍କିଆ ନୋଟଟିଏ ଆଗକୁ ବଢାଇଦେଲା ପ୍ରଶାନ୍ତ ।

"ଆଜ୍ଞା, ମୋ ପାଖରେ ତ ଖୁଚୁରା ନାହିଁ । କୋଉଠୁ ଖୁଚୁରା ପାଇବି ?" ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ଉତ୍ତର ଦେଲା ସେ ଲୋକଟା ।

"ନାଇଁ, ତମେ ପୁରା ରଖିନିଅ । କିଛି ଫେରାଇବା ଦରକାର ନାହିଁ । ଏଇଟା ତୁମର ପାରିଶ୍ରମିକ ବୋଲି ଧରିନିଅ ।" କହିଲା ପ୍ରଶାନ୍ତ ।

"ନା ବାବୁ, ମୁଁ ଯେଉଁ କଥା ଦେଇଥିଲି ଠିକ୍ ସେତିକି ହିଁ ପାରିଶ୍ରମିକ ନେବି । ଟଙ୍କାଏ ବି ଅଧିକ ନେବିନି ।" ନିଷ୍ପତ୍ତି ଶୁଣାଇବାପରି ଦମ୍ଭୋକ୍ତି ଜାହିର କଲା ସେ ଲୋକଟି ।

"ଶୁଣନ୍ତୁ, ମୁଁ ଯଦି କୌଣସି ଗ୍ୟାରେଜକୁ ନେଇଥାନ୍ତି ତା ହେଲେ ହୁଏତ ଏହାଠୁ ବି ଅଧିକ ଟଙ୍କା ଦେବାକୁ ପଡ଼ିଥାନ୍ତା । ତେଣୁ ମୁଁ ଖୁସିରେ ଦେଉଛି, ରଖିନିଅ..."

"ସେ କଥା ଅଲଗା ହେଇପାରେ ଆଜ୍ଞା । କିନ୍ତୁ ମୁଁ ଯେତିକି କହିଛି ସେତିକି ହିଁ ନେବି । ତେଣୁ ଆପଣ ଦୟାକରି ମୋ ଉପରେ ଦୟା କରନ୍ତୁ ନାହିଁ ।" ସେ ନିଜ ନିଷ୍ପତ୍ତିରେ ଅଟଳ ରହିବା ଭଳି ଶୁଣାଇ ଦେଲା ।

ଆଖିରୁ ଦୁଇବୁନ୍ଦା ଅଶ୍ରୁ ବୋହିଗଲା ପ୍ରଶାନ୍ତର ନୟନରୁ । ସ୍ୱାଭିମାନୀ ଲୋକଟିର ସ୍ୱାଭିମାନ ପାଖରେ ହାରିବାରୁ ଅଶ୍ରୁପରି ଜଣା ଯାଉଥିଲେ ମଧ୍ୟ ସେ ସେଇ ଅଶ୍ରୁ ମଧ୍ୟରେ ନିଜ ପିତାଙ୍କ ସ୍ୱାଭିମାନୀ ପ୍ରତିବିମ୍ବ ବେଶ୍ ଦେଖି ପାରୁଥିଲା ।

"ଆଜ୍ଞା, ମୁଁ ତ ଆପଣଙ୍କୁ ସେମିତି କିଛି କହିନି, ଯେଉଁଥିପାଇଁ ଆପଣ..." ଅପରାଧୀ ପରି

Download Magazine from www.aahwaan.com

ମନରେ ସଙ୍କୋଚବୋଧ ଭରି ପଚାରିଲା ସେ ଲୋକ ।


"ନା, ଆପଣ କେତେବେଳେ କଣ କହିଲେ ? ମୋର ଗୋଟେ କଥା ମନେ ପଡ଼ିଗଲା ତ । ହଉ ଆପଣ ଏବେ ଆସିପାରନ୍ତି ।" ପର୍ସରେ ସେ ପଚାଶ ଟଙ୍କା ରଖିଦେଇ କୋଡ଼ିଏ ଟଙ୍କା ବଢ଼ାଇଦେଇଥିଲା ସେ । ସେଇ ଲୋକଟି ଅତି ଶ୍ରଦ୍ଧାର ସହ ନିଜ ପାରିଶ୍ରମିକକୁ ପକେଟରେ ପୁରେଇଦେଇ ପୁଣି ଆଗେଇ ଯାଇଥିଲା କୌଣସି କର୍ମ ସନ୍ଧାନରେ ।

ଘର ଭିତରକୁ ଯାଇ ପ୍ୟାଣ୍ଟସାର୍ଟ ପିନ୍ଧି କାର୍ ଚାବିଧରି ବାହାରି ଆସୁଥିଲା ପ୍ରଶାନ୍ତ ଆଉ ଆଗେଇ ଯାଉଥିଲା କାର୍ ଆଡ଼କୁ ।

ମାର୍ଫତ : ନଳିନୀ ସାହୁ ଓ ଅକ୍ଷୟ ସାହୁ
ବାଘମୁଣ୍ଡା, କାକଟପୁର, ପୁରୀ
ଭ୍ରାମ୍ୟଭାଷ : ୭୩୭୭୨୩୫୮୭୮

Download Magazine from www.aahwaan.com

# ବ୍ରେକିଂ ନ୍ୟୁଜ୍



ଅରବିନ୍ଦ ଆଚାର୍ଯ୍ୟ

ସକାଳୁ ସକାଳୁ ନିଦ ଭାଙ୍ଗିଗଲାପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡିକୁ ସଫା କରିବ । ଦାଣ୍ଡଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପରସ୍ତେ ପଡିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତକୁ କହିଲା "ଆଜ୍ଞା ଟଙ୍କା କୋଡିଏଟା ଯଦି ଦେବେ, ମୁଁ ଧୋଇଦେବି।" ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣେଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା,

"ତୁମ ଘର କୌଠି ?"

"ଭାଟି ପଡାରେ ଆଜ୍ଞା ।"

"ତୁମେ ମୋତେ ଜାଣିଛ ?"

"ହଁ ଆଜ୍ଞା ! ଆପଣଙ୍କୁ ମୁଁ ଚିହ୍ନିବିନି ? ଟିଟିଲାଗଡରେ ପ୍ରଶାନ୍ତ ଆଜ୍ଞାଙ୍କୁ କିଏ ନଚିହ୍ନେ ? ଆପଣ ଆମ ଏଇ ଗରିବ ଲୋକଙ୍କ ପାଇଁ ଯାହାସବୁ କରୁଛନ୍ତି, ଆମେ କଣ ଭୁଲିପାରିବୁ ?"

"ଆରେ ନାଁ, ମୁଁ କଣ କରୁଛି .... ସେମିତି କୁହନି ।"

"ନାଇଁ ଆଜ୍ଞା,ସେଦିନ ଯଦି ଆପଣ ମୋ ଭାଇ ର ପୁଅ କୁ ନେଇ ଡାକ୍ତରଙ୍କୁ ନଦେଖେଇଥାନ୍ତେ

Download Magazine from www.aahwaan.com

ସିଏ ଆଉ ଏ ଦୁନିଆଁ  ରେ ନଥାନ୍ତା  ।"

"କାହା କଥା କହୁଛ  ?"

"ଆଜ୍ଞା ରମେଶ .....ମୋ ସାନ ଭାଇ ଲାଲୁ ର ପୁଅ  ।"

"ଓଃ ..... ରମେଶ .......ସିଏ ତୁମ ପୁତୁରା  ?"

"ଆଜ୍ଞା  ! ମୁଁ ଲାଲୁ ର ବଡଭାଇ  ...'ବୁଲୁ' ... ।"

ଏତିକି କହି କହି 'ବୁଲୁ' ପାଣି ବାଲତିରୁ ପାଣି ନେଇ ଗାଡିକୁ ଧୋଇବା ଆରମ୍ଭ କରି ସାରିଥିଲା । ଆଉ ତା ଭିତରେ କଥା ପରେ କଥା କହିଚାଲିଥିଲା । ତା'ର କଥା ଶୁଣି ପ୍ରଶାନ୍ତର ସେ ଦିନ କଥା ମନେ ପଡିଯାଉଥିଲା .....

ଏଇ ଗତ ସାଧାରଣତନ୍ତ୍ର ଦିବସ ଦିନ କଥା ।  ପୁରା ସହର ରଙ୍ଗୀନ ହେଇଯାଇଥିଲା ବିଭିନ୍ନ ରକମର ସାଜସଜ୍ଜାରେ । ସବୁ ସ୍କୁଲପିଲାମାନେ ନିଜନିଜ ପ୍ୟାରେଡରେ ଭାଗ ନବାକୁ ତଥା ଫ୍ୟାନ୍ସି ଡ୍ରେସରେ ଭାଗ ନେବାକୁ ଭଳିକି ଭଳି ସଜ ହେଇ ଭିଡ ଜମେଇ ଦେଇଥିଲେ ଟାଉନର ଷ୍ଟାଡିୟମରେ । ପତାକା ଉତ୍ତୋଳନ ଦାୟିତ୍ୱରେ ଅନେକ ଲୋକଙ୍କୁ ନେଇ କାମରେ ଲାଗିପଡିଥିଲା ପ୍ରଶାନ୍ତ ।  ଯା ହେଲେ ବି ସିଏ ହେଲା ଏମ ଏଲ ଏ ଙ୍କ ପ୍ରତିନିଧି । ସବୁ କାମ ଠିକ ଠିକ ନହେଲେ ଏମ ଏଲ ଏ ଙ୍କ ଠୁ ଗାଳି ଶୁଣିବା ସାର ହେବ । ସେଦିନ କଲେଜର ଏନ ସି ସି ପିଲାଏ ଗୋଟେ ଖୁବ ସୁନ୍ଦର ଦୁଃଶାହାସିକ କ୍ରିଡା କୌଶଳ ଦେଖାଇବାକୁ ଆସିଥିଲେ । ପ୍ରତି ବିଭାଗର ମୁଖ୍ୟମାନେ ମଧ୍ୟ ନିଜ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ତୁଲେଇ ଆସିଥିଲେ । କଲେଜ ପିଲାଙ୍କ ଦ୍ୱାରା ମୁମ୍ବାଇର ତାଜ ଆକ୍ରମଣକୁ ଖୁବ ସୁନ୍ଦର ଭାବରେ ଏକ ଦୁଃସାହାସିକ କ୍ରୀଡା କୌଶଳ ମାଧ୍ୟମରେ ଦର୍ଶାଉଥାନ୍ତି । କିନ୍ତୁ ସେଦିନର ସେଇ ଖେଳରେ ଏମିତି ଏକ ଦୁର୍ଘଟଣା ଘଟିଯିବ ବୋଲି କେହି ଭାବିନଥିଲେ । ସେଇ ଦୁର୍ଘଟଣାରେ ହିଁ ରମେଶ ନାମକ କଲେଜ ପିଲାଟିଏ ଥାଏ ।  ତା  ଦେହରେ ନିଆଁ ଲାଗିଯାଇଥିଲା । ଏତେ

Download Magazine from www.aahwaan.com

ଲୋକଙ୍କ ଭିତରେ କେହି ବି ସାହାସ କରୁନଥିଲେ ପାଖକୁ ଯିବାକୁ .... କିନ୍ତୁ ପ୍ରଶାନ୍ତ ନିଜ ଜୀବନକୁ ବାଜିଲଗେଇ ଦୌଡିଯାଇଥିଲା, ଆଉ ରମେଶକୁ ସେଇ ଆସନ୍ନ ମୃତ୍ୟୁରୁ ଉଦ୍ଧାର କରିଥିଲା । ରମେଶର ଦେହର ଅନେକ ଅଂଶ ପୋଡିଯାଇଥିଲା । ତଥାପି ତାକୁ ଠିକ ସମୟରେ ଠିକ ଜାଗାକୁ ନେଇ ଡାକ୍ତରଙ୍କୁ ଦେଖାଇ ଭଲ କରେଇଥିଲା ପ୍ରଶାନ୍ତ ।

"ଆଜ୍ଞା ! ଦେଖିଲେ ହେଲା କି ନାଇ ?" ବୁଲୁର ଡାକରେ ପ୍ରଶାନ୍ତ ଭାବନା ରାଜ୍ୟରୁ ଫେରି ଆସିଲା । ସତରେ ଗାଡିଟିକୁ ମନଧ୍ୟାନ ଦେଇ ଧୋଇ ପୁରା ଚିକ ଚିକ କରିଦେଇଥିଲା ବୁଲୁ । "ଆରେ ବୁଲୁ , ଏତେ ବଢିଆ ଗାଡି ଧୂଆ କୋଉଠୁ ଶିଖିଲୁ କି ? କୋଉ ଗ୍ୟାରେଜରେ ଥିଲୁ କି ?"

"ଆଜ୍ଞା.... ମୁଁ କଣ ଏଠି ରହୁଥିଲି କି ? ମୁଁ ପରା କଟକ ରେ ରାହେମାନ ଭାଇ ର ଗ୍ୟାରେଜ ରେ ଚାରିବର୍ଷ ହେଲା କାମକରୁଛି ।"

"ସେଥିପାଇଁ , ମୁଁ ତତେ ଦେଖେନି ........ଆଉ କେବେ ଆସିଛୁ ?"

"ପହରଦିନ "

"ହଉ , ରହ ତୋ ପାଉଣା ଆଣୁଛି ।" ଏୟା କହି ପ୍ରଶାନ୍ତ ଘରଭିତରକୁ ଗଲା । ଖୁଚୁରା ଟଙ୍କା କୋଡିଏ ଟା ଧରି ବାହାରକୁ ଆସିଲା ବେଳକୁ ବୁଲୁ ଆଉ ନଥିଲା । ବାଲତି ,କପଡା ସବୁ ଥୋଇଦେଇ ଚାଲିଯାଇଥିଲା । ପ୍ରଶାନ୍ତ ଆଶ୍ଚର୍ଯ୍ୟ ହେଲା । ପଇସା ପାଇଁ ଗାଡି ଧୋଇବାକୁ ରାଜି ହେଇ ,ପୁଣି ଏମିତି ଚାଲିଗଲା କଣ ପାଇଁ ? ଛାଡ ଏ ଲୋକ ଗୁଡା ଏମିତି । କେତେବେଳେ କେମିତି ନିଜ କୃତଜ୍ଞତା କୁ ପ୍ରକାଶ କରିପକାନ୍ତି , କିଛି ବୁଝି ହୁଏନି ।

ଏମିତି ଭାବି ଭାବି କଣ କରିବ ବୋଲି ପ୍ରଶାନ୍ତ ଏପଟେ ସେପଟେ ଦେଖୁଥିଲା । ଏତିକିବେଳେ ତା ମୋବାଇଲ ବାଜିଉଠିଲା ।ଆର ପଟ ରୁ ତା ସାଙ୍ଗ ପ୍ରଦ୍ୟୁମ୍ନ କହୁଥିଲା , "ଏ ! ପ୍ରଶାନ୍ତ .... ଟିକେ ହେଲ୍ପ କରିବୁ ?"

“କଣ ହେଲାକିରେ , ପ୍ରଦ୍ୟୁମ୍ନ ? କଣ ହେଲୁ ?”

“ ଆରେ ଭାଇ କହନା , ମୋ ଗାଡି ଆଉ ଷ୍ଟାର୍ଟ ହଉନି । ତୋ ଗାଡି ଟା ଟିକେ ଦେ .... ମୁଁ ସମ୍ବଲପୁର ଅର୍ଜେଣ୍ଟ ଯିବାର ଅଛି । ”

“କଣ ଏମିତି ଅର୍ଜେଣ୍ଟ ?”

“ତୁ ଗାଡି ଦବୁ ନା ନାହିଁ କହିଲୁ ?”

“ଆରେ ବାବା , ନବୁ ହେଲା !...... ଆସେ “

“ ମୁଁ ଫେରୁ ଫେରୁ ଡେରି ହେଇଯିବ ......ତୋର କିଛି କାମ ନାହିଁ ତ ?”

“ ନାଁ ..... ତୁ ଯା ....... ଓକେ “ ଏତକ କହି ଫୋନ କାଟିଲା ପ୍ରଶାନ୍ତ ।

ପ୍ରଦ୍ୟୁମ୍ନ କେତେବେଳୁ ଆସି ଗାଡି ନେଇ ଗଲାଣି । ଘର ଭିତରେ ନିଜ ନିତ୍ୟକର୍ମ ସାରି କ୍ରିକେଟ ମ୍ୟାଚ ଦେଖିବାକୁ ବସିଗଲା ପ୍ରଶାନ୍ତ । ଆଜି ଇଣ୍ଡିଆ ଆଉ ଶ୍ରୀଲଙ୍କା ମ୍ୟାଚ ଚାଲିଥିଲା । ବିରାଟ କୋହିଲିର ସୁନ୍ଦର ବ୍ୟାଟିଂ କୁ ଉପଭୋଗ କରୁ କରୁ ସମୟ କାଟୁଥିଲା ବେଳେ ହଠାତ କଣ ମନ ହେଲା କେଜାଣି ନିଉଜ ଚ୍ୟାନେଲଟାକୁ ଲଗେଇ ଦେଲା

ବ୍ରେକିଙ୍ଗ ନିଉଜ ଆସୁ ଥିଲା ...................

ଆଜି ଦିନ ଦ୍ୱିପହରରେ ସମ୍ବଲପୁର ରୋଡରେ ଏକ କାରରେ ନିଆଁ ଲାଗି ଜଳି ଯାଇଛି । ଭାଗ୍ୟକୁ ସେ ଗାଡିର ଚାଳକଙ୍କୁ ପୋଲିସ ଉଦ୍ଧାର କରି ମୁର୍ମୁଶୁ ଅବସ୍ଥାରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିଛି । ଟିଭି ପରଦା ଉପରେ ପ୍ରଶାନ୍ତ ତା ଗାଡିଟାରେ ନିଆଁ ଲାଗି ହୁ ହୁ ଜଳୁଥିବାର ଦେଖୁଥିଲା । ତା ମୁଣ୍ଡ ବୁଲେଇ ଦେଉଥିଲା ।

ମୋବାଇଲ : ୭୦୦୮୬୬୭୭୮୫

www.molekhaa.wordpress.com

Download Magazine from www.aahwaan.com

# ସମୟର ଚକ୍ର



ପ୍ରଶାନ୍ତ କୁମାର ନାଥ

ପ୍ରଶାନ୍ତର ବାପା ଥିଲେ ବହୁତ ଗରିବ । ଚାଷବାସ କରି ନିଜର ପେଟ ପୋଷନ୍ତି । ଯାହା ଯେତିକି ଅମଳ ହୁଏ ତାଙ୍କର ପରିବାର ହସଖୁସିରେ ଚଳି ଯାଆନ୍ତି । ବାପା ଦିନ ସାରା ବିଲରେ କାମ କରନ୍ତି । ସନ୍ଧ୍ୟାହେଲେ ରଘୁ ମହାଜନ ଘରକୁ ଯାଇ ତାଙ୍କର ବୋଲହାକ କରନ୍ତି । ତାଙ୍କର କାମ ସିନା କରନ୍ତି କିନ୍ତୁ ତାଙ୍କ ପିଣ୍ଡାକୁ ଉଠିବା ମନା । କଣ ନା ଛୋଟ ଜାତି ସେଠି କାଳେ ପାଦ ପଡିଲେ ତାଙ୍କୁ ଛୁଆନ୍ତା ଲାଗିଯିବ । ବାହାରେ ବାହାରେ ସେମାନଙ୍କ ଗାଈ ଗୋରୁ ଧନ୍ଦା କରି ବାପା ଘରକୁ ଫେରି ଆସନ୍ତି ।

ସେଥି ପାଇଁ ମଧ୍ୟ ତାଙ୍କୁ କିଛି ପାରିଶ୍ରମିକ ମିଳେ ନାହିଁ । କଣ ନା ପାଞ୍ଚ ବର୍ଷ ତଳେ ବନ୍ୟା ଆସିବାରୁ ଚାଷବାସ ସବୁ ଧୋଇଗଲା । ଯେଉଁଥି ପାଇଁ ବାପା ସେମାନଙ୍କ ପାଖରୁ କିଛି କରଜ ଆଣିଥିଲେ । ସେହି ଦିନରୁ ସୁଝୁଛନ୍ତି ଯେ ସୁଝୁଛନ୍ତି ମୂଳ କଣ ସୁଧ ସୁଧା ଏପର୍ଯ୍ୟନ୍ତ କାଳେ ପରିଶୋଧ ହୋଇନି । ମହାଜନ ମାନଙ୍କର କି ହିସାବ କେଜାଣି ? ଏମିତି ସୁଧହାର ହିସାବ ଦେଖେଇ ଗରିବ ମାନଙ୍କ ଧନରେ ରାଜୁତି କରୁଛି ରଘୁ ମହାଜନ । ପ୍ରଶାନ୍ତ ମଧ୍ୟ କେତେଥର ବାପାଙ୍କ ସହିତ ସେହି ରଘୁ ମହାଜନ ଘରକୁ ଯାଇଛି । ଥରେ ଛୋଟ ବେଳେ ଯାଇଥିଲା ଯେ ନିଜ ଅଜାଣତେ ମହାଜନ ଘର ପିଣ୍ଡାକୁ ଉଠି ଯାଇଥିଲା,ମହାଜନ ଲୋକ ଲଗେଇ ତାକୁ କେତେ ପିଟିଲେ । ଟିକେ ବି ଦୟାମାୟା ନାହିଁ ତାଙ୍କର । ବାପା ତାଙ୍କର କେତେ କାକୁତି ମିନତୀ ହେଲା ପରେ ଯାଇ ଛାଡିଥିଲେ । ସେହି ଦିନରୁ ସିଏ ଆଉ କେବେ ମହାଜନ ଘରକୁ ଯାଇନି ।

Download Magazine from www.aahwaan.com

ପ୍ରଶାନ୍ତ ସେତେବେଳେ ମ୍ୟାଟ୍ରିକ ପରୀକ୍ଷା ଦେବାରେ ଥାଏ । ମହାଜନ ମୁଣ୍ଡରେ କି ବୁଦ୍ଧି ପଶିଲା କେଜାଣି ତାଙ୍କର ଘରଟିକୁ ନିଲାମ କରିଦେଲା । ସେହିଦିନରୁ ବାପପୁଅ ଦୁହେଁ ପଡିଆ ଉପରେ ଏକ ଚାଳିଆ କରି ରହୁଥିଲେ । ଆଉ ଏବେ ଏବେ ପ୍ରଶାନ୍ତର ଚାକିରୀ ହେବାରୁ ତାଙ୍କର ଅବସ୍ଥା ସୁଧୁରିଛି । ଛୋଟ ଘରଟେ କିଣିଛନ୍ତି । ବାପାଙ୍କର ବି ବୟସ ହୋଇଗଲାଣି । ବହୁତ ଦୁଃଖ କଷ୍ଟରେ ବାପା ତାକୁ ମଣିଷ କରିଥିଲେ । ଜୀବନରେ ସୁଖ କଣ ସେ ଜାଣି ନାହାନ୍ତି । ସେଥିପାଇଁ ଦୁଇ ମାସ ତଳେ ପ୍ରଶାନ୍ତ ଗୋଟେ କାର କିଣିଥିଲା । ଭାବିଥିଲା ବାପାଙ୍କୁ ବସେଇ ଟିକେ ଭଲ ଭଲ ଜଗା ବୁଲେଇ ଦେଖେଇବ । ବୋହୁଟି ମଧ୍ୟ ବାପାଙ୍କର ଭଲ ସେବା କରୁଥିଲା ।

କାରଟିକୁ ରଖି ସବୁଦିନ ପ୍ରଶାନ୍ତ ବାଇକରେ ଅଫିସ ଯାଏ । ସେଦିନ ସକାଳୁ ସକାଳୁ ନିଦ ଭାଙ୍ଗିଗଲା ପରେ ପ୍ରଶାନ୍ତ ନିଷ୍ଚୟ କରିଥିଲା ଯେ ଆଜି ଯେମିତି ବି ହେଉ ଗାଡିଟିକୁ ସଫା କରିବ । ଦାଣ୍ଡ ଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପ୍ରରସ୍ତେ ପଡି ଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବ ଗୋଟାଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତ କୁ କହିଲା "ଆଜ୍ଞା ଟଙ୍କା କୋଡ଼ିଏଟା ଯଦି ଦେବେ,ମୁଁ ଧୋଇଦେବି "ପ୍ରଶାନ୍ତ ତାକୁ ଚାହିଁ କହିଲା,"ତୁମକୁ ଗାଡି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡ଼ିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା ....ଆପଣଙ୍କ ଘର କେଉଁଠି ? ଆମ ଗାଁର ଜଣେ ରଘୁ ମହାଜନ ଥିଲା ଦେଖିବାକୁ ଠିକ ତୁମରି ପରି । କିନ୍ତୁ ଆପଣ ପେଟ ପାଇଁ ଏ ବୟସରେ

Download Magazine from www.aahwaan.com

ମଧ୍ୟ କମ କରୁଛନ୍ତି । କିନ୍ତୁ ସେ ଗରିବ ମାନଙ୍କ ଧନରେ ରାଜ କରୁଛି । କେତେ ଜଣଙ୍କ ଆଖିରେ ଲୁହ ଦେଇଛି ତାର ସୀମା ନାହିଁ । ସମସ୍ତଙ୍କ ଧନ ସମ୍ପତ୍ତିକୁ ହାତେଇ ନେଇଛି । କିନ୍ତୁ ଆପଣ ତ ମହାନ ଏ ବୟସରେ ମଧ୍ୟ ନିଜର ପେଟ ପୋଷିବାକୁ ସଂଗ୍ରାମ କରୁଛନ୍ତି । ଲୋକଟି ଆଖିରେ ଲୁହ ଆସି ଗଲା । କାନ୍ଦି କାନ୍ଦି କହିଲା ମୁ ସେହି ରଘୁ ମହାଜନ । ସମସ୍ତଙ୍କ ଆଖିର ଲୁହରେ ଆଜି ମୋର ଏହି ଅବସ୍ଥା । ମୁ ଆଜି ଭିକାରୀ ଠୁଁ ମଧ୍ୟ ହିନ । ଅସତ ଉପାୟରେ ଟଙ୍କା ରୋଜଗାର କରୁଥିଲି । ଟ୍ୟାକ୍ସ ମଧ୍ୟ ଭରୁନଥିଲି । ଏଖବର ପାଇଁ ଇନକମ ଟ୍ୟାକ୍ସ ୱାଲା ମୋର ମୋ ଘରେ ଚଢ଼ାଉ କରି ମୋର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସିଜ କରିନେଲେ ଆଉ ମୋତେ ଭିକାରୀ ସଜେଇ ଦେଲେ । ଆଜି ମୁଁ ଭାବୁଛି ଧନ ସମ୍ପତ୍ତି କେବେ ବି ଚିରସ୍ଥାୟୀ ନୁହେଁ । ଦେଖ ମୁ ତୁମକୁ ମୋ ଦାଣ୍ଡକୁ ଉଠେଇ ଦେଉ ନଥିଲି କିନ୍ତୁ ପେଟ ବିକଳରେ ଆଜି ମୁ ତୁମରୁ ପାଖକୁ କାମ କରିବାକୁ ଆସିଛି ।

ପ୍ରଶାନ୍ତ ଭାବୁଥାଏ ସବୁକିଛି ସମୟ ହାତରେ ଡୋରୀ । ସମୟର ଚକ୍ରରେ ସମସ୍ତେ ଚକା ଭଉଁରି ଖେଳୁଛନ୍ତି ।

ନ-10, ଫାଷ୍ଟ ଫ୍ଲୋର, ଫାଷ୍ଟ ବି କ୍ରସ, ଏସ.ଜି.ଇନ ଲେଆଉଟ,

କସମିକ ଏମ୍ବାସୀ, ବାଙ୍ଗାଲୋର-560027.

ମୋ-08310328345

Download Magazine from www.aahwaan.com

# ଦରପୋଡ଼ା କାଠ



ସୁବଳ ମହାପାତ୍ର

୨୦୧୭ ମସିହାର ନୂଆ ବର୍ଷ, ୨୦୧୬ର ଶେଷ ରାତ୍ରି । ଅରଖ ନୂଆ ପରି ଝିଲ ମିଲ ପୋଷାକ ପରିହିତ ରାଜଧାନୀରେ ରାତ୍ରିର ଚତୁର୍ଥ ପ୍ରହର । ଏକ ତିନି ତାରକା ହୋଟେଲରେ ତଥାପି କିଛି ଲୋକ ନୂଆବର୍ଷର ଖୁସି ଜାହିର କରୁଥାନ୍ତି । ସମୟ ରାତ୍ରି ପ୍ରାୟ ଦୁଇଟା ବାଜି ପଚାଶ ମିନିଟ । ପ୍ରଶାନ୍ତ ହାତରେ ଗ୍ଲାସ ଧରି ସଂଗୀତର ତାଳେ ତାଳେ ଝୁମି ଝୁମି ବଗିଚାର ଏକ କୋଣରେ ଯାଇ ପହଁଚିଲା । ଲୁହା ଚୌକିରେ ବସୁ ବସୁ ଭାରସାମ୍ୟ ହରେଇ ପଡିଗଲା ସେ । ନିଜକୁ ସମ୍ଭାଳି ନେଇ ଉଠିଲା ବେଳକୁ ଗ୍ଲାସରେ ଥିବା ରଙ୍ଗୀନ ପାଣି ଗୁଡିକ ତା ଜ୍ୟାକେଟ ଉପରେ ପଡି ସୁତା ତନ୍ତ୍ରୀ ଗୁଡିକୁ ମତୁଆଲା କରିସାରିଥିଲେ । ନା, ଏଥର ଘରକୁ ଫେରିବାକୁ ପଡିବ । ସ୍ତ୍ରୀ ମିନତୀ ଆଉ ଝିଅ ଶୈଳ ଯାଇଛନ୍ତି ଶୈଳର ସ୍କୁଲ ପିକନିକରେ । ସେଥିପାଇଁ ସେ ଆଜି ନିଜ ସ୍ୱାଧୀନତାର ସ୍ୱାଦ ଚାଖିବାକୁ ଆସି ଯାଇଥିଲା ଏକ ନୂଆବର୍ଷ ପାର୍ଟିକୁ । ନଚେତ ବାହାରେ କେଉଁଠି ଟିକେ ପିଇ ଦେଇ ଘରକୁ ଗଲେ ମିନତୀ ସବୁ ବେଳେ ଜାଣି ଦିଏ । ସନ୍ଦେହୀ ଆଖି କୁ ସନ୍ଦେହୀ ନାକ ତା'ର, ପ୍ରଶାନ୍ତ ର ଆଚରଣ ରୁ ହେଉ କିମ୍ବା ମୁହଁ ରୁ ଆସୁଥିବା ବିଦେଶୀ ପାନୀୟ ର ସୁଗନ୍ଧ ରୁ ହେଉ କୌଣସି ପ୍ରକାରେ ଧରା ପକେଇ ଦିଅନ୍ତି । ଆଉ ତା'ପରେ ? ? ପନ୍ଦର ମିନିଟ ର ଗାଳି ସହ ପାଞ୍ଚ ମିନିଟ ର ତାଗିଦ, ତା ସହ ମିଶନ୍ତି ଝିଅ ଶୈଳ ର ଭବିଷ୍ୟତ ଉପରେ ପ୍ରବଚନ ଆଉ... ଆଉ ? ଘର ଛାଡି ବାପା ଘରକୁ ଚାଲିଯିବାର ଧମକ, ସୁଉଁ ସୁଉଁ କାନ୍ଦ, ମୁହଁ ଫୁଲା ଆହୁରି ଆହୁରି କେତେ କଣ, ଶେଷ ହୁଏ କାଲିଠୁ ମଦ ନ ପିଇବାର ଶପଥ ରେ । ରାତି ନ ଟା ରେ ଘରେ ପହଁଚିଲେ ଯାତ୍ରା ସରୁ ସରୁ

Download Magazine from www.aahwaan.com

ରାତି ବାର । ଛଅ ବର୍ଷ ର ଝିଅ ଶୈଳ ସେତେବେଳକୁ ଶୋଇ ସାରିଥାଏ । ତାକୁ ଟିକେ ଗେଲ କରିବାକୁ କି ତା ସହ ଖେଳୁବାକୁ ବି ସମୟ ହୁଏନି । ଛେ.... ସ୍ତ୍ରୀ ଉପରେ ବହୁତ ରାଗି ଯାଏ ସେ । ସେଥିପାଇଁ ସେ ଏବେ ପିଇବା ଛାଡି ଦେଇଛି । ତଥାପି ଲୁଚେଇ ଲୁଚେଇ ଛୁଟି ଦିନ ମାନଙ୍କରେ ଅଫିସ ଅଛି କହି ସାଙ୍ଗ ମାନଙ୍କ ସହ ଦିନ ବେଳେ ପିଇଦିଏ । ଝିଅ ର ପରୀକ୍ଷା ସରିଲେ, ଖରା ଛୁଟି ହେଉ କି ବଡ଼ଦିନ ଛୁଟି, ଥରେ ଗାଁ କୁ ଆଉ ଥରେ ଶ୍ୱଶୁର ଘରକୁ ପଠେଇ ଦେଇ ଟିକେ ଶାନ୍ତି ରେ ନିଶ୍ୱାସ ମାରେ ସେ । ଏତିକି ଦିନ ସେ ବଞ୍ଚେ ଜଣେ ଅବିବାହିତ ର ହଷ୍ଟେଲ ଲାଇଫ । ଘର ର କୌଣସି ଜିନିଷ ରେ ଧ୍ୟାନ ନଥାଏ ତା' ର, ସକାଳୁ ଉଠି, ବ୍ରସ କରି, ଗାଧୋଇ ଅଫିସ ଯିବା ଆଉ ସନ୍ଧ୍ୟା ରେ ଫେରିଲା ବେଳେ ମଧ୍ୟମ ଆକାର ର ନାଲି ପାଣି ବୋତଲ ଟିଏ ସହ କିଛି ମିକ୍ସଚର, ଖୁର୍ସିଦ ଭାଇ ଦୋକାନ ରୁ କେବେ ଚିକେନ ପକୋଡା ତ କେବେ ଚିକେନ କବାବ, କେବେ ଅବା ତନ୍ଦୁରି ସହ ଚିକେନ ବିରିୟାନୀ ଗୋଟେ ଆଣି ରାତି ଟି ଘରେ କଟେଇବା ବ୍ୟତୀତ ଆଉ କିଛି ଦେଖେ ନାହିଁ ସେ । ସ୍ତ୍ରୀ ଆଉ ଝିଅ ଫେରିବା ପୂର୍ବଦିନ ସେ ସଜାଡ଼େ ଘରକୁ ଠିକ ସେମିତି, ଯେମିତି ମିନତୀ ଛାଡିକି ଯାଇଥିଲା । ମିନତୀ ବି ସୁରାକ ପାଏନି କିଛି । ସେଥିପାଇଁ ସେ ବନ୍ଦ କରି ଦେଇଛି ଅନ୍ୟ ଦିନ ମାନଙ୍କ ରେ ପିଇବା । ଏଥର କିନ୍ତୁ ଝିଅ ର ପିକନିକ ଥିବାରୁ ବଡ ଦିନ ଛୁଟି ଟା ପୁରା ମାରା ହେଇଗଲା । ଆଜି ଗୋଟେ ଦିନ ଛୁଟି ମିଳିଛି । ରାତି ୧୦ ଟା ରେ ସ୍ତ୍ରୀ ଆଉ ଝିଅ କୁ ସ୍କୁଲ ରେ ଛାଡି ଆସିଲା ପରେ ସେ ଆଜି ରାଜା । ସେମାନେ ଆସି ପହଞ୍ଚିବେ କାଲି ସନ୍ଧ୍ୟା ଆଠଟା ରେ । ସେତେବେଳ ଯାଏ ପ୍ରଶାନ୍ତ ନିଜ ଇଚ୍ଛା ର ମାଲିକ । ସେମାନଙ୍କୁ ସ୍କୁଲ ରେ ଛାଡି ସେ ସିଧା ଆସିଛି ଏ ହୋଟେଲ କୁ ।

ଚୌକି ର ହ୍ୟାଣ୍ଡେଲ ରେ ମୁଣ୍ଡ ଟା ବାଡେଇ ହଉ ହଉ ରହିଗଲା । ନା, ଆଉ ନୁହଁ ।

 Download Magazine from www.aahwaan.com

ଗ୍ଲାସ କୁ ସେଇ ଚୌକି ଉପରେ ରଖି ସେ ବାହାରିଲା ଘରକୁ ଯିବାକୁ । ଟଳି ଟଳି ଗାଡି ପାଖକୁ ଆସି ଗାଡି ର ଡୋର ଖୋଲିଲା ସେ । ଦଶ ବର୍ଷ ର ଗାଡି ଚଲା ଭିତରେ ସେ ଏତେ ନର୍ଭସ କେବେ ବି ହୋଇ ନଥିଲା । ବହୁତ ଦିନ ପରେ ନିଶା ଆଜି ଜୋର ଧରି ଯାଇଥିଲା ତାକୁ । ଯାହା ହେଲେ ବି ଘରେ ପହଞ୍ଚିବାକୁ ହେବ । ରାତି ତିନିଟା ଉପରେ ହୋଇ ଗଲାଣି । ଆଉ ଡେରି କଲେ ହବନି । ଗାଡି ରେ ବସି, ଗାଡି ଷ୍ଟାର୍ଟ କଲା ସେ । ଡୋର ର କାଚ କୁ ଅଳ୍ପ ଖୋଲା କରି, ଡୋର ବନ୍ଦ କଲା । ଆଗ କାଚ ଭିତର ଦେଇ ବାହାର ରାସ୍ତା ଟା କେମିତି ଝାପ୍ସା ଝାପ୍ସା ଦେଖା ଯାଉଥିଲା ତାକୁ । ଆଖି କୁ ଦୁଇଥର ଦଳି, ବଡ ବଡ ଆଖି କରି ଆଉ ଥରେ ରାସ୍ତା କୁ ଦେଖିଲା ସେ । ହଁ, ଏଥର ଟିକେ ଭଲ ଦେଖା ଗଲା । ବାଁ ପଟକୁ ଷ୍ଟିୟରିଂ ମୋଡି ଆଗକୁ ଆଗେଇଲା ସେ । ରାସ୍ତା ଖୋଲା, ରାଜଧାନୀ ର ଲୋକ ଗୁଡା ବାରଟା ବେଳକୁ ହାଲ୍ଲା ଗୁଲ୍ଲା କରି ଶୋଇ ପଡିଲେଣି ସବୁ । ସକାଳୁ ଉଠି ପୁଣି ସମସ୍ତେ ସମସ୍ତଙ୍କୁ ନୂଆ ବର୍ଷ ର ଅଭିନନ୍ଦନ ଜଣେଇବେ, ମିଠା ଖୁଏଇବେ ଆଉ କେତେ କଣ ସବୁ କରିବେ । ଆମ ବେଳକୁ ଗାଁ ରେ କଣ ଥିଲା ଏ ସବୁ ? କେତେ ରଙ୍ଗୀନ ଏ ସହର ଆଉ କେତେ ରଙ୍ଗୀନ ଏ ଲୋକ, କେତେ ରଙ୍ଗୀନ ଏ ରାସ୍ତା ଆଉ କେତେ ରଙ୍ଗୀନ ଏ ବୟସ । ଭାବୁ ଭାବୁ ଆଖି ତା' ର ମାଡି ମାଡି ପଡୁଥାଏ । ହଠାତ .... କିଛି ବିକଟାଳ ଶବ୍ଦ ସହ ଗାଡି କୁ ଯେମିତି କିଏ ଆଗରୁ ଟାଣି ନେଉଛି, ନିୟଂତ୍ରଣ ନାହିଁ ଏବେ ତା' ହାତ ରେ । ଗାଡି ଟା ମନକୁ ମନ କୁଆଡେ ଯାଉଛି ଆଉ.. ... .... ଦୂଉଉ ଉ ଉ ଉ ଉ ମ...........

X X X X X

ନିଦ ଭାଙ୍ଗିଲା ପ୍ରଶାନ୍ତର । ବେଡ୍ ଉପରେ ଥାଇ ଚାରି ଆଡକୁ ଚାହିଁଲା ସେ । ଉଠି ଦେଖିଲା ହାତରେ ସାଲାଇନ ର ଛୁଞ୍ଚି । କୌଣସି ଏକ ଡାକ୍ତରଖାନା ର କୋଠରୀ ପରି

 Download Magazine from www.aahwaan.com

ଲାଗୁଥାଏ । ପାଖରେ ବିଭିନ୍ନ ପ୍ରକାର ର ଯନ୍ତ୍ରପାତି । ଯନ୍ତ୍ର ର ଟିଭି ରେ କେତେ କଣ ରେଖା ସବୁ ଉପର ତଳ ହୋଇ ମାଡି ଯାଉଥାନ୍ତି । ମଣିଷ କେହି ନଥାନ୍ତି ସେ କୋଠରୀ ରେ । ପୁଣି ଥରେ ଆଖି ବୁଜି ହୋଇ ଆସିଲା ତା' ର । ମୁଣ୍ଡ ଆଉ ଗୋଡ ରେ ପ୍ରବଳ ଯନ୍ତ୍ରଣା । ଡାହାଣ ଗୋଡ ଟା ନ ଥିଲା ପରି ଲାଗୁଥାଏ କିନ୍ତୁ ଆଂଠୁ ପାଖରୁ ପ୍ରବଳ ଯନ୍ତ୍ରଣା ହେଉ ଥାଏ । ବିକଳ ରେ ଚିତ୍କାର କରି ଉଠିଲା ସେ । କିଛି ସମୟ ପରେ ପୁଣି ଆଖି ବୁଲେଇ ସବୁ ଆଡକୁ ଦେଖିବାକୁ ଚେଷ୍ଟା କଲା ସେ । ଭୀଷଣ ଭାବରେ ଶୋଷ ଲାଗୁଥାଏ ତାକୁ । ଆଖି ବୁଲାଉ ବୁଲାଉ ଦେଖିବାକୁ ପାଇଲା ୨୦୧୮ ମସିହା ର କ୍ୟାଲେଣ୍ଡର । କ୍ୟାଲେଣ୍ଡର ରେ ଜାନୁଆରୀ ୧୮ ତାରିଖ ଟି ଉପରେ ଥାଏ । ସେ ମନେ ପକେଇବାକୁ ଚେଷ୍ଟା କଲା ଏଠିକୁ ଆସିଲା କେମିତି । ମିନତୀ ଆଉ ଶୈଳ କୁ ସ୍କୁଲ ରେ ଛାଡି ସେ କେଉଁ ଏକ ଜାଗାକୁ ଯାଇଥିଲା ବୋଲି ମନେ ପଡିଲା । ତା ପରେ କିନ୍ତୁ ମନେ ନାହିଁ । ଆରେ....ସେ ତ ଯାଇଥିଲା ଡ଼ିସେମ୍ବର ୩୧ ରେ ଆଜି କଣ ଜାନୁଆରୀ ୧୮ ଦେଖାଉଛି ? ଏତିକି ଦିନ ଭିତରେ ତା'ର ତ କିଛି ବି ମନେ ନାହିଁ ? ମିନତୀ ଆଉ ଝିଅ ଆସିଲେ ନା ନାହିଁ? କିଏ ତାଙ୍କୁ ଆଣିଲା ? ସେ ନିଜେ ଏଠିକୁ କେମିତି ଆସିଲା ? କୌଣସି ପ୍ରଶ୍ନ ର ଉତ୍ତର ପାଉ ନଥିଲା ସେ...

କିଛି ସମୟ ପରେ ନର୍ସ ଜଣେ ଆସିଲେ ଓ ତା' ର ହୋସ ଆସିଲାଣି ବୋଲି ଜଣେଇ ଦେଲେ ମିନତୀ କୁ । ଆସ୍ତେ ଆସ୍ତେ ସବୁ ଜିନିଷ ଜାଣିବାକୁ ପାଇଲା ସେ । ସେଦିନ ହୋଟେଲ ର ପାର୍ଟି କୁ ଯାଇ ମଦ ପିଇଥିଲା ସେ ଆଉ ଘରକୁ ଫେରିବା ବାଟରେ ବ୍ରିଜ ତଳକୁ ଖସି ପଡିଲା । ସକାଳୁ କେହି ଜଣେ ବାଟୋଇ ଦେଖି 108 କୁ ଡାକି ଡାକ୍ତର ଖାନା ରେ ଭର୍ତି କଲା । ରାତିରେ ମିନତୀ ଓ ଝିଅ ଆସିଲା ପରେ ଖବର ପାଇ ଡାକ୍ତର ଖାନା ଆସିଲେ । ସେବେଠୁ ପ୍ରଶାନ୍ତ କୋମା ରେ ଥିଲା । ଅଠର ଦିନ ପରେ ଚେତା ଆସିଲା ତା'ର । ଡାହାଣ

Download Magazine from www.aahwaan.com

ଗୋଡ ର ହାଡ ଚୁନା ହୋଇ ଯାଇଥିଲା । ପିତ୍ତଳ ର ରଡ଼ ଲାଗିଲା ସେଥିରେ । ଓଃ...କି କଷ୍ଟ... ମଦ ଯେ ଏତେ ମାରାତ୍ମକ, ଏହା ଏବେ ସେ ହୃଦୟଙ୍ଗମ କରୁଥିଲା ।

*ପ୍ରାୟ ଆଠ ମାସ ପରେ ...*

ଏବେ ସେ ଭଲ ହୋଇ ଆସୁଥିଲା । କିନ୍ତୁ ଗୋଡ ରେ ଲାଗିଥିବା ପିତ୍ତଳ ରଡ଼ ଯୋଗୁଁ ସେ ଠିକ ରେ ଚାଲବୁଲ କରିପାରୁ ନଥିଲା, ଭରା ଦେଇ ପାରୁ ନଥିଲା । ଆଶାବାଡି ସାହାର୍ଯ୍ୟ ରେ ସେ ଏବେ ଟିକେ ଟିକେ ଚାଲବୁଲ କରୁଥିଲା । ସକାଳୁ ସକାଳୁ ନିଦ ଭାଙ୍ଗିଗଲା ପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡିକୁ ସଫା କରିବ । ଦାଣ୍ଡ ଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପରସ୍ତେ ପଡି ଯାଇଛି । ଅଗତ୍ୟା ସେ ହାତରେ କନା ଓ ପାଣି ବାଲଟି ଧରି ଯାଇ ଗାଡି ଧୋଇବାରେ ଲାଗିଗଲା । ଏହି ସମୟ ରେ ରାସ୍ତା ରେ ଯାଉଥିବା ଗୋଟେ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତ କୁ କହିଲା, "ଆଜ୍ଞା ଟଙ୍କା କୋଡିଏ ଟା ଯଦି ଦେବେ, ମୁଁ ଧୋଇଦେବି ।"

ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡି ଧୋଇ ଆସେ ? "

ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡିଏ ଟଙ୍କା ର କଥା । ଗ୍ୟାରେଜ କୁ ନେଲେ ଅନ୍ତତଃ ଦେଢଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟା କୁ ବାଲଟି ଦେଉ ଦେଉ ପଚାରିଲା ," ସତରେ ତୁ କୋଡିଏ ଟଙ୍କା ରେ ଧୋଇବାକୁ ଇଛା କରିଛୁ ନା ମୋ ଖଣ୍ଡିଆ ଗୋଡ଼ ଦେଖି ମୋତେ ଦୟା କରୁଛୁ ?" । ଆଶାବାଡି ଟି ଧରି ଗୋଟେ ଗୋଡ ରେ ଡେଇଁ ଡେଇଁ କନା ଟି ତା ହାତ କୁ ବଢ଼େଇ ଦେଉ ଦେଉ ପ୍ରଶାନ୍ତ ଲୋକଟି ଆଡକୁ ଚାହିଁ କହିଲା ।

ଲୋକ ଟି କହିଲା, "ନା , ନା, ବାବୁ । ମୁଁ ଗରିବ ଲୋକ । ମୁଁ ଆପଣଙ୍କୁ କଣ ଦୟା

Download Magazine from www.aahwaan.com

କରିବି । କାମ ଟିଏ ଖୋଜି ଖୋଜି ବୁଲୁଛି ଆଜ୍ଞା ।

:ଆଚ୍ଛା, ଖାଲି ଗାଡି ଧୋଇ ଆସେ ନା ଆଉ କଣ କରି ଆସେ ?

: ମୁଁ ଜଣେ ଡ୍ରାଇଭର ଆଜ୍ଞା । କିଛି ଦିନ ପୂର୍ବରୁ ପଟେଲବାବୁ ଘର ଗାଡି ବିକ୍ରି କରିଦେବାରୁ ଏବେ ମୋ ହାତରେ କାମ ନାହିଁ । ସକାଳୁ ସନ୍ଧ୍ୟା ବୁଲି ବୁଲି କାମ ଖୋଜୁଛି । ଆପଣଙ୍କ ର ଯଦି କେହି ଚିନ୍ହା ଥିବେ ମୋ ପାଇଁ କାମ ଟେ ବୁଝି ଦିଅନ୍ତେ ନାହିଁ ?

: ହଉ ଦେଖିବା !! ତୁ.. ଆଗ ଗାଡି ଧୋଇ ସାରେ ...

ଲୋକଟି ଗାଡି ଧୋଇବା ଭିତରେ ପ୍ରଶାନ୍ତ କିଛି ଚିନ୍ତା କରିବାକୁ ଲାଗିଲା । ଲୋକ ଟିକୁ ଡ୍ରାଇଭର ଭାବେ ରଖିଲେ କିପରି ହୁଅନ୍ତା ? ତାକୁ ଏବେ ଅଫିସ ଯିବା ପାଇଁ ଅସୁବିଧା ହେଉଛି । ମିନତୀ ସବୁଦିନ ଛାଡିବାକୁ ଆଉ ଆଣିବାକୁ ଯାଉଛି । କୁଆଡେ ଯିବାକୁ ହେଲେ କେହି ଜଣେ ସମ୍ପର୍କୀୟ ଙ୍କୁ ଡାକିବାକୁ ପଡୁଛି ଗାଡି ଚଲେଇବା ପାଇଁ । ୟାକୁ ଡ୍ରାଇଭର ରଖିଲେ ସବୁ ସମସ୍ୟା ର ସମାଧାନ ହୋଇ ଯିବ ।

:ଆଚ୍ଛା, ତୋର ମାସକୁ ଦରମା କେତେ ?

:ଆଜ୍ଞା, ଚାରି ହଜାର ଦେବେ । କୁଆଡେ ବାହାରକୁ ଗଲେ ଦିନକୁ ୧୦୦ ଟଙ୍କା ଖାଇବା ଖର୍ଚା।

ଏତିକି ଭିତରେ ଗାଡି ଟି ଧୋଇ ଧାଇ ଚିକ ଚିକ କରି ଦେଇଥିଲା ସେ ।

:ହଉ, କାଲିଠୁ କାମ କୁ ଆସେ । ମାସକୁ ଚାରି ହଜାର ଦେବି, ତା ସହ ବାହାରକୁ ଗଲେ ଆମ ସହ ଖାଇବୁ । ଠିକ ଅଛି ? ତୋ କାମ ହେଲା ସବୁଦିନ ମୋତେ ନେଇ ଅଫିସ ଯିବୁ ଆଉ ସନ୍ଧ୍ୟା ରେ ମୋତେ ଆଣି ଛାଡ଼ିବୁ । କେବେ କେମିତି ବଜାର ଆଉ ବାକି, ଆଖ ପାଖବୁଲାବୁଲି । ଠିକ ଅଛି ତ ? ପଚାଶ ଟଙ୍କା ର ନୋଟ ଟେ ତାକୁ ବଢ଼େଇ ଦେଉ ଦେଉ କହିଲା ପ୍ରଶାନ୍ତ ।

Download Magazine from www.aahwaan.com

:ହଉ ଆଜ୍ଞା ।

ମୁଣ୍ଡିଆ ଟିଏ ମାରି ସେ ଚାଲିଗଲା ।

ଘରକୁ ଆସି ମିନତୀ କୁ କହିଲା ସେ, ପ୍ରଥମେ ପ୍ରଥମେ ମିନତୀ ଅରାଜି ହେଲେ ବି ପରେ ରାଜି ହୋଇଗଲା । ପ୍ରଶାନ୍ତ କୁ ଏକା କୁଆଡେ ବି ଛାଡିବାକୁ ମିନତୀ ଚାହୁଁନଥିଲା । କିନ୍ତୁ ଅଧିକ କାମ ପଡିଯାଉଥିଲା ତାକୁ । ଘର କାମ, ପିଲାଙ୍କ କାମ, ପିଲାଙ୍କ ସ୍କୁଲ, ଟିଉସନ, ପ୍ରଶାନ୍ତ ର ଅଫିସ, ଘର ରୋଷେଇ, ପରିବା, ରାସନ ରୁ ଆରମ୍ଭ କରି ଇଲେକ୍ଟ୍ରିକ ବିଲ ପଇଠ ଯାଏ ସବୁ । ଓଃ.. । ଏତେଦିନ ପରେ ଆସ୍ତେ ଆସ୍ତେ ପୁଣି ଘର ର ସବୁ ଜିନିଷ ପୂର୍ବପରି ହେବାକୁ ଲାଗିଲା । ସମସ୍ତେ ନିଜ ନିଜ କାମ କରିବାକୁ ଲାଗିଲେ । ପ୍ରଶାନ୍ତ ମଦ ପିଇବା ପୁରା ଛାଡି ଦେଇଥିଲା । ଘରେ ହସ ଖୁସି ର ପରିବେଶ । ପ୍ରଶାନ୍ତ ର କିଛି କାମ କିନ୍ତୁ ଏବେ ବି ମିନତୀ କୁ କରିବାକୁ ପଡୁଥିଲା ଓ ବେଳେ ବେଳେ ତାକୁ ଉଠା ବସା ରେ ସାହାର୍ଯ୍ୟ କରିବାକୁ ପଡୁଥିଲା । ଆସ୍ତେ ଆସ୍ତେ ଏ ସବୁ ବି କମ ହେବାକୁ ଲାଗିଲା । କିନ୍ତୁ ଆଉ ଥରେ ଗାଡି ଚଳେଇବାକୁ ସାହସ ପାଉନଥିଲା ପ୍ରଶାନ୍ତ ର । ଡ୍ରାଇଭର ବି ଭଲ ଲୋକ ଟିଏ ଥିଲା । ତେଣୁ ତାକୁ ଛାଡିବାକୁ ଇଛା ନଥିଲା ପ୍ରଶାନ୍ତ ର ।

ଡ୍ରାଇଭର ର ନାଁ ଦେବ । ଭଲ ଲୋକଟିଏ । ଡ୍ରାଇଭର ହୋଇ ବି ନିଶାପାଣି ଠୁ ବହୁ ଦୂରରେ । କେବେ ପାନ ଖଣ୍ଡେ ବି ଖାଏ ନାହିଁ । ଦୁଇ ବର୍ଷ ପୂର୍ବରୁ ସ୍ତ୍ରୀ ଚାଲି ଯାଇଛି ଆର ପାରି କୁ । ଛାଡି ଦେଇ ଯାଇଛି ତିନୋଟି ପିଲା । ସାନ ଟି ଜନ୍ମ ହଉ ହଉ ମା ମରିଗଲା । ମା ଛେଉଣ୍ଡ ଛୁଆ ତିନୋଟି କୁ ପାଳିବାକୁ ବହୁତ ପରିଶ୍ରମ କରିବାକୁ ପଡେ । ଘର, ଦେବ ର ବିଧବା ମା ସମ୍ଭାଳି ନିଏ । ହେଲେ ପେଟକୁ ଗଣ୍ଡେ ଆଉ ଦିହକୁ ଖଣ୍ଡେ ପାଇଁ ତ ପଇସା ଦରକାର ନା । ଘରେ ଖୋଲି ଦେଇଛି ସାନ ଦୋକାନ ଖଣ୍ଡେ । ବୁଢ଼ୀ ବସେ ସେଇ ଦୋକାନ

ରେ । ତିନିମାସ ହେଲା ଚାକିରୀ ନଥିଲା ତା'ର । ଯାହା ବଞ୍ଚେଇ ବଞ୍ଚେଇ ରଖିଥିଲା ସେଇଥିରୁ ସାରୁଥିଲା । ବାକି ଚଳିଯାଏ ଦୋକାନ ରୁ ଆଉ ବାଡ଼ି ବଗିଚା ରୁ । ବାବୁ ଓ ବାବୁଆଣୀ ଚାକିରୀ ଖଣ୍ଡେ ଦେଇଛନ୍ତି ବୋଲି ଭାରି ଶ୍ରଦ୍ଧା ଓ ସମ୍ମାନ କରେ ଦେବ । କୌଣସି କଥା କୁ ତଳେ ପକେଇ ଦିଏନି । ସବୁଥିରେ ହଁ । ନିଜ ମନରୁ ବି କେବେ କେମିତି କିଛି ଅଧିକ କାମ କରି ଦିଏ । ପ୍ରଶାନ୍ତ ର ଏପରି ଦୁର୍ଘଟଣା ହୋଇଛି ଜାଣିବା ପରେ, ସେ ଧିରେ ଗାଡି ଚଳାଏ, ଯେମିତି କି ପ୍ରଶାନ୍ତ କୁ କିଛି ନ ଲାଗିବ ।

X X X X X

ପୁଣି ଡ଼ିସେମ୍ବର ମାସ ଆରମ୍ଭ ହୋଇ ସାରିଥିଲା । ପ୍ରଶାନ୍ତ ଯୋଗୁଁ ଖରାଛୁଟି ରେ କେହି ବି କୁଆଡେ ଯାଇ ପାରି ନଥିଲେ । ମିନତୀ ଓ ଶୈଳ, ଘରେ ରହି ରହି ବିରକ୍ତ ହୋଇ ଯାଇଥିଲେ । ମିନତୀ ଉପରେ ଏତେ ଦିନ ର କାମ ଚାପ ଯୋଗୁଁ ଏବେ ସେ ଛୁଟି ରେ କୁଆଡେ ବୁଲିଯିବାକୁ ଚାହୁଁଥିଲେ ବି ପ୍ରଶାନ୍ତ କୁ ଏକୁଟିଆ ଛାଡି କୁଆଡେ ଯିବାକୁ ଇଛା ନଥିଲା ତା'ର । କିନ୍ତୁ ପ୍ରଶାନ୍ତ କଥାରେ ରାଜି ହେଲା ସେ । "ଦେବ ତ ଅଛି । ମୋର ଯାହା ଦରକାର ହେଲେ ସେ ଆଣି ଦେବ । ତମେ ଯାଅ, ମୁଁ ଅଫିସ ରୁ ଛୁଟି ନେଇ ଯିବି । ସାଙ୍ଗ ହୋଇ ଆସିବା" କହିଲା ପ୍ରଶାନ୍ତ ।

ଦେବ କୁ ଦାୟିତ୍ୱ ଦେଇ ବାହାରିଲା ମିନତୀ । ଦେବ ଭରସା ଯୋଗ୍ୟ । ସୁବିଧା ଅସୁବିଧା ଦେଖିବ । ଆଗରୁ ପ୍ରଶାନ୍ତ ମଦ ପିଉଥିଲା ବୋଲି ମିନତୀ ର ଚିନ୍ତା ବଢିଯାଏ । ହେଲେ ସେ ଦୁର୍ଘଟଣା ପରଠୁ ପ୍ରଶାନ୍ତ ପିଇବା ଛାଡି ଦେଇଛି । ଆଉ କଣ ଚିନ୍ତା ଅଛି ? ଝିଅ କୁ ଧରି କିଛି ଦିନ ଶାଶୁ ଘରେ ଓ କିଛି ଦିନ ବାପ ଘରେ ରହିବା ପ୍ଲାନ କରି ନିଶ୍ଚିନ୍ତ ରେ ସେ ବାହାରିଗଲା ।

 Download Magazine from www.aahwaan.com

X X X X X

ଡ଼ିସେମ୍ବର ୩୧, ୨୦୧୭ । ଗତବର୍ଷ ଆଜି ଦିନରେ ହିଁ ତା ର ଦୁର୍ଘଟଣା ହୋଇଥିଲା । ଅଫିସ ରେ ବସି ବସି ଅନ୍ୟମନସ୍କ ହୋଇ ପଡୁଥିଲା ପ୍ରଶାନ୍ତ । ଅଫିସ ର ସହକର୍ମୀ , ସାଙ୍ଗ ସାଥି ସମସ୍ତେ କେଜାଣି କେତେ ପ୍ରୋଗ୍ରାମ ପ୍ଲାନ କରି ସାରିଥିଲେ । ସମସ୍ତଙ୍କୁ ନାହିଁ କରିଦେଲା ସେ । କୌଣସି ଭୋଜି ରେ ଯିବା ରେ କିଛି ନାହିଁ , କିନ୍ତୁ ଅନ୍ୟ ମାନେ ବାଧ୍ୟ କରିବେ ପିଇବା ପାଇଁ । କାହାକୁ ମନା କରି ହେବ ନାହିଁ । ମୂଳରୁ ନ ଗଲେ ଗଲା । ବସି ବସି ରାତି ନଅ ଟା ରେ ଘରକୁ ବାହାରିଲା ସେ । କିନ୍ତୁ କେଜାଣି କାହିଁକି ତା ମନ ପୁଣି ଟାଣି ହେଇ ଯାଉଥିଲା ମଦ ଆଡେ । ପୁଣି ??? ବାଟ ରେ ଖୁର୍ସିଦ ଭାଇ ଦୋକାନ ରୁ ଗୋଟେ ପ୍ଲେଟ ବିରିୟାନୀ ଓ ଗୋଟେ ତନ୍ଦୁରି ଚିକେନ ପ୍ୟାକ କଲା । ଦେବ ଓ ଦେବର ଛୁଆ ମାନଙ୍କ ପାଇଁ ବି ତିନୋଟି ବିରିୟାନୀ ପ୍ୟାକ କଲା । ବାଟରେ ଫେରୁ ଫେରୁ ହୋଟେଲ ମାନଙ୍କର ରଙ୍ଗବେରଙ୍ଗ ଆଲୋକମାଳା ଓ ଡିଜେ ର ଶବ୍ଦ ଧ୍ୱନି ଶୁଣି ଶୁଣି ପୁଣି ମନ ଡାକୁଥିଲା , ହେଲେ ମନକୁ ଚାପି ଚାପି ସେ ଅନ୍ୟ ଆଡେ ମନ ଦେଉଥିଲା । ଟ୍ରାଫିକ ରେ ଗାଡି ଅଟକିଲା । ତିନି ମିନିଟ ଅପେକ୍ଷା କରିବାକୁ ପଡିବ । ୧୮୦... ୧୭୯... ୧୭୮... ୧୭୭.. ୧୭୬... .... ୧୨୫... ୧୨୪... ୧୨୩... ୧୨୨... ୧୨୧... .... ୬୦... ୫୯... ୫୮... ୫୭... ୫୬...

ନା, ଆଉ ସମ୍ଭାଳି ହେବନି । ଗଲା ଥର ସିନା ନିଜେ ଗାଡି ଚଳେଇ ଗଲା ବୋଲି ଏତେ ହଇରାଣ ରେ ପଡିଲା । ଏଥର ଅଟୋ ରେ ଯିବ ସେ । ନଚେତ ଫୋନ କରି, ଦେବ କୁ ଡ଼ାକିବ । ତାହେଲେ କିଛି ଅସୁବିଧା ନାହିଁ ନା ..... ଦେବ କୁ କହିଲେ ସେ ଏବେ ଯାଦୁ ସ୍ୟାଡୁ କହି ଅଟକେଇବ । କିଛି ନହେଲେ ବି ମିନତୀ କୁ କହି ଦେବାର ଧମକ ଦେବ । ହଠାତ ଡୋର ଖୋଲି ଓ଼ହ୍ଲେହି ପଡିଲା ପ୍ରଶାନ୍ତ । ଡୋର ବନ୍ଦ କରି ଖୋଲା ଥିବା କାଚ ପଟେ ଦେବ

Download Magazine from www.aahwaan.com

କୁ କହିଲା ସେ, "ବିରିୟାନୀ ଆଉ ତନ୍ଦୁରି ପିଲାଙ୍କ ପାଇଁ ନେଇ ଯିବୁ । ମୁଁ ଅଟୋ ରେ ଆସିବି ଭାରି ଘରକୁ, କିଛି ଚିନ୍ତା ନାହିଁ । ନହେଲେ ତୋତେ ଫୋନ କରି ଡାକିବି, ନୂଆ ବର୍ଷଟା ରେ ଟିକେ ଏନଜୟ ନ କଲେ ଭଲ ଲାଗିବନି" କହି ସେ ଆଗକୁ ଆଗକୁ ଚାଲିଲା କୌଣସି ଏକ ହୋଟେଲ ଉଦ୍ଦେଶ୍ୟରେ ....

କିଛି ବୁଝି ନ ପାରି ପ୍ରଶାନ୍ତ ର ଯିବା ବାଟ କୁ "ହାଁ" କରି ଚାହିଁ ରହିଲା । ଟ୍ରାଫିକ ସିଗ୍ନାଲ ଛାଡି ସାରିଲା ପରେ କିନ୍ତୁ ଦେବ' ର ଆଉ କିଛି କରିବାର ନଥିଲା । ପ୍ରଶାନ୍ତ ଆରପଟ ରାସ୍ତା ଅତିକ୍ରମ କରି ସାରି କୁଆଡେ ଅଦୃଶ୍ୟ ହୋଇ ସାରିଥିଲା....

ଦେବ, ଆଗକୁ ଯାଉ ଯାଉ ସବୁ କିଛି ବୁଝିଗଲା ପରି, ଭାବି ହେଉଥିଲା ," ମୋତେ ଯେତେ ମାଠିବୁ ମାଠ, ମୁଁ ତ' ସେଇ ଦରପୋଡା ......."

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

# ଗଳ୍ପ ସ୍ପର୍ଦ୍ଧା



ବିଜୟିନୀ ପଣ୍ଡା

"ସେ କେବେ କାହାରିଠୁ କୌଣସି ପ୍ରକାର ସାହାଯ୍ୟ ଆଶା କରେ ନି ବାବୁ । ଯେତେବେଳେ ଯେଉଁ ପ୍ରକାରର କାମ ମିଳେ, କରେ । କେତେବେଳେ କାହାର ବଗିଚା କାମ କରିଦିଏ, କେତେବେଳେ କେଉଁ ଦୋକାନ ରେ କାମ କରେ ତ ଆଉ କେତେବେଳେ କେଉଁ ହୋଟେଲରେ, ପୁଣି କେତେ ବେଳେ ସକାଳୁ ସକାଳୁ ଖବର କାଗଜ ବାଣ୍ଟିବା କାମ କରେ । ଏଇମିତି ନୀତିଦିନ କିଛି ନା କିଛି କାମ କରି ଦି ପଇସା ରୋଜଗାର କରେ ପଛେ କାହା ସାମ୍ନାରେ ହାତ ପତାଏ ନାହିଁ । ଭାରି ସ୍ୱାଭିମାନି । କେଉଁଠି ରହେ, କଣ ତାର ପରିଚୟ କେହି ଜାଣନ୍ତି ନାହିଁ । ଏଇ କେତେଦିନ ହବ ଆମ ଆଖପାଖରେ ଦିଶୁଛି ।"

ପ୍ରଶାନ୍ତ ନିର୍ବାକ ହୋଇଯାଇଥିଲା । କେଜାଣି କେମିତି ଛାତି ଭିତରଟା ଆନ୍ଦୋଳନ କରୁଥିଲା, ଗୌରା ଠୁ ଲୋକଟି ବିଷୟରେ ଶୁଣି । ଗୌରା କ୍ଷୀରୱାଲା, ତାକୁ Shortcut ରେ ପ୍ରଶାନ୍ତ ଡାକେ "ସମାଚାର" । କାରଣ ଆଖପାଖ ଅଞ୍ଚଳର ସମସ୍ତ ଖବର ଗୌରାକୁ ଜଣା । ପ୍ରଶାନ୍ତ ର ମନେ ପଡ଼ିଯାଉଥିଲା ବିଗତ ଦିନର କଥା । ଯେଉଁ ଦିନୁ ହୋଶ ସମ୍ଭାଳିଛି, ସେଇଦିନୁ ନିଜକୁ ନିଜେ ଆବିଷ୍କାର କରିଛି, ଅବିନାଶ ବାବୁଙ୍କ ପାଖରେ । ଅବିନାଶ ବାବୁ, ବ୍ୟାଙ୍କ କର୍ମଚାରୀ । ପତ୍ନୀ ସୁଲଗ୍ନା ଓ ଦୁଇ ପୁଅ, ଆଦିତ୍ୟ ଓ ଅଂଶୁମାନ କୁ ନେଇ ତାଙ୍କ ସଂସାର । ପ୍ରଶାନ୍ତ କେମିତି ତାଙ୍କ ଘରକୁ ଆସିଥିଲା ତାର ମନେ ନାହିଁ । ଆଦିତ୍ୟ ଓ ଅଂଶୁମାନ ଭଳି ସେ ବି ଅବିନାଶ ବାବୁଙ୍କ ପୁଅ । ଅବିନାଶ ବାବୁ କେବେ ଏ ତିନି ଜଣଙ୍କ ମଧ୍ୟରେ ଫରକ ଦିଅନ୍ତି ନି । ଆଦି ଓ ଅଂଶୁ ସ୍କୁଲ ଗଲାପରେ, ପ୍ରଶାନ୍ତ ର ବି Admission

Download Magazine from www.aahwaan.com

କରିଦେଇଥିଲେ ପାଖ ସ୍କୁଲ ରେ ।

ପ୍ରଶାନ୍ତ ର ପଢ଼ିବାର ଇଚ୍ଛା । ମନଯୋଗ ଲଗାଇ ପାଠ ପଢେ । ସ୍କୁଲ ରେ ସମସ୍ତ ଗୁରୁଜନଙ୍କ ପ୍ରିୟ ଛାତ୍ର ସେ । ଖୁବ ମେଧାବୀ । ଘରକୁ ଆସିଲା ପରେ ମାଁ ଙ୍କ ବୋଲହାକ ମାନେ । ବଜାର ରୁ ଯାହା ମାସିକ ସଉଦା ଆସିଥିବ ମାଁ ଙ୍କ ସାଥିରେ ସେ ସବୁ ସାମାନ ଡବା ମାନଙ୍କରେ ଭର୍ତ୍ତି କରେ । ଯେତେବେଳେ ଅଂଶୁ ଓ ଆଦି ସ୍କୁଲ ରୁ ଫେରି ଜାମାପଟା, ସ୍କୁଲ ବେଗ, ଜୋତା, ପାଣି ବୋତଲ କୁ ଯେ ଆଡେ ସେ ଆଡେ ଫିଙ୍ଗୀ ଥାଆନ୍ତି । ମାଁ ଙ୍କ ପରିଶ୍ରମ ଟିକେ ଲାଘବ କରିବା ପାଇଁ ସେ ସବୁକୁ ଯଥା ସ୍ଥାନରେ ଠିକ ଭାବରେ ଅତି ଯତ୍ନର ସହ ରଖେ । ମାଁ ଜଳଖିଆ ପ୍ରସ୍ତୁତ କରିଦେଲେ ସମସ୍ତଙ୍କ ଖାଇବା ନେଇ ଟେବୁଲରେ ଲଗାଏ । ବାପା ଅଫିସ ରୁ ଫେରିବା ମାତ୍ରେ ପାଣି ଗ୍ଲାସେ ନେଇ ପହଂଚିଯାଏ ଅବିନାଶ ବାବୁଙ୍କ ପାଖେ । ତାପରେ ବାପାଙ୍କ ଗୋଡ଼ତଳେ ବସିଯାଏ ଟିକେ ଗେଲ୍‌ହା ହେବା ପାଇଁ ।

ଅଂଶୁ ଆଉ ଆଦି ର ସବୁ ପିନ୍ଧା ପୋଷାକ ଅତି ଖୁସି ରେ ପିନ୍ଧେ ସିଏ । ପୁରୁଣା ବହି ପୁରୁଣା ବ୍ୟାଗ କୁ ବହୁତ ସଉକ ରେ ବ୍ୟବହାର କରେ । ବାପା ଯେତେବେଳେ ତାଙ୍କର ଗାଡି ବାହାର କରନ୍ତି ଧୋଇବା ପାଇଁ, ପ୍ରଶାନ୍ତ ଆଗ କିନା ଆସି ଗାଡି ସାମ୍ନା ରେ ଠିଆ ହୋଇଯାଏ, ତାର କୁନି କୁନି ହାତରେ ଗାଡି ଉପରେ ସାମ୍ପୁ ଲଗାଏ ଆଉ ଅବିନାଶ ବାବୁ ପାଖ ଲନ ରୁ ପାଇପ ଲଗାଇ ଗାଡିକୁ ସଫା କରନ୍ତି ।

ଏମିତି ହସଖୁସିରେ ଦିନ କାଟୁଥିବା ବେଳେ ହଠାତ ଦିନେ ଅଦିନ ଝଡ଼ ମାଡି ଆସିଲା । କୌଣସି ହିସାବ କିତାବ ତ୍ରୁଟି ବଶତଃ ଅବିନାଶ ବାବୁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କାର ଜାଲସାଜିରେ ଫସି ଯାଇଛନ୍ତି । ସେ ଠିକ ବୁଝିପାରିଥିଲେ ଯେ ଉଚ୍ଚ ପଦସ୍ତ କର୍ମଚାରୀଙ୍କ ତୋଷାମଦ ରେ ନିଜକୁ ସାମିଲ ନ କରିବାରୁ ତାଙ୍କ ବିପକ୍ଷରେ ଏହି

Download Magazine from www.aahwaan.com

ଚକ୍ରାନ୍ତ । କିନ୍ତୁ କ'ଣ କରିବେ ? ନିରୁପାୟ, ନିଜର ନିର୍ଦ୍ଦୋଷ ପଣିଆ କୁ ଦର୍ଶାଇ ନ ପରିବାରୁ ପାଞ୍ଚ ବର୍ଷ ଜେଲ ଦଣ୍ଡାଦେଶ ।

ପରିବାର ର ମେରୁଦଣ୍ଡ ଦୁର୍ବଳ ହୋଇଯିବା ପରେ ସୁଲଗ୍ନା ମଧ୍ୟ ଭାଂଗି ପଡିଲେ । ତିନୋଟି ସନ୍ତାନ କୁ ନେଇ ସେ ଯିବେ କୁଆଡେ ? ସମାଜର ଏକ ନାମଜାଦା ବ୍ୟକ୍ତିତ୍ୱ ର ସମ୍ମାନରେ ଆଞ୍ଚ ଆସିବା ଯୋଗୁଁ ଲଜ୍ଜା ଆଉ ଅପମାନରେ ସଢ଼ି ଯାଉଥିଲେ ସୁଲଗ୍ନା । ଅବିନାଶ ବାବୁଙ୍କ ସଚ୍ଚୋଟ ପଣିଆ କୁ ଠିକ ଚିନ୍ହିଥିଲେ ସେ । ହେଲେ କଣ ହେବ ???

ଚିନ୍ତାଗ୍ରସ୍ତ ହୋଇ ରୋଗାକ୍ରାନ୍ତ ହୋଇଗଲେ ସୁଲଗ୍ନା । ସୁଗର, ବ୍ଲଡ଼ ପ୍ରେସର ହାଏ ହୋଇ ଦିନେ ହଠାତ ହୃଦଘାତ ରେ ଜୀବନ ଦୀପ ତାଙ୍କର ଲିଭିଗଲା । ସୁଲଗ୍ନାଙ୍କ ଭାଇ ଭାଉଜ ଆସି ଆଦି ଓ ଅଂଶୁ କୁ ନେଇ ଗଲେ । ହେଲେ ପ୍ରଶାନ୍ତ ??? ତାର କଣ ହେବ ? ଅସହାୟ ଅବସ୍ଥାରେ କାନ୍ଦୁଥିଲା ପ୍ରଶାନ୍ତ । ଘରର ମାଳି ସନାତନ ଆସି ତାକୁ ଆପଣେଇ ନେଲା । ଅରକ୍ଷୀତ କୁ ଦଇବ ସାହା ହେଲା ଭଳି ମାଳି କାକା ସଙ୍ଗେ ସେ ଚାଲିଲା ଭିନ୍ନ ଏକ ଦୁନିଆଁ କୁ ।

ମାଳି କାକା ଗରିବ ପୁଣି ବୃଦ୍ଧ । କିଛିଦିନ ପରେ ସେ ବି TB ରୋଗରେ ଆକ୍ରାନ୍ତ ହୋଇ ଆରପାରିକି ଚାଲିଗଲା । ପ୍ରଶାନ୍ତ ପୁଣି ଏକା । ଭଗବାନ କାହିଁକି ଯେ ତାକୁ ଏମିତି ଦୁଃଖ ଦେଉଥଲେ କେଜାଣି । ବାରମ୍ବାର ପଡିଉଠି ପୁଣି ଠିଆ ହେବାକୁ ଚେଷ୍ଟା କଲାବେଳେ ତା'ର ସାହସ ସବୁ ଯେମିତି ତାକୁ ଉପହାସ କରୁଥିଲେ ।

ଏହିପରି ଲଗାତାର ପରାସ୍ତ ହେଲାପରେ ନିଜ ଗୋଡ଼ରେ ଠିଆ ହେବାପାଇଁ ଚେଷ୍ଟା କଲା ପ୍ରଶାନ୍ତ । ହୋଟେଲରେ କପପ୍ଲେଟ ଧୋଉଥିବା ଅବସ୍ଥାରେ ତାକୁ ଉଦ୍ଧାର କଲା NGO Smile Foundation, ସେଇ ସଂସ୍ଥାରେ ସ୍ନେହ ମମତାର ସ୍ୱର୍ଶ୍ରେ ଅତୀତକୁ ପାଶୋରିବାର

Download Magazine from www.aahwaan.com

ପ୍ରଚେଷ୍ଟା ରେ ଆଗକୁ ମାଡି ଚାଲିଲା ପ୍ରଶାନ୍ତ । ଆଖି ଆଗରେ ଗୋଟିଏ ଲକ୍ଷ୍ୟ – ପାଠ ପଢିବ, ବଡ଼ ମଣିଷ ଟେ ହେବ । ତାପରେ ଆସ୍ତେ ଆସ୍ତେ ଗୋଟିଏ ପରେ ଗୋଟିଏ ସଫଳତାର ପାହାଚକୁ ଅତିକ୍ରମ କରି ପହଁଚିଲା ଶୀର୍ଷରେ, ଯେଉଁଠି ଜହ୍ନ ତାକୁ ଫର୍ଚ୍ଛା ଦେଖାଯାଉଥିଲା । Smile Foundation ର ତତ୍ତ୍ଵାବଧାନରେ ମ୍ୟାଟ୍ରିକ ପରୀକ୍ଷାର result ଖୁବ ଭଲ ହେଲା ପ୍ରଶାନ୍ତ ର । ତାପରେ ସେହି NGO ର ସହାୟତା ରେ ପହଁଚିଲା ଏଭଳି ଏକ ବ୍ୟକ୍ତିତ୍ଵଙ୍କ ପାଖରେ, ଯିଏକି ଦୁଃସ୍ତ, ଅନାଥ, ଅସହାୟ ପିଲାମାନଙ୍କ ନିମନ୍ତେ ଶିକ୍ଷାର ସୌଧ ଟିଏ ଗଢି ସମାଜରେ ପ୍ରତିଷ୍ଠିତ ହୋଇ ମୁଣ୍ଡଟେକି ଚାଲିବାର ପାଇଁ ଏବଂ ଭବିଷ୍ୟତ ରେ ଜଣେ ସଫଳ ବ୍ୟକ୍ତିତ୍ଵ ହେବାପାଇଁ ଶହ ଶହ ପିଲାଙ୍କର ଜୀବନ ଗଠନର ଅଗ୍ରଣୀ ଦେବଦୂତ, ଯୁଗ ପୁରୁଷ ଡ଼ଃ ଅଚ୍ୟୁତ ସାମନ୍ତ ।

ତାଙ୍କ ପ୍ରତିଷ୍ଠାନ KIITS ରେ ଇଂଜିନିଅର୍ରିଂ ସାରିବା ପରେ Campus Selection ରେ ମନୋନୀତ ହୋଇ ଆଜି ଏକ Software Company ରେ ସେ ଯୁବ ଇଂଜିନିୟର । ସବୁବେଳେ Company ଦେଇଥିବା ଗାଡ଼ିରେ ଯିବା ଆସିବା କରୁଥିବା ହେତୁ ନିଜ ଗାଡି ପ୍ରତି ଅବହେଳା । ଏଣୁ ......

" ସକାଳୁ ସକାଳୁ ନିଦ ଭାଙ୍ଗିଗଲା ପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ଯେମିତି ହେଲେ ଗାଡିକୁ ସଫା କରିବ । ଦାଣ୍ଡ ଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପରସ୍ତେ ପଡିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲଟି ଧରି ଯାଇ ଗାଡି ଧୋଇବାରେ ଲାଗି ଗଲା । ଏହି ସମୟରେ ରାସ୍ତାରେ ଯାଉଥବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକିଲା ଆଉ ପ୍ରଶାନ୍ତ କୁ କହିଲା, "ଆଜ୍ଞା, ଟଙ୍କା କୋଡିଏ ଟା ଯଦି ଦେବେ ମୁଁ ଧୋଇଦେବି ।" ପ୍ରଶାନ୍ତ ତାକୁ ଚାହିଁ କହିଲା "ତୁମକୁ ଗାଡି ଧୋଇଆସେ ?" ସେ ମୁଣ୍ଡ

Download Magazine from www.aahwaan.com

ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡିଏ ଟଙ୍କାର କଥା । ଗ୍ୟାରେଜ କୁ ନେଲେ ଅତ୍ୟନ୍ତ ଦେଢ଼ ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲଟି ଦେଉ ଦେଉ ପଚାରିଲା –

"ତୋର ଘର କେଉଁଠି ? ମୁଁ ତ ଆଗରୁ କେବେ ତତେ ଦେଖିନି ।" ଲୋକଟା କିନ୍ତୁ ନିରୁତ୍ତର । କୌଣସି ପ୍ରଶ୍ନ ର ଉତ୍ତର ଦେବାପାଇଁ ସେ ନାରାଜ । ଦାଢ଼ି ସାଲୁବାଲୁ କଳା କତରା ଲୋକଟା ର ମୁହଁ, ଅସଂଖ୍ୟ ପ୍ରଶ୍ନର ସମାହାର । ନୁଖୁରା ପାଚିଲା କେଶ ଉପରେ ସତେ ଯେମିତି କେତେ ମାସ ହେବ ତେଲ ଲାଗିନି । ତଥାପି ଲୁଚି ରହିଛି ବହୁତ ସାରା ଆତ୍ମୀୟତା । ପ୍ରଶାନ୍ତ ଯେତେବେଳେ ବାଲଟି ନେଇ ଗାଡି ଧୋଇବା ପାଇଁ ବାହାରିଲା ସାଙ୍ଗରେ କୁନି ପୁଅ ରାଜା ମଧ୍ୟ ବାହାରିଲା ବାପାଙ୍କ ପଛେ ପଛେ ଗାଡି ଧୋଇବା ପାଇଁ । ଖୁବ ଉତ୍ସୁକତାର ସହ ସେ ଅପେକ୍ଷା କରିଥାଏ ଏହି ଗାଡି ଧୁଆ ଅବସର କୁ । କିନ୍ତୁ ପ୍ରଶାନ୍ତ ଯେତେବେଳେ ଲୋକଟାକୁ ବାଲଟି ଟା ବଢ଼ାଇଦେଲା ରାଜାର ମୁହଁଟା କେମିତି ଆମ୍ବିଲା ହୋଇଯାଇଥିଲା ।

ଲୋକଟା ଗାଡି ଧୋଉ ଧୋଉ କିଛି ଗୀତ ମନେ ମନେ ଗୁଣୁଗୁଣୁ ହେଉଥିଲା । ପ୍ରଶାନ୍ତ ଲକ୍ଷ୍ୟ କରୁଥିଲା ଲୋକଟା ରାଜାକୁ ଦେଖି ଆଖିରେ ଆଖିରେ କିଛି ଇଶାରା କଲା, ରାଜା ବି ଦି ପାଦ ଆଗକୁ ଯାଇ ଗାଡି ପାଖରେ ଠିଆହେଲା । ଲୋକଟା ମଝିରେ ମଝିରେ ରାଜା ଆଡକୁ ଜାଣି ଜାଣି ପାଣି ଛିଞ୍ଚି ପକାଉଥାଏ । ରାଜାକୁ ବେଶ ମଜା ଲାଗୁଥାଏ ଲୋକଟିର କୌତୁକିଆ ବ୍ୟବହାର । କୋଡିଏ ଟଙ୍କା ନେଇ ଲୋକଟି ପ୍ରଶାନ୍ତକୁ Thank You ଟେ କହି ଚାଲି ଯାଉଥିଲା । ପ୍ରଶାନ୍ତ Lawn ର Arm Chair ଉପରେ ବସି ଖବରକାଗଜ ଓଲଟାଉ ଓଲଟାଉ ଲୋକ ଟିକୁ ଲକ୍ଷ୍ୟ କରୁଥିଲା । ଆଉ ଲୋକଟି ଆସ୍ତେ

Download Magazine from www.aahwaan.com

ଆସ୍ତେ ଆଖି ସାମନା ରୁ ଅଦୃଶ୍ୟ ହୋଇ ଯାଉଥିଲା । ଠିକ ସମୟରେ ଆସି ପହଁଚିଲା "ସମାଚାର" ଓରଫ ଗୌରା କ୍ଷୀରୱାଲା । ହେଲେ ତା ଠାରୁ ବି ଲୋକଟା ବିଷୟରେ କିଛି ଜାଣି ପାରିଲାନି ପ୍ରଶାନ୍ତ । ଖାଲି ଏତିକି ଜାଣିଲା ଲୋକଟି ପାଖ ବସ୍ତି ଫୁଟପାତ ରେ ରହେ ।

ତା ଛାତି ଭିତରଟା ଖାଲି ଓଲଟ ପାଲଟ ହୋଇ ଯାଉଥିଲା । ଦୀର୍ଘ ୩୦ ବର୍ଷ ପରେ କେଜାଣି କାହିଁକି ଅତୀତର ପୃଷ୍ଠା ଗୁଡିକ ତା ଆଗରେ ସ୍ୱତଃସପୂର୍ତ୍ତ ଭାବରେ ଖୋଲି ଯାଉଥିଲା । ପିଲାବେଳେ ସେ ଯେତେବେଳେ ବାପାଙ୍କ (ଅବିନାଶ ବାବୁ) ସହ ଗାଡି ଧୋଇବା ପାଇଁ ଉତ୍ସୁକତା ର ସହ ବାହାରିଯାଉଥିଲା ମାଁ ମନା କରୁଥିଲେ "ଆରେ, ଟିକି ପିଲାଟା ତାକୁ କାହିଁକି ସବୁବେଳେ ଏମିତି ବାଜେ କାମରେ ପୁରାଉଛ ।" ଅବିନାଶ ସେତେବେଳେ ଆଖି ଇଶାରା ଟେ ଦେଉଥିଲେ ପ୍ରଶାନ୍ତ କୁ, ଆଉ ପ୍ରଶାନ୍ତ ବି କିଛି ନ ଜାଣିଲା ପରି ଚାଲି ଆସୁଥିଲା ବାପାଙ୍କ ପଛେ ପଛେ । Lawn ରୁ ଯେତେବେଳେ ପାଇପ ରେ ପାଣି ଛିଞ୍ଚା ଯାଉଥିଲା ଗାଡି ଉପରେ, ବାପା ଜାଣିଜାଣି ଏମିତି ପ୍ରଶାନ୍ତ କ ଗାଧୋଇ ଦେଉଥିଲେ । ଠିକ ଆଜି ଯେମିତି ବୁଢା ଲୋକଟା ରାଜାକୁ କରୁଥିଲା ।

"ନା" ମୁଣ୍ଡଟା କେମିତି ଗୋଳମାଳ ହୋଇଯାଉଛି ପ୍ରଶାନ୍ତ ର । ଚା' କପେ ପିଇ ବାହାରିଲା ବଜାର ଯିବା ପାଇଁ । ଉଦ୍ଦେଶ୍ୟ ଟା ଥିଲା କିନ୍ତୁ ଭିନ୍ନ । ପତ୍ନୀ ଙ୍କ ଠାରୁ ଜବରଦସ୍ତି ଏକ ଲମ୍ବା ଲିଷ୍ଟ ନେଇ ବାହାରିଲା । ଆଖି ତାର ଏଣେ ତେଣେ ଘୁରି ବୁଲୁଥିଲା କିଛି ଗୋଟାଏ ଖୋଜୁଥିଲା ପରି । ସବୁ ସଉଦାପତ୍ର କିଣି ସାରିବା ପରେ ପାଖ କପଡା ଦୋକାନରୁ ଭଲ ଶାଲ ଖଣ୍ଡେ କିଣିଲା ।

ସନ୍ଧ୍ୟାବେଳେ ଶାଲ ଖଣ୍ଡିକ ନେଇ ପୁଣି ବାହାରିଲା ତଳିଆ ବସ୍ତିକୁ । ହଁ, ଏବେ ସେ

Download Magazine from www.aahwaan.com

ପାଇଗଲା, ଯାହାକୁ ସେ ଖୋଜୁଥିଲା । ସକାଳେ ଗାଡି ଧୋଇବା ଲୋକଟାକୁ ଦେଖିଲା ଲୋକ ଟି ସିମେଣ୍ଟ ବେଞ୍ଚ ଉପରେ ବସି ଖବରକାଗଜ ଖଣ୍ଡେ ଓଲଟାଉଛି । ପାଖକୁ ଗଲା ଆଣିଥିବା ଶାଲ ଖଣ୍ଡିକ ବୁଢ଼ାର ଫୁଙ୍ଗୁଳା ଦେହ ଉପରେ ଘୋଡେଇ ଦେଲା । ଲୋକଟି ବିଦ୍ରୁପ ହସ ଟିକିଏ ଫିଙ୍ଗିଦେଇ କହିଲା "ବାବୁ , କଣ ଏହି ଶାଲ ଖଣ୍ଡିକ ଭିତରେ ମୋର ଗରିବପଣିଆ ସବୁଦିନ ପାଇଁ ଲୁଚିଯିବ । "ପ୍ରଶାନ୍ତ କୁ ଲୋକଟା ର କଥାଗୁଡିକ କେମିତି ଖୁବ ଚିହ୍ନା ଚିହ୍ନା ଲାଗୁଥିଲେ ।

ଅତୀତ ରେ ଏମିତି ଥରେ ବାପାଙ୍କ ସାଙ୍ଗେ ସେ ଫୁଟପାତ ରେ ଲୋକଙ୍କୁ ଶାଲ ବାଣ୍ଟିବା ପାଇଁ ଯାଇଥିଲା ଆଉ ବାପା ଯେତେବେଳେ ଗୋଟିଏ ଗରିବ ଲୋକର ଫୁଙ୍ଗୁଳା ଦେହ ଉପରେ ଶାଲ ଟିକୁ ଘୋଡାଇ ଦେଇଥିଲେ ସେ ଲୋକ ଟା ବି ଏମିତି କିଛି କହିଥିଲା ଆଉ ପ୍ରଶାନ୍ତ ବାପାଙ୍କୁ ପଚାରିଥିଲା

"ବାପା ଲୋକ ଟି କଣ କହିଲା ?" ବାପା ସେତେବେଳେ ଉତ୍ତର ଦେଇଥିଲେ ଭଗବାନ ଆମକୁ ମାଧ୍ୟମ ରୂପରେ ତା' ପାଖକୁ ପଠାଇଛନ୍ତି, କିଛି ଟା ସାହାଯ୍ୟ କରିବା ପାଇଁ, ତୁ ଯେତେବେଳେ ବଡ଼ ହେବୁ ବଳେ ସବୁ ବୁଝି ଯିବୁ ଯେ'

ଆଜି ସେ ସବୁ ର ଉତ୍ତର ଗୁଡିକ କେମିତି ପ୍ରଶାନ୍ତ ର ବଡ଼ ମସ୍ତିଷ୍କ ରେ ଅଡୁଆ ସୂତା ଖିଅ ପରି ଗୁଡେଇ ହୋଇ ଯାଉଥିଲା ।

ଅନେକ ଦିନର ସାଇତା କୋହରେ ଯେମିତି ଶ୍ୱାସରୁଦ୍ଧ ହୋଇ ପଡୁଥିଲା । ପ୍ରଶାନ୍ତ ପଚାରିଲା ତୁମ ଘର କେଉଁଠି ବାବା ? ତୁମେ କଣ ଏକା ? କଣ ତୁମର ପରିଚୟ ??? ଲୋକ ଟି ଉତ୍ତର ଦେଲା ତୁମେ କାହିଁକି ଏସବୁ ପଚାରୁଛ ?

"ମୋ ପାଇଁ ଏ ଦୁନିଆଁ ଟା ଗୋଟେ ସର୍କସ, ଆଉ ସେ ସର୍କସ ର ମୁଁ ହେଲି ଜୋକର ।

 Download Magazine from www.aahwaan.com

ଖେଳ ର ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ମୋର ଭୂମିକା, ହେଲେ ମୁଖ୍ୟ ନୁହେଁ ଗୌଣ । ଜୋକର ଯେମିତି ଦୁନିଆଁ କୁ ହସାଏ କିନ୍ତୁ ତାର ଅନ୍ତର ଟା କାନ୍ଦୁଥାଏ ଏବଂ ସମସ୍ତଙ୍କର ଉପହାସ ର ପାତ୍ର ହୋଇଥାଏ ମୁଁ ଠିକ ସେଭଳି ଆଜି ଦୁନିଆଁ ଆଖିରେ ଉପହାସ ର ସାମଗ୍ରୀ ।" ଏଣୁ ଛାଡି ଚାଲି ଆସିଲି ନିଜ ସହର । ମୁଁ ଗୋଟେ ଯାଯାବର । ଆଜି ଏଠି ମୋର ଠିକଣା ତ କାଲି ଆଉ କେଉଁଠି । ନିଜର ଲୋକ କହିଲେ କେହି ନାହାନ୍ତି, ଏତେ ବଡ଼ ଦୁନିଆ ରେ ମୁଁ ନିଃଶ୍ବ , ଶୂନ୍ୟ ହୃଦୟ ରେ ପ୍ରତାରଣା ହିଁ ମୋର ପରିଚୟ ।

ଆପଣଙ୍କ ପ୍ରକୃତ ନାମ ???

ଅବିନାଶ ସାମନ୍ତରାୟ ।

ଘର ??

କୋରାପୁଟ ଜିଲ୍ଲା ।

ନିଜଲୋକ କେହି ??

ହଁ ମୋ ସ୍ତ୍ରୀ ଓ ତିନୋଟି ପୁଅ । ହେଲେ ଆଜି ମୋ ପାଖରେ କେହି ନାହାନ୍ତି । ସ୍ତ୍ରୀ ଚାଲିଗଲା ଆର ପାରିକି, ଦୁଇପୁଅ ଚାଲିଗଲେ ମାମୁଁ ମାଇଁ ସାଥିରେ ଆମେରିକା ।

ସେମାନେ କଣ ଅପୁତ୍ରିକ ଥିଲେ ???

ହଁ ।

ଆଉ ତୃତୀୟ ପୁଅ ?

ସେ ମୋ ନିଜ ପୁଅ ନ ଥିଲା କିନ୍ତୁ ପ୍ରାଣ ରୁ ଭି ଅଧିକ ଥିଲା । ରାସ୍ତା କଡରୁ ତାକୁ ଗୋଟେଇ ଆଣିଥିଲି ମୁଁ ।

ଓଃ କି ଯନ୍ତ୍ରଣା !!! !!! ଛାତି ଭିତରର ଅୟୁତ ଅୟୁତ ବେଦନା ପ୍ରଗଳଭ ପରି

Download Magazine from www.aahwaan.com

ଚିତ୍କାର କରି ଉଠୁଥିଲା । ବର୍ଷ ବର୍ଷ ଧରି ଯେଉଁ ଦେବତା କୁ ପ୍ରଶାନ୍ତ ଖୋଜୁଥିଲା ଏଠି, ସେଠି, ସବୁଠି ! ସେଇ ଦେବତାଙ୍କୁ କୌଣସି ମଂଦିର ରେ ନୁହେଁ ପାଇଯାଇଥିଲା ରାସ୍ତାକଡ଼ ଫୁଟପାଥ ରେ । ନିଜକୁ ଆଉ ସମ୍ଭାଳି ପାରିଲାନି , ଗୋଡ଼ ତଳେ ପଡିଯାଇ ଭୁଲି ଯାଇଥିଲା ନିଜକୁ, ନିଜର ପ୍ରେଷ୍ଟିଜ , ପୋଜିସନ କୁ ।ପାଦ ଦି ଟାକୁ ଜାବୁଡି ଧରି ଧାରା ଶ୍ରାବଣ ର ଲୋତକ ବନ୍ୟା ରେ ଧୋଇଦେଉଥିଲା କଳା କୋତରା ଚିରା ଜୋତା ର ଆବରଣ ତଳେ ଢାଙ୍କି ହୋଇଥିବା ସେ ପାଦକୁ । ପାଟି ରେ ଖାଲି ଖନି ମାରିଯାଉଥିଲା ଗୋଟିଏ ଶବ୍ଦ.......

ବା...... ପା.......

ଶିକ୍ଷୟିତ୍ରୀ

ସମ୍ବଲପୁର

# ସ୍ୱାଭିମାନର ଅନ୍ୟ ଏକ ରୂପ



ବିକେଶ କୁମାର ସାହୁ

ଦୁନିଆରେ ଅନେକ କିସମର ଲୋକ ଅଛନ୍ତି ତାରି ଭିତରୁ ଏମିତି ମଣିଷ ବି ଅଛନ୍ତି ସେଇ କଥା ପ୍ରଶାନ୍ତକୁ କୁ ନ ଦେଖିଲେ କିଏ ବିଶ୍ୱାସ ବି କରନ୍ତେ ବା କାହିଁକି ଯେ । ତା ପରିକା ମଣିଷ ଏ ସହରରେ କାହିଁକି ଆଖ ପାଖ ଚଉତିରିଶ ଖଣ୍ଡ ଗାଁରେ ବି ନ ଥିବେ ।ଆଉ ସେଇ କଥା ପାଇଁ ତାଙ୍କ ଗୁଣବତୀ ଘରଣୀ ରାଣୀ ସୁମତି ସଗର୍ବେ ସମସ୍ତ ଙ୍କ ଆଗରେ ଘୋଷଣା କରନ୍ତି ସ୍ୱାମୀ ତାଙ୍କର ହଜାରରେ ଗୋଟିଏ ।ଆଉ ଖାସ ସେଇଥି ପାଇଁ ସେ ନିଜେ ନିଜକୁ ନିଜର ନିଜସ୍ୱ କୋଟି ପୁଣ୍ୟର ଫଳ ମନେ କରେ । ସେମିତିରେ ଭଗବାନ ଙ୍କ ଦୟାରୁ ପ୍ରଶାନ୍ତର କୌଣସି ପ୍ରକାର ଅସୁବିଧା ନାହିଁ । ସହର ମ୍ୟୁନ୍‌ସିପାଲଟି ଅଫିସରେ ଛୋଟ ଚାକିରୀ ଟିଏ ।ଯେଉଁଥିରୁ ଆରମରେ ମାସିକ ଘର ଖର୍ଚ୍ଚ ସହିତ କିଛି ପଇସା ସଞ୍ଚୟ ହୋଇଯାଏ । ଆହୁରି ତା ସାଙ୍ଗକୁ ପ୍ରଶାନ୍ତର ଅଣ୍ଟାଗୁଞ୍ଜା ବାବଦକୁ ବେଳ କାଳ ଦେଖି ମାଆ ଚଂଚଳା ଙ୍କ ଆଗମନ ଘଟେ । ପ୍ରଶାନ୍ତ ବି କୋଉ କମ ସିଆଣିଆ କି ?କୌଣସି ମଉକା ଛାଡିବା ମଣିଷ ନୁହେଁ ,ସେଇ ସବୁ କାମ ପାଇଁ ସେ ଆଗୁଆ ପ୍ରସ୍ତୁତି କରିଦେଇ ସାରିଛି ।ତାରି ସାଥିରେ ଗୋଟେ ମେନୁ କାର୍ଡ ମଧ୍ୟ ସେ ତିଆରି କରିଦେଇଛି । ଟେଣ୍ଡର ପାଇଁ ପନ୍ଦର ହଜାର,ଦସ୍ତଖତ ପାଇଁ କାମ ଜାଣି ଦାମ,ମେୟର ଙ୍କ ସାକ୍ଷାତକାର ପାଇଁ ଦୁଇ ହଜାର ଏମିତି ପ୍ରତ୍ୟକ କାମରେ ତା ମେନୁ କାର୍ଡ ସୁସର୍ଜିତ ହୋଇ ରହିଛି ।

ପାଞ୍ଚ ବର୍ଷ ବୟସ ରେ ପ୍ରଶାନ୍ତର ମାଆ ତାକୁ ଏକା କରି ଦୁନିଆ ଛାଡି ଚାଲିଗଲା । ଏତେ ବଡ଼ ଦୁନିଆରେ ତାର ନିଜର କହିଲେ କେବଲ ତା ବାପା ମଧୁସୂଦନ ପଣ୍ଡା । ଅବଶ୍ୟ

 Download Magazine from www.aahwaan.com

ଅତି ଯତ୍ନ ରେ ସେ ପ୍ରଶାନ୍ତ କୁ ଦେଖାଶୁଣା କଲେ ।କେବେବି ତା କୁ ମାଆର ଅନୁପସ୍ଥିତି ର ଆଭାସ ବି ଅନୁଭବ କରିବାକୁ ଦେଇ ନ ଥିଲେ । ସମୟ ସାଥିରେ ତାଳ ଦେଇ ଧୀରେ ଧୀରେ ପ୍ରଶାନ୍ତ ଯୌବନ ଅବସ୍ଥା ରେ ପଦାର୍ପଣ କଲା ।ତା ସାଙ୍ଗକୁ ବାପା ଙ୍କ ରୋଗ ବି ଆହୁରି ଅସମ୍ଭାଳ ହେବାରେ ଲାଗିଲା । ତେଣୁ ମଧୁସୂଦନ ବାବୁ ପ୍ରଶାନ୍ତ କୁ ତାଙ୍କ ବନ୍ଧୁ ଭକ୍ତବନ୍ଧୁ ବାବୁ ଙ୍କ ଝିଅ ସୁମତି ସହ ବାହା କରି ଦେଇଛନ୍ତି ।ବହାଘର କୁ ଦୁଇ ମାସ ହୋଇଛିକି ନାଇଁ ସେ ମଧ୍ୟ ପ୍ରଶାନ୍ତ କୁ ଛାଡି ଚାଲିଗଲେ ।ବର୍ତ୍ତମାନ ପ୍ରଶାନ୍ତର ନିଜର କହିଲେ ସୁମଟିକୁ ଛାଡି ଏତେବଡ଼ ଦୁନିଆରେ ଆଉ କେହି ନାହାନ୍ତି କହିବା ଠିକ ହେବ ।

ଛୋଟ ବେଳୁ ପ୍ରଶାନ୍ତର ପଇସା ପ୍ରତି ଖୁବ ଲୋଭ ।ଏତେ ଦିନ ଭିତରେ ସେ କେବେ ବି ଛୋଟିଆ ଚକଲେଟ ଟିଏ ବି କିଣିନି ବାକିସବୁ କଥା ଛାଡ଼ନ୍ତୁ ।ଟଙ୍କା ପଇସା ପ୍ରତି ସେ ଖୁବ ଯତ୍ନବାନ । ଠିକ ତା ପରି ସମାନ ପ୍ରବୃତିର ମଣିଷ ହେଉଛି ସୁମତି ।ସେ ହେଲେ କ'ଣ କମ ଯେ ? ସତରେ ଭଗବାନ ଙ୍କୁ ମାନିବାକୁ ପଡିବ କେମିତି ଯୋଡି ଜୁଟେଇଛନ୍ତି ।ଦୁହେଁ କେହି କାହାଠୁ କମ ନୁହନ୍ତି ।

ସେମିତି ସୁଖ ସୁବିଧାରେ ଦୁହିଁଙ୍କ ଜୀବନ ଆରମରେ ବିତିଯାଏ । ପ୍ରତିଦିନ ପ୍ରଶାନ୍ତ ଅଫିସ ଯାଏ ।ସୁମତିର ବାପା ଗୋଟେ ସୁନ୍ଦର ଗାଡି ତାକୁ ଯୌତୁକ ସୂତ୍ରରେ ଦେଇଛନ୍ତି କିନ୍ତୁ ବରଧରା ସମୟକୁ ଛାଡିଦେଲେ ଏ ଯାଏ ଗାଡି ଉପରେ ବସି କୁଆଡେ ଯିବା କଥା ତ ଦୂରରେ ଥାଉ ଏ ଯାଏ ଗାଡିଟାରେ ଟିକିଏ ବସିବା ବି ଉଚିତ ଭାବିନି ,କାଲେ ପୁରୁଣା ହୋଇଯିବ ।ଅଫିସ ଗଲାବେଳେ ଟିକେ ଗାଡିଟା ଉପରେ ଟିକିଏ ଆଖି ପକେଇ ଦିଅ ଆଉ ଫେରିବା ବେଳେ ।ବେଶ ସେତିକି ମାତ୍ର । ବହୁତ ଦିନ ହେବ ଗାଡି ଟାକୁ ଧୋଇବ ବୋଲି ଭାବିଛି ହେଲେ କରିବ କ'ଣ ରବିବାର କୁ ଛାଡି ପ୍ରତି ଦିନ ତା ଅଫିସ କାମ ଫୁରସତ ବା କୋଉଠି ଯେ କରିବ ।

Download Magazine from www.aahwaan.com

ତା ଆରଦିନ ରବିବାର ।ସକାଳୁ ସକାଳୁ ନିଦ ଭାଙ୍ଗିଗଲାପରେ ପ୍ରଶାନ୍ତ ନିଷ୍ପତ୍ତି କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡିକୁ ସଫା କରିବ ।ଦାଣ୍ଡଦୁଆରେ ଥୋଇ ଥୋଇ ଗାଡି ଉପରେ ମଇଳା ପରସ୍ତେ ପଡିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡି ଧୋଇବାରେ ଲାଗିଗଲା ।ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତକୁ କହିଲା,"ଆଜ୍ଞା ଟଙ୍କା କୋଡିଏଟା ଯଦି ଦେବେ,ମୁଁ ଧୋଇଦେବି ।" ପ୍ରଶାନ୍ତ ତାକୁ ଚାହିଁ କହିଲା, ତୁମକୁ ଗାଡି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା ।ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡିଏ ଟଙ୍କାର କଥା ।ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା ।ଲୋକଟା କୁ ବାଲତି ଦେଉ ଦେଉ ପଚାରିଲା । ହଇ ହୋ ଭାଇ ତମକୁ ତ ମୁଁ କେବେ ଏଇ ସହରରେ ଦେଖିନି ,ତମେ କୋଉଠୁ ଆସୁଛ କି ? ତୁମ ଘର କଉଠି ? ଦେଖିବା କୁ ତ ଭଲ ପୋଷାକ ପତ୍ର ପିନ୍ଧିଛ ? ତୁମ ନା ଟା କ'ଣ କହିଲ ?

ଏକା ସାଙ୍ଗରେ ପ୍ରଶାନ୍ତ ମୁହଁରୁ ଏତେ ଗୁଡ଼ାଏ ପ୍ରଶ୍ନ ଶୁଣି ସେଇ ବ୍ୟକ୍ତି ଜଣକ କିଛି ସମୟ ନିସ୍ତବ୍ଧ ଭାବରେ ଗାଡିର ରିଙ୍ଗ ତାକୁ କପଡ଼ାରେ ଘଷୁଥାନ୍ତି ।ପ୍ରଶାନ୍ତ ଟିକିଏ ଚୁପ ହୋଇ ଦାଣ୍ଡ ପିଣ୍ଡାରେ ବସି ପଡ଼ିଲା ।ଏତିକି ବେଳେ ଗୋଟେ ଅଜଣା କରୁଣ ସ୍ୱର ତା ଆଡ଼କୁ ଭାସି ଆସିଲା ।ପ୍ରଶାନ୍ତ ଏପଟ ସେପଟ ହୋଇ ଅନାଇଲା ।ତା ପରେ ଦେଖିଲା ସ୍ୱରଟା ସେଇ ଅଚିହ୍ନା ବ୍ୟକ୍ତିର ।ତା ଆବାଜ ରେ ସତେ କି ଅନେକ ଦୁଖଃ ଓ ଯନ୍ତ୍ରଣା ଭରି ରହିଥିବା ଭଳି ମନେହେଉଥାଏ ।ପ୍ରଶାନ୍ତ କିଛି କହିବା ପୂର୍ବରୁ ସେଇ ଅଚିହ୍ନା ମଣିଷ ଟା ଆରମ୍ଭ କରି ଦେଇ ସାରିଥିଲା ତା ଜୀବନର ସେଇ ଅଭୁଲା ଅତୀତର ଦୁଃଖଦ କାହାଣୀ.. ।

ପ୍ରଶାନ୍ତ ନିସ୍ତବ୍ଧ ପାସାଣ ଟେ ପରି ନିର୍ବାକ ହୋଇ ସେଇ ଅଜଣା ମଣିଷ ଆଡକୁ ଚାହିଁ

 Download Magazine from www.aahwaan.com

ରହିଥିଲା ।

ଅଜଣା ମଣିଷ ଟି ଅସ୍ପଷ୍ଟ ସ୍ୱରରେ କହିଚାଲିଲା....ସତରେ ବାବୁ ଏଇ ଦୁନିଆ ଟା କେଡେ ବିଚିତ୍ର ଦେଖୁନ ।ଏଇଠି ଯିଏ ଧର୍ମ କରୁଛି ତା କର୍ମ ଚାଲିଯାଉଛି ଆଉ ଯିଏ ଅଧର୍ମ କରୁଛି ଆରାମରେ ରହୁଛି ...ଏମିତି କାହିଁକି ବାବୁ... ।ଏଇ କଣ ଧର୍ମର ଫଳ ? ? ?

ପ୍ରଶାନ୍ତ ପାଖରେ ଏଇ ସବୁ ପ୍ରଶ୍ନର ଉତ୍ତର ନ ଥିଲା ।କେବଳ ନିର୍ବାକ ହୋଇ ଚାହିଁରହିଥିଲା ସେଇ ମଣିଷଟା ଆଡକୁ ।ସେଇ ଅଜଣା ମଣିଷର ପ୍ରତିଟି ଶବ୍ଦ ସତେକି ପ୍ରଶାନ୍ତକୁ ଦୋହଲାଇ ଦେଉଥିଲା.. ।ପୁଣି ସେ ଆରମ୍ଭ କରିଦେଲା ତା ଜୀବନର ସେଇ ଘଟଣା ସବୁର ଦରଦ ଭରା କାହାଣୀ.. ।

ହସଖୁସିରେ ପୁରିଉଠୁଥିଲା ତାର ପରିବାର ।ତାଙ୍କ ସ୍ତ୍ରୀ ସାଙ୍ଗକୁ ତାଙ୍କ ଅମୂଲ୍ୟ ରତ୍ନପିଙ୍କୁ କୁ ନେଇ ଗୋଟିଏ ସୁନା ସଂସାରର ।ସତେକି ସରଗରୁ ବି ବଳିପଡୁଥିଲା ଘରର ହସଖୁସି ।ସୁରୁଖୁରୁରେ କଟି ଯାଉଥିଲା ତିନି ପ୍ରାଣୀ ଙ୍କ ଜୀବନ ।ଏତେ ଦିନ ଜୀବନ ଭିତରେ କେବେ କାହାସହ ଝଗଡା ତ ଦୂରର କଥା ଟିକିଏ ବଡ଼ ପାଟିରେ କଥା ବି ହେଇ ନାହାନ୍ତି ସେ । ବାପା ଙ୍କ ନୀତି ଆଦର୍ଶରେ ସେ ଗଢ଼ା ।ତାଙ୍କ ବାପା ଙ୍କୁ ସେଇ ଗୋଟିଏ ପଦ କଥା ଆଜିବି ତାଙ୍କ ମନେଅଛି ।ସେ ସବୁ ବେଳେ କହୁଥିଲେ..

"ଜୀବନ ଥିଲେ ଭାଇ ପାତିବା ନାହିଁ ହାତ

ମଣିଷ ପରି ଦିନେ ମଣିଷ ହୋଇବାତ । ।"

ଏଇ ପଦିଏ କଥା କୁ ନିଜ ଜୀବନର ମୂଳ ମନ୍ତ୍ର କରିଦେଇ ଆଜି ଯାଏ ମୁଣ୍ଡ ଉଠେଇ ବାଟ ଚାଲିଛନ୍ତି । ଯେତେ ଝଡ଼ ଝଞ୍ଜା ଆସୁନା କାହିଁକି ଜୀବନ ଥିବା ଯାଏ ସେ କେବେ କା ଆଗରେ ହାତ ପତେଇ ନାହାନ୍ତି କି ପତେଇବେ ନାହିଁ ।ଏଇ ହି ତାଙ୍କ ଜୀବନର ବିଜମନ୍ତ୍ର ପାଲଟି ଯାଇଛି ।

Download Magazine from www.aahwaan.com

ବାପା ଙ୍କ ସର୍ଗବାସ କୁ ଦଶ ବର୍ଷ ବିତିଗଲାଣି ।ତଥାପି ସବୁବେଳେ ତାଙ୍କ ହାତ ମୁଣ୍ଡ ଉପରେ ଥିବାର ସେ ଅନୁଭବ କରନ୍ତି । ଆଜକୁ ଦଶ ବର୍ଷ ପୂର୍ବେ ସେ ଯେଉଁ ଭୁଲ କରିଥିଲେ ।ଯାହାଥିଲା ତାଙ୍କ ଜୀବନର ସବୁଠାରୁ ବହୁତ ବଡ଼ ଭୁଲ ।ବାପାଙ୍କ ବିରୁଦ୍ଧରେ ଯାଇ ସେ ସୁଲଗ୍ନା ପ୍ରେମ ରେ ପଡି ତାକୁ ପ୍ରେମ ବିବାହ କରିଥିଲେ ।ଯେଉଁଠି ପାଇଁ ଆଜି ତାଙ୍କ ଏଇ ଅବସ୍ଥା ।ଯାହାକୁ ଜୀବନଠୁ ବେଶୀ ଭଲ ପାଇଁ ନିଜ ଠାକୁର ସମାନ ବାପାଙ୍କ ବିରୁଦ୍ଧରେ ଗଲେ ।ସେ ତାଙ୍କୁ ଛାଡି ଆଜି ତା ପୁରୁଣା ପ୍ରେମିକ ସାଥିରେ ଆମେରିକା ଚାଲି ଯାଇଛି ।ତା ସାଙ୍ଗକୁ ନେଇ ଯାଇଛି ଦିନରାତି ଏକ କରି ,ମୁଣ୍ଡ ଝାଳ ତୁଣ୍ଡରେ ମାରି ସଞ୍ଚୟ କରିଥିବା ସବୁ ତକ ଧନ ରତ୍ନ ଓ ସୁନା ଗହଣା । ଏପଟେ ଘର ତିଆରି ପାଇଁ ବ୍ୟାଙ୍କରୁ ଆଣିଥିବା ଦଶ ଲକ୍ଷ ଟଙ୍କା ଏ ଯାଏ ପୈଠ ହୋଇନି ।ବ୍ୟାଙ୍କ ମ୍ୟାନେଜର ଙ୍କ ବାରମ୍ବାର ନୋଟିସ ଆସୁଛି ।ତା ସାଙ୍ଗକୁ ରିଙ୍କୁର ଯତ୍ନ ।ଏତେ ସବୁ ଅସୁବିଧା ସତ୍ୱେ ସେ ଭାଙ୍ଗିପଡି ନାହାନ୍ତି ।ତିନି ଦିନ ହେବ ଭୋକିଲା ପେଟରେ ଘୁରିବୁଲୁଛନ୍ତି ଏପଟେ ରିଙ୍କୁର ଦେହ ଅସୁସ୍ତ ।କ'ଣ କରିବେ କିଛି ବୁଝି ପାରୁନାହାନ୍ତି ।ତଥାପି କାହା ଆଗରେ ଏଯାଏ ହାତ ପାତି ନାହାନ୍ତି ।ଅନେକ ଥର ଚେଷ୍ଟା କରିଛନ୍ତି ହେଲେ ସବୁ ବେଳେ ବାପାଙ୍କ ସେଇ ଗୋଟିଏ ପଦ କଥା ଜଳ ଜଳ ହୋଇ ଆଖି ଆଗରେ ଭାସିଆସେ । ସେ ଆଉ କରନ୍ତେ ବା କ'ଣ ?

କହୁ କହୁ ତାଙ୍କ ଆଖିରୁ ଝରି ଯାଉଥାଏ ଲୁହ ଚୀର ସ୍ରୋତା ନଈ ଟେ ପରି । ପ୍ରଶାନ୍ତ କେବଳ ମନ୍ତ୍ର ମୁଗ୍ଧ ହେଇ ଏକ ମନ ଏକ ଲୟରେ ଚାହିଁରହିଥାଏ ।ନିର୍ବାକ ଓ ନିସ୍ତବ୍ଧ ହୋଇ ସେମିତି ବସିରହିଥାଏ ।ତା ଆଖିରୁ ମଧ୍ୟ ଝରି ଯାଉ ଥାଏ ଦୁଇଧାର ଲୁହ........ ।

ଆଉ ସେତିକି ବେଳେ ସେ ବୁଝି ସାରିଥାଏ ସେଇ ଚାରି ଶବ୍ଦ ବିଶିଷ୍ଟ ସ୍ୱାଭିମାନର ପ୍ରକୃତ ଅର୍ଥ...... ।

Download Magazine from www.aahwaan.com

# ନିୟତିର ଖେଳ



ସିପ୍ରା ନାମତା

ପ୍ରଶାନ୍ତର ମନ ଆଦୌ ଭଲ ଲାଗୁନଥିଲା । ପତ୍ନୀ ଦେଇଥିବା ଚାହା ଥଣ୍ଡା ହୋଇଗଲାଣି । ଆସି ସକାଳର ଦୃଶ୍ୟ ମନରୁ ପାଶୋରି ହେଉନି ।

କେଇ ଦିନ ତଳର କଥା...

ସକାଳୁ ସକାଳୁ ନିଦ ଭାଙ୍ଗିଗଲା ପରେ ପ୍ରଶାନ୍ତି ନିଶ୍ଚୟ କରିଥିଲା ଯେ, ଆଜି ସେ ଯେମିତି ହେଲେ ଗାଡ଼ିକୁ ସଫା କରିବ । ଦାଣ୍ଡ ଦୁଆରେ ଥୁଆ ହୋଇ ହୋଇ ଗାଡ଼ି ଉପରେ ମଇଳା ପରସ୍ତେ ପଡ଼ି ଯାଇଛି । ଅଗତ୍ୟା ହାତରେ ସେ କନା ଆଉ ପାଣି ବାଲତି ଧରି ଯାଇ ଗାଡ଼ି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକିଗଲା ଆଉ ପ୍ରଶାନ୍ତକୁ କହିଲା, “ଆଜ୍ଞା, ଟଙ୍କା କୋଡ଼ିଏଟା ଯଦି ଦେବେ ମୁଁ ଧୋଇଦେବି ।” ପ୍ରଶାନ୍ତ ତାକୁ ଚାହିଁ କହିଲା, “ତୁମକୁ ଗାଡ଼ି ଧୋଇ ଆସେ ?” ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା, ମାତ୍ର କୋଡ଼ିଏ ଟଙ୍କାର କଥା, ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା...

ତମ ଘର କେଉଁଠି ?

ଗାଡ଼ିରେ ପାଣି ସହ ଓଦାକନା ବୁଲାଉ ବୁଲାଉ ଦୀର୍ଘଶ୍ୱାସଟିଏ ଛାଡ଼ିଲା ଲୋକଟି ।

ପ୍ରଶାନ୍ତ ମନର କୌତୁହଳକୁ ଚପାଇ ନ ପାରି ପଚାରିଲା, “ମାତ୍ର କୋଡ଼ିଏ ଟଙ୍କା ?”

ନିଜ କଥା ବର୍ଣ୍ଣନା କରିଥିଲା ଲୋକଟା ।

Download Magazine from www.aahwaan.com

ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ବେଳେ, ଦୁଇଜଣ ପ୍ରତିବେଶୀ ପରିବାରଙ୍କ ସହିତ ମିଶି ଦୀପୁର ପରିବାର ନଦିଆ ନଗରୀ, କଲିକତା ବୁଲି ଯାଇଥିଲେ । କଲିକତାର ଆଲିପୁର୍ ଜୁକୁ ଯିବାପାଇଁ ଆଲିପୁରରୋଡ଼ ଷ୍ଟପେଜରେ ଓହ୍ଲାଇବାର ଥିଲା । ତାକୁ ଓହ୍ଲାଇବାକୁ କହି ଅନ୍ୟମାନେ ଜଣଜଣ କରି ଓହ୍ଲାଇ ଯାଇଥିଲେ । ସେତେବେଳେ ସେ ବସର ଝରକା ଦେଇ ବିଶାଳ ପ୍ରାସାଦ ଗୁଡ଼ିକର ମହଲା ସଂଖ୍ୟା ଗଣୁଥିଲା । ୩/୪ଟି ଷ୍ଟପେଜ୍ ଅତିକ୍ରମ କଲାପରେ ସେ ଅନୁଭବ କଲା ଯେ, ବସ ଭିତରେ ସେ ଏକା ଅଛି । ସେତେବେଳେ ସେ ବିକଳ ହୋଇ ବସକୁ କୌଣସି ପ୍ରକାରେ ଅଟକାଇ ଓହ୍ଲାଇଲା ସେ । ବଙ୍ଗଳା ଭାଷା ଯୋଗୁଁ ନିଜ କଥାକୁ ଠିକ୍ ଭାବେ ବୁଝାଇବା ଓ ଅନ୍ୟମାନଙ୍କ କଥା ବୁଝିବାରେ ଭୀଷଣ ଅସୁବିଧା ହେଉଥାଏ । କାହାକୁ ଦେଖିବାକୁ ନ ପାଇ ହତାଶ ହୋଇ ପ୍ରାଣମୂର୍ଚ୍ଛା ପଛକୁ ପଛ ଦୌଡ଼ିବାକୁ ଲାଗିଥାଏ ସେ । ଅଜଣା ଜାଗାରେ ହତାଶ ଭାବ ବଢ଼ି ଯାଉଥାଏ ଦୀପୁର । ବିକଳ ହୋଇ ଚତୁର୍ଦ୍ଦିଗକୁ ଚାହିଁ ଖାଲି କାନ୍ଦୁଥାଏ ସେ । ସେମିତି କାନ୍ଦୁ କାନ୍ଦୁ ଲୋକଙ୍କ ପାଖରେ ହାତ ପାତିଲା ପେଟ ଜ୍ୱାଳାରେ । କେତେଦିନ, ରାତି ଭୋକ ଉପାସରେ ବିତେଇଛି, କେତେ ରାତି ସେମିତି ପୁଙ୍ଗୁଳା ଜାଡ଼ରେ ରାସ୍ତା କଡ଼ କୁକୁର, ଷଣ୍ଢଙ୍କ ମେଳରେ ତ କେବେ ଅସହ୍ୟ ଶୀତରେ ଭିକାରୀଙ୍କ ଛିଣ୍ଡା କମ୍ବଳତଳେ ସେମାନେ ଶୋଇଗଲା ପରେ ତାଙ୍କ ସହ ରାତି ବିତିଛି ହିସାବ ରଖିନି ।

ହୋଟେଲରେ ଅଇଁଠା ବାସନ ମାଜିବାସହ ଏମିତି ଜୀବନରେ ଧିରେ ଧିରେ ଅଭ୍ୟସ୍ତ ହେବାକୁ ଲାଗିଲା ସେ । କେବେ କେବେ ଓଡ଼ିଆ ଲୋକଙ୍କୁ ପାଇଲେ ତା କଥା ଶୁଣାଏ । ଏମିତି ଦିନେ ନନ୍ଦିତା ଦେବୀ ବୋଲି ଜଣେ ସମାଜସେବିକା ଭଦ୍ର ମହିଳା ତା କଥାରେ ତରଳି ଯାଇ, ସେଠାରୁ ତାକୁ ଓଡ଼ିଶା ନେଇ ଆସିଲେ । ଦୀପୁ ପରିବାରକୁ ଅନେକ ଖୋଜାଖୋଜି କରି ମଧ୍ୟ ସେ ଅସଫଳ ହେଲେ । ସେତେବେଳେ ନିରାଶ ହୋଇ ନନ୍ଦିତା ଦେବୀଙ୍କ ଘରେ ରହିଗଲା ଦୀପୁ । କିଛି ବର୍ଷପରେ ତାଙ୍କ ଦେହାନ୍ତ ହେବାପରେ ସେଠାରୁ ଚାଲିଆସିଲା ଦୀପୁ

 Download Magazine from www.aahwaan.com

ଅତ୍ୟନ୍ତ ଦୁଃଖରେ । ଯାଯାବର ପରି ହୋଇଗଲା ସେ । ଗୋଟିଏ ଅଞ୍ଚଳରୁ ଆଉ ଗୋଟିଏ ଅଞ୍ଚଳ ପରିବର୍ତ୍ତନ କରି ଅନୁଭବ ଅନୁଭୂତିକୁ ସାଉଁଟି ବୁଲିଲା ।

ରାସ୍ତା କଡ଼ରେ ଲୋକଟିଏ ପାଟି କରି କହୁଛି, "ଶୁଆ କହୁଛି ଭାଗ୍ୟଫଳ, ଆସନ୍ତୁ ଜାଣିବା ନିଜ ନିଜ ଭବିଷ୍ୟଫଳ ।" ଦୀପୁର ପାଦ ଅଟକି ଗଲା । ନିଜ କଥାଟିକେ ଜାଣିବାକୁ ଚାହିଁବାରୁ ଭବିଷ୍ୟଫଳ କହିବା ପାଇଁ ୨୦ ଟଙ୍କା ଦର୍କାର ବୋଲି ଲୋକଟି କହିବାରୁ ସେ ନିରାଶ ହେଲା । ପରଦିନ ସେଇ ସ୍ଥାନକୁ ଆସି ସେ ଶୁଆ ଓ ଲୋକଟିକୁ ନ ଦେଖି ହତାଶ ହେଲା । ଅକାରଣେ ତା'ମନ ଖରାପ ହୋଇଗଲା । ପିଲାଦିନର ସ୍ମୃତି ଝାପସା, ତା' ମୁହଁ ସାମ୍ନାକୁ ଆସି ଆଖୋ ଦୁଇଟାକୁ ଭିଜେଇ ଦେଲା । କିନ୍ତୁ ପ୍ରବଳ ଭୋକ ଅନୁଭବ କରିବାରୁ ରାସ୍ତା ସେପଟେ ଠେଲା ଗାଡ଼ିରୁ ବରା ଦୁଇଟା ଆଣି ଖାଇଲା । ଖାଇ ସାରି କାଗଜଟି ଉପରେ ଆଖି ପଡ଼ିଲା ତା'ର । ଏ ଯେ ତାଆରି ଫଟୋ । ଆଶ୍ଚର୍ଯ୍ୟ ହୋଇ ପଢ଼ିବାକୁ ଚେଷ୍ଟା କଲା । 'ନିରୁଦ୍ଧିଷ୍ଟ ଦୀପେଶ କୁମାର' । ତେଲରେ ଛେବଲା ଦେଖା ଯାଉଥିବା କାଗଜ ଖଣ୍ଡକୁ ବାରମ୍ବାର ଏପଟ ସେପଟ କରି କିଛି ଜାଣି ନ ପାରିବାରୁ ସେ ଠେଲା ଗାଡ଼ି ପାଖକୁ ଦୌଡ଼ିଲା ମାତ୍ର ସେତେବେଳକୁ ଗାଡ଼ି ଚାଲିଯାଇଥିଲା । କାଗଜ ଖଣ୍ଡକୁ ଭାଙ୍ଗି ଭୁଙ୍ଗି ଯତ୍ନରେ ରଖିଲା ଦୀପୁ । ଆତ୍ମା ହାହାକାର କରି ଉଠୁଥିବା ବେଳେ ଆଖି ଦୁଇଟା ଲୁହରେ ଅନ୍ଧ ହୋଇଯାଇଥିଲା ତା'ର ।

ଇତି ମଧ୍ୟରେ ଆଠ ନଅ ବର୍ଷ ବିତିଯାଇଥାଏ । ବାପାମାଆଙ୍କୁ ଖୋଜିବା ପାଇଁ ରାଇଜସାରା ଯାଯାବର ହୋଇ ଘୁରିବୁଲୁଛି ସେ । ସ୍ୱଳ୍ପ ମୂଲ୍ୟରେ ମାତ୍ର କୋଡ଼ିଏ ଟଙ୍କାରେ ଘର ଘର ବୁଲି କାମ କରୁଛି । କାଳେ କୋଉଠି ରକ୍ତ ସମ୍ପର୍କର ଭେଟା ଭେଟି ହୋଇଯିବ ।

ଦିନେ ଜଣଙ୍କ ଘରୁ କାମ କରି ଫେରୁଥାଏ କେନାଲ ରାସ୍ତାରେ । ବେଳ ରତରତ । ହଠାତ୍ କାନ୍ଦଣା ଶବ୍ଦ ଶୁଣି ଅଟକି ଗଲା ସେ । ରାସ୍ତା ପାର୍ଶ୍ୱ ଘଞ୍ଚ ବୁଦାମୂଳରୁ ଗୋଟିଏ

Download Magazine from www.aahwaan.com

ଶିଶୁକନ୍ୟାକୁ ଆବିଷ୍କାର କଲା ଦୀପୁ । ବୟସ ଜାଣିପାରିଲାନି । କଣ କରିବ ନ କରିବ ହୋଇ ଶେଷରେ ଅନାଥାଶ୍ରମ ଆଡକୁ ମୁହାଇଁଲା ସେ । ଫାଟକ ପାଖରେ ବୃଦ୍ଧ ଜଣେ ତାକୁ ଦୀନ ଭାବରେ ୨୦ ଟଙ୍କା ମାଗିବାରୁ ତାକୁ ଦେବାକୁ ପଡ଼ିଲା । ବୃଦ୍ଧଙ୍କୁ ଦେଖି ତା'ର ବାପା କଥା ମନେ ପଡ଼ିଗଲା, ଆଖି ଦୁଇଟା ଝାପସା ହୋଇଗଲା ।

ଶିଶୁକନ୍ୟାଟିକୁ ଅନାଥାଶ୍ରମ ଭିତରେ ଛାଡ଼ି ଆସିବା ବେଳକୁ ସେଇ ବୃଦ୍ଧଙ୍କୁ ଅଳ୍ପଦୂରରେ ଦୁର୍ଘଟନାର ଶୀକାର ହୋଇ ଚିତ୍କାର କରୁଥିବାର ଶୁଣିଲା ସେ । ଅନ୍ୟମାନଙ୍କ ପରି ତାଙ୍କୁ ସେଇ ଅବସ୍ଥାରେ ଛାଡ଼ି ଚାଲିଯିବାପାଇଁ ନିଜ ବିବେକ ବାଧା ଦେଲା । ରିକ୍ସାଟିଏ ୨୦ ଟଙ୍କାରେ ଡାକ୍ତରଖାନା ପାଖକୁ ନେଇଗଲା । ବୃଦ୍ଧଙ୍କ ସଂସ୍ପର୍ଶରେ ଆସି ସେ ଏକ ଅଜଣା ଖୁସି ଅନୁଭବ କରୁଥିଲା । ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବୃଦ୍ଧ ସାମାନ୍ୟ ସୁସ୍ଥ ହେବାପରେ ତା ଅନୁରୋଧରେ ନିଜ ଦୁର୍ଦ୍ଦଶାର କାରଣ କହିବାରୁ, ସେ ଯେ ତା'ର ବାପା, ଜନ୍ମଦାତା ସେ କଥା ଜାଣିଗଲା ଦୀପୁ ।

ଦୀର୍ଘ ୨୦ ବର୍ଷ ପରେ ଦୀପୁ ତା ବାପାଙ୍କୁ ଫେରି ପାଇଛି କିନ୍ତୁ ତାଙ୍କୁ ଦେବାପାଇଁ ଆଜି ତା ପାଖରେ କିଛି ନାହିଁ । ସେ ହଜିଯିବାର ବର୍ଷେ ଭିତରେ ମାଆ ଇହଧାମ ତ୍ୟାଗକଲେ । ବାପା ସାନପୁଅକୁ ନେଇ ଘର ଛାଡ଼ି ଚାଲିଗଲେ ରାଜ୍ୟ ବାହାରକୁ ମନ ଦୁଃଖ ଓ ଆତ୍ମଗ୍ଲାନିରେ । ପୁଅ ଚାହିଁବାରୁ ବାପା ଫେରି ଆସିଲେ ନିଜ ଭିଟାମାଟିକୁ । କିନ୍ତୁ ସେଇ ପୁଅ ତାଙ୍କୁ ଅନ୍ୟ ବୁଦ୍ଧିରେ ପଡ଼ି ହତାଦର କଲା । ଆଜି ଯଦି ଦୀପୁ ଥାନ୍ତା ତାଙ୍କ ପାଖରେ, କେତେ ଖୁସିରେ ରହିଥାନ୍ତେ ସେ ! ଏମିତି ବର୍ଣ୍ଣନା ଥିଲା ବାପାଙ୍କର ।

ଶେଷ ଦୁଇପଦ କଥାରେ ଦୀପୁର ଆଉ ସାହାସ ହେଲାନାହିଁ ନିଜର ପରିଚୟ ଦେବାକୁ । ତା ତୁଣ୍ଡରୁ ବାହାରି ଆସୁ ଆସୁ ଅଟକିଗଲା, “ବାପା, ମୁଁ ତୁମର ସେଇ ହତଭାଗ୍ୟ ପୁଅ ଦୀପୁ.... ।” ଯେଉଁ ଆତ୍ମସନ୍ତୋଷ ତାଙ୍କ ଭାବନାରେ ଅଛି ତାହା ସେମିତି ଥାଉ,

Download Magazine from www.aahwaan.com

ବାସ୍ତବକୁ ଆସି ଆହତ ନ ହେଉ । କାହାଣୀ ଶେଷ ହେବା ବେଳକୁ ପ୍ରଶାନ୍ତର ଗାଡ଼ି ଆଇ ଦୀପୁ ଆଖି କୋଣରୁ ଝରି ଆସୁଥିବା ଲୁହ ବୁନ୍ଦା କେଇଟା ଖାଲି ଚିକ୍ ଚିକ୍ କରୁଥାନ୍ତି ।

ପ୍ରଶାନ୍ତ ସବୁ ଶୁଣି ଦୀପୁର ଅସହାର ଆଖି ଆଉ କ୍ଲାନ୍ତ ଅବସନ୍ନ ମନଟିକୁ ଚାହିଁ ବୁଝିବାକୁ ଚେଷ୍ଟା କରୁଥିଲା ।

କେତେବେଳେ ଚେତନା ଆସିଲା ଦୀପୁର ସମ୍ବୋଧନରେ, "ଆଜ୍ଞା, ଗାଡ଼ି ଧୁଆ ହୋଇଗଲା । ମୁଁ ଯିବି..."

ପ୍ରଶାନ୍ତ ଘର ଭିତରକୁ ଯାଇ ହାତରେ ଶହେ ଟଙ୍କାର ନୋଟ ଖଣ୍ଡେ ଓ ତା ଅଫିସର ଭିଜିଟିଂ କାର୍ଡଟିଏ ଧରି ଆସିଲା ଓ କହିଲା, "ତୁମେ ଏଇ ଠିକଣାରେ ଦିନେ ଆସ । ମୁଁ ଆମ ଅଫିସରଙ୍କୁ କହି ତୁମକୁ କିଛି କାମ ଦେବାର ଚେଷ୍ଟା କରିବି । ଆଉ ନିଅ ଏ ଶହେ ଟଙ୍କା ରଖ ।"

ଦୀପୁ କୃତକୃତ୍ୟ ହୋଇ କହିଲା, "ନାଇଁ ଆଜ୍ଞା, ଖାଲି କୋଡ଼ିଏ ଟଙ୍କାରେ କଥା ହୋଇଥିଲା ।"

ପ୍ରଶାନ୍ତ କହିଲା, "ଏବେ ବାପା ମିଳିଗଲେ, ତେଣୁ ତୁମକୁ ତୁମର ମୂଲ୍ୟ ବଢ଼ାଇବାକୁ ପଡ଼ିବ । ୨୦ ଟଙ୍କାର ମାୟାକୁ କାଟି ନିଜ ଭାଗ୍ୟ ଓ ଭବିଷ୍ୟତ ନିଜକୁ ଗଢ଼ିବାକୁ ପଡ଼ିବ ।"

ଦୀପୁର ଆଖି ଦୁଇଟି କୃତଜ୍ଞତାରେ ଛଳ ଛଳ ହୋଇଗଲା ।

ପ୍ରଶାନ୍ତର କମ୍ପାନୀରେ ନୂତନ ଶାଖା କାର୍ଯ୍ୟାଳୟରେ ଏକ ଫାଟକ ଜଗୁଆଳୀର ଆବଶ୍ୟକତା ଥିଲା । ପ୍ରଶାନ୍ତ ଦୀପୁକୁ ସେଇ ଚାକିରୀରେ ନିଯୁକ୍ତ କରାଇଦେଲା । ଯାଯାବର ପରି ବୁଲୁଥିବା ଦୀପୁ ବର୍ତ୍ତମାନ ମାସକୁ ଦୁଇ ହଜାର ଟଙ୍କା ଦରମାରେ କମ୍ପାନୀ ପ୍ରଦତ୍ତ କଟେଜରେ ନିଜ ବାପା ଆଉ ଅନାଥାଶ୍ରମରେ ଦେଇଥିବା ଶିଶୁକନ୍ୟାକୁ ଆଣି ନିଜ ପାଖରେ ପିତାର ସ୍ନେହ ଦେଇ ରଖିଛି । ଅବଶିଷ୍ଟ ଜୀବନ ସେମିତି ଅବିବାହିତ ରହିବାର ସଂକଳ୍ପ

Download Magazine from www.aahwaan.com

ନେଇ ।

ଆଜି ସକାଳେ ଦୀପୁ ରହୁଥିବା ଘରପାଖ ଛକ ଉପରେ ଏକ ଅଭାବନୀୟ କାଣ୍ଡରେ ସେ ଅଞ୍ଚଳରେ ଉତ୍ତେଜନା ଖେଳିଗଲା । ଦୀପୁ ପାଳିଥିବା ଝିଅର ଚେହେରା ସହ ସାମଞ୍ଜସ୍ୟଥିବା ଅନ୍ୟ ଏକ ଝିଅର ଆତ୍ମୀୟ ଦୀପୁକୁ ପିଲାଚୋର କହି ନିସ୍ତୁକ ପିଟି କ୍ଷତାକ୍ତ କରି ଦେଉଥିବା ବେଳେ ଝିଅଟି ତା' ଦରୋଟି ସ୍ୱରରେ ବାବା ବାବା କହି କାନ୍ଦୁଥିଲା । କୌଣସି କାମରେ ପ୍ରଶାନ୍ତ ସେଇ ରାସ୍ତା ଦେଇ ଫେରୁଥିଲା । ଏ ଘଟନାରେ ସେ ସମ୍ପୂର୍ଣ୍ଣ ହତଚକିତ ରହିଗଲା । ଦୀପୁ ଯେ ପିଲାଚୋର ନୁହେଁ, ପ୍ରମାଣ କରିବାରେ ବେଶ୍ କେଇ ଘଣ୍ଟା ଲାଗିଗଲା ପ୍ରଶାନ୍ତକୁ । ଦୀପୁକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଛି । ତା'ର କେଇପଦ ବାଷ୍ପକୁଳ କଥା ପ୍ରଶାନ୍ତର କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନିତ ହେଉଛି ଏ ପର୍ଯ୍ୟନ୍ତ... "ଆଜି ୨୦ ତାରିଖ, ଯୋଉ ଦିନ ମୁଁ ହଜି ଯାଇଥିଲି, ବାପାଙ୍କୁ ପାଇଲି ୨୦ ବର୍ଷପରେ । ଯେତେ ସବୁ ଘଟଣା, ଦୁର୍ଘଟଣା ମୋ ଜୀବନରେ ଏଇ ୨୦ ସଂଖ୍ୟାକୁ ନେଇ । ନିୟତିର ଖେଳ ବଡ଼ ବିଚିତ୍ର ଓ ପରିହାସପୂର୍ଣ୍ଣ ମୋ ପାଇଁ ପ୍ରଶାନ୍ତ ବାବୁ । ସେ ଭିତରେ ଆପଣଙ୍କୁ କିନ୍ତୁ ସେ ରଖିଛି ଏକ ଦେବଦୂତ ସଦୃଶ । ବିଷଭାଣ୍ଡ ମଧ୍ୟରେ ଅମୃତ ବିନ୍ଦୁଟିଏ ଆପଣ ମୋ ପାଇଁ ।"

ଶାନ୍ତି ଆସି ହଲାଇ ଦେଇ କହିଲା ପ୍ରଶାନ୍ତକୁ....

"କଣ ଏତେ ଭାବୁଛ, ସେତେବେଳୁ... ଚାହାପରା ଥଣ୍ଡା ହେଲାଣି, ଦୁଇ ଦୁଇଥର । ହେଇ ନିଅ ଆଉ ଥରେ ଗରମ କରି ଆଣିଛି ।"

ଗଭୀର ଆଶ୍ୱସ୍ତିରେ ପତ୍ନୀକୁ ଚାହିଁ, "ନା ସେ କିଛି ନୁହେଁ" କହି ତା' କପରେ ଚୁମୁକ ଦେଲା । ସତରେ କଣ ଏଇୟା ହିଁ ନିୟତିର ଖେଳ ? ସ୍ୱଗତୋକ୍ତି କଲା ସେ ।

Download Magazine from www.aahwaan.com

# ଅସମ୍ଭବ ନୁହେଁ



ଜୀତେନ୍ଦ୍ର କୁମାର କହଁର

ଅତୀତର ବାସ୍ତବତାକୁ ଆଜି ଯେତେବେଳେ ପ୍ରଶାନ୍ତ କିଛି କ୍ଷଣପାଇଁ ପଛକୁ ଦେଖି ଘେରାଏ ବୁଲି ଆସେ, ସବୁକିଛି ତା'ପାଇଁ ଗୋଟିଏ ସ୍ୱପ୍ନପରି ମନେ ହୁଏ । ଯେମିତି ସେ ସବୁ ଘଟଣା ତା'ଜୀବନରେ ଘଟିନାହିଁ, କେବଳ ଗୋଟିଏ ସ୍ୱପ୍ନ ।

ପ୍ରଶାନ୍ତ... ହରି ବୁଢ଼ା ଆଉ ମା ବିମଳାର ଗୋଟିଏ ବୋଲି ପୁଅ । ଭାରି ଗେହ୍ଲା । ଯେତିକି ଗେହ୍ଲା ତା'ଠାରୁ ଅଧିକ ଦୁଷ୍ଟ । ସମୟ ଥିଲା ପାଠ କଥା କହିଲେ ସେ ଅନେକ ବାହାନା କରି କୁଆଡ଼େ ଯେ ଦୌଡ଼ିକି ପଳାଇଥିଲା ବାପାମା ସବୁବେଳେ ଖୋଜି ଖୋଜି ନୟାନ୍ତ । ଯେମିତି ପାଠ ହେଉଛି ଗୋଟିଏ ରାକ୍ଷସ ଏବଂ ସେ ତାକୁ ମାରି ଖାଇବା ପାଇଁ ଗୋଡ଼ାଇ ଆସୁଛି । କେତେବେଳେ ଆଲମିରା ପଛରେ ଲୁଚିଥିବ ତ କେବେ ଟେବୁଲ ତଳେ । ପାଠରେ ତା'ର ମନ ଜମା ଲାଗେନି କିନ୍ତୁ ଖେଳରେ ଖେଳରେ ନିଜ ସାଙ୍ଗ ଗହଣରେ କୁହେ ଯେ ସେ ବଡ଼ ମଣିଷ ହେବ, କଟକ ଯିବ, ସେଇଠି ରହିବ ।

ଯେମିତି ସେମିତି ପ୍ରଶାନ୍ତ ବି.ଏ. ପାସ କରିବାପରେ ବାପା ତାକୁ ପାଖ ସହର ଫୁଲବାଣୀର ଏକ ଲୁଗା ଦୋକାନରେ କାମ ଯୋଗାଡ଼ କରିଦେଲେ । ବାପା ମନ ପରା... ପୁଅ ଦି ପଇସା ରୋଜଗାର କରିବ, ଘର କାମରେ ସାହାଯ୍ୟ ମିଳିଜିବ । କିନ୍ତୁ ତା' ମନ ଲୁଗା ଦୋକାନରେ ରହି କାମ କରିବାକୁ ଜମା ନଥାଏ । ଅନିଚ୍ଛା ସତ୍ତ୍ୱେ କାମକୁ ଯାଏ ସିନା ସବୁବେଳେ ସ୍ୱପ୍ନ ଦେଖେ ଯେ ସେ କଟକ ଯିବ, ସେଇଠି ରହିବ । ପିଲାବେଳର କଟକ ଯିବାର ସ୍ୱପ୍ନ ଏବେ ଯାଏଁ ତା ମନରେ ଜୀବନ୍ତ ଭାବରେ ବସା ବାନ୍ଧି ରହିଛି । ବାପା ମା'ଙ୍କୁ

କେତେଥର କହିଛି ସେ କଟକ ଯିବ ବୋଲି କିନ୍ତୁ ଗୋଟିଏ ବୋଲି ପୁଅକୁ ସେମାନେ ବାହାରେ ଛାଡ଼ିବାକୁ ନାରାଜ । ତେଣୁ ଘରେ କାହାକୁ କିଛି ନ କହି ଫୁଲବାଣୀରୁ ସିଧା କଟକ ଚାଲିଆସେ ପ୍ରଶାନ୍ତ । ସେ ଭାରି ଖୁସିଥାଏ । ବସରୁ ଓହ୍ଲାଇ ପ୍ରସନ୍ନ ଚିତ୍ତରେ କଟକ ସହରକୁ ଆପଣାର କରିବାକୁ ଭାବିବା ବେଳକୁ, କଟକର ଚଳଚଞ୍ଚଳତା ପ୍ରଶାନ୍ତକୁ ଅବାକ୍ କରିଦିଏ । ଯେମିତି କଟକ ସହର ପ୍ରତି ଅଟ୍ଟାଳିକା, ରାସ୍ତାଘାଟ, ଶହ ଶହ ଯୁଗଳ ଆଖି ତାକୁ ଭିନ୍ନ ଏକ ଅଚିହ୍ନା ନଜରରେ ଦେଖି ଚାଲିଛନ୍ତି । ଯେମିତି ସେ ହେଉଛି ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏକ ଦୁର୍ଦ୍ଧାନ୍ତ ଅପରାଧୀ । ନିଜକୁ ପ୍ରକୃତିସ୍ଥ କରି ବ୍ୟାଗ ଭିତରୁ ପାଣି ବୋତଲଟା ବାହାର କରି ପିଇବାକୁ ଭାବିବା ବେଳକୁ ଗୋଟିଏ ବ୍ୟାଗ ତା ହାତରେ ନାହିଁ । ତା'ର ମନେ ପଡ଼ିଯାଏ ଯେ ସାଥିରେ ଆଣିଥିବା ଦୁଇଟି ବ୍ୟାଗ ଭିତରୁ ଗୋଟିଏ ବ୍ୟାଗକୁ ବୋଧହୁଏ ସେ ବସରେ ହିଁ ଛାଡ଼ି ଦେଇଛି । ସଙ୍ଗେ ସଙ୍ଗେ ପ୍ରଶାନ୍ତର ଆଖି ସେଇ ବସକୁ ଖୁବ୍ ବ୍ୟସ୍ତତାର  ସହ ଖୋଜିବାକୁ ଲାଗେ । ହେଲେ କଣ ହେବ । ସେଇ ବସ ବି କେଉଁ ଏକ ଅଜଣା ଅଚିହ୍ନା ପଥରେ ନିଜର ଯାତ୍ରା ଶେଷ କରିବାକୁ ଯାଇ ପ୍ରଶାନ୍ତପାଖରୁ ବହୁତ ଦୂରକୁ ଚାଲିଯାଇଛି । ତା'ର ହୋସ ଉଡ଼ିଯାଏ । ନିଜର ମୋବାଇଲ ଆଉ ଯାହାକିଛି ପଇସା ଥିଲା ସେ ସବୁ ହଜିଯାଇଥିବା ବ୍ୟାଗରେ ରହିଗଲା । କଣ କରିବ କିଛି ଜାଣିପାରୁ ନଥାଏ ।

ସମୟ ଯେମିତି ଗଡ଼ି ଚାଲୁଥାଏ ପେଟରେ ଭୋକର ଜ୍ୱାଳା ସେମିତି ବଢ଼ି ଚାଲିଥାଏ । ପାଖରେ କାଣି କଉଡ଼ିଟିଏ ବି ନାଇଁ । ଏତେ ବଡ଼ ସହରରେ କିଏ ତାର ପରିଚିତ ଅଛି ଯେ କାହାକୁ ଯାଇ ସାହାଯ୍ୟ ମାଗିବ । ଧିରେ ଧିରେ ସଞ୍ଜ ହେବାକୁ ବସିଲାଣି । ଆଖିରୁ ତା'ର ବହିଯାଉଛି ଅବାରିତ ଅଶ୍ରୁର ଧାରା । ଅସହାୟତା ଓ ଏକୁଟିଆପଣରେ ସେ ଧିରେ ଧିରେ ଅସମ୍ଭବ ଭାବରେ ଛନ୍ଦି ହୋଇ ହୋଇ ଯାଉଥାଏ । ତାକୁ ଲାଗୁଥାଏ ଯେମିତି ସେ

 Download Magazine from www.aahwaan.com

ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବ । ଠିକ୍ ଏତିକି ବେଳେ ହଠାତ୍ ପଛରୁ ଶୁଭିଲା, ପ୍ରଶାନ୍ତ... ଏ ପ୍ରଶାନ୍ତ... ତୁ ଏଠି କଟକରେ ? ବୁଡ଼ି ଯାଉଥିବା ଲୋକକୁ କୁଟାଖିଅଟିଏ ସାହାରା ହେଲାପରି ପାଖରେ ପହଞ୍ଚିଯାଇଥିଲା ପ୍ରଶାନ୍ତର ଦୂର ସମ୍ପର୍କୀୟ ଭାଇ ଜଣକ ନାଁ ତାଙ୍କର ଆନନ୍ଦ ବାବୁ । ସେ କଟକରେ ଏକ ଘରୋଇ କମ୍ପାନୀରେ କାମ କରନ୍ତି । ପ୍ରଶାନ୍ତଠାରୁ ସମସ୍ତ ଘଟଣାକ୍ରମ ଶୁଣିବାପରେ ତାକୁ ନିଜ ରୁମକୁ ନେଇ ଯାଇଥିଲେ ସେ ।

ଏକ ବହି ଦୋକାନରେ ବାରଶହ ଟଙ୍କାରେ କାମଟିଏ ଯୋଗାଡ଼ କରିଦିଆଗଲା । ପ୍ରଶାନ୍ତ ଖୁସିଥିଲା । କଟକ ପରି ସହରରେ କର୍ମସଂସ୍ଥାନଟିଏ ହୋଇଗଲା ଏହାଠୁ ବଳି ବଡ଼ କଥା ଆଉ କଣ ହୋଇପାରେ । ହେଲେ ବହି ପାଖରେ ହିଁ ରହିବାକୁ ପଡ଼ିଲା, କିନ୍ତୁ କଣ ବା କରାଯାଇପାରେ ? ବଞ୍ଚିବାପାଇଁ ଅର୍ଥ ରୋଜଗାର କରିବାକୁ ପଡ଼ିବ ହିଁ ପଡ଼ିବ । ପ୍ରତିଦିନ ସକାଳ ଆଠରୁ ଦୋକାନକୁ ବାହାରିଯାଏ ଯେ ଫେରିବା ବେଳକୁ ରାତି ଏଗାର ବାଜିଯାଏ । କିଛି ଦିନର ରହଣୀ ପରେ ପ୍ରଶାନ୍ତକୁ ଲାଗେ ଯେମିତି କଟକ ସହରଟା ହେଉଛି ଏକ ବିନା ବ୍ରେକ୍ ଥିବା ଗାଡ଼ି । ସତେ ଯେମିତି ପ୍ରତି ମୁହୂର୍ତ୍ତରେ ଦୌଡ଼ିବାରେ ବ୍ୟସ୍ତ । କିଏ ଅର୍ଥ ପାଇଁ ତ କେହି ପ୍ରତିଯୋଗିତା ପାଇଁ ଧାଉଁଛନ୍ତି କେବଳ । ଏମିତି ଦେଖୁ ଦେଖୁ ମାସେ ବିତିଗଲା । ପାରିଶ୍ରମିକ ଭାବରେ ପାଇଲା ବାରଶହ ଟଙ୍କା ସତ ହେଲେ ସବୁ ଖର୍ଚ୍ଚବାର୍ଚ୍ଚ ଯିବାପରେ ହାତରେ ରହିଲା ଦୁଇଶହରୁ ବି ଅଳ୍ପ ଟଙ୍କା । କଟକ ସହରରେ ଚଳିବା ଏତେ ସହଜ ନୁହେଁ ବୋଲି ସେ ଉପଲବ୍ଧି କରିଥିଲା । ତଥାପି କଟକରେ ରହିବା ପାଇଁ ତା' ମନରେ ଥିବା ଆଗ୍ରହକୁ ଧରି ସେ କଠିନ ପରିଶ୍ରମ କରିବାକୁ ପଛାଏ ନାହିଁ ।

ଦୋକାନକୁ ଯିବା ଆସିବାର ଅସୁବିଧା ଦେଖି ଆନନ୍ଦବାବୁ ଦାଣ୍ଡ ଦୁଆରେ ଥୁଆ ହୋଇଥିବା ନିଜର ଏକ ପୁରୁଣା ଗାଡ଼ିକୁ ପ୍ରଶାନ୍ତକୁ ବ୍ୟବହାର ପାଇଁ ଦେଇଥିଲେ । ଏହା ଶୁଣି

Download Magazine from www.aahwaan.com

ପ୍ରଶାନ୍ତ ବହୁତ ଖୁସି ହୋଇଯାଇଥିଲା । ଏବଂ ରାତିରେ ମନ ଖୁସିରେ ଖାଇପିଇ ଶୋଇପଡ଼ିଥିଲା । ସକାଳୁ ସକାଳୁ ନିଦ ଭାଙ୍ଗିଗଲା ପରେ ପ୍ରଶାନ୍ତ ନିଷ୍ପତ୍ତି କରିଥିଲା ଯେ ଆଜି ଯେମିତି ହେଲେ ଗାଡ଼ିକୁ ସଫା କରିବ । ଦାଣ୍ଡ ଦୁଆରେ ଥୋଇ ଥୋଇ ଗାଡ଼ି ଉପରେ ପରସ୍ତେ ମଇଳା ଜମା ହୋଇଗଲାଣି । ଅଗତ୍ୟା ସେ ପାଣି ବାଲତି ଧରି ଯାଇ ଗାଡ଼ି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ କିଛି ସମୟ ପାଇଁ ଅଟକି ଗଲା ଆଉ ପ୍ରଶାନ୍ତକୁ କହିଲା, "ଆଜ୍ଞା, କୋଡ଼ିଏଟା ଟଙ୍କା ଯଦି ଦେବେ ଗାଡ଼ିଟା ଧୋଇଦେବି !" ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡ଼ି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି କହିଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡ଼ିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟିକୁ ବାଲଟି ଦେଉ ଦେଉ ପଚାରିଲା, "ତୁମ ନାଁ କଣ ? କୋଉଠୁ ଆସିଚ ?" ଗାଡ଼ି ଧୋଉ ଧୋଉ ଲୋକଟା ନିଜ ବିଷୟରେ ଯାହା ସବୁ କହିଲା ପ୍ରଶାନ୍ତର ଆଖି ଛଳ ଛଳ ହୋଇ ଉଠିଲା । କାରଣ ସତେ ଯେମିତି ସେହି ଲୋକଟି ଭିତରେ ସେ ଆଉ ଏକ ପ୍ରଶାନ୍ତକୁ ଦେଖି ପାରୁଥିଲା; ଯିଏ କଟକ ସହରର ଚଳଚଞ୍ଚଳତା ଭିତରେ ଦୃଢ଼ତାର ସହିତ ସମସ୍ତଙ୍କର ସହ ଦୌଡ଼ରେ ସାମିଲ ହେବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲା ।

ସେହି ଲୋକଟି ପାଇଁ କୋଡ଼ିଏ ଟଙ୍କା ବଦଳରେ ସ୍ୱତଃ ପଚାଶ ଟଙ୍କା ପ୍ରଶାନ୍ତର ପକେଟରୁ ବାହାରି ଆସିଥିଲା । ଲୋକଟି ଏତେ ଟଙ୍କା ନେବାକୁ ଅମଙ୍ଗ ହେଉଥିଲେ ମଧ୍ୟ ପ୍ରଶାନ୍ତର ଅନୁରୋଧରେ ସେ ଖୁସିରେ ସେତକ ନେଇ ଚାଲିଗଲା । କାହିଁକି କେଜାଣି ପ୍ରଶାନ୍ତର ଚେହେରା ସ୍ମିତ ହସ ସହ ଟିକିଏ ପୁରିଲା ପୁରିଲା ଲାଗୁଥାଏ । ଯେମିତି ସେ ଲୋକଟି ସିନା ଚାଲିଯାଇଛି ହେଲେ ତା'ର ସ୍ମିତ ହସଟିଏ ପ୍ରଶାନ୍ତ ପାଖରେ ଛାଡ଼ିଦେଇ

 Download Magazine from www.aahwaan.com

ଯାଇଛି । ଆଉ ପ୍ରଶାନ୍ତ ଭିତରେ କିଛି କରିବାର ଆଗ୍ରହକୁ ଦ୍ୱିଗୁଣିତ କରିଦେଇ ଯାଇଛି । ଲାଗୁଥାଏ ଯେମିତି ପ୍ରଶାନ୍ତର କିଛି ସମୟ ପୂର୍ବର ଦୁନିଆ ଆଉ ଲୋକଟି ବିଦାୟ ନେବାପରର ଦୁନିଆରେ ବହୁତ ପରିବର୍ତ୍ତନ ହୋଇଯାଇଛି । ପ୍ରଶାନ୍ତର ଗାଡ଼ି ମଧ୍ୟ ଆଖିକୁ ପାଇଲା ପରି ଚକ୍ ଚକ୍ କରୁଥାଏ । ତା'ପରେ ସେ ମନ ଖୁସିରେ ଗାଡ଼ିଟି ଧରି ଦୋକାନ ଅଭିମୁଖେ ବାହାରି ପଡ଼ିଲା ।

ଦିନସାରା ଦୋକାନରେ ବସି ବସି ବିରକ୍ତ ହେଉ ହେଉ କେତେବେଳେ ସେ ବହିପ୍ରତି ଅନୁରକ୍ତ ହୋଇ ଯାଇଥିଲା ସେ ଜାଣିପାରିଲା ନାହିଁ । ଅନେକ ସମୟରେ ଏକା ବସିଥିବା ବେଳେ ବିଭିନ୍ନ ପ୍ରକାରର ବହି ଖୋଲି ସେ ପଢ଼େ । ମାଲିକଙ୍କ ଅନୁମତି ନେଇ ଅନେକ ବହି ସେ ଘରକୁ ନେଇ ପଢିବାରେ ଧ୍ୟାନ ଦିଏ ।

ସମୟ କ୍ରମେ ଆନନ୍ଦବାବୁ ଆଉ ଦୋକାନ ମାଲିକଙ୍କ ପ୍ରୋତ୍ସାହନରେ ପ୍ରଶାନ୍ତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରେ । ଛାତ୍ରାବସ୍ଥାରେ ପୁସ୍ତକଠାରୁ ଦୂରରେ ରହିବା ହେତୁ ଅନେକ କିଛି ସେ ଜାଣିନଥାଏ ତେଣୁ ଅସଫଳ ହୁଏ । ହେଲେ ବି ସେ ଦୁଃଖ କରେନି । ପୁଣି ଚେଷ୍ଟା କରେ ଏବଂ ସଫଳ ହୁଏ । କଟକ ସହରରେ ହିଁ ପ୍ରଶାସନିକ ସେବାଧିକାରୀ ଭାବରେ ଚାକିରୀ ଜୀବନ ଆରମ୍ଭ କରେ । ଆନନ୍ଦବାବୁ, ବହି ଦୋକାନର ମାଲିକ ଆଉ ବିଶେଷ କରି ତା ଗାଡ଼ି ଧୋଇଥିବା ସେ ଲୋକର ମନୋବଳରୁ ସେ ଯେଉଁ ଆତ୍ମଶକ୍ତି ପାଇଥିଲା ତାହାକୁ ସେ ଆଦୌ ଭୁଲେନି ।

ଚାକିରୀ ପାଇବାପରେ ପୁଣିଥରେ ଗାଁକୁ ଫେରେ ସେ । ପ୍ରଶାନ୍ତ ଯିବାପରେ ଘରର ଅବସ୍ଥା କଣ ହୋଇଥିବ ତାହା ସହଜରେ ଅନୁମେୟ । ବାପା ତା'ର ଶଯ୍ୟାଶାୟୀ ହୋଇ ସାରିଥିଲେ କିନ୍ତୁ ପ୍ରଶାନ୍ତ ଫେରି ଆସିଛି ଶୁଣି ସତେ ଯେମିତି ତାଙ୍କ ପିଣ୍ଡରେ ପ୍ରାଣ ପୁନଃ

 Download Magazine from www.aahwaan.com

ସଞ୍ଚରି ଉଠିଲା । ଆଜୀବନ ଅସଫଳ ରହି ଆସିଥିବା ପ୍ରଶାନ୍ତର ସଫଳତା ସେମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଛି । ସେମାନେ ବିଶ୍ୱାସ କରି ପାରୁନାହାନ୍ତି ଯେ ଯେଉଁ ପିଲା ଦିନେ ବହି ଦେଖିଲେ ଲୁଚୁଥିଲା ସେ ଆଜି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ । ସତରେ ପ୍ରଶାନ୍ତ କରି ଦେଖାଇ ଦେଇଥିଲା ଯେ ଦୃଢ଼ ମନୋବଳ ଓ ଆତ୍ମବିଶ୍ୱାସ ଥିଲେ ଦୁନିଆରେ କିଛି ବି ସମ୍ଭବ ହୋଇପାରେ ।

କଲାଡ଼ି, ଫୁଲବାଣୀ, କନ୍ଧମାଳ ଜିଲ୍ଲା

ଭ୍ରାମ୍ୟଭାଷ : ୯୪୩୯୫୪୨୫୨୧

Download Magazine from www.aahwaan.com

# ଆଶ୍ୱସ୍ତ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସକାଳୁ ସକାଳୁ ନିଦ ଭାଙ୍ଗିଗଲାପରେ ପ୍ରଶାନ୍ତ ନିଶ୍ଚୟ କରିଥିଲା ଯେ ଆଜି ସେ ଯେମିତି ହେଲେ ଗାଡ଼ିକୁ ସଫା କରିବ । ଦାଣ୍ଡଦୁଆରେ ଥୋଇ ଥୋଇ ଗାଡ଼ି ଉପରେ ମଇଳା ପରସ୍ତେ ପଡ଼ିଯାଇଛି । ଅଗତ୍ୟା ସେ ହାତରେ କନା ଆଉ ପାଣି ବାଲତି ଧରି ଯାଇ ଗାଡ଼ି ଧୋଇବାରେ ଲାଗିଗଲା । ଏହି ସମୟରେ ରାସ୍ତାରେ ଯାଉଥିବା ଗୋଟିଏ ଲୋକ ସେଠାରେ କିଛି ସମୟ ଅଟକି ଗଲା ଆଉ ପ୍ରଶାନ୍ତକୁ କହିଲା, "ଆଜ୍ଞା ଟଙ୍କା କୋଡ଼ିଏଟା ଯଦି ଦେବେ, ମୁଁ ଧୋଇଦେବି ।" ପ୍ରଶାନ୍ତ ତାକୁ ଚାହିଁ କହିଲା, "ତୁମକୁ ଗାଡ଼ି ଧୋଇଆସେ ?" ସେ ମୁଣ୍ଡ ହଲାଇ ହଁ ବୋଲି ଜଣାଇଲା । ମନେ ମନେ ପ୍ରଶାନ୍ତ ଭାବୁଥିଲା ମାତ୍ର କୋଡ଼ିଏ ଟଙ୍କାର କଥା । ଗ୍ୟାରେଜକୁ ନେଲେ ଅନ୍ତତଃ ଦେଢ଼ଶହ ଟଙ୍କା ଚାଲିଯିବ । ସେ ରାଜି ହୋଇଗଲା । ଲୋକଟାକୁ ବାଲତି ଦେଉ ଦେଉ ପଚାରିଲା, "ତମର ଘର କୋଉଠି ?"

"ଆଜ୍ଞା, ଏଇ ଆମ୍ବପୁଆ ତଳ ସାହି । ଜଗନ୍ନାଥ ମନ୍ଦିର ସାଇଡ଼ରେ ଯୋଉ ରାସ୍ତାଟା ଯାଇଛି, ସେଇ ରାସ୍ତାରେ ଆଗକୁ ଗଲେ ଧାନଖଳାକୁ ଲାଗି ଆମ ଘର ।" ପ୍ରଶାନ୍ତ ହାତରୁ ବାଲତି ନେଇ ପାଣି ପାଇପ୍ ଆଡ଼କୁ ଆଗେଇ ଯାଉ ଯାଉ କହିଲା ।

ବାହାରକୁ ଦେଖିଲା ପ୍ରଶାନ୍ତ । ସାଇକେଲ୍ ପଛରେ କୋଦାଳଟିଏ ଲାଗିଛି । ଆଉ ଆଗରେ ଝୁଡ଼ିଟିଏ । ପାଣି ବୋତଲଟେ ବି ଲାଗିଛି । ବୋଧହୁଏ ଅନେକ ବର୍ଷ ହେଲା ସେ ବୋତଲକୁ ସଫା କରାଯାଇନି କିମ୍ବା ସେ କୋଉଠୁ ଗୋଟେଇ ଆଣିଛି । ନିଜ କାରର କବାଟ ଖୋଲି ଖାଲି ପାଣି ବୋତଲଟିଏ ବାହାର କରି ଲୋକଟା ଆଡ଼କୁ ବଢ଼େଇ ଦେଉ ଦେଉ କହିଲା,

 Download Magazine from www.aahwaan.com

"ଏଇଟା ନିଅ । ପାଖରେ ରଖ । କଣ ଗୋଟେ ମଇଳା ବୋତଲ ଧରିଛ ସାଙ୍ଗରେ । କେତେ ରୋଗ ହେବ ଜାଣିଛ ?" ଲୋକଟା ନୂଆ ବୋତଲଟାକୁ ଭଲ କରି ଦେଖିଲା ଆଉ ଟିକେ ଦୂରରେ ଥୋଇଦେଇ ବାଲତିରୁ ପାଣି ଜଗ୍‌ରେ ନେଇ ଗାଡ଼ି ଉପରକୁ ଛାଟି ଛାଟି କରି ମାରିଲା ।

ଲୋକଟାକୁ ଗାଡ଼ି ଧୋଇ ଆସେ ବୋଲି ପ୍ରଶାନ୍ତ ଜାଣିପାରିଲା । ନିଶ୍ଚିନ୍ତ ହୋଇ ଗାଡ଼ିଠାରୁ ଦୂରକୁ ଯାଉ ଯାଉ ପଛରୁ ସେ ଲୋକଟା ସାମ୍ପୁଟିକେ ଦେବାପାଇଁ କହିଲା । ପ୍ରଶାନ୍ତ ବାଲତି ପାଣିରେ ଗାଡ଼ିଧୂଆ ସାମ୍ପୁ ଦୁଇଠିପି ପକାଇଦେଇ କହିଲା, "ଏଥିରେ ଧୁଅ । ଭଲ ସଫା ହବ ।" ଲୋକଟା ନିର୍ଦ୍ଦେଶ ଶୁଣି ଗାଡ଼ି ଧୋଇବାରେ ଲାଗିଗଲା । ବାଲତି ପାଣିକୁ ଭଲକରି ଫେଣ୍ଟି ଫେଣ କରିଦେଇ କନା ବୁଡ଼ାଇ ଗାଡ଼ିରେ ମାରିଲା । ପ୍ରଶାନ୍ତ, ଚେୟାର ଉପରେ ବସି ଦେଖୁଥିଲା । ଆଶ୍ୱସ୍ତ ଲାଗୁଥିଲା ଯେ ରବିବାର ସକାଳଟା ପରିଶ୍ରମରେ ବିତିଲା ନାହିଁ । ବାହାରେ ଥୁଆ ହୋଇଥିବା ସାଇକେଲ୍ ପାଖଦେଇ ଯାଉଥିବା ବେଳେ ଗୋଟିଏ ବୁଲା ଗାଇ ଧକ୍କାରେ ପଡ଼ିଗଲା । ଲୋକଟା ଗାଡ଼ି ଧୋଇବା ବନ୍ଦ କରି ଧାଇଁଗଲା । ଗାଇକୁ ଓଡ଼େଇ ଦେଇ ସାଇକେଲକୁ ସାଷ୍ଟାଙ୍ଗ କଲା । ପୁଣି ସେ ଗାଡ଼ି ପାଖକୁ ଫେରି ଆସିଲା ବେଳେ ପ୍ରଶାନ୍ତ କହିଲା, "ସାଇକେଲରେ କୋଦାଳ, ଝୁଡ଼ି ଧରି ବାହାରିଥିଲ କୁଆଡ଼େ ?"

"ଏମିତି କୋଉଠି କାମଧନ୍ଦା ମିଳିଲେ କରିବି ବୋଲି ବାହାରିଥିଲି ବାବୁ ।"

"ଆଜି ରବିବାରଟାରେ କି କାମ । ଘରେ ପିଲାଝିଲାଙ୍କ ସହିତ ରହୁନ । ସବୁଦିନ ତ କାମ କରୁଥିବ ?" ପ୍ରଶାନ୍ତ କହିଲା ।

ଲୋକଟା ଗାଡ଼ି ଧୋଉ ଧୋଉ କହିଲା, "ଘରେ ବସିଲେ ପରିବାର ଚଳିବ କି ଆଜ୍ଞା ?"

ପ୍ରଶାନ୍ତ କହୁ କହୁ କହିଦେଲା, "ଆଉ କୋଡ଼ିଏ ଟଙ୍କାରେ କଣ ପରିବାର ଚଳିବ ?" ମନେ ମନେ ନିଜକୁ ନିନ୍ଦା କରୁଥିଲା ସେ । କାହିଁକି ଏମିତି କହିଲା । ଏକପ୍ରକାର କଟାକ୍ଷ

ହୋଇଗଲା । ଭାବିଲା ଲୋକଟା କାଳେ ଖରାପ ଭାବିବ । କିନ୍ତୁ ଲୋକଟା ନିର୍ବିକାର ଗାଡ଼ି ଧୁଆରେ ଲାଗିଥିଲା । ପ୍ରଶାନ୍ତ ଭାବିଲା ବୋଧହୁଏ ସେ କଥା ଶୁଣିପାରିଲା ନାହିଁ । ତଥାପି ନିରେଖି ଦେଖିଲା ବେଳକୁ ଲୋକର ଆଖିରେ ଲୁହ ଦେଖି ସେ ନିଜକୁ ଦୋଷୀପରି ମନେ କଲା । ଛି, ଜିଭକୁ ଟିକେ ଆକଟ କରିପାରିଲାନି ସେ ? ଏମିତି କଣ କାହାକୁ କୁହାଯାଏ ? ମନକୁ ଭାରି ବୋଝ ବୋଝ ଲାଗିଲା । ତଥାପି ଧୈର୍ଯ୍ୟଧରି ପଚାରିଲା, "ଗାଡ଼ି ଧୋଇଦେଇ ପୁଣି କାମରେ ଯିବ ?" ଲୋକଟା ମୁଣ୍ଡ ହଲାଇ ନାଇଁ ବୋଲି କହିଲା । ପ୍ରଶାନ୍ତ ଆଶ୍ଚର୍ଯ୍ୟ ହୋଇଗଲା । କୋଡ଼ିଏ ଟଙ୍କାରେ କଣ ସତରେ ପରିବାର ଚଳେ ? ତା ହେଲେ ଯଦି ସେ କୋଡ଼ିଏ ଟଙ୍କା ପାଇଁ ଘରୁ ବାହାରିଥିଲା ତ ସାଥିରେ ଏଇ କୋଦାଳ କାହିଁ ଧରିଛି ? ପ୍ରଶାନ୍ତ ଏ ସବୁ କଥା ଚିନ୍ତା କରିବାକୁ ଚାହୁଁନଥିଲା କିନ୍ତୁ ତା ମନ ସନ୍ତୁଳି ହେଉଥିଲା । ପଚାରିଲା, "ତମେ କୋଡ଼ିଏ ଟଙ୍କା ପାଇଁ ଘରୁ ବାହାରିଥିଲ ?" ଲୋକଟା ମୁଣ୍ଡ ହଲାଇ ହଁ ବୋଲି ଜଣାଇଦେଲା । ପ୍ରଶାନ୍ତର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କଣ ସତରେ ଜଣେ ଲୋକ ମାତ୍ର କୋଡ଼ିଏ ଟଙ୍କାପାଇଁ କୋଡ଼ିକୋଦାଳ ଧରି କାମ କରିବାକୁ ବାହାରେ ?

ଲୋକଟା ଗାଡ଼ିରେ ସାମ୍ପୁ ଲଗାଇ ସାରିଥିଲା । ବାଲତିରେ ପାଣି ଆଣିବାକୁ ଯାଉଥିଲା ପ୍ରଶାନ୍ତ ତାକୁ ଅଟକାଇ ଦେଇ ପଚାରିଲା, "କୋଡ଼ିଏ ଟଙ୍କାରେ କଣ କରିବ ? ଏଥିରେ ତ ଚାଉଳ କିଲେ ବି ଆସିବନି ? ଆଳୁ କିଲେ ଦଶ ଆଉ ପିଆଜ ଚାଳିଶି ହେଲାଣି । ତମେ କଣ ପାଇବ ?" ଲୋକଟା ନିରବରେ କହିଲା, "ଆଜ୍ଞା, ସାହୁ ଦୋକାନରୁ ପୁରିଉପମା କିଣିବି । ଆଜି ମୋ ସାନ ଝିଅକୁ ପାଞ୍ଚବର୍ଷ ହେଲା । କେତେଦିନ ହେଲାଣି ସେ କହୁଥିଲା ପୁରି ଉପମା ଖାଇବା ବୋଲି । ସବୁଦିନ କାମଧନ୍ଦାରେ ଲାଗି ସମୟ ପାଉନଥିଲି । ଆଜି ତା ବୋଉ କହିଲା ଯାଅ ଝିଅପାଇଁ ପୁରି ଉପମା ଆଣିଦିଅ । ସିଏ ତିରିଲା ଲୋକ କଣ ଜାଣିବ ଯେ ମୋ ପାଖରେ ଟଙ୍କା ଦଶଟା ବି ନାଇଁ । ସେଇଥିପାଇଁ ବାହାରିଥିଲି । ଯାହା ବି ପାଇଲେ ଝିଅଟା

Download Magazine from www.aahwaan.com

ପାଇଁ ପୁରି ଦି'ଟା ଆଉ ଉପମା ଟିକେ ନେଇଯିବି ।"

ପ୍ରଶାନ୍ତ ଆଁ କରି ଚାହିଁଥିଲା । ସତରେ କେତେ କଷ୍ଟ ନ ଲାଗୁଥିବା ସେ ବାପାକୁ ? ନିଜ ଝିଅପାଇଁ କୋଡ଼ିଏ ଟଙ୍କାର ଜଳଖିଆ କିଣି ପାରୁନି । ଲୋକଟା ଗାଡ଼ି ଧୁଆରେ ଧ୍ୟାନ ଦେଇଥିଲା ବେଳେ ସେ ଘର ଭିତରେ ପଶିଗଲା । ପ୍ରଶାନ୍ତକୁ ଦେଖି ପତ୍ନୀ ସୁରେଖା ପଚାରିଲା, "କିଏ ସେ ଗାଡ଼ି ଧୋଉଛି ?" ପ୍ରଶାନ୍ତ ସେ ପ୍ରଶ୍ନକୁ ନ ଶୁଣିବାପରି କହିଲା, "ଆମ ରୀନାର ପିଲାଦିନର ପୋଷାକ ସବୁ ତାକୁ ହଉନି ପରା । ଦେଖିଲ ଭଲ ହଲେ ପୋଷାକ ଅଛି ଯଦି ।" ସୁରେଖା, ଆଲମାରୀ ଖୋଲିଦେଇ ପୁରୁଣା ପୋଷାକ ଖୋଜିବାରେ ଲାଗିଗଲା । ପ୍ରଶାନ୍ତ ପ୍ୟାଣ୍ଟ ପକେଟରୁ ଟଙ୍କାପର୍ସଟା ଧରି ବାହାରକୁ ଆସିଲା ।

ଲୋକଟା ଧ୍ୟାନ ଦେଇ ଗାଡ଼ି ଧୋଇବାରେ ଲାଗିଥିଲା । ତାକୁ ଅଟକି ଯିବାକୁ କହି ପାଖକୁ ଡାକିଲା । ଲୋକଟା ଚିନ୍ତାରେ ପାଖକୁ ଆସିଲା ବେଳକୁ ପ୍ରଶାନ୍ତ କହିଲା, "ଆଜି ଗାଡ଼ି ଧୋଇବା ଦରକାର ନାହିଁ । କାଲି ଆସି ଧୋଇଦେବ । ଏଇ ନିଅ ଟଙ୍କା । ଯାଅ, ତମ ଝିଅପାଇଁ ପୁରି ଉପମା ନେଇଯିବ ।"

ଲୋକଟାର ଆଖିରେ ଲୁହ ଭରି ଆସିଥିଲା । ସେ କଣ କହିବ ବୁଝି ପାରୁନଥିଲା । ପ୍ରଶାନ୍ତ ତା ହାତକୁ ପଚାଶ ଟଙ୍କାଟେ ବଢ଼େଇଦେଇ କହିଲା, "ଶୀଘ୍ର ଯାଅ । ତମ ଝିଅ ଅପେକ୍ଷା କରିଥିବ ।" ଲୋକଟା ଟଙ୍କାକୁ ଦେଖି କହିଲା, "ଆଜ୍ଞା, ମୋ ପାଖରେ ଖୁଚୁରା ନାହିଁ ।" ପ୍ରଶାନ୍ତ କହିଲା, "ନା, ଦରକାର ନାହିଁ । ସବୁ ତମେ ରଖ ।"

ଲୋକଟା ଅମଙ୍ଗ ହୋଇ କହୁଥିଲା, "କିନ୍ତୁ ଆଜ୍ଞା..."

ପ୍ରଶାନ୍ତ କହିଲା, "ଆଜି ତମେ ଘରକୁ ଯାଅ । କାଲି ଆସିଲେ ଗାଡ଼ି ଧୋଇଦେବ ।"

ଏଇ ସମୟରେ ସୁରେଖା ପୋଷାକହଲେ ଧରି ଆସିଲା । ସୁରେଖା ହାତରୁ ପୋଷାକ ନେଇ ସେ ଲୋକଟାକୁ ବଢ଼େଇଦେଇ କହିଲା, "ଏଇଟାକୁ ନେଇ ଯାଅ । ଝିଅକୁ ପିନ୍ଧେଇଦେବ ।"

 Download Magazine from www.aahwaan.com

ଲୋକଟା ଥତମତ ହେଇ ସେଠାରୁ ଚାଲିଗଲାପରେ, ସୁରେଖାର ପ୍ରଶ୍ନବାଚୀ ମୁହଁକୁ ଚାହିଁ ପ୍ରଶାନ୍ତ ସବୁ କଥା କହିଲା । ସୁରେଖା ଚିରାଚରିତ ଢଙ୍ଗରେ କହିଦେଲା, "ତମେ ନା । ଯିଏ ଯାହା କହିଲେ ବିଶ୍ୱାସ କରି ପକାଉଛ । କଣ ଦରକାର ଥିଲା ତାକୁ ଏତେ ଟଙ୍କା ଦେବାର ? ସେ ତ କୋଡ଼ିଏ ମାଗୁଥିଲା, ଦେଇ ଦେଲନି । ଏତେ ବଦାନ୍ୟତା କଣପାଇଁ ? ଏମିତି ଦାନଧର୍ମ କଲେ ଦେଖିବ କଣ ହେବ ।" ସୁରେଖା ନିରବଚ୍ଛିନ୍ନ ଭାବରେ କହି ଯାଉଥିଲା । ପ୍ରଶାନ୍ତ ଦେଖୁଥିଲା ସେ ଲୋକଟା ସାଇକେଲ ସଳଖି ସିଧା ଆଗକୁ ମାଡ଼ି ଯାଉଥିଲା । "ତା ନାଁ କଣ ପଚାରିଛ ?" ସୁରେଖାର ପ୍ରଶ୍ନରେ ପ୍ରଶାନ୍ତ ଚିନ୍ତାମଗ୍ନ ହୋଇଗଲା । ଆରେ ନା ତ । ସେ ତ ନାଁ ବି ପଚାରିନି । ସୁରେଖା ପୁଣିଥରେ ଉପଦେଶାତ୍ମକ ଭାଷଣ ଦେଇ ଦେଇ ଘର ଭିତରକୁ ଚାଲିଗଲା ।

ପ୍ରଶାନ୍ତ ସେଇ ବାହାରେ ଠିଆ ହୋଇ ଭାବୁଥିଲା, ଯାହା କରିଲି ତାହା କରିବା ଉଚିତ ଥିଲା ନା ନାହିଁ । ପଚାଶ ଟଙ୍କାର କଥା । ସେମିତିରେ ବି ଲୋକଟା ଗାଡ଼ି ଅଧାଅଧି ଧୋଇ ସାରିଛି । ପାଣି ଟିକେ ମାରିଦେଲେ ଚକ୍‌ଚକ୍ ହେଇଯିବ । ବାଲତିରୁ ପାଣି ଦୁଇ ତିନି ଜଗ୍ ଧରି ସେ ଗାଡ଼ି ଆଡ଼କୁ ଛାଟିଲା । ଅଳସୁଆ ଲାଗିଲା । ନା ଥାଉ, ସେ ଲୋକଟା ତ କହିଛି କାଲି ଆସି ଧୋଇବ ।

ଘର ଭିତରକୁ ଚାଲିଗଲା ସେ ।

ସକାଳର ଜଳଖିଆ ଯେତିକି ମିଳିଲା, ତାଠୁ ଢେର୍ ଅଧିକ ଉପଦେଶ ମିଳିଲା । "ଅଜଣା ଅଶୁଣା ଲୋକଙ୍କୁ ଦାନଧର୍ମ କର । ଏମିତି ଭୋଳା ହେଲେ ଚଳିବନି । ଦେଖୁଛ ସାହି ପଛରେ ମଦ ଦୋକାନ ଅଛି । ସକାଳୁ ସକାଳୁ ସେଇଠି କେତେ ଲୋକ ପିଇବା ପାଇଁ ଧାଡ଼ିରେ ଲାଗୁଛନ୍ତି । ଲୋକଟା କୋଡ଼ିଏ ମାଗୁଥିଲା । ଗାଡ଼ିଟା ଧୋଇଦେଇ ଯାଇଥାନ୍ତା । ସେ ପିଇଥିଲେ ବି ଦୁଃଖ ଲାଗିନଥାନ୍ତା । ପଚାଶ ଟଙ୍କା ଦେଇ ପକେଇଲ । ଆହା... ନିଜକୁ

 Download Magazine from www.aahwaan.com

ଉତ୍କଳମଣୀ ବୋଲି ଭାବିଦେଲ କି ?...” ସୁରେଖା ଥରେ କଥା କହିବା ଆରମ୍ଭ କଲେ ଆଉ ବନ୍ଦ ହେବାର ନାଁ ନିଅନ୍ତି ନାହିଁ । ଅଗତ୍ୟା ଟିଭିରେ ନ୍ୟୁଜ୍ ଚ୍ୟାନେଲ୍ ଲଗାଇ ବସିଗଲା ସେ । ଦୁର୍ଭାଗ୍ୟକୁ ସକାଳୁ ସକାଳୁ ମଦ୍ୟପାନର କୁପ୍ରଭାବ ବିଷୟରେ କାର୍ଯ୍ୟକ୍ରମଟେ ଲାଗିଗଲା । ଓଃ, ସୁରେଖା ତାକୁ ଦେଖି ଦେଇ ପୁଣିଥରେ ମାଇକ୍ ଲଗେଇଦେଇ ଘର କାମରେ ଲାଗିଗଲା । ଟିଭିରେ ଗୋଟିଏ ପରେ ଗୋଟିଏ ଚ୍ୟାନେଲ୍ ବଦଳାଇ ଚାଲିଥିଲା ସେ । ହେଲେ ମନକୁ କିଛି ଭଲ ଲାଗୁନଥିଲା । କିଛି ସମୟ ପରେ ତାକୁ ଉପଲବ୍ଧି ହେବାକୁ ଲାଗିଲା ସତେ ଯେମିତି ସେ ମସ୍ତବଡ଼ ଭୁଲଟିଏ କରିଦେଇଛି । ସୁରେଖା ଠିକ୍ କହିଛି । ଏତେ ବଦାନ୍ୟତା ଦେଖାଇବା ଉଚିତ ନଥିଲା । ଲୋକଟା ନିଜ ପ୍ରାପ୍ୟ କୋଡ଼ିଏ ଟଙ୍କା ନେଇ ଯାଇଥାନ୍ତା । ଆଉ ବେଶୀ ହେଲେ ଅଧଘଣ୍ଟାରେ ଗାଡ଼ିଟା ଧୋଇଦେଇ ଚାଲିଯାଇ ଥାଆନ୍ତା । ତୁଚ୍ଛାରେ ତାକୁ ଅଧିକ ଟଙ୍କା ଦେଇ ପକାଇଲା ସେ ।

ସେତେବେଳେ ତାକୁ ମନେ ପଡ଼ିଲା ଲୋକଟା ତା ଘର ଠିକଣା ଦେଇଛି । ଯଦି ସେ କାଲି ନ ଆସେ, ପ୍ରଶାନ୍ତ ନିଜେ ଯାଇ ତାକୁ ଖୋଜି ବାହାର କରିବ ଆଉ ଦେଇଥିବା ପଇସା ଅସୁଲ କରିବ ବୋଲି ମନେ ମନେ ସ୍ଥିର କରିଲା । ଆଉ ଏଇ କଥାଟା ନିଜ ମନରେ ହିଁ ରଖିଲା । କାରଣ ମୁହଁ ଖୋଲିଲେ ପୁଣିଥରେ ବିବିଧଭାରତୀ ଆରମ୍ଭ ହୋଇଯିବାର ସମ୍ଭାବନା ଥିଲା । ସେ ବୈଠକର ସୋଫାରେ ବସି ଟିଭି ଦେଖୁ ଦେଖୁ କେତେବେଳେ ଶୋଇଗଲା ଜାଣିପାରିଲା ନାହିଁ । କିଛି ସମୟପରେ ସୁରେଖାର ଡାକରେ ତା ନିଦ ଭାଙ୍ଗିଲା । ସୁରେଖା ଆଶ୍ଚର୍ଯ୍ୟ ହୋଇ ପ୍ରଶାନ୍ତକୁ ଚାହିଁଥିଲା । ପ୍ରଶାନ୍ତ କିଛି ବୁଝିପାରିଲା ନାହିଁ । କାନ୍ଥଘଣ୍ଟାକୁ ଚାହିଁଲା । ଦିନ ଏଗାରଟା ହେଲାଣି । ଓଃ, ସେ ଯେ ପ୍ରାୟ ଦୁଇଘଣ୍ଟା ଶୋଇଯାଇଛି । ସେ ଅଳସୁଆ ଭଳି ପୁଣି ସୁରେଖାକୁ ଚାହିଁଲା । ଝିଅ ରୀନା ଘର ଭିତରକୁ ଧାଇଁ ଆସି କହିଲା, “ପାପା, ସେ ଝିଅଟା ମୋ ଡ୍ରେସ୍ ପିନ୍ଧିଛି ।” ସୁରେଖା ବୁଲିପଡ଼ି ଘର ବାହାର ଆଡ଼କୁ ଚାଲିଗଲା ।

 Download Magazine from www.aahwaan.com

ପ୍ରଶାନ୍ତ ସୋଫାରୁ ଉଠି ଆଖି ମଳିମଳି ବାହାରକୁ ଗଲାବେଳକୁ ସେଇ ଲୋକଟା ଛିଡ଼ା ହେଇଥିଲା । ସାଙ୍ଗରେ ପାଞ୍ଚବର୍ଷର ଝିଅ । ତାକୁ ରୀନାର ସେ ପୁରୁଣା ପୋଷାକ ପିନ୍ଧେଇ ଦେଇଛି । ପାଖରେ ବୋଧହୁଏ ତା ସ୍ତ୍ରୀ ଛିଡ଼ା ହେଇଥିଲା । ସୁରେଖାକୁ ଚାହିଁଲା ପ୍ରଶାନ୍ତ । ସୁରେଖା କିଛି ନ କହି ଘର ଭିତରକୁ ଚାଲିଗଲା । ପ୍ରଶାନ୍ତ ସେ ଲୋକଟାକୁ ପ୍ରଶ୍ନିଳ ଚାହାଣୀରେ ଚାହୁଁଥିଲା । ଲୋକଟା କହିଲା, "ଆଜ୍ଞା, ଗାଡ଼ିଟା ଆଜି ଧୋଇଦେବି । ଆପଣଙ୍କ ବଗିଚାରେ ଘାସ ବେଶି ହେଇ ଯାଇଚି, (ନିଜ ସ୍ତ୍ରୀ ଆଡ଼କୁ ଦେଖାଇ) ଇୟେ ଘାସ ବାଛିଦେବ । ଆଉ କଣ କାମ ଅଛି ବୋଇଲେ..."

ପ୍ରଶାନ୍ତକୁ ତା ନିଷ୍ପତ୍ତି ଭୁଲ ନାହିଁ ବୋଲି ଉପଲବ୍ଧି ହୋଇଯାଇଥିଲା । ଲୋକଟା ବାଲତି ଧରି ଗାଡ଼ି ଧୋଇବାକୁ ଚାଲିଗଲା । ତା ସ୍ତ୍ରୀ ବଗିଚାରେ ପଶି ଘାସ ବାଛିବାକୁ ଲାଗିଗଲା । ପ୍ରଶାନ୍ତ ସୁରେଖାକୁ ବାହାରକୁ ଡାକି କହୁଥିଲା ସେ ସ୍ତ୍ରୀଲୋକଟାକୁ ଟିକେ ବୁଝେଇଦିଅ ତମ ବଗିଚାରେ କଣ କାମ ଅଛି । ସୁରେଖା ପ୍ରଶାନ୍ତକୁ ଚାହିଁ, ସରି... କହିଦେଇ ବଗିଚା ଆଡ଼କୁ ଚାଲିଗଲା । ପିଣ୍ଡାରେ ବସିଥିଲା ରୀନା ଆଉ ସେ ଲୋକର ଝିଅଟା । ଖୁସିରେ କହୁଥିଲା, "ଆଜି ତମେ କଣ ଖାଇଲ ? ଜାଣିଛ, ମୁଁ ଆଜି ପୁରି ଉପମା ଖାଇଲି...." ଝିଅର ମୁହଁଟା ଖୁସିରେ ଉଜ୍ଜ୍ୱଳ ଲାଗୁଥିଲା । ଲୋକର ହାତରେ ଯାଦୁଥିଲା ପରା, ପ୍ରଶାନ୍ତକୁ ନିଜ ଗାଡ଼ିଟା ନୂଆ ହେଲା ଭଳି ଲାଗୁଥିଲା । ଆଉ ବଗିଚା ? ବଗିଚାଟା ସଜାଡ଼ି ହେଇଯାଉଥିଲା । ଆଉ ପ୍ରଶାନ୍ତକୁ ବହୁତ ଆଶ୍ୱସ୍ତ ଲାଗୁଥିଲା ।

ବୀମା ନଗର, ବ୍ରହ୍ମପୁର, ଓଡ଼ିଶା

ଦ୍ରାମ୍ୟଭାଷ : ୭୦୦୮୫୬୭୦୮୫

Download Magazine from www.aahwaan.com

# ଫେବୃଆରୀ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ କିଛି ମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ୍ କେତେ ଦାମ୍ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି, ଟଙ୍କା ଦେ ।" ରୋଷେଇଘରୁ ବୋଉ କହିଲେ, "ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନୀ ଶୁଣି ନିରବ ହୋଇଗଲା ।

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ଫେବୃଆରୀ ମାସ ସାତ ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

 Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୭ ଫେବୃଆରୀ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for FEBRUARY 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com